ଧରିତ୍ରୀ 50 Years
DHARITRI
ଭୁବନେଶ୍ୱର, ରବିବାର, ଜାନୁଆରୀ ୨୮/୨୦୨୪ (୨୦ ପୃଷ୍ଠା+ଛୁଟିଦିନ) Bhubaneswar, Sunday, January 28/2024 Page 20 ₹ 7.00
୫୦ଶ ଭାଗ ୬୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 65 ମୂଲ୍ୟ ₹୭/-



**ୟାମି ଗର୍ଭବତୀ ଥିବା ଚର୍ଚ୍ଚା**

ବଲିଉଡ୍ ଅଭିନେତ୍ରୀ ୟାମି ଗୌତମ ନିକଟରେ ତାଙ୍କ ସ୍ୱାମୀ ଆଦିତ୍ୟ ଧାରଙ୍କ ସହିତ ଏକାଠି ନଜରକୁ ଆସିଥିବାବେଳେ ଗର୍ଭବତୀ ଥିବା ନେଇ ଚର୍ଚ୍ଚା ହେଉଛି। ୦୨

୧୭ **ହକିରୁ ଅବସର ନେଲେ ଦୀପ୍ ଗ୍ରେସ୍**

ଭାରତୀୟ ମହିଳା ହକି ଦଳର ଓଡ଼ିଶା ଡିଫେଣ୍ଡର ଦୀପ୍ ଗ୍ରେସ୍ ଏକ୍କା ଖେଳରୁ ଅବସର ଘୋଷଣା କରିଛନ୍ତି।



# ହସ୍ପିଟାଲରେ ୨୭ ଦିନର ଝିଅକୁ ଛାଡ଼ି ପଳାଇଲେ

**ଭୁବନେଶ୍ୱର,୨୭।୧ (ସୂର୍ଯ୍ୟକାନ୍ତ ବେହେରା)**

ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲରେ ଶନିବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ୨୭ ଦିନର ଶିଶୁକନ୍ୟାକୁ ଛାଡି ମା'ବାପା କେଉଁଆଡେ ପଳାଇଛନ୍ତି। ଉକ୍ତ ଦମ୍ପତି ହେଲେ ନୟାଗଡ ଦଶପଲ୍ଲା ଅଞ୍ଚଳର ପ୍ରଶାନ୍ତ ନାୟକ ଓ ସ୍ତ୍ରୀ ମମତା ନାୟକ ବୋଲି ସୂଚନା ମିଳିଛି। ସେମାନଙ୍କୁ ଯୋଗାଯୋଗ ସମ୍ଭବ ନ ହେବାରୁ କ୍ୟାପିଟାଲ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଏଥିସହ ଚାଇଲ୍ଡ ଲାଇନ୍‌କୁ ଅବଗତ କରାଯାଇଥିବା କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ଲକ୍ଷ୍ମୀଧର ସାହୁ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିବା ସହ ଶିଶୁକନ୍ୟାର ମା'ବାପାଙ୍କୁ ଖୋଜାଖୋଜି କରୁଛି। ଶିଶୁକନ୍ୟାଟି ଅପରିପକ୍ୱ ଥିବାରୁ ମା'ବାପା ହତାଶ ହୋଇ ଛାଡ଼ି ପଳାଇଥିବା କୁହାଯାଉଛି। ଏ ସମ୍ପର୍କରେ କ୍ୟାପିଟାଲ ହସ୍ପିଟାଲର ଶିଶୁରୋଗ ବିଶେଷଜ୍ଞଙ୍କ ☞ପୃଷ୍ଠା-୨

# ସମଲେଇ ପ୍ରକଳ୍ପ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର/ସମ୍ବଲପୁର,୨୭।୧ (ଅନିଲ ଦାସ/ପ୍ରମୋଦ ବହିଦାର)**

- ପାଣ୍ଡିଆନଙ୍କ ନିଷ୍ଠାପର ଉଦ୍ୟମରେ ହୋଇଛି ରୂପାନ୍ତରିତ
- ଦେଢ଼ବର୍ଷର ରେକର୍ଡ ସମୟରେ ମା'ଙ୍କ ପୀଠର ରୂପାନ୍ତର
- ପୂର୍ବ ଓ ପଶ୍ଚିମ ଓଡ଼ିଶାରେ ଦିବ୍ୟତା, ଆଧ୍ୟାତ୍ମିକତାର ପରିବେଶ
- ପ୍ରକଳ୍ପର ଶିଳ୍ପୀ ଓ କାରିଗରଙ୍କୁ ସମ୍ମାନିତ କଲେ ମୁଖ୍ୟମନ୍ତ୍ରୀ
- ଦୈନିକ ୨୦ ହଜାରରୁ ଉର୍ଦ୍ଧ୍ୱ ଭକ୍ତ ଆସିବେ
- ସମ୍ବଲପୁରର ପର୍ଯ୍ୟଟନ, ଅର୍ଥନୀତିରେ ଆସିବ ଉନ୍ନତି

ପୂର୍ବରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପରେ ଏବେ ରାଜ୍ୟର ପଶ୍ଚିମରେ ହୋଇଛି ମା' ସମଲେଶ୍ୱରୀଙ୍କ ପୀଠର ରୂପାନ୍ତରଣ। ପୂର୍ବରୁ ପଶ୍ଚିମ ଯାଏ ସବୁଆଡ଼େ ଦିବ୍ୟତା, ଭବ୍ୟତା, ଆଧ୍ୟାତ୍ମିକତାର ଅନୁଭବ ହେଉଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ବହୁ ପ୍ରତୀକ୍ଷିତ 'ସମଲେଇ' ପ୍ରକଳ୍ପର ଲୋକାର୍ପଣ କରିଛନ୍ତି। ମଧ୍ୟାହ୍ନ ସାଢ଼େ ୧୨ଟା ସମୟରେ ଶତାଧିକ ପଣ୍ଡିତ, ସାଧୁସନ୍ଥଙ୍କ ଗହଣରେ ଯଜ୍ଞ ଓ ଚଣ୍ଡୀପାଠର ପବିତ୍ର ଧ୍ୱନିର ଏକ ଧାର୍ମିକ ପରିବେଶ ମଧ୍ୟରେ ମୁଖ୍ୟମନ୍ତ୍ରୀ ସମଲେଇ ପ୍ରକଳ୍ପ ଉଦ୍‌ଘାଟନ କରିଛନ୍ତି।

ମୁଖ୍ୟମନ୍ତ୍ରୀ ଏବଂ ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ପ୍ରଥମେ ମା'ସମଲେଇଙ୍କ ଦର୍ଶନ କରି ଓଡ଼ିଶାବାସୀଙ୍କ ସୁଖ, ଶାନ୍ତି ପାଇଁ ଆଶୀର୍ବାଦ ଭିକ୍ଷା କରିଛନ୍ତି। ଏହା ପରେ ଉଭୟେ ମୁଖ୍ୟ ଯଜ୍ଞମଣ୍ଡପରେ ଆହୁତି ପ୍ରଦାନ କରିଥିବାବେଳେ ଯଜ୍ଞ ଓ ଚଣ୍ଡୀପାଠ କାର୍ଯ୍ୟର କର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରିଛନ୍ତି ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ ବାବୁ ଓ ତାଙ୍କ ସହଧର୍ମିଣୀ ଅଞ୍ଜଳି ତ୍ରିପାଠୀ।

'ସମଲେଇ' ପ୍ରକଳ୍ପ ହେଉଛି ସମଲେଶ୍ୱରୀ ଟେମ୍ପଲ ଏରିଆ ମ୍ୟାନେଜମେଣ୍ଟ ଆଣ୍ଡ ଲୋକାଲ ଇକୋନୋମିକ୍ ଇନିସିଏଟିଭ। ୨୦୨୧ ଫେବୃଆରୀ ୧୭ରେ ମୁଖ୍ୟମନ୍ତ୍ରୀ ପ୍ରଥମେ ଏହି ପ୍ରକଳ୍ପର ରୂପରେଖ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ୨୦୨୨ ମେ' ୧୪ଠାରୁ କାମ ଆରମ୍ଭ ହୋଇଥିଲା। ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହା ରେକର୍ଡ ସମୟ ମଧ୍ୟରେ ସମ୍ପୂର୍ଣ୍ଣ ହୋଇଛି। ☞ପୃଷ୍ଠା-୨



'ସମଲେଇ' ପ୍ରକଳ୍ପ ଲୋକାର୍ପଣ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ।

## ଶତାୟୁ ସ୍ୱାଧୀନତା ସଂଗ୍ରାମୀ ନୀଳମଣି ସାମଲଙ୍କ ପରଲୋକ



**ଚଣ୍ଡିଖୋଲ/ କଟକ/ ଭୁବନେଶ୍ୱର, ୨୭।୧ (ପ୍ରଦୀପ୍ତ କୁମାର ପୃଷ୍ଟି/ ଶିଳ୍ପା ପ୍ରିୟଦର୍ଶିନୀ/ ଅନିଲ ଦାସ)**

ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିପଡ଼ିଆ ଗ୍ରାମର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ସଂଗଠନ ସଭାପତି ନୀଳମଣି ସାମଲଙ୍କ ଶନିବାର ଅପରାହ୍ନ ୪ଟାରେ ପରଲୋକ ହୋଇଯାଇଛି। ତାଙ୍କୁ ୧୦୧ ବର୍ଷ ବୟସ ହୋଇଥିଲା। ସେ ୪ ଦିନ ତଳେ ହଠାତ୍ ଘରେ ପଡ଼ିଯାଇ ଗୁରୁତର ହୋଇଥିଲେ। ତାଙ୍କୁ ପ୍ରଥମେ ଯାଜପୁର ଜିଲା ମୁଖ୍ୟ ଡାକ୍ତରଖାନା ଓ ପରେ କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ମେଡିକାଲର ନ୍ୟୁ ମେଡିସିନ ଆଇସିୟୁରେ ଏକ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ତାଙ୍କ ଚିକିତ୍ସା କରୁଥିଲେ। ଚିକିତ୍ସାଧୀନ ଅବସ୍ଥାରେ ବ୍ରେନ୍ ଷ୍ଟ୍ରୋକ୍‌ରେ ତାଙ୍କର ମୃତ୍ୟୁ ଘଟିଥିବା ମେଡିକାଲର ପ୍ରଶାସନିକ ଅଧିକାରୀ ଡ. ଅବିନାଶ ରାଉତ ସୂଚନା ଦେଇଛନ୍ତି। ନୀଳମଣିଙ୍କ ମରଶରୀର କଟକସ୍ଥିତ ସ୍ୱରାଜ ଆଶ୍ରମଠାରେ ରଖାଯାଇଛି। ରବିବାର ସକାଳେ ତାଙ୍କ ନିଜ ଗାଁ ଅଭିମୁଖେ ବାହାରିବ। ସେଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ପୁଅ ଚନ୍ଦ୍ରମଣି ସାମଲ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ନୀଳମଣିଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକବ୍ୟକ୍ତ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ଅବିଭାଜ୍ୟ ମାନବବାଦ**










**ସୋରେନଙ୍କୁ ପୁଣି ଇଡି ସମନ**

ରାଞ୍ଚି, ୨୭।୧ (ପିଟି): ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କୁ ଅର୍ଥ ହେର୍‌ଫେର୍ ମାମଲାର ତଦନ୍ତରେ ଆସନ୍ତା ସପ୍ତାହରେ ସାମିଲ ହେବାକୁ ଇଡି ପୁଣି ସମନ କରିଛି। ୨୯ କିମ୍ବା ୩୧ରେ ହାଜର ହେବାକୁ ତାଙ୍କୁ କୁହାଯାଇଛି। ପୂର୍ବରୁ ହେମନ୍ତଙ୍କୁ ଜେରା ପାଇଁ ୨୭ରୁ ୩୧ ମଧ୍ୟରେ ହାଜର ହେବାକୁ ସମନ କରାଯାଇଥିଲା। କିନ୍ତୁ ସେ ଏହାର ଉତ୍ତର ନ ରଖିବାରୁ ଇଡି ସାନି ସମନ କରିଛି।



## ସଂକ୍ଷେପରେ

### ୨୩ ରାଜ୍ୟ ପାଇଁ ଭାଜପା ପ୍ରଭାରୀ ନିଯୁକ୍ତ

**ନୂଆଦିଲ୍ଲୀ, ୨୭।୧ (ପିଟି):** ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟି ରଖି ୨୩ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ପାଇଁ ଦଳୀୟ ପ୍ରଭାରୀ ଓ ସହ ପ୍ରଭାରୀ ନିଯୁକ୍ତ କରିଛନ୍ତି ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା। ଦଳର ରାଷ୍ଟ୍ରୀୟ ଉପ ସଭାପତି ବୈଜୟନ୍ତ ପଣ୍ଡାଙ୍କୁ ସର୍ବାଧିକ ଲୋକ ସଭା ଆସନ ଥିବା ଉତ୍ତର ପ୍ରଦେଶର ପ୍ରଭାରୀ ନିଯୁକ୍ତ କରିଛି ଭାଜପା। ସେହିପରି ରାଷ୍ଟ୍ରୀୟ ସାଧାରଣ ସଂପାଦକ ବିନୋଦ ତାୱଡ଼େଙ୍କୁ ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ବିହାରର ପ୍ରଭାରୀ ନିଯୁକ୍ତ କରିଛି ଭାଜପା। ସେହିପରି ଗୁଜରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୟ ରୂପାନି ଓ ତ୍ରିପୁରାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିପ୍ଳବ ଦେବ ଯଥାକ୍ରମେ ପଞ୍ଜାବ ଓ ହରିୟାଣାର ପ୍ରଭାରୀ ଭାବେ ନିଯୁକ୍ତ ହୋଇଛନ୍ତି। ସେହିପରି ବିହାରର ପୂର୍ବତନ ମନ୍ତ୍ରୀ ମଙ୍ଗଲ୍ ପାଣ୍ଡେ ପଶ୍ଚିମବଙ୍ଗର ପ୍ରଭାରୀ ଭାବେ ନିଯୁକ୍ତ ହୋଇଥିବାବେଳେ ଦଳୀୟ ଆଇଟି ସେଲ ମୁଖ୍ୟ ଅମିତ ମାଲବୀୟଙ୍କୁ ରାଜ୍ୟର ସହ ପ୍ରଭାରୀ ଭାବେ ନିଯୁକ୍ତ କରାଯାଇଛି।

### କଂଗ୍ରେସକୁ ୧୧ ଆସନ ଛାଡ଼ିବ ଏସ୍‌ପି

ଲକ୍ଷ୍ନୌ, ୨୭।୧ (ପିଟି)

ବିହାରରେ ଚାଲିଥିବା ରାଜନୈତିକ ହଟଚମଟ ମଧ୍ୟରେ ଉତ୍ତରପ୍ରଦେଶରେ କଂଗ୍ରେସ ସହ ମେଣ୍ଟ ନେଇ ଆଶାବାଦୀ ରହିଛନ୍ତି ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ସମାଜବାଦୀ ପାର୍ଟି(ଏସ୍‌ପି)ର ଅଧ୍ୟକ୍ଷ ଅଖିଳେଶ ଯାଦବ। ୮୦ ଲୋକ ସଭା ଆସନ ରହିଥିବା ୟୁପିରେ ସିଟ୍ ବୁଝାମଣାକୁ ନେଇ କଂଗ୍ରେସ ଓ ଏସ୍‌ପି ମଧ୍ୟରେ ସକାରାତ୍ମକ ଆଲୋଚନା ଆରମ୍ଭ ହୋଇଛି। ପ୍ରାରମ୍ଭିକ ଭାବେ ରାଜ୍ୟର ୧୧ ଲୋକ ସଭା ଆସନରେ କଂଗ୍ରେସ ଲଢ଼ିବା ନେଇ ନିଷ୍ପତ୍ତି ହୋଇଥିବା ଶନିବାର ସୂଚନା ଦେଇଛନ୍ତି ଅଖିଳେଶ। ବିଜୟ ସମ୍ଭାବନାକୁ ଦୃଷ୍ଟିରେ ରଖି ରାଜ୍ୟରେ ମଜଭୁତ୍ ଥିବା ୧୧ଟି ଆସନରେ କଂଗ୍ରେସ ଲଢ଼ିବା ନେଇ ସ୍ପଷ୍ଟ କରିଛନ୍ତି ଏସ୍‌ପି ମୁଖ୍ୟ। ରାଜ୍ୟରେ ଇଣ୍ଡିଆ ମେଣ୍ଟ ଭାଜପାକୁ ପରାସ୍ତ କରିବାକୁ ସମର୍ଥ ହେବା ନେଇ ସେ ଦୃଢ଼ୋକ୍ତି ଦେଖାଇଛନ୍ତି। କଂଗ୍ରେସ ମିଡିଆ ମୁଖ୍ୟ ଜୟରାମ ରମେଶ କହିଛନ୍ତି, ରାଜସ୍ଥାନର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍‌ଙ୍କ ସହ ଅଖିଳେଶ ଆସନ ବୁଝାମଣା ନେଇ ଆଲୋଚନା କରୁଛନ୍ତି। ଏନେଇ ଖୁବଶୀଘ୍ର ଆଧିକାରିକ ଘୋଷଣା କରାଯିବ। ପୂର୍ବରୁ ନିଜର ଅନ୍ୟତମ ସହଯୋଗୀ ରାଷ୍ଟ୍ରୀୟ ଲୋକ ଦଳ (ଆରଏଲଡି)କୁ ୭ଟି ସିଟ୍ ଦେବା ପାଇଁ ଘୋଷଣା କରିଛନ୍ତି ଅଖିଳେଶ।

### ନ୍ୟାୟ ଯାତ୍ରାର ସୁରକ୍ଷା ପାଇଁ ମମତାଙ୍କୁ ଚିଠି ଲେଖିଲେ ଖାର୍ଗେ

ନୂଆଦିଲ୍ଲୀ, ୨୭।୧

ପଶ୍ଚିମବଙ୍ଗରେ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା ବେଳେ ଦୁର୍ବୃତ୍ତମାନେ ବ୍ୟାଘାତ ସୃଷ୍ଟି କରିବା ଆଶଙ୍କା କରି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଶନିବାର ପତ୍ର ଲେଖିଛନ୍ତି। ଯାତ୍ରା ବେଳେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ଅନ୍ୟ ଯାତ୍ରୀମାନଙ୍କ ପାଇଁ ସୁରକ୍ଷା ବନ୍ଦୋବସ୍ତ କରିବା ନେଇ ସେ ଏଥିରେ ଅନୁରୋଧ କରିଛନ୍ତି। ପ୍ରକାଶ ଯେ, ରାହୁଲଙ୍କ ନେତୃତ୍ୱରେ ଚାଲିଥିବା ଏହି ଯାତ୍ରା ଗୁରୁବାର ପଶ୍ଚିମବଙ୍ଗର କୁଚ୍ ବିହାର ଜିଲାରେ ପ୍ରବେଶ କରିଛି। ୨ ଦିନର ବିରତି ପରେ ଜଲପାଇଗୁଡ଼ିରୁ ପୁଣି ପଦଯାତ୍ରା ଆରମ୍ଭ ହେବ। ୨୯ରେ ରାହୁଲ ବିହାରର ଅରାରିଆ, ପୂର୍ଣ୍ଣିଆ ଯିବେ। ୩୦ରେ କିଶନଗଞ୍ଜରେ ଏକ ସାଧାରଣ ସଭାକୁ ସମ୍ବୋଧିତ କରିବା କାର୍ଯ୍ୟକ୍ରମ ରହିଛି।

## ସନ୍‌ଡ୍ୟାନ୍ସ ଫେଷ୍ଟିଭାଲରେ ପ୍ରୀତି ପାଣିଗ୍ରାହୀ ପୁରସ୍କୃତ



ନ୍ୟୁୟର୍କ,୨୭।୧

ଆକ୍ଟର ଦମ୍ପତି ରିଚା ଚଡ୍ଢା ଓ ଅଲୀ ଫଜଲଙ୍କ ପ୍ରଯୋଜିତ ପ୍ରଥମ ଫିଲ୍ମ 'ଗର୍ଲ୍ସ ୱିଲ୍ ବି ଗର୍ଲ୍ସ' ୨୦୨୪ ସନ୍‌ଡ୍ୟାନ୍ସ ଫିଲ୍ମ ଫେଷ୍ଟିଭାଲରେ ୨ଟି ପୁରସ୍କାର ହାତେଇଛି। ଆମେରିକାର ଉଟାହସ୍ଥିତ ପାର୍କ ସିଟିରେ ଆୟୋଜିତ ଏହି ଅନ୍ତର୍ଜାତୀୟ ବାର୍ଷିକ ଚଳଚ୍ଚିତ୍ର ମହୋତ୍ସବରେ ଶୁଚୀ ତଲାତିଙ୍କ ନିର୍ଦ୍ଦେଶିତ 'ଗର୍ଲ୍ସ ୱିଲ୍ ବି ଗର୍ଲ୍ସ'କୁ ୱାର୍ଲ୍ଡ ସିନେମା ଡ୍ରାମାଟିକ୍ କମ୍ପିଟିଶନ୍‌ରେ ଅଡିଆନ୍ସ ଆୱାର୍ଡ ମିଳିଛି। ଏହାର ମୁଖ୍ୟ ଚରିତ୍ରରେ ଅଭିନୟ କରିଥିବା ପ୍ରୀତି ପାଣିଗ୍ରାହୀ ଅଭିନୟ ବର୍ଗରେ ସ୍ପେଶାଲ ଜୁରି ଆୱାର୍ଡ ପାଇଛନ୍ତି। ସେହିପରି ଅନିର୍ବାଣ ଦତ୍ତାଙ୍କ ନିର୍ଦ୍ଦେଶିତ ଭାରତୀୟ-ଆମେରିକୀୟ ଡକ୍ୟୁମେଣ୍ଟାରି 'ନକ୍ଟର୍ନେସ୍'କୁ ମଧ୍ୟ ସ୍ପେଶାଲ ଜୁରି ଆୱାର୍ଡ ଫର୍ କ୍ରାଫ୍ଟ ପ୍ରଦାନ କରାଯାଇଛି।

## ଟେଲର ସ୍ୱିଫ୍ଟଙ୍କ ଡିପ୍‌ଫେକ୍ ଫଟୋ ଭାଇରାଲ



ନ୍ୟୁୟର୍କ,୨୭।୧: ଆମେରିକୀୟ କଣ୍ଠଶିଳ୍ପୀ ଟେଲର ସ୍ୱିଫ୍ଟ ଡିପ୍‌ଫେକ୍‌ର ଶିକାର ହୋଇଛନ୍ତି। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବା କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଟେକ୍ନିକ୍ ପ୍ରୟୋଗକରି ଟେଲରଙ୍କ ବହୁସଂଖ୍ୟକ ଅଶ୍ଳୀଳ ଫଟୋ ତିଆରି କରାଯାଇଛି। ଉକ୍ତ ଫଟୋଗୁଡ଼ିକୁ ଅନେକ ଲୋକଙ୍କ ପାଖକୁ ପଠାଯାଇଛି। ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ 'ଏକ୍ସ' ସମେତ ଫେସ୍‌ବୁକ୍‌ରେ ତାଙ୍କର ନକଲି ଯୌନ ଉଦ୍ଦୀପକ ଫଟୋଗୁଡ଼ିକ ବହୁଳ ପ୍ରସାରିତ ହୋଇଛି। ସ୍ୱିଫ୍ଟଙ୍କ ଦୃଢ଼ ପ୍ରଶଂସକମାନେ ଏନେଇ 'ସ୍ୱିଫ୍ଟିଜ୍'ରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ପପ୍‌ଷ୍ଟାରଙ୍କ ସକାରାତ୍ମକ ଫଟୋ ଥିବା ପୋଷ୍ଟଗୁଡ଼ିକ 'ଏକ୍ସ'ରେ ପ୍ରୋଟେକ୍ଟ ଟେଲର ସ୍ୱିଫ୍ଟ ହ୍ୟାଶଟ୍ୟାଗ୍ ଜରିଆରେ ଟ୍ରେଣ୍ଡ୍ କରିଛି।

# ୨୨ ଭାରତୀୟ ଥିବା ଜାହାଜକୁ ମିଶାଇଲ ମାଡ଼

### ଲୋହିତ ସାଗରରେ ହୁଟି ଆକ୍ରମଣ

ନୂଆଦିଲ୍ଲୀ,୨୭।୧

୨୨ ଭାରତୀୟ ଓ ଜଣେ ବାଂଲାଦେଶୀଙ୍କୁ ନେଇ ଲୋହିତ ସାଗରରେ ଯାଉଥିବା ବ୍ରିଟିଶ୍ ତୈଳ ଟ୍ୟାଙ୍କର ଏମ୍‌ଭି ମାର୍ଲିନ୍ ଲୁଆଣ୍ଡାକୁ ୟେମେନ୍‌ର ହୁଟି ଆତଙ୍କବାଦୀମାନେ ମିଶାଇଲ ମାଡ଼ କରିଛନ୍ତି। ଏହି ଆକ୍ରମଣରେ ଜାହାଜରେ ନିଆଁ ଲାଗିଥିବାବେଳେ ଭାରତୀୟ ନୌସେନାର କ୍ଷେପଣାସ୍ତ୍ର ବିଧ୍ୱଂସକ ଆଇଏନ୍‌ଏସ୍ ବିଶାଖାପଟନମ୍‌କୁ ଉଦ୍ଧାର କାର୍ଯ୍ୟରେ ନିୟୋଜିତ କରାଯାଇଛି।

ବିଦେଶୀ ଗଣମାଧ୍ୟମର ରିପୋର୍ଟ ଅନୁସାରେ ଇରାନ୍ ସମର୍ଥିତ ହୁଟି ଆତଙ୍କବାଦୀ ଜାହାଜ ଚଳାଚଳର ପ୍ରମୁଖ ପଥ ଏଡେନ୍ ଉପସାଗରରେ ଏମ୍‌ଭି ମାର୍ଲିନ୍ ଲୁଆଣ୍ଡାକୁ ଟାର୍ଗେଟ କରିଥିଲେ।



ମର୍ଚ୍ଚାଣ୍ଟ ଶିପ୍‌ରେ ଥିବା ଭାରତୀୟ ନାବିକମାନେ ସହାୟତା ମାଗିବାରୁ ଆଇଏନ୍‌ଏସ୍ ବିଶାଖାପଟନମ୍‌କୁ ସେଠାକୁ ପଠାଯାଇଥିଲା। ଭାରତୀୟମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିବା ପାଇଁ ଉଦ୍ୟମ ଜାରି ରହିଥିବା ଭାରତୀୟ ନୌସେନା ପକ୍ଷରୁ ସୂଚନା ଦିଆଯାଇଛି। ବ୍ରିଟିଶ୍ ତୈଳ ଟ୍ୟାଙ୍କର ଅପରେଟର କହିଛନ୍ତି, ଜାହାଜ ଉପରେ ମିଶାଇଲ ଆକ୍ରମଣ ହୋଇଥିବାରୁ ସେଥିରେ ନିଆଁ ଲାଗିଛି।

ଏହା ପୂର୍ବରୁ ୨୦୨୩ ଡିସେମ୍ବର ୨୩ରେ ୨୧ ଭାରତୀୟ ଥିବା ଏମ୍‌ଭି ଚେମ୍ ପ୍ଲୁଟୋକୁ ଗୁଜରାଟ ଉପକୂଳରେ ଡ୍ରୋନ୍ ଆକ୍ରମଣ କରାଯାଇଥିଲା। ଜାନୁଆରୀ ୫ରେ ଆରବ ସାଗରରେ ଲିବର୍ନିଆ ପତାକା ଲାଗିଥିବା ଏମ୍‌ଭି ଲିଲା ନର୍‌ଫୋକ୍‌କୁ ଅପହରଣ ଉଦ୍ୟମକୁ ଭାରତୀୟ ନୌସେନା ପଣ୍ଡ କରିଥିଲା। ସେହିପରି ଗତ ୧୭ ତାରିଖ ରାତିରେ ଏଡେନ୍ ଉପସାଗରରେ ଏମ୍‌ଭି ଜେନ୍‌କୋ ପିକାର୍ଡି ଉପରେ ମଧ୍ୟ ହୁଟି ବିଦ୍ରୋହୀମାନେ ଡ୍ରୋନ୍ ଆକ୍ରମଣ କରିଥିଲେ।

### ଲୋହିତ ସାଗରରେ ଆତଙ୍କ: ମୋଦି-ମାକ୍ରଁ ଆଲୋଚନା



ଲୋହିତ ସାଗରରେ ଜାହାଜଗୁଡ଼ିକ ଉପରେ ହୁଟି ଆତଙ୍କବାଦୀଙ୍କ ବାରମ୍ବାର ଆକ୍ରମଣକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସାଧାରଣତନ୍ତ୍ର ଦିବସରେ ମୁଖ୍ୟ ଅତିଥି ହୋଇଆସିଥିବା ଫ୍ରାନ୍ସ ରାଷ୍ଟ୍ରପତି ଇମାନ୍ୟୁଏଲ ମାକ୍ରଁ ଚିନ୍ତା ପ୍ରକଟ କରିଛନ୍ତି। ଦୁଇନେତାଙ୍କ ମଧ୍ୟରେ ହୋଇଥିବା ଆଲୋଚନା ସମ୍ପର୍କରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ମିଳିତ ବିବୃତି ଜାରି କରାଯାଇଛି। ଲୋହିତ ସାଗରରେ ଜାହାଜ ଚଳାଚଳର ସ୍ୱାଧୀନତା ବଜାୟ ରଖିବାକୁ ଭାରତ ଓ ଫ୍ରାନ୍ସ ମଧ୍ୟରେ ସହମତି ପ୍ରକାଶ ପାଇଛି। ଅନ୍ତର୍ଜାତୀୟ ଆଇନକୁ ସମ୍ମାନ ଦେବା ପାଇଁ ମଧ୍ୟ ଦୁହେଁ ଏକମତ ବୋଲି ଏଥିରେ ଉଲ୍ଲେଖ କରାଯାଇଛି।

## ୭ ଏଏପି ବିଧାୟକଙ୍କୁ ୨୫ କୋଟି ଲାଞ୍ଚ ଯାଚିଛି ଭାଜପା

ନୂଆଦିଲ୍ଲୀ, ୨୭।୧ (ପିଟି)

### କେଜ୍‌ରିୱାଲ ଆଣିଲେ ସାଂଘାତିକ ଅଭିଯୋଗ

ଦିଲ୍ଲୀରେ ଆମ୍ ଆଦ୍‌ମୀ ପାର୍ଟି(ଏଏପି) ସରକାରକୁ ଭାଙ୍ଗିବାକୁ ଷଡ଼ଯନ୍ତ୍ର ରଚୁଛି ଭାଜପା। ଏନେଇ ସାଂଘାତିକ ଅଭିଯୋଗ କରିଛନ୍ତି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ। ନିଜ ଦଳର ୭ ଜଣ ବିଧାୟକଙ୍କୁ ୨୫ କୋଟି ଲେଖାଏ ଲାଞ୍ଚ ଯାଚିବା ସହ ସେମାନଙ୍କୁ ଇସ୍ତଫା ଦେବା ପାଇଁ ଭାଜପା ଧମକ ଦେଉଥିବା ନେଇ ସେ ଅଭିଯୋଗ କରିଛନ୍ତି। ଖୁବଶୀଘ୍ର କେଜ୍‌ରିୱାଲ ଗିରଫ ହେବା ସହ ଦିଲ୍ଲୀରେ ଏଏପି ସରକାର ଭଙ୍ଗ ହେବ କୁହାଯାଇ ଫୋନ ଯୋଗେ ବିଧାୟକମାନଙ୍କୁ ଧମକ ମିଳୁଛି। ସେହିପରି ଆଗାମୀ ନିର୍ବାଚନରେ ଭାଜପା ପକ୍ଷରୁ ଟିକେଟ ପ୍ରଦାନ କରାଯିବା ନେଇ ଏଏପିର ବିଧାୟକ ମାନଙ୍କୁ ଆଶ୍ୱାସନା ଦିଆଯାଉଛି। ପାର୍ଟିର ୭ ବିଧାୟକଙ୍କ ସହ ସମ୍ପର୍କ କରିଥିବା ବ୍ୟକ୍ତିର ଫୋନ୍ ରେକର୍ଡିଂ ସହିତ ସମସ୍ତ ତଥ୍ୟ ଓ ପ୍ରମାଣ ରହିଥିବା ବେଳେ ଏହାକୁ ଖୁବଶୀଘ୍ର ସାର୍ବଜନୀନ କରାଯିବା ନେଇ ଏଏପି ପକ୍ଷରୁ ପ୍ରକାଶ ପାଇଛି। ତେବେ କେଜ୍‌ରିୱାଲଙ୍କ ଅଭିଯୋଗକୁ ଦିଲ୍ଲୀ ଭାଜପା ସଭାପତି ବୀରେନ୍ଦ୍ର ସଚ୍‌ଦେବା ଖଣ୍ଡନ କରିଛନ୍ତି।

## ରାସ୍ତାକଡ଼ରେ ଧାରଣା ଦେଲେ ରାଜ୍ୟପାଳ

ଥିରୁଭାନନ୍ତପୁରମ୍/କୋଲ୍ଲମ,୨୭।୧

କେରଳର କୋଲ୍ଲମ ଜିଲାରେ ଶନିବାର ଭାରତୀୟ ଛାତ୍ର ମହାସଂଘ (ଏସ୍‌ଏଫ୍‌ଆଇ) ପକ୍ଷରୁ କଳାପତାକା ବିକ୍ଷୋଭ ଚାଲିଥିବାବେଳେ ହାଇଡ୍ରାମା ଦେଖିବାକୁ ମିଳିଛି। ରାଜ୍ୟପାଳ ଆରିଫ୍ ମହମ୍ମଦ ଖାନ୍ ଏକ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ କୋଟ୍ଟାରାକ୍କାରା ଯାଉଥିଲେ। ସରକାରୀ ଦଳ ସିପିଏମ୍‌ର ଛାତ୍ର ଶାଖା ଏସ୍‌ଏଫ୍‌ଆଇ ସଦସ୍ୟମାନେ ରାଜଧାନୀ ଥିରୁଭାନନ୍ତପୁରମ୍‌ରୁ ୪୦ କି.ମି. ଦୂର ନିଲାମେଲରେ ରାଜ୍ୟପାଳଙ୍କୁ କଳାପତାକା ଦେଖାଇଥିଲେ। ସେମାନେ ଧରିଥିବା ବ୍ୟାନରରେ ଲେଖାଯାଇଥିଲା, 'ସଂଘୀ ଚାନ୍‌ସେଲର୍ ଗୋ ବ୍ୟାକ୍'। ଏଥିରେ ରାଜ୍ୟପାଳ ଉତ୍ତ୍ୟକ୍ତ ହୋଇ ନିଜ କାର୍‌ରୁ ଓହ୍ଲାଇ ବ୍ୟସ୍ତବହୁଳ ଏମ୍‌ସି ରୋଡ୍‌ର ଏକ ଚା' ଦୋକାନରୁ ଚେୟାର ଆଣି ରାସ୍ତା କଡ଼ରେ ଧାରଣା ଦେଇଥିଲେ। ଏଥିସହ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ୍‌ଙ୍କ ଉପରେ ବର୍ଷିବା ସହ ତାଙ୍କ ଗାଡ଼ିକୁ କଳାପତାକା ଦେଖାଇ କାର୍ ଭାଙ୍ଗିବାକୁ ଉଦ୍ୟମ କରିଥିବା ବ୍ୟକ୍ତିମାନଙ୍କୁ ତୁରନ୍ତ ଗିରଫ କରାଯାଉ ବୋଲି ଦାବି କରିଥିଲେ। ମୁଖ୍ୟମନ୍ତ୍ରୀ ରାଜ୍ୟରେ ବେଆଇନ କାର୍ଯ୍ୟକୁ ପ୍ରୋତ୍ସାହନ ଦେଉଥିବା ରାଜ୍ୟପାଳ ଅଭିଯୋଗ ଆଣିଥିଲେ। ଏଥିସହ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଫୋନ୍ କରିବାକୁ ପୋଲିସ କମିଶନରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପ୍ରାୟ ୨ ଘଣ୍ଟା ଧରି ଧାରଣାରେ ବସିବା ପରେ ପୋଲିସ ତାଙ୍କୁ ୧୭ ଏସ୍‌ଏଫ୍‌ଆଇ କର୍ମୀଙ୍କ ବିରୋଧରେ ଜାମିନ ବିହୀନ ନିୟମାନୁସାରେ ଏଫ୍‌ଆଇଆର୍ ରୁଜୁ ହୋଇଥିବା ଦେଖାଇଥିଲା। ପରେ ରାଜ୍ୟପାଳ ଧାରଣାରୁ ଓହରିଥିଲେ। ଏହାକୁ ନେଇ ରାଜଭବନ ଏବଂ ଶାସକ ବାମ ଗଣତାନ୍ତ୍ରିକ ସାମ୍ମୁଖ୍ୟ (ଏଲ୍‌ଡିଏଫ୍) ପୁଣି ମୁହାଁମୁହିଁ ଅବସ୍ଥାକୁ ଆସିଛନ୍ତି। ଇତିମଧ୍ୟରେ କେନ୍ଦ୍ର ସରକାର ରାଜ୍ୟପାଳଙ୍କୁ ଜେଡ୍ ପ୍ଲସ୍ ସୁରକ୍ଷା ପ୍ରଦାନ କରିଛନ୍ତି। ରାଜ୍ୟପାଳଙ୍କ ସୁରକ୍ଷାରେ କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆର୍‌ପିଏଫ୍) ନିୟୋଜିତ ହେବ ବୋଲି ରାଜ୍ୟପାଳଙ୍କ 'ଏକ୍ସ' ହ୍ୟାଣ୍ଡଲ ଏବଂ ଫେସ୍‌ବୁକ୍ ପେଜ୍‌ରେ ଉଲ୍ଲେଖ କରାଯାଇଛି।



ଏସ୍‌ଏଫ୍‌ଆଇ ବିରୋଧରେ ଧାରଣା ଦେଇଛନ୍ତି କେରଳର ରାଜ୍ୟପାଳ ଆରିଫ୍ ମହମ୍ମଦ ଖାନ୍।





ନୂଆଦିଲ୍ଲୀରେ ସାଧାରଣତନ୍ତ୍ର ଦିବସ ପରେଡ୍‌ରେ ଭାଗନେଇଥିବା ଓଡ଼ିଶାର ପ୍ରଜ୍ଞାପନ ମେଢ଼। **(ଫଟୋ: ଚମନ ଗୌତମ)**

## ନାଇଟ୍ରୋଜେନ୍ ଗ୍ୟାସ୍ ପ୍ରୟୋଗ କରି ଦୋଷୀଙ୍କୁ ମୃତ୍ୟୁଦଣ୍ଡ

**ଆଲବାମା (ଆମେରିକା), ୨୭।୧**

### ୩୬ ବର୍ଷ ତଳେ ସୁପାରି ନେଇ ମହିଳାଙ୍କୁ ହତ୍ୟା କରିଥିଲେ

ଦକ୍ଷିଣ ଆମେରିକାର ଆଲବାମା ରାଜ୍ୟରେ କେନେଥ୍ ଇୟୁଜିନ୍ ସ୍ମିଥ୍ ନାମକ ଜଣେ ହତ୍ୟାକାରୀଙ୍କୁ ନାଇଟ୍ରୋଜେନ ଗ୍ୟାସ୍ ବ୍ୟବହାର କରାଯାଇ ଦିଆଗଲା ମୃତ୍ୟୁଦଣ୍ଡ ଦିଆଯାଇଥିଲା। ଏପରି ମୃତ୍ୟୁ ଦଣ୍ଡ ଦେବାରେ ବିଶ୍ୱରେ ପ୍ରଥମ ଦେଶ ସାଜିଛି ଆମେରିକା। ୧୯୮୮ ମସିହାରେ ସୁପାରି ନେଇ ମହିଳାଙ୍କୁ ହତ୍ୟା କରିଥିବା ଅଭିଯୋଗରେ ସ୍ମିଥ୍‌ଙ୍କୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରାଯାଇଥିଲା। ତେବେ ୨୦୨୨ରୁ ଜେଲ କର୍ତ୍ତୃପକ୍ଷଙ୍କ ଦ୍ୱାରା ଏକାଧିକ ବିଷ ଇଞ୍ଜେକ୍ସନ ଦିଆଯିବା ସତ୍ତ୍ୱେ ମଧ୍ୟ ସ୍ମିଥ୍‌ଙ୍କର ମୃତ୍ୟୁ ହୋଇ ନଥିଲା। ତେଣୁ ନାଇଟ୍ରୋଜେନ୍ ଗ୍ୟାସ୍ ମାଧ୍ୟମରେ ସ୍ମିଥ୍‌ଙ୍କୁ ମୃତ୍ୟୁଦଣ୍ଡ ଦେବାକୁ ଆଦେଶ ଦେଇଥିଲେ ଆଲବାମା କୋର୍ଟ। ଏହି ପଦ୍ଧତି ଅନୁଯାୟୀ ନାଇଟ୍ରୋଜେନ ଗ୍ୟାସ୍‌କୁ ମୁହଁରେ ପିନ୍ଧାଯାଉଥିବା ମାସ୍କରେ ଭର୍ତ୍ତି କରାଯାଏ। ଏହାଦ୍ୱାରା ବ୍ୟକ୍ତିର ଶ୍ୱାସରୁଦ୍ଧ ହୋଇ ମୃତ୍ୟୁ ଘଟିଥାଏ। ତେବେ ଏପରି ମୃତ୍ୟୁଦଣ୍ଡର ଆଇନଗତ ଓ ମାନବୀୟ ଆଧାରକୁ ନେଇ ବିଭିନ୍ନ ମାନବାଧିକାର ସଂଗଠନ ପ୍ରଶ୍ନ ଉଠାଇଛନ୍ତି। ଯଦିଓ କେତେଜଣ ବିଶେଷଜ୍ଞ ଏପରି ମୃତ୍ୟୁଦଣ୍ଡକୁ ଯନ୍ତ୍ରଣା ବିହୀନ ଦର୍ଶାଇଛନ୍ତି, ତେବେ ଏ ପର୍ଯ୍ୟନ୍ତ ଏହାର କୌଣସି ବୈଜ୍ଞାନିକ ପ୍ରମାଣ ମିଳିପାରି ନାହିଁ। ଏହି ବିବାଦୀୟ ମୃତ୍ୟୁଦଣ୍ଡକୁ ମିଳିତ ଜାତିସଂଘ ଓ ହ୍ୱାଇଟହାଉସ ତରଫରୁ ନିନ୍ଦା କରାଯାଇଛି।



କେନେଥ୍ ଇୟୁଜିନ୍ ସ୍ମିଥ୍

## ମରାଠା ଆନ୍ଦୋଳନ ପ୍ରତ୍ୟାହୃତ

**ଦାବି ଗ୍ରହଣ କଲେ ଶିନ୍ଦେ ସରକାର**

ମୁମ୍ବଇ, ୨୭।୧

ମରାଠା ସଂରକ୍ଷଣକୁ ନେଇ ଗତ ୧୯ ଜାନୁୟାରୀରୁ ଆରମ୍ଭ ହୋଇଥିବା ଆମରଣ ଅନଶନକୁ ପ୍ରତ୍ୟାହୃତ କରିଛନ୍ତି ଆନ୍ଦୋଳନର ନେତା ମନୋଜ ଜରାଙ୍ଗେ ପାଟିଲ୍। ମରାଠା ସଂରକ୍ଷଣ ନେଇ ରହିଥିବା ସମସ୍ତ ଦାବିକୁ ମହାରାଷ୍ଟ୍ର ସରକାର ମାନି ନେଇଥିବାରୁ ଏହି ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ହାତରୁ ଫଳ ରସ ପିଇ ଅନଶନରୁ ଓହରିବା ସହ ଦୀର୍ଘ ୪ ମାସ ଧରି ଚାଲିଥିବା ଏହି ଆନ୍ଦୋଳନ ସଫଳ ହୋଇଥିବା କହିଛନ୍ତି ଜରାଙ୍ଗେ। ଏହାର ଠିକ୍ ପୂର୍ବରୁ ମହାରାଷ୍ଟ୍ର ସରକାରଙ୍କ ତରଫରୁ ମରାଠା ଆରକ୍ଷଣ ସମ୍ବଳିତ ସମସ୍ତ ଦାବିକୁ ଗ୍ରହଣ କରାଯାଇଥିବା ନେଇ ଅଧ୍ୟାଦେଶର ଏକ ଡ୍ରାଫ୍ଟ ଜରାଙ୍ଗେଙ୍କ ନିକଟକୁ ପଠାଯାଇଥିଲା। ସୂଚନାଯୋଗ୍ୟ, ଶିକ୍ଷା ଓ ସରକାରୀ ଚାକିରି କ୍ଷେତ୍ରରେ ମରାଠାମାନଙ୍କ ପାଇଁ ସଂରକ୍ଷଣ ନେଇ ଦୀର୍ଘଦିନ ଧରି ଦାବି କରି ଆସୁଥିଲେ ଜରାଙ୍ଗେ। ସେହିପରି ମହାରାଷ୍ଟ୍ରରେ ଥିବା ସମସ୍ତ ଓବିସି ଶ୍ରେଣୀର ବ୍ୟକ୍ତିଙ୍କୁ କୁନ୍‌ବି ପ୍ରମାଣପତ୍ର ଦେବା ପାଇଁ ସେ ଦାବି କରି ଆସୁଥିଲେ।



ମରାଠା ସଂରକ୍ଷଣ ଆନ୍ଦୋଳନ ନେତା ମନୋଜ ଜରାଙ୍ଗେଙ୍କ ସହ ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ।

## ଜାଲ୍ ପ୍ରମାଣପତ୍ରର ସିବିଆଇ ତଦନ୍ତ ହେବନାହିଁ

ନୂଆଦିଲ୍ଲୀ,୨୭।୧

### ହାଇକୋର୍ଟଙ୍କ ଦୁଇ ଖଣ୍ଡପୀଠ ବିବାଦ ମାମଲା ସୁପ୍ରିମକୋର୍ଟରେ ପହଞ୍ଚିଲା

କାଲ୍‌କାଟା ହାଇକୋର୍ଟର ଦୁଇ ଖଣ୍ଡପୀଠ ମଧ୍ୟରେ ଲଢ଼େଇ ସୁପ୍ରିମକୋର୍ଟରେ ପହଞ୍ଚିଛି। ସର୍ବୋଚ୍ଚ ଅଦାଲତଙ୍କ ୫ ଜଣିଆ ଖଣ୍ଡପୀଠ ଏହି ବିଚିତ୍ର ନ୍ୟାୟିକ ପରିସ୍ଥିତିର ସମାଧାନ କରିବାକୁ ଯାଇ ଦୁଇ ଖଣ୍ଡପୀଠଙ୍କ ଏ ସମ୍ପର୍କିତ ସମସ୍ତ ଶୁଣାଣି ଉପରେ ରୋକ୍ ଲଗାଇଛନ୍ତି।

ପଶ୍ଚିମବଙ୍ଗର ମେଡିକାଲ କଲେଜଗୁଡ଼ିକରେ ଡାକ୍ତରୀ ପାଠ ପଢ଼ିବା ପାଇଁ ସଂରକ୍ଷିତ ବର୍ଗର ଆଶାୟୀମାନଙ୍କୁ ଜାତିଗତ ପ୍ରମାଣପତ୍ର ପ୍ରଦାନରେ ଅନିୟମିତତା ହୋଇଥିବା ଅଭିଯୋଗ ଆସିଛି। ଏହି ଦୁର୍ନୀତିର ତଦନ୍ତ ଭାର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)କୁ ଦେବା ପାଇଁ କାଲ୍‌କାଟା ହାଇକୋର୍ଟରେ ଜଷ୍ଟିସ୍ ଅଭିଜିତ ଗଙ୍ଗୋପାଧ୍ୟାୟଙ୍କ ଜଣିକିଆ ଖଣ୍ଡପୀଠ ରାୟ ଦେଇଥିଲେ। ଅନ୍ୟ ଏକ ଖଣ୍ଡପୀଠରେ ବିଚାରପତି ଜଷ୍ଟିସ୍ ସୌମେନ ସେନ ଏହି ରାୟକୁ ପଲଟାଇଦେଇଥିଲେ। ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ୫ ଜଣିଆ ଖଣ୍ଡପୀଠ ଶନିବାର ସୁପ୍ରିମକୋର୍ଟ ଛୁଟି ହୋଇଥିବା ସତ୍ତ୍ୱେ ବିବାଦର ସମାଧାନ ପାଇଁ ଏହାର ଶୁଣାଣି କରିଥିଲେ। କାଲ୍‌କାଟା ହାଇକୋର୍ଟ ବିଚାରପତି ଗଙ୍ଗୋପାଧ୍ୟାୟ ଭିନ୍ନ ଖଣ୍ଡପୀଠର ଜଷ୍ଟିସ୍ ସେନଙ୍କ ବିରୋଧରେ ସାଂଘାତିକ ଅଭିଯୋଗ ଆଣିଥିଲେ। ଜଷ୍ଟିସ୍ ସେନ୍ ପଶ୍ଚିମବଙ୍ଗର ଶାସକ ଦଳ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ସ୍ୱାର୍ଥ ପାଇଁ ସିବିଆଇ ତଦନ୍ତ ସମ୍ପର୍କିତ ତାଙ୍କ ରାୟକୁ ପଲଟାଇଥିବା ସେ କହିଥିଲେ। ସୁପ୍ରିମକୋର୍ଟ ଏହାର ଶୁଣାଣି କରି ହାଇକୋର୍ଟର ୨ ଖଣ୍ଡପୀଠରେ ହୋଇଥିବା ସମସ୍ତ ବିଚାର ପ୍ରକ୍ରିୟା ଓ ରାୟ ଉପରେ ସ୍ଥଗିତାଦେଶ ଜାରି କରିଛନ୍ତି। ଆସନ୍ତା ୨୯ରେ ଏହାର ପରବର୍ତ୍ତୀ ଶୁଣାଣି କରାଯିବ ବୋଲି ସୁପ୍ରିମକୋର୍ଟ ଖଣ୍ଡପୀଠ ଧାର୍ଯ୍ୟ କରିଛନ୍ତି।

# ଧରିତ୍ରୀ DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ରବିବାର, ଜାନୁଆରୀ ୨୮/୨୦୨୪ | Bhubaneswar, Sunday, January 28/2024 | ପୃଷ୍ଠା-୧


# ଏନ୍‌ଡିଏକୁ ଫେରିବେ ନୀତୀଶ

## 'ଇଣ୍ଡିଆ' ବ୍ଲକ୍‌କୁ ଝଟକା

ପାଟନା/ନୂଆଦିଲ୍ଲୀ, ୨୭।୧

ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ମନରେ କ'ଣ ଚାଲିଛି ତାହା ଜାଣିବା କଷ୍ଟକର। ସଂଯୁକ୍ତ ଜନତା ଦଳ (ଜେଡିୟୁ) ଅଧ୍ୟକ୍ଷ ନୀତୀଶ ମହାମେଣ୍ଟରୁ ଓହରି ରବିବାର ସକାଳେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇପାରନ୍ତି। ଏଥିସହ ସେ ଭାରତୀୟ ଜନତା ପାର୍ଟି (ଭାଜପା) ସମର୍ଥନରେ ନୂଆ ସରକାର ଗଠନ ପାଇଁ ଦାବି ଜଣାଇବେ ବୋଲି ସୂତ୍ରରୁ ଜଣାପଡ଼ିଛି। ଜାତୀୟ ରାଜନୀତିରେ ପଲଟୁରାମ ନାମରେ ପରିଚିତ ୭୨ ବର୍ଷୀୟ ନୀତୀଶ ଇଣ୍ଡିଆନ୍ ନ୍ୟାଶନାଲ ଡେମୋକ୍ରାଟିକ୍ ଇନ୍‌କ୍ଲୁସିଭ୍ ଆଲାଏନ୍ସ (ଇଣ୍ଡିଆ) ବ୍ଲକ୍ ଛାଡ଼ି ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)କୁ ଫେରିବେ ବୋଲି ଜଣାପଡ଼ିବା ପରେ ଲାଲୁ ପ୍ରସାଦ ଯାଦବଙ୍କ ନେତୃତ୍ୱାଧୀନ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି)ର ଭବିଷ୍ୟତ କାର୍ଯ୍ୟପନ୍ଥା ସ୍ଥିର କରିବା ପାଇଁ ମାରାଥନ୍ ବୈଠକ ଚାଲିଛି। ଏହି ପ୍ରସଙ୍ଗ ଶନିବାର ଜାତୀୟ ରାଜନୀତିରେ ଉଷ୍ମତା ଭରିଦେଇଛି।

ନିଜ ନାମ ଗୋପନ ରଖିବା ସର୍ତ୍ତରେ ଜଣେ ନେତା କହିଛନ୍ତି, ନୀତୀଶ ଶନିବାର ରାତିରେ ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଅର୍ଲେକରଙ୍କୁ ଭେଟି ଇସ୍ତଫା ଦେବାର ଥିଲା। କିନ୍ତୁ ରବିବାର ପୂର୍ବାହ୍ନ ପର୍ଯ୍ୟନ୍ତ ଏହାକୁ ଘୁଞ୍ଚାଇ ଦିଆଯାଇଛି। ଇସ୍ତଫା ଦେବା ପୂର୍ବରୁ ନୀତୀଶ ଜେଡିୟୁ ବିଧାୟକ ଦଳର ବୈଠକ କରିବେ। ଭାଜପା ସମର୍ଥନରେ ନୂଆ ସରକାର ଗଠନ ହେବାକୁ ଯାଉଥିବାରୁ ସଚିବାଳୟ ଭଳି ସରକାର ଅଫିସଗୁଡ଼ିକୁ ରବିବାର ଖୋଲା ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଇତିମଧ୍ୟରେ ଜେଡିୟୁର ରାଜନୈତିକ ପରାମର୍ଶଦାତା ତଥା ମୁଖପାତ୍ର କେ.ସି. ତ୍ୟାଗୀ ନୂଆଦିଲ୍ଲୀରେ ଖବରଦାତାମାନଙ୍କୁ କହିଛନ୍ତି, କଂଗ୍ରେସର କେତେଜଣ ନେତା ନୀତୀଶଙ୍କୁ ବାରମ୍ବାର ଅପମାନିତ କରୁଥିବାରୁ ବିହାରରେ ମହାମେଣ୍ଟ ଭାଙ୍ଗିବା ଦ୍ୱାରଦେଶରେ ପହଞ୍ଚିଛି। ଇଣ୍ଡିଆ ବ୍ଲକ୍ ପଞ୍ଜାବ, ପଶ୍ଚିମବଙ୍ଗ ଓ ବିହାରରେ ଭୁଶୁଡ଼ିବା ଉପରେ।


ନୀତୀଶ କୁମାର

ଅନ୍ୟପକ୍ଷେ ବିହାର ଭାଜପା ନେତାମାନେ ପାଟନାରେ ବୈଠକ କରିଛନ୍ତି। କିନ୍ତୁ ସେମାନେ ଜେଡିୟୁକୁ ସମର୍ଥନ କରିବା ନେଇ କୌଣସି ଆନୁଷ୍ଠାନିକ ଘୋଷଣା କରିନାହାନ୍ତି। ନାମ ଗୋପନ ସର୍ତ୍ତରେ ଜଣେ ଭାଜପା ନେତା କହିଛନ୍ତି, ପ୍ରାୟ ୩ ବର୍ଷ ତଳେ ଏନ୍‌ଡିଏର ହାତ ଛାଡ଼ିଥିବା ନୀତୀଶ ନିଜ ଆଭିମୁଖ୍ୟ ସ୍ପଷ୍ଟ ନ କରିବା ଯାଏ ଆନୁଷ୍ଠାନିକ ଘୋଷଣା ନ କରିବା ପାଇଁ ଦଳର ଶୀର୍ଷ ନେତୃତ୍ୱଙ୍କଠାରୁ ନିର୍ଦ୍ଦେଶ ମିଳିଛି।

ସହଯୋଗୀ ଆର୍‌ଜେଡି, କଂଗ୍ରେସ ଓ ବାମପନ୍ଥୀଙ୍କ ଅନୁରୋଧକୁ ଅଣଦେଖା କରି ନୀରବ ରହିଥିବା ନୀତୀଶଙ୍କ ଭବିଷ୍ୟତ କାର୍ଯ୍ୟପନ୍ଥାକୁ ନେଇ ରାଜନୈତିକ କଳ୍ପନାଜଳ୍ପନା ବଢ଼ିବାରେ ଲାଗିଛି। ଏଭଳି ସମୟରେ ନୀତୀଶ କେତେକ କାର୍ଯ୍ୟକ୍ରମରେ ଯୋଗଦେଇଥିବାବେଳେ ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବଙ୍କ ଅନୁପସ୍ଥିତି ସନ୍ଦେହକୁ ଆହୁରି ବଢ଼ାଇଦେଇଛି। ବକ୍ସାରରେ ଆୟୋଜିତ ଏକ ମନ୍ଦିର ସୌନ୍ଦର୍ଯ୍ୟକରଣ ପ୍ରକଳ୍ପର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ନୀତୀଶଙ୍କ ସହ ସ୍ଥାନୀୟ ଭାଜପା ଏମ୍‌ପି ଅଶ୍ୱିନୀ କୁମାର ଚୌବେ ଯୋଗଦେଇଥିଲେ। କିନ୍ତୁ ଏହି ରାଜନୈତିକ ଘଟଣାକ୍ରମ ଉପରେ ମୁହଁ ଖୋଲିବାକୁ ମନା କରିଦେଇଛନ୍ତି। ପାଟନାରେ ପହଞ୍ଚିଥିବା ରାଜ୍ୟ ଭାଜପା ପ୍ରଭାରୀ ମଧ୍ୟ କିଛି କହିନାହାନ୍ତି। ତେବେ ମହାମେଣ୍ଟ ଭାଙ୍ଗିବା ପଛରେ କଂଗ୍ରେସର ହାତ ଥିବା ସେ ଦୋଷ ଦେଇଛନ୍ତି।

ସେପଟେ ଆର୍‌ଜେଡି ନେତାମାନେ ଦଳର ଉପାଧ୍ୟକ୍ଷା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ରାବ୍ରି ଦେବୀଙ୍କ ବାସଭବନରେ ଏକତ୍ରିତ ହୋଇ ଲାଲୁ ଓ ତେଜସ୍ୱୀଙ୍କ ସହ ବୈଠକ କରିଛନ୍ତି। ମୁଖ୍ୟମନ୍ତ୍ରୀ ନୀତୀଶଙ୍କ ବାସଭବନରୁ ଅଳ୍ପ ଦୂରରେ ଥିବା ୧୦, ସର୍କୁଲାର ରୋଡ୍ ଗେଟ୍ ବାହାରେ ଆର୍‌ଜେଡି ନେତାମାନଙ୍କୁ ସେମାନଙ୍କ ମୋବାଇଲ ଫୋନ୍ ରଖିବାକୁ କୁହାଯାଇଛି। ନୀତୀଶ ମହାମେଣ୍ଟରୁ ଓହରିଗଲେ ଆଗକୁ କ'ଣ କରାଯିବ ତା' ଉପରେ ଆର୍‌ଜେଡି ବୈଠକରେ ଆଲୋଚନା ହୋଇଥିବା କୁହାଯାଉଛି।

ପ୍ରକାଶ ଯେ, ୨୪୩ ଆସନ ବିଶିଷ୍ଟ ବିହାର ବିଧାନସଭାରେ ସରକାର ଗଠନ ପାଇଁ ମ୍ୟାଜିକ୍ ନମ୍ବର ୧୨୨। ଆର୍‌ଜେଡିର ୭୯, ଭାଜପା ୭୮, ଜେଡିୟୁ ୪୫, କଂଗ୍ରେସ ୧୯, ସିପିଆଇଏମ୍‌ଏଲ୍ ୧୨, ସିପିଆଇ ୨, ସିପିଏମ୍ ୨, ଏଚ୍‌ଏଏମ୍ ୪, ଏଆଇଏମ୍‌ଆଇଏମ୍ ୧ ଓ ଜଣେ ସ୍ୱାଧୀନ ବିଧାୟକ ରହିଛନ୍ତି। ତେଣୁ ଆର୍‌ଜେଡିକୁ ଛାଡ଼ି ଭାଜପା ସମର୍ଥନରେ ସରକାର ଗଢ଼ିବା ପାଇଁ ନୀତୀଶଙ୍କୁ ଅସୁବିଧା ହେବ ନାହିଁ।

# ୩୦ ହଜାର କ୍ରିପ୍ଟୋକରେନ୍ସି ଜବତ

## ଅନ୍‌ଲାଇନ ସାଇବର ଠକ ଗ୍ୟାଙ୍ଗ୍‌ର ପର୍ଦ୍ଦାଫାଶ: ୬ ଗିରଫ

ରାଉରକେଲା, ୨୭।୧
(ସଙ୍ଗୀତା ଜେନା)

କମ୍ ସମୟରେ ଅଧିକ ଲାଭ ପ୍ରଲୋଭନ ଦେଖାଇ ଶିକ୍ଷିତ ବର୍ଗଙ୍କୁ ଅନ୍‌ଲାଇନରେ ଠକେଇ କରୁଥିବା ଏକ ଅନ୍ତର୍ଜାତୀୟ ଠକ ଗ୍ୟାଙ୍ଗକୁ ରାଉରକେଲା ପୋଲିସ ଠାବ କରିବା ସହ ୧୫ କୋଟି ଟଙ୍କା ଅନ୍‌ଲାଇନ ଠକେଇର ପର୍ଦ୍ଦାଫାଶ କରିଛି। ଏହି ଘଟଣାରେ ମାଷ୍ଟରମାଇଣ୍ଡ ସମେତ ୬ଜଣଙ୍କୁ ଭିଲାଇ ଓ ରାୟପୁରରୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ମାଷ୍ଟର ମାଇଣ୍ଡ ଭିଲାଇର ଉଜ୍ଜ୍ୱଳ ଉତ୍କର୍ଷ(୨୨), ରାୟପୁରର ସନ୍ଦୀପ ଜୈନ(୪୦), ପଙ୍କଜ ରାଓ(୩୩), ଏମ୍‌ଡ଼ି ନସିମୁଦ୍ଦିନ୍(୪୫), ନବୀନ ରାଓ(୩୫) ଏବଂ ଉତ୍ତରପ୍ରଦେଶ ଆଜମଗଡ଼ର ଶିବମ୍ ରାୟ(୨୯)। ସେମାନଙ୍କଠାରୁ ୩୦ ହଜାର ୟୁଏସ୍‌ଡିଟି କ୍ରିପ୍ଟୋ କରେନ୍ସି ଜବତ ହୋଇଛି। ପୋଲିସ ଅଭିଯୁକ୍ତମାନଙ୍କ ଦ୍ୱାରା ପରିଚାଳିତ ସମସ୍ତ ବ୍ୟାଙ୍କ ଆକାଉଣ୍ଟକୁ ଅଚଳ କରିଦେଇଛି। ଶନିବାର ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ଏ ସମ୍ପର୍କରେ ରାଉରକେଲା ପୋଲିସ ମୁଖ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଡିଆଇଜି ମିତ୍ରଭାନୁ ମହାପାତ୍ର ସୂଚନା ପ୍ରଦାନ କରିଛନ୍ତି।

ଡିଆଇଜି ମହାପାତ୍ର କହିଥିଲେ, ୨୦୨୩ ଡିସେମ୍ବର ୩୦ତାରିଖରେ ଜଣେ କେନ୍ଦ୍ରୀୟ ବରିଷ୍ଠ ଅଧିକାରୀଙ୍କ ଆକାଉଣ୍ଟରୁ ୬୭ ଲକ୍ଷ ୭୦ ହଜାର ଟଙ୍କା ଗାଏବ ହୋଇଯାଇଥିବା ସେ ରାଉରକେଲା ସାଇବର ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଏକ ମାମଲା (ନଂ.୨୯/୨୩) ରୁଜୁ କରି ତଦନ୍ତ ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରିଥିଲା। ଏହା ଅନ୍ତର୍ଜାତୀୟ ଅପରାଧ ସହିତ ଜଡିତ ଓ ଏଥିରେ ବହୁ ସଂସ୍ଥା ସଂଶ୍ଳିଷ୍ଟ ଥିବା ଜଣାପଡିବା ପରେ ଭାରତୀୟ ସାଇବର୍ ଏକ୍ସପର୍ଟଙ୍କ ସହାୟତା ନିଆଯାଇଥିଲା ଏବଂ ରାଉରକେଲା ପୋଲିସ୍ ୬ଜଣଙ୍କୁ ଗିରଫ କରିବା ପରେ ନୂଆ ତଥ୍ୟ ସାମ୍ନାକୁ ଆସିଥିଲା। ଭାରତ ସମେତ ଦକ୍ଷିଣ ଏସିଆ ଦେଶରେ ଏହି ନେଟ୍‌ୱାର୍କ ଚାଲିଛି। ଭାରତରେ ☞ପୃଷ୍ଠା-୨






# ଲେବର ରୁମ୍‌ରେ ପୁଅ ଜନ୍ମ, ୱେଟିଂ ହଲ୍‌ରେ ବାପା ମୃତ

## ଜଗତ୍‌ସିଂହପୁର କିଓରୱେଲ ହସ୍ପିଟାଲରେ ଅଭାବନୀୟ ଘଟଣା

■ ସିସିଟିଭି ଯାଞ୍ଚକଲା ପୋଲିସ

ଜଗତ୍‌ସିଂହପୁର, ୨୭।୧
(ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ସହରସ୍ଥିତ କିଓରୱେଲ ହସ୍ପିଟାଲ (ନର୍ସିଂହୋମ୍)ରେ ଅଭାବନୀୟ ଘଟଣା ଘଟିଛି। ବାଲିକୁଦା ଥାନା ବୋରିକିନା ବରଗୁଡ଼ିପଡ଼ାର କସ୍ତୁରୀ ବେହେରାଙ୍କ ନର୍ସିଂ ହୋମ୍‌ରେ ଏକ ପୁତ୍ର ସନ୍ତାନ ଜନ୍ମଦେବା ପରେ ଏହି ପରିସରରେ ତାଙ୍କ ସ୍ୱାମୀ ଅରକ୍ଷିତ ବେହେରାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ପୁତ୍ର ସନ୍ତାନ ଜନ୍ମ ପରେ କସ୍ତୁରୀ ଖୁସି ଅନୁଭବ କରିଥିବା ବେଳେ ସ୍ୱାମୀଙ୍କୁ ହରାଇ ଭାଙ୍ଗି ପଡିଛନ୍ତି। ଏ ସମ୍ପର୍କରେ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟ ଡାକ୍ତରଙ୍କ ରିପୋର୍ଟ ଆଧାରରେ ଜଗତ୍‌ସିଂହପୁର ଥାନାରେ ଅପମୃତ୍ୟୁ ମାମଲା (ନଂ. ୪/୨୪) ରୁଜୁ ହୋଇଛି। ଅନ୍ୟପଟେ ମୃତ ଅରକ୍ଷିତଙ୍କ ସମ୍ପର୍କୀୟ ଅବଧୂତ ବେହେରାଙ୍କ ଅଭିଯୋଗ ଆଧାରରେ ମାମଲା (ନଂ.୮୯/୨୪) ରୁଜୁ ହୋଇଛି। ପୋଲିସ ହସ୍ପିଟାଲରେ ଲାଗିଥିବା ସିସିଟିଭି ଫୁଟେଜ୍‌କୁ ଯାଞ୍ଚ କରିବା ସହ ମୃତ୍ୟୁର ରହସ୍ୟ ଖୋଜୁଛି।

ଏସମ୍ପର୍କରେ ଅବଧୂତ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ତାଙ୍କ ଭାଉଜ କସ୍ତୁରୀ ପ୍ରସବ ନିମନ୍ତେ ଶୁକ୍ରବାର ନର୍ସିଂହୋମ୍‌ରେ ଭର୍ତ୍ତି ହୋଇଥିଲେ। ପରେ ଏକ ପୁତ୍ର ସନ୍ତାନ ଜନ୍ମ ହୋଇଥିଲା। ଏହି ସମୟରେ ଭାଇ ଅରକ୍ଷିତ ନର୍ସିଂହୋମରେ ଥିଲେ। ରାତିରେ କସ୍ତୁରୀଙ୍କ ବେଡ୍ ପାଖରେ ସେ ଶୋଇବାକୁ ଚାହିଁଥିଲେ। କିନ୍ତୁ ନର୍ସିଂହୋମ୍ ପକ୍ଷରୁ ମନା କରାଯାଇଥିଲା। ପ୍ରସୂତିଙ୍କ ନିକଟରେ କୌଣସି ପୁରୁଷ ରହିପାରିବେ ନାହିଁ ବୋଲି ସେତେବେଳେ କୁହାଯାଇଥିଲା। ଅରକ୍ଷିତଙ୍କୁ ତଳ ମହଲାରେ ଥିବା ୱେଟିଂ ହଲ୍‌ରେ ରହିବାକୁ କୁହାଯାଇଥିଲା। ଶନିବାର ସକାଳୁ ହଠାତ୍ ଅରକ୍ଷିତଙ୍କ ମୃତଦେହ ଦେଖିବାକୁ ମିଳିଛି। ତାଙ୍କ ମୁଣ୍ଡ ଫୁଲିଯାଇଛି। ତାଙ୍କ ପାଖରେ ଥିବା ୨୦ ହଜାର ଟଙ୍କା ଓ ମୋବାଇଲ ଫୋନ ନ ଥିଲା। ଏ ବିଷୟରେ ନର୍ସିଂହୋମ୍ କର୍ତ୍ତୃପକ୍ଷଙ୍କୁ ଜଣାଇବାରୁ ପାଲଟା ଧମକ ମିଳିଥିଲା ବୋଲି ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି।

ଏନେଇ ଜଗତ୍‌ସିଂହପୁର ଥାନା ଆଇଆଇସି ଗୋକୁଳ ରଞ୍ଜନ ଦାସଙ୍କୁ ପଚାରିବାରୁ ସେ କହିଥିଲେ, ଶୁକ୍ରବାର ରାତିର ସିସିଟିଭି ଫୁଟେଜ୍ ଯାଞ୍ଚ ପରେ ଅନେକ କିଛି ତଥ୍ୟ ମିଳିଛି। ୱେଟିଂ ରୁମ୍‌ରେ ରୋଗୀ ସହାୟକମାନଙ୍କ ବସିବା ପାଇଁ ଅଣ ଓସାରିଆ ଗଦିଥିବା ୩ଟି ବେଞ୍ଚ ସମାନ୍ତରାଳ ଭାବେ ପଡ଼ିଥିଲା। ଅରକ୍ଷିତ ଏକ ବେଞ୍ଚରେ ଶୋଇଥିଲେ। ତାଙ୍କ ପାଖ ବେଞ୍ଚରେ ଜଣେ ଘୋଡ଼େଇ ହୋଇଥିବାବେଳେ ଆଉ ୨ ଜଣ ତଳେ ସପରେ ଶୋଇଥିଲେ। ଜଣେ ସୁରକ୍ଷାକର୍ମୀ ମଧ୍ୟ ଗୋଟେ ପଟେ ଶୋଇଥିଲେ। ଅରକ୍ଷିତ ଶୋଇବା ପୂର୍ବରୁ ଜ୍ୟାକେଟ୍ କାଢ଼ି ପାର୍ଶ୍ୱରେ ରଖିଥିଲେ। ରାତି ୩ଟା ୩୦ରେ ଉଠି ଜ୍ୟାକେଟ୍ ପିନ୍ଧି ପୁଣି ଶୋଇଥିଲେ। ଭୋର ୪ଟା୯ରେ ତଳେ ପଡି ନିସ୍ତେଜ ହୋଇଯାଇଥିଲେ। କିନ୍ତୁ ପଡ଼ିବା ପୂର୍ବରୁ ସେ ଶୋଇଥିବା ବେଞ୍ଚରେ କିଛି ସମୟ ଛାଟିପିଟି ହୋଇଥିଲେ। ଏପରିକି ଛାତିରେ ହାତ ମାରିବା ସହ ପରିସ୍ରା କରି ଦେଇଥିଲେ। ଯେତେବେଳେ ସେ ବେଞ୍ଚରୁ ତଳକୁ ଖସିଲେ ପ୍ରଥମେ ତାଙ୍କ ମୁଣ୍ଡ ମାଡ଼ ହୋଇଥିଲା। ଏଥିଯୋଗୁ ବ୍ରେନ ହାମ୍ରେଜ ହୋଇଥିବା ସନ୍ଦେହ କରାଯାଉଛି। ସକାଳ ୬ରୁ ୬ଟା ୩୦ ଭିତରେ ଏହି କୋଠରିରେ ଶୋଇଥିବା ଲୋକେ ଜଣଙ୍କ ପରେ ଜଣେ ଉଠିଥିଲେ। ଅରକ୍ଷିତ ତଳେ କିପରି ☞ପୃଷ୍ଠା-୨






# ଇତିହାସ ରଚିଲେ ବୋପାନ୍ନା

## ବୟସ୍କ ଖେଳାଳି ଭାବେ ଜିତିଲେ ଗ୍ରାଣ୍ଡସ୍ଲାମ

ମେଲବୋର୍ନ, ୨୭।୧ (ପି.ଟି.)

ଅଷ୍ଟ୍ରେଲିଆନ ଓପନ ଟେନିସ୍ ଗ୍ରାଣ୍ଡସ୍ଲାମରେ ଇତିହାସ ରଚିଛନ୍ତି ଭାରତର ରୋହନ ବୋପାନ୍ନା। ଶନିବାର ବିଶ୍ୱର ବୟସ୍କ ପୁରୁଷ ଖେଳାଳି ଭାବରେ ସେ ଏକ ଗ୍ରାଣ୍ଡସ୍ଲାମ ଟେନିସ୍ ଟାଇଟଲ ଜିତିଛନ୍ତି। ଅଷ୍ଟ୍ରେଲିଆର ମାଥ୍ୟୁ ଏବଡେନଙ୍କୁ ସାଥୀ କରି ଖେଳୁଥିବା ବୋପାନ୍ନା ଫାଇନାଲରେ ୭-୬(୭-୦) ଓ ୭-୫ ସେଟ୍‌ରେ ଇଟାଲୀର ସିମୋନ ବୋଲେଲି ଓ ଆନ୍ଦ୍ରେ ଭାଭାସୋରୀଙ୍କୁ ପରାସ୍ତ କରିଛନ୍ତି। ବୋପାନ୍ନାଙ୍କ କ୍ୟାରିୟରର ଏହା ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟାଇଟଲ ହୋଇଥିବା ବେଳେ ପୁରୁଷ ଡବଲ୍ସରେ ସେ ପ୍ରଥମ ଗ୍ରାଣ୍ଡସ୍ଲାମ ବିଜୟୀ ହୋଇଛନ୍ତି। ମେଲବୋର୍ନ ପାର୍କର ରଡ୍ ଲାଭେର ଆରେନାରେ ଖେଳାଯାଇଥିବା ଫାଇନାଲରେ ବୋପାନ୍ନା-ଏବଡେନଙ୍କୁ କଡା ଟକ୍କର ଦେଇଥିଲେ ଅଣ ସିଡେଡ୍ ବୋଲେଲି-ଆନ୍ଦ୍ରେ। ପ୍ରଥମ ସେଟ୍‌ଟି ଟାଇବ୍ରେକରରେ ଫଇସଲା ହୋଇଥିବା ବେଳେ ଦ୍ୱିତୀୟ ସେଟ୍‌ର ଅଷ୍ଟମ ଗେମ୍ ଯାଏ ମ୍ୟାଚ୍ ୪-୪ ସ୍ଥିତିରେ ରହିଥିଲା। ତେବେ କ୍ରମାଗତ ପଏଣ୍ଟ ବ୍ରେକ୍ କରିବା ସହ ମ୍ୟାଚ୍‌କୁ ଜିତି ନେଇଥିଲେ ଭାରତ-ଅଷ୍ଟ୍ରେଲୀୟ ଯୋଡି। ପ୍ରଥମ ସେଟ୍‌ରେ ମ୍ୟାଚ୍ ୫-୫ ☞ପୃଷ୍ଠା-୨


ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ୍ ଟ୍ରଫି ସହ ରୋହନ ବୋପାନ୍ନା ଓ ମାଥ୍ୟୁ ଏବଡେନ।

**ଆଜିର ମନ୍ତବ୍ୟ**

ମହିଳା ଓ ଯୁବପିଢ଼ି ବିକଶିତ ଭାରତର ସମ୍ପତ୍ତି। ସେମାନଙ୍କ ସ୍ବପ୍ନ ପୂରଣ ପାଇଁ ସବୁ ପ୍ରକାର ପଦକ୍ଷେପ ନିଆଯିବ।
–ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପୋଡ଼ିଯାଏ ଯାହା ହୁଏ ଅଙ୍ଗାର**
**ଦରପୋଡ଼ା କାଠ ଅଟେ ଅସାର।**

ଗାଁ ଗଣ୍ଡାରେ ମହିଳାମାନେ ଚୁଲିରେ ରୋଷେଇ କରୁଥିବା ବେଳେ ଜାଳେଣି ଭାବେ କାଠକୁ ବ୍ୟବହାର କରିଥାନ୍ତି। କାଠଗୁଡ଼ିକ ପୋଡିଯାଇ ଅଙ୍ଗାର ହୋଇଯାଉଥିବାବେଳେ ଏହି ଅଙ୍ଗାରଗୁଡ଼ିକ ଅନ୍ୟ କାମରେ ଲାଗିପାରିଥାଏ, କିନ୍ତୁ ଦରପୋଡ଼ା କାଠ କୌଣସି କାମରେ ଆସି ନ ଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ପୁଷ**
**ଶୀତ ଆସେ ଭୁଷ ଭୁଷା**

ବରଷକ ବାର ମାସ, ଛ' ଋତୁ। ଋତୁ ଅନୁସାରେ ଖରା, ବର୍ଷା ଓ ଶୀତ ପ୍ରଭୃତି ଆସିଥାଏ ଏବଂ ଯାଇଥାଏ। ପୁଷ ବା ପୌଷ ମାସରେ ଶୀତର ପ୍ରକୋପ ବଢେ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।




# ପ୍ରଧାନମନ୍ତ୍ରୀଙ୍କ 'ପରୀକ୍ଷା ପେ ଚର୍ଚ୍ଚା' ପରମ୍ପରାରେ ପରିଣତ ହୋଇଛି: ଧର୍ମେନ୍ଦ୍ର

ଭୁବନେଶ୍ବର,୨୭।୧(ଅନିଲ ଦାସ)

ନୂଆଦିଲ୍ଲୀର ପ୍ରଗତି ମଇଦାନରେ ଭାରତ ମଣ୍ଡପରେ ଚଳିତ ମାସ ଜାନୁଆରୀ ୨୯ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ପରୀକ୍ଷା ପେ ଚର୍ଚ୍ଚା'(ପିପିସି) ୨୦୨୪ କାର୍ଯ୍ୟକ୍ରମର ଅବ୍ୟବହିତ ପୂର୍ବରୁ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରସ୍ତୁତି ସମୀକ୍ଷା କରିଛନ୍ତି। ସେ କହିଛନ୍ତି, ପରୀକ୍ଷା ପେ ଚର୍ଚ୍ଚା ଏବେ ବାର୍ଷିକ ପରମ୍ପରାରେ ପରିଣତ ହୋଇଛି। ପରୀକ୍ଷାର ଚାପରୁ ମୁକ୍ତ କରିବା ପାଇଁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପରାମର୍ଶ ନେବା ପାଇଁ ପରୀକ୍ଷାର୍ଥୀ, ଅଭିଭାବକ ଏବଂ ଶିକ୍ଷୟିତ୍ରୀ ଶିକ୍ଷକମାନେ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ କଥା ହେବା ପାଇଁ ଲୋକଙ୍କ ମଧ୍ୟରେ ଅଭୂତପୂର୍ବ ଉତ୍ସାହ ପରିଲକ୍ଷିତ ହୋଇଛି। ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ବରେ ପରୀକ୍ଷା ପେ ଚର୍ଚ୍ଚା ହେଉଛି ପରୀକ୍ଷା ସହ ଜଡ଼ିତ ଚାପକୁ ଦୂର କରିବା ଏବଂ ଏକ୍ସାମ୍ ୱାରିୟର୍ସଙ୍କ ପ୍ରସ୍ତୁତିକୁ ପ୍ରୋତ୍ସାହିତ କରିବା ଦିଗରେ ଏକ ନିଆରା ପଦକ୍ଷେପ। ଶିକ୍ଷା ମନ୍ତ୍ରଣାଳୟ ଅନ୍ତର୍ଗତ ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ବିଭାଗ ପକ୍ଷରୁ



ଏଭଳି କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି, ଯେଉଁଥିରେ ବିଗତ ୬ ବର୍ଷ ଧରି ଛାତ୍ରଛାତ୍ରୀ, ଅଭିଭାବକ ଓ ଶିକ୍ଷକମାନଙ୍କୁ ସଫଳତାର ସହ ସାମିଲ କରାଯାଉଛି। ସପ୍ତମ ସଂସ୍କରଣ ପାଇଁ 'ମାଇଁ ଗଭ' ପୋର୍ଟାଲରେ ରେକର୍ଡ ସଂଖ୍ୟକ ୨.୨୬ କୋଟି ପଞ୍ଜୀକରଣ କରିଛନ୍ତି, ଯାହା ଦେଶର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବ୍ୟାପକ ଉତ୍ସାହକୁ ଦର୍ଶାଉଛି। ଏଥିରେ କଳା ମହୋତ୍ସବର ବିଜେତାଙ୍କ ସହ ପ୍ରତ୍ୟେକ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ୨ ଜଣ ଛାତ୍ରଛାତ୍ରୀ ଓ ଜଣେ ଶିକ୍ଷକଙ୍କୁ ଆଲୋଚନା କାର୍ଯ୍ୟକ୍ରମରେ ଉପସ୍ଥିତ ହେବା ପାଇଁ ନିମନ୍ତ୍ରଣ କରାଯାଇଛି। ପ୍ରଥମ ଥର ପାଇଁ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିବେ। ଏହି କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଜାନୁଆରୀ ୧୨ରୁ ୨୩ ପର୍ଯ୍ୟନ୍ତ ବିଭିନ୍ନ ସ୍କୁଲରେ ମାରାଥନ ଦୌଡ଼, ସଙ୍ଗୀତ ଭଳି କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଜାନୁଆରୀ ୨୩ରେ ୭୭୪ ଜିଲାରେ ୬୫୭ କେନ୍ଦ୍ରୀୟ ବିଦ୍ୟାଳୟ ଏବଂ ୧୨୨ ନବୋଦୟ ବିଦ୍ୟାଳୟରେ 'ଏକ୍ସାମ୍ ୱାରିୟର୍ସ' ପୁସ୍ତକରେ ପରୀକ୍ଷା ମନ୍ତ୍ର ସହ ଜଡ଼ିତ ଏକ ଚିତ୍ରକଳା ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା, ଯେଉଁଥିରେ ୬୦ ହଜାରରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

# ବନ୍ଦ କୋଠରିରୁ ଛାତ୍ରୀଙ୍କ ମୃତଦେହ ଜବତ

ରେଢ଼ାଖୋଲ,୨୭।୧(ଅକ୍ଷୟାନନ୍ଦ ପୁରୋହିତ)

ରେଢ଼ାଖୋଲ ଏନ୍‌ଏସି ୱାର୍ଡ ନଂ୧୦ ଦେହୁରିସାହିର ଏକ ଭଡାଘର ବନ୍ଦ କୋଠରିରୁ ଶୁକ୍ରବାର ରାତିରେ ଜଣେ ଛାତ୍ରୀଙ୍କ ମୃତଦେହ ପୋଲିସ ଜବତ କରିଛି। ଛାତ୍ରୀ ତାଙ୍କ ଓଢଣୀରେ ପଙ୍ଖାରେ ଝୁଲୁଥିବା ବେଳେ ଏକ ଚୌକିରେ ତାଙ୍କ ଗୋଡ ଲାଗିରହିଥିଲା ଜଣାପଡିଛି। ମୃତା ଛାତ୍ରୀ ନାକ୍ତିଦେଉଳ ଥାନା ସରାପାଲି ପଞ୍ଚାୟତ ଗୌଡପଡା ଗ୍ରାମର ରାଜକିଶୋର ଖୁରାଙ୍କ ଝିଅ ଖୁନି ଖୁରା ବୋଲି ପୋଲିସ କହିଛି। ସେ ସ୍ଥାନୀୟ ଭାମଭୋଇ କଲେଜରେ ଯୁକ୍ତ ୩ ତୃତୀୟ ବର୍ଷରେ ପାଠ ପଢୁଥିଲେ। ଗତ ୩ ମାସ ହେବ ସେ ଭଡାଘରେ ରହୁଥିଲେ। ଗୁରୁବାର ରାତିରେ ସେ ଫୋନରେ କଥା ହୋଇଥିବା ବେଳେ ତାଙ୍କୁ କେହି ହତ୍ୟା କରି ଝୁଲାଇ ଦେଇଥିବା ତାଙ୍କ ବାପା ଅଭିଯୋଗ କରିଛନ୍ତି। ପୋଲିସ ଆଇପିସି ଦଫା ୩୦୨, ୩୦୬ରେ ମାମଲା (ନଂ.୩୦/୨୪) ରୁଜୁ କରି ଘଟଣାର ତଦନ୍ତ କରୁଥିବା ଏସ୍‌ଡିପିଓ ପ୍ରଶାନ୍ତ କୁମାର ମେହେର କହିଛନ୍ତି। ପୋଲିସ ମୃତଦେହକୁ ରେଢାଖୋଲ ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ୟାମି ଗର୍ଭବତୀ ଥିବା ଚର୍ଚ୍ଚା

ମୁମ୍ବାଇ: ବର୍ତ୍ତମାନ ବଲିଉଡ୍‌ରେ କେତେକ ଅଭିନେତ୍ରୀ ଗର୍ଭବତୀ ଥିବା ଖବର ଶୁଣିବାକୁ ମିଳୁଛି। ଏହିଭଳି ନିକଟରେ ଅଭିନେତ୍ରୀ ୟାମି ଗୌତମଙ୍କ ଗର୍ଭଧାରଣକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। କିଛିଦିନ ତଳେ ସ୍ବାମୀ ଆଦିତ୍ୟ ଧୀରଙ୍କ ସହ ତାଙ୍କୁ ଏକାଠି ଦେଖିବାକୁ ମିଳିଥିଲା। ୟାମି ଏକ ଗୋଲାପୀ ରଙ୍ଗର ପାରମ୍ପରିକ ପୋଷାକ ପିନ୍ଧିଥିଲେ। ସେହି ସମୟରେ ସେ ତାଙ୍କ ଓଢଣୀରେ ବେବି ବମ୍ପକୁ ଲୁଚାଉଥିବାର ଦେଖିବାକୁ ମିଳିଥିଲା। ଏହାର ଫଟୋ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏହାକୁ ନେଇ ଅନେକ ୟୁଜର୍ସ ଏବେ ୟାମି ଗର୍ଭବତୀ ଥିବା ନେଇ କମେଣ୍ଟ କରିଛନ୍ତି। ହେଲେ ଅଭିନେତ୍ରୀ ଏନେଇ କୌଣସି ଅଫିସିଆଲ ଘୋଷଣା କରିନାହାନ୍ତି। ଶେଷ ଥର ପାଇଁ ୟାମିଙ୍କୁ ଫିଲ୍ମ 'ଓଏମ୍‌ଜି ୨'ରେ ଦେଖିବାକୁ ମିଳିଥିଲା। ଆଗକୁ ସେ ଫିଲ୍ମ 'ଆର୍ଟିକିଲ୍ ୩୭୦'ରେ ନଜର ଆସିବେ।



## ପ୍ରଥମ ପୃଷ୍ଠାରୁ...

### ସମଲେଇ ପ୍ରକଳ୍ପ ...

ପ୍ରତି ୧ ମାସ, ୨ ମାସ ସମୟ ବ୍ୟବଧାନରେ ପାଣ୍ଡିଆନ ସମ୍ବଲପୁର ଯାଇ ପ୍ରକଳ୍ପର ସମୀକ୍ଷା କରିଛନ୍ତି। ମନ୍ଦିର ଭିତରେ ପ୍ରାୟ ୬ ଏକର ପରିମିତ ଅଞ୍ଚଳରେ ଉନ୍ନୟନ କାର୍ଯ୍ୟ କରାଯାଇଛି। ଭୋଗ ମଣ୍ଡପ, ପୂଜକମାନଙ୍କ ବିଶ୍ରାମ ଗୃହ, ଭକ୍ତମାନଙ୍କ ଜିନିଷପତ୍ର ରଖିବା ପାଇଁ କ୍ଲୋକ୍ ରୁମ୍, ପ୍ରସାଦ ସେବନ ଗୃହ, ଭୋଗ ବିକ୍ରୟ ଗୃହ, ପର୍ଯ୍ୟଟକ ସୂଚନା କେନ୍ଦ୍ର, କାଫେଟେରିଆ ଆଦି ନିର୍ମିତ ହୋଇଛି। ମନ୍ଦିର ବାହାରେ ୧ କିଲୋମିଟର ଅଞ୍ଚଳରେ ପରିକ୍ରମା କରିଡର ନିର୍ମାଣ କରାଯାଇଛି। ସମସ୍ତ ନିର୍ମାଣ ଖଣ୍ଡୋଲାଇଟସ୍ ପଥରରେ ନିର୍ମିତ ହୋଇଛି। ପାର୍କିଂରେ ୨୦୦ଟି ୪ ଚକିଆ ଗାଡ଼ି ଓ ୨୦ ବସ୍ ରହିବାର ବ୍ୟବସ୍ଥା ହୋଇଛି। ମୁଖ୍ୟମନ୍ତ୍ରୀ ସମସ୍ତ ନବନିର୍ମିତ କାର୍ଯ୍ୟକୁ ବୁଲି ଦେଖିଛନ୍ତି। ପୁଷ୍କରିଣୀର ନୂଆ ରୂପ, ୱାଚ୍ ଟାୱାର, ପରିକ୍ରମା କରିଡର, ଚିତ୍ତାକର୍ଷକ ମହାନଦୀ ଘାଟ ସବୁ ଦେଖି ମୁଖ୍ୟମନ୍ତ୍ରୀ ଅତ୍ୟନ୍ତ ଆନନ୍ଦ ପ୍ରକାଶ କରିଛନ୍ତି। ମହାନଦୀ ରିଭର୍ ଫ୍ରଣ୍ଟ ଦୃଶ୍ୟ ଅତୀବ ରମଣୀୟ ହୋଇଛି। ଏହା ୩୫୦ ମିଟର ଦୀର୍ଘ ଓ ୨୫ ମିଟର ପ୍ରସ୍ଥ ବିଶିଷ୍ଟ କରାଯାଇଛି। ଆଳତି ପାଇଁ ୩୧ ମିଟର ପ୍ଲାଟଫର୍ମ କରାଯାଇଛି। ମହାନଦୀ ଘାଟ ଅତ୍ୟନ୍ତ ଚିତ୍ତାକର୍ଷକ ରୂପ ନେଇଛି। ଏଠାରେ ସ୍ଥାୟୀ ଭାବେ ମହାନଦୀ ଆଳତି ବ୍ୟବସ୍ଥା କରାଯାଇଛି। ୩୭ ମିଟର ଦୈର୍ଘ୍ୟ ଓ ୬ ମିଟର ଉଚ୍ଚର ଏକ ଫୁଟ୍ ଓଭରବ୍ରିଜ୍ ମଧ୍ୟ ନିର୍ମାଣ କରାଯାଇଛି।

ସୂଚନାଯୋଗ୍ୟ ଯେ ମା' ଙ୍କ ପୀଠକୁ ଦୈନିକ ଏବେ ୫ରୁ ୧୦ ହଜାର ଭକ୍ତ ଆସୁଛନ୍ତି। ରୂପାନ୍ତର ପରେ ଦୈନିକ ୨୦ ହଜାର ଭକ୍ତ ଆସିବା ସମ୍ଭାବନା ରହିଛି। ଏଥିସହିତ ପୂଜା ପାର୍ବଣ ଦିନରେ ୫୦ ହଜାରରୁ ୧ ଲକ୍ଷ ଭକ୍ତ ଆସିବା ସମ୍ଭାବନା ରହିଛି। ଏହାଦ୍ବାରା ସ୍ଥାନୀୟ ଅର୍ଥନୀତିର ଉନ୍ନତି ହେବ। ବିଶେଷକରି ପଶ୍ଚିମ ଓଡ଼ିଶାର ଶିଳ୍ପୀ, କାରିଗର ଓ ବୁଣାକାରମାନେ ମଧ୍ୟ ଅଧିକ ରୋଜଗାର ପାଇବାର ବାଟ ପ୍ରଶସ୍ତ ହୋଇଛି। ମିଶନ ଶକ୍ତି କାଫେ ପରିଦର୍ଶନ କରି ମୁଖ୍ୟମନ୍ତ୍ରୀ ମା'ମାନଙ୍କ କାମର ଉଚ୍ଚ ପ୍ରଶଂସା କରିଛନ୍ତି। ଏହି ଅବସରରେ ପ୍ରକଳ୍ପରେ ଉଲ୍ଲେଖନୀୟ ଅବଦାନ ରଖିଥିବା ଶିଳ୍ପୀ, କାରିଗର ଓ ଶ୍ରମିକମାନଙ୍କୁ ସେ ସମ୍ବର୍ଦ୍ଧିତ କରିଛନ୍ତି । ସେମାନେ ହେଲେ ଲିଙ୍ଗରାଜ ମହାରଣା, ଶିଶିର ସାହୁ, ସାରଙ୍ଗ ମେହେର, ସୋମନାଥ ସାହୁ, ନିର୍ମଳ ମହାରଣା, ହରିହର ପ୍ରଧାନ, ଶୁଭ ଚରଣ ବେହେରା ଓ ସନ୍ତୋଷ। ଗୋପାଳ ଜୀଉ ମଠର ମହନ୍ତଙ୍କୁ ମଧ୍ୟ ମୁଖ୍ୟମନ୍ତ୍ରୀ ସମ୍ମାନିତ କରିଛନ୍ତି। ପଶ୍ଚିମ ଓଡ଼ିଶାର ପଦ୍ମ ପୁରସ୍କାରପ୍ରାପ୍ତ ୭ ଜଣ ମହାନ୍ ବ୍ୟକ୍ତିଙ୍କୁ ମଧ୍ୟ ମୁଖ୍ୟମନ୍ତ୍ରୀ ଭେଟିଛନ୍ତି । ସେମାନେ ହେଲେ ହଳଧର ନାଗ, ଚତୁର୍ଭୁଜ ମେହେର, କ୍ରିଷ୍ଣା ପଟେଲ, ଜିତେନ୍ଦ୍ର ହରିପାଲ, ବିନୋଦ ପଶାୟତ, ମିତ୍ରଭାନୁ ଗୌନ୍ତିଆ ଓ କୈଳାସ ଚନ୍ଦ୍ର ମେହେର।

ମୁଖ୍ୟମନ୍ତ୍ରୀଙ୍କ ସହ ପୋଲିସ ମହାନିର୍ଦ୍ଦେଶକ ଅରୁଣ ଷଡ଼ଙ୍ଗୀ, ଆଇଜି ଦୀପକ କୁମାର, ସମ୍ବଲପୁର ଜିଲାପାଳ ଅନନ୍ୟା ଦାସ, ଆରକ୍ଷୀ ଅଧୀକ୍ଷକ ମୁକେଶ ଭାମୁ ଓ ଅନ୍ୟ ଅଧିକାରୀମାନେ ମା'ଙ୍କ ପୀଠର ଭବ୍ୟ ରୂପାନ୍ତରଣ କାର୍ଯ୍ୟକୁ ବୁଲି ଦେଖିଥିଲେ। ସେହିପରି ସମ୍ବର୍ଦ୍ଧନା ସଭାରେ ସ୍ବାସ୍ଥ୍ୟମନ୍ତ୍ରୀ ନିରଞ୍ଜନ ପୂଜାରୀ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ପ୍ରଦୀପ ଅମାତ, ଶ୍ରମମନ୍ତ୍ରୀ ସାରଦା ପ୍ରସାଦ ନାୟକ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ, ବୟନଶିଳ୍ପ ମନ୍ତ୍ରୀ ରୀତା ସାହୁ, ଜଳ ସମ୍ପଦ ମନ୍ତ୍ରୀ ଟୁକୁନି ସାହୁ, ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ ପ୍ରମୁଖ ମଞ୍ଚାସୀନ ଥିଲେ। ଲୋକାର୍ପଣ ଉତ୍ସବ ପାଇଁ ଶନିବାର ସକାଳ ୯ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଭକ୍ତଙ୍କ ପାଇଁ ମା'ଙ୍କ ଦର୍ଶନ ବାରଣ କରାଯାଇଥିଲା। ଏହା ସତ୍ତ୍ବେ ମନ୍ଦିର ପରିସରରେ ୫ ହଜାରରୁ ଊର୍ଦ୍ଧ୍ବ ଭକ୍ତଙ୍କ ସମାଗମ ହୋଇଥିବା ଦେଖିବାକୁ ମିଳିଥିଲା। ପୂର୍ବରୁ ଲୋକାର୍ପଣ ଉତ୍ସବର ଆଦ୍ୟପର୍ବ ସ୍ବରୂପ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା କଳସ ଶୋଭାଯାତ୍ରା। ସମ୍ବଲପୁର ମହାନଦୀର ମାରୱାଡ଼ିପଡ଼ା ଘାଟରୁ ୧୧ଶହ କଳସରେ ମହାନଦୀର ପବିତ୍ର ଜଳ ଧାରଣ କରି ମନ୍ଦିର ପରିସରସ୍ଥ ବିଭିନ୍ନ ଯଜ୍ଞମଣ୍ଡପରେ ସ୍ଥାପନ କରାଯାଇଥିଲା। ପରେ ବିଧିପୂର୍ବକ ଅଧିବାସ ପୂଜନ ଅନୁଷ୍ଠିତ ହୋଇଥିଲା। ଦୁଇଟି ୭୦ ଜଣିଆ ସମ୍ବର୍ଦ୍ଧା ଦଳ, ହୀରାକୁଦର ୩୫ ଜଣିଆ ଘଣ୍ଟ ଦଳ ଓ ଗଞ୍ଜାମର ୧୫ ଜଣିଆ ଶଙ୍ଖୁଆ ଦଳ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ସର୍ବାଗ୍ରେ ଏକ ପ୍ରଚାର ଗାଡ଼ି ମା'ଙ୍କ ଭଜନ ପରିବେଷଣ କରି ଶୋଭାଯାତ୍ରାକୁ ବାଟ କଢ଼େଇ ନେଉଥିବା ଦେଖିବାକୁ ମିଳିଥିଲା।

### ଶତାୟୁ ସ୍ବାଧୀନତା ...

କରିଛନ୍ତି। ଏକ ବାର୍ତ୍ତାରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଯୁବ ବୟସରେ ସ୍ବାଧୀନତା ଆନ୍ଦୋଳନରେ ଯୋଗଦେଇ ସେ କାରାବରଣ କରିଥିଲେ। ଦେଶ ସ୍ବାଧୀନତା ପାଇଁ ତାଙ୍କର ତ୍ୟାଗ ତାଙ୍କୁ ସ୍ମରଣୀୟ କରିରଖିବ। ସ୍ବାଧୀନତା ପରେ ମଧ୍ୟ ଜୀବନର ଶେଷ ସମୟ ପର୍ଯ୍ୟନ୍ତ ସେ ଦେଶର ଯୁବ ସମାଜକୁ ସେବା ଓ ଦେଶପ୍ରେମର ବାର୍ତ୍ତା ଦେଇ ଆସିଥିଲେ। ତାଙ୍କ ବିୟୋଗରେ ଜଣେ ବିଶିଷ୍ଟ ସଂଗ୍ରାମୀଙ୍କୁ ଆମେ ହରାଇଲୁ ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। ସାମଲଙ୍କ ଶେଷକୃତ୍ୟ ସମ୍ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଅନୁଷ୍ଠିତ ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ସେ ପରଲୋକଗତ ଆତ୍ମାର ସଦଗତି କାମନା କରିବା ସହିତ ସେ ଶୋକସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି।

ନୀଳମଣି ୧୯୨୩ ଫେବୃଆରୀ ୨୩ରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ପିତାଙ୍କ ନାମ ଶ୍ରୀଧର ସାମଲ ଓ ମାତାଙ୍କ ନାମ ମଲ୍ଲି ଦେବୀ। ନୀଳମଣି ୧୯୪୨ ମସିହା ଭାରତ ଛାଡ଼ ଆନ୍ଦୋଳନରେ ସାମିଲ ହୋଇ ୩ ବର୍ଷ ୬ ମାସ ଜେଲ ଯାଇଥିଲେ। ବଡ଼ଚଣା ଗାନ୍ଧୀ ବୃନ୍ଦାବନ ତ୍ରିପାଠୀଙ୍କ ପରମ ଶିଷ୍ୟଥିଲେ। ସ୍ବାଧୀନତା ସଂଗ୍ରାମୀ କୃଷ୍ଣମୋହନ ରାଉତରାୟଙ୍କ ନେତୃତ୍ବରେ ସେ ସ୍ବାଧୀନତା ଆନ୍ଦୋଳନରେ ଝାସ ଦେଇଥିଲେ। ପରେ ସେ ପ୍ରାଥମିକ ଶିକ୍ଷକ ଭାବେ କିଛିଦିନ ଶିକ୍ଷାଦାନ କରିଥିଲେ। ୪ଥର ରାଷ୍ଟ୍ରପତିଙ୍କଠାରୁ ସମ୍ମାନିତ ହୋଇଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ ତାଙ୍କୁ ବହୁବାର ସମ୍ବର୍ଦ୍ଧିତ କରିଥିଲେ। ନୀଳମଣିଙ୍କ ମୃତ୍ୟୁ ଖବରପାଇ କଟକ ଏମ୍‌ପି ଭର୍ତ୍ତୃହରି ମହତାବ, ବଡ଼ଚଣା ବିଧାୟକ ଅମର ଶତପଥୀ ମେଡିକାଲରେ ପହଞ୍ଚି ଶେଷଦର୍ଶନ କରିଥିଲେ। ତାଙ୍କ ବିୟୋଗରେ ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି।

### ହସ୍ପିଟାଲରେ ୨୭ ଦିନର ...

ଡା. ଲିଙ୍ଗରାଜ ପ୍ରଧାନ କହିଛନ୍ତି, ଶିଶୁକନ୍ୟାଟି ନୟାଗଡ଼ରେ ଜନ୍ମ ହୋଇଛି। ଓଜନ ୮୬୦ ଗ୍ରାମ ଓ ସେ ଜଣେ ଅପରିପକ୍ୱ ଶିଶୁ। ସ୍ବାସ୍ଥ୍ୟାବସ୍ଥା ଖରାପ ଥିବାରୁ ଶିଶୁଟିକୁ ନୟାଗଡ ହସ୍ପିଟାଲର ଏସ୍‌ଏନ୍‌ସିୟୁରେ ରଖାଯାଇ ୧୭ଦିନ ଧରି ଚିକିତ୍ସା କରାଯାଉଥିଲା। ଗତ ୧୮ ତାରିଖରେ ଶିଶୁକନ୍ୟାର ମା'ବାପା ସେଠାରୁ ପିଲାଟିକୁ ଧରି କ୍ୟାପିଟାଲ ହସ୍ପିଟାଲକୁ ଆଣିଥିଲେ। ଏଠାରେ ୬ଜଣ ଡାକ୍ତରଙ୍କ ଦ୍ୱାରା ଚିକିତ୍ସା କରାଯାଇ ଲଗାତର ମା'ବାପାଙ୍କୁ ଶିଶୁର ସ୍ବାସ୍ଥ୍ୟାବସ୍ଥା ସମ୍ପର୍କରେ ଖବର ଦିଆଯାଉଥିଲା। ହେଲେ ଶନିବାର ସକାଳୁ ହଠାତ ଶିଶୁ କନ୍ୟାର ମା'ବାପାଙ୍କୁ ପାଇଲୁ ନାହିଁ। ତେଣୁ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବା ପରେ ପୋଲିସକୁ ସୂଚନା ଦିଆଯାଇଛି। ବର୍ତ୍ତମାନ ଶିଶୁଟି ୨୭ ଦିନର ହୋଇଥିବାବେଳେ ହସ୍ପିଟାଲର ଏସ୍‌ଏନ୍‌ସିୟୁରେ ରଖାଯାଇ ଚିକିତ୍ସା କରାଯାଉଥିବା ଡା. ପ୍ରଧାନ କହିଛନ୍ତି ।

### ୩୦ ହଜାର ...

ଅବ୍ୟବହୃତ ପ୍ରାୟ ୨ଶହ ସିମ୍‌କାର୍ଡ ସହ ବ୍ୟାଙ୍କ ବିବରଣୀ ବିଦେଶକୁ ପଠାଯାଇଥିଲା ଏବଂ ଏହାକୁ ବ୍ୟବହାର କରି ଠକେଇ କରାଯାଉଥିଲା। ପ୍ରାୟ ଏକ ବର୍ଷ ମଧ୍ୟରେ ଉକ୍ତ ଗ୍ୟାଙ୍ଗ ୧୫ କୋଟିରୁ ଊର୍ଦ୍ଧ୍ବ ଟଙ୍କା ଠକେଇ କରିଥିବା ଜଣାପଡିଛି। ଏହି କ୍ରମରେ ରାଉରକେଲାର ଜଣେ ବ୍ୟକ୍ତି ଏପରି ନକଲି ଆପ୍‌ରେ ୬୫ ଲକ୍ଷ ଟଙ୍କା ଠକେଇର ଶିକାର ହୋଇଥିବା ପୋଲିସରେ ମଧ୍ୟ ଅଭିଯୋଗ କରିଥିଲେ। ରାଉରକେଲା ଓ ସୁନ୍ଦରଗଡ଼ରୁ ଏଭଳି ଅନେକ ଅଭିଯୋଗ ତଦନ୍ତ ପରିସରଭୁକ୍ତ ରହିଛି । ଅଭିଯୁକ୍ତମାନେ ଇନ୍ଦିରା ସିକ୍ୟୁରିଟିଜ୍ ନାମରେ ଗୋଟିଏ ମୋବାଇଲ ଆପ୍ କରି ଛଦ୍ମ କାରବାର କରୁଥିବାରୁ କାହାରି ସନ୍ଦେହକୁ ଆସି ନ ଥିଲେ। ସେମାନେ କାମ୍ବୋଡ଼ିଆ ଓ ଆବୁଧାବିରେ ରହି ଭାରତୀୟ ଲୋକଙ୍କୁ ଆକୃଷ୍ଟ କରିବା ସହ ବେଆଇନ ଭାବେ ଫଣ୍ଡ ଟ୍ରାନ୍ସଫର, ୟୁଏସ୍‌ଡିଟି-କ୍ରିପ୍ଟୋ କରେନ୍ସି ଏକ୍ସଚେଞ୍ଜ, ପେପଲ୍ ସହିତ ଟେଲେଗ୍ରାମ୍ ଓ ହ୍ବାଟ୍ସ୍ ଆପ୍ ଗ୍ରୁପ୍ ମାଧ୍ୟମରେ ଏହି କାରବାର କରିଛନ୍ତି। ଅଭିଯୁକ୍ତମାନଙ୍କ ମଧ୍ୟରୁ ମହମ୍ମଦ ନସିମୁଦ୍ଦିନ ମହାଦେବ ବେଟିଂ ଆପ୍ ସହିତ ଜଡିତ ଏବଂ ଉଜ୍ଜ୍ୱଳ ମହାଦେବ ବେଟିଂ ଆପ୍ ତିଆରିରେ ସମ୍ପୃକ୍ତ ଏବଂ ସେ ଦୁବାଇ, କାମ୍ବୋଡିଆ ଓ ଶ୍ରୀଲଙ୍କା ଯାଇଛନ୍ତି। ଏହି ଘଟଣାର ଅଧିକ ଅନୁସନ୍ଧାନ ଜାରି ରହିଛି ବୋଲି ଡିଆଇଜି ପ୍ରକାଶ କରିଛନ୍ତି। ପାନପୋଷ ଏସ୍‌ଡିପିଓ ଉପାସନା ପାଢ଼ୀ ଓ ରାଉରକେଲା ସାଇବର ଥାନାଧିକାରୀ ନିରଞ୍ଜନ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

### ଲେବର ରୁମ୍‌ରେ ପୁଅ ...

ଶୋଇଛନ୍ତି ଭାବି ସେମାନେ ସୁରକ୍ଷାକର୍ମୀଙ୍କୁ ଡାକିଥିଲେ। ସୁରକ୍ଷାକର୍ମୀ ଆସି ଅରକ୍ଷିତଙ୍କ ଗୋଡ ହଲାଇଥିଲେ। ଏହାପରେ ତାଙ୍କ ସମ୍ପର୍କୀୟ ପହଞ୍ଚି କାଳେ ବଞ୍ଚିଥିବା ଭାବି ମୁହଁରେ ପାଣି ଛିଞ୍ଚିଥିଲେ। ତେଣୁ ଅରକ୍ଷିତଙ୍କ ପ୍ୟାଣ୍ଟ, ଶାର୍ଟ ଆଦି ଓଦା ହୋଇଯାଇଥିଲା। ତେବେ ନର୍ସିଂହୋମରେ ତାଙ୍କ ମୃତ୍ୟୁ ହୋଇଥିବା ସିସିଟିଭିରୁ ବାରି ହୋଇପଡୁଛି। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ଅଧିକ ତଥ୍ୟ ମିଳିବ ବୋଲି ଆଇଆଇସି ଦାସ କହିଛନ୍ତି। ସୂଚନାଯୋଗ୍ୟ, ଅରକ୍ଷିତ ଏକ ଜଳଖିଆ ଦୋକାନରେ କାମକରି ବହୁ କଷ୍ଟରେ ପରିବାର ଭରଣପୋଷଣ କରନ୍ତି। ଏଥିସହ ୪ ଭଉଣୀଙ୍କୁ ବିଭିନ୍ନ ସମୟରେ ସହଯୋଗ କରନ୍ତି। ତାଙ୍କ ମୃତ୍ୟୁ ପରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

### ଇତିହାସ ରଚିଲେ ...

ରହିଥିବା ବେଳେ ବୋପାନ୍ନା-ଏବଡେନଙ୍କ ସାମାନ୍ୟ ତ୍ରୁଟିର ଫାଇଦା ଉଠାଇଥିଲେ ଇଟାଲୀ ଯୋଡି। ମ୍ୟାଚ୍ ଟାଇବ୍ରେକରକୁ ଯାଇଥିବା ବେଳେ ବୋପାନ୍ନାଙ୍କ ମ୍ୟାଜିକ୍ ଦେଖିବାକୁ ମିଳିଥିଲା। ଦ୍ୱିତୀୟ ସେଟ୍‌ରେ ମ୍ୟାଚ୍ ୫-୫ ରହିଥିବା ବେଳେ ଆଉ ଏକ ଟାଇବ୍ରେକର ଆଶା କରାଯାଉଥିଲା। ତେବେ ବୋପାନ୍ନା-ଏବଡେନ ଯୋଡି ପ୍ରତିପକ୍ଷଙ୍କ ସର୍ଭିସ୍ ବ୍ରେକ୍ କରିବା ସହ ଟାଇଟଲ ଜିତି ନେଇଥିଲେ। ଓପନ ଏରାରେ ବୋପାନ୍ନା ବିଶ୍ୱର ବୟସ୍କ ପୁରୁଷ ଖେଳାଳି ଭାବେ ୪୩ ବର୍ଷରେ ଏକ ଗ୍ରାଣ୍ଡସ୍ଲାମ ବିଜୟୀ ହୋଇଛନ୍ତି। ସେ ନେଦରଲାଣ୍ଡସର ଜିନ୍ ଜୁଲିଏନ୍ ରୋଜରଙ୍କ ରେକର୍ଡ ଭାଙ୍ଗିଛନ୍ତି। ଜିନ୍ ୪୦ ବର୍ଷ ୯ ମାସରେ ଏଲ. ସାଲଭେଡରର ମାର୍ସେଲେ ଆରେଭାଲୋଙ୍କୁ ସାଥୀ କରି ୨୦୨୨ ଫ୍ରେଞ୍ଚ ଓପନ ଜିତିଥିଲେ। ସେହିପରି ବୟସ୍କ ଭାରତୀୟ ଖେଳାଳି ଭାବରେ ବୋପାନ୍ନା ରେକର୍ଡ ନିଜ ନାମରେ କରିଛନ୍ତି। ଲିଆଣ୍ଡର ପେସ୍ ୪୦ ବର୍ଷ ବୟସରେ ରାଡେକ୍ ଷ୍ଟିପାନେକଙ୍କୁ ସାଥୀ କରି ୨୦୧୩ ମସିହାରେ ୟୁଏସ୍ ଓପନ ବିଜୟୀ ହୋଇଥିଲେ। ତେବେ ଓଭର ଅଲ୍ ଓପନ ଏରା ତଥା ପୁରୁଷ ଓ ମହିଳା ଖେଳାଳିଙ୍କ ମଧ୍ୟରେ ମାର୍ଟିନା ନାଭ୍ରାତିଲୋଭା ୪୯ ବର୍ଷ ୧୦ ମାସ ବୟସରେ ଗ୍ରାଣ୍ଡସ୍ଲାମ ଜିତିବାର ରେକର୍ଡ ନିଜ ନାମରେ ରଖିଛନ୍ତି। ୨୦୦୬ରେ ଆମେରିକାର ବବ୍ ବ୍ରାୟାନଙ୍କୁ ସାଥୀ କରି ସେ ଟାଇଟଲ ଜିତିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଅନୁକୂଳ ଗ୍ରହସ୍ଥିତି ହେତୁ ପରିବହନ, ଆନୁଷ୍ଠାନିକ କାମ, ଯାନ୍ତ୍ରିକ ଜିନିଷ ମରାମତି କ୍ଷେତ୍ରରେ ସୁଫଳ ପାଇବେ। ସହକର୍ମୀଙ୍କ ସହ ସତର୍କତାର ସହ କିଛି କହିବା କିମ୍ବା କରିବା ଭଲ ହେବ। ନିଜ ବ୍ୟବହାର୍ଯ୍ୟ ଜିନିଷ ପରକୁ ଦେଇ ଖୋଜିଲା ସମୟରେ ନପାଇ ଅପଦସ୍ଥ ହେବେ। କେତେକ କ୍ଷେତ୍ରରେ ନୀରବ ରହିବାକୁ ବାଧ୍ୟ ହେବେ।

**ବୃଷ** – ସମ୍ପର୍କୀୟଙ୍କ ସାହାଯ୍ୟ ଲାଭ କରି କାମ ହାସଲ କରିବେ। କୌଣସି ନୂଆ କାମର ପ୍ରସ୍ତାବକୁ ଅନ୍ୟମାନେ ଦୃଢ଼ ସମର୍ଥନ ଜଣାଇବେ। ଆବଶ୍ୟକ ଜିନିଷ କିଣିବା ସକାଶେ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ଭ୍ରମଣ ରାଜନୀତି, ପ୍ରଶାସନ, ପ୍ରକାଶନ, ସାହିତ୍ୟ ଓ ସାମ୍ବାଦିକତା ରାଜନୀତି ଓ ସଙ୍ଗଠନ ପାଇଁ ଭଲ।

**ମିଥୁନ** – ବନ୍ଧୁଙ୍କ ଫେରିବା ବାଟକୁ ଚାହିଁ ଚାହିଁ ଆଖିରୁ ପାଣି ମରିଯିବ ପଛକେ ଦେଖା ପାଇ ନ ପାରନ୍ତି। ଚେଷ୍ଟା କରୁଥିବା କାମରେ ସଫଳତା ପାଇବେ, କିନ୍ତୁ ଏଥିପାଇଁ ଆପଣଙ୍କୁ ଲଢ଼େଇ ଜାରି ରଖିବାକୁ ପଡ଼ିବ। ଛୋଟ ଘରୋଇ କଥାକୁ ବଡ଼ ଆକାରରେ ଚିନ୍ତା କରିବେ। କର୍ମକ୍ଷେତ୍ରରେ ଛୋଟ ଛୋଟ କାମ ହାତକୁ ନେଲେ ଦ୍ବନ୍ଦ୍ବରେ ପଡ଼ିପାରନ୍ତି।

**କର୍କଟ** – କାଳକ୍ଷେପଣ ନୀତି କିମ୍ବା ଅଳସୁଆମି ହେତୁ କାମଗୁଡ଼ିକ ଧିମେଇ ଯିବ। ଅର୍ଥର ଅଭାବ ନ ଥିଲେ ମଧ୍ୟ ହାତ ଖୋଲା କରି ଖର୍ଚ୍ଚ କରିପାରିବେ ନାହିଁ। କଚେରି ମାମଲା କିମ୍ବା ବିବାଦୀୟ ଘଟଣା ଟିକିଏ ଜଟିଳ ଆଡ଼କୁ ଗତିକରିବ। ପାରିବାରିକ କ୍ଷେତ୍ର ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ।

**ସିଂହ** – କୌଣସି ନୂଆ କାମ ହାତକୁ ନେବେ ଓ ତଦନୁଯାୟୀ କାମ ମଧ୍ୟ ଆରମ୍ଭ କରି ଦେଇପାରନ୍ତି। ଅଧିକାଂଶ ସମୟ ସହକର୍ମୀ, ବନ୍ଧୁ କିମ୍ବା ପଡ଼ୋଶୀଙ୍କ ସହ କାମ କରିବାର ସୁଯୋଗ ପାଇବେ। ସାମାଜିକ ସ୍ତରରେ ମନ ଭୁଲାଣିଆ କଥା କହି ଶତ୍ରୁଠାରୁ ମଧ୍ୟ କାମ ହାସଲ କରିନେବେ। ହଠାତ୍ ବହୁତଗୁଡ଼ିଏ ଟଙ୍କା ଖର୍ଚ୍ଚ କରି ଦୁଃଖିତ ହୋଇ ପାରନ୍ତି।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟାର ମୁକାବିଲା କରିବା ପରିସ୍ଥିତିକୁ ସାମ୍ନା କରିବାକୁ ପଡ଼ିବ। କେତେକ କାମ ଅଟକି ରହିଥିବା କାରଣରୁ ଟେନ୍‌ସନ୍ କିଛି ମାତ୍ରାରେ ଲାଗି ରହିବ। ଘରୋଇ କଳହକୁ ନେଇ ଅଶାନ୍ତିଜନିତ ମାନସିକ ବ୍ୟଥା ଅନୁଭବ କରିପାରନ୍ତି। ବ୍ୟବସାୟ ପାଇଁ ଦିନଟି ଭଲ ଏବଂ ଆଜିର ଯାତ୍ରାରେ ଆଶା ପୂରଣ ହେବ।

**ତୁଳା** – ପରିବର୍ତ୍ତିତ ପରିସ୍ଥିତିରେ ନିଜକୁ ଆଡ୍‌ଜଷ୍ଟ କରି ଚଳିବା ଅସୁବିଧାକୁ ଦୂରେଇବାରେ ସମର୍ଥ ହେବେ। ସମ୍ପର୍କୀୟମାନେ ପଛରେ କଟୂକ୍ତି ପ୍ରକାଶ କରିପାରନ୍ତି। ବ୍ୟବସାୟରେ ଲାଭ କମ୍ ମିଳିଲେ ମଧ୍ୟ ଆଗାମୀ କ୍ଷେତ୍ର ପ୍ରସ୍ତୁତ ହୋଇ ରହିବ। ପିଲାଙ୍କ ଆଚରଣରେ ପରିବର୍ତ୍ତନ ଆସିପାରେ ଏବଂ ତଜ୍ଜନିତ ମନ ଭଲ ରହିନପାରେ।

**ବିଛା** – କୌଣସି ଗୁରୁତ୍ୱପୂର୍ଣ୍ଣ କାମ ସକାଶେ ବନ୍ଧୁଙ୍କ ସହଯୋଗ ଆଶା କରିବେ। ପରୋକ୍ଷ ଶତ୍ରୁତା କରୁଥିବା ବ୍ୟକ୍ତିମାନଙ୍କ ପ୍ରତି ସତର୍କ ରହିବା ଭଲ ହେବ। ବ୍ୟବସାୟ, ପରିବହନ, ରାଜନୀତି, କଳା, ସାହିତ୍ୟ, ସାମ୍ବାଦିକତା ଓ ପ୍ରଶାସନ ତଥା ପ୍ରକାଶନ କ୍ଷେତ୍ରରୁ ଶୁଭଫଳ ମିଳିବ। ଆର୍ଥିକ ଅଭିବୃଦ୍ଧି କାରଣରୁ ମାନସିକ ସ୍ଥିତି ଭଲ ରହିବ।

**ଧନୁ** – ଦ୍ୱିତୀୟ ଭାବସ୍ଥ ଚନ୍ଦ୍ର ଆପଣଙ୍କୁ ସ୍ୱାଦିଷ୍ଟ ଭୋଜନ, ଟଙ୍କା ପଇସା, ବନ୍ଧୁଙ୍କ ପ୍ରଶଂସା ଏବଂ ପାରିବାରିକ ସହଯୋଗ ମିଳିବ। ପରିବାରରେ ମନ ଭୁଲାଣିଆ କଥା କହି ପରିସ୍ଥିତିକୁ ସମ୍ଭାଳି ନେବେ। ଆଗାମୀ ମଙ୍ଗଳୋତ୍ସବ କାର୍ଯ୍ୟ ସମ୍ପନ୍ନ କରିବା ପାଇଁ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। ଆଳସ୍ୟ ଯୋଗୁ ଅପମାନିତ ହୋଇପାରନ୍ତି।

**ମକର** – ପଦସ୍ଥ ବ୍ୟକ୍ତିଙ୍କ ଅନୁକମ୍ପା ଲାଭକରି କର୍ମକ୍ଷେତ୍ରରେ ଆଶାନୁରୂପ ସଫଳତା ହାସଲ କରିବେ। ସାମାଜିକ କ୍ଷେତ୍ରରେ ନିଜର ଅବହେଳାରୁ କେତେକ ସୁଯୋଗ ହାତଛଡ଼ା ହୋଇପାରେ। ଆତ୍ମୀୟଙ୍କ ସହ ମତପାର୍ଥକ୍ୟ ହେବା କାରଣରୁ ମାନସିକ ଶାନ୍ତି ବ୍ୟାହତ ହେବ। ବ୍ୟବସାୟ ଓ ବାଣିଜ୍ୟ ପାଇଁ ପ୍ରତିବନ୍ଧକର ସାମ୍ନା କରିବାକୁ ପଡ଼ିବ।

**କୁମ୍ଭ** – ସାଧାରଣ କଥାକୁ ବଡ଼ ଆକାରରେ ଚିନ୍ତା କରି ବ୍ୟସ୍ତ ହୋଇପାରନ୍ତି। ବ୍ୟବସାୟିକ ସ୍ଥିତି ମନ୍ଦ ହେବନି, କିନ୍ତୁ ଋଣ ପରିଶୋଧ ସକାଶେ ବ୍ୟସ୍ତତା ବୃଦ୍ଧି ପାଇବ। ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରି କର୍ମକ୍ଷେତ୍ରରେ ସ୍ୱାଧୀନ ଭାବରେ କାର୍ଯ୍ୟ କରିବେ। କଳା, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ର ତଥା ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ।

**ମୀନ** – ଶାରୀରିକ ସୁସ୍ଥତା ଏବଂ ଆର୍ଥିକ ଦୁରବସ୍ଥାର ପରିବର୍ତ୍ତନ ମାନସିକ ଶାନ୍ତି ଓ ଆନନ୍ଦର ପରିଚାୟକ ହେବ। ପାରିବାରିକ କ୍ଷେତ୍ରରେ ଯେତେ ମନ ଧରି କାମ କଲେ ମଧ୍ୟ ଅନ୍ୟଙ୍କୁ ସନ୍ତୁଷ୍ଟ କରିପାରିବେ ନାହିଁ। କର୍ମକ୍ଷେତ୍ରରେ ମିଥ୍ୟାଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତ ହେବେ। ଶାରୀରିକ ସୁସ୍ଥତା ବନ୍ଧୁଙ୍କ ପରାମର୍ଶ ଏବଂ ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ।

ଆଜି ଜାନୁଆରୀ ୨୮ ତାରିଖ, ମାଘ କୃଷ୍ଣ ତୃତୀୟା ରବିବାର (ବିଶ୍ୱ କୁଷ୍ଠ ଉନ୍ମୂଳନ ଦିବସ, ଲାଲା ଲଜ୍‌ପତ ରାୟ ଜୟନ୍ତୀ), ରାଶି ନକ୍ଷତ୍ର- ମଘା/ସିଂହ, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ, ଦିବା ଘ.୦୬।୨୬ ଗତେ ଘ.୧୦।୦୮ ମଧ୍ୟେ, ଘ. ୦୧।୨୨ ଗତେ ଘ.୦୧।୫୦ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୪।୦୯ ଗତେ ଘ.୦୫।୩୩ ମଧ୍ୟେ ରାହୁ କାଳ।





ଭୁବନେଶ୍ୱର ଗାନ୍ଧୀ ମାର୍ଗରେ ଶୁକ୍ରବାର ୭୫ ତମ ଗଣତନ୍ତ୍ର ଦିବସ ପାଳନ ଉତ୍ସବରେ ସମ୍ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରୁଛନ୍ତି ରାଜ୍ୟପାଳ ରଘୁବର ଦାସ ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

# ସୁନ୍ଦରଗଡ଼ ଏମ୍‌ପିଙ୍କ ଗାଡ଼ି ଧକ୍କାରେ ବାଇକ୍ ଆରୋହୀ ମୃତ

**କାମାକ୍ଷାନଗର,୨୭।୧(ସୁଧୀର କୁମାର ପରିଡା)**

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ରେକୁଲା ନିକଟରେ ଶନିବାର ମଧ୍ୟାହ୍ନରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମଙ୍କ ଗାଡି ଧକ୍କାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଡୁମୁସିଙ୍ଗା ଥାନା କମଗରାପାଟଣା ଗ୍ରାମର ସର୍ବେଶ୍ୱର ଚୌଧୁରୀ(୫୧)।

ଘଟଣାରୁ ଜଣାପଡ଼ିଛି, ଏମ୍‌ପି ଜୁଏଲ ଏକ କାର୍ (ଓଡି-୩୩ ଏଡି-୯୪୬୨) ଯୋଗେ ଭୁବନେଶ୍ୱରରୁ ରାଉରକେଲା ଅଭିମୁଖେ ଯାଉଥିବାବେଳେ ରେକୁଲା ନିକଟରେ କାମାକ୍ଷାନଗରରୁ ବାଇକ ଯୋଗେ ନିଜ ଗ୍ରାମକୁ ଆସୁଥିବା ସର୍ବେଶ୍ୱରଙ୍କ ବାଇକ ସହ ଏମ୍‌ପିଙ୍କ କାର୍ ମୁହାଁମୁହିଁ ଧକ୍କା ହୋଇଥିଲା। ସର୍ବେଶ୍ୱରଙ୍କୁ ଗୁରୁତର ଅବସ୍ଥାରେ ଜୁଏଲ ଉଦ୍ଧାର କରି ନିଜ ଏସକର୍ଟ ଗାଡ଼ି ସହାୟତାରେ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଭାଜପାର ବହୁ କର୍ମକର୍ତ୍ତା ଡାକ୍ତରଖାନାରେ ପହଞ୍ଚି ଏମ୍‌ପିଙ୍କ ଅବସ୍ଥା ପଚାରି ବୁଝିଥିଲେ। ସ୍ଥାନୀୟ ବିଧାୟକ ତଥା ଖଣିମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଡାକ୍ତରଖାନାରେ ପହଞ୍ଚି ମୃତକଙ୍କ ପରିବାର ଲୋକଙ୍କୁ ସମବେଦନା ଜଣାଇବା ସହ ୫ ହଜାର ଟଙ୍କା ପ୍ରଦାନ କରିଥିଲେ। ଏଥିସହିତ ରେଡ୍‌କ୍ରସ୍ ପାଣ୍ଠିରୁ ୨୫ ହଜାର ଟଙ୍କା ପ୍ରଦାନ ପାଇଁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉପଜିଲାପାଳ ନାରାୟଣ ଚନ୍ଦ୍ର ନାୟକ ଡାକ୍ତରଖାନାରେ ପହଞ୍ଚି ମୃତକଙ୍କ ପରିବାରକୁ ରେଡ୍‌କ୍ରସ୍ ପାଣ୍ଠିରୁ ୨୫ ହଜାର ଟଙ୍କା ପ୍ରଦାନ କରିଥିଲେ। ରାୟନୃସିଂହପୁର ସରପଞ୍ଚ ଶିଶିରକାନ୍ତ ବେହେରା ପହଞ୍ଚି ହରିଶ୍ଚନ୍ଦ୍ର ଯୋଜନାରୁ ୫ ହଜାର ଟଙ୍କା ପ୍ରଦାନ କରିଥିଲେ। ଏସ୍‌ଡିପିଓ ପ୍ରଭାତ କୁମାର ତ୍ରିପାଠୀ, ଥାନା ଅଧିକାରୀ ଶରତ ଚନ୍ଦ୍ର ମହାଳିକ ପ୍ରମୁଖ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡିକୁ ଜବତ କରି ତଦନ୍ତ ଚଳାଇଛନ୍ତି। ଏ ନେଇ କାମାକ୍ଷାନଗର ଥାନାରେ ନଂ. ୪୩/୨୪ରେ ଏକ ମାମଲା ରୁଜୁ ହୋଇଛି।

# ଜାତୀୟ ଚିଲିକା ବିହଙ୍ଗ ଉତ୍ସବ ଉଦ୍‌ଘାଟିତ

## ପର୍ଯ୍ୟଟନ କ୍ଷେତ୍ରରେ ନୂଆ ଦିଗନ୍ତ ଆଣିବ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୭।୧(ଅସମାପିକା ସାହୁ)**



ଚତୁର୍ଥ ଜାତୀୟ ଚିଲିକା ବିହଙ୍ଗ ଉତ୍ସବ ଆରମ୍ଭ ହୋଇଛି। ଶନିବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲରେ ଏହାକୁ ଉଦ୍‌ଘାଟନ କରିଛନ୍ତି। ଏସିଆର ସର୍ବବୃହତ୍ ଲୁଣା ହ୍ରଦ ଚିଲିକା ହେଉଛି ଲକ୍ଷାଧିକ ବିଦେଶାଗତ ପକ୍ଷୀଙ୍କ ବିଚରଣସ୍ଥଳ। ଏହି ମହୋତ୍ସବ ପକ୍ଷୀପ୍ରେମୀଙ୍କୁ ଅତି ନିକଟରୁ ଚିଲିକା ଓ ବିଦେଶାଗତ ପକ୍ଷୀଙ୍କ ସମ୍ପର୍କରେ ଜାଣିବାର ସୁଯୋଗ ଆଣିଦେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପର୍ଯ୍ୟଟନ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଏବଂ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ପର୍ଯ୍ୟଟନ କ୍ଷେତ୍ରରେ ଏହାଏକ ନୂଆ ଦିଗନ୍ତ ଆଣିଦେବ ବୋଲି ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି।

ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଯୋଗଦେଇ କହିଲେ, ରାଜ୍ୟରେ ଥିବା ଆର୍ଦ୍ରଭୂମିର ସୁରକ୍ଷା ଓ ପକ୍ଷୀ ସଂରକ୍ଷଣ ଦିଗରେ ସରକାର ବ୍ୟାପକ ପଦକ୍ଷେପ ଗ୍ରହଣ କରିଥିବାରୁ ଆଜି ଏହି ଉତ୍ସବ ତା'ର ଏକ ସଫଳତାର ନିଦର୍ଶନ ବହନ କରୁଛି। ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ଅଧ୍ୟକ୍ଷ ଡ. ଲେନିନ୍ ମହାନ୍ତି କହିଲେ, ଚିଲିକାର ମଙ୍ଗଳାଯୋଡ଼ି ହେଉଛି ଗୋଷ୍ଠୀଭିତ୍ତିକ ଜୈବବିବିଧତାର ସୁରକ୍ଷା ଓ ପକ୍ଷୀଙ୍କୁ ଦେଖିବାର ଏକ ଉତ୍କୃଷ୍ଟ ସ୍ଥାନ। ପର୍ଯ୍ୟଟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର କହିଲେ, ଚିଲିକା ବିହଙ୍ଗ ଉତ୍ସବ ପରିବେଶ ସଂରକ୍ଷଣ ଓ ପର୍ଯ୍ୟଟନ ମଧ୍ୟରେ ସମନ୍ୱୟ ରକ୍ଷା କରିବା ସହ ଏକ ଭିନ୍ନ ବାର୍ତ୍ତା ଦେଉଛି। ଚଳିତବର୍ଷ ଏହି ଅଭିଯାନରେ ଡଙ୍ଗାଚାଳକଙ୍କୁ ସାମିଲ କରାଯାଇ ଜୈବବିବିଧତାର ସୁରକ୍ଷା କ୍ଷେତ୍ରରେ ସେମାନଙ୍କ ଅଂଶଗ୍ରହଣକୁ ନିଶ୍ଚିତ କରାଯାଇଛି। ଏଥିସହ ସମାନ୍ତରାଳ ଭାବେ ନନ୍ଦନକାନନ, ଏକାମ୍ର କାନନ ଆଦି ଅଞ୍ଚଳରେ ବିହଙ୍ଗ ଉତ୍ସବ ମଧ୍ୟ ପାଳନ କରାଯାଉଥିବା ସେ ସୂଚନା ଦେଇଥିଲେ। ପର୍ଯ୍ୟଟନ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ନନ୍ଦନକାନନ ନିର୍ଦ୍ଦେଶକ ମନୋଜ ନାୟାର ଧନ୍ୟବାଦ ଅର୍ପଣ କରିଥିଲେ।

ଏହି ଅବସରରେ ଦି ଷ୍ଟେଟ୍ ଅଫ୍ ଇଣ୍ଡିଆଜ୍ ବାର୍ଡ ପୋଷ୍ଟର ଓ ଭିଡିଓ ଉନ୍ମୋଚିତ ହୋଇଥିଲା। ଏଥିରେ ଭାରତରେ ଦେଖାଯାଉଥିବା ବିଭିନ୍ନ ପକ୍ଷୀଙ୍କ ସମ୍ପର୍କରେ ଉଲ୍ଲେଖ ରହିଛି। ସେହିପରି ଏକ ଫଟୋ ପ୍ରଦର୍ଶନୀ ଆୟୋଜନ ହୋଇଥିଲା। ଫଟୋଗ୍ରାଫର ଶକ୍ତି ନନ୍ଦ, ଉମାକାନ୍ତ ବିଶ୍ୱାଳ, ଧୃତିମାନ୍ ମୁଖାର୍ଜୀ ଏବଂ ଅନ୍ୟ ପ୍ରଖ୍ୟାତ ଫଟୋଗ୍ରାଫରଙ୍କ କୃତିକୁ ସ୍ଥାନିତ କରାଯାଇଛି। ଚିଲିକାରେ ନୌବିହାର କରୁଥିବା ବିଦେଶାଗତ ପକ୍ଷୀଙ୍କ ବିଚରଣ ଓ ବିଭିନ୍ନ ସମୟର ମନ୍ତ୍ରମୁଗ୍ଧକର ଫଟୋଚିତ୍ର ଏଥିରେ ପ୍ରଦର୍ଶିତ ହେବା ସହ ଚିଲିକାର ଜୈବବିବିଧତାକୁ ଏଥିରେ ନିଖୁଣ ଭାବେ ସ୍ଥାନିତ କରାଯାଇଛି।

ଚିଲିକା ବିହଙ୍ଗ ଉତ୍ସବରେ ଦେଶର ବଛା ବଛା ୫୨ଜଣ ପକ୍ଷୀପ୍ରେମୀ ଭାଗ ନେଇଛନ୍ତି। ଭାରତୀୟ ବନ୍ୟଜନ୍ତୁ ପ୍ରତିଷ୍ଠାନର ବୈଜ୍ଞାନିକ ଡ. ସୁରେଶ କୁମାର, ପ୍ରସିଦ୍ଧ ଲେଖକ ତଥା ପକ୍ଷୀପ୍ରେମୀ ପଞ୍ଚମୀ ମନୁ ଉକିଲ୍ ପ୍ରମୁଖ ଯୋଗଦେଇ ଚିଲିକାର ଜୈବବିବିଧତା, ବୈଜ୍ଞାନିକ ଗବେଷଣା, ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ପକ୍ଷୀ ପର୍ଯ୍ୟଟନ ଅନୁଭୂତି ନିଆରା ବୋଲି ମତବ୍ୟକ୍ତ କରିଛନ୍ତି। ତିନିଦିନ ଧରି ଚାଲିବାକୁ ଥିବା ଏହି ଉତ୍ସବ ଅବସରରେ ବିଭିନ୍ନ କର୍ମଶାଳା ଏବଂ ପକ୍ଷୀ ବିଶେଷଜ୍ଞଙ୍କ ସହ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ଆସନ୍ତା ଦୁଇଦିନ ଧରି ଅଂଶଗ୍ରହଣକାରୀ ଓ ପ୍ରତିନିଧିମଣ୍ଡଳୀ ଚିଲିକା ମଙ୍ଗଳାଯୋଡ଼ି ଏବଂ ନଳବଣ ପକ୍ଷୀ-ପର୍ଯ୍ୟଟନରେ ଅଂଶଗ୍ରହଣ କରିବେ।

# ସ୍ତ୍ରୀ, ଝିଅାରୀଙ୍କୁ ଦଳିଦେଲା ହାତୀ

**ଦେବଗଡ଼,୨୭।୧(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ ବନାଞ୍ଚଳ ଲଇମୁରା ସେକ୍ସନ ଟିପିଡିରିସିଙ୍ଗା ଗ୍ରାମରେ ଶୁକ୍ରବାର ରାତିରେ ହାତୀ ଆକ୍ରମଣରେ ୨ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କ୍ଷେତ୍ର କିସାନଙ୍କ ସ୍ତ୍ରୀ ସୁରୁବାଲି(୩୭) ଓ ଝିଅାରି ଖଇରୀ କିସାନ(୨୮)। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବା ପାଇଁ ସ୍ଥାନୀୟ ଲୋକେ ଦାବି କରି ମୃତଦେହ ବ୍ୟବଚ୍ଛେଦ ପାଇଁ ଛାଡ଼ି ନ ଥିଲେ। ଦେବଗଡ ବନାଞ୍ଚଳ ଅଧିକାରୀ ଦିବ୍ୟଶଙ୍କର ବେହେରା ଓ ଲଇମୁରା ଥାନାଧିକାରୀ ପଙ୍କଜ ମାଝୀ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ପରେ ବ୍ୟବଚ୍ଛେଦ ପାଇଁ ମୃତଦେହ ଦ୍ୱୟ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଯାଇଥିଲା। ମୃତକ ଦ୍ୱୟଙ୍କ ପରିବାର ଲୋକଙ୍କୁ ସରକାରଙ୍କ ନିୟମ ଅନୁଯାୟୀ ପ୍ରାରମ୍ଭିକ ପର୍ଯ୍ୟାୟରେ ୬୦ ହଜାର ଟଙ୍କା ଓ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଅବଶିଷ୍ଟ ୫ଲକ୍ଷ ୪୦ ହଜାର ଟଙ୍କା ଲେଖାଏ ଅନୁକମ୍ପା ରାଶି ପ୍ରଦାନ କରାଯିବ ବୋଲି ଦେବଗଡ ବନଖଣ୍ଡ ଅଧିକାରୀ ମଗର ଧାନାଜୀ ରାଓସୋ ପ୍ରକାଶ କରିଛନ୍ତି।


**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**ଆବଶ୍ୟକ**
ଝାଡୁସଫା, ପୋଛାପୋଛି ପାଇଁ ପୁରୁଷ ଲୋକ ଆବଶ୍ୟକ । ବୟସ ୩୦ ମଧ୍ୟରେ ।
ଯୋଗାଯୋଗ:
9861550765

**REQUIREMENTS**
Required experienced Solar Installer / Solar Executive / Receptionist.
Phone: 7008384494, 8018208172
Email: srlco.rktrader@gmail.com

**WANTED DISTRIBUTOR/ FRANCHISEE FOR ALL OVER ODISHA**
Sumeet Mixi / SRM Mixi / Induction / Led TV / SRM RO / Chimney / Lipkon Wire / SRM Fan /Air cooler / Air conditioner / Miio Led Lights
SRM Home Appliances
Plot # 58, Bapuji Nagar, Lane 4, BBSR-9
Contact No. 7008485542.

**SECURITY JOB**
SECURITY GUARD: No. of Post - 25
Hight: 5.7" above, Age: 25 Yr. to 45 Yrs.
Qualification: 10th Pass, Experience person first priority.
Posting Place: Jharsuguda
GISS SECURITY SERVICE PVT. LTD.
1754, RI Office, Gopalpur, Cuttack - 753011, Odisha
Mobile No.: 8093004431 | 9937096570


# ଥାନା ଭିତରେ ଅଭିଯୁକ୍ତଙ୍କ ଆକ୍ରମଣ: ୨ କନଷ୍ଟେବଲ ଗୁରୁତର

**ବାଲେଶ୍ୱର, ୨୭।୧(ମାନସ ବିଶ୍ୱାଳ)**

ବାଲେଶ୍ୱର ଜିଲା ଚାନ୍ଦିପୁର ଥାନାରେ ପରିସରରେ ପୋଲିସ କର୍ମଚାରୀଙ୍କୁ ଆକ୍ରମଣ ହୋଇଛି। ଅଟକ ଥିବା ଜଣେ ଅଭିଯୁକ୍ତଙ୍କ ମାଡ଼ରେ ୨ କନଷ୍ଟେବଲ ଗୁରୁତର ହୋଇଛନ୍ତି। ଉଭୟଙ୍କୁ ଉଦ୍ଧାର କରାଯାଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଜଣଙ୍କ ଅବସ୍ଥା ଗୁରୁତର ହେବାରୁ କଟକ ସ୍ଥାନାନ୍ତର କରାଯାଇଛି।

ସୂଚନା ଅନୁଯାୟୀ ଚାନ୍ଦିପୁର ଥାନା ତିଗିଡ଼ିଆ ଅଞ୍ଚଳର ସନାତନ ସରେନଙ୍କୁ ୩୦୭ ଦଫାରେ ଅଟକ ରଖାଯାଇଥିଲା। ଥାନାରେ ଥିବାବେଳେ କୌଣସି କାରଣରୁ ଉତ୍କ୍ଷିପ୍ତ ହୋଇ ଏକ କୋଦାଳ ବେଣ୍ଟରେ କନଷ୍ଟେବଲ ସିଦ୍ଧେଶ୍ୱର ସାହୁ ଓ କନଷ୍ଟେବଲ ତଥା ଥାନା ଗାଡି ଡ୍ରାଇଭର ରାଜେଶ ବେହେରାଙ୍କୁ ଆକ୍ରମଣ କରିଥିଲେ। କୋଦାଳ ବେଣ୍ଟରେ ଗୋଡ଼େଇ ଗୋଡ଼େଇ ପ୍ରବଳ ମାଡ ମାରିଥିଲେ। ଗୁରୁତର ଅବସ୍ଥାରେ ଉଭୟ ତଳେ ପଡ଼ିଥିବାବେଳେ ଖବରପାଇ ଅନ୍ୟ କର୍ମଚାରୀ ଏବଂ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରିବା ସହ ସନାତନଙ୍କୁ କାବୁ କରିଥିଲେ। ସଙ୍ଗେ ସଙ୍ଗେ ଉଭୟ କନଷ୍ଟେବଲଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇ ଚିକିତ୍ସା କରାଯାଇଥିଲା। ସିଦ୍ଧେଶ୍ୱରଙ୍କ ଅବସ୍ଥା ଅତି ଗୁରୁତର ଥିବାରୁ କଟକ ସ୍ଥାନାନ୍ତର କରାଯାଇଛି। ଅନ୍ୟପଟେ ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ ଜିଲା ମୁଖ୍ୟଚିକିତ୍ସାଳୟରେ ପହଞ୍ଚି କନେଷ୍ଟବଳଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ।

# ନିର୍ମାଣ ଶ୍ରମିକଙ୍କୁ ୧.୧୩ କୋଟି ସହାୟତା

**ଭୁବନେଶ୍ୱର,୨୭।୧(ଅନିଲ ଦାସ)**

ଯୁଗ୍ମ ଶ୍ରମ ଆୟୁକ୍ତ କାର୍ଯ୍ୟାଳୟ, ଭୁବନେଶ୍ୱର ଦ୍ୱାରା ପରିଚାଳିତ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ଭୁବନେଶ୍ୱର ମହାନଗର ନିଗମ, ବାଲିଅନ୍ତା ଏବଂ ବାଲିପାଟଣା ବ୍ଲକ ଅଧୀନରେ ପଞ୍ଜୀକୃତ ନିର୍ମାଣ ଶ୍ରମିକଙ୍କ ପାଇଁ ଏକ ସହାୟତା ଶିବିର ଶନିବାର ଭୁବନେଶ୍ୱରସ୍ଥିତ ଗୀତଗୋବିନ୍ଦ ସଦନଠାରେ ଅନୁଷ୍ଠିତ ହୋଇଛି। ଏହି ଶିବିରରେ ମୃତ୍ୟୁକାଳୀନ ସହାୟତା ବାବଦରେ ୪୮ ଜଣଙ୍କୁ ୯୪ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିବା ବେଳେ ୨୯ ଜଣଙ୍କୁ ଅନ୍ତ୍ୟେଷ୍ଟିକ୍ରିୟା ସହାୟତା ୧.୪୫ ଲକ୍ଷ, ବିବାହକାଳୀନ ସହାୟତା ବାବଦରେ ୩୪ ଜଣଙ୍କୁ ୧୫ ଲକ୍ଷ ୨୫ ହଜାର, ଶିକ୍ଷା ସହାୟତା ପାଇଁ ୧୦ ଜଣଙ୍କୁ ୨ ଲକ୍ଷ ୧ ହଜାର, ପ୍ରସବକାଳୀନ ସହାୟତା ୬ ଜଣଙ୍କୁ ୬୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ସର୍ବମୋଟ ୧୨୭ ଜଣଙ୍କୁ ୧,୧୩,୩୧,୦୦୦ ଟଙ୍କାର ସହାୟତା ରାଶି ବଣ୍ଟନ କରାଯାଇଛି। ଏଥିସହିତ ୨୩୨ଜଣ ନୂତନ ପଞ୍ଜୀକୃତ ଶ୍ରମିକଙ୍କୁ କାର୍ଡ ପ୍ରଦାନ କରାଯାଇଛି।

ଏହି ଶିବିରରେ ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଛନ୍ତି ଯେ ଅନ୍ୟ ରାଜ୍ୟରୁ ଖବରଦାତାମାନେ ଓଡ଼ିଶାକୁ ଶିଶୁ ମୃତ୍ୟୁ ଓ ମାତୃ ମୃତ୍ୟୁର ଫଟୋ ନେବାକୁ ଆସୁଥିଲେ। ମାତ୍ର ବର୍ତ୍ତମାନ ଆମ ରାଜ୍ୟ ଖାଦ୍ୟ ଶସ୍ୟ ଉତ୍ପାଦନରେ ବିଶ୍ୱ ସ୍ତରରେ ୩ୟ ସ୍ଥାନରେ ରହିଛି। ଏହା ହେଉଛି ମୁଖ୍ୟମନ୍ତ୍ରୀଙ୍କ ସୁଶାସନ। ଏଥିପାଇଁ ତ ମୁଖ୍ୟମନ୍ତ୍ରୀ ସବୁବେଳେ ଗୋଟିଏ ପ୍ରଶ୍ନ କରନ୍ତି ଆପଣମାନେ ଖୁସି ତ। ଆମ ମୁଖିଆ ସବୁବେଳେ ଆପଣମାନଙ୍କ ମୁହଁରେ ଖୁସି ଦେଖିବାକୁ ଚେଷ୍ଟା କରନ୍ତି। ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ମହାନଗର ନିଗମ ମେୟର ସୁଲୋଚନା ଦାସ ଏବଂ ବାଲିଅନ୍ତା ଓ ବାଲିପାଟଣା ବ୍ଲକ ଅଧ୍ୟକ୍ଷ, ଜିଲା ପରିଷଦ ସଦସ୍ୟ ଉପସ୍ଥିତ ରହି ସହାୟତା ରାଶି ପ୍ରଦାନ କରିଥିଲେ। ଏତଦ୍‌ବ୍ୟତୀତ ଏହି ଶିବିରରେ ବିଭିନ୍ନ ୱାର୍ଡର କର୍ପୋରେଟର, ବିଭାଗର ଅନ୍ୟାନ୍ୟ ପଦାଧିକାରୀ, ଅଧିକାରୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଭାରପ୍ରାପ୍ତ ଜିଲା ଶ୍ରମ ଅଧିକାରୀ ପ୍ରଭାକର ବିଶ୍ୱାଳ ସଞ୍ଚାଳନ କରିଥିବା ବେଳେ ଶ୍ରମ ଅଧିକାରୀ ଦେବଶ୍ରୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।


**URGENTLY REQUIRED**

DARUBRAHMA ENERGY AND POWER PVT.LTD.
(FOR OUR METER INSTALLATION PROJECT AT BHUBANESWAR CIRCLE-1)

- **Divisional Coordinator**
Qualification : B.Tech/Diploma Electrical Engineering Having 0 to 3 years in power distribution companies)
- **Safety Supervisor**
Qualification : Diploma in Electrical Engineering plus post diploma in industrial Safety Having 0 to 2 years Exp. in power distribution companies )
- **KPOS/Data Entry Operator**
Qualification : Any Graduate with excellent Computer knowledge over- Excel (Pivot Table,VLOOKUP,HLOOKUP) word & Power point
- **Site Supervisor**
Qualification : Diploma Electrical Engineering Having 0 to 2 years Exp. in power distribution companies )
- **Line Man**
Qualification : ITI with ELBO Licence Holder Having 0 to 2 years Exp. in power distribution companies)
- **Helper**
Qualification : ITI Electrician Having 0 to 2 years Exp. in power distribution companies)
- **Store Keeper**
Qualification: Graduate with excellent knowledge of word, Excel at least having 1 to 3 years experience managing electrical stores.
- **Office Boy**
Qualification : 10th Pass

For The Areas of TPCODL(BCDD-1,BHUBANESWAR/BCDD-2,BHUBANESWAR/BED ,BHUBANESWAR/NED,NIMAPARA
Walk-in for interview along with CV, Qualification & Experience certificates, 2 photograph and Aadhaar card on, 29.01.2024 , 30.01.2024 ,31.01.2024 & 01.02.2024 at Duplex No 5,Brindaban Enclave ,VSS Nagar Market, Saheed Nagar,Bhubaneswar-751007
***Preference will be given to above local area candidates.***
Contact : 9348266588/7978731498/7008122008.Interested candidate can apply through email on . hr@darubrahmaenergy.co.in


# ପିକ୍‌ନିକ୍ ବସ୍ ସହ ଟ୍ରକ୍ ଧକ୍କା, ୩ ଛାତ୍ରୀ ମୃତ





**ନୟାଗଡ଼/ଦଶପଲ୍ଲା,୨୭।୧ (ଲୋକନାଥ ମିଶ୍ର/ ପ୍ରକାଶ କୁମାର ପାଣି)**

ବଲାଙ୍ଗୀର-ଖୋର୍ଦ୍ଧା ୫୭ନଂ. ଜାତୀୟ ରାଜପଥର ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ବାଣିଗୋଛା ଥାନା ଶାଳଭଙ୍ଗା ନିକଟରେ ଶୁକ୍ରବାର ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟି ୩ ଛାତ୍ରୀଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୪ ଛାତ୍ରୀଙ୍କ ସହ ଜଣେ ଅଭିଭାବକ ଓ ଜଣେ ଶିକ୍ଷକ ଗୁରୁତର ହୋଇଛନ୍ତି। ସେମାନଙ୍କୁ ନୟାଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ମୃତ ଛାତ୍ରୀମାନେ ହେଲେ ସ୍ଥାନୀୟ ଟାକେରାର ନବମ ଶ୍ରେଣୀ ଛାତ୍ରୀ ଅମିତା ସାହୁ ଓ ଟାଙ୍ଗିଆପଲ୍ଲିର ଦଶମ ଶ୍ରେଣୀ ଛାତ୍ରୀ ଚିନ୍ମୟୀ ପ୍ରିୟଦର୍ଶିନୀ ଓ କନ୍ଧମାଳ ଜିଲା ଖଜୁରୀପଡ଼ା ଅଞ୍ଚଳର ଦଶମ ଶ୍ରେଣୀର ଛାତ୍ରୀ ଲୋପାମୁଦ୍ରା ପ୍ରଧାନ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ସଂକ୍ରାନ୍ତରେ ଏକ ମାମଲା (ନଂ.୧୫/୨୦୧୪) ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

ସୂଚନା ଅନୁଯାୟୀ, ଦଶପଲ୍ଲା ସହର ବାରପୁରୁକିଆରେ ଥିବା ଦେବୀସ୍ ଟ୍ୟାଲେଣ୍ଟ ଟ୍ୟୁଟୋରିଆଲ୍ ଏକ ଆବାସିକ ବିଦ୍ୟାଳୟ। ଏହି ଘରୋଇ ଆବାସିକ ବିଦ୍ୟାଳୟରେ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ବହୁ ଛାତ୍ରୀଛାତ୍ର ହଷ୍ଟେଲରେ ରହି ପାଠ ପଢିଥାନ୍ତି। ଏହି ଅନୁଷ୍ଠାନର ୬୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ,ଶିକ୍ଷକ ଓଁମା'ନିର୍ମାଲ୍ୟ ନାମକ ବସ୍ (ନଂ.ଓଡି୦୫ଇ୮୪୦୯)ରେ ହରିଶଙ୍କର ବୁଲିବାକୁ ଯାଉଥିଲେ। ଶୁକ୍ରବାର ରାତି ପ୍ରାୟ ୧୦ଟାରେ ବସ୍ ଦଶପଲ୍ଲା ଛାଡିଥିଲା। ହେଲେ ମାତ୍ର ୧୫କି.ମି. ଦୂରରେ ସେମାନଙ୍କୁ ଯେମିତି ବିପଦ ଅପେକ୍ଷା କରି ରହିଥିଲା। ଶାଳଭଙ୍ଗା ନିକଟରେ ସାମ୍ନାପଟୁ ଆସୁଥିବା ଏକ ଆଇଚର୍ ଟ୍ରକ୍ (ନଂ.ଓଡ଼ି ୧୫ଆର୮୨୭୮) ଉକ୍ତ ବସ୍‌କୁ ଧକ୍କା ଦେବା ସହ ବସ୍‌ର ଡାହାଣ ପଟକୁ ଘୋଷାରି ନେଇଯାଇଥିଲା। ଫଳରେ ବସ୍‌ରେ ଥିବା ଦୁଇ ଛାତ୍ରୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଅନ୍ୟ ଜଣେ ଛାତ୍ରୀଙ୍କ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତ୍ୟୁ ହୋଇଥିଲା। ଆହତ ୧୨ ଜଣଙ୍କୁ ୪ ଆମ୍ବୁଲାନ୍ସରେ ଦଶପଲ୍ଲା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ପରେ ଆହତମାନଙ୍କୁ ନୟାଗଡ଼ ଜିଲା ଚିକିତ୍ସାଳୟକୁ ପଠାଯାଇଥିଲା। ଏହାପରେ ୬ ଗୁରୁତରଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣାଗ୍ରସ୍ତ ବସ୍ ଏବଂ ଟ୍ରକର ଡ୍ରାଇଭରଙ୍କୁ ଅଟକ ରଖି ପୋଲିସ ତଦନ୍ତ ଆରମ୍ଭ କରିଛି। ନୟାଗଡ଼ ଆରଟିଓ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ୨ ଗାଡ଼ିର ଡ୍ରାଇଭର୍ ନିଶା ସେବନ କରିଥିବା ପ୍ରତ୍ୟକ୍ଷଦର୍ଶୀଙ୍କଠାରୁ ସୂଚନା ମିଳିଛି। ଏନେଇ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ଛାତ୍ରୀ ଶୁଭସ୍ମିତା ସାହୁ କୁହନ୍ତି, ଆମେ ୭ ଜିଲାକୁ ୩ ଦିନ ପାଇଁ ବୁଲିବାକୁ ଶୁକ୍ରବାର ରାତି ୧୦ଟାରେ ବାହାରିଥିଲୁ। ଗାଡ଼ିରେ ଛାତ୍ରୀଛାତ୍ର,ଶିକ୍ଷକ ଓ କର୍ମଚାରୀ ମିଶି ୭୦ ଜଣ ଥିଲୁ। ବସ୍ ଚାଲିବାର କିଛି ସମୟ ପରେ ଆମକୁ ନିଦ ହୋଇଯାଇଥିଲା। ଶାଳଭଙ୍ଗାଠାରେ ଦୁର୍ଘଟଣା ପରେ ନିଦ ଭାଙ୍ଗି ଯାଇଥିଲା। ସେତେବେଳକୁ ମୋ ସହିତ ଅନ୍ୟମାନେ ଆହତ ହୋଇ ଚିତ୍କାର କରୁଥିଲେ ବୋଲି ସେ କହିଛନ୍ତି।

## ଉଭୟ ଗାଡ଼ି ଚଳାଉଥିଲେ ହେଲ୍‌ପର

ନୟାଗଡ଼ ଜିଲା ବାଣିଗୋଛା ଥାନା ଶାଳଭଙ୍ଗା ନିକଟରେ ଘଟିଥିବା ବସ୍-ଟ୍ରକ ଧକ୍କାରେ ୩ ଛାତ୍ରୀଙ୍କ ମୃତ୍ୟୁ ଘଟିଥିବା ବେଳେ ୬ଜଣ ଗୁରୁତର ହୋଇଛନ୍ତି। ଏହି ଦୁର୍ଘଟଣା ପଛରେ ସାଂଘାତିକ ତ୍ରୁଟି ରହିଥିବା ସୂଚନା ମିଳିଛି। ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ହେଲପର ଚଳାଉଥିଲେ। ଡ୍ରାଇଭର ଶୋଇଥିଲେ। ସେହିପରି ପିକ୍‌ନିକ୍ ବସର ଡ୍ରାଇଭର ଶୋଇପଡ଼ିଥିବା ବେଳେ ହେଲପର ନିଶା ଖାଇ ଗାଡ଼ି ଚଳାଉଥିଲେ ବୋଲି ରାଜ୍ୟ ପରିବହନ ବିଭାଗର ଯୁଗ୍ମ କମିଶନର ପ୍ରଦୀପ ମହାନ୍ତି ସୂଚନା ଦେଇଛନ୍ତି। ସେ କହିଛନ୍ତି, ପ୍ରାଥମିକ ତଦନ୍ତ ପରେ ଦୁର୍ଘଟଣାର କାରଣ ଉପରୁ ପରଦା ହଟୁଛି। ଏହିଘଟଣାର ତନାଘନା ଜାରି ରହିଛି। ତଦନ୍ତ ରିପୋର୍ଟ ମିଳିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।


Azadi Ka Amrit Mahotsav
ସେଣ୍ଟ୍ରଲ ବୈଙ୍କ ଑ଫ୍ ଇଣ୍ଡିଆ Central Bank of India
CENTRAL TO YOU SINCE 1911
ଚନ୍ଦରମୁଖୀ, ନରିମନ ପଏଣ୍ଟ , ମୁମ୍ବାଇ-୪୦୦୦୨୧, ଫୋନ୍: ୦୨୨-୬୬୩୮୭୬୮୦, ଫ୍ୟାକ୍ସ:୦୨୨-୨୨୦୪୪୩୩୬, ୱେବ୍‌ସାଇଟ୍ : www.centralbankofindia.co.in

**ସର୍ବସାଧାରଣ ନୋଟିସ୍**

**ସଫେଇ କର୍ମଚାରୀ ତଥା ସବ୍ ଷ୍ଟାଫ୍ ଏବଂ/କିମ୍ବା ସବ୍ ଷ୍ଟାଫ୍ ୨୦୨୪-୨୫ ନିଯୁକ୍ତି**

ସଫେଇ କର୍ମଚାରୀ ତଥା ସବ୍ ଷ୍ଟାଫ୍ ଏବଂ/କିମ୍ବା ସବ୍ ଷ୍ଟାଫ୍ ୨୦୨୪-୨୫ ନିଯୁକ୍ତି ନିମନ୍ତେ ତା.୨୧.୧୨.୨୦୨୩ରିଖ ଏବଂ ତା.୧୧.୦୧.୨୦୨୪ରିଖ ନିଯୁକ୍ତି ବିଜ୍ଞପ୍ତିର ପୂର୍ବର ଖବର କାଗଜ ପ୍ରକାଶନ ଅନୁଯାୟୀ ଏହି ସର୍ବସାଧାରଣ ନୋଟିସ୍ ମାଧ୍ୟମରେ ଅବଗତ କରାଇ ଦିଆଯାଉଛି କି, ମାନ୍ୟବର ବମ୍ବେ ହାଇକୋର୍ଟ ଖଣ୍ଡପିଠ, ଔରଙ୍ଗାବାଦ ରିଟ୍ ପିଟିସନ୍ ନଂ.: ୩୭୯/୨୦୨୪ ଆଦେଶ ଅନୁସାରେ ଉକ୍ତ ନିଯୁକ୍ତିର ପରବର୍ତ୍ତୀ ପ୍ରକ୍ରିୟାକୁ ବାତିଲ କରାଯାଇଛି। ପ୍ରାର୍ଥୀମାନଙ୍କ ଦ୍ୱାରା ପୈଠ କରାଯାଇଥିବା ଦରଖାସ୍ତ ଫି ସମୟାବଧି ମଧ୍ୟରେ ଫେରସ୍ତ କରାଯିବ।
ଏହା ସର୍ବସାଧାରଣଙ୍କ ସୂଚନା ନିମନ୍ତେ ଉଦ୍ଦିଷ୍ଟ।
ତାରିଖ: ୨୫.୦୧.୨୦୨୪ ମହାପ୍ରବନ୍ଧକ (ଏଚ୍‌ସିଏମ୍)






ଧରିତ୍ରୀ DHARITRI Oriya daily

**ଆବଶ୍ୟକ କରୁଛି**

**ସହସମ୍ପାଦକ**
- ପ୍ରାର୍ଥୀଙ୍କର ସହସମ୍ପାଦନା କ୍ଷେତ୍ରରେ ଅତିକମ୍‌ରେ ୩ ବର୍ଷର ଅଭିଜ୍ଞତା ଥିବ।
- ପ୍ରାର୍ଥୀ ସାମ୍ବାଦିକତାରେ ଡିଗ୍ରୀ ହାସଲ କରିଥିବେ।
- ଅନୁବାଦ କ୍ଷେତ୍ରରେ ଅଭିଜ୍ଞତା ଥିବା ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ।

**ଖବରଦାତା**
- ପ୍ରାର୍ଥୀଙ୍କର ସମ୍ପୃକ୍ତ କ୍ଷେତ୍ରରେ ଅତିକମ୍‌ରେ ୩ ବର୍ଷର ଅଭିଜ୍ଞତା ଥିବ।
- ପ୍ରାର୍ଥୀ ରାଜ୍ୟର ଯେକୌଣସି ଜିଲାରେ କାର୍ଯ୍ୟ କରିବା ପାଇଁ ଇଚ୍ଛୁକ ଥିବେ।

**ଲେଆଉଟ୍ ଡିଜାଇନର**
- ଛପା ଗଣମାଧ୍ୟମରେ ସର୍ବନିମ୍ନ ୩ ବର୍ଷର ଅଭିଜ୍ଞତା ରହିଥିବା ଆବଶ୍ୟକ ।
- InDesign, Photoshop, CorelDRAWରେ ଦକ୍ଷତା ରହିଥିବା ଜରୁରୀ ।

Apply immediately to : recruitment@dharitri.com

ଅଭିଜ୍ଞତା ଓ ଦକ୍ଷତା ଅନୁଯାୟୀ ଦରମା ଧାର୍ଯ୍ୟ ହେବ ।

# ଅବିଭାଜ୍ୟ ମାନବବାଦ



ଆକାର ପଟେଲ

ଭାରତୀୟ ଜନତା ପାର୍ଟି (ଭାଜପା) ତା' ସମ୍ବିଧାନର ତୃତୀୟ ପୃଷ୍ଠାରେ ପାର୍ଟି ବା ଦଳ ସଦସ୍ୟତା ପାଇଁ ସର୍ତ୍ତ ରଖିଛି। ୧୮ ବର୍ଷରୁ ଅଧିକ ବୟସର ଯେକୌଣସି ଭାରତୀୟ ନାଗରିକ ଭାଜପା ସମ୍ବିଧାନର ଧାରା ୨, ୩ ଏବଂ ୫ (II, III ଓ IV)କୁ ଗ୍ରହଣକରି ଏକ ଲିଖିତ ଘୋଷଣା କରିବା ପରେ ଦଳର ସଦସ୍ୟ ହୁଅନ୍ତି। ଭାଜପା ସମ୍ବିଧାନର ଧାରା ୨ରେ ଉଲ୍ଲେଖ ରହିଛି , ପ୍ରତିଷ୍ଠିତ ଆଇନ ତଥା ସମାଜବାଦ, ଧର୍ମନିରପେକ୍ଷତା ଏବଂ ଗଣତନ୍ତ୍ରର ନୀତି ଅନୁଯାୟୀ ଦଳ ଭାରତର ସମ୍ବିଧାନ ପ୍ରତି ବିଶ୍ୱସ୍ତ ରହିବ। ଧାରା ୫ ରେ କୁହାଯାଇଛି, ଶୋଷଣମୁକ୍ତ ସମାଜ ପ୍ରତିଷ୍ଠା ପାଇଁ ସାମାଜିକ ଓ ଅର୍ଥନୈତିକ ପ୍ରସଙ୍ଗରେ ଗାନ୍ଧୀଙ୍କ ଦୃଷ୍ଟିକୋଣ ପ୍ରତି ଦଳ ପ୍ରତିବଦ୍ଧ। ପୁନଶ୍ଚ କହିଛି ଯେ, ଦଳ ଅର୍ଥନୈତିକ ଏବଂ ରାଜନୈତିକ ଶକ୍ତିର ବିକେନ୍ଦ୍ରୀକରଣ ସପକ୍ଷବାଦୀ। ପ୍ରକୃତରେ ଏବେ ପାର୍ଟିର ପରିଚାଳନା ଢାଞ୍ଚାରେ ଏଗୁଡ଼ିକ ମଧ୍ୟରୁ କେଉଁଠି ଅଛି ? ଏହାର ବାସ୍ତବତା କୌତୂହଳପ୍ରଦ,ଯାହା ଅନ୍ୟ ସମୟରେ ଆଲୋଚନା କରିବା। କିନ୍ତୁ ଧାରା ୩ ହେଉଛି ଆଜିର ସ୍ତମ୍ଭର ବିଷୟବସ୍ତୁ , ଯାହା ଗୋଟିଏ ଧାଡ଼ି -'ଅବିଭାଜ୍ୟ ବା ଏକାତ୍ମ ମାନବବାଦ ପାର୍ଟିର ମୌଳିକ ଦର୍ଶନ ହୋଇ ରହିବ' ଉପରେ ପର୍ଯ୍ୟବସିତ। ୧୯୬୫ ଏପ୍ରିଲ ୨୨ରୁ ୨୫ ମଧ୍ୟରେ ଦୀନ୍‌ଦୟାଲ ଉପାଧ୍ୟାୟ ମୁମ୍ବାଇରେ ୪ଟି ଅଭିଭାଷଣରେ ଅବିଭାଜ୍ୟ ମାନବବାଦ ଉପସ୍ଥାପନ କରିଥିଲେ ଓ ତାଙ୍କ ଯୁକ୍ତିର ଏକ ସାରାଂଶ ଏହିପରି। ଜାତୀୟ ପରିଚୟକୁ ଅବହେଳା କରିବା ଯୋଗୁ ଭାରତ ସମସ୍ୟାର ସମ୍ମୁଖୀନ ହେଉଛି। ଦେଶ ଜଣେ ବ୍ୟକ୍ତି ସଦୃଶ ଏବଂ ଯଦି ଏହାର ପ୍ରାକୃତିକ ପ୍ରବୃତ୍ତିକୁ ଅବମାନନା କରାଯାଏ କିମ୍ବା ଚାପିଦିଆଯାଏ ତେବେ ତାହା ରୁଗ୍‌ଣ ହୋଇଥାଏ । ସ୍ୱାଧୀନତାର ୧୭ ବର୍ଷ ପରେ ମଧ୍ୟ ଭାରତ ବିକାଶର ଦିଗ ସ୍ଥିର କରି ନ ଥିଲା। ସ୍ୱାଧୀନତା ସଂସ୍କୃତିକୁ ପ୍ରକାଶକଲେ ତାହା ଅର୍ଥପୂର୍ଣ୍ଣ ହୁଏ, କିନ୍ତୁ ଭାରତର ଧ୍ୟାନ ଅର୍ଥନୈତିକ, ସାମାଜିକ ଏବଂ ରାଜନୈତିକ ସମସ୍ୟା ଉପରେ ଥିଲା। କାରଣ ପାଶ୍ଚାତ୍ୟ ବିଜ୍ଞାନ ସହିତ ଅର୍ଥନୈତିକ, ସାମାଜିକ ତଥା ରାଜନୈତିକ ତତ୍ତ୍ୱ ଉପରେ ଏହାର ଏକ ପଶ୍ଚିମୀ ଦୃଷ୍ଟିଭଙ୍ଗୀ ଥିଲା। ଭାରତୀୟଙ୍କ ପ୍ରଗତି ସହିତ ପାଶ୍ଚାତ୍ୟକରଣ ସମାନାର୍ଥକ ଥିଲା। ତେବେ ପାଶ୍ଚାତ୍ୟ ଜାତୀୟତା, ଗଣତନ୍ତ୍ର ଏବଂ ସମାଜବାଦ ସହ ଖାପ ଖୁଆଇ ଚାଲିବାରେ ଅସମର୍ଥ ହେଲା। ଏସବୁ ପାଶ୍ଚାତ୍ୟ ବିଚାରଧାରା ମଧ୍ୟରେ ପାରସ୍ପରିକ ଦ୍ୱନ୍ଦ୍ୱ ଥିଲା। ଏହି ବିଚାରଧାରାଗୁଡ଼ିକ ବିଶ୍ୱସ୍ତରୀୟ ନ ଥିଲା କିମ୍ବା ନିର୍ଦ୍ଦିଷ୍ଟ ବ୍ୟକ୍ତି ଓ ସଂସ୍କୃତିର ନିୟନ୍ତ୍ରଣରୁ ମୁକ୍ତ ନ ଥିଲା । ଆୟୁର୍ବେଦ କହେ ଯେ ଆମକୁ ସ୍ଥାନୀୟ ରୋଗର ଉପଶମ ପାଇଁ ସ୍ଥାନୀୟ ଚିକିତ୍ସା ଉପାୟ ଖୋଜିବା ଆବଶ୍ୟକ। ତେବେ ଏହି ନ୍ୟାୟରେ ଭାରତୀୟ ସଂସ୍କୃତି ବିଶ୍ୱ ପାଇଁ ଏକ ସମାଧାନ ବାଟ ଦେଖାଇପାରିବ କି? ଭାରତୀୟ ସଂସ୍କୃତିରେ ଧର୍ମକୁ ଅଗ୍ରଣୀ ସ୍ଥାନ ଦିଆଯାଇଛି। ଧର୍ମ କାର୍ଯ୍ୟନିର୍ବାହୀ, ବ୍ୟବସ୍ଥାପକ ଏବଂ ନ୍ୟାୟପାଳିକା ଏବଂ ବ୍ୟକ୍ତିଙ୍କଠାରୁ ଉଚ୍ଚରେ। ଧର୍ମ ବିରୋଧରେ କାର୍ଯ୍ୟ କରିବା ପାଇଁ ଲୋକଙ୍କର କୌଣସି ଅଧିକାର ନାହିଁ। ସମ୍ବିଧାନରେ ବ୍ୟବହୃତ 'ଧର୍ମନିରପେକ୍ଷତା' ଶବ୍ଦ ଭୁଲ୍ ଏବଂ ଖରାପ, କାରଣ ଦେଶ ପାଇଁ ଧର୍ମ ଏକ ଆବଶ୍ୟକୀୟ ସର୍ତ୍ତ। ଯାହା ଧର୍ମ ଉପରେ ଆଧାରିତ ନୁହେଁ ତାହା ଗ୍ରହଣୀୟ ନୁହେଁ ଏବଂ ସେଥିପାଇଁ ଧର୍ମନିରପେକ୍ଷତା ସାଂଘାତିକ ତ୍ରୁଟିପୂର୍ଣ୍ଣ ଥିଲା। ଜାତୀୟ ଏକତା ହେଉଛି ଭାରତର ଧର୍ମ ଏବଂ ସେଥିପାଇଁ ବିବିଧତାରେ ସମସ୍ୟା ଥିଲା। ଏହି କାରଣରୁ ଭାରତର ସମ୍ବିଧାନକୁ ସଂଘୀୟରୁ ଏକକୀୟ ବ୍ୟବସ୍ଥାକୁ ପରିବର୍ତ୍ତନ କରାଯିବା ଆବଶ୍ୟକ, ଯେଉଁଥିରେ ବୈଧାନିକ କ୍ଷମତା ରାଜ୍ୟଗୁଡ଼ିକ ପାଇଁ ନୁହେଁ, କେବଳ କେନ୍ଦ୍ର ସକାଶେ ରହିବ।

ସମାଜରେ ବ୍ୟକ୍ତିବିଶେଷ ଏବଂ ଅନୁଷ୍ଠାନ ମଧ୍ୟରେ ଦ୍ୱନ୍ଦ୍ୱ ହିଁ ଅବକ୍ଷୟ ଏବଂ ବିକୃତିର ସଙ୍କେତ। ବ୍ୟକ୍ତି ଏବଂ ଦେଶ ମଧ୍ୟରେ ଥିବା ପ୍ରତିକୂଳ ସମ୍ପର୍କକୁ ପ୍ରଗତିର କାରଣ ଭାବରେ ଦେଖିବା ପାଶ୍ଚାତ୍ୟର ଭୁଲ୍ ଥିଲା । ବ୍ୟକ୍ତି ଶରୀର, ମନ, ବୁଦ୍ଧି ଏବଂ ପ୍ରାଣକୁ ନେଇ ଗଠିତ । ମଣିଷ ଏକ ଆତ୍ମା ସହିତ ଜନ୍ମହୁଏ । ବ୍ୟକ୍ତିତ୍ୱ, ପ୍ରାଣ ଏବଂ ଚରିତ୍ର ପରସ୍ପରଠାରୁ ଭିନ୍ନ। ବ୍ୟକ୍ତିଗତ ଇତିହାସ ଦ୍ୱାରା ବ୍ୟକ୍ତିର ଆତ୍ମା ପ୍ରଭାବିତ ନୁହେଁ। ସେହିଭଳି ଜାତୀୟ ସଂସ୍କୃତି କ୍ରମାଗତ ଭାବରେ ଇତିହାସ ଦ୍ୱାରା ପରିବର୍ତ୍ତିତ ହୁଏ। ସଂସ୍କୃତି ସବୁ ବିଷୟକୁ ଭଲ ଏବଂ ପ୍ରଶଂସନୀୟ ଭାବରେ ଅନ୍ତର୍ଭୁକ୍ତକରେ, କିନ୍ତୁ ସେଗୁଡ଼ିକ ଜାତୀୟ ଆତ୍ମା 'ଚିତି' ବା ଚେତନକୁ ପ୍ରଭାବିତ କରେନାହିଁ। ଭାରତର ଜାତୀୟ ଚେତନା ମୌଳିକ ଏବଂ କେନ୍ଦ୍ରୀକୃତ। ଚେତନ ସାଂସ୍କୃତିକ ଅଗ୍ରଗତିର ଦିଶା ନିର୍ଦ୍ଧାରଣକରେ, ସଂସ୍କୃତିରୁ କ'ଣ ସବୁ ଦୂରକରିବାକୁ ହେବ ତାହା ଏହା କରିଥାଏ। ସମାଜଗୁଡ଼ିକର ବି ପ୍ରାଣ ଅଛି। ଗୋଟିଏ ସମାଜର ଶରୀର(ତତ୍ତ୍ୱ), ମନ, ବୁଦ୍ଧି ଏବଂ ଆତ୍ମା ଅଛି । କେତେଜଣ ପାଶ୍ଚାତ୍ୟବାସୀ ଏହି ସତ୍ୟକୁ ଗ୍ରହଣ କରିବାକୁ ଆରମ୍ଭ କଲେଣି। ସେଥିମଧ୍ୟରୁ ୱିଲିୟମ ମ୍ୟାକ୍‌ଡୁଗାଲ କହନ୍ତି , ଗୋଟିଏ ସମାଜ ବା ଜାତିର ମନ ଏବଂ ମନୋବିଜ୍ଞାନ ଅଛି ; ଜଣେ ବ୍ୟକ୍ତି ଭଳି ଏହାର ନିଜସ୍ୱ ଚିନ୍ତାଧାରା ଏବଂ କାର୍ଯ୍ୟ ପ୍ରଣାଳୀ ରହିଛି । ସମାଜଗୁଡିକର ଏକ ଜନ୍ମଜାତ ସ୍ୱଭାବ ଅଛି, ଯାହା ଏହାର ଇତିହାସ ଉପରେ ଆଧାରିତ ନୁହେଁ । ଘଟଣାଗୁଡ଼ିକ ଏହାକୁ ପ୍ରଭାବିତ କରେନାହିଁ। ଏହି ସ୍ୱଭାବ ଦୀର୍ଘବର୍ଷ ଧରି ବିକଶିତ ହୋଇଛି। ଗୋଟିଏ ଦେଶର ଉଭୟ ଆଦର୍ଶ ଏବଂ ମାତୃଭୂମି ଆବଶ୍ୟକ ଏବଂ ଏହା ଥିଲେ ହିଁ ତାହା ଦେଶବାଚ୍ୟ ହୋଇଥାଏ। ଏଭଳି ରାଷ୍ଟ୍ରର ସୁରକ୍ଷା ପାଇଁ ବ୍ୟବସ୍ଥା ରହିଛି। ଏହା ଥିଲା ଉପାଧ୍ୟାୟଙ୍କ ଚାରୋଟି ବକ୍ତବ୍ୟର ବାର୍ତ୍ତା । ଏସବୁର ଅର୍ଥ କ'ଣ ତାହା ଜାଣିବା ସହଜ ନୁହେଁ । ଉଦାହରଣ ସ୍ୱରୂପ, ମନ ଏବଂ ବୁଦ୍ଧି ମଧ୍ୟରେ ପାର୍ଥକ୍ୟ କ'ଣ ? ପ୍ରାଣ କ'ଣ ? ଶରୀରରୁ ଏହି ତିନୋଟି କିପରି ଅଲଗା ? ପ୍ରକୃତରେ ଜାତୀୟ ପ୍ରାଣ, ଚେତନ ଏବଂ ଗୋଷ୍ଠୀ ମନ ବୈଜ୍ଞାନିକ ବିଷୟ ନୁହେଁ ଏବଂ ୱିଲିୟମ ମ୍ୟାକ୍‌ଡୁଗାଲଙ୍କ କାର୍ଯ୍ୟ ମଧ୍ୟ ବିଜ୍ଞାନସମ୍ମତ ନୁହେଁ। ଘୋଷଣାନାମାରେ କେତେଜଣ ଭାଜପା ସଦସ୍ୟ ସ୍ୱାକ୍ଷରକରି ଅବିଭାଜ୍ୟ ମାନବବାଦକୁ ସେମାନଙ୍କ ମୌଳିକ ସିଦ୍ଧାନ୍ତ ଭାବେ ଗ୍ରହଣ କରିବା କଥା ଯାହା କହିଛନ୍ତି ତାହା ଆଶ୍ଚର୍ଯ୍ୟର ବିଷୟ। ବାସ୍ତବରେ ସେମାନେ କ'ଣ ସ୍ୱୀକାର କରିଛନ୍ତି ତାହା ଏବେ ସହଜରେ ବୁଝିହେଉଛି।

Email:aakar.patel@gmail.com

# ସୁମାତା ଓ କୁମାତାଙ୍କ କଥା



ଚିତ୍ର ଚରିତ୍ର

ଅଧ୍ୟାପକ ନିରଞ୍ଜନ ପାଢ଼ୀ

ଜଣେ ସନ୍ଥ ଏକଦା କହିଥିଲେ, "ଈଶ୍ୱରଙ୍କ ସନ୍ଧାନରେ ମୋ ଜୀବନକାଳର ସମଗ୍ର ସାଧନା ବିନିଯୋଗ କରି ତଥାପି ଅପ୍ରାପ୍ତିର ହତାଶା ମଧ୍ୟରେ ବଞ୍ଚୁଥିବା ବେଳେ ଅଚାନକ ମୋ ଆଖି ପଡ଼ିଲା ମୋତେ ଜନ୍ମ ଦେଇଥିବା ମାଆଙ୍କ ଉପରେ। ଗଭୀର ଅନ୍ତର୍ଦୃଷ୍ଟି ନେଇ ତାକୁ ନିରେଖିଲା ପରେ ଆଉ କେବେ ଈଶ୍ୱରଙ୍କୁ ଖୋଜିବା ଆବଶ୍ୟକ ପଡ଼ିନାହିଁ।" ପ୍ରକୃତରେ ବାଘ ଦେଖି ନ ଥିବା ଲୋକକୁ ବିଲେଇ ଦେଖାଇ ବୁଝାଇବା ଭଳି ଈଶ୍ୱରଙ୍କୁ ଅନୁଭବୀ ପାରୁ ନ ଥିବା ଲୋକକୁ ମାଆର ମାତୃତ୍ୱ ଦେଖାଇ ଈଶ୍ୱରତ୍ୱକୁ ଚିହ୍ନାଇ ଦେବା ଅତି ସହଜ। କୌଣସି ପ୍ରାପ୍ତିର ଆଶା ନ ରଖି କେବଳ ଦେବାରେ ଯିଏ ଆନନ୍ଦ ପାଆନ୍ତି ଓ ସକଳ ଅବଜ୍ଞା ଅବହେଳାକୁ ମନରେ ନ ଘେନି ଯିଏ ସନ୍ତାନର ମଙ୍ଗଳ କାମନା କରନ୍ତି, ସିଏ ହୋଇପାରନ୍ତି ମାଆ ଅବା ଈଶ୍ୱର। ଅଦୃଷ୍ଟ ଈଶ୍ୱରଙ୍କ ପରି ପ୍ରେମ ଓ କରୁଣାର ଦୃଶ୍ୟମାନ ବିଗ୍ରହ ହେଉଛି ମାଆ। ମାଆ ଓ ଈଶ୍ୱର ମୁଦ୍ରାର ଦୁଇଟି ପାର୍ଶ୍ୱ ପରି। ରାବଣ ନିଧନ ପରେ ଲଙ୍କାରୁ ସୀତାଙ୍କୁ ଉଦ୍ଧାର କରି ଅଯୋଧ୍ୟା ରାଜ ସିଂହାସନରେ ପୁନରାଭିଷିକ୍ତ ହେଲା ପରେ ରାଜମାତା କୌଶଲ୍ୟାଙ୍କ ଏକ ବିଚିତ୍ର ପ୍ରଶ୍ନର ସାମ୍ନା କରି ବିଚଳିତ ହୋଇପଡ଼ିଥିଲେ ରାଜା ରାମ। ଅତ୍ୟନ୍ତ ନିଭୃତରେ କୌଶଲ୍ୟା ଦିନେ ତାଙ୍କୁ ପଚାରିବସିଲେ- "ତୁମେ କିଏ ରାମ? ତୁମ ପ୍ରକୃତ ପରିଚୟ କ'ଣ?" ନିଜ ମାଆଙ୍କଠୁଁ ଏମିତି ଏକ ପ୍ରଶ୍ନ ଯେକୌଣସି ପୁଅକୁ ନିର୍ବାକ୍ କରିଦେବା ପାଇଁ ଯଥେଷ୍ଟ। ମତିଭ୍ରମରେ ତ ଆଉ ଆକ୍ରାନ୍ତ ହୋଇନାହାନ୍ତି ମୋ ଜନ୍ମଦାତ୍ରୀ ଜନନୀ! ରାମ କିଛି କ୍ଷଣ ପରେ ଉତ୍ତରଦେଲେ- "ମାଆ! ମୁଁ ତୁମର ପୁଅ। ଦଶରଥ ସୁତ କୌଶଲ୍ୟାନନ୍ଦନ ରାମ। ବାସ୍, ତାହା ବାହାରେ ଯଦି ଅନ୍ୟ କିଛି ପରିଚୟ ଥାଏ, ତେବେ ତାହା ଅତି ଗୌଣ।"

କୌଶଲ୍ୟାଙ୍କୁ ସନ୍ତୁଷ୍ଟ କଲା ନାହିଁ ରାମଙ୍କର ଏହି ସରଳ କଥନ। ସେ କହିଲେ, "ମୋ ବ୍ୟତୀତ ଅବଶିଷ୍ଟ ସଂସାର ତୁମକୁ ବିଷ୍ଣୁଙ୍କ ଅବତାର ବୋଲି କହୁଛି। ମର୍ଯ୍ୟାଦା ପୁରୁଷୋତ୍ତମ ବୋଲି ଡାକୁଛି। ମୁଁ ଅଯୋଧ୍ୟା ଛାଡ଼ି କାଲି ବାନପ୍ରସ୍ଥରେ ବାହାରିବି। ଯିବା ପୂର୍ବରୁ ଏତିକି ଜାଣିବାକୁ ଚାହୁଁଛି ଯେ ମୋ ଗର୍ଭରୁ କିଏ ଜନ୍ମ ନେଇଛନ୍ତି! ଜଣେ ସାଧାରଣ ରାଜପୁତ୍ର ନା ସ୍ୱୟଂ ସୃଷ୍ଟିକର୍ତ୍ତା ଭଗବାନ! ତୁମେ ଯଦି ସ୍ୱୟଂ ଭଗବାନ, ତେବେ ଏକ ଦିବ୍ୟ ପୁଲକରେ ଶିହରିତ ହେବ ମୋ ମାତୃତ୍ୱ। ଧନ୍ୟ ହେବ ମୋର ମାଆପଣ, ଏଥିପାଇଁ ଯେ ସଂସାରରେ ଏତେ ମାଆ ଥାଉ ଥାଉ ଈଶ୍ୱର ମୋ ଗର୍ଭକୁ ବାଛି ମୋତେ କୃପା କରିଛନ୍ତି। ଯଦି ତାହା ବି ନୁହେଁ, ତୁମେ ଜଣେ ସାଧାରଣ ସନ୍ତାନ ; ତଥାପି ଗର୍ବ କରିବି ଏହି କାରଣରୁ ମୋ ପୁଅ ଏମିତି କୀର୍ତ୍ତିମାନ ସ୍ଥାପନ କରିଛନ୍ତି ଯେ ସାରା ସଂସାର ତାଙ୍କୁ ସାଧାରଣ ପୁରୁଷ ନ କହି କହୁଛି ମର୍ଯ୍ୟାଦା ପୁରୁଷୋତ୍ତମ। ଉଭୟ ଆଡୁ ମୋ ମାତୃତ୍ୱ ହେବ ଗୌରବମଣ୍ଡିତ।"

ବିଷମ ମୁହୂର୍ତ୍ତର ସମ୍ମୁଖୀନ ହେଲେ ମର୍ଯ୍ୟାଦାପୁରୁଷ। କ'ଣ ବା ଉତ୍ତର ଦେବେ ନିଜ ଜନନୀଙ୍କୁ! କେମିତି



ବା ଜଣେ ମାଆ ପଣତକାନିରେ ଦିବ୍ୟ ଅନନ୍ୟତାର ଗୌରବ ଟେକିଦେଇ ଅନ୍ୟ ମାଆଙ୍କ ପ୍ରତି ଅବିଚାର କରିବେ! ଶେଷରେ ଯାହା କହିଲେ, ତାହା ବୋଧହୁଏ ସଂସାରର ସବୁ ମାତାଙ୍କ ସପକ୍ଷରେ ଏକ ସର୍ବକାଳୀନ ସ୍ୱୀକୃତିର ସର୍ବଶ୍ରେଷ୍ଠ ସିଦ୍ଧାନ୍ତ। କହିଲେ- "ମାଆ! ମୁଁ ଭଗବାନ କି ନୁହେଁ, ଏକଥା ଜାଣେ ନାହିଁ। କିନ୍ତୁ ଏତିକି ଜାଣିଛି ଯେ ମାଆଙ୍କ ସଂସ୍କାର ଓ ଆଶୀର୍ବାଦ ମିଳିଲେ ପ୍ରତ୍ୟେକ ମଣିଷ ଭଗବାନ ହୋଇପାରିବେ।" ଆଃ, କି ଦିବ୍ୟ ସନ୍ଦେଶ ସାରା ସଂସାରର ସବୁ ମାଆମାନଙ୍କ ପାଇଁ! ଏଥିପାଇଁ ତ ସେ ଅନନ୍ୟ, ଅସାଧାରଣ, ମର୍ଯ୍ୟାଦା ପୁରୁଷୋତ୍ତମ! ଉତ୍ତର ରାମାୟଣରେ ବର୍ଣ୍ଣିତ ମାତାପୁତ୍ର ଆଳାପ ପ୍ରସଙ୍ଗରେ ଜୀବନ ଦର୍ଶନ ଓ ମାନବୀୟ ଉତ୍ତରଣର ଭିନ୍ନ ପରିଭାଷା ମଧ୍ୟରେ ଚିତ୍ରିତ ହୋଇଛି ସୁମାତାମାନଙ୍କ ଚରିତ୍ର। ଏମିତି ତ ସଂସାରର ସବୁ ମାଆ ସୁମାତା ପର୍ଯ୍ୟାୟର। କୌଣସି ମାଆ କେବେ ବି ତାଙ୍କ ସନ୍ତାନଙ୍କ ଅମଙ୍ଗଳ କାମନା କରିପାରନ୍ତି ନାହିଁ। ସନ୍ତାନ ଉପରେ ସେମାନେ ଅଜାଡ଼ି ପକାନ୍ତି ସଂସାରଯାକର ସୁଖ ଓ ସମୃଦ୍ଧି। ତେବେ ଧନପତିର ଐଶ୍ୱର୍ଯ୍ୟ ହେଉ କି କାଙ୍ଗାଳର ଅଭାବ, ମାଆଙ୍କ ମହନୀୟ ମାତୃତ୍ୱ ଆଗରେ ଫିକା ପଡ଼ିଯାଏ ଅସୁମାରି ଧନରତ୍ନର ଔଜ୍ଜ୍ୱଲ୍ୟ ତ ପୁଣି ଦୂରକୁ ଘୁଞ୍ଚିଯାଏ ଦାରିଦ୍ର୍ୟର ଅନ୍ଧାର। ଅଥଚ ବିଡ଼ମ୍ବନାର ବିଷୟ, ସଂସାରରେ ପୁଣି ଏମିତି କିଛି ମାଆ ଅଛନ୍ତି, ଯେଉଁମାନେ ସେମାନଙ୍କ ସନ୍ତାନଙ୍କ ପାଇଁ ସମ୍ପଦ ନୁହେଁ, ବିପଦ ହୋଇ ଉଭା ହୁଅନ୍ତି! କିଏ ଜଣେ ଶାସ୍ତ୍ରକାର କେବେ ଲେଖିଥିଲେ- "ସଂସାରରେ କୁପୁତ୍ର ଥାଇପାରନ୍ତି ସିନା, କୁମାତା କେବେ ଥାଇ ନ ପାରନ୍ତି।" କେଉଁ ସମୟରେ ଏହା ବିଶ୍ୱାସ କେଜାଣି, ଏବେ କିନ୍ତୁ ସେଇ ଶାସ୍ତ୍ରକାର ବଞ୍ଚିଥିଲେ ଏଇ ସମାଜରେ କୁମାତାମାନଙ୍କ କ୍ରମବର୍ଦ୍ଧିଷ୍ଣୁ ସଂଖ୍ୟା ଦେଖି ତାଙ୍କ ଅତୀତର ପର୍ଯ୍ୟବେକ୍ଷଣକୁ ବଦଳାଇବା ପାଇଁ ବାଧ୍ୟ ହୋଇଥାନ୍ତେ। ଅବଶ୍ୟ ନିଜ ବିବାହ ପୂର୍ବରୁ ପୁତ୍ର ସନ୍ତାନର ଜନନୀ ହେବାର ଲୋକଲଜ୍ଜାରୁ ମୁକ୍ତି ପାଇବାକୁ କର୍ଣ୍ଣଙ୍କୁ ନଦୀଗର୍ଭରେ ଭସାଇ ଦେଇଥିବା ସେକାଳର କୁନ୍ତୀଙ୍କୁ କୁମାତା ଶ୍ରେଣୀଭୁକ୍ତ କରାଯାଇଛି କି ନାହିଁ, ମାତ୍ର ଏବେ ଏଭଳି କୁମାରୀ ମାତାଙ୍କ ସଂଖ୍ୟା ଅଙ୍ଗୁଳିରେ ଗଣିବା ସମ୍ଭବ ନୁହେଁ। ଉଗ୍ର ଆଧୁନିକତାର ଆବାହନ ମଧ୍ୟରେ ଯୌବନର ଜୟଗାନ କରୁଥିବା ଯୁବାବର୍ଗଙ୍କ ନିକଟରେ ସୁମାତା ଓ କୁମାତାର ସଂଜ୍ଞା ନିରୂପଣ ଅତ୍ୟନ୍ତ ମୂଲ୍ୟହୀନ। ଚିନ୍ତାଜନକ ହେଉଛି, ସନ୍ତାନମାନେ ମାଆର ଜୀବନ ବୋଲି ଥିବା ଏକ ସଂସ୍କାରସିଦ୍ଧ ବିଶ୍ୱାସକୁ ପ୍ରତିହତ କରି ମାଆ ଜଣେ ନିଜ ସୁଖ ପାଇଁ କେଉଁଠି ସନ୍ତାନର ଜୀବନ ନେଉଛି ତ ଅନ୍ୟ କେଉଁଠି ସବୁଦିନ ପାଇଁ ସନ୍ତାନକୁ ପରିତ୍ୟାଗ କରୁଛି। ଅଳ୍ପ କେଇଦିନ ତଳେ ଗୋଟିଏ କମ୍ପାନୀର ଉଚ୍ଚ ପଦବୀରେ ଅଧିଷ୍ଠିତ ମାଆ ଜଣେ ନିଜ ସୁଖ ପଥରେ ତାଙ୍କ ଚାରିବର୍ଷର ପୁଅଟିକୁ କଣ୍ଟା ବିଚାରି ଅତ୍ୟନ୍ତ ନିର୍ମମ ଭାବେ ତାକୁ ହତ୍ୟା କରିଥିବାର ଖବର ପ୍ରକାଶ ପାଇଥିଲା। ପୁଣି ଏଇ ଆମ ରାଜ୍ୟର ପଶ୍ଚିମ ପ୍ରାନ୍ତରେ ମାଆଟିଏ ନିଜ ସଦ୍ୟଜାତ ଝିଅଟିକୁ ଅବାଞ୍ଛିତ ମନେ କରି ଏକ ପରିତ୍ୟକ୍ତ ବୋର୍‌ୱେଲର ଗଭୀର ଗର୍ତ୍ତ ଭିତରକୁ ନିକ୍ଷେପ କରିଥିଲା। ଅବଶ୍ୟ 'ରଖେ ହରି, ମାରେ କିଏ' ଭଳି ଆପ୍ତବାଣୀକୁ ସତ୍ୟସିଦ୍ଧ କରି ନିୟତି ତାକୁ ବଞ୍ଚାଇ ରଖିଥିଲା। ଅନ୍ୟ ଏକ ଘଟଣାକ୍ରମରେ ନିଜର ଦୁଇ ଯମଜ ସନ୍ତାନଙ୍କୁ ହତ୍ୟା କରି କୂଅ ମଧ୍ୟକୁ ନିକ୍ଷେପ କରିଥିଲା ଆଉ ଜଣେ ରାକ୍ଷସୀ ମାଆ।

ମାଆଟିଏ, ସିଏ ମଣିଷ ହେଉ କି ପଶୁ, ତା' ଗର୍ଭରୁ ଜନ୍ମ ନେଇଥିବା ସନ୍ତାନଟିଏ ଭିତରେ ସେ ଦେଖେ ନିଜକୁ, ଚିହ୍ନେ ନିଜ ଆତ୍ମାକୁ। ଅଥଚ ଭାବିଲେ ଆଶ୍ଚର୍ଯ୍ୟ ଲାଗେ, ନିଜ କାମବାସନା ଚରିତାର୍ଥ କରିବାକୁ ପରକୀୟାଲିପ୍ତ ମାଆ ଜଣେ ତା' ସ୍ୱାମୀର ଅବର୍ତ୍ତମାନରେ ନିଜ ପ୍ରେମିକ ସହ ମିଶି ହତ୍ୟା କରିପାରେ ନିଜ ଆତ୍ମଜାକୁ। ପୁଣି ଅନ୍ୟ କେଉଁଠି ଭାରତରେ ନିଜ ପତି ପରିବାର ସହ ଦୁଇ ପିଲାଙ୍କୁ ପରିତ୍ୟାଗ କରି ମାଆ ବୋଲାଉଥିବା ନାରୀ ଜଣେ ପାକିସ୍ତାନ ଚାଲିଯାଇପାରେ ଜଣେ ଅଦେଖା ପ୍ରେମିକର ସଙ୍ଗ ଲୋଡ଼ିବାକୁ! ଏମାନେ କ'ଣ ସେଇ ମାଆ, ଯାହାଙ୍କ ସଂସ୍କାର ଓ ଆଶୀର୍ବାଦ ମିଳିଲେ ସନ୍ତାନଟିଏ ମଣିଷରୁ ଈଶ୍ୱରରେ ରୂପାନ୍ତରିତ ହୋଇଯାଇପାରେ ବୋଲି ଏକଦା ପ୍ରଭୁ ଶ୍ରୀରାମ ତାଙ୍କ ମାତାଙ୍କୁ କହିଥିଲେ! ରାମ ଆଉ ଥରେ ଆବିର୍ଭୂତ ହୁଅନ୍ତେ ସିନା, ଜାଣନ୍ତେ ନବ୍ୟ ସଭ୍ୟତାର ଭବ୍ୟ ଆହ୍ୱାନ ମଧ୍ୟରେ ସେଭଳି ମାଆ ନାହାନ୍ତି କି ସେପରି ସଂସ୍କାର ବି ନାହିଁ! ଅବକ୍ଷୟ ମୁହଁରେ ପଡ଼ି ସବୁ କିଛି ଭାସି ଚାଲିଛି ତଳକୁ ତଳକୁ, ରସାତଳକୁ!

**ବିଦ୍ୟାପତିନଗର, ଚକେଇସିହାଣି, ଭୁବନେଶ୍ୱର**

**ମୋ: ୮୮୯୫୬୨୪୧୦୫**

# ତାରିଖ ପରେ ତାରିଖ ଯୁଗ ଶେଷ



ସର୍ବେଶ୍ୱର ବେହେରା

କେନ୍ଦ୍ର ସରକାର ଫୌଜଦାରି ଆଇନ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ କରିଛନ୍ତି । ୧୮୬୦ର ଭାରତୀୟ ପିଙ୍ଗଳ କୋଡ୍‌କୁ (ଆଇପିସି) ପରିବର୍ତ୍ତନ କରି ଭାରତୀୟ ନ୍ୟାୟ ସଂହିତା ୨୦୨୩ ପ୍ରଣୟନ କରିଛନ୍ତି । ସେହିପରି ୧୯୭୩ର ଦଣ୍ଡବିଧି ପ୍ରକ୍ରିୟା (ସିଆରପିସି) ସ୍ଥାନରେ ଭାରତୀୟ ନାଗରିକ ସୁରକ୍ଷା ସଂହିତା ୨୦୨୩ ଓ ୧୮୭୨ର ଭାରତୀୟ ସାକ୍ଷ୍ୟ ପ୍ରମାଣ ଆଇନ ସ୍ଥାନରେ ଭାରତୀୟ ସାକ୍ଷ୍ୟ ଅଧିନିୟମ ୨୦୨୩ ପ୍ରଣୟନ କରିଛନ୍ତି। କେନ୍ଦ୍ର ସରକାର ଏହି ପରିବର୍ତ୍ତନର ପ୍ରକ୍ରିୟା ୨୦୧୯ରୁ ଆରମ୍ଭ କରିଥିଲେ। ଗୃହ ମନ୍ତ୍ରଣାଳୟ ଏହି ସଂସ୍କାର ପାଇଁ ଦେଶର ସମସ୍ତ ନ୍ୟାୟବ୍ୟବସ୍ଥା ଓ ପ୍ରତିଷ୍ଠିତ ବ୍ୟକ୍ତିଙ୍କଠାରୁ ପ୍ରସ୍ତାବ ମାଗିଥିଲେ । ସମସ୍ତ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, କେନ୍ଦ୍ରଶାସିତ ଅଞ୍ଚଳର ଲ୍ୟୁଟ୍‌ନାଣ୍ଟ ଗଭର୍ନର, ସର୍ବୋଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି, ସମସ୍ତ ରାଜ୍ୟ ଉଚ୍ଚନ୍ୟାୟାଳୟ, ବାର କାଉନ୍‌ସିଲ ସଦସ୍ୟମାନଙ୍କଠାରୁ ମଧ୍ୟ ପ୍ରସ୍ତାବ ଯାଚନା କରାଯାଇଥିଲା । ୨୦୨୦ରେ ଏହି ସଂସ୍କାର ପାଇଁ ଏକ କମିଟି ଗଠନ କରାଯାଇଥିଲା। ନୂଆଦିଲ୍ଲୀ ସ୍ଥିତ ରାଷ୍ଟ୍ରୀୟ ଆଇନ ବିଶ୍ୱବିଦ୍ୟାଳୟର କୁଳପତି ଏହାର ଅଧ୍ୟକ୍ଷ ଥିଲେ। ସମସ୍ତ କ୍ଷେତ୍ରରୁ ୩୨୦୦ ପ୍ରସ୍ତାବ ପ୍ରେରଣ କରାଯାଇଥିଲା । କେନ୍ଦ୍ର ଗୃହମନ୍ତ୍ରୀ ଏଥିପାଇଁ ୧୫୦ରୁ ଉର୍ଦ୍ଧ୍ୱ ବୈଠକ ଆୟୋଜନ କରିଥିଲେ। ପରିଶେଷରେ ଏହା ସଂସଦରେ ଆଗତ ହୋଇଥିଲା । ସଂସଦର ଷ୍ଟାଣ୍ଡିଂ କମିଟି ମଧ୍ୟ ମତପ୍ରଦାନ କରିଥିଲେ । ସଂସଦର ଉଭୟ ଗୃହରେ ଏହା ସ୍ୱୀକୃତି ହୋଇସାରିଛି ।

ପୂର୍ବରୁ ଭାରତୀୟ ପିଙ୍ଗଳ କୋଡ୍ (ଆଇପିସି)ରେ ୫୧୧ଟି ଧାରା ଥିଲା । ସେ ସ୍ଥାନରେ ଏବେ ଭାରତୀୟ ନ୍ୟାୟ ସଂହିତାରେ ମାତ୍ର ୩୫୮ ଧାରା ସ୍ଥାନିତ କରାଯାଇଛି। ଏଥିରେ ୨୦ଟି ନୂତନ ଧାରା ଯୋଡ଼ାଯାଇଛି । ୩୩ଟି ଅପରାଧରେ ଦଣ୍ଡକୁ ବୃଦ୍ଧି କରାଯାଇଛି । ସେହିପରି ୮୩ଟି ଅପରାଧରେ ଅର୍ଥଦଣ୍ଡକୁ ବୃଦ୍ଧି କରାଯାଇଛି । ୨୩ଟି ଅପରାଧରେ ସର୍ବନିମ୍ନ ଅପରାଧ ସ୍ଥାନ ପାଇଛି । ନୂତନ ଭାବେ ୬ଟି ଧାରାରେ ସମାଜ ସେବା କରିବା ପାଇଁ ଦଣ୍ଡ ପ୍ରଦାନ କରାଯାଇଛି । ୧୯ଟି ଧାରାକୁ ଉଚ୍ଛେଦ କରାଯାଇଛି ।

ପୂର୍ବରୁ ସିଆରପିସିରେ ୪୮୪ଟି ଧାରା ଥିଲା । ତା' ସ୍ଥାନରେ ଭାରତୀୟ ନାଗରିକ ସୁରକ୍ଷା ସଂହିତାରେ ୫୩୧ଟି ଧାରା ସ୍ଥାନ ପାଇଛି । ସମୁଦାୟ ୧୭୭ଟି ଧାରା ପରିବର୍ତ୍ତନ କରାଯାଇଛି । ୯ଟି ନୂତନ ଧାରା ଓ ୩୯ଟି ଉପଧାରା ସ୍ଥାନ ପାଇଛି । ୪୪ଟି ଧାରାର ନୂତନ ସ୍ପଷ୍ଟୀକରଣ କରାଯାଇଛି । ୩୫ଟି ଧାରାରେ ସମୟ ନିର୍ଘଣ୍ଟ ପ୍ରଦାନ କରାଯାଇଛି । ୩୫ଟି ସ୍ଥାନରେ ଦୃଶ୍ୟଶ୍ରାବ (ଅଡିଓ-ଭିଡିଓ) ପଦ୍ଧତି ସ୍ଥାନ ପାଇଛି । ୧୪ଟି ଧାରାକୁ ଉଚ୍ଛେଦ କରାଯାଇଛି । ସେହିପରି ଭାରତୀୟ ସାକ୍ଷ୍ୟ ଅଧିନିୟମରେ ୧୭୦ଟି ଧାରା ସ୍ଥାନ ପାଇଛି। ପୂର୍ବରୁ ଏଥିରେ ୧୬୭ଟି ଧାରା ଥିଲା। ୨୪ଟି ଧାରା ଓ ୬ଟି ଉପଧାରାକୁ ନୂତନ ଭାବେ ଯୋଡ଼ାଯାଇଛି । ୬ଟି ଧାରାକୁ ଉଚ୍ଛେଦ କରାଯାଇଛି ।

ବିଶେଷକରି ଭାରତୀୟ ନାଗରିକ ସୁରକ୍ଷା ସଂହିତା ପ୍ରଣୟନ ଆଇନ କ୍ଷେତ୍ରରେ ଯୁଗାନ୍ତକାରୀ ପରିବର୍ତ୍ତନ କରାଯାଇଛି । କାରଣ ପୂର୍ବରୁ ଏଥିରେ ସମୟ ନିର୍ଘଣ୍ଟ ନ ଥିଲା । ଫଳରେ ତାରିଖ ପରେ ତାରିଖ ହୋଇ ବର୍ଷ ବର୍ଷ ଧରି ମୋକଦ୍ଦମା ଚାଲୁଥିଲା । ଏହି ନୂତନ ଆଇନରେ ୩୫ଟି ଧାରାରେ ସମୟ ନିର୍ଘଣ୍ଟ ଧାର୍ଯ୍ୟ କରାଯାଇଛି । ଗିରଫ, ତଦନ୍ତ, ଆରୋପ ପତ୍ର (ଚାର୍ଜସିଟ) ମାମଲା



ଶୁଣାଣି, ସରକାରୀ ଓକିଲ ନିଯୁକ୍ତ, ଜାମିନ, ରାୟ ପ୍ରଦାନ, କ୍ଷମା ଯାଚନା ଆଦି ୩୫ଟି କ୍ଷେତ୍ରରେ ସମୟ ନିର୍ଘଣ୍ଟ ଉଲ୍ଲେଖ କରାଯାଇଛି । ଉପଯୁକ୍ତ ସମୟ ମଧ୍ୟରେ ନ୍ୟାୟାଧୀଶମାନେ ନ୍ୟାୟ ପ୍ରଦାନ କରିବେ । ଥାନାରେ ଏତଲା ତିନିଦିନ ମଧ୍ୟରେ ପଞ୍ଜୀକୃତ ହୋଇ ଆବେଦନକାରୀଙ୍କୁ ତା'ର ନକଲ ପ୍ରଦାନ କରାଯିବ। ସେହିପରି ଡାକ୍ତରମାନେ ସାତ ଦିନ ମଧ୍ୟରେ ମାଇନା ରିପୋର୍ଟ ପ୍ରଦାନ କରିବେ । ତଦନ୍ତର ରିପୋର୍ଟ ଆବେଦନକାରୀ ଓ ହିଂସାରେ ଶିକାର ହୋଇଥିବା ବ୍ୟକ୍ତି (ଭିକ୍ଟିମ)ଙ୍କୁ ୯୦ଦିନ ମଧ୍ୟରେ ପ୍ରଦାନ କରାଯିବ । ଷାଠିଏ ଦିନ ମଧ୍ୟରେ ତଦନ୍ତ ରିପୋର୍ଟ ପ୍ରଦାନ କରାଯାଇ ବିଚାରପତିମାନେ ଦୋଷାରୋପ ସିଦ୍ଧ (ଚାର୍ଜଫ୍ରେମ) କରିବେ । କୌଣସି ମୁଦାଲା ଗିରଫ ହୋଇ ନ ଥିଲେ ମଧ୍ୟ ତା' ବିରୋଧରେ ଶୁଣାଣି କରାଯାଇ ଦଣ୍ଡିତ କରାଯିବ। ୯୦ଦିନ ମଧ୍ୟରେ ଶୁଣାଣି (ଟ୍ରାଏଲ) ଶେଷ ହେବ। ତାହାପରେ ନ୍ୟାୟାଧୀଶମାନେ ୪୫ଦିନ ମଧ୍ୟରେ ରାୟ ପ୍ରଦାନ କରିବେ ।

ଏହି ଆଇନରେ ମହିଳା ଓ ଶିଶୁ ଅପରାଧୀମାନଙ୍କୁ କଠୋର ଦଣ୍ଡ ବ୍ୟବସ୍ଥା କରାଯାଇଛି। ୧୮ ବର୍ଷରୁ କମ୍ ନାବାଳିକାଙ୍କୁ ବଳାତ୍କାର କଲେ ଅପରାଧୀଙ୍କୁ ଆଜୀବନ କିମ୍ବା ମୃତ୍ୟୁଦଣ୍ଡ ପ୍ରଦାନ କରାଯିବ । ଗଣବଳାତ୍କାର ମାମଲାରେ ୨୦ବର୍ଷ କିମ୍ବା ମୃତ୍ୟୁଦଣ୍ଡ ପ୍ରଦାନ କରାଯିବ ।ପ୍ରଥମକରି ଆଇନରେ ଆତଙ୍କବାଦକୁ ପରିଭାଷିତ କରାଯାଇଛି। ଭାରତୀୟ ନ୍ୟାୟ ସଂହିତାର ଧାରା ୧୧୩(କ) ଅନୁସାରେ ଯେ କେହି ଭାରତର ଏକତା, ଅଖଣ୍ଡତା, ସାର୍ବଭୌମତ୍ୱ, ସୁରକ୍ଷା କିମ୍ବା ଆର୍ଥିକ ସୁରକ୍ଷା କିମ୍ବା ଭାରତର ସାର୍ବଭୌମତ୍ୱ କିମ୍ବା ଆତଙ୍କବାଦ ସାର୍ବଜନୀନ ଭାବେ ଭାରତରେ କିମ୍ବା ଭାରତ ବାହାରେ ପ୍ରଚାର କରିବେ କିମ୍ବା ବୋମା ବିସ୍ଫୋରକ ଦ୍ରବ୍ୟ, ହାନିକାରକ ଗ୍ୟାସ, ପରମାଣୁ ସହିତ ହତ୍ୟା କରିବାର ଷଡ଼ଯନ୍ତ୍ର କରିବେ କିମ୍ବା ଅର୍ଥ ତସ୍କରି କରିବେ ତାହା ଆତଙ୍କବାଦ ପରିସରରେ ଆସିବ । ଏହି ଆତଙ୍କବାଦ ଧାରାରେ ମୃତ୍ୟୁ କିମ୍ବା ଆଜୀବନ କାରାବାସ ଦଣ୍ଡବିଧାନ ଧାର୍ଯ୍ୟ କରାଯାଇଛି । ଏହି ଧାରାରେ କାରାବରଣ (ପାରୋଲ) ମିଳିବ ନାହିଁ । ଏଥିରେ ଯଦି କେହି ସର୍ବସାଧାରଣ ସମ୍ପତ୍ତି ଧ୍ୱଂସ କରିବେ ସେ ମଧ୍ୟ ଏହି ଧାରା ଅନ୍ତର୍ଗତ ଦଣ୍ଡନୀୟ ହେବେ ।

ଏହି ଆଇନରେ ସାମୂହିକ ହିଂସା ବା ସାଙ୍ଗଠନିକ ହିଂସା ସମ୍ବନ୍ଧରେ ମଧ୍ୟ କଠୋର ଦଣ୍ଡବିଧାନ କରାଯାଇଛି। ଯଦି ସାମୂହିକ ହିଂସା (ମବ୍ ଲିଚିଂ) ଦ୍ୱାରା କାହାର ହତ୍ୟା ହେଉଛି ତେବେ ସେହି ମୁଦାଲାମାନଙ୍କୁ ହତ୍ୟା କିମ୍ବା ଆଜୀବନ କାରାବାସ ଦଣ୍ଡପ୍ରଦାନ କରାଯିବ । ଯଦି ଏହି ଅପରାଧ ପାଇଁ କେହି ପ୍ରୋତ୍ସାହିତ କରିଥିବେ, ସେ ମଧ୍ୟ ଦଣ୍ଡିତ ହେବେ ।ରାଜଦ୍ରୋହ ଧାରାକୁ ସମ୍ପୂର୍ଣ୍ଣ ଭାବେ ଉଚ୍ଛେଦ କରାଯାଇଛି । ପୂର୍ବରୁ ଭାରତୀୟ ପିଙ୍ଗଳ ଧାରା ୧୨୪(କ)ରେ ଯଦି କେହି ସରକାରଙ୍କ ବିରୋଧରେ ଷଡ଼ଯନ୍ତ୍ର କରିବ ସେ ଦଣ୍ଡିତ ହେବ ବୋଲି ଆଇନ ଥିଲା । କିନ୍ତୁ ଏବେ ଭାରତୀୟ ନ୍ୟାୟ ସଂହିତା ଧାରା ୧୫୨ ଅନ୍ତର୍ଗତ ଯେ କେହି ଭାରତର ଏକତା, ଅଖଣ୍ଡତା ଓ ସାର୍ବଭୌମତ୍ୱ ବିରୋଧରେ ଷଡ଼ଯନ୍ତ୍ର କରିବେ ସେ ଦଣ୍ଡିତ ହେବେ । ଯେ ବିଚ୍ଛିନ୍ନତାବାଦକୁ ପ୍ରୋତ୍ସାହିତ କରିବେ କିମ୍ବା ସାର୍ବଭୌମତ୍ୱ, ଏକତା, ଅଖଣ୍ଡତାକୁ ଧମକ ଦେବେ ସେ ମଧ୍ୟ ଦଣ୍ଡନୀୟ ହେବେ। ସର୍ବୋପରି ଏହି ପରିବର୍ତ୍ତିତ ନୂତନ ଆଇନରେ ଅନେକ ଯୁଗାନ୍ତକାରୀ ପଦକ୍ଷେପ ଗ୍ରହଣ କରାଯାଇଛି।

**ଆଡ୍‌ଭୋକେଟ, ଖଟବିନସାହି, କଟକ**

**ମୋ-୯୪୩୭୦୧୬୩୮୪**

## ଏଇ ଭାରତରେ

କଠିନ ବର୍ଜ୍ୟକୁ ରିସାଇକେଲିଂ ବା ପୁନଃ ବ୍ୟବହାରଯୋଗ୍ୟ କରିବା ସହ ତା' ବଦଳରେ ବର୍ଜ୍ୟ ଦେଉଥିବା ପରିବାରକୁ ଉପହାର ଦେଉଛନ୍ତି ଅଭିଷେକ ଅଗ୍ରୱାଲ। ଅଭିଷେକ ରୁହନ୍ତି ହାଇଦ୍ରାବାଦରେ। ସେ ୩,୫୦୦ ପରିବାରରୁ ବର୍ଜ୍ୟ ମାଗଣାରେ ନେବା ପରେ ସେମାନଙ୍କୁ ଆକର୍ଷଣୀୟ ଉପହାର ଦେଉଛନ୍ତି। ସେ ଗୁଡ଼ିବାଗ ନାମକ ବର୍ଜ୍ୟ ପରିଚାଳନା କମ୍ପାନୀ ଗଠନ କରି ତା' ମାଧ୍ୟମରେ ଏହି କାର୍ଯ୍ୟ ସଞ୍ଚାଳନ କରୁଛନ୍ତି। ରିୱାର୍ଡ ପଏଣ୍ଟ ଆକାରରେ ଏହି ଉପହାର ଦିଆଯାଉଛି, ଯାହାକୁ ଦେଖାଇ ସେମାନେ ଗୁଡ଼ିବାଗ ଷ୍ଟୋରରୁ ଗ୍ରୋସେରି ନେଇପାରୁଛନ୍ତି। କମ୍ପାନୀର କର୍ମଚାରୀମାନେ ଘରଘର ବୁଲି ବର୍ଜ୍ୟ ସଂଗ୍ରହ କରୁଛନ୍ତି । ଅଭିଷେକ ପ୍ରଥମେ ଲଜିଷ୍ଟିକ କମ୍ପାନୀ ଆରମ୍ଭ କରିଥିଲେ । କିନ୍ତୁ ପରିବେଶ ସମସ୍ୟାକୁ ଲକ୍ଷ୍ୟକରି ତାହା ବନ୍ଦକରି ଏବେ ବର୍ଜ୍ୟ ପରିଚାଳନାରେ ମନ ଦେଇଥିଲେ। ଗୁଡ଼ିବାଗ କମ୍ପାନୀ ଏବେ ୪୦ ପ୍ରକାର କଠିନ ବର୍ଜ୍ୟ ସଂଗ୍ରହ କରୁଛି। ଏହା ମଧ୍ୟରେ ପ୍ଲାଷ୍ଟିକ୍ ବର୍ଜ୍ୟ ପରିମାଣ ଅଧିକ। ଏଯାବତ ୮୯,୧୬୪ କେ.ଜି. ବର୍ଜ୍ୟ ରିସାଇକେଲ କରାଯାଇସାରିଲାଣି ।

## ୫୦ ବର୍ଷ ତଳର ଧରିତ୍ରୀ

୨୮ ଜାନୁଆରୀ ୧୯୭୫

- ବାଂଲାଦେଶର ବୁଢୀଗଙ୍ଗ ନଦୀରେ ଏକ ଶୋଚନୀୟ ଲଞ୍ଚ ଦୁର୍ଘଟଣା ଘଟିବା ଫଳରେ ଅନ୍ୟୁନ ୨୦୦ ବ୍ୟକ୍ତିଙ୍କ ପ୍ରାଣହାନି ।
- 'ଆଫ୍ରିକାର ଗାନ୍ଧୀ' ଭାବରେ ସୁପରିଚିତ ଜାମ୍ବିଆର ରାଷ୍ଟ୍ରପତି ଡକ୍ଟର କେନ୍ନେଥ କାଉଣ୍ଡାଙ୍କୁ ଆନ୍ତର୍ଜାତୀକ ବୁଝାମଣା ନିମନ୍ତେ ଜବାହରଲାଲ ନେହେରୁ ପୁରସ୍କାର ପ୍ରଦାନ।
- ଇମ୍ଫାଲଠାରୁ ୩୬ କିଲୋମିଟର ଦୂର ଲୋକତାଲ ଜଳ ବିଦ୍ୟୁତ୍ ଯୋଜନା ପାଇଁ ନିର୍ମିତ ହୋଇଥିବା ଏକ ସୁଡଙ୍ଗ ହଠାତ୍ ଭୁଷୁଡି ପଡିବା ଫଳରେ ୧୩ ବ୍ୟକ୍ତି ନିହତ।
- ଭାରତର ପୂର୍ବତନ ରାଷ୍ଟ୍ରପତି ଶ୍ରୀଯୁକ୍ତ ଭରାହ ଗିରି ଭେଙ୍କଟ ଗିରିଙ୍କୁ ସର୍ବୋଚ୍ଚ ଜାତୀୟ ସମ୍ମାନ 'ଭାରତରତ୍ନ' ପ୍ରଦାନ ।
- ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନା ନୃତ୍ୟ ପଟିୟସୀ ଶ୍ରୀମତୀ ସଂଯୁକ୍ତା ପାଣିଗ୍ରାହୀଙ୍କୁ 'ପଦ୍ମଶ୍ରୀ' ଉପାଧି ।

## ଚିରନ୍ତନୀ

ସିକ୍ତ କରି ରିକ୍ତ ମାଟି ରକ୍ତ ଊର୍ମି ଉଠଇ ଉଜାଣି
ଚଳଇ ଧରଣୀ ପରେ ମରଣ ନିର୍ଭୀକ
ଦୃପ୍ତପଦେ ଦୁନିଆର ଅନ୍ତନାଡି ଦନ୍ତେ ଦୃଢ଼େ ଟାଣି
ନାଚି ଉଠେ ଶତାବ୍ଦୀର ଶୋଣିତ ସୈନିକ।
(ଶତାବ୍ଦୀ-ସୈନିକ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 4 | | | | | | | 6 | 1 |
| | 3 | | | | 9 | | | |
| | | | | | | 8 | | |
| 3 | | | 9 | | 4 | | | |
| 6 | 2 | 7 | | 8 | | | 5 | 4 |
| | | | | | | 3 | 8 | |
| | 5 | | | | 1 | 6 | | |
| | | 9 | | | 2 | | | |
| | | | 3 | | 5 | 7 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 4 | 8 | 9 | 3 | 7 | 1 | 5 | 6 |
| 5 | 9 | 1 | 4 | 8 | 6 | 2 | 3 | 7 |
| 3 | 7 | 6 | 5 | 1 | 2 | 9 | 8 | 4 |
| 7 | 1 | 9 | 3 | 5 | 4 | 6 | 2 | 8 |
| 8 | 6 | 3 | 2 | 7 | 1 | 4 | 9 | 5 |
| 4 | 2 | 5 | 6 | 9 | 8 | 3 | 7 | 1 |
| 1 | 5 | 2 | 7 | 4 | 9 | 8 | 6 | 3 |
| 6 | 3 | 4 | 8 | 2 | 5 | 7 | 1 | 9 |
| 9 | 8 | 7 | 1 | 6 | 3 | 5 | 4 | 2 |

ଗତ ସଂସ୍କରଣର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଧଉଳିଗଡ଼ର ସମସ୍ୟା

ମହାଶୟ,

୧୦ ଏପ୍ରିଲ ୨୦୧୩ରେ ଉଦ୍‌ଘାଟିତ ହୋଇଥିଲା ଧଉଳିଗଡ଼ର ଏକ ବ୍ୟବସାୟ ପ୍ରତିଷ୍ଠାନ ଏବଂ ସୁଲଭ ଶୌଚାଳୟ। କିନ୍ତୁ ପରିତାପର ବିଷୟ , ଆଜି ଏହା ସମ୍ପୂର୍ଣ୍ଣ ଅବହେଳିତ ଅବସ୍ଥାରେ ପଡ଼ିରହିଛି। ବ୍ୟବସାୟ କରିବା ଆଶାରେ ହିଁ ରହିଯାଇଛି। ଏଠାରେ ମଧ୍ୟ ପ୍ରତ୍ୟହ ବହୁ ପର୍ଯ୍ୟଟକଙ୍କ ସମାଗମ ହୋଇଥାଏ। ଦୁଃଖର ବିଷୟ, ଏହି ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକ କାର୍ଯ୍ୟକ୍ଷମ ହୋଇପାରି ନ ଥିବାରୁ ଏଠାରେ ଅସାମାଜିକ ବ୍ୟକ୍ତି ଏବଂ ମଦ୍ୟପମାନଙ୍କର ଆଡ୍ଡାସ୍ଥଳୀ ପାଲଟିଛି। ସ୍ଥାନୀୟ ସରପଞ୍ଚଙ୍କ ବନ୍ଦୋବସ୍ତ ଅନୁଯାୟୀ ଏସ୍‌ଏଚ୍‌ଜି ଗ୍ରୁପ୍‌ମାନଙ୍କର ସହାୟତା ଉଦ୍ଦେଶ୍ୟରେ ବି କୌଣସି ବ୍ୟବସାୟିକ ଅନୁଷ୍ଠାନ କାର୍ଯ୍ୟକ୍ଷମ ହୋଇପାରୁନାହିଁ। ବ୍ୟବସାୟ ପ୍ରତିଷ୍ଠାନ ପାଇଁ ସରକାରୀ ତହବିଲରୁ ଅର୍ଥ ବିନିଯୋଗ କରାଯାଇଥିଲା। ଏଣୁ କର୍ତ୍ତୃପକ୍ଷ ଏହାକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରି ସ୍ଥାନୀୟ ବ୍ୟବସାୟୀ ଏବଂ ଶିକ୍ଷିତ ଯୁବକମାନଙ୍କର ଦୈନନ୍ଦିନ ଗୁଜୁରାଣ ପାଇଁ ପଥ ପରିଷ୍କାର କରିବା ଏବଂ ଏ ଦିଗରେ ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ।

**-ଧର୍ମରାଜ ପଟ୍ଟନାୟକ, ଜୟଦୁର୍ଗା ନଗର, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ପହିଲାରୁ ପୁଣି ବର୍ଷା

ଭୁବନେଶ୍ୱର,୨୭।୧
(ଅନୁରାଧା ମହାରଣା)

ରାଜ୍ୟରେ ଶୀତ ଲହରି ଜାରି ରହିଥିବାବେଳେ ରାଜ୍ୟର ଅଧିକାଂଶ ସ୍ଥାନରେ କୁହୁଡ଼ିର ଆସ୍ତରଣ ଦେଖିବାକୁ ମିଳୁଛି। ଆସନ୍ତା ୩ଦିନ ପାଗ ଶୁଖିଲା ରହିବା ସହ ୨ଦିନ ମଧ୍ୟରେ ତାପମାତ୍ରା ୨ରୁ ୩ ଡିଗ୍ରୀ ବଢ଼ିପାରେ। ତେବେ ଫେବୃଆରୀ ପହିଲାବେଳକୁ କିଛି ଜିଲାରେ ପୁଣି ବର୍ଷା ହୋଇପାରେ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

ରବିବାର ପାଗ ଶୁଖିଲା ରହିବା ସହ ଦକ୍ଷିଣ ଓଡ଼ିଶା ସମେତ ରାଜ୍ୟର ଅନ୍ୟ ଜିଲାର କିଛି ସ୍ଥାନରେ କୁହୁଡ଼ିର ପ୍ରଭାବ ରହିବ। ତେଣୁ କୁହୁଡ଼ି ନେଇ ଅନୁଗୋଳ, ଢେଙ୍କାନାଳ, ସମ୍ବଲପୁର, କଟକ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିପରି ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ଦେବଗଡ଼, ଅନୁଗୋଳ ଜିଲାରେ କୋହଲା ପବନର ପ୍ରଭାବ ରହିବ। କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, କନ୍ଧମାଳ, ସୋନପୁର ଓ ବଲାଙ୍ଗୀର ଜିଲାରେ ଘନ କୁହୁଡ଼ି ଦେଖିବାକୁ ମିଳିବ। ଫେବୃଆରୀ ୧ ତାରିଖରେ ବାଲେଶ୍ୱର, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ ଆଦି ଜିଲାରେ ସାମାନ୍ୟ ବର୍ଷା ହୋଇପାରେ। ୨ ତାରିଖରେ ବାଲେଶ୍ୱର, ଭଦ୍ରକ, କେନ୍ଦୁଝର ଓ ମୟୂରଭଞ୍ଜ ଜିଲାରେ ସାମାନ୍ୟ ବର୍ଷା ହେବ ଓ ଅନ୍ୟ ଜିଲାଗୁଡ଼ିକରେ ପାଗ ଶୁଖିଲା ରହିବ ବୋଲି ସୂଚନା ଦିଆଯାଇଛି।

# ଡିଲ୍ ବେଳେ ଧରାପଡ଼ିଲେ

## ୩ ଗିରଫ, ୨ ହାତୀଦାନ୍ତ ଜବତ

ଦେବଗଡ,୨୭।୧
(ଶଶାଙ୍କ ଶେଖର ଝାଙ୍କର)

ବେଆଇନ ହାତୀ ଦାନ୍ତ ବିକ୍ରି ପାଇଁ ଦେବଗଡ ସହରର ଏକ ଗହଣା ଦୋକାନରେ ମୂଲଚାଲ ଚାଲିଥିବା ବେଳେ ବନ ବିଭାଗ ପକ୍ଷରୁ ଅଚାନକ ଚଢ଼ଉ କରାଯାଇ ଶନିବାର ୩ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ସହରର ଜଣାଶୁଣା ଗହଣା ଦୋକାନୀ ଲାଲୁସାହିର ପ୍ରେମରାଜ ସାହୁ, ବଣିଆସାହିର ସମୀର କପରଦାର ଓରଫ ବାପି ଓ ଦିଲ୍ଲୀର ରାଜେଶ କୁମାର। ପରେ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ସେମାନଙ୍କ ନିକଟରୁ ୨ଟି ମୂଲ୍ୟବାନ ହାତୀ ଦାନ୍ତ ଜବତ କରାଯାଇଛି। ଏଥିସହ ୩ଟି ମୋବାଇଲ ଫୋନ ଓ ଏକ କାର ମଧ୍ୟ ଜବତ କରାଯାଇଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ସୂଚନା ଅନୁଯାୟୀ, ସ୍ଥାନୀୟ ମା' ତାରିଣୀ ଜୁଏଲାରୀ ଗହଣା ଦୋକାନରେ ୨ଟି ମୂଲ୍ୟବାନ ହାତୀଦାନ୍ତ ବିକ୍ରି ପାଇଁ ମୂଲଚାଲ ଚାଲିଥିବା ନେଇ ଡିଆର୍‌ଆଇ ପକ୍ଷରୁ ଦେବଗଡ ବନ ବିଭାଗକୁ ସୂଚନା ଦିଆଯାଇଥିଲା। ବନ ବିଭାଗ ଓ ଡିଆର୍‌ଆଇ ପକ୍ଷରୁ ୨ଟି ଟିମ୍ ଗଠନ କରାଯାଇ ସେଠାରେ ଚଢାଉ କରାଯାଇଥିଲା। ଓଜନ ସମୟରେ ଜବତ ହାତୀଦାନ୍ତ ଦ୍ରବ୍ୟର ଓଜନ ୮କିଲୋ ୯୦୦ ଗ୍ରାମ ରହିଥିବା ଜଣାପଡିଥିଲା। ପାରିପାର୍ଶ୍ୱିକ ପରିସ୍ଥିତିରୁ ହାତୀଦାନ୍ତ ୨ଟି ବହୁ ପୁରୁଣା ହୋଇଥିବା ଜଣାପଡିଛି। ତେବେ ଏହା କେଉଁଠୁ ଓ କିଭଳି ଆସିଲା ତାହା ବର୍ତ୍ତମାନ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରିନାହିଁ। ଅନ୍ୟପକ୍ଷରେ ଘଟଣାରେ ଅନ୍ୟ କେହି ସମ୍ପୃକ୍ତ ଅଛନ୍ତି କି ନାହିଁ ଓ ହାତୀଦାନ୍ତ ଦ୍ରବ୍ୟକୁ ସେମାନେ କେଉଁଠୁ ଆଣିଥିଲେ ସେ ନେଇ ବନ ବିଭାଗ ପକ୍ଷରୁ ଅଧିକ ତଦନ୍ତ ଚାଲିଛି। ଆବଶ୍ୟକ ସ୍ଥଳେ ଗିରଫ ଅଭିଯୁକ୍ତଙ୍କୁ ପୁଣିଥରେ ରିମାଣ୍ଡରେ ଅଣାଯାଇ ଅଧିକ ପଚରା ଉଚରା କରାଯିବ ବୋଲି ବନଖଣ୍ଡ ଅଧିକାରୀ ମଗର ଧାନାଜୀ ରାଓସୋ ଗଣମାଧ୍ୟମ ସମ୍ମୁଖରେ ପ୍ରକାଶ କରିଛନ୍ତି।


ଜବତ ହୋଇଥିବା ୨ଟି ହାତୀ ଦାନ୍ତ।

# ୫୦ ଜଣଙ୍କୁ ରାଷ୍ଟ୍ରପତି, ରାଜ୍ୟପାଳ ପଦକ ପ୍ରଦାନ



ପଦକ ପାଇଥିବା ରାଜ୍ୟ ଆରକ୍ଷୀ ବାହିନୀ ସହ ରାଜ୍ୟପାଳ ରଘୁବର ଦାସ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୩ ବିଭାଗର ବରିଷ୍ଠ ଅଧିକାରୀମାନେ।

ଭୁବନେଶ୍ୱର,୨୭।୧
(ସୂର୍ଯ୍ୟକାନ୍ତ ବେହେରା)

୭୫ତମ ସାଧାରଣତନ୍ତ୍ର ଦିବସ ଅବସରରେ ସାହସିକତା, ଉଲ୍ଲେଖନୀୟ ତଥା ବିଶିଷ୍ଟ ସେବା ନିମନ୍ତେ ରାଜ୍ୟ ଆରକ୍ଷୀ ବାହିନୀ, ରାଜ୍ୟ ଅଗ୍ନିଶମ, ଗୃହରକ୍ଷୀ ଓ ବେସାମରିକ ପ୍ରତିରକ୍ଷା ବାହିନୀ ଏବଂ ଓଡିଶା କାରାଗାର ସଂସ୍ଥା ଓ ସଂସ୍କାର ସେବାର ମୋଟ ୫୦ଜଣ ଅଧିକାରୀ ଓ କର୍ମଚାରୀଙ୍କୁ ୨୦୨୩ ପାଇଁ ରାଷ୍ଟ୍ରପତି ଓ ରାଜ୍ୟପାଳ ପଦକ ପ୍ରଦାନ କରାଯାଇଛି। ଶୁକ୍ରବାର ଲୋକସେବା ଭବନ କନ୍‌ଭେନ୍‌ସନ ହଲ୍‌ରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ପଦକ ପ୍ରଦାନ ଉତ୍ସବରେ ରାଜ୍ୟପାଳ ରଘୁବର ଦାସ ଏହି ପଦକ ପ୍ରଦାନ କରିଥିଲେ। ଏହି ଅବସରରେ ୨୦୨୪ ପାଇଁ ସାହସିକତା, ବିଶିଷ୍ଟ ସେବା ଓ ଉଲ୍ଲେଖନୀୟ ସେବା ପାଇଁ ୩୩ଜଣଙ୍କ ନାମ ଘୋଷଣା କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ, ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଅରୁଣ କୁମାର ଷଡଙ୍ଗୀ, ରାଜ୍ୟ କାରାଗାର ଓ ସଂସ୍କାର ସେବାର ମହାନିର୍ଦ୍ଦେଶକ ଅମିତ୍ର ମୋହନ ପ୍ରସାଦ, ରାଜ୍ୟ ଅଗ୍ନିଶମ, ଗୃହରକ୍ଷୀ ଓ ବେସାମରିକ ପ୍ରତିରକ୍ଷା ସେବାର ମହାନିର୍ଦ୍ଦେଶକ ସୁଧାଂଶୁ ଷଡଙ୍ଗୀଙ୍କ ସମେତ ଗୃହ ବିଭାଗର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

# ସଡ଼କ ଦୁର୍ଘଟଣାରେ ଗଲା ୬ ଜୀବନ

ବଣାଇଁ (ପ୍ରଦୀପ ତ୍ରିପାଠୀ)/
ବୋରିଗୁମ୍ମା(ବିଜୟ ସାହୁ),୨୭।୧

ସୁନ୍ଦରଗଡ ଜିଲା ବଣାଇଁ ଥାନା ଅଞ୍ଚଳର ୨ପୃଥକ ସ୍ଥାନରେ ଶନିବାର ସଡକ ଦୁର୍ଘଟଣା ଘଟି ୩ ଜଣଙ୍କ ମୃତ୍ୟୁ ଘଟିଛି। ୧୪୩ ନମ୍ବର ଜାତୀୟ ରାଜପଥର ଉପରବାହାଲ ଛକ ନିକଟରେ ଟ୍ରକ ତଳେ ଚାପି ହୋଇ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ହାତିବାହାଲର ପ୍ରଦୀପ ମୁଣ୍ଡା। ଅନ୍ୟତମ ମୃତା ମହିଳାଙ୍କ ପରିଚୟ ସ୍ପଷ୍ଟ ହୋଇନାହିଁ। ସେହିପରି ଚାନ୍ଦିପୋଷ ଥାନା ବରଘାଟ ନିକଟରେ ଏକ ଗାଡି ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ତାଙ୍କ ଘର ବରସୁଆଁ ହୋଇଥିବା ବେଳେ ନାଁ ଜଣାପଡିନାହିଁ। ଉପରବାହାଲ ଛକରେ ଦୁର୍ଘଟଣା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଉପରବାହାଲ ଛକରେ ତ୍ରୁଟିପୂର୍ଣ୍ଣ ରାସ୍ତା ନିର୍ମାଣ ଯୋଗୁ ବାରମ୍ବାର ଏଭଳି ଦୁର୍ଘଟଣା ଘଟି ବହୁ ଜୀବନ ହାନି ଘଟିଥିବା ଦର୍ଶାଇ ବିକ୍ଷୋଭକାରୀ ୧୪୩ ନମ୍ବର ଜାତୀୟ ରାଜପଥରେ କାର୍ଯ୍ୟରତ ନିର୍ମାଣକାରୀ ସଂସ୍ଥା ଏଆର୍‌ଏସ୍‌ଏସ୍ ବିରୋଧରେ ବଣାଇଁ ଥାନା ଅଧିକାରୀଙ୍କୁ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗ ଗ୍ରହଣ କରିବା ସହ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପ୍ରତିଶ୍ରୁତି ଦେବାପରେ ରାସ୍ତାରୋକୋ ହଟିଥିଲା। ସେହିପରି ଏକ ବାଇକ୍‌ରେ ଜଣେ ଯୁବକ ରାଉରକେଲାରୁ ବରସୁଆଁ ଫେରୁଥିବା ବେଳେ ବରଘାଟ ନିକଟରେ କୌଣସି ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ପୋଲିସ ଅଧିକ ତଦନ୍ତ କରୁଛି।

ଅନ୍ୟପକ୍ଷରେ କୋରାପୁଟ ଜିଲା ବୋରିଗୁମ୍ମା ଥାନା ଅନ୍ତର୍ଗତ ୬୩ ନମ୍ବର ଜାତୀୟ ରାଜପଥର ବିଜାପୁର ଛକ ନିକଟରେ ଶୁକ୍ରବାର ଅଟୋ ଓ ସ୍କର୍ପିଓ ଧକ୍କାରେ ୩ଜଣଙ୍କ ମୃତ୍ୟୁ ହୋଇଛି। ୮ଜଣ ଗୁରୁତର ହୋଇଛନ୍ତି। ମୃତକମାନେ ହେଲେ ଧୁଡୁସାପାଲା ଗ୍ରାମର ପଦ୍ମନି ଭୂମିଆ, ବନ୍ଧଗୁଡା ଗ୍ରାମର ପଦ୍ମା ଭତ୍ରା ଏବଂ ବତାସନା ଗ୍ରାମର କୃଷ୍ଣ ପଟ୍ଟନାୟକ। ଗୁରୁତରମାନଙ୍କୁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ଚିକିତ୍ସା କରାଯାଉଛି। ଛତିଶଗଡ଼ ପଟୁ ବୋରିଗୁମ୍ମା ଅଭିମୁଖେ ଏକ ସ୍କର୍ପିଓ ଆସୁଥିବା ବେଳେ ତାକୁ ପ୍ରଥମେ ଏକ ବାଇକ୍ ଧକ୍କା ଦେଇଥିଲା। ଫଳରେ ସ୍କର୍ପିଓ ଭାରସାମ୍ୟ ହରାଇ ଆଗରେ ଥିବା ଏକ ଅଟୋକୁ ଧକ୍କା ଦେଇ ରାସ୍ତାପାର୍ଶ୍ୱରେ ଥିବା ଗାତ ଭିତରକୁ ପଶିଯାଇଥିଲା। ଫଳରେ ଅଟୋରେ ଥିବା ଦୁଇ ମହିଳା ପଦ୍ମନି ଓ ପଦ୍ମା ଏବଂ ବାଇକ୍ ଆରୋହୀ କୃଷ୍ଣଙ୍କ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ମୃତକଙ୍କ ପରିବାର ଏବଂ ସମ୍ପର୍କୀୟମାନେ କ୍ଷତିପୂରଣ ଦାବିରେ ବିଜାପୁରଠାରେ ରାଜପଥ ଅବରୋଧ କରିବା ଯୋଗୁ ଉଭୟ ପାର୍ଶ୍ୱରେ ଗାଡ଼ି ଚଳାଚଳ ବନ୍ଦ ରହିଥିଲା। ଘଟଣାସ୍ଥଳରେ ଏସ୍‌ଡିପିଓ ଶୁଭେନ୍ଦୁ ଶବର, ତହସିଲଦାର ସବ୍ୟସାଚୀ ଜେନା ଏବଂ ଜିଲା ପରିଷଦ ସଭ୍ୟ ପ୍ରସାଦ ବିଡିକା ପହଞ୍ଚି ଲୋକଙ୍କ ସହ ଆଲୋଚନା କରିଥିଲେ। ସରକାର ମୃତକଙ୍କ ପରିବାରବର୍ଗଙ୍କୁ ୩ ଲକ୍ଷ ଲେଖାଏ ଟଙ୍କା ସହାୟତା ରାଶି ଦେବାକୁ ଘୋଷଣା କରିବା ସହ ଗୁରୁତରମାନଙ୍କ ଚିକିତ୍ସା ଖର୍ଚ୍ଚ ବହନ କରିବେ ବୋଲି ପ୍ରତିଶ୍ରୁତି ମିଳିବା ପରେ ରାସ୍ତାରୋକୋ ହଟିଥିଲା। ବୋରିଗୁମ୍ମା ମେଡିକାଲରେ ଥିବା ୩ଜଣଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ଶନିବାର ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।


भारतीय रिज़र्व बैंक
ଭାରତୀୟ ରିଜର୍ଭ ବ୍ୟାଙ୍କ୍
RESERVE BANK OF INDIA
www.rbi.org.in

## ଭାରତୀୟ ରିଜର୍ଭ ବ୍ୟାଙ୍କ୍ ଦ୍ୱାରା ନିୟନ୍ତ୍ରିତ ସଂସ୍ଥାଗୁଡ଼ିକ ବିରୋଧରେ ଅଭିଯୋଗର ସମାଧାନ

## ରିଜର୍ଭ ବ୍ୟାଙ୍କ୍ – ସମନ୍ୱିତ ଲୋକପାଳ ଯୋଜନା (ଆରବି-ଆଇଓଏସ୍)

- ରିଜର୍ଭ ବ୍ୟାଙ୍କ ଏହାର ସମସ୍ତ ନିୟନ୍ତ୍ରିତ ସଂସ୍ଥା ମାନଙ୍କୁ ସେମାନଙ୍କ ଗ୍ରାହକମାନଙ୍କ ଠାରୁ ପ୍ରାପ୍ତ ଅଭିଯୋଗର ସମାଧାନ ପାଇଁ ନିଜ ସ୍ତରରେ ଏକ ବ୍ୟବସ୍ଥା ଆପଣେଇବାକୁ ନିର୍ଦ୍ଦେଶ ଦେଇଛି, ଯାହାକୁ ସଂସ୍ଥା ର ଆଭ୍ୟନ୍ତରୀଣ ଅଭିଯୋଗ ସମାଧାନ ପ୍ରଣାଳୀ ଭାବରେ ବିବେଚନା କରାଯିବ |
- ରିଜର୍ଭ ବ୍ୟାଙ୍କ ଏହାର ନିୟନ୍ତ୍ରିତ ସଂସ୍ଥାମାନଙ୍କ ଦ୍ୱାରା ପ୍ରଦତ୍ତ ସେବାରେ ଥିବା ତ୍ରୁଟି ସମ୍ବନ୍ଧୀୟ ଗ୍ରାହକଙ୍କ ଅଭିଯୋଗର ସମାଧାନ ପାଇଁ ରିଜର୍ଭ ବ୍ୟାଙ୍କ - ସମନ୍ୱିତ ଲୋକପାଳ ଯୋଜନା, 2021 (ଆରବି-ଆଇଓଏସ) ମାଧ୍ୟମରେ ଏକ ତ୍ୱରିତ ଏବଂ ନିଃଶୁଳ୍କ ଅଭିଯୋଗ ସମାଧାନ ପ୍ରଣାଳୀର ମଧ୍ୟ ବ୍ୟବସ୍ଥା ରଖିଛି |
- ବ୍ୟାଙ୍କ, ଅଣ ବ୍ୟାଙ୍କିଙ୍ଗ୍ ଆର୍ଥିକ କମ୍ପାନୀ (ଏନବିଏଫସି), ପେମେଣ୍ଟ ସିଷ୍ଟମ୍ ଅଂଶଗ୍ରହଣକାରୀ (ପିଏସପି) ଏବଂ କ୍ରେଡିଟ୍ ସୂଚନା ପ୍ରଦାନକାରୀ କମ୍ପାନୀଗୁଡ଼ିକୁ (ସିଆଇସି) ଅଭିଯୋଗ ସମାଧାନ ପ୍ରଣାଳୀ ଅଧିନରେ ନିୟନ୍ତ୍ରିତ ସଂସ୍ଥା ଭାବରେ ବିବେଚନା କରାଯାଏ |
- ଯେକୌଣସି ନିୟନ୍ତ୍ରିତ ସଂସ୍ଥା ବିରୁଦ୍ଧରେ ପ୍ରାପ୍ତ ସମସ୍ତ ଅଭିଯୋଗ ଗୁଡିକ ପାଇଁ ଆରବି-ଆଇଓଏସ "ଗୋଟିଏ ରାଷ୍ଟ୍ର ଗୋଟିଏ ଲୋକପାଳ" ପଦ୍ଧତି ଗ୍ରହଣ କରେ | ତେଣୁ ଜଣେ ଅଭିଯୋଗକାରୀଙ୍କୁ କେଉଁ ଲୋକପାଳ ଯୋଜନା/ ଅଫିସ୍ ମାଧ୍ୟମରେ ସେ ଲୋକପାଳଙ୍କ ନିକଟରେ ଅଭିଯୋଗ ଦାଖଲ କରିବା ଉଚିତ୍ ତାହା ଚିହ୍ନଟ କରିବାର ଆଉ ଆବଶ୍ୟକ ନାହିଁ |
- ଆରବି-ଆଇଓଏସ, 2021 ଅଧୀନରେ ଆସୁନଥିବା ସଂସ୍ଥା ଗୁଡିକ ବିରୋଧରେ ଅଭିଯୋଗର ସମାଧାନ ଉପଭୋକ୍ତା ଶିକ୍ଷା ଏବଂ ସୁରକ୍ଷା କକ୍ଷ (ସିଇପିସି) ମାଧ୍ୟମରେ ପରିଚାଳିତ ହୋଇଥାଏ |
- ଆରବି-ଆଇଓଏସ୍ ଏବଂ ସିଇପିସିର ଅଧୀନରେ ଆସୁଥିବା ନିୟନ୍ତ୍ରିତ ସଂସ୍ଥା ଗୁଡ଼ିକର ତାଲିକା https://cms.rbi.org.in ରୁ ପାଇପାରିବେ |

### ଯଦି ଆପଣଙ୍କର ଅଭିଯୋଗ ଅଛି ତେବେ କଣ କରିବେ?

ଅଭିଯୋଗର ସମାଧାନ ପାଇଁ, ସମ୍ପୃକ୍ତ ନିୟନ୍ତ୍ରିତ ସଂସ୍ଥା କୁ ଅଭିଯୋଗର ବିବରଣୀ ସହିତ ଯୋଗାଯୋଗ କରିବାକୁ ପଡିବ |

### ଆରବିଆଇ ଲୋକପାଳଙ୍କୁ କେବେ ଯୋଗାଯୋଗ କରିବେ?

**ଆପଣ ନିମ୍ନଲିଖିତ କ୍ଷେତ୍ରରେ ଆରବିଆଇ ଲୋକପାଳଙ୍କ ସହ ଯୋଗାଯୋଗ କରିପାରିବେ:**
- ଯଦି କୌଣସି ଉତ୍ତର ପ୍ରାପ୍ତ ନ ହୁଏ-ଆପଣଙ୍କ ଦ୍ୱାରା ନିୟନ୍ତ୍ରିତ ସଂସ୍ଥା ବିରୁଦ୍ଧରେ କରାଯାଇଥିବା ଅଭିଯୋଗର ତାରିଖଠାରୁ ଏକ ବର୍ଷ ଏବଂ ଏକ ମାସ ମଧ୍ୟରେ ଯେ କୌଣସି ସମୟରେ
- ଅସନ୍ତୁଷ୍ଟ ଉତ୍ତର ପାଇବା ପରେ - ସଂପୃକ୍ତ ନିୟନ୍ତ୍ରିତ ସଂସ୍ଥା ରୁ ଉତ୍ତର ପାଇବାର ଏକ ବର୍ଷ ମଧ୍ୟରେ ଯେ କୌଣସି ସମୟରେ |

**ଧ୍ୟାନ ଦିଅନ୍ତୁ:**
- ଆରବି-ଆଇଓଏସ, 2021 ରେ ଉଲ୍ଲେଖିତ ସମସ୍ତ ଆବଶ୍ୟକୀୟ ବିବରଣୀ / ସୂଚନା ଅଭିଯୋଗରେ ଅନ୍ତର୍ଭୁକ୍ତ କରାଯାଇଥିବା ଆବଶ୍ୟକ |
- ଅଭିଯୋଗ ଅନ୍ୟ କୌଣସି ମଂଚ (ଯେପରି ନ୍ୟାୟାଳୟ)ରେ ବିଚାର ହୋଇଥିବ/ବିଚାରାଧୀନ ହୋଇ ନ ଥିବ କିମ୍ବା ଆରବିଆଇ ଲୋକପାଳ ଦ୍ୱାରା ବିଚାର ହୋଇନଥିବା ଆବଶ୍ୟକ |

### ଅଭିଯୋଗ କିପରି କରିବେ?

**ନିୟନ୍ତ୍ରିତ ସଂସ୍ଥା ବିରୁଦ୍ଧରେ ଅଭିଯୋଗ ନିମ୍ନଲିଖିତ ଯେକୌଣସି ମାଧ୍ୟମରେ ଦାଖଲ କରାଯାଇପାରିବ:**
- ଆରବିଆଇର ଅଭିଯୋଗ ପରିଚାଳନା ପ୍ରଣାଳୀ (ସିଏମ୍ଏସ) ପୋର୍ଟାଲ https://cms.rbi.org.in→File a complaint ମାଧ୍ୟମରେ ଅନଲାଇନରେ ଅଭିଯୋଗ ଦାଖଲ କରାଯାଇପାରିବ ।
- ଆରବି-ଆଇଓଏସ, 2021 ରେ ଉଲ୍ଲେଖିତ ଫର୍ମ Annexure 'A' ମାଧ୍ୟମରେ ଲିଖିତ ଅଭିଯୋଗ (ଚିଠି/ପୋଷ୍ଟ) ଦ୍ୱାରା "କେନ୍ଦ୍ରୀକୃତ ପ୍ରାପ୍ତି ଏବଂ ପ୍ରକ୍ରିୟାକରଣ କେନ୍ଦ୍ର (CRPC), ଚତୁର୍ଥ ମହଲା, ଭାରତୀୟ ରିଜର୍ଭ ବ୍ୟାଙ୍କ୍, ସେକ୍ଟର - 17, ସେଣ୍ଟ୍ରାଲ ଭିସ୍ତା, ଚଣ୍ଡିଗଡ଼ – 160017" କୁ ପଠାଯାଇ ପାରିବ |

### ଆରବିଆଇ ନିକଟରେ ଅଭିଯୋଗ ଦାଖଲ କରିବା ବିଷୟରେ ଅଧିକ ସୂଚନା କିପରି ପାଇପାରିବେ ?

- ଯେ କୌଣସି ବ୍ୟକ୍ତି ଆରବିଆଇର ଅଭିଯୋଗ ସମାଧାନ ପ୍ରଣାଳୀ ଉପରେ ସୂଚନା / ସ୍ପଷ୍ଟୀକରଣ ପାଇଁ ଏବଂ ଅଭିଯୋଗ ଦାଖଲ କରିବା ପ୍ରଣାଳୀ ର ମାର୍ଗଦର୍ଶନ ପାଇଁ / ପୂର୍ବରୁ କରାଯାଇଥିବା ଅଭିଯୋଗକୁ ଟ୍ରାକ କରିବା ପାଇଁ ଆରବିଆଇ ର ସମ୍ପର୍କ କେନ୍ଦ୍ର ସହ ଯୋଗାଯୋଗ କରିପାରିବେ ।
- ସମ୍ପର୍କ କେନ୍ଦ୍ର କର୍ମଚାରୀଙ୍କ ସହ ଇଂରାଜୀ ଏବଂ ହିନ୍ଦୀରେ ଯୋଗାଯୋଗ କରିବା ସମୟ ସମସ୍ତ କାର୍ଯ୍ୟ ଦିବସରେ ସକାଳ 08:00 ରୁ ସନ୍ଧ୍ୟା 10 :00 ପର୍ଯ୍ୟନ୍ତ ଏବଂ ଦଶଟି ଆଞ୍ଚଳିକ ଭାଷା (ଆସାମୀୟ, ବଙ୍ଗାଳୀ, ଗୁଜୁରାଟୀ, କନ୍ନଡ, ମରାଠୀ, ମାଲାୟାଲମ୍, ଓଡିଆ, ପଞ୍ଜାବୀ, ତେଲୁଗୁ ଏବଂ ତାମିଲ୍) ରେ ଯୋଗାଯୋଗ କରିବାର ସୁବିଧା ସକାଳ 09 :30 ରୁ ଅପରାହ୍ନ 05 :15 ପର୍ଯ୍ୟନ୍ତ ଉପଲବ୍ଧ ଅଟେ।
- ଇଣ୍ଟରାକ୍ଟିଭ୍ ଭଏସ୍ ରେସପନ୍ସ ସିଷ୍ଟମ୍ ମାଧ୍ୟମରେ ନିଃଶୁଳ୍କ ନମ୍ବର (14448) ମଧ୍ୟ 24x7x365 ଉପଲବ୍ଧ |

### ଅଧିକ ସୂଚନା ପାଇଁ

ଦୟାକରି ପରିଦର୍ଶନ କରନ୍ତୁ :
ଭାରତୀୟ ରିଜର୍ଭ ବ୍ୟାଙ୍କ୍ – ସମନ୍ୱିତ ଲୋକପାଳ ଯୋଜନା, 2021 ଉପରେ ବାରମ୍ବାର ପଚରାଯାଉଥିବା ପ୍ରଶ୍ନ -
https://www.rbi.org.in/hindi/Scripts/Faqs.aspx?did=56
କିମ୍ବା
ସିଏମଏସ ପୋର୍ଟାଲ - https://cms.rbi.org.in

### ଜମା ବୀମା ଏବଂ ଋଣ ଗ୍ୟାରେଣ୍ଟି ନିଗମ (ଡ଼ିଆଇସିଜିସି)

(ଡ଼ିଆଇସିଜିସି ବିରୁଦ୍ଧରେ ଅଭିଯୋଗ ପାଇଁ, ଜନସାଧାରଣ ନିମ୍ନଲିଖିତ ଠିକଣା / ଇ-ମେଲ୍ ମାଧ୍ୟମରେ ଅଭିଯୋଗ ଦାଖଲ କରିପାରିବେ)
ଜମା ବୀମା ଏବଂ ଋଣ ଗ୍ୟାରେଣ୍ଟି ନିଗମ (ଡ଼ିଆଇସିଜିସି)
ମହାପ୍ରବନ୍ଧକ
ଡ଼ିଆଇସିଜିସି, ଅଭିଯୋଗ ନିରାକରଣ କକ୍ଷ
ଭାରତୀୟ ରିଜର୍ଭ ବ୍ୟାଙ୍କ୍, ୨ୟ ମହଲା
ମୁମ୍ବାଇ ସେଣ୍ଟ୍ରାଲ୍ ରେଲୱେ ଷ୍ଟେସନ୍ ସମ୍ମୁଖ,
ବାଇକୁଲା, ମୁମ୍ବାଇ - 400 008
ଅଭିଯୋଗକାରୀ, ଉପ ମହାପ୍ରବନ୍ଧକ ଶ୍ରୀ ରାଜ କୁମାରଙ୍କୁ ଟେଲିଫୋନ୍ ନମ୍ବର 022-2302 8000, Ext No. 8000 କିମ୍ବା ଇ-ମେଲ୍ dicgc.complaints@rbi.org.in ମାଧ୍ୟମରେ ମଧ୍ୟ ଯୋଗାଯୋଗ କରିପାରିବେ |

## ସଂକ୍ଷେପରେ

### ଯୌତୁକ ଦାବିରେ ମହିଳାଙ୍କୁ ହତ୍ୟା ଅଭିଯୋଗ

ନିରାକାରପୁର, ୨୭।୧ (ମାନସ ଚନ୍ଦ୍ର ପଟ୍ଟନାୟକ) ଯୌତୁକ ଦାବିରେ ଜଣେ ମହିଳାଙ୍କୁ ହତ୍ୟା କରାଯାଇଛି ବୋଲି ଶନିବାର ଜଙ୍କିଆ ଥାନାରେ ଅଭିଯୋଗ ହୋଇଛି। ମୃତା ହେଲେ ଏହି ଥାନା ଅଧୀନ କୃଷ୍ଣପୁର ଗ୍ରାମର ବିକାଶ ସୁନ୍ଦରାୟଙ୍କ ସ୍ତ୍ରୀ ଟୁନି ଦାସ। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୪୦/୨୪)ରୁଜୁକରି ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, ନିରାକାରପୁର ଥାନା ଅନ୍ତର୍ଗତ ହରିପୁର ଗ୍ରାମର ଟୁନି ୮ମାସ ପୂର୍ବେ କୃଷ୍ଣପୁର ଗ୍ରାମର ବିକାଶଙ୍କୁ ବିବାହ କରିଥିଲେ। ବିବାହ ବେଳେ ଦାବି ମୁତାବକ କନ୍ୟା ଘର ପକ୍ଷରୁ ଯୌତୁକ ଦିଆଯାଇଥିଲା। ତେବେ ବିକାଶ ବାଙ୍ଗାଲୋର ଯିବା ପରେ ଅଧିକ ଯୌତୁକ ଦାବିରେ ଟୁନିଙ୍କୁ ଶାଶୁ ଓ ନଣନ୍ଦ ଶାରୀରିକ ଓ ମାନସିକ ଯନ୍ତ୍ରଣା ଦେଉଥିଲେ। ଏପରିକି ଟୁନିଙ୍କ ସହ ବିକାଶଙ୍କ ଫୋନ ମାଧ୍ୟମରେ କଥା କରାଇଦେଉନଥିଲେ। ଶୁକ୍ରବାର ରାତି ୯ଟାରେ ଟୁନି ମୋବାଇଲରେ ଜୀବନ ପ୍ରତି ବିପଦ ଥିବା ନେଇ ବାପଘର ଲୋକଙ୍କୁ ଜଣାଇଥିଲେ। ଶନିବାର ସକାଳେ ଟୁନି ପଡ଼ିଯାଇ ଅଚେତ ହୋଇଯାଇଛି, ଚିକିତ୍ସା ପାଇଁ ମେଡିକାଲ ଆଣିଛୁ ବୋଲି ଶାଶୁଘର ଲୋକେ ଜଣାଇଥିଲେ। ଖବରପାଇ ବାପଘର ଲୋକେ ମେଡିକାଲରେ ପହଞ୍ଚିବା ବେଳକୁ ଟୁନିଙ୍କ ମୃତ୍ୟୁ ହୋଇଥିବା ଜାଣିବାକୁ ପାଇଥିଲେ। ଶାଶୁ ଓ ନଣନ୍ଦ ଅଧିକ ଯୌତୁକ ଦାବିକରି ତାଙ୍କ ଝିଅକୁ ଜୀବନରେ ମାରିଦେଇଛନ୍ତି ବୋଲି ବାପା ଶରତ ଦାସ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ତଦନ୍ତ ପରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜଙ୍କିଆ ଥାନା ଅଧିକାରିଣୀ ପ୍ରଜ୍ଞାରତ୍ନମ୍ବରା କର ସୂଚନା ଦେଇଛନ୍ତି।

### ଆଜାଦ ହିନ୍ଦ୍ ଫୌଜ ପକ୍ଷରୁ ସାଧାରଣତନ୍ତ୍ର ଦିବସ

ଭୁବନେଶ୍ୱର,୨୭।୧ – ରାଜ୍ୟ ଆଜାଦ ହିନ୍ଦ୍ ଫୌଜ ପକ୍ଷରୁ ୭୫ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟଠାରେ ସଂଘର ରାଜ୍ୟ ସଭାପତି ବସନ୍ତ କୁମାର ପାଇକରାୟ ପତାକା ଉତ୍ତୋଳନ କରି ଧର୍ମ ନିରପେକ୍ଷତାକୁ ଅକ୍ଷୁର୍ଣ୍ଣ ରଖିବାକୁ ଆହ୍ୱାନ ଦେଇଥିଲେ। ଶ୍ରୀକାନ୍ତ ମିଶ୍ର, ପ୍ରଫୁଲ୍ଲ ତ୍ରିପାଠୀ, ରାମଚନ୍ଦ୍ର ସାହୁ,ତ୍ରିଲୋଚନ ମହାନ୍ତି, ରମେଶ ମହାପାତ୍ର, ଗୌରୀ ଶଙ୍କର ମିଶ୍ର, ରମେଶ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଭେଣ୍ଡିଂଜୋନ୍ ପାଇଁ ଆମରଣ ଅନଶନରେ ଦୃଷ୍ଟିହୀନ ବ୍ୟବସାୟୀ

## ବିଏମ୍‌ସି ମୁଖ୍ୟାଳୟ ଆଗରେ ଶୀତ, କାକରରେ ରାତି ବିତୁଛି

ଭୁବନେଶ୍ୱର, ୨୭।୧ (ବନ୍ଦନା ସେଠୀ)




ଭେଣ୍ଡିଂଜୋନ୍ ଦାବିରେ ପୁଣି ଆନ୍ଦୋଳନକୁ ଓହ୍ଲାଇଛନ୍ତି ଦିବ୍ୟାଙ୍ଗ ବ୍ୟବସାୟୀ। ଗୁରୁବାରଠାରୁ ଶୀତ କାକରରେ ବିଏମ୍‌ସି ମୁଖ୍ୟାଳୟ ଆଗରେ ଧାରଣାରେ ବସିଛନ୍ତି। ଏମାନେ ସମସ୍ତେ ହେଉଛନ୍ତି ଦୃଷ୍ଟିହୀନ। ପ୍ରଥମେ ଉଚ୍ଛେଦ ତା' ପରେ ପ୍ରତିଶ୍ରୁତି ଦେଇ ଆମପରି ଉଠାଦୋକାନୀଙ୍କ ଥଇଥାନ କଥା ବିଏମ୍‌ସି ଭୁଲି ଯାଇଥିବା ସେମାନେ ଅଭିଯୋଗ କରିଛନ୍ତି। ୩ମାସ ମଧ୍ୟରେ ଦୃଷ୍ଟିହୀନ ଉଠାଦୋକାନୀଙ୍କୁ ଭେଣ୍ଡିଂଜୋନ୍ ମାଧ୍ୟମରେ ଥଇଥାନ କରିବ ବୋଲି ୨୦୨୨ ଅଗଷ୍ଟରେ ବିଏମ୍‌ସି ପ୍ରତିଶ୍ରୁତି ଦେଇଥିଲା। ଇତିମଧ୍ୟରେ ବର୍ଷେ ବିତି ଯାଇଥିଲେ ବି ଭେଣ୍ଡିଂଜୋନ୍ ତ ଦୂରର କଥା ଅସ୍ଥାୟୀ ଭାବେ ଏକ ସୁରକ୍ଷିତ ସ୍ଥାନ ମଧ୍ୟ ସେମାନଙ୍କୁ ପ୍ରଦାନ କରାଯାଇ ପାରିନାହିଁ। ମାର୍କେଟ ବିଲ୍ଡିଂସ୍ଥିତ ପାର୍କିଂ ପଛପଟେ ଦିଆଯାଇଥିବା ଜାଗାକୁ ଲୋକମାନେ ଆସୁ ନ ଥିବାରୁ ସେମାନଙ୍କ ବେପାର ହେଉନାହିଁ। ପୁଣି ଖୋଲା ସ୍ଥାନରେ ଦୋକାନ କରୁ ଥିବାରୁ ସୁରକ୍ଷା ନେଇ ସମସ୍ୟା ହେଉଛି। ତେଣୁ ମାର୍କେଟ ବିଲ୍ଡିଂ ଭଳି ଅନ୍ୟ କୌଣସି ଜନଗହଳିପୂର୍ଣ୍ଣ ସ୍ଥାନରେ ସେମାନଙ୍କୁ ସ୍ଥାୟୀ ଭାବେ ଥଇଥାନ କରିବାକୁ ଦୀର୍ଘ ଦିନରୁ ଦାବି କରି ଆସୁଛୁ। ମାତ୍ର ବିଏମ୍‌ସି ଏନେଇ କୌଣସି ପଦକ୍ଷେପ ନେଉ ନ ଥିବାରୁ ସେମାନେ କ୍ଷୋଭ ପ୍ରକାଶ କରିବା ସହ ପୁଣିଥରେ ଆନ୍ଦୋଳନକୁ ଓହ୍ଲାଇଥିବା ସେମାନେ କହିଛନ୍ତି। ଅପରପକ୍ଷେ ଧାରଣା ଦେବା ପରେ ଗୁରୁବାର ବିଏମ୍‌ସି ମାର୍କେଟ ଡେପୁଟି କମିଶନର ଅଶୋକ ଲେଙ୍କା ସେମାନଙ୍କୁ ଆଲୋଚନା ପାଇଁ ଡାକିଥିଲେ। ତେବେ ଶତପ୍ରତିଶତ ଦୃଷ୍ଟିହୀନ ବ୍ୟକ୍ତିଙ୍କୁ ଭେଣ୍ଡିଂଜୋନ୍ ଯୋଗାଇ ଦିଆଯିବା ସମ୍ଭବ ନୁହେଁ, ପରିବାରର ଜଣଙ୍କୁ ଭେଣ୍ଡିଂଜୋନ୍ ଆଲର୍ଟ କରାଯିବ ବୋଲି ସେ କହିଥିଲେ। ଏହାକୁ ନେଇ ସେମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସରକାର ସମ୍ପୂର୍ଣ୍ଣ ଦୃଷ୍ଟିହୀନ ଲୋକଙ୍କୁ ବିଭିନ୍ନ ସୁବିଧା ସହ ଏଟିଏମ୍ କାର୍ଡ ଦେଇ ପାରୁଥିବାବେଳେ ବିଏମ୍‌ସି କାହିଁକି ଭେଣ୍ଡିଂଜୋନ୍ ଦେବ ନାହିଁ ବୋଲି ସେମାନେ କହିଛନ୍ତି। ଏଥିସହ ବହୁ ପରିବାରରେ ସମସ୍ତେ ଦୃଷ୍ଟିହୀନ। ଏପରି ସ୍ଥିତିରେ ସେମାନଙ୍କ ବନ୍ଧୁ ପରିଜନଙ୍କୁ ଭେଣ୍ଡିଂଜୋନ୍ ଦିଆଗଲେ ସେମାନଙ୍କ ଭବିଷ୍ୟତର ସୁରକ୍ଷା କିଏ ଦେବ ବୋଲି ସେମାନେ ପ୍ରଶ୍ନ କରିଛନ୍ତି।

### ଉଚ୍ଛେଦ ପରେ ବାର ଦୁଆର ବୁଲୁଛନ୍ତି ୨୩ ଦୃଷ୍ଟିହୀନ

ୟୁନିଟ-୨ ମାର୍କେଟ ବିଲ୍ଡିଂରେ ୨୦ ବର୍ଷରୁ ଦୀର୍ଘ ସମୟ ଧରି ୨୩ଜଣ ଦୃଷ୍ଟିହୀନ ବ୍ୟବସାୟୀ ଉଠାଦୋକାନ କରି ଗୁଜୁରାଣ ମେଣ୍ଟାଉଥିଲେ। ଖେଳନା, ଇୟରବଡ଼, ନେଲ୍‌କଟର, ସେଫ୍ଟିପିନ୍, ଗନ୍ଧକର୍ପୁର ଭଳି ଜିନିଷ ବିକି ସେଥିରୁ ଦି' ପଇସା କମାଉଥିଲେ। ମାତ୍ର ଗତବର୍ଷ ଜୁଲାଇ ୩୧ରେ ଉଠାଦୋକାନୀ ଏବଂ ସ୍ଥାୟୀ ଦୋକାନୀଙ୍କ ଗଣ୍ଡଗୋଳ ପରେ ସବୁକିଛି ବଦଳି ଯାଇଥିଲା। ମାର୍କେଟ ଭିତରେ ଉଠାଦୋକାନୀଙ୍କୁ ପୂରାଇ ଦିଆଯିବ ନାହିଁ ବୋଲି ଦାବିକରି ୪ଦିନ ଧରି ମାର୍କେଟକୁ ବନ୍ଦ ରଖାଯାଇଥିଲା। ସ୍ଥାୟୀ ବ୍ୟବସାୟୀଙ୍କ ସପକ୍ଷରେ ନିଷ୍ପତ୍ତି ହେବା ପରେ ପରିସ୍ଥିତି ଶାନ୍ତ ପଡିଥିଲା। ମାତ୍ର ଏଠାରେ ବ୍ୟବସାୟ କରି ଚଳୁଥିବା ଏହି ୨୩ଜଣ ଦୃଷ୍ଟିହୀନ ବ୍ୟବସାୟୀଙ୍କ ଭାତହାଣ୍ଡି ଉଜୁଡି ଯାଇଛି। ସେବେଠାରୁ ସ୍ଥାୟୀ ଜାଗା ଖଣ୍ଡେ ପାଇବା ପାଇଁ ଏମାନେ ବାର ଦୁଆର ବୁଲୁଛନ୍ତି। ଏନେଇ ଦୃଷ୍ଟିହୀନ ବ୍ୟବସାୟୀ ବଂଶୀଧର ପ୍ରଧାନ କହିଛନ୍ତି, ଉଚ୍ଛେଦ ହେବା ପରେ କମିଶନର ବିଜୟ ଅମୃତା କୁଲାଙ୍ଗେଙ୍କ ନିକଟକୁ ଯାଇଥିଲୁ। ସେ ଆମକୁ ମାର୍କେଟ ବିଲ୍ଡିଂରେ ବ୍ୟବସାୟ କରିବାକୁ ପ୍ରତିଶ୍ରୁତି ଦେବା ସହ ଆମ ପାଇଁ ଆଇକାର୍ଡରେ ବ୍ୟବସ୍ଥା କରାଯିବ ବୋଲି କହିଥିଲେ। ମାତ୍ର ପରେ ସେଥିରୁ ଓହରି ଯାଇଥିଲେ। ସେହିପରି ନ୍ୟାୟ ପାଇବା ପାଇଁ ଗତ ଅଗଷ୍ଟ ୮ରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଯାଇଥିଲୁ। ସେଠାରୁ ପ୍ରତିଶ୍ରୁତି ପାଇ ଫେରିବା ପରେ ବିଏମ୍‌ସି ପକ୍ଷରୁ ପୁରୁଣା ବସ୍‌ଷ୍ଟାଣ୍ଡରେ ଡ୍ରେନ୍ କଡରେ ବ୍ୟବସାୟ କରିବାକୁ ଜାଗା ଚିହ୍ନଟ କରାଯାଇଥିଲା। ମାତ୍ର ସେହି ସ୍ଥାନ ୟୁରିନାଲ କଡରେ ହୋଇଥିବାବେଳେ ସେଠାରେ ନିଶାଖୋରଙ୍କ ପ୍ରାଦୁର୍ଭାବ ଦେଖାଦେଇଥିଲା। ପରେ ମାର୍କେଟବିଲ୍ଡିଂ ପାର୍କିଂ ପଛପଟେ ଜାଗା ଦିଆଯାଇଛି। କିନ୍ତୁ ସେଠାରେ କୌଣସି ସ୍ଥାୟୀ ନିର୍ମାଣ କରିବାକୁ ମନା କରାଯାଇଛି। ସେହିପରି ଲୋକ ଆସୁ ନ ଥିବାରୁ ବେପାର ହେଉନାହିଁ। ତେଣୁ ଦିନେ ଖାଇଲେ ଆଉ ଦି ଦିନ ଉପାସରେ କାଟୁଥିବା ବଂଶୀଧର କହିଛନ୍ତି।

## ୩ଦଫା ଦାବିରେ ଭଟେରିନାରି ଛାତ୍ରୀଛାତ୍ରଙ୍କ ଧାରଣା



ଭେଟେରିନାରି ମହାବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ର ଧାରଣାରେ ବସିଛନ୍ତି।

ଭୁବନେଶ୍ୱର, ୨୭।୧ (ଅସମାପିକା ସାହୁ)

ତିନିଦଫା ଦାବି ନେଇ ଓୟୁଏଟି ଭେଟେରିନାରି ମହାବିଦ୍ୟାଳୟର ଛାତ୍ରୀଛାତ୍ର ଶନିବାର ଧାରଣାରେ ବସିଥିଲେ। ରାଜ୍ୟରେ ଭେଟେରିନାରି ବିଶ୍ୱବିଦ୍ୟାଳୟ ସ୍ଥାପନ, ଇଣ୍ଟର୍ନଶିପ ଛାତ୍ରୀଛାତ୍ରଙ୍କ ଷ୍ଟାଇପେଣ୍ଡ୍ ବୃଦ୍ଧି, ଭେଟେରିନାରି ଡାକ୍ତରୀ ସେବାରେ ଡିଏସିପି ଓ ଏନ୍‌ପିଏ ଲାଗୁ ଆଦି ତିନୋଟି ଦାବି ସମ୍ପର୍କରେ ସରକାରଙ୍କୁ ବାରମ୍ବାର ଜଣାଉଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉ ନାହିଁ। ଫଳରେ ଛାତ୍ରୀଛାତ୍ର ଆନ୍ଦୋଳନକୁ ଓହ୍ଲାଇଥିବା କଲେଜର ଛାତ୍ର କମିଟି ପକ୍ଷରୁ କୁହାଯାଇଛି। କମିଟିର କହିବାନୁସାରେ, ୨୦୨୧ କ୍ୟାବିନେଟ ବୈଠକରେ ଅର୍ଥ ବିଭାଗ ଦ୍ୱାରା ଭେଟେରିନାରି ବିଶ୍ୱବିଦ୍ୟାଳୟ ନିର୍ମାଣ ନିମନ୍ତେ ୨୦କୋଟି ମଞ୍ଜୁରୀ ହୋଇଥିଲା। କିନ୍ତୁ ଏହାକୁ ଏଯାଏ ସରକାର କାର୍ଯ୍ୟକାରୀ କରିନାହାନ୍ତି। ମହାବିଦାଳୟ ତଥା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସମର୍ଥନ ତଥା ଛାତ୍ରୀଛତ୍ରଙ୍କ ନ୍ୟାଯ୍ୟଦାବି ପ୍ରତି ସରକାର କାହିଁକି ଦୃଷ୍ଟି ଦେଉନାହାନ୍ତି ବୋଲି ଛାତ୍ରୀଛାତ୍ର ପ୍ରଶ୍ନ କରିଛନ୍ତି। ସରକାର ଯଦି ଛାତ୍ରୀଛାତ୍ରଙ୍କ ଦାବି ପୂରଣ ନ କରନ୍ତି ତେବେ ବାଧ୍ୟ ହୋଇ ବଡ଼ ଧରଣର ଆନ୍ଦୋଳନକୁ ଓହ୍ଲେଇବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

## ଗାଡ଼ି ଧକ୍କାରେ ବାଇକ୍ ଚାଳକ ମୃତ, ଜଣେ ଗୁରୁତର

ନିରାକାରପୁର,୨୭।୧ (ମାନସ ଚନ୍ଦ୍ର ପଟ୍ଟନାୟକ)

୧୬ ନମ୍ବର ଜାତୀୟ ରାଜପଥର ଜଙ୍କିଆ ଥାନା ଅଧୀନ ଟୋଲ୍‌ଗେଟ୍ ନିକଟରେ ଗାଡ଼ି ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଟାଙ୍ଗୀ ଥାନା ଅନ୍ତର୍ଗତ ପଣସପୁର ପାଟଣାର ସମୀର କୁମାର ବେହେରା(୩୫)। ଆହତ ହେଲେ ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ଅଧୀନ ରାଜିପଡ଼ା କାଟେଣୀ ଅଞ୍ଚଳର ଅଭିମନ୍ୟୁ ବେହେରା(୩୪)। ସୂଚନା ମୁତାବକ, ଉଭୟେ ଏକ ବାଇକ୍‌ରେ ଖୋର୍ଦ୍ଧାରୁ ଟାଙ୍ଗୀ ଅଭିମୁଖେ ଯାଉଥିବା ବେଳେ ଟୋଲ୍‌ଗେଟ୍ ନିକଟରେ ଏକ ଅଜଣା ଗାଡ଼ି ତାଙ୍କ ବାଇକ୍‌କୁ ପଛପଟୁ ଧକ୍କାଦେଇ ପଳାଇଥିଲା। ଫଳରେ ବାଇକ୍‌ରୁ ଛିଟିକି ରାସ୍ତାରେ ପଡ଼ିବାରୁ ସମୀରଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିଲା। ପଛରେ ବସିଥିବା ଅଭିମନ୍ୟୁ ଆହତ ହୋଇଥିଲେ। ଜଙ୍କିଆ ଓମ୍‌ଶ୍ରୀ ଗ୍ରୁପ୍‌ର ଉପଦେଷ୍ଟା ଭୂଷଣ ଛୋଟରାୟଙ୍କ ସମେତ କମିଟିର କର୍ମକର୍ତ୍ତା ପହଞ୍ଚି ପୋଲିସକୁ ଖବର ଦେବା ସହିତ ଆହତଙ୍କୁ ଖୋର୍ଦ୍ଧା ମେଡିକାଲ ପଠାଇଥିଲେ।

## ବସ୍ ବିକ୍ରି ଆଳରେ ୭୦ ଲକ୍ଷ ଠକେଇ, ଦମ୍ପତି ଗିରଫ

ଭୁବନେଶ୍ୱର,୨୭।୧(ସୂର୍ଯ୍ୟକାନ୍ତ ବେହେରା)



ବସ୍ ବିକ୍ରି ଆଳରେ ୭୦ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ଭରତପୁର ଥାନା ପୋଲିସ ଏକ ଦମ୍ପତିଙ୍କୁ ଗିରଫ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ମଧୁସୂଦନ ନଗରରେ ରହୁଥିବା ଜଟଣୀ ଥାନା ଇଚ୍ଛାପୁର ପାଟଣାର ମୁସ୍ତାକ ଅଲ୍ଲୀ ଓ ସୋଫିଆ ସୁଲ୍‌ତାନ। ସେମାନଙ୍କଠାରୁ ବସ୍ ଜବତ ହୋଇଛି। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, ଅଭିଯୋଗକାରୀ ଅଶ୍ୱିନୀ କୁମାର ଶାରଙ୍ଗୀଙ୍କ ଭାଇ ଆଶୁତୋଷ ଜଣେ ବସ୍ ମାଲିକ। ୨୦୨୦ରେ ଆଶୁତୋଷଙ୍କ ସହ ଅଭିଯୁକ୍ତ ମୁସ୍ତାକଙ୍କର ସାକ୍ଷାତ ହୋଇ ସମ୍ପର୍କ ବଢିଥିଲା। ପରବର୍ତ୍ତୀ ସମୟରେ ଆଶୁତୋଷଙ୍କର ଜଣେ ସମ୍ପର୍କୀୟ ଭାଇ ରଶ୍ମି ରଞ୍ଜନଙ୍କର ମଧ୍ୟ ଅଭିଯୁକ୍ତ ମୁସ୍ତାକଙ୍କ ସହ ସମ୍ପର୍କ ହୋଇଥିଲା। ଅଭିଯୁକ୍ତ ଜଣକ ନିଜକୁ ୩ଟି ବସ୍‌ର ମାଲିକ ପରିଚୟ ଦେବା ସହ ବରମୁଣ୍ଡା ବସ୍‌ଷ୍ଟାଣ୍ଡରୁ ବସ ଚାଲୁଥିବା କହିଥିଲେ। କୋଭିଡ୍ ମହାମାରୀ ଯୋଗୁ ବ୍ୟବସାୟରେ କ୍ଷତି ହୋଇଥିବାରୁ ସେ ତାଙ୍କର ୩ଟି ବସ୍ କମ ମୂଲ୍ୟରେ ବିକ୍ରୟ କରିବା ପାଇଁ ରଶ୍ମି ରଞ୍ଜନଙ୍କ ମାଧ୍ୟମରେ ଅଶ୍ୱିନୀ ଓ ତାଙ୍କର ଭାଇ ଆଶୁତୋଷଙ୍କୁ ଯୋଗାଯୋଗ କରିବା ସହ କିଣିବା ପାଇଁ ପ୍ରସ୍ତାବ ଦେଇଥିଲେ। ୨୦୨୧ରେ ନୋଟାରିରେ ଚୁକ୍ତି କରି ଅଭିଯୁକ୍ତ ମୁସ୍ତାକ ଓ ତାଙ୍କ ସ୍ତ୍ରୀ ସୁଫିଆ ବରମୁଣ୍ଡା ବସ୍‌ଷ୍ଟାଣ୍ଡ୍‌ରେ ଥିବା ଗୋଟିଏ ବସ୍‌କୁ ବନ୍ଧକ ରଖି ଆଶୁତୋଷଙ୍କଠାରୁ ବିଭିନ୍ନ ପର୍ଯ୍ୟାୟରେ ମୋଟ ୭୦ ଲକ୍ଷ ଟଙ୍କା ନେଇଥିଲେ। ହେଲେ ବସ୍‌ର ମାଲିକାନା ସ୍ଥାନାନ୍ତର କରି ନ ଥିଲେ। ଠକେଇର ଶିକାର ହୋଇଥିବା ଜାଣିବା ପରେ ଆଶୁତୋଷଙ୍କ ଭାଇ ଅଶ୍ୱିନୀ ଭରତପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ।

## ଛାତ୍ରୀଛାତ୍ରଙ୍କ ପାଇଁ ବିଦ୍ୟାଳୟ ହିଁ ସୁନ୍ଦର ପ୍ଲାଟ୍‌ଫର୍ମ

ବାଲିଅନ୍ତା,୨୭।୧(ନୀଳମାଧବ ସାହୁ)



ଉତ୍ସବରେ ଅତିଥିଙ୍କ ଠାରୁ କୃତୀ ଛାତ୍ର ପୁରସ୍କାର ଗ୍ରହଣ କରୁଛନ୍ତି।

ନହରକଣ୍ଟାସ୍ଥିତ ମହାରଥା ସରକାରୀ ଉଚ୍ଚ ବିଦ୍ୟାଳୟର ପୁରସ୍କାର ବିତରଣ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ ଯୋଗଦେଇ ଛାତ୍ରୀଛାତ୍ର ବିଦ୍ୟାଳୟରେ ଆୟୋଜିତ ସମସ୍ତ ପ୍ରତିଯୋଗିତାରେ ଭାଗ ନେବା ଉଚିତ। ଭବିଷ୍ୟତରେ ଆଗକୁ ବଢ଼ିବା ପାଇଁ ବିଦ୍ୟାଳୟ ହିଁ ସୁନ୍ଦର ପ୍ଲାଟଫର୍ମ। ଏଥିପାଇଁ ଛାତ୍ରୀଛାତ୍ର ନିଜ ନିଜ ଭିତରେ ପ୍ରତିଯୋଗିତା କରନ୍ତୁ ବୋଲି ବିଧାୟକ ରାଉତ କହିଥିଲେ। ପ୍ରଧାନ ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ କର୍ପୋରେଟର ସୁକୁମାର ସାହୁ, ଆଲୁମ୍‌ନି କମିଟି ସଭାପତି ପ୍ରଦୀପ୍ତ ଛୋଟରାୟ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ହୃଦାନନ୍ଦ ରାଉଳ, ଆଲୁମ୍‌ନି ସମ୍ପାଦକ ମହେନ୍ଦ୍ର ଜେନା, ସହ- ସମ୍ପାଦକ ଶତ୍ରୁଘ୍ନ ସାହୁ, କୋଷାଧ୍ୟକ୍ଷ କାମଦେବ ପତି, ବ୍ରହ୍ମାନନ୍ଦ ପଣ୍ଡା, ସିଦ୍ଧେଶ୍ୱର ନାୟକ, ଚନ୍ଦ୍ରଶେଖର ଜେନା, କ୍ଷୀରୋଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ଶିକ୍ଷକ ପ୍ରମୋଦ ସାହୁ ବିବରଣୀ ପାଠ କରିବା ସହ ବିଦ୍ୟାଳୟର ଅଭାବ ଅସୁବିଧା ସମ୍ପର୍କରେ ମୁଖ୍ୟ ଅତିଥିଙ୍କ ଦୃଷ୍ଟିଆକର୍ଷଣ କରିଥିଲେ।

# ଧରାପଡିଲେ ଲେଡି ବ୍ଲାକ୍‌ମେଲର

ଭୁବନେଶ୍ୱର,୨୭।୧(ସୂର୍ଯ୍ୟକାନ୍ତ ବେହେରା)

■ଭିଡିଓ ଭାଇରାଲ ଧମକ ଦେଇ ଲକ୍ଷାଧିକ ଠକେଇ

■ମୋବାଇଲ ଫୋନ୍, ଡେବିଟ କାର୍ଡ, ଚେକ ବୁକ୍ ଓ ପାସ୍ ବୁକ୍ ଜବତ



ସିବିଆଇ ଅଧିକାରୀ କହି ମହିଳା ଓ ଯୁବତୀଙ୍କୁ ବ୍ଲାକ୍‌ମେଲିଂ କରି ଲକ୍ଷାଧିକ ଟଙ୍କା ଠକିବା ଅଭିଯୋଗରେ ଭୁବନେଶ୍ୱର ସାଇବର ଥାନା ପୋଲିସ ଜଣେ ମହିଳାଙ୍କୁ ଗିରଫ କରିଛି। ସେ ହେଲେ ବାଲେଶ୍ୱର ସହଦେବଖୁଣ୍ଟା ଥାନା ଅଞ୍ଚଳର ସସ୍ମିତା ଜେନା। ତାଙ୍କଠାରୁ ଗୋଟିଏ ମୋବାଇଲ ଫୋନ, ଡେବିଟ କାର୍ଡ, ଚେକ୍ ବୁକ୍ ଓ ପାସ୍ ବୁକ୍ ଜବତ ହୋଇଛି। ଗିରଫ ପରେ ଅଭିଯୁକ୍ତ ସସ୍ମିତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଏହି ଠକେଇରେ ମହିଳାଙ୍କ ସ୍ୱାମୀ ମାଷ୍ଟରମାଇଣ୍ଡ୍ ଥିବା ପୋଲିସ ଜାଣିବାକୁ ପାଇଛି। ସେ ଫେରାର ଥିବାରୁ ତାଙ୍କୁ ଧରିବାକୁ ଉଦ୍ୟମ ଜାରି ରହିଥିବା ପୋଲିସ ସୂଚନା ଦେଇଛି।ଅଭିଯୁକ୍ତା ସସ୍ମିତାଙ୍କ ଦ୍ୱାରା ବ୍ଲାକ୍‌ମେଲିଂ ଓ ଠକେଇର ଶିକାର ହୋଇଥିବା ଜଣେ ମହିଳାଙ୍କ ସ୍ୱାମୀ ଘଟଣା ନେଇ ସାଇବର ଥାନାରେ ଏକ ରିପୋର୍ଟ କରିଥିଲେ। ଅଭିଯୋଗ ମୁତାବକ ତାଙ୍କ ସ୍ତ୍ରୀଙ୍କ ପାଖକୁ ଏକ କଲ୍ ଆସିଥିଲା। ଫୋନ୍ କରିଥିବା ବ୍ୟକ୍ତି ଜଣକ ପ୍ରଥମେ ନିଜକୁ ସିବିଆଇ ଅଫିସର ବୋଲି ପରିଚୟ ଦେଇ କଥା ହେବା ସହ ପୁରୁଣା ପୁରୁଷ ପ୍ରେମିକାଙ୍କ ସହ ତାଙ୍କର କିଛି ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଜଣାଇଥିଲେ। ଏପରିକି ସାଇବର ଥାନା ସହ ବିଭିନ୍ନ କଥା କହି ଭୟଭୀତ କରାଇଥିଲେ। ପରେ ଏସବୁକୁ ଡିଲିଟ୍ କରିଦେବାକୁ କହି ସମ୍ପୃକ୍ତ ମହିଳାଙ୍କଠାରୁ ମୋଟା ଅଙ୍କର ଟଙ୍କା ଦାବି କରିଥିଲେ। ତାଙ୍କ କଥାକୁ ମହିଳା ଜଣକ ବିଶ୍ୱାସ କରି ତାଙ୍କ ଆକାଉଣ୍ଟକୁ ୧ଲକ୍ଷ ଟଙ୍କା ପଠାଇଥିଲେ। ହେଲେ ଅଭିଯୁକ୍ତ ମହିଳା ଅଧିକ ଟଙ୍କା ମାଗିବା ସହ ନାନା ଧମକ ଦେଇଥିଲେ। ଅସହ୍ୟ ହେବାରୁ ଶେଷରେ ତାଙ୍କ ସ୍ୱାମୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ କରି ଅଭିଯୁକ୍ତା ମହିଳାଙ୍କୁ ବାଲେଶ୍ୱରରୁ ଗିରଫ କରିଥିଲା। ତେବେ ଅଭିଯୁକ୍ତ ମହିଳାଙ୍କ ପାଖରେ ସେମିତି କିଛି ଫଟୋ ନ ଥିବାବେଳେ ଟଙ୍କା ଠକି ନେବାକୁ ଏପରି କରୁଥିବା ପୋଲିସ ତଦନ୍ତବେଳେ ଜାଣିବାକୁ ପାଇଛି।




ବିଜେଇଏମ୍ ପବ୍ଲିକ୍ ସ୍କୁଲ୍‌ରେ ଶୁକ୍ରବାର ଅନୁଷ୍ଠିତ ୭୫ତମ ସାଧାରଣତନ୍ତ୍ର ଦିବସ ପରେଡ଼ରେ ଭଲ ପ୍ରଦର୍ଶନ କରିଥିବା ଦଳର ଛାତ୍ରୀଛାତ୍ରମାନେ ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରୁଛନ୍ତି।




ଉପାସନା ମ୍ୟୁଜିକ୍ ପକ୍ଷରୁ ଶନିବାର ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ କିଶୋର କୁମାର ସନ୍ଧ୍ୟାରେ ଦୁଇ କଣ୍ଠଶିଳ୍ପୀ ସଙ୍ଗୀତ ପରିବେଷଣ କରୁଛନ୍ତି।




ଟ୍ରେଡ୍ ୟୁନିୟନ ସେଣ୍ଟର ଅଫ୍ ଇଣ୍ଡିଆ ପକ୍ଷରୁ ଶନିବାର ଅନୁଷ୍ଠିତ ସର୍ବଭାରତୀୟ ସମ୍ମିଳନୀ ଅବସରରେ ଶ୍ରମିକ ବିରୋଧୀ ୪ଟି କୋଡ୍ ସଂଶୋଧନ, ଶ୍ରମିକଙ୍କୁ ମାସିକ ୩୧ହଜାର ଟଙ୍କା ପାରିଶ୍ରମିକ, ଠିକା ଶ୍ରମିକ ଉଠାଇ ସମସ୍ତଙ୍କୁ ସ୍ଥାୟୀ ଆଦି ଦାବି ନେଇ ବିକ୍ଷୋଭ ଶୋଭାଯାତ୍ରା।

## ସଂକ୍ଷେପରେ

### ଗାଡ଼ି ଧକ୍କାରେ ବାଇକ୍ ଚାଳକ ମୃତ, ଜଣେ ଗୁରୁତର

ନିରାକାରପୁର,୨୭।୧ (ମାନସ ଚନ୍ଦ୍ର ପଟ୍ଟନାୟକ)

୧୬ ନମ୍ବର ଜାତୀୟ ରାଜପଥର ଜଙ୍କିଆ ଥାନା ଅଧୀନ ଟୋଲ୍‌ଗେଟ୍ ନିକଟରେ ଗାଡ଼ି ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଟାଙ୍ଗୀ ଥାନା ଅନ୍ତର୍ଗତ ପଣସପୁର ପାଟଣା ଗ୍ରାମର ସମୀର କୁମାର ବେହେରା(୩୫)। ସେହିପରି ଆହତ ହେଲେ ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ଅଧୀନ ରାଜିପଡ଼ା କାଟେଣୀ ଅଞ୍ଚଳର ଅଭିମନ୍ୟୁ ବେହେରା(୩୪)। ସୂଚନା ମୁତାବକ, ଉଭୟେ ଏକ ବାଇକ୍‌ରେ ଖୋର୍ଦ୍ଧାରୁ ଟାଙ୍ଗୀ ଅଭିମୁଖେ ଯାଉଥିବା ବେଳେ ଟୋଲ୍‌ଗେଟ୍ ନିକଟରେ ଏକ ଅଜଣା ଗାଡ଼ି ତାଙ୍କ ବାଇକ୍‌କୁ ପଛପଟୁ ଧକ୍କାଦେଇ ପଳାଇଥିଲା। ଫଳରେ ବାଇକ୍‌ରୁ ଛିଟିକି ରାସ୍ତାରେ ପଡ଼ିବାରୁ ସମୀରଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିଲା। ପଛରେ ବସିଥିବା ଅଭିମନ୍ୟୁ ଆହତ ହୋଇଥିଲେ। ଖବରପାଇ ଜଙ୍କିଆ ଓମ୍‌ଶ୍ରୀ ଗ୍ରୁପ୍‌ର ଉପଦେଷ୍ଟା ଭୂଷଣ ଛୋଟରାୟଙ୍କ ସମେତ କମିଟିର କର୍ମକର୍ତ୍ତା ପହଞ୍ଚି ଜଙ୍କିଆ ପୋଲିସକୁ ଖବର ଦେବା ସହିତ ଆହତଙ୍କୁ ଖୋର୍ଦ୍ଧା ମେଡିକାଲ ପଠାଇଥିଲେ। ଜଙ୍କିଆ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଚଳାଇଛି।

### ଟ୍ରକ୍ ଧକ୍କାରେ ଭାଙ୍ଗିଲା ବିଦ୍ୟୁତ୍ ଖୁଣ୍ଟ, ଅନ୍ଧାରରେ ପିଚୁକୁଳି

ବୋଲଗଡ଼,୨୭।୧ (ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଅନ୍ତର୍ଗତ ପିଚୁକୁଳି ବଜାରରେ ଶନିବାର ସନ୍ଧ୍ୟାରେ ଏକ ଲୁହାପ୍ଲେଟ୍ ବୋଝେଇ ଟ୍ରକ୍ ଧକ୍କାରେ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଯାଇଛି। ଫଳରେ ରାସ୍ତାରେ ତାରଗୁଡ଼ିକ ପଡ଼ି ଜଳିଥିଲା। ଏନେଇ ଟ୍ରକ୍ ଚାଳକଙ୍କୁ ସ୍ଥାନୀୟ ଲୋକେ ଅଟକ ରଖି ବିଦ୍ୟୁତ୍ ବିଭାଗକୁ ଖବର ଦେଇଥିଲେ। ବିଦ୍ୟୁତ୍ ବିଭାଗ କର୍ମଚାରୀ ପହଞ୍ଚି ମରାମତି କାର୍ଯ୍ୟ ଆରମ୍ଭ କରିଥିଲେ। ତେବେ ଖବର ଲେଖାହେବା ପର୍ଯ୍ୟନ୍ତ ପିଚୁକୁଳି ନିକଟ ଅଞ୍ଚଳ ଅନ୍ଧାର ସହ ଇଣ୍ଟରନେଟ୍ ସେବା ଅଚଳ ହୋଇପଡ଼ିଛି।

### ଯୁବ ବ୍ୟବସାୟୀଙ୍କ ପରଲୋକ

ବାଲୁଗାଁ,୨୭।୧ (ସଂଗ୍ରାମ ପାଇକରାୟ)

ଯୁବ ବ୍ୟବସାୟୀ ବଡ଼କୂଳ ଅଞ୍ଚଳର ମାଧବ ଡ଼ୋରା(୩୭)ଙ୍କ ପରଲୋକ ହୋଇଯାଇଛି। ସେ ଘରେ ବସିଥିବା ବେଳେ ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରି ଅଚେତ ହୋଇପଡ଼ିଥିଲେ। ସଙ୍ଗେ ସଙ୍ଗେ ପରିବାରଲୋକେ ତାଙ୍କୁ ଚିକିତ୍ସା ପାଇଁ ବାଲୁଗାଁ ଡାକ୍ତରଖାନାକୁ ନେଇଥିଲେ।ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ଶନିବାର ସକାଳେ ବଡ଼କୂଳ ସ୍ଥିତ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ଅନ୍ତ୍ୟେଷ୍ଟି କ୍ରିୟା ବେଳେ ସଂଘର ସଭାପତି ପ୍ରକାଶ କୁମାର ପ୍ରଧାନଙ୍କ ସମେତ ସମସ୍ତ ସଦସ୍ୟ ଏବଂ ଶତାଧିକ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

# ପଞ୍ଚପାଇକଙ୍କ ପୀଠରେ ତାଲାପକାଇ ଧାରଣା

## ଜୋର ଧରିଲା ଶ୍ମଶାନ ପାଇଁ ସ୍ଥାନ ଦାବି

ଖୋର୍ଦ୍ଧା,୨୭।୧ (ପ୍ରଭାତ ପାଣିଗ୍ରାହୀ)


ଗଡ଼ଦ୍ୱାରର ଏକାଧିକ ଦଳିତ ପରିବାର ଫାଟକରେ ତାଲା ପକାଇ ପ୍ରତିବାଦ କରୁଛନ୍ତି।

ପଞ୍ଚ ପାଇକଙ୍କ ପ୍ରତିମୂର୍ତ୍ତି ସ୍ଥାନାନ୍ତରଣ ବେଳେ ଗଡ଼ଦ୍ୱାର ଦଳିତ ପରିବାରଙ୍କୁ ଶ୍ମଶାନ ପାଇଁ ଅନ୍ୟତ୍ର ଜାଗା ଦେବା ପାଇଁ ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ତେବେ ପ୍ରଶାସନର ଅବହେଳା ତଥା ଶ୍ମଶାନ ପାଇଁ ଜାଗା ଦେବାକୁ ଦାବିରେ ସାଧାରଣତନ୍ତ୍ର ଦିବସ(ଶୁକ୍ରବାର)ରେ ଗଡଦ୍ୱାରର ଏକାଧିକ ଦଳିତ ପରିବାର ପଞ୍ଚପାଇକଙ୍କ ପୀଠ ମୁଖ୍ୟ ଫାଟକରେ ତାଲା ପକାଇ ଧାରଣା ଦେଇଥିଲେ। ଫଳରେ ସାଧାରଣତନ୍ତ୍ର ଦିବସରେ ପଞ୍ଚ ପାଇକଙ୍କ ପୀଠରେ ପୁଷ୍ପମାଲ୍ୟର୍ପଣ ପାଇଁ ଆସିଥିବା ଲୋକେ ନିରାଶ ହୋଇ ଫେରିଥିଲେ। ଖବରପାଇ ତହସିଲଦାର ବିଭାଷ ପାଣିଗ୍ରାହୀ ପହଞ୍ଚି ବୁଝାଶୁଝା କରିବା ସହ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ପ୍ରକାଶ ଯେ, ପାଇକ ବିଦ୍ରୋହର ସ୍ମୃତି ଉଦ୍ଦେଶ୍ୟରେ ଗଡ଼ଖୋର୍ଦ୍ଧା ଛକରେ ୧୯୯୯ ମସିହାରେ ପଞ୍ଚପାଇକଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା କରାଯାଇଥିଲା। ପାଇକ ବୀର ବକ୍ସି ଜଗବନ୍ଧୁ, ଜୟୀ ରାଜଗୁରୁ, କୃତିବାସ ପାଟ୍ଟଶାଣୀ, ତାପଙ୍ଗ ଦଳବେହେରା ଓ ପିଣ୍ଡିକି ବାହୁବଳେନ୍ଦ୍ରଙ୍କ ପ୍ରତିମୂର୍ତ୍ତି ରହିଛି। ଭୁବନେଶ୍ୱର-ଚେନ୍ନାଇ ୧୬ ନମ୍ବର ଜାତୀୟ ରାଜପଥ ସମ୍ପ୍ରସାରଣ ଯୋଗୁ ରାସ୍ତାକଡରେ ରହିଥିବା ପ୍ରତିମୂର୍ତ୍ତି ସ୍ଥାନାନ୍ତର ପାଇଁ ଜିଲା ପ୍ରଶାସନ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଉକ୍ତ ପୀଠ ନିକଟ ପ୍ଲଟ ନଂ.୧୩୧, ମୌଜା ଖୋର୍ଦ୍ଧାକୁ ସ୍ଥାନାନ୍ତର କରାଯାଇଥିଲା। ଉକ୍ତ ସରକାରୀ ପ୍ଲଟକୁ ସ୍ଥାନୀୟ ଗଡ଼ଦ୍ୱାର ସାହିର ଲୋକମାନେ ଶ୍ମଶାନଭାବେ ବ୍ୟବହାର କରୁଥିଲେ। ଏହି ସମୟରେ ଶ୍ମଶାନ ପାଇଁ ଏକ ନୂତନ ସ୍ଥାନ ଯୋଗାଇ ଦିଆଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ତେବେ ପରବର୍ତ୍ତୀ ସମୟରେ ଜିଲା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିଲା। ଏପରିକି ନିକଟରେ ସମ୍ପୃକ୍ତ ଅଞ୍ଚଳର ଏକାଧିକ ବାସିନ୍ଦା ଏ ସମ୍ପର୍କରେ ଜିଲାପାଳଙ୍କ ନିକଟରେ ଅଭିଯୋଗ ମଧ୍ୟ କରିଥିଲେ।

# ଯୌତୁକ ଦାବିରେ ମହିଳାଙ୍କୁ ହତ୍ୟା ଅଭିଯୋଗ

ନିରାକାରପୁର,୨୭।୧ (ମାନସ ଚନ୍ଦ୍ର ପଟ୍ଟନାୟକ)

ଯୌତୁକ ଦାବିରେ ଜଣେ ମହିଳାଙ୍କୁ ହତ୍ୟା କରାଯାଇଛି ବୋଲି ଶନିବାର ଜଙ୍କିଆ ଥାନାରେ ଅଭିଯୋଗ ହୋଇଛି। ମୃତା ହେଲେ ଏହି ଥାନା ଅଧୀନ କୃଷ୍ଣପୁର ଗ୍ରାମର ବିକାଶ ସୁନ୍ଦରାୟଙ୍କ ସ୍ତ୍ରୀ ଟୁନି ଦାସ। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୪୦/୨୪)ରୁଜୁକରି ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, ନିରାକାରପୁର ଥାନା ଅନ୍ତର୍ଗତ ହରିପୁର ଗ୍ରାମର ଟୁନି ୮ମାସ ପୂର୍ବେ କୃଷ୍ଣପୁର ଗ୍ରାମର ବିକାଶଙ୍କୁ ବିବାହ କରିଥିଲେ। ବିବାହ ବେଳେ ଦାବି ମୁତାବକ କନ୍ୟା ଘର ପକ୍ଷରୁ ଯୌତୁକ ଦିଆଯାଇଥିଲା। ତେବେ ବିକାଶ ବାଙ୍ଗାଲୋର ଯିବା ପରେ ଅଧିକ ଯୌତୁକ ଦାବିରେ ଟୁନିଙ୍କୁ ଶାଶୁ ଓ ନଣନ୍ଦ ଶାରୀରିକ ଓ ମାନସିକ ଯନ୍ତ୍ରଣା ଦେଉଥିଲେ। ଏପରିକି ଟୁନିଙ୍କ ସହ ବିକାଶଙ୍କ ଫୋନ ମାଧ୍ୟମରେ କଥା କରାଇଦେଉନଥିଲେ। ଶୁକ୍ରବାର ରାତି ୯ଟାରେ ଟୁନି ମୋବାଇଲରେ ଜୀବନ ପ୍ରତି ବିପଦ ଥିବା ନେଇ ବାପଘର ଲୋକଙ୍କୁ ଜଣାଇଥିଲେ। ଶନିବାର ସକାଳେ ଟୁନି ପଡ଼ିଯାଇ ଅଚେତ ହୋଇଯାଇଛି, ଚିକିତ୍ସା ପାଇଁ ମେଡିକାଲ ଆଣିଛୁ ବୋଲି ଶାଶୁଘର ଲୋକେ ଜଣାଇଥିଲେ। ଖବରପାଇ ବାପଘର ଲୋକେ ମେଡିକାଲରେ ପହଞ୍ଚିବା ବେଳକୁ ଟୁନିଙ୍କ ମୃତ୍ୟୁ ହୋଇଥିବା ଜାଣିବାକୁ ପାଇଥିଲେ। ଶାଶୁ ଓ ନଣନ୍ଦ ଅଧିକ ଯୌତୁକ ଦାବିକରି ତାଙ୍କ ଝିଅକୁ ଜୀବନରେ ମାରିଦେଇଛନ୍ତି ବୋଲି ବାପା ଶରତ ଦାସ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ତଦନ୍ତ ପରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜଙ୍କିଆ ଥାନା ଅଧିକାରିଣୀ ପ୍ରଜ୍ଞାରତ୍ନମ୍ବରା କର ସୂଚନା ଦେଇଛନ୍ତି।

# ଶିଶୁଙ୍କ ମନୋବଳ ବଢ଼ାଏ କୌତୁକ ବେଶଭୂଷା



ବିଭିନ୍ନ ବେଶରେ ସଜ୍ଜିତ କୁନି ପିଲାମାନେ।

ବେଗୁନିଆ,୨୭।୧ (ହରପ୍ରସନ୍ନ ପଣ୍ଡା)

ବେଗୁନିଆ ସଦର ମହକୁମାରେ ଥିବା ନାଳନ୍ଦା ପବ୍ଲିକ୍ ସ୍କୁଲ ପରିସରରେ ଶନିବାର ସକାଳେ ବିଭିନ୍ନ ରଙ୍ଗର ବେଶରେ ସଜ୍ଜିତ ହୋଇ ଶିଶୁମାନେ ଅନୁଷ୍ଠାନକୁ ଆସିଥିଲେ। ଏହି ଅବସରରେ ଶିଶୁମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଏଥିରୁ କୃତୀ ପ୍ରତିଯୋଗୀଙ୍କୁ ଚୟନ କରାଯାଇଥିଲା। ଆୟୋଜିତ ଉତ୍ସବରେ ଅନୁଷ୍ଠାନର ପ୍ରତିଷ୍ଠାତା ଅଜୟ କୁମାର ସାହୁ, ଶିକ୍ଷକ ଅଖିଳେଶ ମହାପାତ୍ର, ଅଧ୍ୟକ୍ଷ ରାଜେଶ ସାହୁ, ଶିକ୍ଷାବିତ୍ ରାମଚନ୍ଦ୍ର ସାହୁ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଶିଶୁଙ୍କୁ ଉତ୍ସାହିତ ତଥା ଚାପମୁକ୍ତ କରିବା ପାଇଁ ଶିକ୍ଷାନୁଷ୍ଠାନଗୁଡ଼ିକରେ ବିଭିନ୍ନ ପ୍ରକାର କୌତୁକିଆ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ। ସେଥିମଧ୍ୟରୁ ରଙ୍ଗାରଙ୍ଗ ବେଶଭୂଷା ଅନ୍ୟତମ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅନୁଷ୍ଠାନର ଗୁରୁଜୀ ପ୍ରଭାକର ବିଶ୍ୱାଳ, ଗୁରୁମା ପ୍ରିୟଙ୍କା ପ୍ରିୟଦର୍ଶିନୀ, ରେଣୁବାଳା ଭୂୟାଁ, ଜ୍ୟୋତ୍ସ୍ନାରାଣୀ ମହାରଣା, ଅମିତା ପଟ୍ଟନାୟକ, ରଶ୍ମିତା ପ୍ରିୟଦର୍ଶିନୀ, ସାବିତ୍ରୀ ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଗୁରୁଜୀ ଭାଗୀରଥି ନାୟକ ଧନ୍ୟବାଦ ଦେଇଥିଲେ।


ଖୋର୍ଦ୍ଧା ବିଜେବି ହାଇସ୍କୁଲ ଖେଳପଡ଼ିଆରେ ଅନୁଷ୍ଠିତ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଅଭିଭାଦନ ଗ୍ରହଣ କରୁଛନ୍ତି।

### ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଟାଙ୍ଗୀ,୨୭।୧ (ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଓଳସିଂହ ରଘୁନାଥ ଆଦର୍ଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ପ୍ରଶିକ୍ଷିକା ସ୍ୱାଗତିକା ପାତ୍ର ୯୦ ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ ସମ୍ପର୍କରେ ଶିକ୍ଷାଦାନ କରିଥିଲେ। ମୁଖ୍ୟ ସଂଯୋଜିକା ଭାବେ ଅଧ୍ୟାପିକା କୀର୍ତ୍ତିବାଳା ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅନୁଷ୍ଠାନର ଅଧ୍ୟକ୍ଷ ସୁଧାଂଶୁ ଶେଖର ଦାଶ ମୁଖ୍ୟ ଅତିଥିଭାବେ ଯୋଗଦେଇ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଛାତ୍ରୀମାନଙ୍କୁ ଦୃଢ଼ମନା କରିବାରେ ସହାୟତା କରିବ ବୋଲି ମତବ୍ୟକ୍ତ କରିଥିଲେ। ଅଂଶଗ୍ରହଣ କରିଥିବା ଛାତ୍ରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ସମସ୍ତ ଅଧ୍ୟାପିକା,ଅଧ୍ୟାପକ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# 'ଦାୟିତ୍ୱ, କର୍ତ୍ତବ୍ୟ ପ୍ରତି ସଚେତନ ହୁଅନ୍ତୁ'

## ଜିଲାସ୍ତରୀୟ ୭୫ତମ ସାଧାରଣତନ୍ତ୍ର ଦିବସ

ଖୋର୍ଦ୍ଧା,୨୭।୧ (ପ୍ରଭାତ ପାଣିଗ୍ରାହୀ)

ସ୍ଥାନୀୟ ବିଜେବି ହାଇସ୍କୁଲ ଖେଳପଡ଼ିଆରେ ୭୫ତମ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡରେ ଅଭିଭାଦନ ଗ୍ରହଣ କରିଥିଲେ। ଉପସ୍ଥିତ ଜନତାଙ୍କୁ ସମ୍ବୋଧିତ କରି କହିଥିଲେ, ଖୋର୍ଦ୍ଧା ହେଉଛି ବୀରତ୍ୱର ମାଟି। ପଞ୍ଚ ରତ୍ନ ଏମାଟିର ଗର୍ବ ଓ ଗୌରବ। ଖୋର୍ଦ୍ଧାକୁ ଏକ ଅଗ୍ରଣୀ ଜିଲାଭାବେ ଗଢିତୋଳିବାରେ ସମସ୍ତଙ୍କ ସହଭାଗିତା ଜରୁରୀ। ଭାରତ ବର୍ଷର ମହାପୁରୁଷଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ପ୍ରତ୍ୟେକ ନାଗରିକ ନିଜ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ସଚେତନ ହୁଅନ୍ତୁ। ସମସ୍ତଙ୍କ ଲକ୍ଷ୍ୟ ଏକ ସମୃଦ୍ଧ ଶାନ୍ତିପ୍ରିୟ ସୁନାମ ଭାରତ ବର୍ଷ ବୋଲି କହିଛନ୍ତି। ଏହି ଉତ୍ସବରେ ଆଇଟିବିପି, ଖୋର୍ଦ୍ଧା ପୋଲିସ, ଆଇଆର୍‌ବି ସମେତ ୫୦ଟି ସ୍କୁଲ କଲେଜର ଏନ୍‌ସିସି, ସ୍କାଉଟ୍ସ ଆଣ୍ଡ ଗାଇଡସ୍, ସିଭିଲିଆନ ପ୍ରମୁଖ ପରେଡ୍‌ରେ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୧୪ଟି ଦଳକୁ ବିଭିନ୍ନ ବର୍ଗରେ ସମ୍ମାନିତ କରାଯାଇଛି। ଏହି ଅବସରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଦେଶାତ୍ମବୋଧ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ଦେଶପ୍ରେମଭାବ ଜାଗ୍ରତ କରିଥିଲେ। ଏଥିସହିତ ଜିଲା ଶିକ୍ଷା ବିଭାଗର ସମଗ୍ର ଶିକ୍ଷା, ସ୍ୱାସ୍ଥ୍ୟ ବିଭାଗ, ଜଳ ଓ ପରିମଳ ବିଭାଗ ସ୍ୱଚ୍ଛ ଭାରତ, ଆରଟିଓର ସଡ଼କ ସୁରକ୍ଷା ଆଦି ପ୍ରଜ୍ଞାପନ ମେଢ଼ ପରିକ୍ରମା କରି ସଚେତନତାର ବାର୍ତ୍ତା ଦେଇଥିଲା। ବିଦ୍ୟାଳୟ ଓ କଲେଜ ସ୍ତରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସକାଳେ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଡାକବାଜି ମାଧ୍ୟମରେ ରାମଧୁନ ବଜାଇ ସହର ପରିକ୍ରମା କରାଯାଇଥିଲା। ପୌର ପରିଷଦ ଅନ୍ତର୍ଗତ ସମସ୍ତ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟାର୍ପଣ କରାଯାଇଥିଲା। ଜିଲାସ୍ତରୀୟ ଉତ୍ସବରେ ବିଧାୟକ ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ଜିଲା ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ, ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ସାଫଲ୍ୟ ମଣ୍ଡିତ ପ୍ରଧାନ, ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ ଓ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ, ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ସ୍ନିଗ୍ଧା ମିଶ୍ର ଓ ଅନ୍ୟମାନେ ପରିଚାଳନା କରିଥିଲେ। ବହୁ ଜନସାଧାରଣ ଉପସ୍ଥିତ ଥିଲେ।

# ଖବରକାଗଜ ବିତରକ ସଂଘ ପକ୍ଷରୁ ସାଧାରଣତନ୍ତ୍ର ଦିବସ


ଜାତୀୟ ପତାକା ଉତ୍ତୋଳନ ଅବସରରେ ଉପସ୍ଥିତ ଖବରକାଗଜ ବିତରକ ଏବଂ ଅନ୍ୟମାନେ।

ଖୋର୍ଦ୍ଧା,୨୭।୧ (ପ୍ରଭାତ ପାଣିଗ୍ରାହୀ)

ମା' ବରୁଣେଇ ଖବରକାଗଜ ବିତରକ ସଂଘ ଆନୁକୂଲ୍ୟରେ ଶ୍ରୀରାମନଗରଠାରେ ଆୟୋଜିତ ଉତ୍ସବରେ ବରିଷ୍ଠ ବିତରକ କୁମାରବର ବେହେରା ଜାତୀୟ ପତାକା ଉତ୍ତୋଳନ କରିବା ସହ ୭୫ତମ ସାଧାରଣତନ୍ତ୍ର ଦିବସର ଶୁଭେଚ୍ଛା ଜଣାଇ ସେବା ଓ ସମର୍ପଣ ଭାବ ରଖି ଆଗକୁ ବଢ଼ିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘ ସଭାପତି ଜିତେନ୍ଦ୍ର ବେହେରା, ଶ୍ୟାମସୁନ୍ଦର ବେହେରା, ଅଜିତ୍ ଭୋଇ, ବିକାଶ ମେଣ୍ଟା, ତ୍ରିଲୋଚନ ପଟ୍ଟନାୟକ, ଜିତନ ବେହେରା, ଡମ୍ବରୁ ନାୟକ, ଘନଶ୍ୟାମ ସାମଲ, ପ୍ରେମ ବାହାଦୁର ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# କାଶୀପୁର ଫୁଟ୍‌ବଲ ଟୁର୍ନାମେଣ୍ଟ: କୁହୁଡ଼ି ବିଜୟୀ

ନିରାକାରପୁର,୨୭।୧ (ମାନସ ଚନ୍ଦ୍ର ପଟ୍ଟନାୟକ)

ଡିଆ ପଞ୍ଚାୟତ ଅନ୍ତର୍ଗତ କାଶୀପୁର ଖେଳପଡ଼ିଆରେ ମା' ଭୈରବୀ ଯୁବ ସଂସଦ ଆନୁକୂଲ୍ୟରେ ୪୧ତମ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ୍ ଲକ୍ଷ୍ମୀଧର ୟଙ୍ଗଷ୍ଟାର କୁହୁଡ଼ି ଓ ଫୁଟ୍‌ବଲ ଏକାଡେମୀ ଜଟଣୀ ମଧ୍ୟରେ ହୋଇଥିଲା। ଏଥିରେ ୧-୦ ଗୋଲରେ କୁହୁଡ଼ି ଟିମ୍ ବିଜୟୀ ହୋଇଛି। ପବିତ୍ର ପରିଡ଼ା, ପ୍ରମୋଦ ଦାସ, ସୁକାନ୍ତ ପ୍ରଧାନ ମ୍ୟାଚ୍ ପରିଚାଳନା କରିଥିବା ବେଳେ ହୃଦାନନ୍ଦ ମହତ୍‌ରାୟ ମ୍ୟାଚ୍ କମିଶନର ଥିଲେ। ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ରମାବଲ୍ଲଭ ମିଶ୍ର, ସମ୍ମାନିତ ଅତିଥି ସାମାଜିକ କର୍ମୀ କୁମୁଦିନୀ ମହାପାତ୍ର, ଡିଆ ସରପଞ୍ଚ ପ୍ରଶାନ୍ତ ବେହେରା, ଅରକ୍ଷିତ ଦଳେଇ, ଲଛମନ ନାୟକ, ଲକ୍ଷ୍ମୀକାନ୍ତ ମହାପାତ୍ର, ଲକ୍ଷ୍ମୀଧର ପ୍ରଧାନ, ତ୍ରିନାଥ ଦଳେଇ, ସୁକାନ୍ତ ବେହେରା ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ମ୍ୟାଚ୍ ପ୍ରାରମ୍ଭରୁ ଅନୁଷ୍ଠାନର ଦୁଇ ପ୍ରମୁଖ ଉଦ୍ୟକ୍ତା ଦିବଂଗତ ଚରଣ ଦଳେଇ ଓ ଆଇନଜୀବୀ ମଳୟ ରଞ୍ଜନ ମହାପାତ୍ରଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ସ୍ଥାନୀୟ ଯୁବ ସାମାଜିକ କର୍ମୀ ସନ୍ତୋଷ ଦଳେଇ ଓ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଫୁଟ୍‌ବଲ ଏକାଡେମୀର ୧୯ନମ୍ବର ଜର୍ସି ପିନ୍ଧିଥିବା ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଦୀପ୍ତ ଷଡ଼ଙ୍ଗୀ, ବାପି ମହାରଣା, କମଳଲୋଚନ ପ୍ରଧାନ, ନୃସିଂହ ଦଳେଇ, ସୋମନାଥ ବିଶ୍ୱାଳ, ନବକିଶୋର ବରାଳ, ସିଦ୍ଧାନ୍ତ ପଳେଇ, ମନୋଜ ପାଇକରାୟ ଏବଂ କୈଳାସ ଦଳେଇ ପ୍ରମୁଖ ସହଯୋଗ କରିଥିଲେ।


କାଶୀପୁର ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟନୀ ଅବସରରେ ଉପସ୍ଥିତ ଅତିଥି ଏବଂ ଖେଳାଳି।

## ଟାଙ୍ଗୀ କପ୍ ମହିଳା ଫୁଟ୍‌ବଲ ଟୁର୍ନାମେଣ୍ଟ

# କଟକର ବିଡ଼ାନାସୀ ଚାମ୍ପିୟନ

ଟାଙ୍ଗୀ,୨୭।୧ (ରଘୁନାଥ ସାହୁ)


ଅତିଥିଙ୍କ ଗହଣରେ ଖେଳାଳି ଏବଂ ଅନ୍ୟମାନେ।

ପୁରାତନ ଛାତ୍ର ସଂସଦ ଆନୁକୂଲ୍ୟରେ ଚିଲିକା ଷ୍ଟାଡିୟମରେ ଚାଲିଥିବା ଟାଙ୍ଗୀ କପ୍ ମହିଳା ଫୁଟ୍‌ବଲ ଟୁର୍ନାମେଣ୍ଟରେ କଟକର ବିଡ଼ାନାସୀ ଟିମ୍ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ୍ ବିଡ଼ାନାସୀ ଟିମ୍ ଓ ଭୁବନେଶ୍ୱର ନନ୍ଦକିଶୋର କ୍ଲବ ମଧ୍ୟରେ ହୋଇଥିଲା। ମ୍ୟାଚ୍‌ର ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଟିମ୍ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଟାଇବ୍ରେକରରେ ୪-୨ ଗୋଲରେ ବିଡ଼ାନାସୀ ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ପ୍ରଫୁଲ୍ଲ ବେହେରା, ବିଦ୍ୟାଧର ପ୍ରଧାନ, ପ୍ରିୟବ୍ରତ ବାହିନୀପତି, ନନ୍ଦକିଶୋର ସ୍ୱାଇଁ ମ୍ୟାଚ୍ ପରିଚାଳନା କରିଥିଲେ। ଅପର୍ତ୍ତି ବେହେରା ମ୍ୟାଚ୍ କମିଶନର ଦାୟିତ୍ୱ ତୁଲାଇଥିଲେ। ବିଡ଼ାନାସୀ ଟିମ୍‌ର ସୀମା ଦେହୁରି, ଗଜଲକ୍ଷ୍ମୀ ବେହେରା, ଗୋଲକିପର ଜେମା ସଏ, ନନ୍ଦକିଶୋର କ୍ଲବର ପୂର୍ଣ୍ଣିମା ରାଓ, ଲକ୍ଷ୍ମୀପ୍ରିୟା ବେହେରା, ଜ୍ୟୋତ୍ସ୍ନା କିଶାନଙ୍କୁ ଶ୍ରେଷ୍ଠ ଖେଳାଳିଭାବେ ସମ୍ମାନିତ କରାଯାଇଥିଲା। ସମ୍ପାଦକ ବିଜୟ ରାଉତଙ୍କ ସଂଯୋଜନାରେ ଅତିଥିଭାବେ ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ପାରିକୁଦ ରାଜା ସନ୍ତୋଷ ଦେବ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ର, ବ୍ଲକ ଅଧ୍ୟକ୍ଷା ରିସ୍ମା ମାନ୍ଧାତା, ସାମାଜିକ କର୍ମୀ ସଞ୍ଜୟ ପଟ୍ଟନାୟକ, ଆଇନଜୀବୀ ରମେଶ ଚନ୍ଦ୍ର ବେହେରା, ମନୋଜ ମାନସିଂହ, ତପନ ମହାନ୍ତି, ବସନ୍ତ ସାହୁ ପ୍ରମୁଖ ଯୋଗଦେଇଥିଲେ। ଚାମ୍ପିୟନ ଓ ରନର୍ସ ଅପ୍ ଟିମ୍‌କୁ ଟ୍ରଫି ସହ ଆର୍ଥିକ ପୁରସ୍କାର ରାଶି ପ୍ରଦାନ କରାଯାଇଛି। ଏହି ଅବସରରେ ନନ୍ଦ କିଶୋର ସ୍ୱାଇଁ, ପ୍ରଣୟ ପାଇକରାୟ, ମିଟୁ ନାୟକ, ଚରଣ ବେହେରାଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ହମିଦ୍ ମୀରା, ନକୁଳ ନାୟକ, ବିଜୟ ବେହେରା, ସୁରେନ୍ଦ୍ର ବେହେରା, ସତ୍ୟନାରାୟଣ ବଳିୟାରସିଂହ, ଦିଲୀପ ସାମନ୍ତରାୟ, ସୁଶୀଲ ମହାପାତ୍ର, କିଶୋର ମହାପାତ୍ର, ଅମରେନ୍ଦ୍ର ମହାନ୍ତି, ଗିରିଶ୍ ବେହେରା ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

# ନୂଆଗାଁ ପ୍ରିମିୟର ଲିଗ୍ ଉଦ୍‌ଘାଟିତ

ଖୋର୍ଦ୍ଧା,୨୭।୧ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଉଇଲିକିଶନ ନଗର ଗ୍ରାମ ମା'ଅଁଳାଇ କ୍ରିକେଟ ଖେଳପଡିଆରେ ଶନିବାରଠାରୁ ଦୁଇ ଦିନିଆ ନୂଆଗାଁ ପ୍ରିମିୟର ଲିଗ୍ ଆରମ୍ଭ ହୋଇଛି। କ୍ରୀଡାବିତ୍ ଜିତେନ୍ଦ୍ର ମହାରଣାଙ୍କ ସ୍ମୃତିରେ ଆୟୋଜିତ ଏହି ଟୁର୍ନାମେଣ୍ଟର ପ୍ରଥମ ସଂସ୍କରଣରେ ଏହି ଗ୍ରାମର ଯୁବକମାନଙ୍କୁ ନେଇ ଗଠିତ ଟିମ ମଧ୍ୟରେ ୪ଟି ମ୍ୟାଚ୍ ଖେଳାଯାଇଥିଲା। ପ୍ରଥମ ମ୍ୟାଚ୍‌ରେ ଅଁଳେଇ ୱାରିୟରକୁ ହରାଇ ବଜରଙ୍ଗୀ ଫାଇଟର ବିଜୟୀ ହୋଇଛି। ଏହି ମ୍ୟାଚରେ ସମୀର ସାହୁ ମ୍ୟାନ ଅଫ ଦି ମ୍ୟାଚ ହୋଇଥିଲେ। ସେହିପରି ଦ୍ୱିତୀୟ ମ୍ୟାଚରେ ସିଏସ୍‌କେ ୱାରିୟରକୁ ହରାଇ ୟଙ୍ଗ ଫାଇଟର ବିଜୟୀ ହୋଇଛି। ଜିତେନ୍ଦ୍ର ସାହାଣୀ ମ୍ୟାନ ଅଫ ଦି ମ୍ୟାଚ୍ ହୋଇଥିଲେ। ସେହିପରି ୩ୟ ମ୍ୟାଚ ଓ ଚତୁର୍ଥ ମ୍ୟାଚ୍ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ଖବରଦାତା ଗୋପାଳକୃଷ୍ଣ ପ୍ରଧାନ, ତୁଷାରକାନ୍ତ ବିଶ୍ୱାଳ, ହିମାଂଶୁ ବରାଳ, ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରମୁଖ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସତ୍ୟ ନାରାୟଣ ସୁନ୍ଦରାୟ, ଉପେନ୍ଦ୍ର ସାହୁ, ସାଗର ବଳିୟାରସିଂ, ଆଲୋକଚନ୍ଦ୍ର ପ୍ରଧାନ, ଚିଣ୍ଟୁ ବିଶ୍ୱାଳ, ବବଲୁ ପ୍ରଧାନ, ରାଜେଶ ବାରିକ ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।


ଅତିଥିମାନେ ନୂଆଗାଁ ପ୍ରିମିୟର ଲିଗ୍‌କୁ ଉଦ୍‌ଘାଟନ କରୁଛନ୍ତି।

# ଦେଶର ଐକ୍ୟ ପାଇଁ ସଂକଳ୍ପ ନେବା: ମନ୍ତ୍ରୀ

**ପୁରୀ,୨୭।୧(ଅଜିତ୍ ମହାନ୍ତି):**

ଆମ ଦେଶର ସମ୍ବିଧାନ ବିଶ୍ୱରେ ଅନନ୍ୟ। ସମୃଦ୍ଧ, ସାର୍ବଭୌମ, ସର୍ବ ବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ର ଭାବେ ନିଜର ପ୍ରତିଷ୍ଠା ବଜାୟ ରଖି ଆମ ଦେଶ ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ କରିଛି ବୋଲି ଇସ୍ପାତ, ଖଣି ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ କହିଛନ୍ତି। ତାଳବଣିଆସ୍ଥିତ ସ୍ପୋର୍ଟ୍ସ ଗ୍ରାଉଣ୍ଡଠାରେ ଶୁକ୍ରବାର ଜିଲାସ୍ତରୀୟ ୭୫ତମ ସାଧାରଣତନ୍ତ୍ର ଦିବସ ସମାରୋହରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ମଲ୍ଲିକ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ, ପରେଡ ପରିଦର୍ଶନ ଓ ଅଭିବାଦନ ଗ୍ରହଣ କରି ସ୍ୱାଧୀନତା ଆନ୍ଦୋଳନର ସଂଗ୍ରାମୀମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ରାଜ୍ୟରେ ବିକାଶର ଜୟଯାତ୍ରା ଜାରି ରହିଛି। ଦୁଇ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ଧରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ସ୍ଥିର ଓ ଦୃଢ଼ ସରକାର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ସାମାଜିକ ସୁରକ୍ଷା, ଭିତ୍ତିଭୂମି ବିକାଶ ଇତ୍ୟାଦି ସମସ୍ତ କ୍ଷେତ୍ରରେ ଅଗ୍ରଗତି କରିଥିବାରୁ ସମଗ୍ର ବିଶ୍ୱରେ ରାଜ୍ୟକୁ ବିଭିନ୍ନ କ୍ଷେତ୍ରରେ ପ୍ରଶଂସା ମିଳିଛି। ଡ୍ରିଙ୍କ ଫ୍ରମ୍ ଟ୍ୟାପ ଯୋଜନା ମାଧ୍ୟମରେ ୨୪ ଘଣ୍ଟିଆ ପାନୀୟ ଜଳ ଯୋଗାଣ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅନ୍ତର୍ଗତ ସ୍ମାର୍ଟ ହେଲ୍‌ଥ କାର୍ଡ ବ୍ୟବସ୍ଥା ସହ ମହିଳାମାନଙ୍କ ଚିକିତ୍ସା ପାଇଁ ୧୦ଲକ୍ଷ ଓ ପୁରୁଷମାନଙ୍କ ଚିକିତ୍ସା ପାଇଁ ୫ ଲକ୍ଷର ସ୍ୱାସ୍ଥ୍ୟ ବୀମା, ମିଶନ ଶକ୍ତି ମାଧ୍ୟମରେ ମହିଳା ମାନଙ୍କୁ ସ୍ୱାବଲମ୍ବନଶୀଳ, ୫-ଟି ମାଧ୍ୟମରେ ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ, ଲକ୍ଷ୍ମୀ ବସସେବା ମାଧ୍ୟମରେ ସୁଗମ ପରିବହନ ବ୍ୟବସ୍ଥା ଆଦି ଉପଲବ୍ଧ ହୋଇଛି। ବିଶେଷକରି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଏକ ଯୁଗାନ୍ତକାରୀ ମହତ୍ୱାକାଂକ୍ଷୀ କାର୍ଯ୍ୟକ୍ରମ ବୋଲି ମନ୍ତ୍ରୀ କହିଥିଲେ। ସେହିପରି ଉତ୍କଳମଣିଙ୍କ ସ୍ମୃତି ରକ୍ଷା ପାଇଁ ଜନ୍ମସ୍ଥାନ ସୁଆଣ୍ଡୋର ବିକାଶ କରାଯାଇଛି। ତେଣୁ ଏକ ବିକଶିତ ଓ ସମୃଦ୍ଧ ରାଜ୍ୟ ଗଠନ ପାଇଁ ସମସ୍ତେ ସଂକଳ୍ପବଦ୍ଧ ହେବାକୁ ସେ ଆହ୍ୱାନ ଦେଇଥିଲେ।

ଏହି ଅବସରରେ ଉଲ୍ଲେଖନୀୟ ଅବଦାନ ପାଇଁ ମୁଖ୍ୟ ଅତିଥି ୨୧ଜଣଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପରେଡ୍‌ରେ ସିନିୟର ଡିଭିଜନ ଏନ୍‌ସିସିରେ ଏସ୍ ସି ଏଲ୍ କଲେଜ, ଜୁନିୟର ଏନସିସିର ବାଳକ ବର୍ଗରେ ପୁରୀ ଜିଲା ସ୍କୁଲ ଓ ବାଳିକା ବର୍ଗରେ ଭୋଳାନାଥ ବିଦ୍ୟାପୀଠ, ସ୍କାଉଟରେ ଭାରତ ସେବାଶ୍ରମ ସଂଘ ପ୍ରଣବାନନ୍ଦ ବିଦ୍ୟା ମନ୍ଦିର, ଗାଇଡରେ ଡିଏଭି ପବ୍ଲିକ ସ୍କୁଲ, ସିଭିଲିଆନ ବାଳକ ବର୍ଗରେ ଘନଶ୍ୟାମ ହେମଲତା ବିଦ୍ୟା ମନ୍ଦିର, ବାଳିକା ବର୍ଗରେ ସୁଖଲତା ମେମୋରିଆଲ ନୋଡାଲ ବାଳିକା ବିଦ୍ୟାଳୟ ଓ ଶୃଙ୍ଖଳାରେ ଘୋଡ଼ା ବଜାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଗାଇଡ ଦଳଙ୍କୁ ପୁରସ୍କୃତ କରାଯାଇଥିଲା। ବିଭିନ୍ନ ବିଭାଗର ପ୍ରଜ୍ଞାପନ ମେଢ଼ ପ୍ରଦର୍ଶନ କରାଯାଇଥିଲା। ପରେ ମୁଖ୍ୟ ଅତିଥି ଉତ୍କଳ ବାଳାଶ୍ରମର ଅନ୍ତେବାସୀଙ୍କୁ ମିଷ୍ଟାନ୍ନ ଓ ପୋଷାକ, ମୁଖ୍ୟ ଚିକିତ୍ସାଳୟର ରୋଗୀମାନଙ୍କୁ ଫଳ ବଣ୍ଟନ କରିଥିଲେ। ଗୋପବନ୍ଧୁ ଆୟୁର୍ବେଦିକ କଲେଜ ପରିସରରେ ରେଡ୍‌କ୍ରସ୍ ଶାଖା, ଭାରତ ବିକାଶ ପରିଷଦ, ବଡ଼ଶଙ୍ଖ ଯୁବ ସାଂସ୍କୃତିକ ପରିଷଦ ଓ ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ଆୟୋଜିତ ରକ୍ତଦାନ ଶିବିରକୁ ମୁଖ୍ୟ ଅତିଥି ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭାପତି ସ୍ୱପ୍ନାରାଣୀ ସ୍ୱାଇଁ, ଏସ୍‌ପି କନ୍‌ୱର ବିଶାଳ ସିଂ, ଭାରପ୍ରାପ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ, ଅତିରିକ୍ତ ଜିଲାପାଳ(ପ୍ରୋଟୋକଲ) ଶରତ ଚନ୍ଦ୍ର ମହାପାତ୍ର, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର, ଉପଜିଲାପାଳ ଭବତାରଣ ସାହୁ ପ୍ରମୁଖ ଯୋଗ ଦେଇଥିଲେ।



ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ପରେଡ୍ ଅଭିବାଦନ ଗ୍ରହଣ କରୁଛନ୍ତି ।



ଛାତ୍ରୀଛାତ୍ରଙ୍କ ଦ୍ୱାରା କୌଶଳ ପ୍ରଦର୍ଶନ ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୭।୧।୨୦୨୪

| | |
|---|---|
| ୬,୬୧,୩୫୪ ଟଙ୍କା | |
| ସୁନା | .୫୨୦ ଗ୍ରାମ୍ |
| ରୁପା | ୨୨.୧୦୦ ଗ୍ରାମ୍ |

## ସଂକ୍ଷେପରେ

### ମନ୍ଦିରରୁ ଚୋରି କରି ଯୁବକ ଗିରଫ

**କାକଟପୁର,୨୭।୧(ଶୁଭଦର୍ଶନ ମିଶ୍ର):**

କାକଟପୁର ବ୍ଲକ ଅଧୀନ କଜଳପାତିଆ ଗ୍ରାମରେ ଥିବା ଠାକୁରାଣୀ ମନ୍ଦିରରୁ ଚୋରି ଅଭିଯୋଗରେ କାକଟପୁର ଥାନା ପୋଲିସ ଜଣଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ ଜଗତ୍‌ସିଂହପୁର ଥାନା ଅଧୀନ ଅରୋଣା ଗ୍ରାମର ଜଗନ୍ନାଥ ରଥ (୪୭)। ଏନେଇ ପୋଲିସ ପକ୍ଷରୁ ୨୮/୨୪ରେ ଏକ ମାମଲା ରୁଜୁ କରାଯାଇଛି। ତାଙ୍କ ପାଖରୁ ସମସ୍ତ ଚୋରି ସାମଗ୍ରୀ ପୋଲିସ ଜବତ କରିଛି। ସୂଚନା ଅନୁଯାୟୀ, ୨୬ ତାରିଖ ବିଳମ୍ବିତ ରାତିରେ ଜଗନ୍ନାଥ କଜଳପାତିଆ ଗ୍ରାମରେ ଥିବା ଠାକୁରାଣୀ ମନ୍ଦିରର ତାଲା ଭାଙ୍ଗି ୨ଟି ଘଣ୍ଟ, ୧ଟି ଘଣ୍ଟି ଏବଂ ୩ ହଳ ଗିନି ଚୋରି କରି ନେଉଥିଲେ। ଏହି ସମୟରେ ସେ ଗ୍ରାମବାସୀଙ୍କ ହାବୁଡ଼ରେ ପଡ଼ିଥିଲେ। ଗ୍ରାମର ଗଗନ ବିହାରୀ ବେହେରାଙ୍କ ଅଭିଯୋଗ କ୍ରମେ ଥାନା ଆଇଆଇସି ଉମେଶ ଚନ୍ଦ୍ର ସାହୁଙ୍କ ନିର୍ଦ୍ଦେଶରେ ଏଏସ୍‌ଆଇ ପ୍ରମୋଦ ମିଶ୍ର, ଏଏସ୍‌ଆଇ ପ୍ରମୋଦ ସେଠୀ, ଏଏସ୍‌ଆଇ ଜୟନ୍ତୀ ସାହୁ ପ୍ରମୁଖ ସଦଳବଳ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲେ।

### ଛଣିଜଙ୍ଗ ପଞ୍ଚାୟତରେ କିଶୋରୀ ମେଳା

**ଚାରିଛକ,୨୭।୧(ଶିଶିର ସ୍ୱାଇଁ):**

ଛଣିଜଙ୍ଗ ପଞ୍ଚାୟତ ପକ୍ଷରୁ ଏକ କିଶୋରୀ ମେଳା ମିଶନ ଶକ୍ତି ଗୃହରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ସରପଞ୍ଚ ଅଜୟ ପରିଡ଼ା ଯୋଗଦେଇଥିଲେ। ଏଏନ୍‌ଏମ୍ କଲ୍ୟାଣୀ ମହାପାତ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଦୀପ୍ତିମୟୀ ଜେନା, ଅଙ୍ଗନୱାଡ଼ି ସୁପରଭାଇଜର ମିନାକ୍ଷୀ ମଲିକ, ମିଶନ ଶକ୍ତି ସଭାନେତ୍ରୀ ମନୋରମା ମହାପାତ୍ର, ଏମ୍‌ବିକେ ନିବେଦିତା ମହାନ୍ତି ଏବଂ ଛଣିଜଙ୍ଗ ପଞ୍ଚାୟତର ୨୨ଜଣ ଅଙ୍ଗନୱାଡ଼ି କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ। କିଶୋରୀ ମେଳାରେ ୫୦ରୁ ଉର୍ଦ୍ଧ୍ୱ କିଶୋରୀଙ୍କୁ ନେଇ ପୁଚି ଖେଳ, ମ୍ୟୁଜିକ୍ ଚେୟାର ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମସ୍ତ ପ୍ରତିଯୋଗୀଙ୍କୁ ସରପଞ୍ଚ ପରିଡ଼ା ପୁରସ୍କାର ବିତରଣ କରିଥିଲେ।

### ଯାତ୍ରା ମହୋତ୍ସବ ଏକତାକୁ ବଞ୍ଚାଇ ରଖିଥାଏ

**ଗୋପ,୨୭।୧ (ଭାରତୀ ଭୂଷଣ ଉପାଧ୍ୟାୟ):**

ଏକତା ହିଁ ସଫଳତାର ଶୀର୍ଷରେ ପହଞ୍ଚାଇ ଥିବାବେଳେ ସବୁ କିଛି ସମ୍ଭବ ମଧ୍ୟ କରିଥାଏ। ଶୁକ୍ରବାର ଗୋପ ବ୍ଲକସ୍ଥିତ ବେଗୁନିଆ ଛକଠାରେ ପ୍ରଥମ ମହାବୀର ଯାତ୍ରା ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ଏହା କହିଛନ୍ତି। ସମ୍ମାନିତ ଅତିଥି ଭାବେ ବରିଷ୍ଠ ଶିକ୍ଷାବିତ୍ ତଥା ଗୋପ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରକାଶ ଚନ୍ଦ୍ର ଖଟୋଇ, ବରିଷ୍ଠ ପ୍ରଧାନ ଶିକ୍ଷକ ବିଭୁଦତ୍ତ ନାୟକ, ମହୋତ୍ସବ କମିଟି ସଭାପତି ନିରଞ୍ଜନ ସାହୁ ପ୍ରମୁଖ ଯୋଗଦେଇଥିଲେ। ଯାତ୍ରା ମହୋତ୍ସବ ସମସ୍ତଙ୍କୁ ଏକାଠି କରିବା ସହିତ ନିଜ ନିଜ ମଧ୍ୟରେ ମିତ୍ରତା ସ୍ଥାପନ କରିଥାଏ ବୋଲି ଅତିଥିମାନେ କହିଥିଲେ। ପ୍ରଥମ ସନ୍ଧ୍ୟାରେ ଦଳନଇସ୍ଥିତ ବିନାୟକ ଇଂଲିଶ୍ ମିଡିୟମ ସ୍କୁଲ ଛାତ୍ରୀଛାତ୍ରଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ, ଆଉ କେତେକ ନୃତ୍ୟ ଅନୁଷ୍ଠାନ ଦ୍ୱାରା ମଧ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଯାତ୍ରା ମହୋତ୍ସବ ଅବସରରେ ମୀନାବଜାର, ଯାତ୍ରା ଅନୁଷ୍ଠାନ ଚାଲିଛି। କାର୍ଯ୍ୟକ୍ରମ ୫ ଦିନ ଧରି ଚାଲିବ ବୋଲି କମିଟି ପକ୍ଷରୁ ଜଣାପଡ଼ିଛି।

# ଶ୍ରୀନଅରରେ ଗଜପତିଙ୍କ ରାଜ ଅଭିଷେକ ନୀତି ସମ୍ପନ୍ନ

**ପୁରୀ,୨୭।୧(ଅଜିତ୍ ମହାନ୍ତି):**

ପୌଷ୍ୟ ପୂର୍ଣ୍ଣିମାରେ ଶ୍ରୀମନ୍ଦିରରେ ପାରମ୍ପରିକ ରୀତିରେ ମହାପ୍ରଭୁଙ୍କ ପୁଷ୍ୟାଭିଷେକ ନୀତି ସମ୍ପନ୍ନ ହୋଇଥିଲା। ପରେ ଶୁକ୍ରବାର ପୁଷ୍ୟା ନକ୍ଷତ୍ରଯୁକ୍ତ ତିଥିରେ ଶ୍ରୀନଅରରେ ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହ ଦେବଙ୍କ ରାଜ ଅଭିଷେକ ନୀତି ସମ୍ପନ୍ନ ହୋଇଛି। ପରମ୍ପରା ଅନୁସାରେ, ପୁଷ୍ୟା ନକ୍ଷତ୍ର ତିଥିରେ ଗଜପତି ମହାରାଜା ସିଂହାସନ ଆରୋହଣ କରିବା ସହ ଅଭିଷେକ ନୀତି ଅନୁଷ୍ଠିତ ହୋଇଥାଏ। ଗଜପତିଙ୍କ ପୁଷ୍ୟାଭିଷେକ ନୀତି ନିମନ୍ତେ ଶ୍ରୀନଅରରେ ବିଶେଷ ନୀତ ଅନୁଷ୍ଠିତ ହୋଇଥିଲା। ଅଭିଷେକ ନୀତି ପୂର୍ବରୁ ଶ୍ରୀନଅରରେ ବରୁଣ ପୂଜା, ପଞ୍ଚ ଦେବତା ପୂଜା, ବର୍ଦ୍ଧନି କଳସୀ ପୂଜା ଏବଂ ରାମାଭିଷେକ ପଟି ପୂଜା ହୋଇଥିଲା। ଏହି କାର୍ଯ୍ୟ ରାଜଗୁରୁ ସମ୍ପାଦନ କରିଥିଲେ। ପରେ ଗଜପତି ଏବଂ ମହାରାଣୀଙ୍କୁ ଅଭିମନ୍ତ୍ରିତ ଜଳରେ ଅଭିଷେକ କରାଯାଇଥିଲା। ପରେ ବନ୍ଦାପନା କରାଯାଇ ଗଜପତିଙ୍କୁ ପଇତା ଲାଗି ଏବଂ ମହାପ୍ରସାଦ ପ୍ରଦାନ କରାଯାଇଥିଲା। ସେହିପରି ଗଜପତି ତାଙ୍କର ପାରମ୍ପରିକ ବେଶରେ ଗାଦିକୁ ବିଜେ କରିବା ପରେ ଷୋଳ ଶାସନ ବ୍ରାହ୍ମଣ ଓ ପଣ୍ଡିତମାନେ ତାଙ୍କୁ ନଡ଼ିଆ ଏବଂ ପଇତା ପ୍ରଦାନ କରିବା ସହ ଗଜପତିଙ୍କୁ ଆଶୀର୍ବାଦ କରିଥିଲେ। ରାଜଗୁରୁ ଦେବୀ ପ୍ରସନ୍ନ ରାଜଗୁରୁ ସୂଚନା ଦେଇ କହିଛନ୍ତି, ମର୍ଯ୍ୟାଦା ପୁରୁଷୋତ୍ତମ ଭଗବାନ ରାମଚନ୍ଦ୍ର ଏହି ତିଥିରେ ରାଜ ଅଭିଷେକ ହୋଇଥିଲେ। ସେହି ଅନୁଯାୟୀ ପୁଷ୍ୟା ନକ୍ଷତ୍ରଯୁକ୍ତ ତିଥିରେ ଆବାହନ କାଳରୁ ଗଜପତି ମହାରାଜାଙ୍କ ରାଜ ଅଭିଷେକ ନୀତି କରାଯାଏ।



ଶ୍ରୀନଅରରେ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ରାଜଅଭିଷେକ ନୀତି ।

# ସତ୍ୟବାଦୀ ହାଇସ୍କୁଲକୁ 'ସତ୍ୟବାଦୀ ବନବିଦ୍ୟାଳୟ' କରାଯାଉ

**ସାକ୍ଷୀଗୋପାଳ,୨୭।୧ (ପ୍ରଶାନ୍ତ ବାରିକ୍/କିଶୋର ମହାପାତ୍ର):**

ସତ୍ୟବାଦୀ ହାଇସ୍କୁଲର ୧୯୭୭ ବ୍ୟାଚ୍ ଛାତ୍ରଙ୍କ ଏକ ବୈଠକ ଶନିବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଣବ ମିଶ୍ର, ଅମର ନନ୍ଦ, କିଶୋର ମହାପାତ୍ର, ମହମ୍ମଦ ଇସ୍ହାକ୍, ଗଦାଧର ମହାପାତ୍ର, ଦେବ ରଥ ଏବଂ ଅଶୋକ ପଟ୍ଟନାୟକଙ୍କ ସମେତ ବ୍ୟାଚ୍‌ର ପ୍ରାୟ ୬୦ ଜଣ ପୁରାତନ ଛାତ୍ର ଉପସ୍ଥିତ ଥିଲେ। ପ୍ରଥମେ ଦିବଂଗତଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା ପରେ ବିଦ୍ୟାଳୟରେ ସ୍ଥାପିତ ପଞ୍ଚସଖାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟ ପରିସରରେ ବଉଳ ବୃକ୍ଷର ଚାରା ରୋପଣ କରାଯାଇଥିଲା। ପରେ ସ୍ଥାନୀୟ ସରକାରୀ ଡାକ୍ତରଖାନାରେ ରୋଗୀଙ୍କ ମଧ୍ୟରେ ଫଳ, ବିସ୍କୁଟ୍ ବଣ୍ଟନ ହୋଇଥିଲା। 'ସତ୍ୟବାଦୀ ହାଇସ୍କୁଲ' ଉତ୍କଳମଣି ତଥା ପଞ୍ଚସଖାଙ୍କ ବନବିଦ୍ୟାଳୟର ଉତ୍ତର ଅନୁଷ୍ଠାନ ହୋଇଥିବାରୁ ଏହାର ନାମ ପରିବର୍ତ୍ତନ କରି 'ସତ୍ୟବାଦୀ ବନବିଦ୍ୟାଳୟ' ରଖିବାକୁ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିବାକୁ ସର୍ବସମ୍ମତିକ୍ରମେ ପ୍ରକାଶ ପାଇଥିଲା। ସମ୍ପ୍ରତି ବିଦ୍ୟାଳୟର ଶତାଧିକ ବର୍ଷର ପୁରୁଣା କୋଠା, ବିଦ୍ୟାଳୟର ପ୍ରାଚୀନ ଗୃହ ଏବଂ ଗୋପବନ୍ଧୁଙ୍କ ଶେଷ ନିଃଶ୍ୱାସ ସ୍ଥଳ ଆଦିର ନବୀକରଣ ଐତିହ୍ୟ ସଂରକ୍ଷଣ ଢାଞ୍ଚାରେ କରାଯାଇ ଏହାକୁ ସରକାରଙ୍କ ପ୍ରସ୍ତାବିତ 'ସତ୍ୟବାଦୀ ହେରିଟେଜ୍ କରିଡର'ରେ ସାମିଲ କରିବାକୁ ଦୃଢ଼ ଦାବି ପ୍ରକାଶ ପାଇଥିଲା। ଏଥିପାଇଁ ପୁରାତନ ଛାତ୍ରମାନେ ଖୁବ୍‌ଶୀଘ୍ର ସରକାରଙ୍କ ନିକଟରେ ଉକ୍ତ ଦାବିଗୁଡିକ ଆନୁଷ୍ଠାନିକ ଭାବେ ଉପସ୍ଥାପନ କରିବେ ବୋଲି ଜଣାଯାଇଛି।

# ଅପହୃତା ନାବାଳିକା ଚେନ୍ନାଇରୁ ଉଦ୍ଧାର, ଯୁବକ ଗିରଫ

**ନିମାପଡ଼ା,୨୭।୧ (ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ):**

ନିମାପଡ଼ା ଥାନା ଅଞ୍ଚଳରୁ ଗତ ୯ ତାରିଖରେ ଅପହରଣ ହୋଇଥିବା ଜଣେ ୧୬ ବର୍ଷୀୟା ନାବାଳିକାଙ୍କୁ ନିମାପଡ଼ା ପୋଲିସ ଶୁକ୍ରବାର ଚେନ୍ନାଇରୁ ଉଦ୍ଧାର କରିଛି। ଏଥିସହ ଅପହରଣକାରୀ ଯୁବକଙ୍କୁ ପୋଲିସ ଗିରଫ କରି ଶନିବାର ପୁରୀର ପୋକ୍‌ସୋ କୋର୍ଟକୁ ଚାଲାଣ କରିଛି। ସେ ହେଲେ ନିମାପଡ଼ା ଥାନା ଅଧୀନ ପାଟପୁର ମୁସ୍‌ଲିମ ବସ୍ତିର ଏସ୍.କେ ରିଆଜ୍(୨୧)। ଅପହୃତା ନାବାଳିକା ଓ ଅପହରଣକାରୀ ଯୁବକଙ୍କ ଶନିବାର ନିମାପଡ଼ା ଡାକ୍ତରଖାନାରେ ଡାକ୍ତରୀମାଇନା କରାଯାଇଛି। ଏନେଇ ରିଆଜ୍‌ଙ୍କ ବିରୋଧରେ ଦଫା ୩୬୩, ୩୬୬ ଓ ୪(୨) ପୋକ୍ସୋ ଆକ୍ଟରେ କେସ୍ ନଂ. ୯/୨୪ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଆଇଆଇସି ବାମଦେବ ସ୍ୱାଇଁଙ୍କ ନେତୃତ୍ୱରେ ମହିଳା ଏସ୍‌ଆଇ ତଅପୋଇ ନାୟକଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ତାମିଲନାଡୁ ରାଜଧାନୀ ଚେନ୍ନାଇର ମଣିଜଙ୍ଗଲମ୍ ଥାନା ଅଞ୍ଚଳରେ ଚଢ଼ାଉ କରି ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅପହରଣକାରୀ ନାବାଳିକାଙ୍କୁ ପୋଲିସ ଧରିବାରେ ସକ୍ଷମ ହୋଇଥିଲା। ନାବାଳିକା ଜଣଙ୍କ ହିନ୍ଦୁ ସମ୍ପ୍ରଦାୟର ହୋଇଥିବାବେଳେ ଯୁବକ ଜଣଙ୍କ ମୁସଲିମ୍ ସମ୍ପ୍ରଦାୟର ହୋଇଥିବାରୁ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି। ପୂର୍ବରୁ ନାବାଳିକାଙ୍କ ବାପା ଝିଅର ଅପହରଣ ନେଇ ଥାନାରେ ଅଭିଯୋଗ କରିଥିଲେ।

# ଘରର ସଦସ୍ୟଙ୍କୁ ବାନ୍ଧି ଚୋରି

## ନେଇଗଲେ ୧୫ ଲକ୍ଷ ଟଙ୍କାର ସୁନାଗହଣା

**ଅସ୍ତରଙ୍ଗ,୨୭।୧ (ମମତା ଜେନା/ପ୍ରଦୀପ୍ତ ଦୀକ୍ଷିତ୍):**

ଅସ୍ତରଙ୍ଗ ବ୍ଲକ ଆଳ ସାହି ଗ୍ରାମର ବିଷ୍ଣୁ ଚରଣ ମଲ୍ଲିକଙ୍କ ଘରୁ ଶୁକ୍ରବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ଅସ୍ତରଙ୍ଗ ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ପ୍ରାଥମିକ ତଦନ୍ତ ପରେ ଫରେନ୍‌ସିକ୍ ତଦନ୍ତ କରାଯାଇଛି। ଥାନାରେ ମାମଲା ରୁଜୁ କରାଯାଇଛି।

ସୂଚନା ମୁତାବକ, ବିଷ୍ଣୁଙ୍କ ଘରେ ସମସ୍ତେ ଶୋଇଥିବା ଅବସ୍ଥାରେ ରାତି ପ୍ରାୟ ୧ଟାରେ ୫ ଜଣ ଦୁର୍ବୃତ୍ତ ଘରର ଝରକା ଗ୍ରିଲ୍ ତାଡ଼ି ଭିତରକୁ ପଶିଥିଲେ। ସେଠାରେ ପ୍ରଥମେ ବିଷ୍ଣୁଙ୍କ ୮୦ ବର୍ଷୀୟା ଖୁଡ଼ୀଙ୍କୁ ଆକ୍ରମଣ କରିଥିଲେ। ତାଙ୍କ ଚିତ୍କାର ଶୁଣି ବିଷ୍ଣୁ ଏବଂ ତାଙ୍କ ସ୍ତ୍ରୀ ଲକ୍ଷ୍ମୀପ୍ରିୟା ଉଠି ବାହାରକୁ ଆସିଥିଲେ। ଛୁରି, ବନ୍ଧୁକ ଦେଖାଇ ସେମାନଙ୍କଠାରୁ ଦୁର୍ବୃତ୍ତ ସୁନା ଅଳଙ୍କାର ଛଡ଼ାଇ ନେଇଥିଲେ। ପରେ ମୋବାଇଲ୍ ଛଡ଼ାଇ ନେଇ ହାତ ଗୋଡ଼ ବାନ୍ଧିଦେଇଥିଲେ। ଘରର ଆଲମାରି ଚାବି ମାଗି ୧୦-୧୫ ଲକ୍ଷ ଟଙ୍କାର ସୁନା ଅଳଙ୍କାର ଏବଂ ନଗଦ ୮୦ ହଜାର ଟଙ୍କା ନେଇଯାଇଥିଲେ। ବାହାର ଘରେ ଭଡ଼ାରେ ରହୁଥିବା ରମେଶ ପଣ୍ଡାଙ୍କୁ ମଧ୍ୟ ଆକ୍ରମଣ କରି ବାନ୍ଧି ଦେଇଥିଲେ। ଦୁର୍ବୃତ୍ତ ଯିବା ସମୟରେ ସମସ୍ତ ଘଟଣା ପୋଲିସ ଆଗରେ ନ କହିବାକୁ ଧମକ ଦେଇଥିଲେ। ପରେ ବିଷ୍ଣୁ ଘର ବାହାରକୁ ବାହାରି ପଡ଼ୋଶୀଙ୍କୁ ସମସ୍ତ ଘଟଣା ବାବଦରେ ଜଣାଇବା ସହ ପୋଲିସକୁ ଖବର ଦେଇଥିଲେ। ଅସ୍ତରଙ୍ଗ ଥାନାଧିକାରୀ ରାଜେଶ ବଳିୟାରସିଂ ଓ ଅନ୍ୟ କର୍ମଚାରୀ ପହଞ୍ଚି ଘଟଣାର ତଦନ୍ତ କରିଥିଲେ। ପରେ ଫରେନ୍‌ସିକ୍ ଟିମ୍ ଆସି ତଦନ୍ତ କରି ଫେରିଛି।

# ପତାକା ଉତ୍ତୋଳନ ସମୟରେ ମହିଳାଙ୍କୁ ଆକ୍ରମଣ

**ଗୋପ,୨୭।୧(ଭାରତୀ ଭୂଷଣ ଉପାଧ୍ୟାୟ):**

ଗୋପ ବ୍ଲକ ଅନ୍ତର୍ଗତ ନୟାହାଟ ଫାଣ୍ଡି ଅଧୀନ ଇଷାଣପୁର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ପତାକା ଉତ୍ତୋଳନ ସମୟରେ କାର୍ଯ୍ୟାଳୟ ନିକଟରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ମହିଳା ସରପଞ୍ଚ ବିନୋଦିନୀ ପାଳ ଓ ତାଙ୍କ ସ୍ୱାମୀ ବସନ୍ତ ପାଳ ସେହି ଅଞ୍ଚଳର ୫୦ ବର୍ଷୀୟା ମହିଳା ଲକ୍ଷ୍ମୀପ୍ରିୟା ବିଶ୍ୱାଳଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଥାନାରେ ଅଭିଯୋଗ ହୋଇଛି। ଅପରପକ୍ଷରେ ସରପଞ୍ଚ ବିନୋଦିନୀ ପାଳ ମଧ୍ୟ ମହିଳାଙ୍କ ବିରୋଧରେ ଏକ ଅଭିଯୋଗ କରିଛନ୍ତି। ଏଥିରେ ଲକ୍ଷ୍ମୀପ୍ରିୟା ଗୁରୁତର ହୋଇ ପ୍ରଥମେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର ହୋଇଛନ୍ତି। ପୋଲିସ ଏନେଇ ୩୭/୨୪ ଏବଂ ୩୮/୨୪ ଦୁଇଟି ମକଦ୍ଦମା ରୁଜୁ କରିଛି। ପ୍ରକାଶ ଯେ, ମହନିପୁର ଗ୍ରାମର ଲକ୍ଷ୍ମୀପ୍ରିୟା ଏବଂ ରାଜକିଶୋର ବିଶ୍ୱାଳଙ୍କ ମଧ୍ୟରେ ବିବାହ ବିଚ୍ଛେଦ ପରେ କୋର୍ଟରେ କେସ୍ ଚାଲୁ ରହିଛି। କୌଣସି କାରଣକୁ ନେଇ ଶୁକ୍ରବାର ସକାଳେ ଇଷାଣପୁର ପଞ୍ଚାୟତ ଅଫିସ୍ ନିକଟରେ ସ୍ତ୍ରୀ-ସ୍ୱାମୀଙ୍କ ଭିତରେ ପାଟିତୁଣ୍ଡ ସହ ମାରପିଟ୍ ହୋଇଥିଲା। ଏହି ସମୟରେ ସରପଞ୍ଚ ବିନୋଦିନୀଙ୍କ ସହ ତାଙ୍କ ସ୍ୱାମୀ ବସନ୍ତ ମହିଳାଙ୍କୁ ବିଧା ଗୋଇଠା ମାରିବା ଓ ଲୁହା ରଡ଼ରେ ଆକ୍ରମଣ କରିଥିବା ଲକ୍ଷ୍ମୀପ୍ରିୟା ଅଭିଯୋଗରେ ଦର୍ଶାଇଛନ୍ତି। ଅନ୍ୟପଟେ ପତାକା ଉତ୍ତୋଳନ ସମୟରେ ଲକ୍ଷ୍ମୀପ୍ରିୟା ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ପତାକା ଉତ୍ତୋଳନରେ ବାଧା ସୃଷ୍ଟି କରିଥିବା ସରପଞ୍ଚ ବିନୋଦନୀ ଅଭିଯୋଗରେ ଦର୍ଶାଇଛନ୍ତି। ସୂଚନାଯୋଗ୍ୟ, କିଛି ଦିନ ତଳେ ଲକ୍ଷ୍ମୀପ୍ରିୟା ଗୋପ ବ୍ଲକ ପରିସରରେ ତାଙ୍କ ସ୍ୱାମୀଙ୍କ ଗାଡ଼ି ସମ୍ମୁଖରେ ଶୋଇବା ନେଇ ପୋଲିସ ହଟହଟା ହୋଇଥିଲା। ସମ୍ପୃକ୍ତ ବ୍ୟକ୍ତି ଜଣଙ୍କ ଏକାଧିକ ବିବାହ କରିବା ନେଇ ମହିଳା ମଧ୍ୟ ଅଭିଯୋଗ କରିଥିବା ଜଣାପଡିଛି।

# ୩୧ତମ ରାଜ୍ୟସ୍ତରୀୟ ଥ୍ରୋ ବଲ୍ ଚାମ୍ପିୟନଶିପ୍

**ପୁରୀ,୨୭।୧(ଅଜିତ୍ ମହାନ୍ତି):**

୩୧ତମ ରାଜ୍ୟସ୍ତରୀୟ ଥ୍ରୋବଲ ଚାମ୍ପିୟନଶିପ୍ ଶନିବାର ଝାଡ଼େଶ୍ୱରୀ କ୍ଲବ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ବିଜୁ ଯୁବ ଜନତା ଦଳର ରାଜ୍ୟ ଉପସଭାପତି ସୁନୀଲ କୁମାର ମହାନ୍ତି ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତାରେ ସମ୍ମାନିତ ଅତିଥିଭାବରେ ସମାଜସେବୀ ଲକ୍ଷ୍ମୀଧର ମହାନ୍ତି, ଓଡ଼ିଶା ଥ୍ରୋ ବଲ୍ ପ୍ରତିଷ୍ଠାତା କୃଷ୍ଣ ଚନ୍ଦ୍ର ଦାସ, ଝାଡ଼େଶ୍ୱରୀ କ୍ଲବ ସମ୍ପାଦକ ପାର୍ଥସାରଥି ମହାପାତ୍ର, ଓଡ଼ିଶା ଥ୍ରୋ ବଲ୍ ଯୁଗ୍ମ ସମ୍ପାଦକ ଯଶୋବନ୍ତ ପରମଗୁରୁ ଏବଂ ଉପସଭାପତି ଗିରିଶ ବେଜ ପ୍ରମୁଖ ଯୋଗଦାନ କରିଥିଲେ। ଏହି ପ୍ରତିଯୋଗିତା ଦୁଇଦିନ ଧରି ଚାଲିବାକୁ ଥିବାବେଳେ ଦିବାରାତ୍ରି ମାଚ୍ ଖେଳାଯିବ। ପ୍ରତିଯୋଗିତାରେ ଉଭୟ ମହିଳାପୁରୁଷ ବର୍ଗ ରହିଛି। ଏଥିରେ ରାଜ୍ୟର ବିଭିନ୍ନ ଜିଲାରୁ ୪୫୦ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଛନ୍ତି।



ଥ୍ରୋବଲ୍ ଚାମ୍ପିୟନଶିପକୁ ଅତିଥି ଉଦ୍‌ଘାଟନ କରୁଛନ୍ତି ।

# ପ୍ରଦର୍ଶନୀ କ୍ରିକେଟ ମ୍ୟାଚ୍‌ରେ ଗଣମାଧ୍ୟମ ଏକାଦଶ ବିଜୟୀ

**ପୁରୀ,୨୭।୧(ଅଜିତ୍ ମହାନ୍ତି):**

ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ଶ୍ରୀଜଗନ୍ନାଥ କ୍ରିକେଟ ଷ୍ଟାଡିୟମଠାରେ ଜିଲା ପ୍ରଶାସନ ଏକାଦଶ ଓ ଗଣମାଧ୍ୟମ ଏକାଦଶ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏହି ରୋମାଞ୍ଚକର ମ୍ୟାଚ୍‌ରେ ଜିଲା ପ୍ରଶାସନ ଏକାଦଶକୁ ୮ ରନରେ ଗଣମାଧ୍ୟମ ଏକାଦଶ ପରାସ୍ତ କରି ବିଜୟ ଲାଭ କରିଛି। ଟସ୍ ଜିତି ବ୍ୟାଟିଂ ନେଇଥିବା ଗଣମାଧ୍ୟମ ଏକାଦଶ ନିର୍ଦ୍ଧାରିତ ୧୫ ଓଭରରେ ୮ ଉଇକେଟ ୧୨୮ ରନ କରିଥିବା ବେଳେ ପ୍ରଶାସନ ଏକାଦଶ ସମାନ ଓଭର ଖେଳି ୯ ଉଇକେଟ ହରାଇ ୧୨୦ ରନ କରି ପାରିଥିଲା। ଗଣମାଧ୍ୟମ ଏକାଦଶ ପକ୍ଷରୁ ଶିବପ୍ରସାଦ ଦାସ ସର୍ବାଧିକ ୫୩ ରନ କରିଥିଲେ। ପ୍ରଶାସନ ଏକାଦଶ ପକ୍ଷରୁ ମନୋଜ ବେହେରା ୨ ୱିକେଟ ନେଇଥିବା ବେଳେ ଜ୍ୟୋତି ଶଙ୍କର ମହାପାତ୍ର, ଅକ୍ଷୟ, ଭାସ୍କର ରାଓ ଓ ରାଜେନ୍ଦ୍ର ପାତ୍ର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ପ୍ରଶାସନ ଏକାଦଶ ପକ୍ଷରୁ ଭାସ୍କର ରାଓ ସର୍ବାଧିକ ୪୫ ରନ କରିଥିବା ବେଳେ ସୁମନ୍ତ ପରିଡା ୧୫ ରନ କରିବାକୁ ସକ୍ଷମ ହୋଇଥିଲେ। ବିଜୟୀ ଓ ରନର୍ସଅପ୍ ଦଳକୁ ଭାରପ୍ରାପ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ଉପଜିଲାପାଳ ଭବତାରଣ ସାହୁ ସମ୍ବର୍ଦ୍ଧିତ କରିଥିଲେ। ଗଣମାଧ୍ୟମ ଏକାଦଶର ସୁକାନ୍ତ ସ୍ୱାଇଁ ବୋଲିଂ ଓ ବ୍ୟାଟିଂରେ ଶ୍ରେଷ୍ଠତା ପ୍ରଦର୍ଶନକରି ମ୍ୟାନ ଅଫ୍ ଦି ମ୍ୟାଚ୍ ହୋଇଥିଲେ। ସର୍ବାଧିକ ରନ୍ ସହ ଅର୍ଦ୍ଧଶତକ ପାଇଁ ଶିବପ୍ରସାଦ ଦାସଙ୍କୁ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଟ୍ରଫି ପ୍ରଦାନ କରାଯାଇଥିଲା।

# ମହୋଦଧିରେ ସ୍ନାନକରି କ୍ଷମାପ୍ରାର୍ଥନା କଲେ କଂସ

**ପୁରୀ,୨୭।୧(ଅଜିତ୍ ମହାନ୍ତି):**

ବରଗଡ଼ଠାରେ ଚାଲିଥିବା ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା ପୌଷ ପୂର୍ଣ୍ଣିମା ଅବସରରେ କଂସବଧ ସହ ଶେଷ ହୋଇଛି। ତେବେ କଂସ ଭୂମିକାରେ ଅଭିନୟ କରି ମହାପ୍ରଭୁଙ୍କୁ ଗାଳି କରିବା ସହ ଶ୍ରୀକୃଷ୍ଣ ଭକ୍ତମାନଙ୍କୁ ଅତ୍ୟାଚାର କରିଥିବା କାରଣରୁ ଶ୍ରୀକ୍ଷେତ୍ର ଆସି ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଜଗତ୍‌ଗୁରୁଙ୍କ ଶଙ୍କରାଚାର୍ଯ୍ୟଙ୍କ ଶରଣରେ କ୍ଷମା ପ୍ରାର୍ଥନା କରିଛନ୍ତି କଂସ ମହାରାଜ ହୃଷୀକେଶ ଭୋଇ। ଶୁକ୍ରବାର ପୁରୀ ଆସି ମହୋଦଧିରେ ସ୍ନାନ ପରେ ମହାପ୍ରଭୁଙ୍କ ଦର୍ଶନ କରି ତାଙ୍କ ଅଭିନୟ ପାଇଁ କ୍ଷମା ପ୍ରାର୍ଥନା କରିଛନ୍ତି। ଦୀର୍ଘ ୧୧ ଦିନ ଧରି କଂସ ଭୂମିକାରେ ଅଭିନୟ କରି ମହାପ୍ରଭୁ ଶ୍ରୀକୃଷ୍ଣଙ୍କୁ କଟୁ କଥା କହିବା ସହ ମାରିବା ପାଇଁ ଉଦ୍ୟମ କରି ମହାପାପ କରିଥିବାରୁ ଭୁଲର ପ୍ରାୟଶ୍ଚିତ୍ତ ପାଇଁ ପୁରୀ ଆସି କ୍ଷମା ପ୍ରାର୍ଥନା କରିଛନ୍ତି ହୃଷୀକେଶ। ପ୍ରଥମେ ସେ ଗୋବର୍ଦ୍ଧନ ମଠ ଯାଇ ଶଙ୍କରାଚାର୍ଯ୍ୟଙ୍କୁ କ୍ଷମା ପ୍ରାର୍ଥନା କରିବା ପରେ ସେ ସମୁଦ୍ରକୁ ଯାଇ ବୁଡ଼ ପକାଇବା ସହ ପଇତା ବିସର୍ଜନ କରି ସୂର୍ଯ୍ୟ ଦେବତାଙ୍କୁ ଅର୍ଘ୍ୟ ଓ ନମସ୍କାର କରିଥିଲେ। ପରେ ସେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରି ଅଭିନୟରେ କରିଥିବା ପାପ ପାଇଁ କ୍ଷମା ପ୍ରାର୍ଥନା କରିଥିଲେ। କଂସ ଭୂମିକାରେ ଅଭିନୟ କରିଥିବା ହୃଷୀକେଶଙ୍କ କହିବା ଅନୁଯାୟୀ ଅଧର୍ମ ଉପରେ ଧର୍ମର ଜୟ ହୋଇଛି। ଅଧର୍ମର ବିନାଶ ଲାଗି କୃଷ୍ଣଙ୍କ ରୂପରେ ଆସି ଭଗବାନ ବିଷ୍ଣୁ ମଥୁରା ନରେଶ କଂସ ମହାରାଜାଙ୍କ ନିଧନ କରିଛନ୍ତି। ଏହା ସହିତ ବରଗଡ଼ର ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା ଶେଷ ହୋଇଛି। ପରମ୍ପରା ଅନୁଯାୟୀ ୧୧ ଦିନ ଧରି ଚାଲିଥିବା ଧନୁଯାତ୍ରା ଶେଷ ହେବା ପରେ ସେ ଶ୍ରୀକ୍ଷେତ୍ର ଆସି ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ନିକଟରେ ଶରଣ ପଶିଛନ୍ତି।



## ସଂକ୍ଷେପରେ

### ଧରିଣା ହାଇସ୍କୁଲ ପରିଦର୍ଶନ କଲେ ଏମ୍‌ପି

କଟକ ସଦର, ୨୭।୧ (ସୁଶାନ୍ତ କୁମାର ଜେନା)

କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଶନିବାର କଟକ ସଦର ବ୍ଲକ ଅନ୍ତର୍ଗତ ଧରିଣା ହାଇସ୍କୁଲ ପରିଦର୍ଶନ କରିଛନ୍ତି। ଏହି ଅବସରରେ ମହତାବ ଉକ୍ତ ପଞ୍ଚାୟତର ବିଭିନ୍ନ ସମସ୍ୟା ସମ୍ପର୍କରେ ସ୍ଥାନୀୟ ଲୋକ ପ୍ରତିନିଧି ଓ ଜନସାଧାରଣଙ୍କ ସହ ଆଲୋଚନା କରିଥିଲେ। ସ୍ଥାନୀୟ ସ୍କୁଲ ପରିସରରେ ବିଦ୍ୟୁତ୍ ଆଲୋକ ବ୍ୟବସ୍ଥା କରିବା ପାଇଁ ଲୋକମାନେ ଦାବି କରିଥିଲେ। ଏହା ଉପରେ ପଦକ୍ଷେପ ନେବେ ବୋଲି ଏମ୍‌ପି ପ୍ରତିଶ୍ରୁତି ଦେଇଥିଲେ। ଏହି ଗସ୍ତବେଳେ ସ୍ଥାନୀୟ ସରପଞ୍ଚ ରତ୍ନାକର ରାଉତ, ସମିତିସଭ୍ୟାଙ୍କ ପ୍ରତିନିଧି ତ୍ରିନାଥ ଦାଶ, ଏମ୍‌ପିଙ୍କ ପ୍ରତିନିଧି ଲିୟାକତ୍ ଅଲ୍ଲୀ, ଶରତ ଚନ୍ଦ୍ର ଦାଶ ଓ ଅକ୍ଷୟ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

### ଏଆଇସିସି ଅଧ୍ୟକ୍ଷଙ୍କ ଗସ୍ତ ସମ୍ପର୍କିତ ବୈଠକ

କଟକ, ୨୭।୧ (ଶିଳ୍ପା ପ୍ରିୟଦର୍ଶିନୀ)

ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଆସନ୍ତା ୨୯ ତାରିଖରେ ଓଡ଼ିଶା ଆସିବେ। ଏ ନେଇ ଶନିବାର କଟକ ସେଲ୍‌ଟର ଛକସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମଙ୍କ ନେତୃତ୍ୱରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଦିନ ଏହି ନିର୍ବାଚନ ମଣ୍ଡଳୀରୁ ୫୦୦୦ରୁ ଊର୍ଦ୍ଧ୍ୱ କର୍ମୀ ଯିବା ପାଇଁ ଲକ୍ଷ୍ୟ ରଖାଯାଇଥିବା ବୈଠକରେ ମୋକିମ କହିଛନ୍ତି। ଏହି ବୈଠକରେ ପୂର୍ବତନ ନଗର କଂଗ୍ରେସ କମିଟି ସଭାପତି ଗିରିବାଳା ବେହେରା, କର୍ପୋରେଟର ସନ୍ତୋଷ କୁମାର ଭୋଳ, ଶୁଭାଶିଷ ପଟ୍ଟନାୟକ, ଲିଜାରାଣୀ ରାଉତ, ଭାନୁ ସେନାପତି, ସ୍ୱର୍ଣ୍ଣପ୍ରଭା ପଶାୟତ, ଜେ. କାମେଶ୍ୱର ରାଓ, ଜନାର୍ଦ୍ଦନ ପରିଡା, ବରିଷ୍ଠ କଂଗ୍ରେସ ନେତା ମଜିଦ୍ ଖାନ, ସେକ୍ ଲିଆକତ ଉଦ୍ଦୀନ ଅହମ୍ମଦ ପ୍ରମୁଖ ଉପସ୍ଥିତ ଥିଲେ।

### ରୟାଲ୍ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଟ୍‌ର ବାର୍ଷିକ ଉତ୍ସବ

ମଙ୍ଗୁଳି-ଜଗତପୁର, ୨୭।୧ (ମାନସ ସାମଲ)

ଚୌଦ୍ୱାରର ଅଗ୍ରଣୀ ଶିକ୍ଷା ଅନୁଷ୍ଠାନ ରୟାଲ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଟ୍‌ର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଶିକ୍ଷାନୁଷ୍ଠାନ ପରିସରରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ଅମିୟବାଳା ପରିଡ଼ା, ଅନ୍ୟ ଅତିଥି ଭାବେ ସାମାଜିକ କର୍ମୀ ନରୋତ୍ତମ ଦାସ, ପ୍ରମୋଦ କୁମାର ନାୟକ, ଡ. ସୁମିତ୍ କୁମାର ନାୟକ ଯୋଗଦେଇଥିଲେ। ଇନ୍‌ଷ୍ଟିଚ୍ୟୁଟ୍‌ର ପରିଚାଳକ ବିରଞ୍ଚି ନାରାୟଣ କର, କାର୍ଯ୍ୟକାରୀ ନିର୍ଦ୍ଦେଶକ ଅକ୍ଷୟ ପ୍ରସାଦ କର କାର୍ଯ୍ୟକ୍ରମ ପରିଚାଳନା ଓ ଗୁରୁଜୀ ବାଣୀଭୂଷଣ ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷାନୁଷ୍ଠାନର ୩ଜଣ ଟପ୍ପର ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଅପରପକ୍ଷରେ ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅନ୍ତର୍ଗତ ୨୦ଟି ସ୍କୁଲର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଦକ୍ଷତା ଉପରେ ପରୀକ୍ଷା କରାଯାଇ ୭୫ ଜଣଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ ଗଣମାଧ୍ୟମ ପ୍ରତିନିଧି ଶଙ୍କର୍ଷଣ ମହାପାତ୍ର, ହେମନ୍ତ କୁମାର ରାଉତ, ମାନସ କୁମାର ସାମଲଙ୍କ ସମେତ ଶିକ୍ଷାବିତ୍ ଓ ସାମାଜିକ କର୍ମୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# 'ବିବିଧତା ମଧ୍ୟରେ ଏକତା ହିଁ ଭାରତୀୟତା'

## ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ

କଟକ, ୨୭।୧ (କାର୍ତ୍ତିକ ସାହୁ)



ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ସମ୍ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରୁଛନ୍ତି।

ଦୀର୍ଘ ୭୪ବର୍ଷ ତଳେ ଜାନୁଆରୀ ୨୬ରେ ଭାରତ ଏକ ସାଧାରଣତନ୍ତ୍ର ରାଷ୍ଟ୍ରରେ ପରିଣତ ହୋଇଥିଲା। ଭାରତବର୍ଷରେ ସଂସଦୀୟ ଗଣତନ୍ତ୍ରର ମୂଳଦୁଆ ପଡ଼ିଥିଲା। ଜାତୀୟତା ସ୍ତମ୍ଭ ଉପରେ ଭାରତୀୟ ସମ୍ବିଧାନର ସୌଧ ନିର୍ମାଣ କରାଯାଇଛି। ଭାରତୀୟ ସମ୍ବିଧାନ ଆମ ଐତିହ୍ୟ, ସଂହତି ଓ ଧର୍ମନିରପେକ୍ଷ ଚରିତ୍ରକୁ ମଜଭୁତ କରିଛି। ବିବିଧତା ମଧ୍ୟରେ ଏକତା ହିଁ ଭାରତୀୟତା ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡି କହିଛନ୍ତି। ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଦ୍ୱାରା କଟକ ବାରବାଟୀ ଷ୍ଟାଡିୟମଠାରେ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ମନ୍ତ୍ରୀ ମାର୍ଣ୍ଡି ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରି କହିଛନ୍ତି। ଏହି ଅବସରରେ ସେ କହିଛନ୍ତି, ସ୍ୱାଧୀନତା ପ୍ରାପ୍ତି ନିମନ୍ତେ ଆମ ରାଜ୍ୟର ମହାନ୍ ସଂଗ୍ରାମୀ ଜୟୀ ରାଜଗୁରୁ, ବକ୍ସି ଜଗବନ୍ଧୁ, ବୀର ସୁରେନ୍ଦ୍ର ସାଏ, ଚାଖି ଖୁଣ୍ଟିଆ, ବୀର୍ସା ମୁଣ୍ଡା, ଲକ୍ଷ୍ମଣ ନାୟକ, ଉତ୍କଳମଣି ଗୋପବନ୍ଧୁ ଦାସ, ଉତ୍କଳ ଗୌରବ ମଧୁସୂଦନ ଦାସ, ଗୋପବନ୍ଧୁ ଚୌଧୁରୀ, ମାଳତୀ ଚୌଧୁରୀ, ଡ. ହରେକୃଷ୍ଣ ମହତାବ, ବିଜୁ ପଟ୍ଟନାୟକଙ୍କ ସମେତ ଅନେକ ଦେଶପ୍ରେମୀଙ୍କ ଅବିରତ ସଂଗ୍ରାମ ଓ ଅତୁଳନୀୟ ବଳିଦାନ ରହିଥିଲା। ଭାରତୀୟ ସ୍ୱାଧୀନତା ଆନ୍ଦୋଳନରେ କଟକ ଜିଲାର ବଳିଷ୍ଠ ଭୂମିକା ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ। ଓଡ଼ିଶାର ରାଜନୈତିକ, ଅର୍ଥନୈତିକ, ସାଂସ୍କୃତିକ ଓ ଶିକ୍ଷାର ପ୍ରାଣକେନ୍ଦ୍ର ଭାବରେ କଟକ ସହର ପରିଚିତ। ସ୍ୱାଧୀନତା ଆନ୍ଦୋଳନର କେନ୍ଦ୍ରବିନ୍ଦୁ ଭାବେ ସମସ୍ତ ରାଜନୈତିକ ଶକ୍ତିର ପେଣ୍ଠସ୍ଥଳୀ ଥିଲା ଏହି ସହର। ଏଠାକାର ବାରବାଟୀ ଦୁର୍ଗ ଆଜି ମଧ୍ୟ ଅତୀତର ସମୃଦ୍ଧି, ସାହସିକତା ଓ ବୀରତ୍ୱର ପ୍ରତୀକ ହୋଇ ରହିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶା ପ୍ରଗତି ପଥରେ ଅଗ୍ରସର। ରାଜ୍ୟର ବିକାଶ ଓ ରାଜ୍ୟବାସୀଙ୍କ ସୁଖ ସମୃଦ୍ଧି ପାଇଁ ସେ ସଙ୍କଳ୍ପବଦ୍ଧ। ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଉଦ୍ଦେଶ୍ୟରେ ପ୍ରଣିତ ବିଜୁସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଭୁତପୂର୍ବ ସଫଳତା ହାସଲ କରିଛି। ବିଦ୍ୟାଳୟ ଶିକ୍ଷାରେ ରୂପାନ୍ତରଣ ପ୍ରକ୍ରିୟା ଜାତୀୟ ସ୍ତରରେ ଦୃଷ୍ଟାନ୍ତ ସୃଷ୍ଟି କରିଛି ବୋଲି ମନ୍ତ୍ରୀ ମାର୍ଣ୍ଡି କହିଥିଲେ।

ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ କେତେଜଣ ବ୍ୟକ୍ତିବିଶେଷ, ଅନୁଷ୍ଠାନ ସମେତ ଗଣମାଧ୍ୟମର ପ୍ରତିନିଧି ଓ ଆଲୋକଚିତ୍ର ଉତ୍ତୋଳନକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ଖବରଦାତା ଅରୁଣ ପଣ୍ଡା ଓ ଆଲୋକଚିତ୍ର ଉତ୍ତୋଳନକାରୀ ଟି. ରାମାରାଓଙ୍କୁ ମରଣୋତ୍ତର ଭାବେ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେହିପରି ବିଦାୟୀ ଜିଲାପାଳ ନରହରି ସେଠୀ ଓ ଡିସିପି ପିନାକ ମିଶ୍ରଙ୍କୁ ମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ। ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ୧୮ଜଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସମ୍ମିଳିତ ପରେଡ୍‌ରେ ୫୦ଟି ଦଳ ଅଂଶଗ୍ରହଣ କରିଥିଲେ। ପରେଡ କମାଣ୍ଡର ଭାବେ ସହକାରୀ ପୋଲିସ କମିଶନର ବିଷ୍ଣୁ ପ୍ରସାଦ ମିଶ୍ର ପରେଡ ପରିଚାଳନା କରିଥିଲେ।

ଏହି କାର୍ଯ୍ୟକ୍ରମରେ ବିଧାୟକ ସୌଭିକ୍ ବିଶ୍ୱାଳ, ରାଜ୍ୟ ସରକାରଙ୍କ ନିରାମୟ ଉପଦେଷ୍ଟା ଡ. ରଞ୍ଜନ କୁମାର ବିଶ୍ୱାଳ, ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶିବୋ ଟୋପୋ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସୁବାସ ଚନ୍ଦ୍ର ରାୟ, କଟକ ସଦର ଉପଜିଲାପାଳ କମଳଜିତ ଦାସ, ଜିଲା ଶିକ୍ଷା ଅଧିକାରୀ କୃଷ୍ଣଚନ୍ଦ୍ର ନାୟକଙ୍କ ସମେତ ଜିଲାର ବରିଷ୍ଠ ଅଧିକାରୀ ଓ କର୍ମଚାରୀବୃନ୍ଦ ଉପସ୍ଥିତ ଥିଲେ। ଓଡ଼ିଶା ମୋ ପରିବାର ଏବଂ ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ମିଳିତ ଆନୁକୂଲ୍ୟରେ ଟାଉନହଲ୍‌ରେ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ମନ୍ତ୍ରୀ ମାର୍ଣ୍ଡି ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରତ୍ୟୁଷରେ ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଡାକବାଜି ଯନ୍ତ୍ର ଦ୍ୱାରା ସହରରେ ରାମଧୁନ ପରିବେଷଣ କରାଯାଇଥିଲା।

### ବିର୍ସା ଭଗବାନ ମଞ୍ଚର ଆଦିବାସୀ ସମ୍ମିଳନୀ

ଖୁଣ୍ଟୁଣୀ, ୨୭।୧ (ସଚ୍ଚିଦାନନ୍ଦ ପଣ୍ଡା)

ବିର୍ସା ଭଗବାନ ମଞ୍ଚ ପକ୍ଷରୁ ରାଧାକୃଷ୍ଣପୁର ପଞ୍ଚାୟତ ଅଧୀନ ମୁଷୁଲିଆ ଆଦିବାସୀ ଗ୍ରାମ ହାଟ ପଡ଼ିଆଠାରେ ତ୍ରୟୋଦଶ ବାର୍ଷିକ ଆଦିବାସୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ସଭାପତି ରୂପନାରାୟଣ ପୂର୍ତ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଆଠଗଡ଼ ବିଜେଡି ଯୁବ ସଙ୍ଗଠକ ଆଦିତ୍ୟ ପ୍ରତାପ ସ୍ୱାଇଁ, ମୁଖ୍ୟବକ୍ତା ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଞ୍ଜନ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟା ମିନତି ଗାଗାରାଇ, ଓଡ଼ିଶା ଆଦିବାସୀ ଫାଉଣ୍ଡେଶନ ସଭାପତି ଗମନ କଳା, ଶିକ୍ଷକ ଗଣେଶ ହେମ୍ବ୍ରମ, ସର୍ବଭାରତୀୟ ହୋ ଭାଷା କ୍ରିୟାନୁଷ୍ଠାନ କମିଟି ସଦସ୍ୟ କୃଷ୍ଣଚନ୍ଦ୍ର ସାଣ୍ଡିଲ, ସିଲାଇ କୁଦାତା, ମନୋରଞ୍ଜନ ରାଉତ, ଦୁଲାଲ ଦାସ ପ୍ରମୁଖ ଯୋଗଦେଇଥିଲେ। ସମ୍ପାଦକ ଶିବରାମ ହେମ୍ବ୍ରମ ମଞ୍ଚର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଶହଦେବ ମୁର୍ମୁ ଧନ୍ୟବାଦ ଦେଇଥିଲେ। ଆଦିବାସୀଙ୍କ ଦ୍ୱାରା ଆୟୋଜିତ ପାରମ୍ପରିକ ନୃତ୍ୟ, ସଙ୍ଗୀତ ଓ ଏକକ ଅଭିନୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସଞ୍ଜୟ କୁମାର ପୂର୍ତ୍ତି, ତୁରାମ କୁଇଙ୍କାଲ, ଭାସ୍କର ବାରିଜ, ସୁମିତ୍ରା ଡାଙ୍ଗିଲ, ହେମନ୍ତ ବାରିଜ ପ୍ରତିଯୋଗିତା ପରିଚାଳନା କରିଥିଲେ।


ସିଏମ୍‌ସି ନେଚର ଲଭର୍ସ କ୍ଲବ ପକ୍ଷରୁ କଟକ ବେଲ୍‌ଭ୍ୟୁ ପାର୍କ ପରିସରରେ ଅନୁଷ୍ଠିତ ପୁଷ୍ପ ପ୍ରଦର୍ଶନୀକୁ ଯୁବତୀମାନେ ଦେଖୁଛନ୍ତି।

### ପଞ୍ଚାୟତସ୍ତରୀୟ ସଚେତନତା ଶିବିର

ମଙ୍ଗୁଳି-ଜଗତପୁର, ୨୭।୧ (ମାନସ ସାମଲ)

ରାଜ୍ୟ ସରକାରଙ୍କ ପ୍ରୟାସରେ ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ କରଞ୍ଜି ପଞ୍ଚାୟତରେ ଭିତ୍ତିଭୂମି ବିକାଶ ପାଇଁ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ମିନାକ୍ଷୀ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ପ୍ରଶାନ୍ତ ବେହେରା ଯୋଗଦେଇ କହିଛନ୍ତି, ସରକାରୀ ଯୋଜନା ସମ୍ପର୍କରେ ଲୋକମାନେ ଜାଣନ୍ତୁ। ଯଦି କେହି ଯୋଜନା ବିଷୟ ଜାଣିପାରୁ ନାହାନ୍ତି କି କେହି ତାଙ୍କୁ ବଞ୍ଚିତ ରହିବା ପାଇଁ ବାଧ୍ୟ କରୁଛନ୍ତି ସେମାନେ ସିଧାସଳଖ ମୋତେ ଜଣାନ୍ତୁ। ଏଥିରେ ସମ୍ମାନିତ ଅତିଥି ଭାବେ ଆମ୍ବା ଅଧ୍ୟକ୍ଷ ରାଜେଶ ରଞ୍ଜନ ଷଡ଼ଙ୍ଗୀ, ଜିଲା ପରିଷଦ ସଦସ୍ୟ ଚିତ୍ତରଞ୍ଜନ ସାମଲ, ଶିକ୍ଷାବିତ୍ ଧୀରେନ୍ଦ୍ର ଜେଠି, ଜନ୍ମେଜୟ ଖିଲାର, ସ୍ଥାନୀୟ ସରପଞ୍ଚ ମହେଶ୍ୱର ମହନ୍ତ, ସମିତି ସଭ୍ୟ ଅଜିତ୍ ନାୟକ, ସୁବୋଧ ସାମଲ ପ୍ରମୁଖ ଯୋଗଦେଇଥିଲେ। ଅତିରିକ୍ତ ବିଡିଓ ଶାଶ୍ୱତ ଜେନା ଧନ୍ୟବାଦ ଦେଇଥିଲେ। ସେହିପରି ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ଉଚ୍ଚପଦା ପଞ୍ଚାୟତ ଓ ହରିଅନ୍ତା ପଞ୍ଚାୟତରେ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା।

## କଟକରେ ରେଳମନ୍ତ୍ରୀଙ୍କୁ ସ୍ୱାଗତ


ଚୌଦ୍ୱାର-କଟକ ଭାଜପା ପକ୍ଷରୁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

କଟକ, ୨୭।୧ (ଶିଳ୍ପା ପ୍ରିୟଦର୍ଶିନୀ)

କଟକର କେତେକ ସ୍ଥାନରେ ଶନିବାର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଶିଖରପୁର ଅଞ୍ଚଳରେ ରେଳମନ୍ତ୍ରୀ ପହଞ୍ଚିବା ପରେ ଭାଜପା ନେତା ନୟନ ମହାନ୍ତିଙ୍କ ନେତୃତ୍ୱରେ କର୍ମୀମାନେ ସ୍ୱାଗତ କରିଥିଲେ। ପରେ ବକ୍ସିବଜାରଠାରେ ଭାଜପା କଟକ ନଗର ସଭାପତି ଲଲାଟେନ୍ଦୁ ବଡୁଙ୍କ ନେତୃତ୍ୱରେ କର୍ମୀମାନେ ମନ୍ତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ। ରାଷ୍ଟ୍ରଦୀପ ପରିସରରେ କାର୍ଯ୍ୟକର୍ତ୍ତାଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ରେଳମନ୍ତ୍ରୀ ଯୋଗଦେଇଥିଲେ। ଏହାପରେ ସମାଜ କାର୍ଯ୍ୟାଳୟଠାରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ସେ ମାଲ୍ୟାର୍ପଣ କରିଥିଲେ। ରବିବାର କଟକ ସଦର ଅଞ୍ଚଳରେ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମରେ ମନ୍ତ୍ରୀ ବୈଷ୍ଣବ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

## ସ୍ଥାୟୀ ନିର୍ମାଣର ଡିପିଆର୍ ମାଗିଲା ପ୍ରତ୍ନତତ୍ତ୍ୱ ବିଭାଗ

### ପରମହଂସନାଥ ମନ୍ଦିର ରୂପାନ୍ତରଣ କାର୍ଯ୍ୟ

କଟକ ସଦର, ୨୭।୧ (ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ପରମହଂସନାଥ ମନ୍ଦିରର ରୂପାନ୍ତରଣ କାର୍ଯ୍ୟ ପାଇଁ ରାଜ୍ୟ ସରକାର ୪ କୋଟି ୯୬ ଲକ୍ଷ ୪୦ ହଜାର ଟଙ୍କା ମଞ୍ଜୁର କରିଛନ୍ତି। ଏଥିପାଇଁ କଟକସ୍ଥିତ ରାସ୍ତା ଓ କୋଠାବାଡି ଡିଭିଜନ ପକ୍ଷରୁ ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡିପିଆର) ପ୍ରସ୍ତୁତ କରାଯିବାକୁ ନେଇ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ପ୍ରଶ୍ନ ଉଠାଇଛି। କାରଣ ୧୯୯୮ ମସିହାରୁ ରାଜ୍ୟ ସରକାର ଉକ୍ତ ମନ୍ଦିରକୁ ସୁରକ୍ଷିତ ଅଞ୍ଚଳ ଭାବେ ଘୋଷଣା କରିଥିବାରୁ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ରାସ୍ତା ଓ କୋଠାବାଡ଼ି ଡିଭିଜନକୁ ଡିପିଆର୍ ମଗାଯାଇଛି। ମୁଖ୍ୟ ମନ୍ଦିରର ୧୦୦ ମିଟର ବ୍ୟାସାର୍ଦ୍ଧ ମଧ୍ୟରେ କୌଣସି ସ୍ଥାୟୀ ନିର୍ମାଣ ଆରମ୍ଭ କରିବା ପୂର୍ବରୁ ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ଡିପିଆର ମଞ୍ଜୁର କରିବା ବାଧ୍ୟତାମୂଳକ। ନଚେତ୍ କୌଣସି କାର୍ଯ୍ୟ ସଂରକ୍ଷିତ ମନ୍ଦିର ପରିସରରେ ଆରମ୍ଭ ହୋଇପାରିବ ନାହିଁ ବୋଲି ଓଡ଼ିଶା ପ୍ରାଚୀନ କୀର୍ତ୍ତିରାଜି ସଂରକ୍ଷଣ ଆଇନ-୧୯୫୬ରେ ଉଲ୍ଲେଖ ରହିଛି। ଏହି ନିୟମକୁ ରାସ୍ତା ଓ କୋଠାବାଡି ଡିଭିଜନ ଅନୁସରଣ କରିନାହିଁ ବୋଲି ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗର ପତ୍ରସଂଖ୍ୟା ୪୨୭୯/୧୮।୧୨।୨୦୨୩ରେ ଦର୍ଶାଯାଇଛି। ଏହି ପତ୍ରର ନକଲ କଟକ ଜିଲାପାଳ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକଙ୍କୁ ପ୍ରଦାନ କରାଯାଇଛି। ଡିପିଆର ପ୍ରସ୍ତୁତବେଳେ ଉକ୍ତ ମନ୍ଦିରର ଟ୍ରଷ୍ଟବୋର୍ଡ କାର୍ଯ୍ୟକ୍ଷମ ନ ଥିଲା। ତେଣୁ ରିପୋର୍ଟ ପ୍ରସ୍ତୁତବେଳେ କାହା ମତ ନିଆଯାଇଥିଲା ଓ ଏହି ମନ୍ଦିର ପ୍ରତ୍ନତତ୍ତ୍ୱ ବିଭାଗ ଅଧୀନରେ ଥିବା କଥା ରାସ୍ତା ଓ କୋଠାବାଡି ଡିଭିଜନ ଜାଣିନାହିଁ ବୋଲି ପତ୍ରସଂଖ୍ୟା ୮୬୫୨/ ୫।୧୨।୨୦୨୩ରେ ସମ୍ପୃକ୍ତ କାର୍ଯ୍ୟାଳୟର ଜନସୂଚନା ଅଧିକାରୀ ଜଣାଇଛନ୍ତି।

### ସମୀର ଦେଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଲେ ରେଳମନ୍ତ୍ରୀ

କଟକ, ୨୭।୧ (ଶିଳ୍ପା ପ୍ରିୟଦର୍ଶିନୀ)

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଶନିବାର କଟକ ଗସ୍ତରେ ଆସିଥିବାବେଳେ ପୂର୍ବତନ ମନ୍ତ୍ରୀ ସମୀର ଦେଙ୍କୁ ସିଡିଏସ୍ଥିତ ତାଙ୍କ ବାସଭବନରେ ଭେଟିଥିଲେ। ସମୀରଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ନ ଥିବାରୁ ସେ ଦଳୀୟ କାର୍ଯ୍ୟକ୍ରମରେ ଯୋଗ ଦେଇପାରୁନାହାନ୍ତି। ତେଣୁ ତାଙ୍କୁ ରେଳମନ୍ତ୍ରୀ ଭେଟି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ କଟକ ନିର୍ବାଚନ ବାତାବରଣ ସମ୍ପର୍କରେ ଆଲୋଚନା କରିଥିଲେ।


କଟକ ବାଲିଯାତ୍ରା ଉପର ପଡିଆରେ ଅନୁଷ୍ଠିତ ବାରବାଟୀ ଶିଶିର ମେଳାରେ ପଡିଥିବା ଏକ ଷ୍ଟଲ୍‌ରୁ ଗ୍ରାହକ ସାମଗ୍ରୀ କିଣୁଛନ୍ତି।

## ବାରବାଟୀ ଫେଷ୍ଟିଭାଲ
# ମୁଗ୍ଧ କଲା ଶାସ୍ତ୍ରୀୟ ସଙ୍ଗୀତ

କଟକ, ୨୭।୧ (ଶିଳ୍ପା ପ୍ରିୟଦର୍ଶିନୀ)



ନାଦନିବାଦ ଅନୁଷ୍ଠାନର ଶିଳ୍ପୀମାନେ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରୁଛନ୍ତି।

କଟକ ସାରଳା ଭବନରେ ବାରବାଟୀ ଫେଷ୍ଟିଭାଲ୍‌ର ଶନିବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଅନୁଷ୍ଠାନର ସଭାପତି ପ୍ରିୟରଞ୍ଜନ ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଗୁରୁ ଏ. ମହେଶ୍ୱର ରାଓ, ଚଳଚ୍ଚିତ୍ର ନିର୍ଦ୍ଦେଶକ ବସନ୍ତ ସାହୁ, ପତ୍ରକାର ସତ୍ୟ ରାୟ ଓ ବ୍ରଜ କିଶୋର ନନ୍ଦ ଯୋଗଦେଇଥିଲେ। ନାଦନିବାଦ ଅନୁଷ୍ଠାନର ଶିଳ୍ପୀମାନେ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରିଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟର ଗୁରୁ ମମତା ସାହୁ ଓ ସ୍ୱପ୍ନାରାଣୀ ସିହ୍ନା ନୃତ୍ୟ ପରିବେଷଣ କରିଥିଲେ। ଏଥିସହ ନଟସୂତ୍ର ଅନୁଷ୍ଠାନ ପକ୍ଷରୁ ଦଳଗତ ନୃତ୍ୟ ପରିବେଷିତ ହୋଇଥିଲା। ଗୁରୁ ଆଶିଷ କୁମାର ଦାସ, ଏନ୍. କାଜଲ ରାଓ, ପ୍ରାଚୀ ମହାପାତ୍ର ଓ ଅମିୟାଂଶୁ କୁମାର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ଶୁକ୍ରବାର ଉଦ୍‌ଘାଟନୀ କାର୍ଯ୍ୟକ୍ରମକୁ ନୃତ୍ୟାଙ୍ଗନା କୁମ୍‌କୁମ୍ ମହାନ୍ତି ଉଦ୍‌ଘାଟନ କରିଥିଲେ। ଡ. ପ୍ରଭାକର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ଇଂ. ମହମ୍ମଦ ମୋକିମ, ସମ୍ମାନିତ ଅତିଥି ଭାବେ ନୃତ୍ୟମଣ୍ଡଳର ସଭାପତି ପ୍ରିୟରଞ୍ଜନ ଦାସ ଯୋଗଦେଇଥିଲେ। ନାଟ୍ୟକାର ସଞ୍ଜିତ ପଟ୍ଟନାୟକ ଅତିଥି ପରିଚୟ ଓ ଉପସଭାପତି ବ୍ରଜ କିଶୋର ନନ୍ଦ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

# ସମ୍ବର୍ଦ୍ଧିତ ହେବେ ବିଶିଷ୍ଟ ବ୍ୟକ୍ତି

## ଫେବୃୟାରୀ ୩ରେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ

ଭୁବନେଶ୍ୱର,୨୭।୧
(ଅନିଲ ଦାସ)

ଆସନ୍ତା ଫେବୃଆରୀ ୩ ତାରିଖରୁ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ସ୍ଥାନୀୟ ଜନତା ମଇଦାନଠାରେ ଅନୁଷ୍ଠିତ ହେବ। ଏହି ସମ୍ମିଳନୀ ତିନିଦିନ ଧରି ଚାଲିବ। ଏଥିରେ ଦେଶ ବିଦେଶର ଐତିହାସିକ, ଭାଷାବିତ୍, ଗବେଷକ, ବୁଦ୍ଧିଜୀବୀ ଏବଂ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିବିଶେଷ ଯୋଗଦେଇ ଓଡ଼ିଆ ଭାଷାର ମହନୀୟ ଅତୀତ ଓ ଭବିଷ୍ୟତର ପ୍ରାସଙ୍ଗିକତା ସମ୍ପର୍କରେ ତର୍କଭିତ୍ତିକ ଓ ମାର୍ମିକ ତର୍ଜମା କରିବେ। ଏହି ସମ୍ମିଳନୀକୁ ଆହୁରି ସ୍ମରଣୀୟ କରିବା ନିମନ୍ତେ ଭାଷା, ସାହିତ୍ୟ, କଳାକୃତି ଆଦି କ୍ଷେତ୍ରରେ ଅବଦାନ ଥିବା ତଥା ବିଭିନ୍ନ ପୁରସ୍କାର ବିଜେତା ଓ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯିବାର କାର୍ଯ୍ୟକ୍ରମ ରହିଛି।

ଏହି ଅବସରରେ ମହାନ୍ ଐତିହାସିକ ପଦ୍ମଶ୍ରୀ ହରମାନ କୁଲକେଙ୍କ ସମେତ ପଦ୍ମ ପୁରସ୍କାର ବିଜେତା ୫୮ ଜଣଙ୍କୁ ସମ୍ବର୍ଦ୍ଧିତ କରାଯିବ। ସେହିଭଳି ଜ୍ଞାନପୀଠ ପୁରସ୍କାର ପାଇଥିବା ଏବଂ ଜୀବନବ୍ୟାପୀ ସାଧନା ନିମନ୍ତେ ମଧ୍ୟ ବିଶିଷ୍ଟ ବ୍ୟକ୍ତିବିଶେଷମାନଙ୍କୁ ପୁରସ୍କୃତ କରାଯିବ। ଏତଦ୍‌ବ୍ୟତୀତ କେନ୍ଦ୍ର ସାହିତ୍ୟ ଏକାଡେମୀ, ସରସ୍ୱତୀ ସମ୍ମାନ ଓ ମୂର୍ତ୍ତିଦେବୀ ପୁରସ୍କାରପ୍ରାପ୍ତ ବିଜେତାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯିବ। ଅନ୍ୟପକ୍ଷରେ ଜୟଦେବ, ଧର୍ମପଦ, ଅତିବଡ଼ୀ ଜଗନ୍ନାଥ ଦାସ, କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଏବଂ ବ୍ୟାସକବି ଫକୀର ମୋହନ ଭାଷା ସମ୍ମାନପ୍ରାପ୍ତ ବ୍ୟକ୍ତିବିଶେଷଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯିବ।

ଏହି ସମ୍ମିଳନୀକୁ ଆହୁରି ବ୍ୟାପକ କରିବା ପରିପ୍ରେକ୍ଷୀରେ ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ସ୍ୱରୂପ ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର, ପ୍ରଥମ ପ୍ରିଣ୍ଟିଂ ପ୍ରେସ୍ ଓ ବିଭିନ୍ନ କଳାକୃତି ଆଦି ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ପ୍ରଦର୍ଶିତ ହେବାର କାର୍ଯ୍ୟକ୍ରମ ରହିଛି। ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି, ଐତିହ୍ୟ ଓ କଳାକୃତିକୁ ପ୍ରୋତ୍ସାହିତ କରିବାକୁ ସମ୍ମିଳନୀରେ ବ୍ୟାପକ ଆୟୋଜନ କରାଯାଉଛି। ଏଥିରେ ସବୁ ବର୍ଗର ବ୍ୟକ୍ତିବିଶେଷ ସାମିଲ ହୋଇ ଓଡ଼ିଆ ଭାଷାର ପ୍ରଚାର ପ୍ରସାର କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇବେ। ଏଠାକୁ ଆସି ଓଡ଼ିଆ ଭାବେ ନିଜକୁ ଗର୍ବ ଅନୁଭବ କରିବା ସହ ଅଭୁଲା ସ୍ମୃତି ନେଇଯିବେ ଏଥିନିମନ୍ତେ ବ୍ୟାପକ ବ୍ୟବସ୍ଥା କରାଯାଇଛି।

# ସବୁ ପୌରାଞ୍ଚଳରେ ହେବ ଓଡ଼ିଆ ଭାଷା ସମ୍ମିଳନୀ

ଭୁବନେଶ୍ୱର, ୨୭।୧
(ଅସମାପିକା ସାହୁ)

ରାଜ୍ୟର ସମସ୍ତ ପୌରାଞ୍ଚଳରେ ଓଡ଼ିଆ ଭାଷା ସମ୍ମିଳନୀ ପାଳନ କରାଯିବ। ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ଏ ନେଇ ପୌର ନିର୍ଦ୍ଦେଶକ ସଂଗ୍ରାମଜିତ ନାୟକ ସମସ୍ତ ମହାନଗର ନିଗମର କମିଶନର ଏବଂ ପୌର ପରିଷଦ ଓ ଏନ୍‌ଏସିର ନିର୍ବାହୀ ଅଧିକାରୀଙ୍କୁ ପତ୍ର ଲେଖିଛନ୍ତି। ଏଥିସହ ଆଭାସି ମାଧ୍ୟମରେ ଆଲୋଚନା କରି ଆବଶ୍ୟକ ପଦକ୍ଷେପ ନେବାକୁ ପରାମର୍ଶ ଦେଇଛନ୍ତି। ନାୟକ ଲେଖିଥିବା ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ଭୁବନେଶ୍ୱରଠାରେ ଫେବୃଆରୀ ୩ରୁ ୫ ତାରିଖ ପର୍ଯ୍ୟନ୍ତ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଅନୁଷ୍ଠିତ ହେବ। ଏହାକୁ ବ୍ୟାପକ କରିବା ନିମନ୍ତେ ସବୁ ସହରାଞ୍ଚଳ, ସ୍ୱାୟତ୍ତ ଶାସନ ସଂସ୍ଥାଗୁଡ଼ିକରେ ବିଭିନ୍ନ କାର୍ଯ୍ୟକ୍ରମର ଆବଶ୍ୟକତା ରହିଛି। ସଚେତନତା ସହ ଓଡ଼ିଆ ଭାଷା ଓ ସଂସ୍କୃତିର ବିକାଶ କ୍ଷେତ୍ରରେ ଅବଦାନ ରଖିଥିବା ପ୍ରସିଦ୍ଧ କବି, ଲେଖକ ଓ ଭାଷାବିତ୍‌ଙ୍କ ପରି ଓଡ଼ିଆ ବ୍ୟକ୍ତିତ୍ୱଙ୍କ ଚିତ୍ର/ଛବିର ପେଣ୍ଟିଂ ସହରାଞ୍ଚଳ ସ୍ୱାୟତ୍ତ ଶାସନ ସଂସ୍ଥାର ପ୍ରମୁଖ ସ୍ଥାନଗୁଡ଼ିକରେ ରହିବ। ଏଥିସହିତ ଓଡ଼ିଆ ଗବେଷକ, ବିଦ୍ୱାନ ଓ ବୁଦ୍ଧିଜୀବୀମାନଙ୍କୁ ସ୍ଥାନୀୟ ଅଞ୍ଚଳରେ ସମ୍ବର୍ଦ୍ଧିତ କରିବା, ସ୍କୁଲ ଓ କଲେଜ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଓଡ଼ିଆ ତର୍କ, ପ୍ରବନ୍ଧ ଓ ତତ୍କାଳ ବକ୍ତୃତା ପ୍ରତିଯୋଗିତା ଭଳି ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରିବା ପାଇଁ ପରାମର୍ଶ ଦିଆଯାଇଛି। ଏହି କାର୍ଯ୍ୟକ୍ରମଗୁଡ଼ିକର ଆୟୋଜନ ସୁନିଶ୍ଚିତ କରିବା ନିମନ୍ତେ ଏବଂ ସମ୍ପୃକ୍ତ କାର୍ଯ୍ୟକ୍ରମର ବିବରଣୀ ଓ ହାଇ ରିଜୋଲ୍ୟୁଶନ ଫଟୋଗୁଡ଼ିକୁ ବିଭାଗର ଅବଗତି ତଥା ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପଠାଇବାକୁ ପୌର ନିର୍ଦ୍ଦେଶକ ଚିଠିରେ ଉଲ୍ଲେଖ କରିଛନ୍ତି। ସୂଚନାଯୋଗ୍ୟ, ଦେଶରେ ଅନ୍ୟତମ ଶାସ୍ତ୍ରୀୟ ଭାଷାର ମାନ୍ୟତା ଲାଭ କରିଥିବା ଓଡ଼ିଆ ଭାଷାର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ଉପରେ ବିସ୍ତୃତ ଆଲୋଚନା ସହିତ ଏହାର ପ୍ରଚାର-ପ୍ରସାର ପାଇଁ ପ୍ରଥମ ବିଶ୍ୱ ଓ ଭାଷା ସମ୍ମିଳନୀର ଆୟୋଜନ କରାଯାଉଛି। ଏହି ସମ୍ମିଳନୀ ଫେବୃଆରୀ ୩ରୁ ଭୁବନେଶ୍ୱରସ୍ଥିତ ଜନତା ମଇଦାନରେ ଆରମ୍ଭ ହେବ। ଏଥିରେ ଛାତ୍ରୀଛାତ୍ର, ଅଧ୍ୟାପକ ଓ ଅଧ୍ୟାପିକା, ଗବେଷକ, ବୁଦ୍ଧିଜୀବୀ ପ୍ରମୁଖ ଯୋଗଦେବେ। ଓଡ଼ିଆ ଭାଷା ପ୍ରତି ଆଗ୍ରହ ସୃଷ୍ଟି ସହ ଭାଷାକୁ ପ୍ରୋତ୍ସାହିତ କରିବା ପାଇଁ ସମ୍ମିଳନୀରେ ବ୍ୟାପକ ଆୟୋଜନ କରାଯାଉଛି।

# ପତାକା ଉତ୍ତୋଳନ ପରେ ଟଳିପଡ଼ିଲେ ଶିକ୍ଷକ

ଟିଟିଲାଗଡ଼, ୨୭।୧(ଶରତ ମିଶ୍ର)



ମୃତ୍ୟୁର କିଛି ସମୟ ପୂର୍ବରୁ ଶିକ୍ଷକ ଗୁରୁ ବରିହା ଜାତୀୟ ପତାକାକୁ ସାଲ୍ୟୁଟ କରୁଛନ୍ତି।

ବଲାଙ୍ଗୀର ଜିଲା ଟିଟିଲାଗଡ ବ୍ଲକ ସିହିନି ହାଇସ୍କୁଲରେ ଶୁକ୍ରବାର ସାଧାରଣତନ୍ତ୍ର ଦିବସ ପାଳନ ବେଳେ ଏକ ଦୁଃଖଦ ଘଟଣା ଘଟିଥିଲା। ଜାତୀୟ ପତାକା ଉତ୍ତୋଳନ ପରେ ଶିକ୍ଷକ ଗୁରୁ ବରିହା (୩୭) ସେଠାରେ ଟଳିପଡିଥିଲେ। ଟଳି ପଡିବା ପୂର୍ବରୁ ସେ ଜାତୀୟ ପତାକାକୁ ସାଲ୍ୟୁଟ କରିଥିଲେ। ଛାତ୍ରୀଛାତ୍ର, ଶିକ୍ଷକଙ୍କ ସହ ଫଟୋ ଉଠାଇଥିଲେ। ହଠାତ୍ ଟଳିପଡିବା ପରେ ତାଙ୍କୁ ଟିଟିଲାଗଡ ଉପଖଣ୍ଡ ମୁଖ୍ୟ ଡାକ୍ତରଖାନା ନେବା ବେଳକୁ ମୃତ୍ୟୁ ହୋଇସାରିଥିଲା। ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ପରିବାରବର୍ଗଙ୍କୁ ହସ୍ତାନ୍ତର କରିଥିଲା। ତାଙ୍କର ଦୁଇ ସନ୍ତାନ ଅଛନ୍ତି। ତେବେ ବିଦ୍ୟାଳୟରେ ଏକ ଜାତୀୟ ଉତ୍ସବ ପାଳନ ବେଳେ ଜଣେ ଶିକ୍ଷକଙ୍କ ପରଲୋକକୁ ନେଇ ପ୍ରଧାନଶିକ୍ଷକ ନାରାୟଣ ବଗର୍ତ୍ତି, ସିହିନି ସରପଞ୍ଚ ବୀରବର ସାହୁ ଗଭୀର ଶୋକ ପ୍ରକାଶ କରିଛନ୍ତି।

# ଉଚ୍ଚଶିକ୍ଷାରେ ନାମଲେଖା ବୃଦ୍ଧି ଜ୍ଞାନଭିତ୍ତିକ ସମାଜକୁ ପ୍ରତିଫଳିତ କରୁଛି: ଧର୍ମେନ୍ଦ୍ର

ଭୁବନେଶ୍ୱର,୨୭।୧(ଅନିଲ ଦାସ)



**ଆଇଆଇଏମ୍, ମୁମ୍ବାଇ ସମାବର୍ତ୍ତନ ସମାରୋହରେ କେନ୍ଦ୍ରମନ୍ତ୍ରୀ**

ଉଚ୍ଚଶିକ୍ଷା କ୍ଷେତ୍ରରେ ଗରିବ, ବଞ୍ଚିତ ବର୍ଗ ଏବଂ ମହିଳାଙ୍କ ଭାଗୀଦାରିରେ ରେକର୍ଡ ସଂଖ୍ୟକ ଉନ୍ନତି ହୋଇଛି, ଯାହା ଜ୍ଞାନଭିତ୍ତିକ ସମାଜର ପ୍ରତିଫଳନ। ଶନିବାର ଆଇଆଇଏମ୍ ମୁମ୍ବାଇର ପ୍ରଥମ ସମାବର୍ତ୍ତନ ସମାରୋହରେ ଯୋଗଦେଇ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି। ସେ କହିଛନ୍ତି ଯେ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଉଚ୍ଚଶିକ୍ଷା ଉପରେ ଅଖିଳ ଭାରତୀୟ ସର୍ବେକ୍ଷଣ(ଏଆଇସିଁଇ) ୨୦୨୧-୨୨ ଜାରି ହୋଇଛି। ଉଚ୍ଚଶିକ୍ଷାରେ ୨୦୨୦-୨୧ ଶିକ୍ଷାବର୍ଷରେ ୪.୧୪ କୋଟି ଛାତ୍ରୀଛାତ୍ର ନାମ ଲେଖାଇଥିବା ବେଳେ ୨୦୨୧-୨୨ରେ ଏହା ବଢି ପ୍ରାୟ ୪.୩୩ କୋଟି ହୋଇଛି। ୨୦୧୪ରେ କେବଳ ୩.୪୨ କୋଟି ପିଲା ନାମ ଲେଖାଇଥିଲେ। ଏବେ ଏଥିରେ ପ୍ରାୟ ୨୬.୫ ପ୍ରତିଶତ ବୃଦ୍ଧି ହୋଇଛି। ସେହିପରି ଛାତ୍ରୀଛାତ୍ରଙ୍କ ନାମଲେଖାରେ ୨୦୨୦-୨୧ରେ ୨.୦୧ କୋଟିରୁ ବଢି ୨୦୨୧-୨୨ରେ ୨.୭ କୋଟିକୁ ବୃଦ୍ଧି ହୋଇଛି। ୨୦୧୪-୧୫ରେ ଛାତ୍ରୀଙ୍କ ସଂଖ୍ୟା ୧.୫୭ କୋଟିରେ ଥିବାବେଳେ ଏବେ ଏଥିରେ ପ୍ରାୟ ୫୦ ଲକ୍ଷ ବା ୩୨ ପ୍ରତିଶତ ବୃଦ୍ଧି ହୋଇଛି। ଓବିସି ଛାତ୍ରୀଛାତ୍ରଙ୍କ ସଂଖ୍ୟା ଉଚ୍ଚ ଶିକ୍ଷାରେ ୨୦୧୪-୧୫ରେ ୧.୧୩ କୋଟି ଥିବାବେଳେ ୨୦୨୧-୨୨ରେ ୧.୬୩ କୋଟି ପର୍ଯ୍ୟନ୍ତ ବୃଦ୍ଧି ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବର୍ତ୍ତମାନର ପିଢ଼ିଙ୍କୁ ଅମୃତ ପିଢ଼ି ନାମରେ ନାମିତ କରିଛନ୍ତି। ଏହି ପିଢ଼ି ସାମାଜିକ-ଅର୍ଥନୈତିକ ପରିବର୍ତ୍ତନର ଅଗ୍ରଦୂତ ହେବେ। ଆଗାମୀ ୨୫ ବର୍ଷ ପାଇଁ ବିଶ୍ୱ ଓ ସମାଜର ଥିବା ସମସ୍ୟାର ସମାଧାନ କରିବାର ଦାୟିତ୍ୱ ନେବେ। ଚାକିରି ଅନ୍ୱେଷଣରେ ନ ରହି ଯୁବପିଢି ନିଯୁକ୍ତିଦାତା ହେବା ପାଇଁ ଚେଷ୍ଟାକରିବା ଉଚିତ। ନିଯୁକ୍ତି ଦେଲେ ହିଁ ମନରେ ଆନନ୍ଦ ଆସିବ। ଏହା ଜାତୀୟ ଶିକ୍ଷା ନୀତିର ଉଦ୍ଦେଶ୍ୟ ମଧ୍ୟ ରହିଛି। ବର୍ତ୍ତମାନ ସମୟରେ ଆମକୁ ଉଦ୍ୟମିତା ସହ ନୂଆ ନୂଆ ୟୁନିକର୍ନ ସୃଷ୍ଟି କରିବା ଉପରେ ଦୃଷ୍ଟି ଦେବାକୁ ହେବ। ମୁମ୍ବାଇର ବିଜ୍‌ନେସ ସ୍କୁଲ ପ୍ରତିଷ୍ଠା କରିବା ଦୀର୍ଘ ଦିନର ଦାବି ଥିଲା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଏହାକୁ ପୂରଣ କରାଯାଇଛି। ଏହି ଅନୁଷ୍ଠାନ ଶ୍ରେଷ୍ଠ ମାନବ ସମ୍ବଳ ତିଆରି କରିବାରେ ଅନ୍ୟତମ କାଟାଲିଷ୍ଟ ହେବ। ଆଇଆଇଏମ୍, ମୁମ୍ବାଇ ଉଦ୍ୟମୀ ଓ ଭବିଷ୍ୟତ ପାଇଁ ୟୁନିକର୍ନ ପ୍ରସ୍ତୁତ କରିବାକୁ ଏକ ଇକୋସିଷ୍ଟମ ପ୍ରସ୍ତୁତ କରିବା ଲାଗି କେନ୍ଦ୍ରମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଆଇଆଇଏମ୍ ମୁମ୍ବାଇ ଦେଶର ଅଗ୍ରଣୀ ବିଜ୍‌ନେସ ସ୍କୁଲ ଭାବରେ ଉଭା ହେବା ପାଇଁ କାର୍ଯ୍ୟ କରିବା ଉଚିତ। ଏହା ଏକ ବିଶ୍ୱସ୍ତରୀୟ ଉତ୍କର୍ଷ କେନ୍ଦ୍ର ଏବଂ ଚରିତ୍ର ନିର୍ମାଣ ଏବଂ ରାଷ୍ଟ୍ର ନିର୍ମାଣ ଅନୁଷ୍ଠାନ ଭାବରେ ପରିଣତ ହୋଇଛି। ବିଶ୍ୱ ସମୁଦାୟ ପ୍ରତି ଆମକୁ ଆମର କର୍ତ୍ତବ୍ୟବୋଧକୁ ଅନୁଭବ କରିବାକୁ ହେବ। ଏହି ଲକ୍ଷ୍ୟକୁ ସାକାର କରିବା ଦିଗରେ ମିଳିତ ନେତୃତ୍ୱ ନେବାକୁ ପଡ଼ିବ। ଭାରତକୁ ବିଶ୍ୱ ଅର୍ଥନୀତିର କେନ୍ଦ୍ରସ୍ଥଳୀ କରିବା ପାଇଁ ହେଲେ ଆଇଆଇଏମ୍‌କୁ ଦାୟିତ୍ୱ ନେବାକୁ ପଡ଼ିବ ଏବଂ ବିକଶିତ ଭାରତ ନିର୍ମାଣରେ ସେମାନଙ୍କ ଭୂମିକା ନିର୍ବାହ କରିବାକୁ ପଡ଼ିବ। ଏହି ସମାବର୍ତ୍ତନ ସମାରୋହରେ ସ୍ନାତକ, ପଦକ ଗ୍ରହଣ କରିଥିବା ଛାତ୍ରୀଛାତ୍ରଙ୍କୁ କେନ୍ଦ୍ରମନ୍ତ୍ରୀ ଅଭିନନ୍ଦନ ଜଣାଇଛନ୍ତି।

# ୫୦ଫୁଟ୍ ତଳକୁ ଖସିଲା କାର

ପାରଳାଖେମୁଣ୍ଡି,୨୭।୧
(ଗିରିଧାରୀ ପରିଛା)

ଗଜପତି ଜିଲା ରାୟଗଡ଼ ବ୍ଲକ ଅନ୍ତର୍ଗତ ପୁରାଣ ପ୍ରସିଦ୍ଧ ମହେନ୍ଦ୍ରଗିରି ପର୍ବତକୁ ବୁଲିଯାଇଥିବା ୫ ଜଣ ପର୍ଯ୍ୟଟକଙ୍କ କାର ଦୁର୍ଘଟଣାଗ୍ରସ୍ତ ହୋଇଛି। ଶୁକ୍ରବାର ବ୍ରହ୍ମପୁର ସହରର ୪ଜଣ ମହିଳାଙ୍କ ସମେତ ଡ୍ରାଇଭର ଏକ କାର ଯୋଗେ ଐତିହାସିକ ସ୍ଥଳ ମହେନ୍ଦ୍ରଗିରି ବୁଲିବାକୁ ଯାଇ ଫେରୁଥିବାବେଳେ ଅପରାହ୍ନରେ ଏକ ବୁଲାଣି ସ୍ଥାନରେ ଭାରସାମ୍ୟ ହରାଇ କାରଟି ୫୦ଫୁଟ ତଳକୁ ଖସିପଡ଼ିଥିଲା। ତେବେ ଯାତ୍ରୀମାନେ ବର୍ତ୍ତି ଯାଇଛନ୍ତି। ସମସ୍ତେ ସାମାନ୍ୟ ଆହତ ହୋଇଥିବା ବେଳେ ସ୍ଥାନୀୟ ଲୋକେ ସେମାନଙ୍କୁ ପ୍ରଥମେ କଇଁପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ସେମାନଙ୍କୁ ପାରଳାଖେମୁଣ୍ଡି ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା।



# ବିରଳ ପ୍ରଜାତିର ଶାଗୁଣା ଉଦ୍ଧାର



ଉଦ୍ଧାର ଶାଗୁଣା

ଫିରିଙ୍ଗିଆ/
ବାରଙ୍ଗ,୨୭।୧(ବିକ୍ରମ ଦିଗାଲ/ଲିଙ୍ଗରାଜ ରାଉତ)

କନ୍ଧମାଳ ଜିଲା ଡିଣ୍ଡିରାଗାଁ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଟେଲାପାଲି ଗାଁ ଶିଙ୍କୁଲିପଦର ନଦୀରୁ ଏକ ବିରଳ ପ୍ରଜାତିର ଶାଗୁଣା ଶନିବାର ଉଦ୍ଧାର ହୋଇଛି। ଟେଲାପାଲି ଗାଁର ସୁନୀଲ ରଣା, ବିକାଶ ରଣା, ସିକୁ ରଣା ଓ ନୀଳକଣ୍ଠ ରଣା ସକାଳୁ ଉକ୍ତ ନଦୀକୁ ବୁଲିଯାଇଥିବା ବେଳେ ନାଳରେ ଶାଗୁଣା ବସିଥିବା ଦେଖିଥିଲେ। ଶାଗୁଣାଟି ଅସୁସ୍ଥ ଥିବାରୁ ତାକୁ ଧରି ଫିରିଙ୍ଗିଆ ବନ ଅଧିକାରୀଙ୍କୁ ଫୋନ୍ କରି ଜଣାଇଥିଲେ। ବନ କର୍ମଚାରୀ ପହଞ୍ଚି ଶାଗୁଣାଙ୍କୁ ଉଦ୍ଧାର କରିଥିଲେ। ଶାଗୁଣାର ସ୍ୱାସ୍ଥ୍ୟ ଅବସ୍ଥା ଯାଞ୍ଚ କରାଯିବା ପରେ ତାକୁ ନନ୍ଦନକାନନରେ ଛଡ଼ାଯାଇଥିବା ବନ ଅଧିକାରୀ ରବୀନ୍ଦ୍ର କୁମାର ପାତ୍ର କହିଛନ୍ତି। ନନ୍ଦନକାନନରେ ଡାକ୍ତର ଶାଗୁଣାର ପ୍ରାଥମିକ ଚିକିତ୍ସା କରି ନଜର ବନ୍ଦୀରେ ରଖିଛନ୍ତି।

SAMBALPUR MUNICIPAL CORPORATION
Notice No. 626/SMC Date: 24.01.2024
QUOTATION CALL NOTICE FOR JALACHHATRA SERVICE - 2024
No. C-2412: Sealed quotations are invited from intending bidders having valid PAN No. & GST Regd. No. for Jalachhatra Service in Sambalpur Municipal Corporation on terms & Conditions mentioned in the standard bidding document in format prescribed therein, so as to reach this office on or before 5.30 P.M. on 07th February, 2024 through Regd. Post/Speed Post/Courier to Sambalpur Municipal Corporation, Odisha, Sambalpur - 768006.
The standard bidding document terms & conditions etc. (Annexure - 1) can be downloaded from the website www.smcsambalpur.nic.in.
Sd./- Municipal Commissioner
Sambalpur Municipal Corporation
OIPR-13122/11/0074/2324

No. C-2417
HOUSING AND URBAN DEVELOPMENT DEPARTMENT
OFFICE OF THE BARGARH MUNICIPAL COUNCIL, BARGARH
At/P.O./Dist.: Bargarh, PIN - 768028
No. 257 Invitation for Bids Date: 24.01.24
BID IDENTIFICATION No. 9/BGH-MUN/2023-24

| | | | |
|---|---|---|---|
| 1 | Nature of Work | : | Civil Work |
| 2 | No. of Work | : | 44 Nos. |
| 3 | Amount put to tender (in lakh) | : | As per DTCN |
| 4 | Bid Cost | : | As per DTCN |
| 5 | Class of Contractor | : | "D" & "C" |
| 6 | Availability of Bids documents in website | : | From 09.00 Hrs. Dt.26.01.2024 to 17.00 Hrs. Dt.06.02.2024 |
| 7 | Date of Opening of Bid | : | Dt.07.02.2024 11.00 Hrs. |

The bidders have to participate in ONLINE bidding only. Further details can be seen from the website i.e. http://tenderodisha.gov.in any addendum/corrigendum/cancellation of tender can also be seen only in the said website.
Sd./- Executive Officer, Bargarh Municipality
OIPR-13103/11/0022/2324

कार्यपालक अभियंता का कार्यालय
ग्रामीण कार्य विभाग, कार्य प्रमण्डल, देवघर
ई–अल्पकालीन पुनर्निविदा आमंत्रण सूचना
ई0–अल्पकालीन पुनर्निविदा संख्या:– 07RI/2023-24/RWD/EE/DEOGHAR
दिनांक–25.01.2024
कार्यपालक अभियंता, ग्रामीण कार्य विभाग, कार्य प्रमंडल, देवघर द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्र0 | आईडेन्टीफिकेशन संख्या/पैकेज संख्या | | कार्य का नाम | प्राक्कलित राशि अंक में (लाख में) | अक्षर में (रूपये में) | कार्य समाप्ति की अवधि | टेन्डर कॉल |
|---|---|---|---|---|---|---|---|
| 1 | RWD EE/DEOGHAR/SR PKG/01/ 2023-24 | 1 | नावाडीह से पहाड़ीडीह भाया अमजो तक पथ का विशेष मरम्मति कार्य (लं0–2.700 कि0मी0) | 10,03,19,500.00 | दस करोड़ तीन लाख उन्नीस हजार पाँच सौ रूपये | 09 महीना | द्वितीय |
| | | 2 | पी0डब्लू0डी0 पथ तेतरिया से गम्हरिया तक पथ का विशेष मरम्मति। (लं0–1.600 कि0मी0) | | | | |
| | | 3 | पी0डब्लू0डी0 पथ जमुनिया भाया रहबाद तक पथ का विशेष मरम्मति। (लं0–6.100 कि0मी0) | | | | |
| | | 4 | पी0डब्लू0डी0 पथ चाँदडीह मुख्य पथ से काशीडीह तक पथ का विशेष मरम्मति। (लं0–2.000 कि0मी0) | | | | |
| | | 5 | हाट बाजार से महुआटांड़ पंचायत भवन तक पथ का विशेष मरम्मति। (लं0–1.500 कि0मी0) | | | | |
| | | 6 | घसको से हथवारी भाया कुबरी तक पथ का विशेष मरम्मति। (लं0–4.150 कि0मी0) | | | | |

2. वेबसाईट में निविदा प्रकाशन की तिथि:– 02.02.2024
3. ई–निविदा प्राप्ति की अंतिम तिथि एवं समय:– 10.02.2024 अपराह्न 5.00 बजे तक।
4. निविदा खोलने की तिथि एवं समय:–12.02.2024 अपराह्न 3.30 बजे।
5. निविदा आमंत्रित करने वाले पदाधिकारी का नाम एवं पता:– कार्यपालक अभियन्ता, ग्रा0 कार्य विभाग, कार्य प्रमंडल, देवघर।
6. ई–निविदा प्रकोष्ठ का दूरभाष सं0–8004633027
विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।
कार्यपालक अभियन्ता
ग्रामीण कार्य विभाग, कार्य प्रमंडल, देवघर।
PR.NO.317112 Deoghar(23-24):D

OFFICE OF THE DISTRICT PROJECT CO-ORDINATOR
SAMAGRA SHIKSHA, KALAHANDI, BHAWANIPATNA
Jail Chowk, Ph.No. 06670-232083, 233114, e-mail: dpckalassa.opepa@nic.in
No.1581/2024 Dated 26.01.2024
NOTICE INVITING TENDER (NIT)
Sealed tenders are invited from the reputed & credible printers / firms / agencies for printing and supply of "Printing & Supply of Question-cum-Answer Sheets, Oral Questions for Summative Assessment-II 2023-24 for Class I to VIII" and Holistic Progress card for Kalahandi District in two bid systems (Technical & Financial Bid) as detailed below.

| Name of the tender | Bid processing fees | Amount of EMD | Last date & time of receipt of bid | Date & time of opening of technical bid |
|---|---|---|---|---|
| Printing & Supply of Question cum Answer Sheets, Oral Questions for Summative Assessment-II 2023-24 for Class I to VIII and Holistic Report Card | Rs.2000/- (Two thousand) only | Rs.40,000/- (Forty thousand) only | 17.02.2024 till 1 P.M. | 17.02.2024 at 4 P.M. |

The detailed BID document is available in the website kalahandi.nic.in. Interested and eligible agency / firm may download BID DOCUMENT from the above website and apply accordingly. Corrigendum / addendum, if required, will be uploaded in the above website. Hence potential bidders are requested to be in continous touch with the above website.
The Tender Inviting Authority (TIA) reserves the right to accept / reject any full or part / all BIDS/ cancel the entire selection process at any stage without assigning any reason thereof.
By the order of Collector-cum-Chairperson
Sd./- District Project Coordinator
Samagra Shiksha, Kalahandi

झारखण्ड राज्य ग्रामीण पथ विकास प्राधिकरण (JSRRDA)
एफ०एफ०पी० भवन, तृतीय तल्ला, धूर्वा, राँची –834004, झारखण्ड
अति अल्पकालीन ई–पुनर्निविदा आमंत्रण सूचना (3rd Call)
PR No.-306493 Dated : 09.09.2023
अति अल्पकालीन ई–पुनर्निविदा संख्या:- 250/2023-24 दिनांक :- 24.01.2024
मुख्य अभियंता, जे०एस०आर०आर०डी०ए०, राँची द्वारा निम्नविवरण के अनुसार e-procurement पद्धति से निविदा आमंत्रित की जाती है।

| क्र० सं० | आईडेन्टीफिकेशन संख्या/पैकेज संख्या | प्रखण्ड का नाम | | कार्य का नाम | प्राक्कलित राशि अंक में (लाख में) | अक्षर में (रूपये में) | कार्य समाप्ति की अवधि |
|---|---|---|---|---|---|---|---|
| 1 | 2 | 3 | | 4 | 5 | 6 | 7 |
| 1 | JH-M-JSR-06/2023-24 | घाटशिला | 1 | घुटिया ग्राम में एन०एच०–33 से लेकर बी०ए० कॉलेज फोर इंजीनियरिंग तक पथ का विशेष मरम्मति कार्य। (लं०– 0.865 कि०मी०) | 1074.066 | दस करोड़ चौहत्तर लाख छः हजार छः सौ रू० मात्र | 09 महीना |
| | | घाटशिला | 2 | सिनरीयाम टोला से झाटीझरना तक पथ का विशेष मरम्मति कार्य। (लं०– 4.600 कि०मी०) | | | |
| | | घाटशिला | 3 | लोहामलीया से शिरीशबोनी तक पथ का विशेष मरम्मति कार्य। (लं०– 5.650 कि०मी०) | | | |
| | | धालभूमगढ़ | 4 | जामडीह से तरासपुर तक पथ का विशेष मरम्मति कार्य। (लं०– 2.750 कि०मी०) | | | |
| | | घाटशिला | 5 | एन०एच०–33 तमकपाल से चुकड़ीपाड़ा स्कूल भाया बनबेड़ा तक पथ का विशेष मरम्मति कार्य। (लं०– 6.100 कि०मी०) | | | |

2. वेबसाईट मे निविदा प्रकाशन की तिथि:–29.01.2024
3. ई–निविदा प्राप्ति की अंतिम तिथि एवं समय:– 07.02.2024 अपराह्न 5.00 बजे तक।
4. निविदा खोलने की तिथि एवं समय:–08.02.2024 .अपराह्न 5.00 बजे।
5. निविदा आमंत्रित करने वाले पदाधिकारी का नाम एवं पता:– मुख्य अभियंता का कार्यालय, जे०एस०आर०आर०डी०ए०, राँची, एफ०एफ०पी० भवन, तृतीय तल्ला, धूर्वा, राँची –834004, झारखण्ड।
6. ई–निविदा प्रकोष्ठ का दूरभाष सं०– ..........................
विस्तृत जानकारी के लिए वेबसाईट jharkhandtenders.gov.in मे देखा जा सकता है।
मुख्य अभियंता
जे०एस०आर०आर०डी०ए०,राँची
PR 317086 Rural Work Department(23-24).D

झारखण्ड राज्य ग्रामीण पथ विकास प्राधिकरण (JSRRDA)
एफ०एफ०पी० भवन, तृतीय तल्ला, धूर्वा, राँची –834004, झारखण्ड
अल्पकालीन ई– पुनर्निविदा आमंत्रण सूचना (3rd Call)
PR No. - 314092 Dated 22.12.2023
अल्पकालीन ई–पुनर्निविदा संख्या:- 254/2023-24 दिनांक :-27.01.2024
मुख्य अभियंता, जे०एस०आर०आर०डी०ए०, राँची द्वारा निम्नविवरण के अनुसार e-procurement पद्धति से निविदा आमंत्रित की जाती है।

| क्र० सं० | आईडेन्टीफिकेशन संख्या/पैकेज संख्या | प्रखण्ड का नाम | | कार्य का नाम | प्राक्कलित राशि अंक में (लाख में) | अक्षर में (रूपये में) | कार्य समाप्ति की अवधि |
|---|---|---|---|---|---|---|---|
| 1 | 2 | 3 | | 4 | 5 | 6 | 7 |
| 1 | JH-M-DEO-14/2023-24 | सारठ | 1 | एन०एच० पथ अलुवारा से हीरापुर तक पथ का विशेष मरम्मति कार्य कार्य। (लं० – 2.325 कि०मी०) | 1053.61774 | दस करोड़ तिरपन लाख इकसठ हजार सात सौ चौहत्तर रू० मात्र | 09 महीना |
| | | सारठ | 2 | पी०डब्ल्यू०डी० पथ करमा से पारबाद सीमा तक पथ का विशेष मरम्मति कार्य। (लं० – 0.950 कि०मी०) | | | |
| | | सारठ | 3 | एन०एच० पथ लखना से बाभनकुण्डा तक पथ का विशेष मरम्मति कार्य। (लं० – 3.200 कि०मी०) | | | |
| | | सारठ | 4 | पी०डब्ल्यू०डी० पथ करमाटॉड़ से बोचबाँध ग्राम तक पथ का विशेष मरम्मति कार्य। (लं० – 1.100 कि०मी०) | | | |
| | | सारठ | 5 | पी०डब्ल्यू०डी० पथ बांझीकेन्द्र से चुरूरिया भाया दिघी तक पथ का विशेष मरम्मति कार्य। (लं० – 5.700 कि०मी०) | | | |
| | | सारठ | 6 | पी०डब्ल्यू०डी० पथ सरडीहा से अमडीहा भाया सरण्डा तक पथ का विशेष मरम्मति कार्य। (लं० – 2.500 कि०मी०) | | | |
| | | सारठ | 7 | सारठ देवघर एन०एच० पथ देवली से भथड़िया भाया सबैजोर तक पथ का विशेष मरम्मति कार्य। (लं० – 3.850 कि०मी०) | | | |

2. वेबसाईट मे निविदा प्रकाशन की तिथि:–29.01.2024
3. ई–निविदा प्राप्ति की अंतिम तिथि एवं समय:– 07.02.2024 अपराह्न 5.00 बजे तक।
4. निविदा खोलने की तिथि एवं समय:–08.02.2024 .अपराह्न 5.00 बजे।
5. निविदा आमंत्रित करने वाले पदाधिकारी का नाम एवं पता:– मुख्य अभियंता का कार्यालय, जे०एस०आर०आर०डी०ए०, राँची, एफ०एफ०पी० भवन, तृतीय तल्ला, धूर्वा, राँची –834004, झारखण्ड।
6. ई–निविदा प्रकोष्ठ का दूरभाष सं०– ..........................
विस्तृत जानकारी के लिए वेबसाईट jharkhandtenders.gov.in मे देखा जा सकता है।
मुख्य अभियंता
जे०एस०आर०आर०डी०ए०, राँची
PR 317140 Rural Work Department(23-24)#D




# ମହିଳାଙ୍କ ହାତରେ କାଫେଟେରିଆ



ରୂପାନ୍ତରିତ ସମଲେଶ୍ୱରୀଙ୍କ ପୀଠକୁ ଆସୁଥିବା ଭକ୍ତ ଓ ପର୍ଯ୍ୟଟକଙ୍କ ଆବଶ୍ୟକତା ଦୃଷ୍ଟିରୁ ମନ୍ଦିର ପରିସରରେ ଶନିବାର ଏକ କାଫେଟେରିଆର ଶୁଭାରମ୍ଭ ହୋଇଛି। ମହିଳା ସଶକ୍ତୀକରଣ ଲକ୍ଷ୍ୟରେ ଏଠାରେ ମିଶନ ଶକ୍ତି କାଫେ ନାମରେ ଶୁଭାରମ୍ଭ ହୋଇଥିବା କାଫେଟେରିଆ ଦାୟିତ୍ୱରେ ରହିଛନ୍ତି ବୁର୍ଲାର ସାଇ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ସମ୍ବଲପୁର ବଡ଼ବଜାର କେଉଁଟପଡ଼ାର ଘୋଡ଼ାଦାର ବାବା ସ୍ୱୟଂ ସହାୟକ ଗୋଷ୍ଠୀ। ଏଠାରେ ଅତ୍ୟନ୍ତ ସୁଲଭ ମୂଲ୍ୟରେ ଚା' ଓ କଫି ସହିତ ସରସତିଆ, ଆରିସା, ଚାଉଳ ପୋଡ଼ପିଠା, ଗଜା, ମଣ୍ଡା, କାନମୁଡ଼ା, ରସବରା, ମାଣ୍ଡିଆପିଠା ଇତ୍ୟାଦି ପାରମ୍ପରିକ ଓ ସ୍ୱାଦିଷ୍ଟ ସମ୍ବଲପୁରୀ ବ୍ୟଞ୍ଜନ ବିକ୍ରୟ ହୋଇଥିଲା, ଯାହା ଏଠାରେ ପର୍ଯ୍ୟଟକ ଓ ଗ୍ରାହକଙ୍କୁ ବେଶ୍ ଆକୃଷ୍ଟ କରିଥିଲା। ଏହି କାଫେକୁ ଉଭୟ ଏସ୍‌ଏଚ୍‌ଜିର ୨୨ଜଣ ମହିଳା ପରିଚାଳନା କରୁଥିବାବେଳେ ନିଜ ହାତରେ ସମସ୍ତ ପ୍ରକାର ବ୍ୟଞ୍ଜନ ପ୍ରସ୍ତୁତ କରୁଛନ୍ତି। ସେହିପରି ଏହାର ମାନରେ କୌଣସି ପ୍ରକାର ସାଲିସ କରାଯାଉ ନ ଥିବା ସାଇ ଏସ୍‌ଏଚ୍‌ଜିର ମୁଖ୍ୟ ଜାହ୍ନବୀ ପଶାୟତ କହିଛନ୍ତି। ତେବେ ବୁର୍ଲାର ପ୍ଲାନେଟାରିଅମ୍‌ରେ ଉକ୍ତ ଏସ୍‌ଏଚ୍‌ଜି ଅନ୍ୟଏକ କାଫେର ଦାୟିତ୍ୱ ନେଇ ଏହାକୁ ସଫଳତାର ସହ ନିର୍ବାହ କରୁଛନ୍ତି ବୋଲି ସେ କହିଥିଲେ।



## ପ୍ରଶଂସା କଲେ ଗୋପାଳଜୀ ମଠ ମହନ୍ତ ହୃଷୀକେଶ ଦାସ



ସମଲେଇ ପ୍ରକଳ୍ପ ପରିସରରେ ରହିଥିବା ସମ୍ବଲପୁରର ସର୍ବପୁରାତନ ଏବଂ ପ୍ରମୁଖ ପୀଠ ଗୋପାଳଜୀ ମଠର ମହନ୍ତ ହୃଷୀକେଶ ଦାସଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ। ଏହାପରେ ମହନ୍ତ ହୃଷୀକେଶ ସମଲେଇ ପ୍ରକଳ୍ପ ସମ୍ପର୍କରେ ନିଜର ଖୁସି ପ୍ରକଟ କରିବା ସହ ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ସମଲେଇ ପ୍ରକଳ୍ପରେ ଗୋପାଳଜୀ ମଠକୁ ସାମିଲ କରାଯାଇଥିବା ସତ୍ତ୍ୱେ ମଠର ଗୌରବକୁ ଅକ୍ଷୁଣ୍ଣ ରଖାଯାଇଛି। ମହନ୍ତଙ୍କ ପରାମର୍ଶ ଅନୁସାରେ ମଠ ପରିସରରେ ଗୋଶାଳା, ସାଧୁମାନଙ୍କ ପାଇଁ ଅତିଥି ଭବନ ଆଦି ବ୍ୟବସ୍ଥା କରାଯାଇଥିବା ଯୋଗୁଁ ସେ ଏଥିପାଇଁ ସରକାରଙ୍କୁ ଧନ୍ୟବାଦ ଦେଇଛନ୍ତି। ମଠର ଚାରିପଟେ ଏବେ ଏକ ଭକ୍ତିମୟ ପରିବେଶ ସୃଷ୍ଟି କରାଯାଇପାରିଛି। ସମଲେଇଙ୍କ ମନ୍ଦିରକୁ ଦର୍ଶନ ପାଇଁ ଆସୁଥିବା ଭକ୍ତଙ୍କ ପାଇଁ ପ୍ରକଳ୍ପରେ ସୁନ୍ଦର ବ୍ୟବସ୍ଥା କରାଯାଇଥିବା ମହନ୍ତ ପ୍ରକାଶ କରିଛନ୍ତି।

## ଉଦ୍‌ଘାଟନ ପରେ ବଢ଼ିବ ଭକ୍ତଙ୍କ ସଂଖ୍ୟା

ସାରା ପଶ୍ଚିମ ଓଡ଼ିଶା, ଛତିଶଗଡ଼ ଏବଂ ଝାଡ଼ଖଣ୍ଡର ଲୋକଙ୍କ ଆସ୍ଥା ସମଲେଇ ମାଁଙ୍କ ଉପରେ ରହିଛି। ସେଥିପାଇଁ ପ୍ରତିଦିନ ଶତାଧିକ ଲୋକ ସମ୍ବଲପୁର ସମଲେଇ ମନ୍ଦିରକୁ ଦର୍ଶନ ପାଇଁ ଆସିଥାନ୍ତି। ମଙ୍ଗଳବାର ମା'ଙ୍କ ବିଶେଷ ପୂଜା ଦିନରେ ସମଲେଇ ପୀଠକୁ ଦୈନିକ ୫ ହଜାର ଭକ୍ତ ଆସିଥାନ୍ତି। ତେବେ ମନ୍ଦିର ରୂପାନ୍ତରଣ ପରେ ଦୈନିକ ୨୦ ହଜାର ଭକ୍ତ ଆସିବାର ସମ୍ଭାବନା ରହିଥିବା ଟ୍ରଷ୍ଟ ବୋର୍ଡ ଆଶାରଖିଛି। ଏହା ସହିତ ପୂଜା ପାର୍ବଣ ଦିନରେ ୫୦ ହଜାରରୁ ଏକ ଲକ୍ଷ ଭକ୍ତ ଆସିବାର ସମ୍ଭାବନା ରହିଥିବାରୁ ଅଞ୍ଚଳରେ ପର୍ଯ୍ୟଟନର ବିକାଶ ସହ ସ୍ଥାନୀୟ ଅର୍ଥନୀତିରେ ଉନ୍ନତି ହେବ ବୋଲି ଆଶା କରାଯାଉଛି। ଏହାସହିତ ପଶ୍ଚିମ ଓଡ଼ିଶାର ଶିଳ୍ପୀ, କାରିଗର ଓ ବୁଣାକାରମାନେ ମଧ୍ୟ ଅଧିକ ରୋଜଗାର ପାଇବାର ସମ୍ଭାବନା ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି।



## ମହାନଦୀ ଆଳତିରେ ୫-ଟି ଅଧ୍ୟକ୍ଷ

ମା' ସମଲେଶ୍ୱରୀଙ୍କ ପୀଠ ରୂପାନ୍ତରଣର ଭବ୍ୟ ଲୋକାର୍ପଣ ସହିତ ସମ୍ବଲପୁର ସମଲେଇ ଘାଟରେ ଶୁଭାରମ୍ଭ ହୋଇଛି ମହାନଦୀ ଆଳତି। ଫଳରେ ଶକ୍ତି ଉପାସନା ସହ ପ୍ରକୃତି ପୂଜାର ପାରମ୍ପରିକ ବିଧି ଉଜ୍ଜୀବିତ ହୋଇଛି। ସନ୍ଧ୍ୟା ସାଢ଼େ ୬ଟାରେ ଚନ୍ଦ୍ରହାସିନୀ ଓ ବ୍ରହ୍ମ ପଣ୍ଡିତ ମହାସଭାର ୭ ଜଣ ଲେଖାଏ ପଣ୍ଡିତ ମିଶି ମହାନଦୀ ଆଳତି ସମ୍ପାଦନ କରିଥିଲେ। ହୁଳହୁଳି, ଘଣ୍ଟ, ଶଙ୍ଖ ବାଦ୍ୟ ସହିତ ଢୋଲ, ନିସାନ, ତାସା ଆଦି ପଶ୍ଚିମ ଓଡ଼ିଶାର ସମସ୍ତ ପାରମ୍ପରିକ ବାଦ୍ୟରେ ତାଳେ ତାଳେ ଅଧଘଣ୍ଟା ଧରି ଚାଲିଥିଲା ଆଳତି। ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ସମେତ ଟିଟିଲାଗଡ଼ ବିଧାୟିକା ତଥା ପରିବହନ ମନ୍ତ୍ରୀ ଟୁକୁନି ସାହୁ, ପୂର୍ବତନ ମନ୍ତ୍ରୀ ପ୍ରସନ୍ନ ଆଚାର୍ଯ୍ୟ, ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ବିଧାୟିକା ବର୍ଷା ବରିହା ପ୍ରମୁଖ ଆଳତିରେ ସାମିଲ ହୋଇ ମା' ମହାନଦୀଙ୍କୁ ତାଙ୍କ ଭକ୍ତି ଓ ଶ୍ରଦ୍ଧା ଅର୍ପଣ କରିଥିଲେ। ଏହି ସମୟରେ ଏଠାରେ ଏକ ଭବ୍ୟ ରଙ୍ଗିନ ଆତସବାଜିରେ ମହାନଦୀର ଜଳ ଓ ଆକାଶ ରଙ୍ଗିନ ହୋଇ ଉଠିଥିବାବେଳେ ପ୍ରକମ୍ପିତ ହୋଇଥିଲା ମହାନଦୀ ଘାଟ ଓ ଆଖପାଖ ଅଞ୍ଚଳ। ମହାନଦୀ ଘାଟର ରିଭର ଭ୍ୟୁରେ ନିର୍ମିତ ମଞ୍ଚରେ ଆଳତି ସମୟରେ ଭକ୍ତଙ୍କୁ ଖରା ବର୍ଷା ଆଦିରୁ ସୁରକ୍ଷିତ ରଖିବା ଲକ୍ଷ୍ୟରେ ତିନୋଟି ଜୋନରେ ୩ଟି ଟେନ୍‌ସାଇଲ୍ ଶେଡ୍ ନିର୍ମାଣ କରାଯାଇଛି। ଉକ୍ତ ଟେନ୍‌ସାଇଲ୍ ଶେଡ୍ ତଳେ ରହି ପଣ୍ଡିତଙ୍କ ସହ ସହସ୍ରାଧିକ ସଂଖ୍ୟାରେ ଭକ୍ତ ଆଳତିକୁ ଉପଭୋଗ କରିଥିଲେ।



## ପିତାପାଲି ଛକରେ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମଲେଇ ପ୍ରକଳ୍ପକୁ ଶୁଭ ଉଦ୍‌ଘାଟନ କରିବା ପାଇଁ ସମ୍ବଲପୁର ଜାମ୍‌ଦାରପାଲି ହେଲିପ୍ୟାଡ୍‌ରେ ଓହ୍ଲାଇଥିଲେ। ପରେ ସମଲେଇ ମନ୍ଦିରକୁ ଯିବା ବାଟରେ ଗୌଡ଼ପାଲି ପିତାପାଲି ଛକରେ ରେଙ୍ଗାଲି ବ୍ଲକ ସରପଞ୍ଚ ସଂଘ ସଭାପତି ଚିତ୍ତରଞ୍ଜନ ବାଗଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ସେହି ସମୟରେ ବହୁ ସଂଖ୍ୟାରେ ମହିଳା ସଙ୍ଗଠନର ସଦସ୍ୟା ସମେତ ମାନଭଞ୍ଜନ ପଶାୟତ, ବିଜୟ ସାହୁ, ପ୍ରସନ୍ନ ଭୋଇ ଙ୍କ ସହ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

## ନିର୍ମାଣ କାର୍ଯ୍ୟ ବୁଲି ଦେଖିଲେ ମୁଖ୍ୟମନ୍ତ୍ରୀ

ମା' ସମଲେଇଙ୍କୁ ଦର୍ଶନ ସାରି ପ୍ରକଳ୍ପ ଉଦ୍‌ଘାଟନ ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଇ-ରିକ୍ସାରେ ବସି ସମସ୍ତ ନବ ନିର୍ମିତ ନିର୍ମାଣ କାର୍ଯ୍ୟକୁ ବୁଲି ଦେଖିଥିଲେ। ମନ୍ଦିର ପରିସରରେ ପୁଷ୍କରିଣୀର ନୂଆ ରୂପ, ୱାଚ୍ ଟାୱାର, ପରିକ୍ରମା କରିଡର, ଚିତ୍ତାକର୍ଷକ ମହାନଦୀ ଘାଟ ସବୁ ଦେଖି ମୁଖ୍ୟମନ୍ତ୍ରୀ ଅତ୍ୟନ୍ତ ଆନନ୍ଦ ପ୍ରକାଶ କରିଥିଲେ। ଏହି ସମୟରେ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ମଧ୍ୟ ଉପସ୍ଥିତ ରହିଥିଲେ। ମନ୍ଦିର ବାହାରେ ଭକ୍ତମାନଙ୍କ ପାଇଁ ୧ କିଲୋମିଟର ଅଞ୍ଚଳରେ ପରିକ୍ରମା କରିଡର ନିର୍ମାଣ କରାଯାଇଛି। ସମସ୍ତ ନିର୍ମାଣ ଖଣ୍ଡୋଲାଇଟ ପଥରରେ ନିର୍ମିତ ହୋଇଛି।




## ସାତ ପଦ୍ମଶ୍ରୀଙ୍କୁ ସମ୍ବର୍ଦ୍ଧନା

ସମଲେଇ ପ୍ରକଳ୍ପ ଉଦ୍‌ଘାଟନ ଅବସରରେ ପଶ୍ଚିମ ଓଡ଼ିଶାର ଭାଷା, ସାହିତ୍ୟ, ସଂସ୍କୃତି ଏବଂ ଐତିହ୍ୟର ପ୍ରଚାର ପ୍ରସାର ଦିଗରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ପାଇଁ ପଦ୍ମ ପୁରସ୍କାର ପାଇଥିବା ସାତ ଜଣ ମହାନ୍ ବିଭୂତିଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ବର୍ଦ୍ଧିତ କରିଛନ୍ତି। ସେମାନେ ହେଲେ ପଦ୍ମଶ୍ରୀ ହଳଧର ନାଗ, ପଦ୍ମଶ୍ରୀ ଚତୁର୍ଭୁଜ ମେହେର, ପଦ୍ମଶ୍ରୀ ଡ.କ୍ରିଷ୍ଣା ପଟେଲ, ପଦ୍ମଶ୍ରୀ ଡ. ଜିତେନ୍ଦ୍ର ହରିପାଲ, ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ ଓ ପଦ୍ମଶ୍ରୀ କୈଳାସ ଚନ୍ଦ୍ର ମେହେର ତଥା ଚଳିତ ବର୍ଷ ପଦ୍ମଶ୍ରୀ ପାଇଁ ମନୋନୀତ ହୋଇଥିବା ବିନୋଦ ପଶାୟତ। ଉଦ୍‌ଘାଟନ ଉତ୍ସବରେ ଏହି ବ୍ୟକ୍ତିତ୍ୱମାନଙ୍କୁ ଗୋଟିଏ ମଞ୍ଚରେ ଦେଖିବାକୁ ମିଳିଥିଲା।



## ସମ୍ବର୍ଦ୍ଧିତ ହେଲେ ଶିଳ୍ପୀ, କାରିଗର ଓ ଶ୍ରମିକ

ସମଲେଇ ପ୍ରକଳ୍ପ ନିର୍ମାଣ କାର୍ଯ୍ୟରେ ସହସ୍ରାଧିକ ଶିଳ୍ପୀ, କାରିଗର ଓ ଶ୍ରମିକମାନଙ୍କ ଅବଦାନ ରହିଛି। ସେମାନଙ୍କ ଦିନରାତିର ପରିଶ୍ରମ ଯୋଗୁଁଭବ୍ୟସମଲେଇପ୍ରକଳ୍ପବାସ୍ତବରେରୂପାନ୍ତରିତହୋଇପାରିଛି। ପ୍ରକଳ୍ପ ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଞ୍ଚରେ କାରିଗର ଲିଙ୍ଗରାଜ ମହାରଣା, ଶିଶିର ସାହୁ, ସାରଙ୍ଗ ମେହେର, ସୋମନାଥ ସାହୁ, ନିର୍ମଳ ମହାରଣା, ହରିହର ପ୍ରଧାନ, ଶୁଭ ଚରଣ ବେହେରା ଏବଂ ସନ୍ତୋଷଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ୧ କି.ମି.ର ମନ୍ଦିର ପରିକ୍ରମା କରିଡର

ସମଲେଶ୍ୱରୀ ମନ୍ଦିର ଚତୁଃପାର୍ଶ୍ୱରେ ଭକ୍ତଙ୍କ ପରିକ୍ରମା ପାଇଁ ଏଠାରେ ନିର୍ମାଣ ହୋଇଛି ୧ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ଏକ ପରିକ୍ରମା କରିଡର। ଏହାଦ୍ୱାରା ମନ୍ଦିରକୁ ମା'ଙ୍କ ଦର୍ଶନ ପାଇଁ ଆସୁଥିବା ଭକ୍ତ ମନ୍ଦିର ଚତୁର୍ଦ୍ଦିଗ ପରିକ୍ରମା କରିବା ସହ ମନ୍ଦିର ଚତୁର୍ଦ୍ଦିଗ ବୁଲି ଦେଖିବାର ସୁଯୋଗ ପାଇବେ। ଏହି କରିଡର ରାଜ୍ୟରେ ଥିବା ସମସ୍ତ ପୁରାତନ ମନ୍ଦିର ଗୁଡ଼ିକର ନିର୍ମାଣରେ ବ୍ୟବହୃତ ଖଣ୍ଡୋଲାଇଟ୍ ଶିଳାରେ ନିର୍ମାଣ ହୋଇଛି।

## ସମଲେଇ ପ୍ରକଳ୍ପ ଉଦ୍‌ଘାଟନ ......

### ସମ୍ବଲପୁର ପାଇଁ ଗର୍ବର ବିଷୟ



"ମା' ସମଲେଇଙ୍କ ଦର୍ଶନ କରିବାକୁ ମୁଁ ଛୋଟ ସମୟରୁ ଅନେକଥର ମନ୍ଦିରକୁ ଆସିଛି। ତେବେ ସମଲେଇ ପ୍ରକଳ୍ପ ନିର୍ମାଣ ପରେ ପ୍ରଥମ ଥର ମା'ଙ୍କ ଦର୍ଶନ କରିବାକୁ ପହଞ୍ଚିଛି। ବହୁତ କିଛି ପରିବର୍ତ୍ତନ ହୋଇଛି। କହିବାକୁ ଗଲେ ଗୋଟିଏ ଅଲଗା ଜାଗାକୁ ଆସିବା ପରି ମନେ ହେଉଛି। ମା'ଙ୍କ ଦର୍ଶନ ସାରିବା ପରେ ଜଣେ ଭକ୍ତ ଚାରିଆଡେ ମା'ଙ୍କ ଭବ୍ୟତାକୁ ବୁଲି ଦେଖିପାରିବ। ପୁରୀ ପରେ ରାଜ୍ୟର ଦ୍ୱିତୀୟ ବଡ଼ ରୂପାନ୍ତରଣ ପ୍ରକଳ୍ପ ହୋଇଥିବାରୁ ସମ୍ବଲପୁର ପାଇଁ ଗର୍ବର ବିଷୟ।

- ପିଙ୍କି ଗର୍ଡିଆ

### ମା'ଙ୍କ ଦର୍ଶନ ସହ ପ୍ରକୃତିକୁ ଉପଭୋଗ



"ଆଗରୁ ଆମେ ସପରିବାର ସମଲେଇ ମନ୍ଦିରକୁ ଅନେକ ଥର ଆସିଛୁ । ତେବେ ମନ୍ଦିର ରୁପାନ୍ତରଣ ପରେ ମା'ଙ୍କ ଦର୍ଶନ ପାଇଁ ଆସିବାପରେ ଭିନ୍ନ ଅନୁଭୁତି ମନକୁ ଆସୁଛି। ପୂର୍ବରୁ ମନ୍ଦିର ଚାରପଟେ ସଙ୍କୁଚିତ ହୋଇ ରହିଥିଲା। ଏବେ ପ୍ରଶସ୍ତ ଅଞ୍ଚଳ ରହିଛି। ମନ୍ଦିର ପରିସରରେ ଭକ୍ତ ଏବଂ ପର୍ଯ୍ୟଟକମାନଙ୍କ ପାଇଁ ଅନେକ ବ୍ୟବସ୍ଥା କରାଯାଇଛି । ଛୋଟ ଛୁଆଙ୍କଠାରୁ ବଡ଼ ଲୋକଙ୍କ ପାଇଁ ମନ୍ଦିର ପରିସରରେ ବିଭିନ୍ନ ବ୍ୟବସ୍ଥା କରାଯିବା ଦ୍ୱାରା ଭକ୍ତମାନେ ମା'ଙ୍କ ଦର୍ଶନ କରିବା ସହ କିଛି ସମୟ ମନ୍ଦିର ପରିସରରେ ରହି ପ୍ରକୃତିକୁ ମଧ ଉପଭୋଗ କରିପାରିବେ।

- ଦୀପାଞ୍ଜଳି ମେହେର

### ଧାଡ଼ି ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା



"ସମଲେଇ ମନ୍ଦିର ରୂପାନ୍ତରଣ ପରେ ପ୍ରଥମ ଥରପାଇଁ ମନ୍ଦିରକୁ ଆସି ଏହାର ଭବ୍ୟତାକୁ ସ୍ୱଚକ୍ଷୁରେ ଦେଖି ବିସ୍ମିତ ହେଲି। ମନ୍ଦିର ପରିସରର ସମ୍ପୂର୍ଣ୍ଣ କାୟାକଳ୍ପ ବଦଳି ଯାଇଛି। ଆଗରୁ ଭକ୍ତମାନଙ୍କୁ ଖରାରେ ଦୀର୍ଘ ସମୟ ଧାଡ଼ିରେ ଛିଡ଼ା ହୋଇ ଦର୍ଶନ ପାଇଁ ଅପେକ୍ଷା କରିବାକୁ ପଡୁଥିଲା। ଏବେ ଭକ୍ତମାନଙ୍କ ଧାଡ଼ି ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଏହା ସହ ମନ୍ଦିର ପରିସରରେ ଭକ୍ତମାନଙ୍କ ବିଭିନ୍ନ ପ୍ରକାର ବ୍ୟବସ୍ଥା କରାଯାଇଥିବାରୁ ଦେଖି ଖୁସି ଲାଗୁଛି।

- ମଞ୍ଜଲି ଖଡିଆ

### ମହାନଦୀ ଆଳତି ଅନ୍ୟତମ ଆକର୍ଷଣ



"ସମଲେଇ ମନ୍ଦିର ରୂପାନ୍ତରଣ ପ୍ରକଳ୍ପର ଉଦ୍‌ଘାଟନ ଉତ୍ସବ ଦେଖିବା ପାଇଁ ସ୍ୱାମୀଙ୍କ ସହ ବ୍ରହ୍ମପୁରରୁ ବାହାରି ସକାଳେ ସମ୍ବଲପୁର ପହଞ୍ଚିଲୁ। ମୁଖ୍ୟମନ୍ତ୍ରୀ ପ୍ରକଳ୍ପ ଉଦ୍‌ଘାଟନ କରିବା ପରେ ଆମେ ମା'ଙ୍କ ଦର୍ଶନ କଲୁ। ସମଲେଇ ପ୍ରକଳ୍ପ ଭିତରେ ପାରମ୍ପରିକ ସମ୍ବଲପୁରୀ ଖାଦ୍ୟପେୟ ଠାରୁ ଆରମ୍ଭ କରି ସମଲେଇଙ୍କ ମହିମା ବିଷୟରେ ଜାଣିବା ପାଇଁ ବ୍ୟବସ୍ଥା କରାଯାଇଛି। ସନ୍ଧ୍ୟାରେ ମହାନଦୀ ଆଳତି ମଧ ଆଉ ଏକ ଆକର୍ଷଣ। ନିଶ୍ଚିତ ଭାବେ ବିଭିନ୍ନ ଅଞ୍ଚଳରୁ ମା' ସମଲେଇଙ୍କ ଦର୍ଶନ କରିବାକୁ ଲୋକ ଆସିବେ ଏବଂ ଆଖପାଖର ଅନ୍ୟ ପର୍ଯ୍ୟଟନସ୍ଥଳୀକୁ ମଧ ଦେଖିବାର ସୁଯୋଗ ପାଇପାରିବେ।

- ଟୁନି ସାହୁ, ବ୍ରହ୍ମପୁର

### ପାର୍କିଂ ସୁବିଧା ଟ୍ରାଫିକ୍ ସମସ୍ୟା ଦୂର କରିବ



"ସମଲେଇ ମନ୍ଦିରର ବର୍ତ୍ତମାନ ସ୍ୱରୁପ ଦେଖିବା ପରେ ଆଶ୍ଚର୍ଯ୍ୟ ଲାଗୁଛି। ରୁପାନ୍ତରଣ ପରେ ମନ୍ଦିର ପରିସରରେ ବ୍ୟାପକ ଉନ୍ନତି ହୋଇଛି। କିଛି ବର୍ଷ ପୂର୍ବରୁ ଏହାର ପରିକଳ୍ପନା ମଧ କରିବା ସହଜ ନ ଥିଲା। ସମଲେଇ ପ୍ରକଳ୍ପରେ ଭକ୍ତ ଏବଂ ପର୍ଯ୍ୟଟକଙ୍କ ପାଇଁ ବିଶେଷ ଧ୍ୟାନ ଦିଆଯାଇଛି। ବିଶେଷକରି ପୂର୍ବରୁ ରିଂରୋଡରେ ପର୍ଯ୍ୟଟକଙ୍କ ବସ୍‌ଗୁଡ଼ିକ ରହିବା ଯୋଗୁ ଟ୍ରାଫିକ୍ ସମସ୍ୟା ଗୁରୁତର ରୂପ ଧାରଣ କରୁଥିଲା। ଏବେ ୫୦ରୁ ଉର୍ଦ୍ଧ୍ୱ ବସ୍ ଏବଂ ୫୦୦ ଚାରିଚକିଆ ଯାନ ରହିବା ପାଇଁ ପାର୍କିଂର ବ୍ୟବସ୍ଥା କରାଯାଇଛି। ଏହାସହ ମହାନଦୀ ଆଳତି ନିୟମିତ କରାଯିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି।

- ଡ. ଶ୍ୟାମସୁନ୍ଦର ଧର



ଯଜ୍ଞ ମଣ୍ଡପ ନିକଟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ନିକଟରେ ଅଛନ୍ତି ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍।



ସୁସଜ୍ଜିତ ମା' ସମଲେଶ୍ୱର ମନ୍ଦିର।



ମନ୍ଦିର ପରିସରରେ ଥିବା ପୁଷ୍କରିଣୀର ସୌନ୍ଦର୍ଯ୍ୟକୁ ଦେଖୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।



ସମଲେଇ ମନ୍ଦିର ପ୍ରକଳ୍ପ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଉପସ୍ଥିତ ଶ୍ରଦ୍ଧାଳୁ।



ମହାନଦୀ ଆଳତି ସମୟରେ ଆତସବାଜିକୁ ଉପଭୋଗ କରୁଛନ୍ତି ଶ୍ରଦ୍ଧାଳୁ।



ସନ୍ଧ୍ୟା ଆଳତି ସମୟରେ ଉପସ୍ଥିତ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ମନ୍ତ୍ରୀ, ବିଧାୟକ ଏବଂ ଏମ୍‌ପି।



ପାରମ୍ପରିକ ବାଦ୍ୟ ପରିବେଷଣ।



ମନ୍ଦିର ପରିସରରେ ଶ୍ରଦ୍ଧାଳୁଙ୍କ ଭିଡ଼।



ଯଜ୍ଞରେ କର୍ତ୍ତା ସାଜିଛନ୍ତି ମନ୍ଦିର ବୋର୍ଡ ସଭାପତି ସଞ୍ଜୟ କୁମାର ବାବୁ ଏବଂ ତାଙ୍କ ପତ୍ନୀ।



ଯଜ୍ଞ କାର୍ଯ୍ୟରେ ଯୋଗ ଦେଇଥିବା ମନ୍ଦିର ପୂଜକ।



ଯଜ୍ଞ ମଣ୍ଡପରେ ବେଦ ମନ୍ତ୍ର ପାଠ।

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ପ୍ରଥମ ରାଜ୍ୟସ୍ତରୀୟ ଶ୍ରୁତି ନାଟକ ଉତ୍ସବ, ସଂସ୍କୃତି ଭବନ ସମ୍ମିଳନୀ କକ୍ଷ, ପୂର୍ବାହ୍ନ ୧୦ଟା।
- ଇଣ୍ଡିଆନ ଫିଲ୍ମ ଫେଷ୍ଟିଭାଲ ଭୁବନେଶ୍ୱର, ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର, ପୂର୍ବାହ୍ନ ୧୦ଟା।
- ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ପକ୍ଷରୁ ଭୁବନେଶ୍ୱର ସାହିତ୍ୟ ପର୍ବ, ସୂଚନା ଭବନ, ପୂର୍ବାହ୍ନ ୧୦ଟା ୩୦।
- ବିଦ୍ୟୁତ୍ ଶିଳ୍ପ ବୃଦ୍ଧି ଜନଶୁଣାଣି ପରିପ୍ରେକ୍ଷୀରେ ବୈଠକ, ଭିଆର୍-୩୮, ଲୋହିଆ ଭବନ, ୟୁନିଟ୍-୬, ମଧ୍ୟାହ୍ନ ୧୨ଟା।
- ବନଫୁଲ ପକ୍ଷରୁ ପୁସ୍ତକ ଉନ୍ମୋଚନ ପର୍ବ, ଶହୀଦନଗରସ୍ଥିତ ରାଜ୍ୟ ପ୍ରାଣୀ ଚିକିତ୍ସା ପରିଷଦ ସଭାଗୃହ, ଅପରାହ୍ନ ୪ଟା।

ଖୋର୍ଦ୍ଧା

- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୪୨ତମ ସାମ୍ବତ୍ସରିକ ଉତ୍ସବ, ବିଦ୍ୟାମନ୍ଦିର ପରିସର, ଅପରାହ୍ନ ୪ଟା।

## ସରକାରୀ ଚାକିରି ଦେବା ନାଁରେ ୨୧ ଲକ୍ଷ ଠକେଇ, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୨୭।୧(ସୂର୍ଯ୍ୟକାନ୍ତ ବେହେରା):** ସରକାରୀ ଚାକିରି ଯୋଗାଇଦେବାର ପ୍ରତିଶ୍ରୁତି ଦେଇ ଏକାଧିକ ଆଶାୟୀଙ୍କଠାରୁ ୨୧ ଲକ୍ଷରୁ ଅଧିକ ଟଙ୍କା ଠକିବା ଅଭିଯୋଗରେ ତମାଣ୍ଡୋ ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଏହି ଥାନା ଅଞ୍ଚଳରେ ରହୁଥିବା କଟକର ସଞ୍ଜୟ କୁମାର ନାୟକ। ତାଙ୍କଠାରୁ ଗୋଟିଏ ନକଲି ନିଯୁକ୍ତପତ୍ର ଜବତ ହୋଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, ଅଭିଯୋଗକାରୀ ଯୁବକ ଜଣକ ୨୦୨୧ରୁ ଅଭିଯୁକ୍ତଙ୍କ ଅଧୀନରେ କଳିଙ୍ଗ ନଗର କେ-୫ରେ ଆର୍ଥିକ ପରିଚାଳକ ଭାବରେ କାର୍ଯ୍ୟ କରିଆସୁଥିଲେ। ଅଭିଯୁକ୍ତ ଜଣକ ସରକାରୀ ଚାକିରି ଯୋଗାଇଦେବାର ପ୍ରତିଶ୍ରୁତି ଦେଇ ଅଭିଯୋଗକାରୀଙ୍କଠାରୁ ୭ ଲକ୍ଷ ୭୦ହଜାର ନେଇଥିଲେ ମଧ୍ୟ ଚାକିରି ଦେଇ ନ ଥିଲେ। ପରେ ରେଲୱେରେ ଚାକିରି ହୋଇଯାଇଥିବା କହି ଜାଲ୍ ନିଯୁକ୍ତିପତ୍ର ଦେଇଥିଲେ। ତେବେ ସେ ଠକାମିର ଶିକାର ହୋଇଥିବା ଜାଣିବା ପରେ ଏନେଇ ଅଭିଯୁକ୍ତଙ୍କୁ ଯୋଗାଯୋଗ କରିବାରୁ ସେ ଧମକ ଦେଇଥିଲେ। ଏନେଇ ଠକାମିର ଶିକାର ଯୁବକ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ସେହିପରି ଅଭିଯୁକ୍ତ ଜଣକ ଅନ୍ୟ ଜଣେ ଯୁବକ ଲାଡଲା ଦିଗଲଙ୍କଠାରୁ ୩ ଲକ୍ଷ ୯୫ ହଜାର, ଅନ୍ୟମାନଙ୍କ ଠାରୁ ଯଥାକ୍ରମେ ୮ ଲକ୍ଷ ୨୦ ହଜାର, ୩ଲକ୍ଷ ୭୦ ନେଇଥିବା ପୋଲିସ ତଦନ୍ତବେଳେ ଜାଣିବାକୁ ପାଇଛି।

## ଛତିଶଗଡ଼ ମହିଳା ଲୁଟେରା ଗ୍ୟାଙ୍ଗର ୪ ଗିରଫ

**ଭୁବନେଶ୍ୱର,୨୭।୧(ସୂର୍ଯ୍ୟକାନ୍ତ ବେହେରା):** ଜଣେ ମହିଳାଙ୍କଠାରୁ ସୁନା ଚେନ୍ ଲୁଟ୍ କରିବା ଅଭିଯୋଗରେ ଶହୀଦନଗର ଥାନା ପୋଲିସ ୪ଜଣ ମହିଳାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଛତିଶଗଡର ଉଜେଲା କୈଦାର, ନିଲସ କୈଦାର, ସୀମା କୈଦାର ଓ ସରଦ କୈଦାର। ସେମାନଙ୍କଠାରୁ ଗୋଟିଏ ସୁନା ଚେନ ଜବତ ହୋଇଛି। ସୂଚନାନୁସାରେ, ଲୁଟ୍‌ର ଶିକାର ମହିଳା ଜଣକ ଶନିବାର ପୂର୍ବାହ୍ନ ୧୦ଟା ୪୫ରେ ଗାଁରୁ ବସ୍‌ରେ ଆସି ଅଟୋରେ ବାଣୀବିହାର ଛକରୁ ୟୁନିଟ୍-୯ସ୍ଥିତ ଘରକୁ ଯାଉଥିଲେ। ରୂପାଲି ଛକରେ ଅଟୋରୁ ଓହ୍ଲାଇ ଗାଡି ଭଡା ଦେବା ପାଇଁ ପର୍ସରୁ ଟଙ୍କା କାଢୁଥିବାବେଳେ ଅଭିଯୁକ୍ତା ମହିଳାମାନେ ତାଙ୍କୁ ଘେରିଯାଇଥିଲେ। ଏହି ସମୟରେ ଜଣେ ମହିଳା ତାଙ୍କ ବେକରୁ ସୁନା ଚେନ୍ ଛିଣ୍ଡାଇ ନେଇ ପଳାଉଥିଲେ। ଚିତ୍କାର ଶୁଣି ସ୍ଥାନୀୟ ଲୋକେ ସେଠାରେ ପହଞ୍ଚି ସମସ୍ତ ଅଭିଯୁକ୍ତଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ।




ଭୁବନେଶ୍ୱର ଆଦିବାସୀ ପଡ଼ିଆଠାରେ ଆରମ୍ଭ ହୋଇଥିବା ଆଦିବାସୀ ମେଳାରେ ଅଂଶ ଗ୍ରହଣ କରିଥିବା ଜନଜାତି ସମ୍ପ୍ରଦାୟର କଳାକାରମାନେ। ମେଳାରେ ପ୍ରଦର୍ଶିତ ଆଦିବାସୀ କୁଟୀର।

# ଆଦିବାସୀ ସଂସ୍କୃତି ସହ ରାଜ୍ୟବାସୀ ପରିଚିତ ହେଉଛନ୍ତି

## ଆରମ୍ଭ ହେଲା ଆଦିବାସୀ ମେଳା, ୫ ଯାଏ ଚାଲିବ

**ଭୁବନେଶ୍ୱର,୨୭।୧(ଶର୍ମିଷ୍ଠା ପାଣିଗ୍ରାହୀ)**

ଜନଜାତିମାନେ ଆମର ଗର୍ବ ଓ ଗୌରବ। ସେମାନଙ୍କ ଉନ୍ନତି ଓ କଲ୍ୟାଣ ସହ ସଂସ୍କୃତିର ସୁରକ୍ଷା ପାଇଁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଗଠନ କରାଯାଇଛି। ଜନଜାତି ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ଆଦିବାସୀ ସଂସ୍କୃତି ସହ ପରିଚିତ କରିବା ପାଇଁ ଭାଷା ଲାବ୍ ପ୍ରତିଷ୍ଠା ପାଇଁ ପଦକ୍ଷେପ ନିଆଯାଇଛି। ଜାତୀୟସ୍ତରରେ ଜନଜାତିଙ୍କ କଳାକୁ ସ୍ୱତନ୍ତ୍ର ପରିଚୟ ମିଳିପାରିଛି। ଆମ ରାଜ୍ୟରେ ଆଦିବାସୀ ମେଳା ଖୁବ୍ ଲୋକପ୍ରିୟ କାର୍ଯ୍ୟକ୍ରମ। ଏହାଦ୍ୱାରା ଜନଜାତିଙ୍କ ସାମଗ୍ରୀ ପାଇଁ ବଜାର ସୃଷ୍ଟିର ପ୍ରୟାସ କରାଯିବା ସହ ସେମାନଙ୍କ ସଂସ୍କୃତି ସହ ରାଜ୍ୟବାସୀ ପରିଚିତ ହୋଇପାରିଥାନ୍ତି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଶୁକ୍ରବାର ଆଦିବାସୀ ପଡ଼ିଆଠାରେ ଆରମ୍ଭ ହୋଇଥିବା ଆଦିବାସୀ ମେଳାରେ ମୁଖ୍ୟମନ୍ତ୍ରୀ ଆଭାସି ମାଧ୍ୟମରେ ଯୋଗଦେଇ ଶୁଭେଚ୍ଛା ବାର୍ତ୍ତାରେ ଏହା କହିଛନ୍ତି। ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ତଥା ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକା, ସମ୍ମାନିତ ଅତିଥି ଭାବେ ବିଭାଗୀୟ କମିଶନର ତଥା ଶାସନ ସଚିବ ରୂପାରୋଶନ ସାହୁ, ଏସ୍‌ସିଏସ୍‌ଟିଆର୍‌ଟିଆଇର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମନ୍ତ୍ରୀ ଓ ଅନ୍ୟ ଅତିଥିମାନେ ସ୍ୱତନ୍ତ୍ର ଜର୍ନାଲ 'ଆଦିବାସୀ'ର ୬୩ତମ ସଂସ୍କରଣକୁ ଉନ୍ମୋଚନ କରିଥିଲେ। ଏହାସହ ବିଭିନ୍ନ ଜନଜାତି ସମ୍ପ୍ରଦାୟର ୧୦ଜଣଙ୍କୁ ଆଦିବାସୀ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଛି। ସ୍ୱତନ୍ତ୍ର ଅଧିକାରୀ ସମରେନ୍ଦ୍ର ଭୂତିଆ ଧନ୍ୟବାଦ ଅର୍ପଣ କରିଥିଲେ। ଚଳିତବର୍ଷ ୧୦୯ଟି ଷ୍ଟଲକୁ ନେଇ ଆଦିବାସୀ ମେଳାର ଆୟୋଜନ କରାଯାଇଥିବାବେଳେ ଏହା ଫେବୃଆରୀ ୫ ଯାଏ ଚାଲିବ। ପ୍ରତ୍ୟହ ଅପରାହ୍ନ ୨ଟା ୩୦ରୁ ରାତି ୯ଟା ଯାଏ ଏହି ମେଳା ସର୍ବସାଧାରଣଙ୍କ ନିମନ୍ତେ ଖୋଲା ରହିବ।



ଆଦିବାସୀ ମେଳାରେ ଉଦ୍‌ଘାଟନ ଅବସରରେ ମନ୍ତ୍ରୀ ଜଗନ୍ନାଥ ସାରକା ଓ ଅନ୍ୟ ଅତିଥିଙ୍କ ସହ ସମ୍ମାନିତ ଜନଜାତି ସମ୍ପ୍ରଦାୟର ପ୍ରତିଭା।

# ଏନ୍‌ଏଲ୍‌ୟୁରେ ପୁଷ୍ପ ପ୍ରଦର୍ଶନୀ

**କଟକ,୨୭।୧(କାର୍ତ୍ତିକ ସାହୁ)**

ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ (ଏନ୍‌ଏଲ୍‌ୟୁ) ପକ୍ଷରୁ ଦ୍ୱିତୀୟ ବାର୍ଷିକ ଦୁଇଦିନିଆ ପୁଷ୍ପ ପ୍ରଦର୍ଶନୀ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆମେରିକୀୟ ଓଡ଼ିଶୀ ନୃତ୍ୟଶିଳ୍ପୀ ମିସ୍ ଶାରୋନ୍ ଲୋୱେନ ଏବଂ ଆମେରିକାର ଉଚ୍ଚଶିକ୍ଷା ଓ ବିକାଶ ସଂଯୋଜକ ପ୍ରଫେସର ଜାନେ ସ୍କିଡକୋସ୍କେ ମିଳିତ ଭାବେ ଏହାକୁ ଉଦ୍‌ଘାଟନ କରିଥିଲେ। ବିଶ୍ୱବିଦ୍ୟାଳୟ ପରିସର ପୁଷ୍ପରେ ପରିପୂର୍ଣ୍ଣ ହୋଇଛି। କଳାକୃତିରେ ସଜ୍ଜିତ ପୁଷ୍ପସମ୍ଭାର ଅତ୍ୟନ୍ତ ମନୋମୁଗ୍ଧକର ହୋଇପାରିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବେଦ କୁମାରୀ, ରେଜିଷ୍ଟ୍ରାର ପ୍ରଫେସର ରଙ୍ଗିନ୍ ପଲ୍ଲବ ତ୍ରିପାଠୀ ଉପସ୍ଥିତ ଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ, ରଙ୍ଗୋଲି, ଫୁଲସଜା, ଫୁଲକଟା ଓ ଫୁଲକୁଣ୍ଡ ଚାରା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଯୋଗଦେଇଥିବା ବିଶ୍ୱବିଦ୍ୟାଳୟ ସମେତ ବିଭିନ୍ନ ମହାବିଦ୍ୟାଳୟ ଓ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏହି ଅବସରରେ ଜାଇକା ଫୁଡ୍ ଫେଷ୍ଟ ନାମରେ ଖାଦ୍ୟ ମେଳା ଅନୁଷ୍ଠିତ ହୋଇଥିଲା। ବିଶ୍ୱବିଦ୍ୟାଳୟର କୁଳାଧିପତି ତଥା ହାଇକୋର୍ଟ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଡ. ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ ସାଧାରଣତନ୍ତ୍ର ଦିବସ ସମାରୋହରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ।



କଟକସ୍ଥିତ ଏନ୍‌ଏଲ୍‌ୟୁ ପକ୍ଷରୁ ବିଶ୍ୱବିଦ୍ୟାଳୟ ପରିସରରେ ଆରମ୍ଭ ହୋଇଥିବା ଦୁଇଦିନିଆ ପୁଷ୍ପ ପ୍ରଦର୍ଶନୀରେ ଯୋଗ ଦେଇଥିବା ଅତିଥିମାନେ।

## ଚିଲିକାରେ ଡଙ୍ଗାରୁ ଖସିପଡ଼ି ନାଉରିଆଙ୍କ ମୃତ୍ୟୁ

**ବାଲୁଗାଁ,୨୭।୧(ସଂଗ୍ରାମ ପାଇକରାୟ)**

ବାଲୁଗାଁ ଚିଲିକାକୂଳ ଜେଟିଠାରୁ ଅନତି ଦୂରରେ ଡଙ୍ଗାରୁ ଖସିପଡ଼ିବାରୁ ଜଣେ ନାଉରିଆଙ୍କର ମୃତ୍ୟୁ ଘଟିଛି। ସେ ହେଲେ ସ୍ଥାନୀୟ ସାନ୍ତରାପୁର ଗ୍ରାମର ମୁନା ଦିହୁଡ଼ି(୩୦)। ସୂଚନା ମୁତାବକ, ଶୁକ୍ରବାର ପୂର୍ବାହ୍ନରେ ମୁନା ଏକ ଯନ୍ତ୍ରଚାଳିତ ଡଙ୍ଗା ନେଇ ନିକଟ ଦୀପ ପାହାଡ଼ ଅଭିମୁଖେ ଯାତ୍ରା କରିଥିଲେ। ତେବେ କୌଣସି କାରଣବଶତଃ ସେ ଡଙ୍ଗାରୁ ଖସିପଡ଼ିଥିଲେ। ବହୁ ସମୟ ପରେ ଚାଳକବିହୀନ ଡଙ୍ଗାଟି ଭାସୁଥିବା ଦେଖି ସନ୍ଦେହରେ ଅନ୍ୟ ମତ୍ସ୍ୟଜୀବୀ ସେଠାରେ ପହଞ୍ଚିଥିଲେ। କୌଣସି ଅଘଟଣ ଘଟିଥିବା ସନ୍ଦେହକରି ଖବରପାଇ ବାଲୁଗାଁ ଅଗ୍ନିଶମ କର୍ମଚାରୀ ଅନ୍ୟ ଏକ ବୋଟ୍‌ରେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଡଙ୍ଗା ଚତୁଃପାର୍ଶ୍ୱ ଜଳରେ ଅଗ୍ନିଶମ କର୍ମଚାରୀ ତଲାସିବାରେ ବୋଟ୍‌ର ଫ୍ୟାନ୍‌ରେ ଗୁଡ଼ାଇ ହୋଇ ରହିଥିବା ଅବସ୍ଥାରେ ମୁନାଙ୍କୁ ଉଦ୍ଧାର କରି ନିକଟ ସରକାରୀ ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବାଲୁଗାଁ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି।

# କୋଣାର୍କରେ ସୂର୍ଯ୍ୟନାରାୟଣଙ୍କ ପ୍ରାଣ ପ୍ରତିଷ୍ଠା

## ନିର୍ମାଣ ହେବ ୨୨୭ ଫୁଟ ଉଚ୍ଚର ମନ୍ଦିର

**କୋଣାର୍କ,୨୭।୧(ଜ୍ୟୋତିରାଜ ମହାନ୍ତି)**

କୋଣାର୍କରେ ନିର୍ମାଣ ଶାଳା ପକ୍ଷରୁ ଜୁଣେଇ ନିକଟରେ ଏକ ଭବ୍ୟ ସୂର୍ଯ୍ୟନାରାୟଣ ମନ୍ଦିର ନିର୍ମାଣ କରାଯାଉଛି। ମନ୍ଦିରର ନବନିର୍ମିତ ନାଟ ମଣ୍ଡପରେ ସୂର୍ଯ୍ୟ ନାରାୟଣଙ୍କ ବିଗ୍ରହର ପ୍ରାଣ ପ୍ରତିଷ୍ଠା ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ହୋମଯଜ୍ଞ ଓ ସଂକୀର୍ତ୍ତନ କରାଯାଇଥିଲା। କୋଣାର୍କ ସୂର୍ଯ୍ୟମନ୍ଦିରରେ ସୂର୍ଯ୍ୟଙ୍କ ପୂଜାବିଧି ବନ୍ଦ ହୋଇଥିବାବେଳେ ଏଠାରେ ଦୈନନ୍ଦିନ ସୂର୍ଯ୍ୟ ଉପାସକ ସୂର୍ଯ୍ୟ ପୂଜା ଓ ଉପାସନା କରିବେ। ରାଜସ୍ଥାନ ମାର୍ବଲରେ ସୂର୍ଯ୍ୟମନ୍ଦିର ଭଳି ଅବିକଳ ମନ୍ଦିର ନିର୍ମାଣ କାର୍ଯ୍ୟ କରାଯାଉଛି। ପୂର୍ବରୁ ମନ୍ଦିର ନିର୍ମାଣ କାର୍ଯ୍ୟରେ ପ୍ରଶାସନ ଓ ଜମିଜମା ସମସ୍ୟା ବାଧକ ସାଜିଥିଲା। ମନ୍ଦିରରେ ୧୫ ଫୁଟ ଉଚ୍ଚତାବିଶିଷ୍ଟ ସୂର୍ଯ୍ୟଙ୍କ ବିଗ୍ରହ ପ୍ରତିଷ୍ଠା ସହ ୪ଟି ଚକ ଓ ୭ ଗୋଟି ଅଶ୍ୱ ପ୍ରତିଷ୍ଠା ହୋଇଛି। ଦିଲ୍ଲୀ ବାସିନ୍ଦା ତଥା ନିର୍ମାଣ ଶାଳା ଅଧ୍ୟକ୍ଷ ମୁକେଶ ଜୈନଙ୍କ ଆର୍ଥିକ ସହାୟତାରେ ଏଠାରେ ନୂତନ ସୂର୍ଯ୍ୟ ମନ୍ଦିରର ପରିକଳ୍ପନା କରାଯାଇଛି। ମନ୍ଦିରର ଉଚ୍ଚତା ପ୍ରାୟ ୨୨୭ ଫୁଟ କରାଯିବ। ଏହା ପର୍ଯ୍ୟଟନ ସ୍ଥଳୀ ନୁହେଁ, ପୂଜାସ୍ଥଳୀ ଭାବେ ପରିଚୟ ସୃଷ୍ଟି କରିବ ବୋଲି ମୁକେଶ କହିଛନ୍ତି। ପ୍ରାଣ ପ୍ରତିଷ୍ଠା ଅବସରରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟ୍ଟଶାଣୀ ଯୋଗଦେଇ ସୂର୍ଯ୍ୟନାରାୟଣଙ୍କ ଆଶୀର୍ବାଦ ନେଇଥିଲେ। କାର୍ଯ୍ୟକ୍ରମରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ନୂତନ ଭାବେ କୋଣାର୍କରେ ଆଉ ଗୋଟିଏ ମନ୍ଦିରର ଅଶ୍ୟକତା ରହିଥିଲା ବୋଲି କହିଥିଲେ। ଅର୍କକ୍ଷେତ୍ର ସୂର୍ଯ୍ୟମନ୍ଦିରରେ ବର୍ଷ ବର୍ଷ ଧରି ସୂର୍ଯ୍ୟ ପୂଜା ପାଉ ନ ଥିବାବେଳେ ଏହି ମନ୍ଦିରରେ ସୂର୍ଯ୍ୟ ପୂଜା ଦୈନନ୍ଦିନ କରାଯିବା ସହିତ ବିଭିନ୍ନ ଦୈବଦୁର୍ବିପାକ ଏହି ମନ୍ଦିରର କୌଣସି କ୍ଷତି କରିପାରିବ ନାହିଁ ବୋଲି କୁହାଯାଇଛି। ଉତ୍ସବରେ ଅନ୍ୟତମ ଅତିଥି ଭାବେ କୋଣାର୍କ ଏନ୍‌ଏସି ଅଧ୍ୟକ୍ଷା ସଂଯୁକ୍ତା ତ୍ରିପାଠୀ ଓ ଅନ୍ୟାନ୍ୟ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ। ଉତ୍ସବକୁ ସଂଯୋଜକ ଯୁଧିଷ୍ଠିର ସ୍ୱାଇଁ, ପୂଜକ ବାପି ପଣ୍ଡା ପ୍ରମୁଖ ପରିଚାଳନା କରିଥିଲାବେଳେ ଶତାଧିକ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ।



ସୂର୍ଯ୍ୟନାରାୟଣଙ୍କ ପ୍ରାଣ ପ୍ରତିଷ୍ଠା ଅବସରରେ ନିର୍ମାଣ ଶାଳା ଅଧ୍ୟକ୍ଷ ମୁକେଶ ଜୈନ, ପୂର୍ବତନ ଏମ୍‌ପି ପ୍ରସନ୍ନ ପାଟ୍ଟଶାଣୀଙ୍କ ସହ ଅନ୍ୟ ଅତିଥିମାନେ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ମନୀଷା



@ ଲୋକନାଥ



@ ଅମିତ



@ ବୁଟୁ



@ ଶୈଳଶ୍ରୀ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ହୋଟେଲ ରୁମ୍‌ରୁ ନିଖୋଜ ଯୁବକଙ୍କ ଝୁଲନ୍ତା ମୃତଦେହ ମିଳିଲା

**ଭୁବନେଶ୍ୱର,୨୭।୧ (ସୂର୍ଯ୍ୟକାନ୍ତ ବେହେରା)**

କଟକ ଜିଲା ମାହାଙ୍ଗାରୁ ନିଖୋଜ ହୋଇଥିବା ଯୁବକଙ୍କ ମୃତଦେହ ଭୁବନେଶ୍ୱରର ଏକ ହୋଟେଲରୁ ଖାରବେଳନଗର ଥାନା ପୋଲିସ ଝୁଲନ୍ତା ଅବସ୍ଥାରେ ଶନିବାର ଜବତ କରିଛି। ମୃତକ ହେଲେ କ୍ଷିତିଶ ରାଉତ। ଯୁବକଙ୍କ ପରିବାର ଲୋକେ ପହଞ୍ଚି ମୃତଦେହ ଚିହ୍ନଟ କରିବା ସହ ଏନେଇ ଥାନାରେ ଏତଲା ଦେଇଛନ୍ତି। ତେବେ ସେମାନେ ଏପରି ମୃତ୍ୟୁକୁ ସନ୍ଦେହ କରିବା ସହ ଘଟଣାର ଠିକ ତଦନ୍ତ କରିବାକୁ ନିବେଦନ କରିଛନ୍ତି। ପୋଲିସ ମୃତଦେହ ଜବତ କରି କ୍ୟାପିଟାଲ ହସ୍ପିଟାଲରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୂଚନାନୁସାରେ, ଶୁକ୍ରବାର କ୍ଷିତିଶ ମାଷ୍ଟରକ୍ୟାଣ୍ଟିନସ୍ଥିତ ଏକ ହୋଟେଲର ୨୦୪ ନମ୍ବର ରୁମ୍‌ରେ ରହିଥିଲେ। ଶନିବାର ପୂର୍ବାହ୍ନ ୧୧ ଟାରେ ହୋଟେଲ କର୍ମଚାରୀମାନେ କୌଣସି କାମରେ ଯାଇ ତାଙ୍କୁ ଡାକିଥିଲେ। ହେଲେ କୌଣସି ଉତ୍ତର ନ ଦେବାରୁ କର୍ମଚାରୀମାନେ ଆଉଏକ ଚାବିରେ ଉକ୍ତ ରୁମ୍‌କୁ ଖୋଲିବା ପରେ କ୍ଷିତିଶ ଫ୍ୟାନ୍‌ରେ ବେଡସିଟ ଦ୍ୱାରା ଝୁଲୁଥିବା ଦେଖିବାକୁ ପାଇଥିଲେ। ଏହାପରେ ହୋଟେଲ ପକ୍ଷରୁ ଖବର ପାଇ ପୋଲିସ ପହଞ୍ଚି ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ ଖବର ଦେଇଥିଲା। ଏଥିସହ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

## ସଂକ୍ଷେପରେ

### ଏଥର ତ୍ରିବେଣୀ ମହୋତ୍ସବ ୫ ଦିନ

ବାଲିପାଟଣା,୨୭।୧(ଅଭିମନ୍ୟୁ ନାୟକ)

ଆସନ୍ତା ଫେବୃଆରୀ ୯ରେ ତ୍ରିବେଣୀ ଅମାବାସ୍ୟା ଅବସରରେ ଅନ୍ତର୍ବେଦୀ ତ୍ରିବେଣୀ ଘାଟରେ ଶ୍ରଦ୍ଧାଳୁମାନେ ବୁଡ ପକାଇବେ। ଗତ କିଛି ବର୍ଷ ହେବ ତ୍ରିବେଣୀ ମହୋତ୍ସବ ମହାସମାରୋହରେ ପାଳିତ ହୋଇଆସୁଅଛି। ଏହି କାର୍ଯ୍ୟକ୍ରମ ଚଳିତ ବର୍ଷ ୩ଦିନ ପରିବର୍ତ୍ତେ ୫ ଦିନ ଧରି ଆୟୋଜିତ ହେବ ବୋଲି ଶନିବାରି ଅନ୍ତର୍ବେଦୀ ମଠଠାରେ ଆୟୋଜିତ ବୈଠକରେ ନିଷ୍ପତ୍ତି ନିଆଯାଇଛି ବୋଲି ଆମ ସଙ୍ଗଠନ ସଭାପତି କମଳ କୁମାର ପାତ୍ର କହିଛନ୍ତି। ପ୍ରତିବର୍ଷ ଭଳି ସାରଳାଙ୍କ ଘଣ୍ଟ ବାଦ୍ୟ ସହିତ ଓଡ଼ିଶୀ, ଗୋଟିପୁଅ, ଭଜନ ସହିତ ଅନ୍ୟାନ୍ୟ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ବିଭିନ୍ନ ଷ୍ଟଲ ମାଧ୍ୟମରେ ବିକ୍ରୟ ସାମଗ୍ରୀ ଓ ପିଲାମାନଙ୍କ ମନୋରଞ୍ଜନ ପାଇଁ ଦୋଳି, ଚକ୍ରି ଆଦି ପଡ଼ିବ। ବୈଠକରେ କିଶୋର ଜେନା, ପ୍ରଦୀପ୍ତ ଜେନାମଣି, ପ୍ରଦ୍ୟୁମ୍ନ ସେନାପତି, ବ୍ଲକ ଚେୟାରମେନ ହରପ୍ରିୟା ଦାସ, ବାସନ୍ତୀ ଖଟୁଆ, ସମସ୍ତ ଜିଲାପରିଷଦ ଓ ସରପଞ୍ଚ, ସମିତିସଭ୍ୟମାନେ ଯୋଗ ଦେଇଥିଲେ।

### ସ୍ଥାୟୀ ନିର୍ମାଣର ଡିପିଆର୍ ମାଗିଲା ପ୍ରତ୍ନତତ୍ତ୍ୱ ବିଭାଗ

**ପରମହଂସନାଥ ମନ୍ଦିର ରୂପାନ୍ତରଣ କାର୍ଯ୍ୟ**

କଟକ ସଦର,୨୭।୧(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ପରମହଂସନାଥ ମନ୍ଦିରର ରୂପାନ୍ତରଣ କାର୍ଯ୍ୟ ପାଇଁ ରାଜ୍ୟ ସରକାର ୪ କୋଟି ୯୬ ଲକ୍ଷ ୪୦ ହଜାର ଟଙ୍କା ମଞ୍ଜୁର କରିଛନ୍ତି। ଏଥିପାଇଁ କଟକସ୍ଥିତ ରାସ୍ତା ଓ କୋଠାବାଡି ଡିଭିଜନ ପକ୍ଷରୁ ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡିପିଆର) ପ୍ରସ୍ତୁତ କରାଯିବାକୁ ନେଇ ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ପ୍ରଶ୍ନ ଉଠାଇଛି। କାରଣ ୧୯୯୮ ମସିହାରୁ ରାଜ୍ୟ ସରକାର ଉକ୍ତ ମନ୍ଦିରକୁ ସୁରକ୍ଷିତ ଅଞ୍ଚଳ ଭାବେ ଘୋଷଣା କରିଥିବାରୁ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ରାସ୍ତା ଓ କୋଠାବାଡ଼ି ଡିଭିଜନକୁ ଡିପିଆର୍ ମଗାଯାଇଛି।

ମୁଖ୍ୟ ମନ୍ଦିରର ୧୦୦ ମିଟର ବ୍ୟାସାର୍ଦ୍ଧ ମଧ୍ୟରେ କୌଣସି ସ୍ଥାୟୀ ନିର୍ମାଣ ଆରମ୍ଭ କରିବା ପୂର୍ବରୁ ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ଡିପିଆର ମଞ୍ଜୁର କରିବା ବାଧ୍ୟତାମୂଳକ। ନଚେତ୍ କୌଣସି କାର୍ଯ୍ୟ ସଂରକ୍ଷିତ ମନ୍ଦିର ପରିସରରେ ଆରମ୍ଭ ହୋଇପାରିବ ନାହିଁ ବୋଲି ଓଡ଼ିଶା ପ୍ରାଚୀନ କୀର୍ତ୍ତିରାଜି ସଂରକ୍ଷଣ ଆଇନ-୧୯୫୬ରେ ଉଲ୍ଲେଖ ରହିଛି। ଏହି ନିୟମକୁ ରାସ୍ତା ଓ କୋଠାବାଡି ଡିଭିଜନ ଅନୁସରଣ କରିନାହିଁ ବୋଲି ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗର ପତ୍ରସଂଖ୍ୟା ୪୨୭୯/୧୮।୧୨।୨୦୨୩ରେ ଦର୍ଶାଯାଇଛି। ଏହି ପତ୍ରର ନକଲ କଟକ ଜିଲାପାଳ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକଙ୍କୁ ପ୍ରଦାନ କରାଯାଇଛି। ଡିପିଆର ପ୍ରସ୍ତୁତବେଳେ ଉକ୍ତ ମନ୍ଦିରର ଟ୍ରଷ୍ଟବୋର୍ଡ କାର୍ଯ୍ୟକ୍ଷମ ନ ଥିଲା। ତେଣୁ ରିପୋର୍ଟ ପ୍ରସ୍ତୁତବେଳେ କାହା ମତ ନିଆଯାଇଥିଲା ଓ ଏହି ମନ୍ଦିର ପ୍ରତ୍ନତତ୍ତ୍ୱ ବିଭାଗ ଅଧୀନରେ ଥିବା କଥା ରାସ୍ତା ଓ କୋଠାବାଡି ଡିଭିଜନ ଜାଣିନାହିଁ ବୋଲି ପତ୍ରସଂଖ୍ୟା ୮୬୫୨/୫।୧୨।୨୦୨୩ରେ ସମ୍ପୃକ୍ତ କାର୍ଯ୍ୟାଳୟର ଜନସୂଚନା ଅଧିକାରୀ ଜଣାଇଛନ୍ତି।

# ସଂସ୍କୃତି ଆମ ପରିଚୟ ଓ ଅସ୍ମିତାର ପ୍ରତୀକ

## ଭୁବନେଶ୍ୱର ସାହିତ୍ୟ ପର୍ବ ଉଦ୍‌ଘାଟିତ

ଭୁବନେଶ୍ୱର, ୨୭।୧ (ବନ୍ଦନା ସେଠୀ)



ଉଦ୍‌ଘାଟନୀ ଉତ୍ସବରେ ଅତିଥିମାନେ ପୁସ୍ତକ ଲୋକାର୍ପଣ କରୁଛନ୍ତି।

ସଂସ୍କୃତି ହିଁ ଆମ ପରିଚୟ ଓ ଅସ୍ମିତାର ପ୍ରତୀକ। ଏଥିରେ ଲୋକଙ୍କର ସ୍ୱପ୍ନ, ସଂଗ୍ରାମ, ଅଭିପ୍ସା ଓ ସୃଜନ ନିହିତ। ଏହାହିଁ ଏକ ଜାତିର ଅସଲ ଇତିହାସ। ଏହି ଇତିହାସର ବିଶ୍ଳେଷଣ ଓ ବ୍ୟାଖ୍ୟାନ ମାଧ୍ୟମରେ ଜାତିକୁ ପ୍ରେରଣା ମିଳିଥାଏ। ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ପକ୍ଷରୁ ଶନିବାର ସୂଚନା ଭବନରେ ଆରମ୍ଭ ହୋଇଥିବା 'ଭୁବନେଶ୍ୱର ସାହିତ୍ୟ ପର୍ବ'କୁ ଉଦ୍‌ଘାଟନ କରି ଅତିଥିମାନେ ଏହା କହିଛନ୍ତି।

ମୁଖ୍ୟବକ୍ତା ଭାବେ ପ୍ରଫେସର ଯତୀନ୍ଦ୍ର କୁମାର ନାୟକ ଯୋଗଦେଇ କହିଲେ, ଆମର ସାଂସ୍କୃତିକ ସ୍ମୃତି ସାହିତ୍ୟରେ ପ୍ରତିଫଳିତ ହୋଇଥାଏ। ତେଣୁ ଏହାର ସୁରକ୍ଷା, ସଂରକ୍ଷଣ ଓ ପ୍ରସାର ଉପରେ ଗୁରୁତ୍ୱାରୋପ ସେ କରିବା ସହ ଏ ସମ୍ପର୍କରେ ନୂତନ ପିଢ଼ି ଗମ୍ଭୀରତାର ସହିତ ବିଚାର କରିବାକୁ ପରାମର୍ଶ ଦେଇଥିଲେ। ସାହିତ୍ୟିକ ରବି ନାରାୟଣ ସେନାପତି ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ, ପରିବର୍ତ୍ତିତ ପୃଷ୍ଠଭୂମିରେ ସାହିତ୍ୟର ସ୍ୱରୂପ ବଦଳି ଯାଉଛି। ସାହିତ୍ୟ ହିଁ ଆମ ସଂସ୍କୃତିର ମାର୍ଗଦର୍ଶକ। କବି ରାଜେନ୍ଦ୍ର କିଶୋର ପଣ୍ଡା ସାହିତ୍ୟକୁ ଯଥାର୍ଥ ଗୁରୁତ୍ୱ ଦିଆଯାଉ ନ ଥିବାରୁ କ୍ଷୋଭ ପ୍ରକାଶ କରିଥିଲେ।

ଏହି ଅବସରରେ ଅତିଥିଙ୍କ ଦ୍ୱାରା ପ୍ରକାଶିତ 'କବିତା ୨୦୨୩', ସାହିତ୍ୟ ପର୍ବ ସ୍ମରଣିକା 'ଆସର' ସମେତ ଡ. ଅଶୋକ କୁମାର ସିଂହଙ୍କ 'ଗୀତି ବିଚିତ୍ରା' ଓ ଡ. ବିଦ୍ୟୁତ୍‌ପ୍ରଭା ଗନ୍ତାୟତଙ୍କ ଅନୂଦିତ ପୁସ୍ତକ 'ବେଦ୍‌ରାହିଙ୍କ କବିତା' ଲୋକାର୍ପିତ ହୋଇଥିଲା। ଅନୁଷ୍ଠାନ ସଭାପତି ସୂର୍ଯ୍ୟ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଡ. ପ୍ରୀତିଧାରା ସାମଲଙ୍କୁ 'କୈଳାସ ଲେଙ୍କା ସ୍ମୃତି ସୃଜନ ସମ୍ମାନ' ଓ ଶିଳ୍ପୀ ଜ୍ୟୋତିରଞ୍ଜନ ସ୍ୱାଇଁଙ୍କୁ 'ଦିନନାଥ ପାଠୀ ସ୍ମୃତି ଶିଳ୍ପୀ ସମ୍ମାନ' ପ୍ରଦାନ କରାଯାଇଥିଲା। ଉତ୍ସବ ନିର୍ଦ୍ଦେଶକ ଡ. ସିଂହ ସ୍ୱାଗତ ଭାଷଣ ଦେଇଥିବାବେଳେ ସମ୍ପାଦିକା ସୋନାଲି ମହାପାତ୍ର ବିବରଣୀ ପାଠ କରିଥିଲେ। କାର୍ଯ୍ୟକାରୀ ସଭାପତି ରକ୍ଷକ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହାପରେ 'ନ୍ୟୁ ଏଜ୍ ଟେକ୍ନୋଲୋଜିରେ ଓଡ଼ିଆ ଭାଷା ଓ ସାହିତ୍ୟ' ଶୀର୍ଷକ ଆଲୋଚନାଚକ୍ରରେ ଡ. ବସନ୍ତ କୁମାର ପଣ୍ଡା, ପୁଷ୍ପଶ୍ରୀ ପଟ୍ଟନାୟକ, ଡ. ମୃଣାଳ ଚାଟାର୍ଜୀ, ଜୀବନ କୁମାର ପଣ୍ଡା ଓ ସନ୍ଦୀପ କୁମାର ମିଶ୍ର ଅଂଶଗ୍ରହଣ କରିଥିଲେ। ସେହିପରି 'ଓଡ଼ିଆ କଥା ସାହିତ୍ୟ' ଉପରେ ହୋଇଥିବା ଆଲୋଚନାଚକ୍ରରେ ଭୀମ ପୃଷ୍ଟି, ସହଦେବ ସାହୁ, ଚିରଶ୍ରୀ ଇନ୍ଦ୍ରସିଂ, ସୀତେଶ ତ୍ରିପାଠୀ, ଆଶିଷ ଗଡ଼ନାୟକ ଯୋଗଦେଇଥିଲେ। ଅପରାହ୍ନରେ 'ଓଡ଼ିଆ ସାହିତ୍ୟରେ ଦଳିତ ବିମର୍ଶ', 'ଓଡ଼ିଆ ଭ୍ରମଣ ସାହିତ୍ୟ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଦେବଦତ୍ତ ପତିଙ୍କ ନିର୍ଦ୍ଦେଶନାରେ କବି ରମାକାନ୍ତ ରଥଙ୍କ 'ଶ୍ରୀରାଧା' ଆଧାରିତ କାବ୍ୟାଭିନୟ ପରିବେଷିତ ହୋଇଥିଲା।

## ୫ମ ଶ୍ରେଣୀ ଛାତ୍ରୀ ଉତ୍ତୋଳନ କଲେ ଜାତୀୟ ପତାକା



ପୁରୁଣା ଭୁବନେଶ୍ୱର,୨୭।୧(ସୁବାସ ଚନ୍ଦ୍ର ପ୍ରଧାନ)

ଭୁବନେଶ୍ୱର ଉପକଣ୍ଠ ଚନ୍ଦକା-ଡମପଡ଼ା ହସ୍ତୀ ଅଭୟାରଣ୍ୟ ଘେର ମଧ୍ୟରେ ଅବସ୍ଥିତ ଆଦିବାସୀ ପଲ୍ଲୀ କନ୍ଦଳେଇଠାରେ ୭୫ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ୫ମ ଶ୍ରେଣୀର ଛାତ୍ରୀ ସାବିତ୍ରୀ ଗାଗରାଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ବିଦ୍ୟାଳୟ ପରିସର ମଧ୍ୟରେ ନିର୍ଦ୍ଦିଷ୍ଟ ଏକ ସ୍ଥାନକୁ ଗୋବର ଓ ମାଟିରେ ଲିପା ପୋଛା କରି ରଙ୍ଗବେରଙ୍ଗ ଫୁଲରେ ସଜାଯାଇଥିଲା। 'ଭାରତ ମାତା କି ଜୟ', 'ବନ୍ଦେ ମାତରମ୍' ଧ୍ୱନୀରେ କମ୍ପି ଉଠିଥିଲା ପରିବେଶ। ଉକ୍ତ କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ସୁଶାନ୍ତ ସାହୁ, ତ୍ରିଲୋଚନ ବେଉରା, ପ୍ରିୟବ୍ରତ ପଣ୍ଡା, ଶୋଭନ ରାଉତରାୟ, ବଦ୍ରି ନାରାୟଣ ଜେନା, ରୁଦ୍ର ନାରାୟଣ ଜେନା, ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଚିତ୍ର କୁମାର ମାଝୀ, ଶିକ୍ଷକ ସୁବାସ ଓଝା ପ୍ରମୁଖ ଯୋଗଦେଇଥିଲେ।




ଏକାମ୍ର ନିର୍ବାଚନ ମଣ୍ଡଳୀର ୬୧ ନମ୍ବର ୱାର୍ଡ ଅନ୍ତର୍ଗତ ଭୀମଟାଙ୍ଗୀରେ ଶନିବାର ଅନୁଷ୍ଠିତ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମରେ ମନ୍ତ୍ରୀ ଅଶୋକଚନ୍ଦ୍ର ପଣ୍ଡାଙ୍କ ସହ ଅନ୍ୟ ବିଜେଡି ନେତା ଓ କର୍ମୀମାନେ।

# ଏକାମ୍ରରେ ବିଜେଡିର ପରିବାର ସମ୍ପର୍କ ଅଭିଯାନ

ପୁରୁଣା ଭୁବନେଶ୍ୱର,୨୭।୧(ସୁବାସ ଚନ୍ଦ୍ର ପ୍ରଧାନ)

ଭୁବନେଶ୍ୱର ଏକାମ୍ର ନିର୍ବାଚନମଣ୍ଡଳୀରେ ଶନିବାର ୱାର୍ଡ ନଂ.୬୧ ଭୀମଟାଙ୍ଗି ଜଗନ୍ନାଥ ମନ୍ଦିର ନିକଟରୁ ବିଜୁ ଜନତା ଦଳର ପରିବାର ସମ୍ପର୍କ ଅଭିଯାନ ଓ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମକୁ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ମେୟର ସୁଲୋଚନା ଦାସ, କୋଠାବାଡ଼ି ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଭଗବତୀ, ଖଣ୍ଡୁଆଳ ଏବଂ ପିପୁଲସ ବିଜୁ ଆଦର୍ଶ କଲୋନୀ, ଭୀମଟାଙ୍ଗୀ ହାଉସିଂ ବୋର୍ଡ କଲୋନୀ ଆଦି ଅଞ୍ଚଳ ପରିକ୍ରମା କରିଥିଲେ। ସହଯୋଗ, ବିକାଶପରିଷଦ, ଶିବସିବା ମହିଳା ସମିତି, ଶିଶୁ ଉଦ୍ୟାନ କମିଟି, ବରିଷ୍ଠ ନାଗରିକ ସଂଘ, ଦୁର୍ଗାପୂଜା ସମିତି, କର୍ମୀ କ୍ଲବ, ଓଡ଼ିଶା ୟୁଥ ଆସୋସିଏଶନ, ଜଗନ୍ନାଥ ମନ୍ଦିର ସମିତି, ଉନ୍ନୟନ ପରିଷଦ, ପ୍ରଦୀପ ସେବା ଟ୍ରଷ୍ଟର ସଦସ୍ୟମାନେ ଏହି ପରିବାର ସମ୍ପର୍କ ପଦଯାତ୍ରାକୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶା କୃଷି ଶିଳ୍ପ ନିଗମ ଉପାଧ୍ୟକ୍ଷ ଡ.ସନ୍ତୋଷ ବେଜ, ସ୍ଥାନୀୟ କର୍ପୋରେଟର ଶିବ ନାରାୟଣ ରାୟ, ଚନ୍ଦ୍ର ଶେଖର ମଲ୍ଲିଆ, ମହାମାୟା ସ୍ୱାଇଁ, ଶିବପ୍ରସାଦ ବେହେରା, ଯୁବ ସଭାପତି ସମରେଶ ବେଉରା, ଛବିନ୍ଦ୍ର ଜେନା, ପ୍ରଭାସ ସୁନ୍ଦରାୟ, ସନ୍ତୋଷ ସେନାପତି, ଅଶ୍ୱିନୀ ମିଶ୍ର, ଅଭିଷେକ ପଟ୍ଟନାୟକ, ସପ୍ତରଥି ସ୍ୱାଇଁ, ଦେବାଶିଷ ବେହେରା, ପ୍ରଦୀପ ବାରିକ, ରମେଶ ବେହେରା, ପ୍ରଦୀପ୍ତ ସାହୁ, ଶଶୀଭୂଷଣ ଛୁଆଳସିଂହ, ଜିତୁ ପ୍ରଧାନ, ସୁଶାନ୍ତ ମହାନ୍ତି, ସୁଧାଂଶୁ ମିଶ୍ର ପ୍ରମୁଖ ପଦଯାତ୍ରାରେ ସାମିଲ ହୋଇଥିଲେ।




ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଶୁକ୍ରବାର ରାଜ୍ୟସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ଓ ପରେଡ ସମୟରେ କନିଷ୍ଠ ଶିକ୍ଷକ ଆଶାୟୀମାନେ ଟି-ଶାର୍ଟରେ ଦାବି ଲେଖି ଅଭିନବ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ପଞ୍ଚପାଇକଙ୍କ ପୀଠରେ ତାଲାପକାଇ ଧାରଣା

ଖୋର୍ଦ୍ଧା,୨୭।୧(ପ୍ରଭାତ ପାଣିଗ୍ରାହୀ)



ଗଡଦ୍ୱାରର ଏକାଧିକ ଦଳିତ ପରିବାର ଫାଟକରେ ତାଲା ପକାଇ ପ୍ରତିବାଦ କରୁଛନ୍ତି।

ପଞ୍ଚ ପାଇକଙ୍କ ପ୍ରତିମୂର୍ତ୍ତି ସ୍ଥାନାନ୍ତରଣ ବେଳେ ଗଡ଼ଦ୍ୱାର ଦଳିତ ପରିବାରଙ୍କୁ ଶ୍ମଶାନ ପାଇଁ ଅନ୍ୟତ୍ର ଜାଗା ଦେବା ପାଇଁ ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ତେବେ ପ୍ରଶାସନର ଅବହେଳା ତଥା ଶ୍ମଶାନ ପାଇଁ ଜାଗା ଦେବାକୁ ଦାବିରେ ସାଧାରଣତନ୍ତ୍ର ଦିବସ(ଶୁକ୍ରବାର)ରେ ଗଡଦ୍ୱାରର ଏକାଧିକ ଦଳିତ ପରିବାର ପଞ୍ଚପାଇକଙ୍କ ପୀଠ ମୁଖ୍ୟ ଫାଟକରେ ତାଲା ପକାଇ ଧାରଣା ଦେଇଥିଲେ। ଫଳରେ ସାଧାରଣତନ୍ତ୍ର ଦିବସରେ ପଞ୍ଚ ପାଇକଙ୍କ ପୀଠରେ ପୁଷ୍ପମାଲ୍ୟାର୍ପଣ ପାଇଁ ଆସିଥିବା ଲୋକେ ନିରାଶ ହୋଇ ଫେରିଥିଲେ। ଖବରପାଇ ତହସିଲଦାର ବିଭାଷ ପାଣିଗ୍ରାହୀ ପହଞ୍ଚି ବୁଝାଶୁଝା କରିବା ସହ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ପ୍ରକାଶ ଯେ, ପାଇକ ବିଦ୍ରୋହର ସ୍ମୃତି ଉଦ୍ଦେଶ୍ୟରେ ଗଡ଼ଖୋର୍ଦ୍ଧା ଛକରେ ୧୯୯୯ ମସିହାରେ ପଞ୍ଚପାଇକଙ୍କ ପ୍ରତିମୂର୍ତ୍ତି ପ୍ରତିଷ୍ଠା କରାଯାଇଥିଲା। ପାଇକ ବୀର ବକ୍ସି ଜଗବନ୍ଧୁ, ଜୟୀ ରାଜଗୁରୁ, କୃତିବାସ ପାଟ୍ଟଶାଣୀ, ତାପଙ୍ଗ ଦଳବେହେରା ଓ ପିଣ୍ଡିକି ବାହୁବଳେନ୍ଦ୍ରଙ୍କ ପ୍ରତିମୂର୍ତ୍ତି ରହିଛି। ଭୁବନେଶ୍ୱର-ଚେନ୍ନାଇ ୧୬ ନମ୍ବର ଜାତୀୟ ରାଜପଥ ସମ୍ପ୍ରସାରଣ ଯୋଗୁ ରାସ୍ତାକଡରେ ରହିଥିବା ପ୍ରତିମୂର୍ତ୍ତି ସ୍ଥାନାନ୍ତର ପାଇଁ ଜିଲା ପ୍ରଶାସନ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଉକ୍ତ ପୀଠ ନିକଟ ପ୍ଲଟ ନଂ.୧୩୧, ମୌଜା ଖୋର୍ଦ୍ଧାକୁ ସ୍ଥାନାନ୍ତର କରାଯାଇଥିଲା। ଉକ୍ତ ସରକାରୀ ପ୍ଲଟକୁ ସ୍ଥାନୀୟ ଗଡ଼ଦ୍ୱାର ସାହିର ଲୋକମାନେ ଶ୍ମଶାନଭାବେ ବ୍ୟବହାର କରୁଥିଲେ। ଏହି ସମୟରେ ଶ୍ମଶାନ ପାଇଁ ଏକ ନୂତନ ସ୍ଥାନ ଯୋଗାଇ ଦିଆଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ତେବେ ପରବର୍ତ୍ତୀ ସମୟରେ ଜିଲା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିଲା। ଏପରିକି ନିକଟରେ ସମ୍ପୃକ୍ତ ଅଞ୍ଚଳର ଏକାଧିକ ବାସିନ୍ଦା ଏ ସମ୍ପର୍କରେ ଜିଲାପାଳଙ୍କ ନିକଟରେ ଅଭିଯୋଗ ମଧ୍ୟ କରିଥିଲେ।

### ପତାକା ଉତ୍ତୋଳନ ସମୟରେ ମହିଳାଙ୍କୁ ଆକ୍ରମଣ

ଗୋପ,୨୭।୧(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ବ୍ଲକ ଅନ୍ତର୍ଗତ ନୟାହାଟ ଫାଣ୍ଡି ଅଧୀନ ଇଷାଣପୁର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ପତାକା ଉତ୍ତୋଳନ ସମୟରେ କାର୍ଯ୍ୟାଳୟ ନିକଟରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ମହିଳା ସରପଞ୍ଚ ବିନୋଦିନୀ ପାଳ ଓ ତାଙ୍କ ସ୍ୱାମୀ ବସନ୍ତ ପାଳ ସେହି ଅଞ୍ଚଳର ୫୦ ବର୍ଷୀୟା ମହିଳା ଲକ୍ଷ୍ମୀପ୍ରିୟା ବିଶ୍ୱାଳଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଥାନାରେ ଅଭିଯୋଗ ହୋଇଛି। ଏଥିରେ ଲକ୍ଷ୍ମୀପ୍ରିୟା ଗୁରୁତର ହୋଇ ପ୍ରଥମେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର ହୋଇଛନ୍ତି। ଅପରପକ୍ଷରେ ସରପଞ୍ଚ ବିନୋଦିନୀ ପାଳ ମଧ୍ୟ ମହିଳାଙ୍କ ବିରୋଧରେ ପାଲଟା ଅଭିଯୋଗ କରିଛନ୍ତି। ପୋଲିସ ଦୁଇଟି ମାମଲା ରୁଜୁ କରିଛି। ମହନିପୁର ଗ୍ରାମର ଲକ୍ଷ୍ମୀପ୍ରିୟା ଏବଂ ରାଜକିଶୋର ବିଶ୍ୱାଳଙ୍କ ମଧ୍ୟରେ ବିବାହ ବିଚ୍ଛେଦ ପରେ କୋର୍ଟରେ କେସ୍ ଚାଲୁ ରହିଛି। ପଞ୍ଚାୟତ ଅଫିସ୍ ନିକଟରେ ସ୍ତ୍ରୀ-ସ୍ୱାମୀଙ୍କ ଭିତରେ ମାରପିଟ୍ ସମୟରେ ଏହି ଘଟଣା ଘଟିଥିଲା।

## କଟକରେ ରେଳମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା



ଚୌଦ୍ୱାର-କଟକ ଭାଜପା ପକ୍ଷରୁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

କଟକ, ୨୭।୧(ଶିଳ୍ପା ପ୍ରିୟଦର୍ଶିନୀ)

କଟକର କେତେକ ସ୍ଥାନରେ ଶନିବାର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଶିଖରପୁର ଅଞ୍ଚଳରେ ରେଳମନ୍ତ୍ରୀ ପହଞ୍ଚିବା ପରେ ଭାଜପା ନେତା ନୟନ ମହାନ୍ତିଙ୍କ ନେତୃତ୍ୱରେ କର୍ମୀମାନେ ସ୍ୱାଗତ କରିଥିଲେ। ପରେ ବକ୍ସିବଜାରଠାରେ ଭାଜପା କଟକ ନଗର ସଭାପତି ଲଲାଟେନ୍ଦୁ ବଡୁଙ୍କ ନେତୃତ୍ୱରେ କର୍ମୀମାନେ ମନ୍ତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ। ରାଷ୍ଟ୍ରଦୀପ ପରିସରରେ କାର୍ଯ୍ୟକର୍ତ୍ତାଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ରେଳମନ୍ତ୍ରୀ ଯୋଗଦେଇଥିଲେ। ଏହାପରେ ସମାଜ କାର୍ଯ୍ୟାଳୟଠାରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ସେ ମାଲ୍ୟାର୍ପଣ କରିଥିଲେ। ରବିବାର କଟକ ସଦର ଅଞ୍ଚଳରେ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମରେ ମନ୍ତ୍ରୀ ବୈଷ୍ଣବ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

# 'ଆବର୍ଜନାରୁ ଉତ୍କର୍ଷ' ସମ୍ପର୍କିତ ୩ ବିଶାଳ ମଡେଲ

ପୁରୀ,୨୭।୧(ଅଜିତ୍ ମହାନ୍ତି):



ଛାତ୍ରୀଛାତ୍ରଙ୍କ ଦ୍ୱାରା ଆବର୍ଜନାରୁ ନିର୍ମାଣ କରାଯାଇଥିବା ମଡେଲ ।

୭୫ତମ ଗଣତନ୍ତ୍ର ଦିବସ ପାଳନ ଅବସରରେ ଦେଶମାତୃକାର ସେବାରେ ବଳିଦାନ ଦେଇଥିବା ଯବାନଙ୍କ ସ୍ମୃତିଚାରଣ ସହ ଭବିଷ୍ୟତ ପିଢ଼ିଙ୍କୁ ପ୍ରେରଣା ପ୍ରଦାନ କରିବା ଉଦ୍ଦେଶ୍ୟରେ 'ଆବର୍ଜନାରୁ ଉତ୍କର୍ଷ' ସମ୍ପର୍କିତ ୩ଟି ବିଶାଳକାୟ ମଡେଲ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କ ପକ୍ଷରୁ ନିର୍ମାଣ କରାଯାଇଛି। ଅନୁଷ୍ଠାନର ଟ୍ରେନର ପ୍ରଶିକ୍ଷକ ପ୍ରଦୀପ କୁମାର ଗିରିଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରଙ୍କ ଦ୍ୱାରା '୧୧ଫୁଟ ଉଚ୍ଚତା ଓ ୧୦ ଫୁଟ ଓସାର ବିଶିଷ୍ଟ 'ଭାରତୀୟ ମାନଚିତ୍ର' ନିର୍ମାଣ କରାଯାଇଥିବାବେଳେ ୱେଲ୍‌ଡର ପ୍ରଶିକ୍ଷକ ବିଜୟ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ୨୧ ଫୁଟ ଲମ୍ବ ବିଶିଷ୍ଟ 'ଅଗ୍ନି-୫ ମିସାଇଲ', ମେସିନିଷ୍ଟ ପ୍ରଶିକ୍ଷକ ବିସ୍ମୟ ମଙ୍ଗରାଜ ଓ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ୧୨ଫୁଟ ଉଚ୍ଚତାର 'ଅମର ଯବାନ ସ୍ମୃତି ଚିହ୍ନ' ଲୋକାର୍ପିତ ହୋଇଯାଇଛି। ଏହି ଉତ୍ସବରେ ପୁରୀ ଅତିରିକ୍ତ ଜିଲା ଅଧିକାରୀ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ। ପୁରୀ ମ୍ୟୁନିସିପାଲିଟିର କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ଜିଲା ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ଓ ଅନୁଷ୍ଠାନର ଅଧ୍ୟକ୍ଷ ଅରବିନ୍ଦ ଘୋଷ ଉପସ୍ଥିତ ଥିଲେ।

## ବାରବାଟୀ ଫେଷ୍ଟିଭାଲ

# ମୁଗ୍ଧ କଲା ଶାସ୍ତ୍ରୀୟ ସଙ୍ଗୀତ

କଟକ, ୨୭।୧(ଶିଳ୍ପା ପ୍ରିୟଦର୍ଶିନୀ)




ନାଦନିବାଦ ଅନୁଷ୍ଠାନର ଶିଳ୍ପୀମାନେ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରୁଛନ୍ତି।

କଟକ ସାରଳା ଭବନରେ ବାରବାଟୀ ଫେଷ୍ଟିଭାଲ୍‌ର ଶନିବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଅନୁଷ୍ଠାନର ସଭାପତି ପ୍ରିୟରଞ୍ଜନ ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଗୁରୁ ଏ. ମହେଶ୍ୱର ରାଓ, ଚଳଚ୍ଚିତ୍ର ନିର୍ଦ୍ଦେଶକ ବସନ୍ତ ସାହୁ, ପତ୍ରକାର ସତ୍ୟ ରାୟ ଓ ବ୍ରଜ କିଶୋର ନନ୍ଦ ଯୋଗଦେଇଥିଲେ। ନାଦନିବାଦ ଅନୁଷ୍ଠାନର ଶିଳ୍ପୀମାନେ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରିଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟର ଗୁରୁ ମମତା ସାହୁ ଓ ସ୍ୱପ୍ନାରାଣୀ ସିହ୍ନା ନୃତ୍ୟ ପରିବେଷଣ କରିଥିଲେ। ଏଥିସହ ନଟସୂତ୍ର ଅନୁଷ୍ଠାନ ପକ୍ଷରୁ ଦଳଗତ ନୃତ୍ୟ ପରିବେଷିତ ହୋଇଥିଲା। ଗୁରୁ ଆଶିଷ କୁମାର ଦାସ, ଏନ୍. କାଜଲ ରାଓ, ପ୍ରାଚୀ ମହାପାତ୍ର ଓ ଅମିୟାଂଶୁ କୁମାର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସେହିପରି ଶୁକ୍ରବାର ଉଦ୍‌ଘାଟନୀ କାର୍ଯ୍ୟକ୍ରମକୁ ନୃତ୍ୟାଙ୍ଗନା କୁମ୍‌କୁମ୍ ମହାନ୍ତି ଉଦ୍‌ଘାଟନ କରିଥିଲେ। ଡ. ପ୍ରଭାକର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ଇଂ. ମହମ୍ମଦ ମୋକିମ, ସମ୍ମାନିତ ଅତିଥି ଭାବେ ନୃତ୍ୟମଣ୍ଡଳର ସଭାପତି ପ୍ରିୟରଞ୍ଜନ ଦାସ ଯୋଗଦେଇଥିଲେ। ନାଟ୍ୟକାର ସଞ୍ଜିତ ପଟ୍ଟନାୟକ ଅତିଥି ପରିଚୟ ଓ ଉପସଭାପତି ବ୍ରଜ କିଶୋର ନନ୍ଦ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ସଂକ୍ଷେପରେ

### ଆମ ପଞ୍ଚାୟତ ବିକାଶ କାର୍ଯ୍ୟକ୍ରମ ଉଦ୍‌ଘାଟିତ

**କଟକ ସଦର, ୨୭।୧ (ସୁଶାନ୍ତ କୁମାର ଜେନା)**

କଟକ ସଦର ବ୍ଲକ ଅନ୍ତର୍ଗତ ପରମହଂସଠାରେ ଆମ ପଞ୍ଚାୟତର ବିକାଶ କାର୍ଯ୍ୟକ୍ରମ ଶନିବାର ଉଦ୍‌ଘାଟିତ ହୋଇଯାଇଛି। କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା ଏହାକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ୫ବର୍ଷ ମଧ୍ୟରେ ଉକ୍ତ ପଞ୍ଚାୟତରେ କରାଯାଇଥିବା ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ଏହାଛଡ଼ା ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇ ଜନସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ଅତିରିକ୍ତ ବିଡିଓ ଝାଡେଶ୍ୱର ଦାସ, ସ୍ଥାନୀୟ ସରପଞ୍ଚ ତ୍ରିଲୋଚନ ପାତ୍ର, ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ମହାଳି, ସମିତିସଭ୍ୟା ବବିତା ବେହେରା, ପର୍ଯ୍ୟବେକ୍ଷକ ସରୋଜ ନାୟକ, ସିଡିପିଓ ରଶ୍ମିତା ମହାନ୍ତି, କୃଷି ଅଧିକାରୀ ମୋନାଲିସା ଜେନା, ଡା. ଶୁଭାଶିଷ ଶତପଥୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ପାଲା ପରିବେଷଣ କରାଯାଇଥିଲା।

### ବାଙ୍କୀକୁ ହରାଇ ବେଲିଆପାଳ ଚାମ୍ପିୟନ

**ମାଣିଆବନ୍ଧ, ୨୭।୧ (ଅଖିଳ କୁମାର ସାହୁ):**

ବଡ଼ମ୍ବା ବ୍ଲକ ଅନ୍ତର୍ଗତ ମାଣିଆବନ୍ଧ ପଡ଼ିଆରେ ଚାଲିଥିବା ୪୨ତମ ଜିଲାସ୍ତରୀୟ ମା’ବୁଢ଼ୀ ଦେଇ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ବାଙ୍କୀକୁ ହରାଇ ବେଲିଆପାଳ ଚାମ୍ପିୟନ ହୋଇଛି। ପ୍ରଥମେ ବାଙ୍କୀ ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୨୧୫ ରନ ସଂଗ୍ରହ କରିଥିଲା। ବେଲିଆପାଳ ୧୯.୫ ଓଭରରେ ୫ ଉଇକେଟ ହରାଇ ବିଜୟୀ ହୋଇଥିଲା। ମୁଖ୍ୟଅତିଥିଭାବେ ବିଧାୟକ ଦେବୀପ୍ରସାଦ ମିଶ୍ର, ସମ୍ମାନିତ ଅତିଥିଭାବେ ସନ୍ତରାବାଲୀ ସରପଞ୍ଚଙ୍କ ପ୍ରତିନିଧି ଶ୍ରୀକାନ୍ତ ଜେନା, ମାଣିଆବନ୍ଧ ସରପଞ୍ଚଙ୍କ ପ୍ରତିନିଧି ଅଜୟ ସ୍ୱାଇଁ, ପାଞ୍ଚଶହ ଘର ସଭାପତି ପୀତବାସ ସାହୁ, ୟୁକୋ ବ୍ୟାଙ୍କ ଅଧିକାରୀ ଉମାକାନ୍ତ ଜେନା, ବରିଷ୍ଠ ଶିକ୍ଷାବିତ ସୁଦାମ ସୁଲେମାନ ପ୍ରମୁଖ ଯୋଗଦେଇଥିଲେ। ବେଲିଆପାଳ ଦଳ ପକ୍ଷରୁ ମୁସ୍ତାକ ବେଗ୍ ୩୭ ବଲରେ ୫୪ ରନ କରି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଶେଷ୍ଠ ଖେଳାଳି ଭାବେ ବାଙ୍କୀ ଦଳର ରାଜା ସାହୁ, ଚାମ୍ପିୟନ ଦଳ ଓ ରନର୍ସ ଅପ ଦଳକୁ ମୁଖ୍ୟଅତିଥି ବିଧାୟକ ମିଶ୍ରଙ୍କଠାରୁ ଟ୍ରଫି ସହ ପୁରସ୍କାର ଗ୍ରହଣ କରିଥିଲେ। ସୂର୍ଯ୍ୟମଣି ଦାସ ଓ ସୁବ୍ରତ ଚୌଧୁରୀ ମ୍ୟାଚ୍ ପରିଚାଳନା କରିଥିଲେ। ସମ୍ପାଦକ ଶିବନାରାୟଣ ମିଶ୍ର, କୋଷାଧ୍ୟକ୍ଷ ପ୍ରବିତ୍ର ପ୍ରଧାନ ଓ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

### ରାଜ୍ୟସ୍ତରୀୟ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

**ଆଠଗଡ଼, ୨୭।୧ (ସତ୍ୟପ୍ରସାଦ ରଥ):**

ଆଠଗଡ଼ ଭଲିବଲ ଆସୋସିଏଶନ ଆନୁକୂଲ୍ୟରେ ଆଠଗଡ଼ ରଥଗଡ଼ା ପୁରୁଣା ରାଜବାଟୀ ରାଧାଗୋବିନ୍ଦ ମନ୍ଦିର ନିକଟ ପଡିଆଠାରେ ରାଜ୍ୟସ୍ତରୀୟ ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି।

ଭୁବନେଶ୍ୱର ସ୍ପୋର୍ଟ୍ସ ହଷ୍ଟେଲ, ଇଷ୍ଟକୋଷ୍ଟ ରେଳବାଇ, ବ୍ଲୁ ମୁନ କ୍ଲବ ଭୁବନେଶ୍ୱର, ଭୂମିକା ଭଲିବଲ କ୍ଲବ୍ ଯାଜପୁର ଓ କେଭିଟି କେନ୍ଦ୍ରାପଡ଼ା ଦଳକୁ ନେଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଫାଇନାଲରେ ଭୂମିକା କ୍ଲବକୁ ହରାଇ କେଭିଟି ଚାମ୍ପିୟନ ହୋଇଥିଲା। ଟୁର୍ନାମେଣ୍ଟକୁ ଆଠଗଡ଼ ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ରାଉତ, ଉପଜିଲାପାଳ ପ୍ରଶାନ୍ତ କୁମାର ତରେଇ ପ୍ରମୁଖ ଯୋଗଦେଇ ଶୁଭାରମ୍ଭ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଯୁବନେତା ଆଦିତ୍ୟ ପ୍ରତାପ ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଜୟୀ ଓ ପରାଜିତ ଦଳକୁ ଟ୍ରଫି ସହ ନଗଦ ଅର୍ଥ ରାଶି ପ୍ରଦାନ କରିଥିଲେ। ଦ୍ୱିତୀୟ ଦିନରେ କଟକ ଜିଲା ଗ୍ରାମାଞ୍ଚଳର ୮ ଦଳ ମଧ୍ୟରେରେ ପ୍ରତିଯୋଗିତା ହେବ। ଉଦ୍‌ଯାପନୀ ଉତ୍ସବରେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ପୁରସ୍କାର ବିତରଣ କରିବା ସହିତ କୃତୀ ଓ ବରିଷ୍ଠ କ୍ରୀଡ଼ାବିତଙ୍କୁ ସମ୍ବର୍ଦ୍ଧିତ କରିବେ ବୋଲି ଆୟୋଜକ କମିଟି ପକ୍ଷରୁ ପ୍ରଦ୍ୟୁମ୍ନ କୁମାର ରାୟସାମନ୍ତ ଓ ମିଳନ ଦାସ ସୂଚନା ଦେଇଛନ୍ତି।

# ଯୁବପିଢ଼ି ସାହିତ୍ୟାନୁରାଗୀ ହେବାକୁ ଆହ୍ୱାନ

**ବଡ଼ମ୍ବା ସବୁଜକବି ବୈକୁଣ୍ଠନାଥ ପଟ୍ଟନାୟକଙ୍କ ପୁଣ୍ୟତିଥି**

**ବଡ଼ମ୍ବା, ୨୭।୧ (ମାୟାଧର ମଲ୍ଲିକ):**



ବୈଠକରେ ଯୋଗଦେଇଥିବା ଅତିଥିମାନେ।

ବଡ଼ମ୍ବା ନୀଳକଣ୍ଠେଶ୍ୱର ମନ୍ଦିର ପରିସରରେ ସବୁଜକବି ବୈକୁଣ୍ଠନାଥ ପଟ୍ଟନାୟକଙ୍କ ପୁଣ୍ୟତିଥି ପାଳିତ ହୋଇଯାଇଛି। ବଡ଼ମ୍ବା ବୈକୁଣ୍ଠ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ ବୈଠକରେ ସାହିତ୍ୟ ସଂସଦ ସଭାପତି ଜଗନ୍ନାଥ ବାରିକ ଅଧ୍ୟକ୍ଷତା କରିଥିଲେ। ଶ୍ରୀରାମ ଚନ୍ଦ୍ର ମେଡିକାଲ କଲେଜ ସ୍ନାୟୁରୋଗ ବିଭାଗ ସହକାରୀ ପ୍ରଫେସର ରବିନାରାୟଣ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଯୁବପିଢ଼ି ସାହିତ୍ୟନୁରାଗୀ ହେବାକୁ ଆହ୍ୱାନ କରିଥିଲେ। ମୁଖ୍ୟବକ୍ତାଭାବେ ନରସିଂହପୁର ମହାବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷ କୁଳମଣି ବାରିକ ଓ ସମ୍ମାନିତ ଅତିଥି ଶିକ୍ଷୟିତ୍ରୀ ପୁଲିନ ମିଶ୍ର, ପାଲାଗାୟକ ଭାସ୍କର ଚନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ସମୀକ୍ଷକ ଭାବେ ଗବେଷକ ଦୁର୍ଯ୍ୟୋଧନ ବରାଳ ଯୋଗ ଦେଇଥିଲେ। ସଂସ୍କୃତ ବିଭାଗ ଅଧ୍ୟାପକ ଡ. ସାରଦାନନ୍ଦ ଦାଶ ସଂଯୋଜକ ଭାବେ ମଞ୍ଚ ପରିଚାଳନା କରିଥିଲେ। ଅନୁଷ୍ଠାନ ସମ୍ପାଦକ ଗିରିଜା ପ୍ରସାଦ ମିଶ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସେହିଭଳି ବୈକୁଣ୍ଠ ସାହିତ୍ୟ ସଂସଦ ପ୍ରତିଷ୍ଠାତା ସଭାପତି ସୂର୍ଯ୍ୟନାରାୟଣ ମିଶ୍ରଙ୍କ ସ୍ମୃତିଚାରଣ କରାଯାଇଥିଲା। ମିଶ୍ରଙ୍କ ବଳିଷ୍ଠ କବିତା ଓ ଭାଷା ସାହିତ୍ୟ ଉପରେ ଉପସ୍ଥିତ ଅତିଥିମାନେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପ୍ରଫେସର ପଣ୍ଡା, ବାଙ୍କୀ ସମ୍ପର୍କ ସାହିତ୍ୟ ଅନୁଷ୍ଠାନର ସମ୍ପାଦକ ରବିନାରାୟଣ ମଙ୍ଗରାଜ, ଓଷ୍ଟାର ପୂର୍ବତନ ସମ୍ପାଦକ ପ୍ରଫୁଲ୍ଲ ମହାନ୍ତି, ଓକିଲ ସଂଘ ସଭାପତି ସନ୍ତୋଷ ବେହେରା, ସାମାଜିକ କର୍ମୀ ଶିବନାରାୟଣ ମିଶ୍ର ଓ ସନ୍ତୋଷ ଦେବତାଙ୍କ ସମେତ ବଡ଼ମ୍ବା, ନରସିଂହପୁର, ତିଗିରିଆ, ମାଣିଆବନ୍ଧ, ଆଠଗଡ଼, ବାଙ୍କୀ ଏବଂ ବୈଦେଶ୍ୱର ଅଞ୍ଚଳର ବହୁ ସାହିତ୍ୟିକ, କବୟିତ୍ରୀକବି ଯୋଗଦେଇଥିଲେ। ସାହିତ୍ୟ ସଂସଦ ସଦସ୍ୟ ଅମ୍ବିକା ପ୍ରସାଦ ମିଶ୍ର ଧନ୍ୟବାଦ ଦେଇଥିଲେ।

# ଅହିଂସାକୁ ସମ୍ବିଧାନର ମୁଖପତ୍ରରେ ସ୍ଥାନ ଦିଅ

**ରାଷ୍ଟ୍ରପତିଙ୍କୁ ସ୍ମାରକପତ୍ର**

**ଆଠଗଡ, ୨୭।୧ (ସତ୍ୟ ପ୍ରସାଦ ରଥ)**

ସାଧାରଣତନ୍ତ୍ର ଦିବସ ଅବସରରେ ଆଠଗଡ଼ ଛାତ୍ର ବିଜେଡି ପକ୍ଷରୁ ଅହିଂସାକୁ ସମ୍ବିଧାନର ମୁଖବନ୍ଧରେ ସ୍ଥାନ ଦେବାପାଇଁ ଏକ ଦସ୍ତଖତ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏହି ଅବସର ଆଠଗଡ ପୁରୁଣା ବସଷ୍ଟାଣ୍ଡ ଲକ୍ଷ୍ମୀବଜାର ପଡ଼ିଆରେ ଯୁବନେତା ଭାରତୀୟ ସର୍ବୋଚ୍ଚ ନ୍ୟାୟାଳୟର ଅଧିବକ୍ତା ଆଦିତ୍ୟ ପ୍ରତାପ ସ୍ୱାଇଁ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ଦସ୍ତଖତ ଅଭିଯାନର ପ୍ରାସଙ୍ଗିକତା ବିଷୟରେ ସୂଚନା ଦେଇଥିଲେ। ପରେ ଆଠଗଡ଼ ଏନ୍‌ଏସିସ୍ଥିତ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆଠଗଡ଼ ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ରାଉତ, ଆଠଗଡ଼ ବ୍ଲକ ଓ ଏନଏସି ଯୁବ ବିଜେଡି ସଭାପତି ବିନୋଦ ମାଝି, ଶିବଶଙ୍କର ଜେନା, ଛାତ୍ର ସଭାପତି ସତ୍ୟପ୍ରିୟ ମହାନ୍ତି, ମହମ୍ମଦ ଖଲ୍ଲିଦ ପ୍ରମୁଖ ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ସମାଜରେ ଘୃଣା, ବିଦ୍ୱେଷ, ସାମ୍ପ୍ରଦାୟିକତା ସାମାଜିକ ଓ ସାମ୍ବିଧାନିକ ବ୍ୟବସ୍ଥାକୁ କଳୁଷିତ କରୁଛି। ଏଭଳିସ୍ଥିତିରେ ମହାତ୍ମା ଗାନ୍ଧୀଙ୍କ ଅହିଂସା ନୀତି ସମଗ୍ର ବିଶ୍ୱରେ ଆଦୃତି ଲାଭ କରିଛି। ଏଣୁ ଅହିଂସାକୁ ସମିଧାନ ର ମୁଖବନ୍ଧରେ ସ୍ଥାନ ଦେବାପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଥିବା ଖବରଦାତା ସମ୍ମିଳନୀରେ କୁହାଯାଇଥିଲା।

# ୪ ସେତୁର ଶିଳାନ୍ୟାସ

**ଆଠଗଡ଼, ୨୭।୧ (ସତ୍ୟପ୍ରସାଦ ରଥ):**

ଆଠଗଡ଼ ପୂର୍ତ୍ତ ବିଭାଗ ପକ୍ଷରୁ ପୁରୁଣା କଟକ-ସମ୍ବଲପୁର ରାସ୍ତାର ଚାରବାଟିଆ ପୂର୍ତ୍ତବିଭାଗ ଅନ୍ତର୍ଗତ ଭୂୟାଁ ଯୋର, ଶ୍ରୀଧବଳେଶର ପୀଠ ନିକଟ ପଣସବାଡ ନାଳ, ଆଠଗଡ଼ ବ୍ଲକ ଦହିସରା ନିକଟରେ ସାପୁଆ-କଣ୍ଟିଆ ଢାଉରଙ୍ଗ ଓ ମେଘା-କଟିକିଆସାହି ରାସ୍ତାର ଶ୍ରୀସର୍ପେଶ୍ୱର ମନ୍ଦିର ନିକଟ ସାପୁଆ-ମହାନଦୀର ମିଳନ ସ୍ଥାନ ସାପୁଆ ନଦୀରେ ସେତୁ ନିର୍ମାଣ ପାଇଁ ଶିଳାନ୍ୟାସ କରାଯାଇଛି। କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ଏସବୁ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଏହି ସେତୁଗୁଡିକ ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ତରଫରୁ ଯଥାକ୍ରମେ ; ୪ କୋଟି ୧୪ ଲକ୍ଷ ୫୫ ହଜାର ୪୫୫ଟଙ୍କା, ୪ କୋଟି ୫୭ ଲକ୍ଷ ୧୦ ହଜାର ୯୦୫ ଟଙ୍କା, ୫ କୋଟି ୭୭ ଲକ୍ଷ ୭୧ ହଜାର ୫୫୯ଟଙ୍କା ଓ ୮କୋଟି ୯୨ଲକ୍ଷ ୯୦ ହଜାର ୩୪୮ଟଙ୍କା ବ୍ୟୟବରାଦ କରାଯାଇଛି। ସେତୁ ନିର୍ମାଣ ହେଲେ ଗମନାଗମନ ସୁବିଧା ହେବା ସହ ସ୍ଥାନୀୟ ଅଞ୍ଚଳର ଅଧିବାସୀମାନଙ୍କ ଅର୍ଥନୈତିକ ଅଭିବୃଦ୍ଧି ସମ୍ଭବ ହୋଇପାରିବ ବୋଲି ମନ୍ତ୍ରୀ ସ୍ୱାଇଁ କହିଛନ୍ତି। କାର୍ଯ୍ୟକ୍ରମର ଆଠଗଡ଼ ପୂର୍ତ୍ତବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଦିନେଶ କୁମାର ସାହୁ, ସହକାରୀ ଯନ୍ତ୍ରୀ ପ୍ରଭାତ କୁମାର ବେହେରା, ପ୍ରମୋଦ ମିଶ୍ର, ତହସିଲଦାର ଦିଲୀପ କୁମାର ସ୍ୱାଇଁ ଓ ଜିଲା ପରିଷଦ ସଭ୍ୟ ବଳଭଦ୍ର ବାଘ ପ୍ରମୁଖଙ୍କ ସମେତ ସ୍ଥାନୀୟ ସରପଞ୍ଚ, ସମିତିସଭ୍ୟମାନେ ଉପସ୍ଥିତ ଥିଲେ।



ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏବଂ ଅନ୍ୟମାନେ।

# ପ୍ରତ୍ୟେକେ ନିଜ ଗ୍ରାମକୁ ଭଲପାଇବା ଆବଶ୍ୟକ

**ଅର୍ଥନୀତିଜ୍ଞ ଡ.ଦେବେନ୍ଦ୍ରଚନ୍ଦ୍ର ମିଶ୍ରଙ୍କ ରାଜସ୍ତରୀୟ ଜୟନ୍ତୀ**

**ବାଙ୍କୀ, ୨୭।୧ (ଜ୍ଞାନେନ୍ଦ୍ର ମୋହନ ମିଶ୍ର)**


ଡ.ଦେବେନ୍ଦ୍ରଚନ୍ଦ୍ର ମିଶ୍ରଙ୍କ ରାଜସ୍ତରୀୟ ଜୟନ୍ତୀରେ ଯୋଗଦେଇଥିବା ଅତିଥିମାନେ।

ବାଙ୍କୀ ପ୍ରେସ୍‌କ୍ଲବ ବିଦ୍ୟାରତ୍ନ ଭବନ ପ୍ରାଙ୍ଗଣରେ ଓଡ଼ିଶାର ବିଖ୍ୟାତ ଅର୍ଥନୀତିଜ୍ଞ ସ୍ୱର୍ଗତ ଡ. ଦେବେନ୍ଦ୍ର ଚନ୍ଦ୍ର ମିଶ୍ରଙ୍କ ୧୦୪ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରଜ୍ଞାପୁରୁଷ ସ୍ୱାମୀ ସମର୍ପଣାନନ୍ଦ ଗିରି ମୁଖ୍ୟ ଅତିଥିଭାବେ ଯୋଗଦେଇ ବାଙ୍କୀ ମାଟିରେ ଜନ୍ମିତ ଦେବେନ୍ଦ୍ର ମିଶ୍ର କିପରି ବିଖ୍ୟାତ ଅର୍ଥନୀତିଜ୍ଞ ଭାବେ ଦେଶ ତଥା ରାଜ୍ୟରେ ନିଜ ପରିଚୟ ସୃଷ୍ଟି କରିପାରିଥିଲେ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ସ୍ୱାମୀଜୀ କହିଥିଲେ, ପ୍ରତ୍ୟେକ ବ୍ୟକ୍ତି ନିଜ ଗ୍ରାମକୁ ଭଲପାଇବା ଆବଶ୍ୟକ, ଯୁବପିଢ଼ୀମାନେ ନିଜ ଗ୍ରାମକୁ ଭଲ ପାଇବା ସହ ପୂର୍ବସୁରୀମାନଙ୍କୁ ମନେପକାନ୍ତୁ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇ ବାଙ୍କୀ ମାଟିର ପୁଅ ଦେବେନ୍ଦ୍ରଚନ୍ଦ୍ର ଆମେରିକାର ହାର୍ଭାର୍ଡ ବିଶ୍ୱବିଦ୍ୟାଳୟରେ ଡକ୍ଟରେଟ୍ କରି ଓଡିଶାକୁ ଫେରି ଯୁବସମାଜକୁ ଅର୍ଥନୀତିରେ ଜ୍ଞାନ ପ୍ରଦାନ କରିଥିଲେ ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ସମବାୟ ବିଭାଗ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଭରତ ଚନ୍ଦ୍ର ବେହେରା ଓ ଶିକ୍ଷାବିତ୍ ଅଖିଳବୀରବର ହରିଚନ୍ଦନ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଆଇନ୍‌ଜୀବୀ ହରେକୃଷ୍ଣ ଦାଶ ନିଜ ବକ୍ତବ୍ୟରେ ଡକ୍ଟର ମିଶ୍ରଙ୍କ ଅର୍ଥନୀତିଜ୍ଞ ଜୀବନ କାଳ ଓ ନୀତିଶାସ୍ତ୍ର ସମ୍ପର୍କରେ ଆଲୋଚନା କରିଥିଲେ। ବିଶେଷ ଅତିଥିଭାବେ ଡ. ମିଶ୍ରଙ୍କ ପୁଅ ପ୍ରଫେସର ଡ. ପ୍ରତୀପ କୁମାର ମିଶ୍ର ଓ ପ୍ରଫେସର ଡ. ରଶ୍ମି ମିଶ୍ର ଯୋଗଦେଇଥିଲେ। ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ଉମେଶ ଚନ୍ଦ୍ର ମିଶ୍ର ଅତିଥି ପରିଚୟ ଓ ନୀଳମାଧବ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଖବରଦାତା ଗୌତମ ମିଶ୍ର, ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ପଣ୍ଡା ସହଯୋଗ କରିଥିଲେ।

### ବାଡି ବଗିଚାରେ ଫଳ, ପରିବା ଚାଷ କର

**ନିଶ୍ଚିନ୍ତକୋଇଲି, ୨୭।୧ (ଅଶୋକ କୁମାର ମହାପାତ୍ର)**

ସହରାଞ୍ଚଳ ପରି ଗ୍ରାମାଞ୍ଚଳରେ ମଧ୍ୟ ବାଡ଼ିବଗିଚାରେ ଚାଷ କରିବା ପାଇଁ ଲୋକେ ଅନିଚ୍ଛା ପ୍ରକାଶ କରୁଛନ୍ତି। ଫଳରେ ପନିପରିବାଠାରୁ ଆରମ୍ଭ କରି ଫଳ ପର୍ଯ୍ୟନ୍ତ ବାହାର ରାଜ୍ୟ ଉପରେ ନିର୍ଭର କରିବାକୁ ପଡୁଛି। ତେଣୁ ପ୍ରତ୍ୟେକ ପରିବାର ନିଜ ବାଡି ବଗିଚାରେ ଫଳ ଓ ପରିବା ଚାଷ କରନ୍ତୁ ବୋଲି ଇଂ. ସିଦ୍ଧାର୍ଥ ସ୍ୱରୂପ ଦାଶ ଏକ ଚାଷୀ ସମାବେଶରେ କହିଛନ୍ତି। ଓଡିଶା ସ୍ୱରାଜ ଅଭିଯାନ ପକ୍ଷରୁ ଘରେ ଘରେ ଲେମ୍ବୁ କାର୍ଯ୍ୟକ୍ରମର ଉଦ୍‌ଘାଟନ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ନିଶ୍ଚିନ୍ତକୋଇଲି ଆଦର୍ଶ ସାପ୍ତାହିକ ହାଟରେ ଲୋକଙ୍କୁ ମାଗଣାରେ ଏକ ହଜାରରୁ ଊର୍ଦ୍ଧ୍ୱ ଲେମ୍ବୁଚାରା ବଣ୍ଟନ କରାଯାଇଥିଲା। ନିଶ୍ଚିନ୍ତକୋଇଲି ହାଟରେ ଥିବା ସିଦ୍ଧ ମହାବୀରଙ୍କ ପୀଠରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡିଶା ସ୍ୱରାଜ ଅଭିଯାନର ଉପଦେଷ୍ଟା ଇଂ ସିଦ୍ଧାର୍ଥ ସ୍ୱରୂପ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ।

# ‘କର୍ତ୍ତବ୍ୟ ବିଷୟରେ ସଚେତନ ହୁଅନ୍ତୁ ନାଗରିକ’

**କଟକ, ୨୭।୧ (ଶିଲ୍ପା ପ୍ରିୟଦର୍ଶିନୀ):**



କଟକ ବକ୍ସିବଜାରସ୍ଥିତ ଗୋପବନ୍ଧୁ ପାର୍କ ନିକଟରେ ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳନ କରାଯାଉଛି।

କଟକ ସହରର ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ବେସରକାରୀ କାର୍ଯ୍ୟାଳୟ, ସଙ୍ଗଠନ, ସ୍କୁଲ ଓ କଲେଜରେ ସାଧାରଣତନ୍ତ୍ର ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଅବସରରେ ସବୁଠି ତ୍ରିରଙ୍ଗା ଉଡିଥିଲା।

**ଓଡ଼ିଶା ନାରୀ ସେବା ସଂଘ:** ଏହି ସଂଘ ପକ୍ଷରୁ ସ୍ଥାନୀୟ ନାରୀସେବା ସଦନଠାରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଥିଲା। ସଂଘ ସଭାନେତ୍ରୀ ଡ. ପ୍ରତିମା ମହାପାତ୍ର ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏଥିରେ ସାଧାରଣ ସମ୍ପାଦିକା ଆଭା କାନୁନ୍‌ଗୋ ଯୋଗଦେଇଥିଲେ। ସେହିପରି ସଙ୍ଗଠନର ଅନ୍ୟତମ ସମ୍ପାଦିକା ମୀରା ବେଉରା କହିଛନ୍ତି, ଭାରତ ଭଳି ଗଣତାନ୍ତ୍ରିକ ରାଷ୍ଟ୍ରରେ ପ୍ରତ୍ୟେକ ନାଗରିକ ନିଜର କର୍ତ୍ତବ୍ୟ ଓ ଅଧିକାର ସମ୍ପର୍କରେ ସଚେତନ ହୁଅନ୍ତୁ। ଏହି ଅବସରରେ ବସ୍ତିଅଞ୍ଚଳର ପିଲାଙ୍କ ମଧ୍ୟରେ କ୍ରୀଡ଼ା ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ମଞ୍ଜୁ ସିଂ, କଲ୍ୟାଣୀ ସାହୁ ପ୍ରତିଯୋଗିତା ପରିଚାଳନା କରିଥିଲେ। କୋଷାଧ୍ୟକ୍ଷା ନୟନତାରା ନନ୍ଦ, ଡ. ପ୍ରଭାବତୀ ପଣ୍ଡା, ନମିତା ପଣ୍ଡା, ପଦ୍ମଜା ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ।

**ଇମର୍ତ୍ତିଦେବୀ ମହିଳା କଲେଜ:** ନୟାସଡ଼କସ୍ଥିତ ଇମର୍ତ୍ତିଦେବୀ ମହିଳା କଲେଜରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କଲେଜ ପରିଚାଳନା ସମିତି ସଭାପତି ରବି ରଞ୍ଜନ ସାହୁ ଯୋଗଦେଇଥିଲେ। ଅଧ୍ୟକ୍ଷା ସାଗରିକା ମହାନ୍ତି ପ୍ରାରମ୍ଭିକ ସୂଚନା ଓ ଅଧ୍ୟାପିକା ଅପରାଜିତା ମହାନ୍ତି ଧନ୍ୟବାଦ ଦେଇଥିଲେ।

**କ୍ରେଡିଟ୍ କୋଅପରେଟିଭ ସୋସାଇଟି ଲିଃ:** ଏଠାରେ ମୁଖ୍ୟ ଅତିଥି ଭାବେ କ୍ରେଡିଟ୍‌କୋର ପ୍ରତିଷ୍ଠାତା ସଭାପତି ମହେନ୍ଦ୍ର କୁମାର ନାୟକ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏଥିରେ ସମସ୍ତ କର୍ମଚାରୀ ଉପସ୍ଥିତ ଥିବାବେଳେ ଶାଖା ପରିଚାଳକ ଅତୀଶ କୁମାର ବେହେରା ଧନ୍ୟବାଦ ଦେଇଥିଲେ।

**ବରିଷ୍ଠ ନାଗରିକ ମହାସଂଘ:** ସିଡିଏସ୍ଥିତ ବରିଷ୍ଠ ନାଗରିକ ମହାସଂଘ (ସିବନାମ) ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ସିବନାମର ମହାସଚିବ ଉତ୍କଳ ଭୂଷଣ ରାଉତରାୟ ପତାକା ଉତ୍ତୋଳନ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ନିତ୍ୟାନନ୍ଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ଧରଣୀଧର ପଟ୍ଟନାୟକଙ୍କୁ ବିଶିଷ୍ଟ ସମାଜସେବୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ମହେନ୍ଦ୍ର କୁମାର ମହାପାତ୍ର, ଗୌରାଙ୍ଗ ଦାସ, ଦୁଃଶାସନ ସାହୁ, ବିଜୟ କୁମାର ସାମଲ କାର୍ଯ୍ୟ ସଂଯୋଜନା କରିଥିଲେ।

**ଖ୍ରୀଷ୍ଟ କଲେଜ:** ଖ୍ରୀଷ୍ଟ କଲେଜ ପରିସରରେ ଅଧ୍ୟକ୍ଷା ମଧୁମିତା ପାତ୍ର ପତାକା ଉତ୍ତୋଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ କଲେଜର ସମସ୍ତ ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ଉପସ୍ଥିତ ରହିଥିଲେ।

**ସିଡିଏ ଡିଏଭି ସ୍କୁଲ:** ସିଡିଏ ଡିଏଭି ସ୍କୁଲ ପରିସରରେ ମୁଖ୍ୟ ଅତିଥି ଅଶ୍ୱିନୀ ଗ୍ରୁପ ଅଫ୍ ହସ୍ପିଟାଲ୍‌ର ଚେୟାରମ୍ୟାନ ସୁବ୍ରତ କୁମାର ଜେନା ପତାକା ଉତ୍ତୋଳନ କରିଥିଲେ। ସ୍କୁଲ ଅଧ୍ୟକ୍ଷା ନମିତା ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଜାତୀୟ କ୍ରୀଡାରେ କୃତିତ୍ୱ ଅର୍ଜନ କରିଥିବା ବିଜେତା ଓ ବିଦ୍ୟାଳୟର ବାର୍ଷିକ ପ୍ରଦର୍ଶନୀରେ ଅଂଶଗ୍ରହଣ କରି ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

**ରାମକୃଷ୍ଣ କୁଟୀର:** ବଙ୍ଗାଳୀ ସାହିସ୍ଥିତ ରାମକୃଷ୍ଣ କୁଟୀରରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। କୁଟୀରର ସମ୍ପାଦକ ଗୋକୁଳାନନ୍ଦ ପଟ୍ଟନାୟକ ପତାକା ଉତ୍ତୋଳନ କରିଥିଲେ। ତତ୍ତ୍ୱାବଧାରକ ସୁଭାଷ ଚନ୍ଦ୍ର ସାହୁ ସମ୍ବିଧାନର କାର୍ଯ୍ୟକାରିତା ସମ୍ପର୍କରେ ଆଲୋକପାତ କରିଥିଲେ।

**ରିଟେଲ ଡିଲର ସଂଘ:** ରିଟେଲ ଡିଲର ସଂଘ ପକ୍ଷରୁ ଶଙ୍କରପୁର କେନାଲ ରୋଡ଼ସ୍ଥିତ ସଂଘ କାର୍ଯ୍ୟାଳୟରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଥିଲା। ସଂଘ ସଭାପତି ନିମାଇଁ ଚରଣ ବିଶ୍ୱାଳ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏଥିରେ ସମ୍ପାଦକ ଉମାକାନ୍ତ ସାହୁ, ବୈଷ୍ଣବ ପରିଡା, ମନମୋହନ ଛାଟୋଇ, ଶିବ ପ୍ରସାଦ ରାଉତ, ଶଙ୍କର ଛାଟୋଇ, ରମେଶ କଳିଆ, ଚିନ୍ତାମଣି ରାଉତ, ଗୌର ଗୋପାଳ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

**କଟକ ସଦର, (ସୁଶାନ୍ତ କୁମାର ଜେନା):** କିଶନନଗର ତହସିଲ ସ୍ତରୀୟ ସାଧାରଣତନ୍ତ୍ର ଦିବସ ସ୍ଥାନୀୟ ହାଇସ୍କୁଲ ପଡିଆରେ ପାଳିତ ହୋଇଯାଇଛି। କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏଥିରେ ସ୍ଥାନୀୟ ତହସିଲଦାର ମଧୁସୂଦନ ନାୟକ ଉପସ୍ଥିତ ଥିଲେ। ସେହିପରି ନୂଆ ବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ସଭାପତି ତଥା ଜୟ ଭାରତ ସ୍ୱାଇସେସ୍‌ର ମୁଖ୍ୟ ପରିଚାଳିକା ନନ୍ଦିତା ପଣ୍ଡା ପତାକା ଉତ୍ତୋଳନ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଉପସଭାପତି ପ୍ରଦୀପ୍ତ କୁମାର ଜେନା, କୋଷାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ପାଢ଼ୀ, ସଦସ୍ୟା ଲକ୍ଷ୍ମୀପ୍ରିୟା ଦାସ, ପ୍ରଧାନ ଆଚାର୍ଯ୍ୟ ମନୋଜ ରଞ୍ଜନ ସେଠୀ ଯୋଗଦେଇଥିଲେ।

**ଚୌଦ୍ୱାର, (ଆଶୁତୋଷ ଦାସ):** ଚୌଦ୍ୱାର ମ୍ୟୁନିସିପାଲ ସରକାରୀ ହାଇସ୍କୁଲରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏଥିରେ ବିଧାୟକ ସୌଭିକ୍ ବିଶ୍ୱାଳ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ପରେଡ଼୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ପୌର ନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ର, ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ଏମ୍‌ପିଙ୍କ ପ୍ରତିନିଧି ପ୍ରେମଚାନ୍ଦ ନାୟକଙ୍କ ସମେତ ବହୁ କାଉନ୍ସିଲର ଓ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ସେହିପରି ସ୍ଥାନୀୟ ଶିଶୁ ସଦନ ଏବଂ ଜନସେବକ ହସ୍ପିଟାଲରେ ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁ ପତାକା ଉତ୍ତୋଳନ କରିଥିଲେ। ପ୍ରେସ୍ କ୍ଲବ୍‌ରେ ପୌର ନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ର, ଚୌଦ୍ୱାର ଥାନାରେ ଆଇଆଇସି ବିଶ୍ୱରଞ୍ଜନ ସାହୁ, ଇମ୍ଫା କାରଖାନାରେ ଉପସଭାପତି ବିନୟ କୁମାର ଅଗ୍ରୱାଲ, ଚୌଦ୍ୱାର କଲେଜରେ ଅଧ୍ୟକ୍ଷ ଡ. ଉମେଶ ଚନ୍ଦ୍ର ଦେବତା, ଭାଜପା ଚୌଦ୍ୱାର ମଣ୍ଡଳ ପକ୍ଷରୁ ୧୭ ନମ୍ବର ୱାର୍ଡ ମଙ୍ଗଳା ମଣ୍ଡପରେ ପୂର୍ବତନ ମଣ୍ଡଳ ସଭାପତି ହରିହର ରଣା, ମହାଦେବ କ୍ଲବ୍‌ରେ କାଉନସିଲର ଆଶୁତୋଷ ଦାସ ପତାକା ଉତ୍ତୋଳନ କରିଥିଲେ।

**ବାଙ୍କୀ, (ଜ୍ଞାନେନ୍ଦ୍ର ମୋହନ ମିଶ୍ର):** ବାଙ୍କୀ ଉପଖଣ୍ଡ କଚେରି ପଡ଼ିଆରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଉପଜିଲାପାଳ ଦେବୀ ପ୍ରସାଦ ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇ ପରେଡ ଅଭିବାଦନ ଗ୍ରହଣ କରିଥିଲେ। ବାଙ୍କୀ ଉପଖଣ୍ଡ ସୂଚନା ଲୋକସମ୍ପର୍କ ଅଧିକାରୀ କାଳିଚରଣ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଆଡ୍‌ଭୋକେଟ୍ ଧର୍ମପ୍ରସାଦ ମଙ୍ଗରାଜ କାର୍ଯ୍ୟ ସଞ୍ଚାଳନ କରିଥିଲେ। ସେହିପରି ବାଙ୍କୀ କଲେଜସ୍ଥିତ ଅବସରପ୍ରାପ୍ତ ସୈନିକ ସଂଘ କାର୍ଯ୍ୟାଳୟରେ ସାଧାରଣତନ୍ତ୍ର ଦିବସ ଅବସରରେ ସଂଘ ସଭାପତି ବ୍ରଜବନ୍ଧୁ ପଣ୍ଡା ଜାତୀୟ ପତାକା ଉତ୍ତୋଳନ କରିଥିଲେ।

**ମାହାଙ୍ଗା, (ଯଯାତି ସିଂହ):** ମାହାଙ୍ଗା ବ୍ଲକ କାର୍ଯ୍ୟାଳୟରେ ଅଧ୍ୟକ୍ଷା ଦୀପା ମଲ୍ଲିକଙ୍କ ଦ୍ୱାରା ଜାତୀୟ ପତାକା ଉତୋଳନ କରାଯାଇଥିଲା । ଏଥିରେ ସମ୍ମାନିତ ଅତିଥିଭାବେ ଉପାଧ୍ୟକ୍ଷ ସତ୍ୟନାରାୟଣ ମହାନ୍ତି, ବିଡିଓ ଅମୀୟ କୁମାର ପଣ୍ଡା, ଏବିଡିଓ ଜ୍ଞାନରଞ୍ଜନ ପଣ୍ଡା, ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରଦ୍ୟୁତ ସାହୁ ପ୍ରମୁଖ ଯୋଗଦେଇଥିଲେ। ସେହିପରି ବିଭିନ୍ନ ପଞ୍ଚାୟତ କାର୍ଯ୍ୟାଳୟରେ ପତାକା ଉତ୍ତୋଳନ କରାଯାଇଥିଲା।

**ତିଗିରିଆ, (ଜାଫର ଖାଁ ):** ତିଗିରିଆ ବ୍ଲକ କାର୍ଯ୍ୟାଳୟରେ ସମିତି ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ ଓ ନିଜିଗଡ଼ସ୍ଥିତ ଗାନ୍ଧୀ ପଡ଼ିଆରେ ତହସିଲଦାର ଅକ୍ଷୟ କୁମାର ପରିଡା ଜାତୀୟ ପତାକା ଉତ୍ତୋଳନ ଛାତ୍ରୀ, ଛାତ୍ରଙ୍କ ଦ୍ୱାରା ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ସେହିପରି ବିଭିନ୍ନ ସମବାୟ ସମିତି, ପଞ୍ଚାୟତ କାର୍ଯ୍ୟାଳୟ, ସ୍କୁଲ ଓ କଲେଜ ଗୁଡ଼ିକରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି।

**ବଡମ୍ବା, (ମାୟାଧର ମଲ୍ଲିକ) :** ବଡ଼ମ୍ବା ଟେନିସ ପଡିଆରେ ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ବଡମ୍ବା ତହସିଲଦାର ଶାଶ୍ୱତ ରଞ୍ଜନ ଦାଶ ଯୋଗଦେଇ ପରେଡ୍ ଅଭିବାଦନ ଗ୍ରହଣ କରିଥିଲେ। କାରିଗର ଅର୍ଜ୍ଜୁନ ପାଳ, ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ପ୍ରଧାନ ଶିକ୍ଷକ ଚନ୍ଦ୍ରଶେଖର ମହାନ୍ତି ଓ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ଷଡ଼ଙ୍ଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

**ମାଣିଆବନ୍ଧ, (ଅଖିଳ କୁମାର ସାହୁ):** ବଡ଼ମ୍ବା ବ୍ଲକ ଅନ୍ତର୍ଗତ କୁଆଁରପାଳ ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟ ପରିସରରେ ସାଧାରଣ ତନ୍ତ୍ର ଦିବସ ଉପଲକ୍ଷେ ଏକ ପ୍ରତିଯୋଗିତା ମା’ତାରିଣୀ ପୂଜା ଟ୍ରଷ୍ଟ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟ ପରିଚାଳନା ପରିଷଦ ସଭାପତି ସଞ୍ଜୟ କୁମାର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ଅଧ୍ୟାପକ ପଦ୍ମନାଭ ଶତପଥୀ, ସମ୍ମାନିତ ଅତିଥିଭାବେ ବ୍ଲକ ଶିକ୍ଷା ଅଧିକାରୀ ପ୍ରକାଶ ଚନ୍ଦ୍ର ମତଗଜ ସିଂ, ପୂର୍ବତନ ପ୍ରଧାନ ଶିକ୍ଷକ ପାଣ୍ଡ ଚରଣ ନାଏକ, ସରପଞ୍ଚ ମନୋଜ ପରିଡ଼ା, ସନ୍ତରାବାଳୀ ସରପଞ୍ଚଙ୍କ ପ୍ରତିନିଧି ଶ୍ରୀକାନ୍ତ ଜେନା ଯୋଗଦେଇଥିଲେ।

**ସାଲେପୁର, (ଅରବିନ୍ଦ ଭୂୟାଁ):** ସାଲେପୁର ସଦର ମହକୁମାସ୍ତରୀୟ ପରେଡ଼୍‌ରେ ବିଧାୟକ ପ୍ରଶାନ୍ତ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ପରେଡ୍ ଅଭିବାଦନ ଗ୍ରହଣ କରିଥିବାବେଳେ ସାଲେପୁର ତହସିଲଦାର ଶିବ ମଲ୍ଲିକ, ମଣ୍ଡଳ ଉନ୍ନୟନ ଅଧିକାରୀ ଖଗେଶ୍ୱର ପାତ୍ର ଉପସ୍ଥିତ ଥିଲେ। ସେହିପରି ସାଲେପୁର କୋର୍ଟ ସମେତ ଅନ୍ୟାନ୍ୟ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି।

## ସଂକ୍ଷେପରେ

### ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ

**ଟାଙ୍ଗୀ,୨୭।୧(ରଘୁନାଥ ସାହୁ)**

ଚାନ୍ଦପୁର ମୋହନ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ 'ନୂଆ-ଓ' ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଅଧକ୍ଷା ଝରଣା ସାହୁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ବିଚାରପତି ନାରାୟଣ ମହାପାତ୍ର ଯୋଗଦେଇ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଲୀଳା ସମ୍ପର୍କରେ ବୁଝାଇଥିଲେ। ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରାଧ୍ୟାପକ ବିଜୟ ଜେନା ଯୋଗଦେଇ ସାମ୍ପ୍ରତିକ ସମୟରେ ଓଡ଼ିଆ ଭାଷା ସାହିତ୍ୟର ସୁରକ୍ଷା, ଆବଶ୍ୟକତା ସମ୍ପର୍କରେ ମନ୍ତବ୍ୟ ରଖିଥିଲେ। ଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କ୍ଷୁଦ୍ରଗଳ୍ପ ପ୍ରତିଯୋଗିତାରେ ସ୍ୱର୍ଣ୍ଣଲତା ଦାସ, ହସ୍ତାକ୍ଷରରେ ସୁପ୍ରଭା ବେହେରା, ବ୍ୟାକରଣରେ ସ୍ନେହା ଯାଦବ, କୁଇଜ୍‌ରେ ସ୍ମରଣିକା ରଥ, ତର୍କରେ ଗାୟତ୍ରୀ ସ୍ୱାଇଁ, ଭଜନ ଗାନରେ ଦୀପାଳି ନାୟକ, ପ୍ରବନ୍ଧରେ ସ୍ମରଣିକା ରଥ, ସ୍ଲୋଗାନ୍‌ରେ ରୂପଶ୍ରୀ ବିଶ୍ୱାଳ, ଚିତ୍ରାଙ୍କନରେ ଶ୍ରୀୟା, ନୃତ୍ୟରେ ବର୍ଷାରାଣୀ ବାରିକ ପ୍ରମୁଖଙ୍କୁ ପୁରସ୍କୃତ କରାଯାଇଛି। ନୋଡାଲ ଅଧିକାରୀ ଅଧ୍ୟାପିକା ରଶ୍ମିତା ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କ୍ରୀଡ଼ା ଶିକ୍ଷୟିତ୍ରୀ ଯୁଦ୍ଧଜିତା ପ୍ରଧାନ, ନକୁଳ ଚନ୍ଦ୍ର ପ୍ରଧାନଙ୍କ ସମେତ ସମସ୍ତ ଅଧ୍ୟାପିକା, କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ

**ବେଗୁନିଆ,୨୭।୧(ହର ପ୍ରସନ୍ନ ପଣ୍ଡା)**

ବେଗୁନିଆ ବ୍ଲକ ଅନ୍ତର୍ଗତ କୁଶପଲ୍ଲା ଗ୍ରାମ ସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସାମାଜିକକର୍ମୀ ମହମ୍ମଦ ମୋହିଉଦ୍ଦିନ ଅହମ୍ମଦଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ବ୍ଲକ ଶିକ୍ଷା ଅଧିକାରୀ ଭାସ୍କର ଚନ୍ଦ୍ର ଲେଙ୍କା ଯୋଗଦେଇ ଶୁଭାରମ୍ଭ କରିଥିଲେ। ଅବସରପ୍ରାପ୍ତ ଚିକିତ୍ସକ ଡା.ଅମରେନ୍ଦ୍ର ନାଥ ମହାପାତ୍ର ମୁଖ୍ୟ ବକ୍ତା, ସାମାଜିକକର୍ମୀ ଶେଖ ଗଫାର, ପରିଚାଳନା କମିଟି ସଭାପତି ସଲାମତ ହୋସେନ ଖାଁ ଓ ଅଞ୍ଜଳି ବେହେରା ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଶିକ୍ଷକ ସୁଧାକର ସେଠୀଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତାରେ କୃତୀତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସଭାରେ ପ୍ରଧାନ ଶିକ୍ଷକ ନବଘନ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ସୁଚରିତା ସାମନ୍ତରାୟ ଧନ୍ୟବାଦ ଦେଇଥିଲେ।

# ରାଜପଥରେ ବଢୁଛି ଦୁର୍ଘଟଣା

**ଖୋର୍ଦ୍ଧା,୨୭।୧ (ପ୍ରଭାତ ପାଣିଗ୍ରାହୀ)**

ଭୁବନେଶ୍ୱର-ଚେନ୍ନାଇ ୧୬ନମ୍ବର ଏବଂ ଖୋର୍ଦ୍ଧା-ନୟାଗଡ଼ ୫୭ ନମ୍ବର ଜାତୀୟ ରାଜପଥ ମରଣଯନ୍ତା ପାଲଟିଛି। ପ୍ରତି ମିନିଟ୍‌ରେ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଲୋକଙ୍କ ଜୀବନ ଯିବା ସହ ବହୁ ଗୁରୁତର ହେଉଛନ୍ତି। ରାଜପଥରେ ଦୁର୍ଘଟଣା ହାର ବଢ଼ିଚାଲିଥିବା ବେଳେ ବିଭାଗୀୟ ଅଧିକାରୀମାନେ କେବଳ ଜରିମାନା କାଟିବାରେ ବ୍ୟସ୍ତ ରହୁଛନ୍ତି। ପ୍ରଶାସନ ଓ ପରିବହନ ବିଭାଗ ପକ୍ଷରୁ ଦୁର୍ଘଟଣା ରୋକିବାକୁ ସେଭଳି ଗୁରୁତ୍ୱ ଦିଆଯାଉ ନାହିଁ। ପ୍ରଶାସନ ନୀରଦ୍ରଷ୍ଟା ସାଜିଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି।

ପ୍ରକାଶ ଯେ, ୧୬ ନମ୍ବର ରାଜପଥ ପିତାପଲ୍ଲୀ ଛକଠାରୁ ମଳିପଡା ଏବଂ ୫୭ ନମ୍ବର ରାଜପଥର ଖୋର୍ଦ୍ଧା ଚଣ୍ଡିତୁଆ ଛକଠାରୁ ବୋଲଗଡ ସୀମାନ୍ତବର୍ତ୍ତୀ ରାଜସୁନାଖଳା ମେଡିକାଲ ଛକଠାରୁ ବାଘମାରୀ ପର୍ଯ୍ୟନ୍ତ ରାସ୍ତାରେ ବାରମ୍ବାର ଦୁର୍ଘଟଣା ଘଟୁଛି। ଏହି ରାସ୍ତା ଦେଇ ଦୈନିକ ଭାରିଯାନ, ଘରୋଇ ବସ, କାର, ଦୁଇଚକିଆ ଯାନ ଯାତାୟାତ କରୁଛି। ରାଜପଥର ଉଭୟ ପାର୍ଶ୍ୱରେ ଗ୍ରାମ ରହିଛି। ଫଳରେ ଲୋକେ ଦୈନନ୍ଦିନ ଜୀବନଶୈଳୀ ପାଇଁ ରାଜପଥ ଉପରେ ନିର୍ଭରଶୀଳ। ଏହି ରାସ୍ତା ସମ୍ପ୍ରସାରଣ କାମ ଚାଲିଛି। ତେବେ ନିର୍ମାଣାଧୀନ ସ୍ଥାନରେ ସମ୍ପୃକ୍ତ ଠିକା ସଂସ୍ଥା ପକ୍ଷରୁ କୌଣସି ସାଙ୍କେତିକ ଚିହ୍ନ କିମ୍ବା ବିପଦସଙ୍କୁଳ ରାସ୍ତା ମାର୍କ ଦିଆଯାଉନାହିଁ। ଫଳରେ ଏହି ସ୍ଥାନଗୁଡ଼ିକରେ ଦୁର୍ଘଟଣା ବଢୁଥିବା ଦେଖିବାକୁ ମିଳିଛି। ଗତ ଦୀପାବଳି ସନ୍ଧ୍ୟାରେ ରାଜସୁନାଖଳା ବଜାର ନିକଟରେ ଏକ ଗାଡି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିଲା। ସେହିପରି ଗତ ମେ' ପହିଲାରେ ୫୭ ନମ୍ବର ଜାତୀୟ ରାଜପଥ ମେଡିକାଲ ଛକରେ ଏକ ଯାତ୍ରୀ ବସ ଓ ବାଇକ୍ ମୁହାମୁହିଁ ଧକ୍କାରେ ବାଇକ୍ ଚାଳକଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ୧୬ନଂ. ରାଜପଥରେ ନିର୍ମାଣଧୀନ କଉଡିଖଣୀ ଛକ ଡାଇଭର୍ସନ ପଏଣ୍ଟରେ ସିରିଜ୍ ଦୁର୍ଘଟଣା ଘଟିଥିଲା। ଭୁବନେଶ୍ୱର ପଟୁ ବ୍ରହ୍ମପୁରକୁ ୩ଟି ଟ୍ରକ ପଛକୁ ପଛ ଯାଉଥିଲେ। ପଛକୁ ପଛ ଥିବା ଟ୍ରକ ଭାରସାମ୍ୟ ହରାଇ ପିଟାପିଟି ହୋଇଥିଲେ। ଗତ ଏପ୍ରିଲରେ ଏସ୍‌ପି ଅଫିସ ନିକଟରେ ଟ୍ରକ ଓ ହାଇୱା ଧକ୍କାରେ ୨ଜଣଙ୍କ ମୃତ୍ୟୁ ଘଟିଥିଲା। ସେହି ମାସରେ ୧୬ ନମ୍ବର ଜାତୀୟ ରାଜପଥର ଗଡଖୋର୍ଦ୍ଧା ଛକରେ ଦୁଇ ଗାଡି ମୁହାଁମୁହିଁ ଧକ୍କା ହେବା ଫଳରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୨ଜଣ ଗୁରୁତର ଆହତ ହୋଇଥିଲେ। ୩୦ତାରିଖରେ ୧୬ ନମ୍ବର ଜାତୀୟ ରାଜପଥ ପିତାପଲ୍ଲୀଠାରୁ ଖୋର୍ଦ୍ଧାକୁ ସଂଯୋଗ କରୁଥିବା ସର୍ଭିସ ରୋଡ ନିକଟରେ ଆଇଚର ସହ ମୋ ବସ୍ ମୁହାମୁହିଁ ଧକ୍କା ହୋଇଥିଲା। ଏଥିରେ ଆଇଚର ଡ୍ରାଇଭର ଓ ଜଣେ ମହିଳା ଗୁରୁତର ହୋଇଥିବା ବେଳେ ୧୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ରାଜପଥରେ ଦୁର୍ଘଟଣା କମାଇବା ପାଇଁ ବିଭାଗୀୟ ଅଧିକାରୀମାନେ ବିଭିନ୍ନ ପଦକ୍ଷେପ ନେବାକୁ ଦାବି ହେଉଛି।



କନ୍ଧ ଆମଝରର ସରକାରୀ ପ୍ରାଥମିକ ସ୍କୁଲର ୧୩ତମ ବାର୍ଷିକ ଉତ୍ସବରେ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

## ପୁରସ୍କାର ଛାତ୍ରୀଛାତ୍ରଙ୍କ ଆତ୍ମବିଶ୍ୱାସ ବଢ଼ାଏ

**ଗମ୍ଭାରୀମୁଣ୍ଡା,୨୭।୧(ଦିଲୀପ ସ୍ୱାଇଁ)**

ବାଣପୁର ବ୍ଲକର ମୋରାମୋରୀ ପଞ୍ଚାୟତର କନ୍ଧ ଆମଝର ସରକାରୀ ପ୍ରାଥମିକ ସ୍କୁଲର ୧୩ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ଶିକ୍ଷା କମିଟି ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷୟିତ୍ରୀ ଦକ୍ଷୀ ପ୍ରଧାନ ଓ ଶିକ୍ଷକ ଅର୍ଜୁନ କୁମାର ପ୍ରଧାନ ସଂଯୋଜନା କରିଥିଲେ। ଏହି ଅବସରରେ ପୂର୍ବତନ ନୟାକୋଟ ସରକାରୀ ମଧ୍ୟ ଇଂରାଜୀ ସ୍କୁଲ ପ୍ରଧାନ ଶିକ୍ଷକ ଶିବପ୍ରସାଦ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ମୋରାମୋରୀ ସରପଞ୍ଚ ବସନ୍ତ କୁମାର ମାଳି, ମୁଖ୍ୟ ବକ୍ତା ଶିକ୍ଷାବିତ୍ ପ୍ରଦୋଷ କୁମାର ଦାସ, ବାଣପୁର ଏବିଇଓ ଲକ୍ଷ୍ମୀ ନାରାୟଣ ପ୍ରସାଦ ନାୟକ,ପୂର୍ବତନ ନାଟୁଣୀ କ୍ଲଷ୍ଟର ସିଆରସିସି ପାଣ୍ଡବ ମହାରଣା, ଶିକ୍ଷା କମିଟିର ସଭାନେତ୍ରୀ ଝାନ୍ସୀ ମାଳି, କନ୍ଧ ଆମଝର ଗ୍ରାମ ସଭାପତି ଆଦିକନ୍ଦ ମାଲ୍ଲ, ୱାର୍ଡ ସଭ୍ୟା ଜୟନ୍ତୀ ବାରିକ, ସୁଧାଂଶୁ କୁମାର ପ୍ରଧାନ, ଗଗନ କୁମାର ପ୍ରଧାନ ଯୋଗଦେଇ ମତବ୍ୟକ୍ତ କରିଥିଲେ। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ମାନବ ସମ୍ବଳର ବିକାଶ ହେଲେ ଜାତିର ବିକାଶ ସମ୍ଭବ

**ବୋଲଗଡ଼,୨୭।୧(ଦେବବ୍ରତ ହୋତା)**

ବୋଲଗଡ଼ ବ୍ଲକ ସାନପଦର ଗ୍ରାମସ୍ଥିତ ସରସ୍ୱତୀ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାମନ୍ଦିର ପରିସରରେ ଆୟୋଜିତ ସଭାରେ ଶିକ୍ଷାବିତ୍ ରାଜକିଶୋର ବ୍ରହ୍ମା ପୌରୋହିତ୍ୟ କରିଥିଲେ। ଗୁରୁମା ସୀମା ଖୁଣ୍ଟିଆଙ୍କ ମଙ୍ଗଳା ଚରଣ ପାଠ ସହ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ସମ୍ପାଦକ ଶିତିକଣ୍ଠ ସାମନ୍ତରାୟ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନ ଆଚାର୍ଯ୍ୟା ସୁନିତା ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ବେଗୁନିଆ ଉପନିବନ୍ଧକ ଅମିତ କୁମାର ସେଠୀ ମୁଖ୍ୟ ଅତିଥି, ବୋଲଗଡ ପରମାନନ୍ଦ କଲେଜର ପୂର୍ବତନ ଅଧକ୍ଷ ରବୀନ୍ଦ୍ର ନାଥ ପାଣିଗ୍ରାହୀ ମୁଖ୍ୟ ବକ୍ତା, ଇଂ.ସନ୍ତୋଷ ସାହୁ, ସ୍ଥାନୀୟ ସରପଞ୍ଚ ବୈକୁଣ୍ଠ ନାଥ ସ୍ୱାଇଁ, ସମିତିସଭ୍ୟ ଦିଲ୍ଲୀପ ମହାପାତ୍ର, ସାମାଜିକକର୍ମୀ ଭାଗୀରଥି ପରମାଣିକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ମାନବ ସମ୍ବଳର ବିକାଶ ହେଲେ ଜାତିର ବିକାଶ ସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଅନୁଷ୍ଠାନ ଦ୍ୱାରା ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଗୁରୁଜୀ ବିଜୟ ମହାରଣା ଧନ୍ୟବାଦ ଦେଇଥିଲେ।

## ଜନ ଜାଗରଣ ସମାବେଶ



ସମାବେଶରେ ଉପସ୍ଥିତ ଅତିଥି ଏବଂ ଜନସାଧାରଣ।

**କୃଷ୍ଣପ୍ରସାଦ,୨୭।୧(କୈଳାସ ଚନ୍ଦ୍ର ପଟ୍ଟନାୟକ)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ବୁଦ୍ଧିବର ପଞ୍ଚାୟତ ଅନ୍ତର୍ଗତ ମା'ନଟା ଠାକୁରାଣୀଙ୍କ ପୀଠରେ ସାମାଜିକକର୍ମୀ ରମେଶ ଚନ୍ଦ୍ର ପ୍ରଧାନଙ୍କ ଦ୍ୱାରା ଜନ ଜାଗରଣ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ସମାବେଶରେ ୫ଶହରୁ ଊର୍ଦ୍ଧ୍ୱ ଜନସାଧାରଣ ଯୋଗଦେଇଥିଲେ। କୃଷ୍ଣପ୍ରସାଦ ଜନସାଧାରଣ କିଭଳି ମୌଳିକ ଅଧିକାରରୁ ବଞ୍ଚିତ ହେଉଛନ୍ତି ପ୍ରଧାନ ଭାଷଣ ମାଧ୍ୟମରେ କହିଥିଲେ। ପାନୀୟଜଳର ବ୍ୟବସ୍ଥା ନାହିଁ, ଚାଷଜମିକୁ ଜଳସେଚନର ସୁବିଧା ନାହିଁ, ଗମନାଗମନ ପାଇଁ ଚିଲିକାରେ ସେତୁ ନିର୍ମାଣ ହେଉନି, ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟ ସେବା, ଶିକ୍ଷକ ସଙ୍କଟ ଭଳି ବିଭିନ୍ନ ଦିଗ ଉପରେ ଉପସ୍ଥାପନ କରିଥିଲେ। ବର୍ତ୍ତମାନ ସମୟରେ ଜନସାଧାରଣ ସଜାଗ ହୋଇ ଆଗାମୀ ନିର୍ବାଚନ ପାଇଁ ଜଣେ ଉତ୍ତମ ବ୍ୟକ୍ତିଙ୍କୁ ବାଛିବା ପାଇଁ ପରାମର୍ଶ ଦେଇଥିଲେ।

## ଅଭିଯୋଗ ଶୁଣିଲେ, ସମାଧାନ ପ୍ରତିଶ୍ରୁତି ଦେଲେ ଏମ୍‌ପି

**ଟାଙ୍ଗୀ,୨୭।୧(ରଘୁନାଥ ସାହୁ)**

କୁହୁଡ଼ି ମଣ୍ଡଳରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଯୋଗଦେଇ ଲୋକଙ୍କ ବିଭିନ୍ନ ଅଭିଯୋଗ ଗ୍ରହଣ କରିବା ସହ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। କୁହୁଡ଼ି ରେଳଷ୍ଟେଶନରେ ହୀରାଖଣ୍ଡ ଓ ପୁରୀ ତିରୁପତି ଏକ୍ସପ୍ରେସ୍ ଟ୍ରେନ୍ ରହଣି ପାଇଁ ଏମ୍‌ପି ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ଜିଲା ସଭାପତି ରଶ୍ମିରଞ୍ଜନ ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାଳୁ ଚରଣ ଖଣ୍ଡାୟତରାୟ, ପୂର୍ବତନ ସରପଞ୍ଚ ପବିତ୍ର ହରିଚନ୍ଦନ, ହେମନ୍ତ କୁମାର ବେହେରା, ସରପଞ୍ଚ ପ୍ରିୟମ୍ବଦା ବେହେରା, ସମିତିସଭ୍ୟା ପୁଷ୍ପଲତା ହରିଚନ୍ଦନ, ରାମ ନାରାୟଣ ଦାଶ, ବିଦ୍ୟୁତ୍ କାଣ୍ଡି, ପୂର୍ବତନ ସରପଞ୍ଚ ଜୟଦେବ ବେହେରା, ମିତ୍ରଭାନୁ ସୁବୁଦ୍ଧି, ନବ କିଶୋର ସାହୁ, ଶ୍ରୀନିବାସ ବିଶ୍ୱାଳ, ମଞ୍ଜୁଲତା ଇନ୍ଦ୍ରଜିତ, ନିରଞ୍ଜନ ବଳବନ୍ତରାୟ, ଚୈତନ୍ୟ ପରିଡ଼ା, ସୁନୀଲ ସାମନ୍ତସିଂହାର ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ଥିଲେ।

## ଏସ୍‌ପିଏମ୍ କ୍ଲବ ବିଶାଖାପାଟଣା ବିଜୟୀ



ଅତିଥିଙ୍କ ଗହଣରେ ଖେଳାଳି ଏବଂ ଅନ୍ୟମାନେ।

**ଟାଙ୍ଗୀ,୨୭।୧(ରଘୁନାଥ ସାହୁ)**

ଛଣଗିରି ମା' ଭଗବତୀ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ଖେଳପଡ଼ିଆରେ ଅନୁଷ୍ଠିତ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ଶନିବାର ଏସ୍‌ପିଏମ୍ ଫୁଟ୍‌ବଲ କ୍ଲବ ବିଶାଖାପାଟଣା ଓ ଥ୍ରୀ ଷ୍ଟାର ଫୁଟ୍‌ବଲ କ୍ଲବ ସମ୍ବଲପୁର ମଧ୍ୟରେ ମ୍ୟାଚ୍ ହୋଇଥିଲା। ମ୍ୟାଚ୍ ସଂଘର୍ଷପୂର୍ଣ୍ଣ ହୋଇଥିବା ବେଳେ ୩-୧ ଗୋଲରେ ଏସ୍‌ପିଏମ୍ ଫୁଟ୍‌ବଲ କ୍ଲବ ବିଜୟୀ ହୋଇଛି। ସଫିକୁଲ ଖାନ୍, ଅମିତ୍ ନାୟକ, ନିରଞ୍ଜନ ସାମନ୍ତରାୟ ଓ ଲକି ସାମନ୍ତରାୟ ମ୍ୟାଚ୍ ପରିଚାଳନା କରିଥିଲେ। ଅତିଥିଭାବେ ରାଜ୍ୟ ବିଜୁ ମହିଳା ଜନତା ଦଳ ଉପସଭାପତି ବାସନ୍ତୀ ମହାପାତ୍ର ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ମନୋରଞ୍ଜନ ସାମନ୍ତରାୟ, ଛଣଗିରି ସରପଞ୍ଚ ପୂର୍ଣ୍ଣିମା ମହାପାତ୍ର, ସମିତିସଭ୍ୟ ତୋଫାନ ବରିଶଲପ୍ରମୁଖ ଉପସ୍ଥିତ ଥିଲେ। ଆୟୋଜକ କ୍ଲବର ସଦସ୍ୟମାନେ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

## ଫାଇନାଲରେ ଜଗା ୟୁନାଇଟେଡ୍ ଭୁବନେଶ୍ୱର

**ବୋଲଗଡ଼,୨୭।୧(ଦେବବ୍ରତ ହୋତା)**

ବୋଲଗଡ଼ ବ୍ଲକ ଗୋପାଳପୁର ପଞ୍ଚାୟତ ଦେଉଳିସ୍ଥିତ ତୁଳସୀବେରେଣା ଖେଳପଡ଼ିଆରେ ଶନିବାର ସର୍ବଭାରତୀୟ ଆଞ୍ଚଳିକ କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ଅନ୍ତିମ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଭୁବନେଶ୍ୱରର ଜଗା ୟୁନାଇଟେଡ୍ ଓ ଢେଙ୍କାନାଳର ପପୁଲାର କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଜଗା ୟୁନାଇଟେଡ୍‌ର ୧୪ ନମ୍ବର ଜର୍ସି ଖେଳାଳି ଗୋଟିଏ ଗୋଲ ଦେଇଥିଲେ। ତେବେ ମ୍ୟାଚ୍ ଶେଷସୁଦ୍ଧା ପପୁଲାର କ୍ଲବ କୌଣସି ଗୋଲ ଦେଇ ନ ପାରି ପରାଜିତ ହୋଇଥିଲା। ୧-୦ ଗୋଲରେ ଜଗା ୟୁନାଇଟେଡ୍ ବିଜୟୀ ହୋଇଛି। ସଖାବତ୍ ଅଲ୍ଲୀ ଖାଁ ମ୍ୟାଚ୍ ପରିଚାଳନା କରିଥିବା ବେଳେ ଲାଇନ୍ସରେ ସୁଶାନ୍ତ ମିଶ୍ର ଓ ଶିବ ସାମନ୍ତରାୟ ସହାୟତା କରିଥିଲେ। ରିଜର୍ଭ ରେଫରି ଭାବେ ସୁଜିତ୍ ପାତ୍ର ଉପସ୍ଥିତ ଥିଲେ। ଅତିଥିଭାବେ ରାଜସ୍ୱ ପ୍ରଶିକ୍ଷଣ କେନ୍ଦ୍ର ଭୁବନେଶ୍ୱରର ଉପନିର୍ଦ୍ଦେଶକ ସୌମ୍ୟକାନ୍ତ ସୌମ୍ୟଦର୍ଶୀ, ନେହେରୁ ଯୁବକେନ୍ଦ୍ର ଭୁବନେଶ୍ୱରର ଯୁବ ଅଧିକାରୀ ବିପିନ କୁମାର, ନାଗାଲାଣ୍ଡ ୟୁନିଭର୍ସିଟିର ପ୍ରଫେସର ପ୍ରଦୀପ ପଟ୍ଟନାୟକ, ସାମାଜିକ କର୍ମୀ ସତୀ ପଟ୍ଟନାୟକ, ଅବୁବକ ଖାଁ ଓ ତୃପ୍ତିରଞ୍ଜନ ବରିଶଲ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ତୁଳସୀବେରେଣା, ଦେଉଳି, ଦକ୍ଷିଣ ପାରିଖେଡା, ଜାମୁସାହି ଓ ନୂଆପଲ୍ଲୀ ଆଦି ଗ୍ରାମର ଯୁବକମାନେ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

## ଆନ୍ତଃଜିଲା ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନୀ ଦିବସରେ ଅତିଥିଙ୍କ ଗହଣରେ ଖେଳାଳିମାନେ।

**ବାଲୁଗାଁ,୨୭।୧(ସଂଗ୍ରାମ ପାଇକରାୟ)**

ବାଲୁଗାଁସ୍ଥିତ ମା'ମଙ୍ଗଳା ବ୍ୟାଡ୍‌ମିଣ୍ଟନ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ଗୋପବନ୍ଧୁ ନଗରଠାରେ ଆନ୍ତଃଜିଲା ବ୍ୟାଡ୍‌ମିଣ୍ଟନ ଚମ୍ପିୟାନଶିପ୍ ଟୁର୍ଣ୍ଣାମେଣ୍ଟ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଅତିଥିଭାବେ ବାଲୁଗାଁ ଏନ୍‌ଏସି ଅଧକ୍ଷା ସୁକାନ୍ତି ପାଇକରାୟ, ପୂର୍ବତନ ବିଧାୟକ ରଘୁନାଥ ସାହୁ, ଖୋର୍ଦ୍ଧା ଜିଲା ପରିଷଦ ଉପାଧକ୍ଷ ଗୋପୀନାଥ ମହାରଣା, ବାଲୁଗାଁ ଏସ୍‌ଡିପିଓ ଶୁଭ୍ରାଂଶୁ ଶେଖର ମିଶ୍ର, ଥାନା ଆଇଆଇସି ଜୟ ପ୍ରକାଶ ପରିଡା, ଯୁବ ନେତା ପ୍ରଭାସ ସୁନ୍ଦରାୟ ପ୍ରମୁଖ ଯୋଗଦେଇ ଏହି ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଦୁଇଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ବିଭିନ୍ନ ଜିଲାର ୨୦ରୁ ଊର୍ଦ୍ଧ୍ୱ ଟିମ ଅଂଶଗ୍ରହଣ କରିଛନ୍ତି। ରବିବାର ସନ୍ଧ୍ୟାରେ ଏହି ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହେବ।

# ସମ୍ବିଧାନକୁ ସମ୍ମାନ ଦେବା ସମସ୍ତଙ୍କ କର୍ତ୍ତବ୍ୟ

**ଖୋର୍ଦ୍ଧା,୨୭।୧(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଜିଲାର ବିଭିନ୍ନ ସ୍ଥାନରେ ୭୫ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ, ଏସ୍‌ପିଙ୍କ କାର୍ଯ୍ୟାଳୟରେ ଏସ୍‌ପି ସିଦ୍ଧାର୍ଥ କଟାରିଆ, ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ, ପୌର କାର୍ଯ୍ୟାଳୟରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ପ୍ରମୁଖ ପତାକା ଉତ୍ତୋଳନ କରିଥିଲେ। ଖୋର୍ଦ୍ଧା ନଗର କଂଗ୍ରେସ ପକ୍ଷରୁ ଟାଉନହଲ ଛକରେ ଜିଲା ସଭାପତି ତଥା ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ପତାକା ଉତ୍ତୋଳନ କରିଥିଲେ। ସେହିପରି ଭାଜପା ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ କାର୍ଯ୍ୟାଳୟରେ କାର୍ଯ୍ୟକାରିଣୀ ସଦସ୍ୟ କାଳୁଚରଣ ଖଣ୍ଡାୟତରାୟ ପତାକା ଉତ୍ତୋଳନ କରିଥିଲେ। ଖୋର୍ଦ୍ଧା ସାମ୍ବାଦିକ ଭବନରେ ଜିଲା ପ୍ରେସ କ୍ଲବ ପକ୍ଷରୁ ଆୟୋଜିତ ଉତ୍ସବରେ ଜିଲା ସଭାପତି ଖବରଦାତା ଶୁଭ୍ରାଂଶୁ ସାମନ୍ତରାୟ ପତାକା ଉତ୍ତୋଳନ କରିଥିଲେ। ଖୋର୍ଦ୍ଧା କ୍ଲବ, ଇଗଲ କ୍ଲବ ସମେତ ସମସ୍ତ ୟୁଥ କ୍ଲବ, ବ୍ୟବସାୟୀ ସଂଘ ପକ୍ଷରୁ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ଖୋର୍ଦ୍ଧା କୋର୍ଟ ପରିସରରେ ଓକିଲ ସଂଘ ପକ୍ଷରୁ ପତାକା ଉତ୍ତୋଳନ କରାଯାଇଥିଲା। ଜାନକୀବଲ୍ଲଭ ସ୍ମୃତି ଉଦ୍ୟାନରେ ଆୟୋଜିତ ଉତ୍ସବରେ ସାମାଜିକକର୍ମୀ ଗୁରୁଚରଣ ପଟ୍ଟନାୟକ ପତାକା ଉତ୍ତୋଳନ କରିଥିଲେ। ସମ୍ପାଦକ ସଞ୍ଜୟ ପଟ୍ଟନାୟକ, ପ୍ରକାଶ ସାମନ୍ତରାୟ, ପ୍ଲାବନ ପଟ୍ଟନାୟକ, ଶିଳାଦତ୍ୟ ପଟ୍ଟନାୟକ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ପଞ୍ଚ ପାଇକଙ୍କ ପ୍ରତିମୂର୍ତ୍ତି ନିକଟରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ ପତାକା ଉତ୍ତୋଳନ କରିଥିଲେ। ବରୁଣେଇ ଓ ଖୋର୍ଦ୍ଧା ଗଡ଼ ବିକାଶ ପରିଷଦ ପକ୍ଷରୁ ଆୟୋଜିତ ଖୋର୍ଦ୍ଧାଗଡରେ ଆୟୋଜିତ ଉତ୍ସବରେ ଭାଷାତତ୍ତ୍ୱବିତ୍ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପୂର୍ବତନ ବିଧାୟକ ଡ.ଦିଲୀପ ଶ୍ରୀଚନ୍ଦନ, ନରେନ୍ଦ୍ର ପୃଷ୍ଟି, ରାମନାରାୟଣ ଦାଶଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

### ସବୁଠି ଉଡ଼ିଲା ତ୍ରିରଙ୍ଗା



ଖୋର୍ଦ୍ଧା ପଞ୍ଚପାଇକ ପୀଠରେ ପତାକା ଉତ୍ତୋଳନ ଅବସରରେ ଉପସ୍ଥିତ ଅତିଥି।

**ବେଗୁନିଆ (ହର ପ୍ରସନ୍ନ ପଣ୍ଡା):** ବେଗୁନିଆ ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ରାଜେନ୍ଦ୍ର କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ପତାକା ଉତ୍ତୋଳନ କରିବା ସହ ପରଡରେ ଅଭିବାଦନ ଗ୍ରହଣ କରିଥିଲେ। ସେହିପରି ବ୍ଲକ କାର୍ଯ୍ୟାଳୟ ପରିସରରେ ଅଧକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି, ଥାନା ପରିସରରେ ଆଇଆଇସି ଜ୍ୟୋତି ପ୍ରକାଶ ପଣ୍ଡା,ତହସିଲ କାର୍ଯ୍ୟାଳୟରେ ତହସିଲଦାର ତାପସ ବିଶି, ଟିପିସିଓଡିଏଲ କାର୍ଯ୍ୟାଳୟରେ ଇଞ୍ଜିନିୟର ଗୌରାଙ୍ଗ ଚନ୍ଦ୍ର ମଣ୍ଡଳ, ବିଜୁ ଭବନ ପରିସରରେ ସମିତିସଭ୍ୟ ପ୍ରକାଶ ଚନ୍ଦ୍ର ବଳିୟାରସିଂହ, ବିପ୍ଳବୀ ଯୁବ ପରିଷଦରେ ବିଜେଡି ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ସାହୁ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ।

**ବାଲୁଗାଁ (ସଂଗ୍ରାମ ପାଇକରାୟ):** ବାଲୁଗାଁ ଅଞ୍ଚଳର ବିଭିନ୍ନ ସ୍ଥାନରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ବାଲୁଗାଁ ଥାନା, ଏନ୍‌ଏସି କାର୍ଯ୍ୟାଳୟ, ଅଗ୍ନିଶମ ବିଭାଗ, ବାଲୁଗାଁ ମହାବିଦ୍ୟାଳୟ, ବାଲୁଗାଁ ଉଚ୍ଚ ବିଦ୍ୟାଳୟ, ଡିଏଭି ଗୁରୁକୁଳ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଲିଟିଲ୍ ୱାର୍ଲ୍ଡ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟ, ଚିଲିକାରାଣୀ ବିଦ୍ୟାଳୟ ଆଦି ବିଭିନ୍ନ ଶିକ୍ଷାନୁଷ୍ଠାନରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଥିଲା।

**ବୋଲଗଡ଼,(ଦେବବ୍ରତ ହୋତା):** ସ୍ଥାନୀୟ ବାମନ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ବିଧାୟକ ରାଜେନ୍ଦ୍ର କୁମାର ସାହୁ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରି ଅଭିବାଦନ ଗ୍ରହଣ କରିଥିଲେ। ଅତିଥିଭାବେ ମଣ୍ଡଳ ଉନ୍ନୟନ ଅଧିକାରୀ ଶରତ ଚନ୍ଦ୍ର ମଲିକ ଉପସ୍ଥିତ ଥିଲେ। ସେହିପରି ବ୍ଲକ କାର୍ଯ୍ୟାଳୟରେ ବ୍ଲକ ଅଧକ୍ଷା ହୁଲ୍ଲାସ ପ୍ରଧାନ, ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଶିକ୍ଷା ଅଧିକାରୀ ଗୋକୁଳ ଚନ୍ଦ୍ର ବଳବନ୍ତରାୟ, ତହସିଲ ଓ ସବରେଜିଷ୍ଟ୍ରାର କାର୍ଯ୍ୟାଳୟ ପରିସରରେ ତହସିଲଦାର ନିବେଦିତା ପରିଡା ଏବଂ ଥାନା ପରିସରରେ ଆଇଆଇସି ସ୍ନିଗ୍ଧାମୟୀ ବରାଳ ପତାକା ଉତ୍ତୋଳନ କରିଥିଲେ।

**ନିରାକାରପୁର, (ମାନସ ଚନ୍ଦ୍ର ପଟ୍ଟନାୟକ):** ନିରାକାରପୁର ଅଞ୍ଚଳର ବିଭିନ୍ନ ସ୍ଥାନରେ ଗଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଆର୍ଯ୍ୟବିହାରସ୍ଥିତ ସରସ୍ୱତୀ ଶିଶୁବିଦ୍ୟାମନ୍ଦିରରେ ଅନୁଷ୍ଠାନର ସମ୍ପାଦକ ବିଭୁତି ଭୂଷଣ ଆଚାର୍ଯ୍ୟ, ଚିତ୍ରକୂଟ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାବିତ୍ ପ୍ରଫୁଲ୍ଲ ଚନ୍ଦ୍ର ଜେନା, ରେଙ୍ଗଟା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଅମର ଜୟସିଂ ଓ ସାମାଜିକ କର୍ମୀ ଭାସ୍କର ସ୍ୱାଇଁ, ଓଲ୍ହାଣ ହାଇସ୍କୁଲରେ ପ୍ରଧାନ ଶିକ୍ଷୟିତ୍ରୀ ରୋଜାଲିନ ସେଠୀ, ବୋଡ଼ଙ୍ଗରା ସୈନିକ ସ୍କୁଲରେ ପୂର୍ବତନ ସରପଞ୍ଚ ସାଗର ବଳିୟାରସିଂ, ନିରାକାରପୁର ବଣିକସଂଘ କାର୍ଯ୍ୟାଳୟରେ ପୂର୍ବତନ ସଭାପତି ନବଘନ ପରିଡା, ଡିଆ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ରେଣୁବାଳା ବେହେରା ପ୍ରମୁଖ ପତାକା ଉତ୍ତୋଳନ କରିଥିଲେ।

**କୃଷ୍ଣପ୍ରସାଦ (କୈଳାସ ଚନ୍ଦ୍ର ପଟ୍ଟନାୟକ):** କୃଷ୍ଣପ୍ରସାଦ ବ୍ଲକ ପରିସରରେ କୃଷ୍ଣପ୍ରସାଦ ପଞ୍ଚାୟତ ସମିତି ଅଧକ୍ଷା ସରୋଜିନୀ ତରେଇ ପତାକା ଉତ୍ତୋଳନ କରିଥିବା ବେଳେ ବିଡିଓ ବିଜୟ ବେହେରା, ସିଡିପିଓ ମନୋରମା ଦେବୀ ପ୍ରମୁଖ ଉପସ୍ଥିତ ଥିଲେ। ତହସିଲ କାର୍ଯ୍ୟାଳୟରେ ତହସିଲଦାର ପ୍ରଶାନ୍ତ କୁମାର ପଣ୍ଡା, ଥାନା ପରିସରରେ ଆଇଆଇସି ବସନ୍ତ ସାହୁ, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟରେ ସିଡିପିଓ ମନୋରମା ଦେବୀ ପତାକା ଉତ୍ତୋଳନ କରିଥିଲେ। ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ବିଆରସିସି ସତ୍ୟବ୍ରତ ସାହ, ଦଶଦୋଳ ପଡ଼ିଆଠାରେ ନଳିନୀ କାନ୍ତ ଜେନା, ନୂଆପଡ଼ା ବନ ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବନାଞ୍ଚଳ ଅଧିକାରୀ କାଶୀନାଥ ହେମ୍ବ୍ରମ, କୃଷ୍ଣପ୍ରସାଦ ପଞ୍ଚାୟତ ପରିସରରେ ସରପଞ୍ଚ ଇତିଶ୍ରୀ ସିଂହ ପତାକା ଉତ୍ତୋଳନ କରିଥିଲେ।

**ଜଟଣୀ, (ରବୀନ୍ଦ୍ରନାଥ ମହାକୁଡ଼):** ଜଟଣୀ ଲୋକକଲୋନୀସ୍ଥିତ ରେଲୱେ ଖେଳପଡିଆରେ ମଣ୍ଡଳ ରେଳ ପ୍ରବନ୍ଧକ ଏଚ୍.ଏସ୍. ବାଜୱା ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସେହିପରି ଥାନା ଛକଠାରେ ଜଟଣୀ ୟୁଥ୍ ଫେଡେରେଶନ ପକ୍ଷରୁ ପତାକା ଉତ୍ତୋଳନ କରାଯଇଥିଲା। ଏସ୍‌ଆଇ ପି.କେ. ସାହୁ ପତାକା ଉତ୍ତୋଳନ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଅନନ୍ତ ଶତପଥୀ, ବୀରକିଶୋର ସେଠୀ, ଆଶୁତୋଷ ପ୍ରତାପସିଂ, ପ୍ରସନ୍ନ ପାଟଶାଣୀ, ରାମ ମାର୍ଥା, ଶିବପ୍ରସାଦ ମହାପାତ୍ର, ଦୀପକ ମହାକୁଡ଼, ରବୀନ୍ଦ୍ରନାଥ ମହାକୁଡ଼ ଯୋଗଦେଇଥିଲେ। ସେହିପରି ଜଟଣୀ ଥାନା, ଆଇଆଇଟି ଭୁବନେଶ୍ୱର, ନାଇଜର ଭୁବନେଶ୍ୱର, ଜଟଣୀ ମହାବିଦ୍ୟାଳୟରେ ପତାକା ଉତ୍ତୋଳନ କରାଯଇଥଲା।

## ସଂକ୍ଷେପରେ

### ଉପ ଡାକଘର, ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖାରେ ଉଡିଲାନି ତ୍ରିରଙ୍ଗା

ଡେଲାଙ୍ଗ,୨୭।୧(ରଶ୍ମିରଞ୍ଜନ ପ୍ରଧାନ):

ଡେଲାଙ୍ଗ ହାଟ ବଜାରସ୍ଥିତ ଡେଲାଙ୍ଗ- ଉପ ଡାକଘର ଓ ବେରବୋଇସ୍ଥିତ ୟୁନିଅନ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ଜାତୀୟ ପତାକା ଉତ୍ତୋଳନ ନ ହେବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଦେଶରେ ୭୫ତମ ସାଧାରଣନ୍ତ୍ର ଦିବସ ଧୁମ୍‌ଧାମରେ ପାଳିତ ହୋଇଥିବାବେଳେ ଏଠାରେ ଏହାକୁ ଅବମାନନା କରାଯାଇଛି। ଏନେଇ ଉଚ୍ଚ ପଦାଧିକାରୀ ଏଥିପ୍ରତି ଦୃଷ୍ଟି ଦେବା ସହିତ ବିହିତ କାର୍ଯ୍ୟାନୁଷ୍ଠାନ ନେବାକୁ ସ୍ଥାନୀୟ ସରପଞ୍ଚ ଦୀପକ ସାହୁଙ୍କ ସମେତ ଜନସାଧାରଣ ଦାବି କରିଛନ୍ତି। ଅନ୍ୟପଟେ ଡେଲାଙ୍ଗ ବ୍ଲକ କାର୍ଯ୍ୟାଳୟ ପରିସରରେ ପତାକା ଉତ୍ତୋଳନ କାର୍ଯ୍ୟକ୍ରମରେ ବ୍ଲକର ଜଣେ ମାତ୍ର ସାମାଜିକ ସୁରକ୍ଷା ଅଧିକାରୀ ଯୋଗ ଦେଇଥିବାବେଳେ ବିଡିଓ ଓ ଅତିରିକ୍ତ ବିଡିଓ କେହି ଉପସ୍ଥିତ ନ ଥିଲେ। ଏନେଇ ଉପସ୍ଥିତ ଜନପ୍ରତିନିଧିଙ୍କ ମଧ୍ୟରେ ଜନଅସନ୍ତୋଷ ପ୍ରକାଶ ପାଇଥିଲା। ଏନେଇ ସରପଞ୍ଚ ସାହୁଙ୍କୁ ପଚାରିବାରେ, ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇ ଉଚିତ୍ ପଦକ୍ଷେପ ନିଆଯିବ ବୋଲି କହିଥିଲେ।

### ଗାଡ଼ି ଧକ୍କାରେ ବାଇକ୍ ଚାଳକ ମୃତ, ଜଣେ ଗୁରୁତର

ନିରାକାରପୁର,୨୭।୧ (ମାନସ ଚନ୍ଦ୍ର ପଟ୍ଟନାୟକ)

୧୬ ନମ୍ବର ଜାତୀୟ ରାଜପଥର ଜଙ୍କିଆ ଥାନା ଅଧୀନ ଟୋଲ୍‌ଗେଟ୍ ନିକଟରେ ଗାଡ଼ି ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଟାଙ୍ଗୀ ଥାନା ଅନ୍ତର୍ଗତ ପଣସପୁର ପାଟଣା ଗ୍ରାମର ସମୀର କୁମାର ବେହେରା(୩୫)। ସେହିପରି ଆହତ ହେଲେ ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ଅଧୀନ ରାଜିପଡ଼ା କାଟେଣୀ ଅଞ୍ଚଳର ଅଭିମନ୍ୟୁ ବେହେରା(୩୪)। ସୂଚନା ମୁତାବକ, ଉଭୟେ ଏକ ବାଇକ୍‌ରେ ଖୋର୍ଦ୍ଧାରୁ ଟାଙ୍ଗୀ ଅଭିମୁଖେ ଯାଉଥିବା ବେଳେ ଟୋଲ୍‌ଗେଟ୍ ନିକଟରେ ଏକ ଅଜଣା ଗାଡ଼ି ତାଙ୍କ ବାଇକ୍‌କୁ ପଛପଟୁ ଧକ୍କାଦେଇ ପଳାଇଥିଲା। ଫଳରେ ବାଇକ୍‌ରୁ ଛିଟିକି ରାସ୍ତାରେ ପଡ଼ିବାରୁ ସମୀରଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିଲା। ପଛରେ ବସିଥିବା ଅଭିମନ୍ୟୁ ଆହତ ହୋଇଥିଲେ। ଖବରପାଇ ଜଙ୍କିଆ ଓମ୍‌ଶ୍ରୀ ଗ୍ରୁପ୍‌ର ଉପଦେଷ୍ଟା ଭୂଷଣ ଛୋଟରାୟଙ୍କ ସମେତ କମିଟିର କର୍ମକର୍ତ୍ତା ପହଞ୍ଚି ଜଙ୍କିଆ ପୋଲିସକୁ ଖବର ଦେବା ସହିତ ଆହତଙ୍କୁ ଖୋର୍ଦ୍ଧା ମେଡିକାଲ ପଠାଇଥିଲେ। ଜଙ୍କିଆ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଚଳାଇଛି।

# ‘ଆବର୍ଜନାରୁ ଉତ୍କର୍ଷ’ ସମ୍ପର୍କିତ ୩ ବିଶାଳକାୟ ମଡେଲ

ପୁରୀ,୨୭।୧(ଅଜିତ୍ ମହାନ୍ତି):

୭୫ତମ ଗଣତନ୍ତ୍ର ଦିବସ ପାଳନ ଅବସରରେ ଦେଶମାତୃକାର ସେବାରେ ବଳିଦାନ ଦେଇଥିବା ଯବାନଙ୍କ ସ୍ମୃତିଚାରଣ ଏବଂ ଭବିଷ୍ୟତ ପିଢିଙ୍କୁ ପ୍ରେରଣା ପ୍ରଦାନ କରିବା ଉଦ୍ଦେଶ୍ୟରେ ‘ଆବର୍ଜନାରୁ ଉତ୍କର୍ଷ’ ସମ୍ପର୍କିତ ୩ଟି ବିଶାଳକାୟ ମଡେଲ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନର ଛାତ୍ରୀଛାତ୍ରମାନଙ୍କ ପକ୍ଷରୁ ନିର୍ମାଣ କରାଯାଇଛି। ଅନୁଷ୍ଠାନର ଟ୍ରେନର ପ୍ରଶିକ୍ଷକ ପ୍ରଦୀପ କୁମାର ଗିରିଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ‘୧୧ଫୁଟ ଉଚ୍ଚତା ଓ ୧୦ ଫୁଟ ଓସାର ବିଶିଷ୍ଟ ‘ଭାରତୀୟ ମାନଚିତ୍ର’ ନିର୍ମାଣ କରାଯାଇଥିବାବେଳେ ୱେଲ୍‌ଡର ପ୍ରଶିକ୍ଷକ ବିଜୟ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ୨୧ ଫୁଟ ଲମ୍ବ ବିଶିଷ୍ଟ


ଛାତ୍ରୀଛାତ୍ରଙ୍କ ଦ୍ୱାରା ଆବର୍ଜନାରୁ ନିର୍ମାଣ କରାଯାଇଥିବା ମଡେଲ ।

‘ଅଗ୍ନି-୫ ମିସାଇଲ’, ମେଶିନିଷ୍ଟ ପ୍ରଶିକ୍ଷକ ବିସ୍ମୟ ମଙ୍ଗରାଜ ଓ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ୧୨ଫୁଟ ଉଚ୍ଚତାର ‘ଅମର ଯବାନ ସ୍ମୃତି ଚିହ୍ନ’ ଲୋକାର୍ପିତ ହୋଇଯାଇଛି।

ଏହି ଉତ୍ସବରେ ପୁରୀ ଅତିରିକ୍ତ ଜିଲା ଅଧିକାରୀ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅନୁଷ୍ଠାନର ଛାତ୍ରୀଛାତ୍ରଙ୍କ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ। ‘ସ୍କିଲ୍‌ଡ ଇନ୍ ଓଡ଼ିଶା’ ଟ୍ୟାଗ୍ ଲାଇନ୍ ଅଧୀନରେ ଆଇଟିଆଇ ଛାତ୍ରୀଛାତ୍ରଙ୍କ ଦକ୍ଷତାର ସୁବିନିଯୋଗର ଏହା ହେଉଛି ଏକ ପ୍ରକୃଷ୍ଟ ଉଦାହରଣ ବୋଲି ପୁରୀ ମ୍ୟୁନିସିପାଲିଟିର କାର୍ଯ୍ୟନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ ଏବଂ ଜିଲା ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ମତ ପ୍ରକାଶ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଅରୋବିନ୍ଦ ଘୋଷଙ୍କ ପ୍ରେରଣା ଓ ତତ୍ତ୍ୱାବଧାନରେ ସ୍ଥାପିତ ଏହି ଉଚ୍ଚକୋଟିର କୃତି ଆଗାମୀ ଛାତ୍ରୀଛାତ୍ରଙ୍କୁ ନିଶ୍ଚିତ ପ୍ରେରଣା ପ୍ରଦାନ କରିବ ବୋଲି ଅତିଥିମାନେ ମତବ୍ୟକ୍ତ କରି କହିଥିଲେ।

## ବିଜେଡି ନିର୍ବାଚନମଣ୍ଡଳୀସ୍ତରୀୟ ପର୍ଯ୍ୟବେକ୍ଷକ ସମାବେଶ


ସମାରୋହରେ ମଞ୍ଚାସୀନ ଅତିଥିବୃନ୍ଦ।

ନିମାପଡ଼ା,୨୭।୧(ବିଚିତ୍ରାନନ୍ଦ ସାହୁ):

ବିଜେଡି ପକ୍ଷରୁ ନିର୍ବାଚନମଣ୍ଡଳୀସ୍ତରୀୟ ଏକ ପର୍ଯ୍ୟବେକ୍ଷକ ସମାବେଶ ନିମାପଡ଼ା ଗ୍ରୀନଲାଣ୍ଡ ମଣ୍ଡପଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ବିଧାୟକ ସମୀର ରଞ୍ଜନ ଦାଶ, ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ, ବିଜେଡି ନଗର ସଭାପତି ଜୀବନାନନ୍ଦ ମହାପାତ୍ର, ନିମାପଡ଼ା ବ୍ଲକ ବିଜେଡି ସଭାପତି ଅଶୋକ ସାହୁ, ଗୋପ ବ୍ଲକ ବିଜେଡି ସଭାପତି ମଧୁସୂଦନ ପାଇକରାୟ ପ୍ରମୁଖ ଯୋଗଦେଇଥିଲେ। ବୈଠକରେ ଆଗାମୀ ସାଧାରଣ ନିର୍ବାଚନ ପାଇଁ ଦଳ ପକ୍ଷରୁ ବ୍ୟାପକ ପ୍ରସ୍ତୁତି, ବିଭିନ୍ନ ରଣନୀତି ଓ ଖସଡ଼ା ପ୍ରସ୍ତୁତ କରାଯାଇଥିଲା। ପ୍ରତି ୱାର୍ଡରେ ନିର୍ବାଚନ କମିଟି ବୈଠକ, ଘରେ ଘରେ ଶଙ୍ଖ ପୋଷ୍ଟର ଲଗାଯିବା, ଗୃହ ଟ୍ୟାଗିଂ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯିବାକୁ ଓ ନିର୍ବାଚନ ସଂକ୍ରାନ୍ତୀୟ ସମସ୍ତ କାର୍ଯ୍ୟକ୍ରମକୁ ନିଷ୍ଠାର ସହ କରିବାକୁ ବିଧାୟକ ଦାଶ ପରାମର୍ଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଯୋଜନାକୁ ଲୋକଙ୍କ ପାଖରେ ପହଞ୍ଚାଇବା ଓ ନବୀନ ପଟ୍ଟନାୟକଙ୍କୁ ୬ଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରାଇବାକୁ ବିଧାୟକ ଦାଶ ମତପ୍ରକାଶ କରିଥିଲେ। ଏହି ନିର୍ବାଚନ ମଣ୍ଡଳୀସ୍ତରୀୟ ସମାବେଶରେ ନିମାପଡ଼ା ଓ ଗୋପ ବ୍ଲକ ଏବଂନିମାପଡ଼ା ଏନ୍‌ଏସିର ୭୦ ଜଣ ଦଳୀୟ ପର୍ଯ୍ୟବେକ୍ଷକ ଯୋଗଦେଇଥିଲେ। ଆଗାମୀ ନିର୍ବାଚନରେ ନିମାପଡ଼ା ନିର୍ବାଚନମଣ୍ଡଳୀରେ ବିଜେଡି ପ୍ରାର୍ଥୀଙ୍କୁ ବିଜୟୀ କରିବାକୁ ପର୍ଯ୍ୟବେକ୍ଷକମାନେ ଶପଥ ନେଇଥିଲେ।

## ଏସ୍‌ସିଏସ୍ ମହାବିଦ୍ୟାଳୟରେ ଜାତୀୟ ଶିକ୍ଷା ଆଲୋଚନାଚକ୍ର

ପୁରୀ,୨୭।୧(ଅଜିତ୍ ମହାନ୍ତି):

ସାମନ୍ତ ଚନ୍ଦ୍ରଶେଖର (ଏସ୍‌ସିଏସ୍) ସ୍ୱୟଂଶାସିତ ମହାବିଦ୍ୟାଳୟ ଶିକ୍ଷକ ବିଭାଗ ପକ୍ଷରୁ ଜାତୀୟ ଶିକ୍ଷାନୀତି ୨୦୨୦ରେ ମୌଳିକ ମୂଲ୍ୟ ବୋଧର ପ୍ରତିଫଳନ ସମ୍ପର୍କିତ ୨ ଦିନିଆ ପାଠଚକ୍ର ଅତିଥିଙ୍କ ଦ୍ୱାରା ଶନିବାର ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଡ. ମିହିର ପ୍ରସାଦ ମିଶ୍ର ଉକ୍ତ ପାଠଚକ୍ରରେ ସଭାପତିତ୍ୱ କରିବା ସହ ଶିକ୍ଷାର ମୂଲ୍ୟବୋଧ ଭୂମିକା ଓ ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଏଭଳି କାର୍ଯ୍ୟକ୍ରମ ଆୟୋଜନ ଦ୍ୱାରା ଛାତ୍ରୀଛାତ୍ରଙ୍କ ମଧ୍ୟରେ ନୂତନ ଜ୍ଞାନ ସଂରଚନା, ଶିକ୍ଷା ପ୍ରତି ଆଗ୍ରହ ବୃଦ୍ଧି ତଥା ଜାତୀୟ ମୂଲ୍ୟବୋଧ ପ୍ରତି ଆଗ୍ରହ ବୃଦ୍ଧି ସମ୍ପର୍କରେ ସାରଗର୍ଭକ ମତ ରଖିଥିଲେ। ମହାବିଦ୍ୟାଳୟ ପୂର୍ବତନ ଉପାଧ୍ୟକ୍ଷ ଡ. ଶଙ୍କର୍ଷଣ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ଶିକ୍ଷାନୀତି ୨୦୨୦ ମାଧ୍ୟମରେ କିପରି ଯୁବପିଢ଼ିଙ୍କ ମଧ୍ୟରେ ନୂତନ ଜ୍ଞାନକୌଶଳ, ଚିନ୍ତନ ଓ ବାସ୍ତବିକ ମୌଳିକ ମୂଲ୍ୟବୋଧର ବିକାଶ ଘଟିବ ତାହା ଦର୍ଶାଇଥିଲେ। ଶିକ୍ଷକ ଶିକ୍ଷା ବିଭାଗର ସଂଯୋଜକ ଡ. ଗୌରୀଶଙ୍କର ମଲ୍ଲିକ ଜାତୀୟ ଶିକ୍ଷାନୀତିର ବୈଶିଷ୍ଟ୍ୟ ସମ୍ପର୍କରେ କହିଥିଲେ। ଶିକ୍ଷା ବିଭାଗ ମୁଖ୍ୟ ଡ. ଶୁଭାଶିଷ ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିଲେ। ଜାତୀୟ ପାଠଚକ୍ର ସଂଯୋଜକ ଡ. ସୁମନ୍ତ ପଣ୍ଡା, ଅଧ୍ୟାପକ ମନୋଜ ରାଉତ, ଅଧ୍ୟାପିକା ସଂଘମିତ୍ରା ପାଣିଗ୍ରାହୀ ଉପସ୍ଥିତ ଥିଲେ। ଅଧ୍ୟାପିକା ଡ. ସ୍ନିଗ୍ଧା ମିଶ୍ର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଅଧ୍ୟାପକ ଡ. ରୁପାଲୀ ଅପରାଜିତା ମହାନ୍ତି ବୈଷୟିକ କଳାଂଶର ପରିଚାଳନା କରିଥିଲେ। ଅଧ୍ୟାପକ ଉତ୍ତମ ବେହେରା, ଅଧ୍ୟାପକ ଅଶୋକ ନାୟକ, ଅଧ୍ୟାପିକା ଡ. କାନ୍ତିପ୍ରଭା ପତି, ଅଧ୍ୟାପକ ଶ୍ୟାମା ପ୍ରସାଦ ମିଶ୍ର, ଅଧ୍ୟାପକ ବଟକୃଷ୍ଣ ପ୍ରଧାନ, ଅଧ୍ୟାପିକା ନିକିତା ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପିକା ଡ. ବିଦ୍ୟୁତ୍‌ପ୍ରଭା ନାୟକ ଆଲୋଚନାଚକ୍ରର ବିବରଣୀ ଉପସ୍ଥାପନା କରିଥିବାବେଳେ ଅଧ୍ୟାପିକା ଡ. ସ୍ନେହଲତା ପ୍ରଧାନ ଧନ୍ୟବାଦ ଦେଇଥିଲେ।




ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି ଏବଂ ଛାତ୍ରୀଛାତ୍ରମାନେ ।

## ବସ୍ ବିକ୍ରି ଆଳରେ ୭୦ ଲକ୍ଷ ଠକେଇ, ଦମ୍ପତି ଗିରଫ

ଭୁବନେଶ୍ୱର,୨୭।୧ (ସୂର୍ଯ୍ୟକାନ୍ତ ବେହେରା)

ବସ୍ ବିକ୍ରି ଆଳରେ ୭୦ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ଭରତପୁର ଥାନା ପୋଲିସ ଏକ ଦମ୍ପତିଙ୍କୁ ଗିରଫ କରିଛି। ସେମାନେ ହେଲେ ଏହି ଥାନା ଅନ୍ତର୍ଗତ ମଧୁସୂଦନ ନଗରରେ ରହୁଥିବା ଜଟଣୀ ଥାନା ଇଚ୍ଛାପୁର ପାଟଣାର ମୁସ୍ତାକ ଅଲ୍ଲୀ ଓ ସୋଫିଆ ସୁଲ୍‌ତାନ। ସେମାନଙ୍କଠାରୁ ବସ୍ ଜବତ ହୋଇଛି। ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁସାରେ, ଅଭିଯୋଗକାରୀ ଅଶ୍ୱିନୀ କୁମାର ଶାରଙ୍ଗୀଙ୍କ ଭାଇ ଆଶୁତୋଷ ଜଣେ ବସ୍ ମାଲିକ। ଗତ ୨୦୨୦ରେ ଆଶୁତୋଷଙ୍କ ସହ ଅଭିଯୁକ୍ତ ମୁସ୍ତାକଙ୍କର ସାକ୍ଷାତ ହୋଇ ସମ୍ପର୍କ ବଢିଥିଲା। ପରବର୍ତ୍ତୀ ସମୟରେ ଆଶୁତୋଷଙ୍କର ଜଣେ ସମ୍ପର୍କୀୟ ଭାଇ ରଶ୍ମୀ ରଞ୍ଜନଙ୍କର ମଧ୍ୟ ଅଭିଯୁକ୍ତ ମୁସ୍ତାକଙ୍କ ସହ ସମ୍ପର୍କ ହୋଇଥିଲା। ଅଭିଯୁକ୍ତ ଜଣକ ନିଜକୁ ୩ଟି ବସ୍‌ର ମାଲିକ ପରିଚୟ ଦେବା ସହ ବରମୁଣ୍ଡା ବସ୍‌ଷ୍ଟାଣ୍ଡରୁ ବସ ଚାଲୁଥିବା କହିଥିଲେ। କୋଭିଡ୍ ମହାମାରୀ ଯୋଗୁ ବ୍ୟବସାୟରେ କ୍ଷତି ହୋଇଥିବାରୁ ସେ ତାଙ୍କର ୩ଟି ବସ୍ କମ ମୂଲ୍ୟରେ ବିକ୍ରୟ କରିବା ପାଇଁ ରଶ୍ମୀ ରଞ୍ଜନଙ୍କ ମାଧ୍ୟମରେ ଅଶ୍ୱିନୀ ଓ ତାଙ୍କର ଭାଇ ଆଶୁତୋଷଙ୍କୁ ଯୋଗାଯୋଗ କରିବା ସହ କିଣିବା ପାଇଁ ପ୍ରସ୍ତାବ ଦେଇଥିଲେ। ୨୦୨୧ରେ ନୋଟାରିରେ ଚୁକ୍ତି କରି ଅଭିଯୁକ୍ତ ମୁସ୍ତାକ ଓ ତାଙ୍କ ସ୍ତ୍ରୀ ସୁଫିଆ ବରମୁଣ୍ଡା ବସ୍‌ଷ୍ଟାଣ୍ଡରେ ଥିବା ଗୋଟିଏ ବସ୍‌କୁ ବନ୍ଧକ ରଖି ଆଶୁତୋଷଙ୍କଠାରୁ ବିଭିନ୍ନ ପର୍ଯ୍ୟାୟରେ ମୋଟ ୭୦ ଲକ୍ଷ ଟଙ୍କା ନେଇଥିଲେ। ହେଲେ ବସ୍‌ର ମାଲିକାନା ସ୍ଥାନାନ୍ତର କରି ନ ଥିଲେ। ଠକେଇର ଶିକାର ହୋଇଥିବା ଜାଣିବା ପରେ ଆଶୁତୋଷଙ୍କ ଭାଇ ଅଶ୍ୱିନୀ ଭରତପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ।

## ଜାତୀୟ ପତାକା ଉଡ଼ାଇଲେ ବିଭିନ୍ନ ଅନୁଷ୍ଠାନ

ପୁରୀ,୨୭।୧(ଅଜିତ୍ ମହାନ୍ତି):

ବିଭିନ୍ନ ଅନୁଷ୍ଠାନ, ସଂଗଠନ ଓ ବିଦ୍ୟାଳୟ ପକ୍ଷରୁ ୭୫ତମ ସାଧାରଣତନ୍ତ୍ର ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଅଠରନଳା, ଶିକ୍ଷାଶ୍ରୀ ଲେନ୍ ସ୍ଥିତ ଭଗବତୀ ବିଦ୍ୟା ନିକେତନରେ ମୁଖ୍ୟ ଅତିଥି ରୂପେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଶିଶୁ ସାହିତ୍ୟିକ ବୀରେନ୍ଦ୍ର ମହାନ୍ତି ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ବିଦ୍ୟାଳୟର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ଇଣ୍ଡିଆନ ଅଲିମ୍ପିୟାଡ ପରୀକ୍ଷାରେ ଜୋନାଲସ୍ତରକୁ ଉତ୍ତୀର୍ଣ୍ଣ ହୋଇଥିବା ପରୀକ୍ଷାର୍ଥୀଙ୍କୁ ମେଡାଲ ଓ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ସେହିପରି ଗୁଣ୍ଡିଚା ମନ୍ଦିର, ହରିହର ବିହାରସ୍ଥିତ କଳିଙ୍ଗ ସ୍ମାର୍ଟ ସ୍କୁଲରେ ଅଧ୍ୟକ୍ଷା ପ୍ରଜ୍ଞା ଶୁଭମିତା ପ୍ରତିହାରୀ ପତାକା ଉତ୍ତୋଳନ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ଚାରୁ ଓ କାରୁକଳା ମହାବିଦ୍ୟାଳୟ ଅଧ୍ୟକ୍ଷ ପତାକା ଉତ୍ତୋଳନ କରିବା ପରେ ବିଧାୟକ ଜୟନ୍ତ ଷଡଙ୍ଗୀ ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟନ କରିଥିଲେ। ୫୭ ଛାତ୍ରୀଛାତ୍ର ଚିତ୍ରକଳାରେ ବୀର ଶହୀଦଙ୍କ ଜୀବନୀକୁ ଚିତ୍ରିତ କରିଥିଲେ। ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ମାରୁତିନଗର ପରିସରରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ମାନସ ରଞ୍ଜନ ମହାପାତ୍ର ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ପୁରୀ ଫଟୋ ଆଣ୍ଡ ଭିଡିଓ ଟ୍ରେଡର୍ସ ଆସୋସିଶନ ପକ୍ଷରୁ ବଡ଼ ଡାକ୍ତରଖାନାସ୍ଥିତ ସନରାଇଜ୍ ଷ୍ଟୁଡିଓ ସମ୍ମୁଖରେ ଜାତୀୟ ପତାକା ଉତ୍ତୋଳନ କରାଯାଇଛି। ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟରେ ଡିନ୍ ପ୍ରଫେସର ସବିତା ମହାପାତ୍ର ପତାକା ଉତ୍ତୋଳନ କରିଥିଲେ। କଲେଜର ସମସ୍ତ ସଦସ୍ୟ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଘୋଡା ବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଏସ୍‌ସିଏସ୍ ସ୍ୱୟଂଶାସିତ କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫୁଲ୍ଲ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ଶିଶୁମାନେ ଘୋଷବାଦ୍ୟ ତାଳେ ତାଳେ ପ୍ରଭାତଫେରିରେ ବିଦ୍ୟାଳୟ ନିକଟରୁ ବଡ଼ଦାଣ୍ଡ ଓ ପୁନଃ ବିଦ୍ୟାଳୟକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଭାରତ ସରକାରଙ୍କ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ଜନ ସଂସ୍ଥାନ ପକ୍ଷରୁ ମୁଖ୍ୟ ଅତିଥି ଭାବେ ସରକାରୀ ଶିଳ୍ପ ତାଲିମ କେନ୍ଦ୍ର ଅଧ୍ୟକ୍ଷ ଅରବିନ୍ଦ ଘୋଷ ଯୋଗ ଦେଇ ପତାକା ଉତ୍ତୋଳନ କରିଥିଲେ। ସୁରଜମଲ ଶାହା ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରାଧ୍ୟାପକ ସୁରେନ୍ଦ୍ର ଜେନା ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ପାଣ୍ଠିରେ ଇ-ଶ୍ରେଣୀଗୃହ ଓ ପରୀକ୍ଷାଗାର ନିର୍ମାଣ ପାଇଁ ଶିଳାନ୍ୟାସ କରାଯାଇଥିଲା। ମଧୁବନସ୍ଥିତ ସରସ୍ୱତୀଶିଶୁ ବିଦ୍ୟା ମନ୍ଦିର, ହରଚଣ୍ଡୀ ସାହିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଶ୍ରୀ ନୀଳଗିରି ମଟର କର୍ମଚାରୀ ସଂଘ ସହ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଗଣତନ୍ତ୍ର ଦିବସ ପାଳିତ ହୋଇଯାଇଛି।

## ଯୌତୁକ ଦାବିରେ ମହିଳାଙ୍କୁ ହତ୍ୟା ଅଭିଯୋଗ

ନିରାକାରପୁର,୨୭।୧ (ମାନସ ଚନ୍ଦ୍ର ପଟ୍ଟନାୟକ)

ଯୌତୁକ ଦାବିରେ ଜଣେ ମହିଳାଙ୍କୁ ହତ୍ୟା କରାଯାଇଛି ବୋଲି ଶନିବାର ଜଙ୍କିଆ ଥାନାରେ ଅଭିଯୋଗ ହୋଇଛି। ମୃତା ହେଲେ ଏହି ଥାନା ଅଧୀନ କୃଷ୍ଣପୁର ଗ୍ରାମର ବିକାଶ ସୁନ୍ଦରାୟଙ୍କ ସ୍ତ୍ରୀ ଟୁନି ଦାସ। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୪୦/୨୪)ରୁଜୁକରି ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, ନିରାକାରପୁର ଥାନା ଅନ୍ତର୍ଗତ ହରିପୁର ଗ୍ରାମର ଟୁନି ୮ମାସ ପୂର୍ବେ କୃଷ୍ଣପୁର ଗ୍ରାମର ବିକାଶଙ୍କୁ ବିବାହ କରିଥିଲେ। ବିବାହ ବେଳେ ଦାବି ମୁତାବକ କନ୍ୟା ଘର ପକ୍ଷରୁ ଯୌତୁକ ଦିଆଯାଇଥିଲା। ତେବେ ବିକାଶ ବାଙ୍ଗାଲୋର ଯିବା ପରେ ଅଧିକ ଯୌତୁକ ଦାବିରେ ଟୁନିଙ୍କୁ ଶାଶୁ ଓ ନଣନ୍ଦ ଶାରୀରିକ ଓ ମାନସିକ ଯନ୍ତ୍ରଣା ଦେଉଥିଲେ। ଏପରିକି ଟୁନିଙ୍କ ସହ ବିକାଶଙ୍କ ଫୋନ ମାଧ୍ୟମରେ କଥା କରାଇଦେଉନଥିଲେ। ଶୁକ୍ରବାର ରାତି ୯ଟାରେ ଟୁନି ମୋବାଇଲରେ ଜୀବନ ପ୍ରତି ବିପଦ ଥିବା ନେଇ ବାପଘର ଲୋକଙ୍କୁ ଜଣାଇଥିଲେ। ଶନିବାର ସକାଳେ ଟୁନି ପଡ଼ିଯାଇ ଅଚେତ ହୋଇଯାଇଛି, ଚିକିତ୍ସା ପାଇଁ ମେଡିକାଲ ଆଣିଛୁ ବୋଲି ଶାଶୁଘର ଲୋକେ ଜଣାଇଥିଲେ। ଖବରପାଇ ବାପଘର ଲୋକେ ମେଡିକାଲରେ ପହଞ୍ଚିବା ବେଳକୁ ଟୁନିଙ୍କ ମୃତ୍ୟୁ ହୋଇଥିବା ଜାଣିବାକୁ ପାଇଥିଲେ। ଶାଶୁ ଓ ନଣନ୍ଦ ଅଧିକ ଯୌତୁକ ଦାବିକରି ତାଙ୍କ ଝିଅକୁ ଜୀବନରେ ମାରିଦେଇଛନ୍ତି ବୋଲି ବାପା ଶରତ ଦାସ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ତଦନ୍ତ ପରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜଙ୍କିଆ ଥାନା ଅଧିକାରିଣୀ ପ୍ରଜ୍ଞାରତ୍ନମ୍ବରା କର ସୂଚନା ଦେଇଛନ୍ତି।

## କୁମାରବସ୍ତ, ଡିଆର୍‌ସି ସେମିଫାଇନାଲରେ

### ୩୧ତମ ରାଜ୍ୟସ୍ତରୀୟ ଶାରଳା କପ୍

ଅସ୍ତରଙ୍ଗ,୨୭।୧(ପ୍ରଦୀପ୍ତ ଦୀକ୍ଷିତ):

ଅସ୍ତରଙ୍ଗ ବ୍ଲକ ପଛ ନରେନ୍ଦ୍ର ଷ୍ଟାଡିୟମରେ ୩୧ତମ ଶାରଳା କପ୍ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ଅସ୍ତରଙ୍ଗ ଥାନାଧିକାରୀ ରାଜେଶ ବଳିୟାରସିଂ ଓ ମୁଖ୍ୟବକ୍ତା ଡ. ସଞ୍ଜୟ ପ୍ରଧାନ ଯୋଗଦେଇଥିଲେ। ଶୁକ୍ରବାର ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଜେଡିୱାଇସି ଜଗତ୍‌ସିଂହପୁରକୁ ହରାଇ କୁମାରବସ୍ତ ଖୋର୍ଦ୍ଧା ବିଜୟୀ ହୋଇଥିଲା। ଶନିବାର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ବିହାରଲାଲ ଭୁବନେଶ୍ୱରକୁ ହରାଇ ଡିଆର୍‌ସି ପାରାଦୀପ ବିଜୟୀ ହୋଇଛି। ପ୍ରଥମେ ଟସ୍ ଜିତି ପାରାଦ୍ୱୀପ ବ୍ୟାଟିଂ କରି ୯ ଉଇକେଟ ହରାଇ ୧୩୩ ରନ ସଂଗ୍ରହ କରିଥିଲା। ଏହାର ଜବାବରେ ଭୁବନେଶ୍ୱର ୧୨୭ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ମ୍ୟାଚ୍‌ରେ ପ୍ରମୋଦ ବେହେରା ମ୍ୟାନ ଅଫ୍ ଦି ମ୍ୟାଚ୍ ହୋଇଥିଲେ। ଶାରଳା କ୍ଲବ ଦିଗ୍‌ଦର୍ଶକ ଦିବାକର ଛାଟୋଇ, ପ୍ରତିଷ୍ଠାତା ନଟକିଶୋର ମହାନ୍ତି, ସଭାପତି ଯୁଗଳ କିଶୋର ମହାନ୍ତି, ଉପସଭାପତି ପ୍ରକାଶ ବେହେରା, ମିଡିଆ ସେଲ ଯୁବ ଅଧିକାରୀ ପବିତ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।



ରାଜ୍ୟସ୍ତରୀୟ ଶାରଳା କପ୍ ଅବସରରେ ଅତିଥି ଓ ଅଂଶଗ୍ରହଣ କରିଥିବା ଖେଳାଳିମାନେ ।

# ସବୁଠି ଉଡ଼ିଲା ତ୍ରିରଙ୍ଗା

ଅସ୍ତରଙ୍ଗ(ପ୍ରଦୀପ୍ତ ଦୀକ୍ଷିତ/ମମତା ଜେନା) ଚାରିଛକ(ଶିଶିର ସ୍ୱାଇଁ), ପିପିଲି(ଦୁର୍ଗା ମାଧବ ମିଶ୍ର/ପ୍ରଭାତ ମହାପାତ୍ର), ସାକ୍ଷୀଗୋପାଳ(ପ୍ରଶାନ୍ତ କୁମାର ବାରିକ୍/କିଶୋର ମହାପାତ୍ର), ନିମାପଡ଼ା(ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ), ଡେଲାଙ୍ଗ(ରଶ୍ମିରଞ୍ଜନ ପ୍ରଧାନ), କାକଟପୁର(ଶୁଭଦର୍ଶନ ମିଶ୍ର), ବଳଙ୍ଗା (କେଦାରେଶ୍ୱର ନନ୍ଦ) ୨୭।୧:

୭୫ତମ ଗଣତନ୍ତ୍ର ଦିବସ ଅବସରରେ ଅସ୍ତରଙ୍ଗ ବ୍ଲକ ପରିସରରେ ଅଧ୍ୟକ୍ଷା ଆରତି ନାୟକ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଅନ୍ୟପଟେ ଅସ୍ତରଙ୍ଗ ତହସିଲ କାର୍ଯ୍ୟାଳୟ ଓ ଅସ୍ତରଙ୍ଗ ମିଡିଆ ଫୋରମ ଏବଂ ଅସ୍ତରଙ୍ଗ ସାମ୍ବାଦିକ ସଂଘରେ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି, ଅସ୍ତରଙ୍ଗ ଥାନା ପରିସରରେ ଥାନାଧିକାରୀ ରାଜେଶ ବଳିୟାରସିଂ, ଅସ୍ତରଙ୍ଗ ମିଡିଆ ଫୋରମ ପକ୍ଷରୁ ମୁଖ୍ୟ ଅତିଥି ଭାବେ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି, ଅସ୍ତରଙ୍ଗ ଅତିରିକ୍ତ ବିଡ଼ିଓ ଯୋଗେନ୍ଦ୍ର ମହାକୁଡ଼, ଅତିରିକ୍ତ ତହସିଲଦାର ପ୍ରଭୁପ୍ରସାଦ ପଣ୍ଡା ଉପସ୍ଥିତ ରହି ପତାକା ଉତ୍ତୋଳନ କରିଥିଲେ।

ଚାରିଛକ ପ୍ରେସ କ୍ଲବ ସଭାପତି ଶିଶିର ସ୍ୱାଇଁଙ୍କ ନେତୃତ୍ୱରେ ଏକାନ୍ତ ଆଶ୍ରମ ପରିସରରେ ଉପଦେଷ୍ଟା ଆଇଆର୍‌ଏସ୍ ଚନ୍ଦ୍ରକାନ୍ତ ଦଳାଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ।




ସାକ୍ଷୀଗୋପାଳସ୍ଥିତ ଓଡ଼ିଆ ବିଶ୍ୱବିଦ୍ୟାଳୟରେ ପତାକା ଉତ୍ତୋଳନ କରାଯାଉଛି । ପିପିଲିର ଇନ୍‌ଫୋର୍ସ ଏକାଡେମୀ ପକ୍ଷରୁ ୧୫୦ଫୁଟ ଲମ୍ବର ଜାତୀୟ ପତାକା ଶୋଭାଯାତ୍ରାରେ ନିଆଯାଉଛି ।

ପିପିଲି ବ୍ଲକର ସମସ୍ତ ସରକାରୀ, ବେସରକାରୀ ଶିକ୍ଷା ଅନୁଷ୍ଠାନ ଏବଂ ଅନ୍ୟାନ୍ୟ ଅନୁଷ୍ଠାନରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସ୍କୁଲରେ ପିଲାମାନଙ୍କ ମଧ୍ୟରେ ପ୍ରତିଯୋଗିତାମାନ ଆୟୋଜିତ ହୋଇଥିଲା। ପିପିଲିର ଇନଫୋର୍ସ ଏକାଡେମୀ ପକ୍ଷରୁ ଛାତ୍ରୀଛାତ୍ରମାନେ ୧୫୦ ଫୁଟ ଲମ୍ବର ଜାତୀୟ ପତାକା ଧରି ବିରାଟ ଶୋଭାଯାତ୍ରାରେ ପିପିଲି ବଜାର ପରିକ୍ରମା କରିଥିଲେ। ମୁଖ୍ୟ ଅତିଥି ଭାବେ ପିପିଲି କଲେଜ ଏନ୍‌ସିସି ଅଫିସର କ୍ୟାପ୍‌ଟେନ୍ ଆଦିତ୍ୟ ପ୍ରସାଦ ରଥ ପତାକା ଉତ୍ତୋଳନ କରିଥିଲେ।

ସତ୍ୟବାଦୀସ୍ଥିତ ଓଡ଼ିଆ ବିଶ୍ୱବିଦ୍ୟାଳୟର ନୂତନ ସୌଧରେ ଜାତୀୟ ପତାକା ଉତ୍ତୋଳନ କୁଳପତି ସବିତା ପ୍ରଧାନଙ୍କ ଦ୍ୱାରା ହୋଇଯାଇଛି। ଛାତ୍ରୀଛାତ୍ରଙ୍କୁ ଦେଶପ୍ରେମ ଓ ସତ୍ୟବାଦୀ ପଞ୍ଚସଖାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ କୁଳପତି ପରାମର୍ଶ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ପଣ୍ଡିତ ନୂତନ ସୌଧରେ ହୋମ ଓ ପୂଜାପାଠ କରିଥିଲେ।

ନିମାପଡ଼ା ବାରବାଟୀ ପଡ଼ିଆରେ ବ୍ଲକସ୍ତରୀୟ ୭୫ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଧାୟକ ସମୀର ରଞ୍ଜନ ଦାଶ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ଡେଲାଙ୍ଗ ବ୍ଲକର ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ବିଦ୍ୟାଳୟ ଓ ମହାବିଦ୍ୟାଳୟ, ବେସରକାରୀ ଅନୁଷ୍ଠାନ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ବ୍ଲକ କାର୍ଯ୍ୟାଳୟରେ ଅଧ୍ୟକ୍ଷା ବାସନ୍ତୀ ସାହୁ ଜାତୀୟ ପତାକା ଉତ୍ତୋଳନ କରିଥିଲେ।

କାକଟପୁର ପ୍ରେସ କ୍ଲବରେ କ୍ଲବ ସଭାପତି କମଳଲୋଚନ ଦୀକ୍ଷିତ ପତାକା ଉତ୍ତୋଳନ କରିଥିଲେ। ସେଠାରେ ଅନ୍ୟ ଅତିଥିମାନେ ଉପସ୍ଥିତ ଥିଲେ। କାକଟପୁର ସରକାରୀ ଓ ବେସରକାରୀ ବିଦ୍ୟାଳୟର ବିଭିନ୍ନ ଅନୁଷ୍ଠାନରେ ପତାକା ଉତ୍ତୋଳନ ହୋଇଯାଇଛି।

ବଳଙ୍ଗା ଅଞ୍ଚଳର ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ, କାର୍ଯ୍ୟାଳୟ, ପଞ୍ଚାୟତରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ପଞ୍ଚାୟତରେ ଚାରାରୋପଣ କାର୍ଯ୍ୟକ୍ରମ କରାଯାଇଥିଲା।

# ସାନଖେମୁଣ୍ଡି ଆସନକୁ ବିଜେଡିର ଫୋକସ୍

ବ୍ରହ୍ମପୁର,୨୭।୧(ନରସିଂହ ସାହୁ)

୨୦୧୯ ସାଧାରଣ ନିର୍ବାଚନରେ ଗଞ୍ଜାମ ଜିଲାର ୧୩ ବିଧାନସଭା ଆସନରୁ ବିଜେଡି ୧୨ଟିରେ ଜିତିଥିଲା ବେଳେ ଏକମାତ୍ର ସାନଖେମୁଣ୍ଡି ଖସିଯାଇଥିଲା। ସେଠାରୁ କଂଗ୍ରେସ ପ୍ରାର୍ଥୀ ରମେଶ ଜେନା ନିର୍ବାଚିତ ହୋଇ ଶାସକ ଦଳକୁ ଝଟକା ଦେଇଥିଲେ। କେବଳ ସେତିକି ନୁହେଁ, ବିଜେଡି ପ୍ରାର୍ଥିନୀ ନନ୍ଦିନୀ ଦେବୀଙ୍କୁ ସେ ୨୦ ହଜାରରୁ ଅଧିକ ଭୋଟରେ ପରାସ୍ତ କରିଥିଲେ। ସେଥିପାଇଁ ଆଗାମୀ ନିର୍ବାଚନରେ ସାନଖେମୁଣ୍ଡି ବିଧାନସଭା ନିର୍ବାଚନମଣ୍ଡଳୀକୁ ଅକ୍ତିଆର କରିବା ଲାଗି ବିଜେଡି ଫୋକସ୍ କରିଛି ଓ ଏଥିଲାଗି ରଣକୌଶଳ ପ୍ରସ୍ତୁତ କରୁଛି ବୋଲି ଦଳର ଜିଲା ସଭାପତି ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ କହିଛନ୍ତି।

ସ୍ୱାଧୀନତା ପରବର୍ତ୍ତୀ ନିର୍ବାଚନଠାରୁ ୨୦୦୪ ପର୍ଯ୍ୟନ୍ତ ସାନଖେମୁଣ୍ଡି ବ୍ଲକ


ନନ୍ଦିନୀ ଦେବୀ


ରମେଶ ଜେନା

କବିସୂର୍ଯ୍ୟନଗର ନିର୍ବାଚନମଣ୍ଡଳୀ ଅନ୍ତର୍ଭୁକ୍ତ ଥିଲା। ୨୦୦୯ ସାଧାରଣ ନିର୍ବାଚନ ପୂର୍ବରୁ ସୀମା ନିର୍ଦ୍ଧାରଣ ଓ ପୁନର୍ଗଠନ ପ୍ରକ୍ରିୟାରେ ସାନଖେମୁଣ୍ଡି ଓ ଧରାକୋଟ ବ୍ଲକକୁ ନେଇ ନୂଆ ସାନଖେମୁଣ୍ଡି ଆସନ ଗଠନ କରାଯାଇଥିଲା। ୨୦୦୯ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ରମେଶ ଜେନା ଓ ଭାଜପା ପ୍ରାର୍ଥୀ ଧରାକୋଟର ରାଜା ସ୍ୱର୍ଗତ କିଶୋର ଚନ୍ଦ୍ର ସିଂହଦେଓଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। କଂଗ୍ରେସ ପ୍ରାର୍ଥୀ ନିର୍ବାଚିତ ହୋଇଥିଲେ। ୨୦୧୪ ନିର୍ବାଚନରେ ଧରାକୋଟ ରାଣୀ ନନ୍ଦିନୀ ଦେବୀ ବିଜେଡିରୁ ମଇଦାନକୁ ଓହ୍ଲାଇଥିଲେ। କଂଗ୍ରେସ ପ୍ରାର୍ଥୀ ରମେଶ ଜେନାଙ୍କୁ ପ୍ରାୟ ୮ ହଜାର ଭୋଟରେ ପରାସ୍ତ କରିବା ସହ ନୂଆ ନିର୍ବାଚନମଣ୍ଡଳୀରୁ ପ୍ରଥମ ମହିଳା ବିଧାୟିକା ହୋଇଥିଲେ। ୨୦୧୯ ନିର୍ବାଚନରେ ମଧ୍ୟ ନନ୍ଦିନୀ ଓ ରମେଶଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ସାନଖେମୁଣ୍ଡି ବ୍ଲକ ଓ ଆଉ କେତେକ ଅଞ୍ଚଳରେ ରମେଶଙ୍କ ନିଜସ୍ୱ ସଙ୍ଗଠନ ସୁଦୃଢ଼ ଥିବାରୁ ସେ ଶାସକ ଦଳ ପ୍ରାର୍ଥିନୀଙ୍କୁ ପରାସ୍ତ କରିଥିଲେ। ୨୦୨୪ ନିର୍ବାଚନ ପାଇଁ ମଧ୍ୟ ଉଭୟ ରମେଶ ଓ ନନ୍ଦିନୀ ସଜବାଜ ହେଉଥିବା ଆଲୋଚନା ହେଉଛି। ରମେଶଙ୍କଠାରୁ ସେହି ଆସନ ଛଡ଼ାଇ ଆଣିବାକୁ ବିଜେଡି ରଣନୀତି ପ୍ରସ୍ତୁତ କରୁଥିଲେ ହେଁ ଦଳ ଭିତରେ ଦୀର୍ଘଦିନରୁ ଚାଲି ଆସିଥିବା ଗୋଷ୍ଠୀ କନ୍ଦଳ ଅଡୁଆ ସ୍ଥିତି ସୃଷ୍ଟି କରିବ ବୋଲି କୁହାଯାଉଛି। ଅନେକ ପୁରୁଖା କର୍ମୀ ନନ୍ଦିନୀଙ୍କୁ ଖୋଲା ବିରୋଧ କରୁଛନ୍ତି। ଜନସମ୍ପର୍କ ପଦଯାତ୍ରା ବେଳେ ଗୌତମୀ ପଞ୍ଚାୟତରେ ଶାସକ ଦଳର ଦୁଇ ଗୋଷ୍ଠୀ ମଧ୍ୟରେ ଅପ୍ରୀତିକର ସ୍ଥିତି ଉପୁଜିଥିଲା। ନନ୍ଦିନୀଙ୍କ ବିରୋଧରେ ଅସନ୍ତୋଷ ବଢୁଥିବାରୁ ଉଭୟ ଗୋଷ୍ଠୀ ମଧ୍ୟରେ ଆପୋସ ସମାଧାନ ଉଦ୍ୟମ କରାଯାଇଥିବା ଜିଲା ସଭାପତି ଚ୍ୟାଉ ପଟ୍ଟନାୟକ ସୂଚାଇଛନ୍ତି। ଯଦି ଏ ନେଇ ସମାଧାନ ହୋଇ ନ ପାରେ ତେବେ ଧରାକୋଟ ରାଜ ପରିବାରର ଝିଅ ତଥା ଧରାକୋଟ ବ୍ଲକ ଅଧ୍ୟକ୍ଷା ସୁଲକ୍ଷଣାଙ୍କୁ ବିଜେଡି ପ୍ରାର୍ଥୀ କରାଯିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି କୁହାଯାଉଛି। ଅନ୍ୟ କର୍ମୀଙ୍କୁ ନୁହେଁ, କେବଳ ରାଜ ପରିବାର ଉପରେ ବିଜେଡି ଭରସା କରୁଥିବା ମଧ୍ୟ ଆଲୋଚନା ହେଉଛି। ଏଭଳି ସ୍ଥଳେ ପାର୍ଟି ପକ୍ଷରୁ ଉପଯୁକ୍ତ ପ୍ରାର୍ଥୀ ଦିଆ ନ ଗଲେ ଆଗାମୀ ନିର୍ବାଚନରେ ବିଜେଡି କଡ଼ା ମୁକାବିଲାର ସମ୍ମୁଖୀନ ହୋଇପାରେ ବୋଲି ରାଜନୈତିକ ବିଶ୍ଳେଷକମାନେ ମତ ଦେଉଛନ୍ତି।

# ଭାଜପା ରାଜ୍ୟ ପ୍ରଭାରୀ, ସହପ୍ରଭାରୀ ନିଯୁକ୍ତ


ବିଜୟ ସିଂ ତୋମାର


ଲତା ଉସେଣ୍ଡି

ଭୁବନେଶ୍ୱର,୨୭।୧(ଅନିଲ ଦାସ)

## ବିଜୟ୍ ସିଂ ତୋମାର ପ୍ରଭାରୀ, ଲତା ଉସେଣ୍ଡି ସହପ୍ରଭାରୀ

ଆସନ୍ତା ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଭାରତୀୟ ଜନତା ପାର୍ଟି (ଭାଜପା) ରାଷ୍ଟ୍ରୀୟ ଅଧ୍ୟକ୍ଷ ଜଗତ ପ୍ରକାଶ ନଡ୍ଡା ଶନିବାର ବିଭିନ୍ନ ରାଜ୍ୟ ପାଇଁ ପ୍ରଭାରୀ ଓ ସହପ୍ରଭାରୀ ତାଲିକା ଘୋଷଣା କରିଛନ୍ତି। ଓଡ଼ିଶା ପାଇଁ ବିଜୟ ପାଲ ସିଂ ତୋମାରଙ୍କୁ ପ୍ରଭାରୀ ଏବଂ ଲତା ଉସେଣ୍ଡିଙ୍କୁ ସହପ୍ରଭାରୀ ଦାୟିତ୍ୱ ଦେଇଛନ୍ତି। ତୋମାର ଉତ୍ତର ପ୍ରଦେଶରୁ ଏମ୍‌ପି ଥିବାବେଳେ ଉସେଣ୍ଡି ଛତିଶଗଡ଼ରୁ ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ଉଭୟ ରାଜ୍ୟରେ ଭାଜପା ସରକାର ଗଠନରେ ତୋମାର ଏବଂ ଲତା ଉସେଣ୍ଡିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। ରାଜ୍ୟ ସଭାପତି ମନମୋହନ ସାମଲ ଉଭୟଙ୍କୁ ସ୍ୱାଗତ କରିବା ସହ କୃତଜ୍ଞତା ଜଣାଇଛନ୍ତି। ଏହି ୨ ଜଣଙ୍କ ରାଜନୈତିକ ଏବଂ ସାଙ୍ଗଠନିକ ଦକ୍ଷତା ଓଡ଼ିଶାରେ ଭାଜପା ସରକାର ଗଠନ କରିବାରେ ବେଶ୍ ସହାୟକ ହେବ ବୋଲି ସେ କହିଛନ୍ତି । ଏଭଳି ଦକ୍ଷ ନେତାଙ୍କୁ ଓଡ଼ିଶା ପାଇଁ ଚୟନ କରିଥିବାରୁ ମନମୋହନ ରାଷ୍ଟ୍ରୀୟ ଅଧ୍ୟକ୍ଷ ଜଗତ ପ୍ରକାଶ ନଡ୍ଡାଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏଥିସହ ଓଡ଼ିଶାରେ ଭାଜପା ସରକାର ଗଠନ କରିବ ବୋଲି ସେ ଦୃଢ଼ୋକ୍ତି କରିଛନ୍ତି।

# କଂଗ୍ରେସର 'ନ୍ୟାୟ ପାଇଁ ଦାନ' ଅଭିଯାନ



ନୂଆଦିଲ୍ଲୀସ୍ଥିତ ଏଆଇସିସି ମୁଖ୍ୟାଳୟରେ 'ଡୋନେଟ୍ ଫର୍ ନ୍ୟାୟ' ଅଭିଯାନର ଶୁଭାରମ୍ଭ ବେଳେ କଂଗ୍ରେସ ନେତା ଜୟରାମ ରମେଶ, ଅଜୟ ମାକେନ ଓ ଅନ୍ୟମାନେ।

ନୂଆଦିଲ୍ଲୀ,୨୭।୧

କଂଗ୍ରେସ ନେତା ରାହୁଲ ଗାନ୍ଧୀ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରାରେ ଥିବାବେଳେ ଦଳ ପକ୍ଷରୁ ଶନିବାର 'ଡୋନେଟ୍ ଫର୍ ନ୍ୟାୟ' ଅଭିଯାନ ଆରମ୍ଭ କରାଯାଇଛି। ଯେଉଁମାନେ ନ୍ୟାୟ ପାଇଁ ଦାନ କରିବେ ସେମାନଙ୍କୁ ରାହୁଲଙ୍କ ସ୍ୱାକ୍ଷର ସମ୍ବଳିତ ଏକ ପତ୍ର ପ୍ରଦାନ କରାଯିବ। ୬୭୦ କିମ୍ବା ତଦୂର୍ଦ୍ଧ୍ୱ ଟଙ୍କା ଦାନ କଲେ ରାହୁଲଙ୍କ ଦସ୍ତଖତ ଥିବା ଏକ ଟି-ଶାର୍ଟ ଉପହାର ସ୍ୱରୂପ ଦିଆଯିବ। ୬୭,୦୦୦ କିମ୍ବା ତଦୂର୍ଦ୍ଧ୍ୱ ଟଙ୍କା ଦାନ କଲେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଏକ 'ନ୍ୟାୟ କିଟ୍' ଦିଆଯିବ। ନ୍ୟାୟ କିଟ୍‌ରେ ଏକ ଟି-ଶାର୍ଟ, ବ୍ୟାଗ୍, ବ୍ୟାଣ୍ଡ, ବ୍ୟାଜ୍ ଓ ଷ୍ଟିକର ରହିବ ବୋଲି କଂଗ୍ରେସ ନେତା ଅଜୟ ମାକେନ ଓ ଜୟରାମ ରମେଶ ଏଆଇସିସି ମୁଖ୍ୟାଳୟରେ ସୂଚନା ଦେଇଛନ୍ତି।

# ମହେଶ୍ୱରଙ୍କ ପରେ ଶୂନ୍ୟସ୍ଥାନ

## ପୁରୀ ଜିଲା ବିଜେଡି ସଭାପତି ପଦ

ପୁରୀ ୨୭।୧( ଅଜିତ୍ ମହାନ୍ତି)

ସାଧାରଣ ନିର୍ବାଚନକୁ ମାସ କେଇଟା ଅଛି। ପୁରୀ ଜିଲାରେ ଥିବା ୬ଟି ବିଧାନସଭା ନିର୍ବାଚନମଣ୍ଡଳୀ ମଧ୍ୟରୁ ୨୦୧୯ ସାଧାରଣ ନିର୍ବାଚନରେ ବିଜେଡି ୪ଟିରେ ଜିତିଥିବା ବେଳେ ଭାଜପା ଦୁଇଟି ଅକ୍ତିଆର କରିଥିଲା। ଏଥିମଧ୍ୟରୁ ପୁରୀ ସଦର ନିର୍ବାଚନମଣ୍ଡଳୀ ବିଜେଡି ଗଡ଼ ଭାବେ ପରିଚିତ ଥିବା ବେଳେ ବିଜେଡିରୁ ଆସି ଜୟନ୍ତ ଷଡ଼ଙ୍ଗୀ ଶେଷ ମୁହୂର୍ତ୍ତରେ ଭାଜପା ଟିକେଟରୁ ଲଢ଼ି ବିଜୟୀ ହୋଇଥିଲେ। ସେହିପରି ବ୍ରହ୍ମଗିରି ନିର୍ବାଚନମଣ୍ଡଳୀରେ ବିଜେଡିର ସଞ୍ଜୟ ଦାସବର୍ମାଙ୍କୁ ମଧ୍ୟ ଭାଜପାର ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ହରାଇଦେଇଥିଲେ। ତେଣୁ ବିଜେଡି ହରାଇଥିବା ଆସନକୁ ଫେରିପାଇବାକୁ ଏବେ ଚେଷ୍ଟା କରୁଛି। ଇତିମଧ୍ୟରେ ବିଜେଡିର ଅନ୍ୟତମ ତୁଙ୍ଗ ନେତା ତଥା ପୂର୍ବତନ ଜିଲା ସଭାପତି ମହେଶ୍ୱର ମହାନ୍ତିଙ୍କ ପରଲୋକ ହୋଇଯାଇଛି; ଯାହା ବିଜେଡିକୁ ପୁରୀରେ ବଡ଼ କ୍ଷତି ପହଞ୍ଚାଇଛି। ମହେଶ୍ୱରଙ୍କ ମୃତ୍ୟୁ ପରେ ପୁରୀ ବିଜେଡି ମୁରବିଶୂନ୍ୟ ହୋଇଯାଇଥିବା ପ୍ରତୀୟମାନ ହେଉଛି। ତାଙ୍କ ମୃତ୍ୟୁ ପାଖାପାଖି ୩ ମାସ ହେବାକୁ ଯାଉଥିବା ବେଳେ ବର୍ତ୍ତମାନ ସୁଦ୍ଧା ବିଜେଡି ଜିଲା ସଭାପତିଙ୍କ ନାମ ଘୋଷଣା ହୋଇପାରି ନାହିଁ। କିଏ ସଭାପତି ହେବେ ତାହାକୁ ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇବାରେ ଲାଗିଛି।

ପୁରୀ ଜିଲାରେ ମହେଶ୍ୱରଙ୍କ ବେଶ୍ ପ୍ରଭାବ ରହିଥିଲା। ତେଣୁ ଜଣେ ପ୍ରଭାବଶାଳୀ ନେତା ଜିଲା ଦାୟିତ୍ୱ ନେଲେ ଦଳ ଲାଭ ପାଇପାରିବ ବୋଲି ରାଜନୈତିକ ପର୍ଯ୍ୟବେକ୍ଷକମାନେ କହୁଛନ୍ତି। ପୂର୍ବ ନିର୍ବାଚନକୁ ଦେଖିଲେ ବିଜେଡି ଜିଲାରେ ତା'ର ଦୁଇଟି ସିଟ୍ ଯଥା ପୁରୀ ସଦର ଓ ବ୍ରହ୍ମଗିରି ହରାଇଥିବା ବେଳେ ଲୋକ ସଭା ନିର୍ବାଚନରେ ଅଳ୍ପ ମାର୍ଜିନ୍‌ରେ ବିଜୟ ଲାଭ କରିଥିଲା। ତେଣୁ କିଏ ନୂତନ ସଭାପତି ହେବେ ତାଙ୍କ ଉପରେ ଦଳୀୟ ନେତା ଓ କର୍ମୀଙ୍କ ନଜର ରହିଛି। ଯଦି ଦେଖାଯାଏ, ଜିଲାରେ ଦଳୀୟ ବରିଷ୍ଠତା ଭିତ୍ତିରେ ସଞ୍ଜୟଙ୍କ




ନାମ ରହିଛି। ମାତ୍ର ତାଙ୍କ ସହ ସାଂସଦ ପିନାକୀ ମିଶ୍ର ଓ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟଙ୍କ ସମ୍ପର୍କ ଭଲ ନ ଥିବା ଜଣାଯାଏ। ଅପରପକ୍ଷରେ ଅନେକ ଦିନ କୋଣଠେସା ହେବା ପରେ ସଞ୍ଜୟ ଏବେ ଧୀରେ ଧୀରେ ପୁଣି ତାଙ୍କର ରାଜନୈତିକ ପତିଆରା ବୃଦ୍ଧି କରୁଥିବା ଦେଖିବାକୁ ମିଳୁଛି। ତେଣୁ ତାଙ୍କୁ ସଭାପତି ପଦ ମିଳିବାର ସମ୍ଭାବନା ରହିଛି ବୋଲି ତାଙ୍କ ସମର୍ଥକ କହୁଛନ୍ତି। ତେବେ ସବୁକିଛି ଦଳ ମୁଖିଆଙ୍କ ନିଷ୍ପତ୍ତିକୁ ଅପେକ୍ଷା ରହିଛି। ସେହିପରି ଅନ୍ୟ ଜଣେ ବରିଷ୍ଠ ନେତା ହେଉଛନ୍ତି ନିମାପଡ଼ା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାସ। ମାତ୍ର ସେ ବର୍ତ୍ତମାନ ବିଜେଡି ସଭାପତିଙ୍କ ଗୁଡ୍ ବୁକ୍‌ରେ ନ ଥିବା ଆଭାସ ମିଳୁଛି। କିଛି ବର୍ଷ ହେବ ସମୀର ମଧ୍ୟ ବିଭିନ୍ନ ବିବାଦରେ ଛନ୍ଦି ହୋଇଛନ୍ତି। ଏପରି କି ନିର୍ବାଚନମଣ୍ଡଳୀରେ ସେ ଦଳରୁ ବିରୋଧର ଶିକାର ହେଉଥିବା ଶୁଣିବାକୁ ମିଳୁଛି। ତେଣୁ ଯାହା ଚର୍ଚ୍ଚା ହେଉଛି, ତାଙ୍କୁ ଏଥର ଦଳ ଟିକେଟ ନ ଦେଇ ସନ୍ତୁଷ୍ଟ କରିବା ପାଇଁ ଜିଲା ସଭାପତି ପଦ ଦେଇପାରେ। ଅପରପକ୍ଷରେ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟଙ୍କ ସଙ୍ଗଠନ ସେତେଟା ସୁଦୃଢ଼ ନ ଥିବା କର୍ମୀଙ୍କ ମହଲରୁ ଶୁଣିବାକୁ ମିଳୁଛି। ଏପରି କି ସତ୍ୟବାଦୀରୁ ତାଙ୍କୁ ଟିକେଟ ନ ଦେଇ ଦଳ ସଞ୍ଜୟଙ୍କୁ ଟିକେଟ ଦେଇପାରେ ବୋଲି ଆକଳନ କରାଯାଉଛି। ଏଭଳି ସ୍ଥଳେ ଉମାକାନ୍ତ ସଭାପତି ହେବା ନେଇ ସମ୍ଭାବନା କମ୍ ରହିଛି। ସେହିପରି କାକଟପୁର ବିଧାୟକ ତୁଷାରକାନ୍ତି ବେହେରା ଏବଂ ପିପିଲି ବିଧାୟକ ରୁଦ୍ରପ୍ରତାପ ମହାରଥୀ ଯୁବ ନେତା ହୋଇଥିବାରୁ ଦଳ ସେମାନଙ୍କୁ ଜିଲା ସଭାପତି ଦାୟିତ୍ୱ ନ ଦେବା ପ୍ରାୟ ଜଣାପଡୁଛି । ସେହିପରି ସ୍ୱର୍ଗତ ମହେଶ୍ୱର ମହାନ୍ତିଙ୍କ ପୁଅ ତଥା ବିଜୁ ଯୁବ ଜନତା ଦଳ ରାଜ୍ୟ ଉପସଭାପତି ସୁନୀଲ ମହାନ୍ତି ନୂଆ ରାଜନୀତିରେ ପାଦ ଥାପିଥିବାରୁ ତାଙ୍କୁ ସଭାପତି ପରି ଗୁରୁତ୍ୱପୂର୍ଣ୍ଣ ପଦ ନ ଦିଆଯାଇ ଯୁବ ସଙ୍ଗଠନ ପ୍ରତି ଧ୍ୟାନ ଦେବାକୁ କୁହାଯାଇପାରେ। ସେହିପରି ପୁରୀ ସଦର ନିର୍ବାଚନମଣ୍ଡଳୀରେ ନିଜର ଉପସ୍ଥିତିକୁ ଜାହାରି କରୁଥିବା ବିଜୁ ଯୁବ ଜନତା ଦଳର ରାଜ୍ୟ ଉପସଭାପତି ଶୁଭାଶିଷ ଖୁଣ୍ଟିଆ ମଧ୍ୟ ସଭାପତି ଦୌଡ଼ରେ ନ ଥିବା ଜଣାପଡ଼ିଛିଛି।

ଅପରପକ୍ଷରେ ଦୀର୍ଘ ଦିନ ଧରି ଦଳ ପାଇଁ କାର୍ଯ୍ୟ କରି ଆସୁଥିବା କିଛି ବରିଷ୍ଠ ନେତାଙ୍କ ଉପରେ ମଧ୍ୟ ଦଳର ନଜର ରହିଛି। ସେହିପରି ବିଜେଡି ଛାଡ଼ି ଅନ୍ୟ ଦଳକୁ ଯାଇଥିବା ଅଭିଜ୍ଞତାପୂର୍ଣ୍ଣ ନେତାକୁ ବିଜେଡି ଘର ବାହୁଡ଼ା କରାଇ ଦଳ ସଙ୍ଗଠିତ କରିବା ସହ ସେମାନଙ୍କ ମଧ୍ୟରୁ କାହାଙ୍କୁ ଜିଲା ସଭାପତି କରି ବିରୋଧୀଙ୍କୁ ମେସେଜ୍ ଦେବାକୁ ଚାହୁଁଥିବା ଚର୍ଚ୍ଚା ହେଉଛି। ତେବେ ଦୀର୍ଘ ବର୍ଷ ଧରି ବିଧାୟକ, ମନ୍ତ୍ରୀ, ବାଚସ୍ପତି ଭାବେ କାର୍ଯ୍ୟ ତୁଲାଇବା ସହ ଜିଲାରେ ସଙ୍ଗଠନକୁ ସୁଦୃଢ଼ ରଖିଥିବା ମହେଶ୍ୱରଙ୍କ ବିକଳ୍ପ ଭାବେ ବିଜେଡି ସୁପ୍ରିମୋ କାହାକୁ ଜିଲା ବିଜେଡିର ସଭାପତି ଭାବରେ ମଙ୍ଗ ଧରିବାକୁ ଦେଉଛନ୍ତି, ତାହାକୁ ନେଇ ସମସ୍ତେ ଏକପ୍ରକାର ଉତ୍କଣ୍ଠାର ସହକାରେ ଚାହିଁ ରହିଛନ୍ତି।

# କୋରାପୁଟିଆଙ୍କ କଥା ବୁଝିଲେ ସପ୍ତଗିରି

ପଟ୍ଟାଙ୍ଗି,୨୭।୧(ଶରତ ଧଳ)

କୋରାପୁଟ ଜିଲାକୁ ଦୁଇଦିନିଆ ଗସ୍ତରେ ଥିବା କୋରାପୁଟ ଏମ୍‌ପି ସପ୍ତଗିରି ଉଲକା ଜିଲାର ପଟ୍ଟାଙ୍ଗି ବ୍ଲକର ନୂଆଗାଁ, ଗାଙ୍ଗରାଜପୁର, ଦେଓପଟ୍ଟାଙ୍ଗି ଏବଂ ମାଳିପୁଟ ପ୍ରମୁଖ ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମକୁ ଗସ୍ତକରି ଗ୍ରାମବାସୀଙ୍କ ସହ ସେମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି। ଉଲକା ପ୍ରଥମେ ନୂଆଗାଁ ପଞ୍ଚାୟତରେ ପହଞ୍ଚି ଏକ ସରକାରୀ କାର୍ଯ୍ୟକ୍ରମରେ ଯୋଗଦେଇ ଏକ ପ୍ରକଳ୍ପ ଉଦ୍‌ଘାଟନକରି ଉପସ୍ଥିତ ଲୋକଙ୍କ ସହ ଆଲୋଚନା କରିଥିଲେ। ଗାଲିଗାବାଡ଼ାର ଗ୍ରାମର ଯୁବଗୋଷ୍ଠୀ ଗ୍ରାମରେ ସରକାରୀ ଜମି ଥିଲେ ସୁଦ୍ଧା ଯୁବଗୋଷ୍ଠୀ ଓ ଛାତ୍ରୀଛାତ୍ରଙ୍କ ପାଇଁ ଖେଳକୁଦ ପାଇଁ ସୁବିଧା ନାହିଁ। ଏମ୍‌ପି ପାଣ୍ଠିରୁ ଆର୍ଥିକ ସହାୟତାରେ ଏକ ମିନି ଷ୍ଟାଡିୟମ ପ୍ରତିଷ୍ଠା କରିବାକୁ ସେମାନେ ଏମ୍‌ପି ନିକଟରେ ନିବେଦନ କରିଛନ୍ତି। ଗାଙ୍ଗରାଜପୁର ପଞ୍ଚାୟତରେ ପହଞ୍ଚି ଏମ୍‌ପି ପାଣ୍ଠି ଅନୁଦାନରେ ଖେଳ ପଡିଆ ଚତୁଃପାର୍ଶ୍ୱରେ ନିର୍ମିତ ସୁରକ୍ଷା ପାଚେରିକୁ ଉଲାକା ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଗ୍ରାମର ମୁଖ୍ୟ ରାସ୍ତାରୁ ମଶାଣି ପର୍ଯ୍ୟନ୍ତ ଆବଶ୍ୟକ ପଡୁଥିବା ରାସ୍ତା ନିମନ୍ତେ ସହଯୋଗ କରିବାକୁ ସେ ପ୍ରତିଶ୍ରୁତି ଦେଇଥିଲେ। ଏହି ସମୟରେ ସରପଞ୍ଚ ତୁଳା ଦଳେଇ ଓ ସମିତି ସଭ୍ୟା ବିମଳା ପାଙ୍ଗୀ ଉପସ୍ଥିତ ଥିଲେ। ଏଠାରୁ ବାହାରି ଏମ୍‌ପି ଦେଓପଟ୍ଟାଙ୍ଗି ପଞ୍ଚାୟତର ସଲପଗୁଡ଼ା ଗ୍ରାମ ଅଭିମୁଖେ ଯିବା ବେଳେ ମାଳିପୁଟ ପଞ୍ଚାୟତର ସିନ୍ଦେଇ ଗ୍ରାମରେ ଅଟକି ଲୋକଙ୍କ ସହ କଥାବାର୍ତ୍ତା କରିଥିଲେ। ଅନେକ ମହିଳା ଗ୍ରାମରେ ଦୀର୍ଘଦିନ ହେଲା ଡ୍ରେନ୍ ସମସ୍ୟା ରହିଥିଲେ ମଧ୍ୟ କେହି ଦୃଷ୍ଟି ଦେଉନାହାନ୍ତି ବୋଲି ଜଣାଇ ଡ୍ରେନ୍ ନିର୍ମାଣ ପାଇଁ ଦାବି ଜଣାଇଥିଲେ। ସଲପଗୁଡ଼ା ଗ୍ରାମରେ ପହଞ୍ଚି ଉଲାକା ଗ୍ରାମବାସୀଙ୍କୁ ନେଇ ଏକ ବୈଠକ କରିଥିଲେ। ଏଥିରେ ଗ୍ରାମବାସୀ ଗ୍ରାମରେ ଦୀର୍ଘ ବର୍ଷ ହେଲା ପାନୀୟଜଳ ସମସ୍ୟା ରହିଥିଲେ ମଧ୍ୟ ଏହା ଦୂର କରାଯାଉନାହିଁ ଏବଂ ବ୍ଲକ ସଦର ମହକୁମାକୁ ଯିବାକୁ ହେଲେ ନିକଟସ୍ଥ ବାଉଁଶଗୁଡା ଗ୍ରାମ ଦେଇ ଗଲେ ବ୍ଲକରେ ପହଞ୍ଚିବା ସୁବିଧା ହେଉଛି ସତ ମାତ୍ର ଏହି ରାସ୍ତା ଅଧାପନ୍ତରିଆ ଭାବେ ପଡି ରହିଥିବାରୁ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି ବୋଲି ଗ୍ରାମବାସୀ ଜଣାଇଥିଲେ। ମାଳିପୁଟ ପଞ୍ଚାୟତର ସିପାଇପୁଟ ଗ୍ରାମର ଉପରସାହିରେ ପହଞ୍ଚି ଗ୍ରାମବାସୀଙ୍କୁ ସମସ୍ୟା ପଚାରି ବୁଝିଥିଲେ। ଏହି ଗସ୍ତ ସମୟରେ ପୂର୍ବତନ ବିଧାୟକ ରାମଚନ୍ଦ୍ର କାଡାମ, ଏମ୍‌ପି ପ୍ରତିନିଧି ଶୁକ୍ରା ଖରା, ସେବାଦଳ ଜିଲା ସହ ସଙ୍ଗଠକ ଗୋବିନ୍ଦ ଖରା, ପଟ୍ଟାଙ୍ଗି ବ୍ଲକ କଂଗ୍ରେସ କମିଟି ସଭାପତି ଅର୍ଜୁନ ବାଙ୍କା, ସାମାଜିକ କର୍ମୀ ଖିଲ କାର୍ତ୍ତିକ, ସେମିଳିଗୁଡା ବ୍ଲକ ସଭାପତି ସନ୍ୟା ମାଝି, ଏମ୍‌ପି ପ୍ରତିନିଧି ଜଗତ ରାଏ ଖିନିବୁଡି, ଅଭି ଲବୁଡୁ ବାରିକ, ପୂର୍ବତନ ସମିତି ସଭ୍ୟ ଜଗତରାଏ ଖରା, ଦାମୋଦର ଗୁଣ୍ଠା ପ୍ରଭାକର ସାହୁ, ଜଗନ୍ନାଥ ଗେମେଲଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ମଥାନୀରେ ବିଜେଡିର ମିଶ୍ରଣ ପର୍ବ

ରୂପସା, ୨୭।୧(ବାଞ୍ଛାନିଧି ଦେ): ବାଲେଶ୍ୱର ଜିଲା ବସ୍ତା ବ୍ଲକ ମଥାନୀ ପଞ୍ଚାୟତ ଅଧୀନ ପୁଡ଼ାପୋଡ଼ା ଅଙ୍ଗନୱାଡ଼ି କେନ୍ଦ୍ର ନିକଟ ପଡ଼ିଆରେ ଶନିବାର ବିଜେଡିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ପୂର୍ବତନ ସରପଞ୍ଚ ରାଧାଶ୍ୟାମ ମହାଲିକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ମିଶ୍ରଣ ପର୍ବରେ ମୁଖ୍ୟଅତିଥି ଭାବେ ପୂର୍ବତନ ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଭିନ୍ନ ଦଳ ଛାଡି ୫୦ରୁ ଉର୍ଦ୍ଧ୍ୱ କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ସେମାନଙ୍କୁ ଦଳୀୟ ଉତ୍ତରୀୟ ଓ ଫୁଲତୋଡ଼ା ଦେଇ ଦଳକୁ ସ୍ୱାଗତ କରାଯାଇଥିଲା। ରାଜ୍ୟ କାର୍ଯ୍ୟକାରିଣୀ ସଭାନେତ୍ରୀ ସୁବାସିନୀ ଜେନା, ବ୍ଲକ ବିଜେଡି ସଭାପତି ଅନୀଲ କୁମାର ମହାନ୍ତି, ଜିଲା ବିଜେଡି ଯୁବ ସଭାପତି ଅଞ୍ଜନ ଦଣ୍ଡପାଟ, ଜିଲାପରିଷଦ ସଭ୍ୟା ଦେବିକା ସୋରେନ, ମଥାନୀ ସରପଞ୍ଚ ମମତାରାଣୀ ସିଟ, ସରପଞ୍ଚ ଦେବ କୁମାର ଦେବ, ମନୋରଞ୍ଜନ ବିଶ୍ୱାଳ, ଆଇନଜୀବୀ ସୁବ୍ରତ ପଣ୍ଡାଙ୍କ ସମେତ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ।



ମିଶ୍ରଣ ପର୍ବରେ ପୂର୍ବତନ ଏମ୍‌ପି ଉଦ୍‌ବୋଧନ ଦେଉଛନ୍ତି।

# 'ଓଡ଼ିଶା ବଞ୍ଚାଅ' ସମାବେଶରେ ଯୋଗଦେବେ ଖାର୍ଗେ

ଭୁବନେଶ୍ୱର,୨୭।୧(ଅନିଲ ଦାସ)

ଅଖିଳ ଭାରତ କଂଗ୍ରେସ କମିଟି (ଏଆଇସିସି) ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଆସନ୍ତା ୨୯ ତାରିଖରେ ଓଡ଼ିଶା ଗସ୍ତରେ ଆସିବେ। ରାଜ୍ୟ କଂଗ୍ରେସ ପକ୍ଷରୁ ଲୋୟର ପିଏମ୍‌ଜିଠାରେ ଆୟୋଜିତ 'ଓଡ଼ିଶା ବଞ୍ଚାଅ' ସମାବେଶରେ ସେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଏଆଇସିସି ଅଧ୍ୟକ୍ଷ ହେବା ପରେ ପ୍ରଥମ ଥର ପାଇଁ ସେ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଏହି ପରିପ୍ରେକ୍ଷୀରେ ଶନିବାର କଂଗ୍ରେସ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଯୋଗଦେଇ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ କହିଛନ୍ତି, ଖାର୍ଗେ ତଳସ୍ତରରୁ ଜଣେ ସାଧାରଣ କଂଗ୍ରେସ କର୍ମୀ ଭାବେ ଜୀବନ ଆରମ୍ଭ କରି ନିଜର ଚେଷ୍ଟା, ନିଷ୍ଠା ଓ ସମର୍ପଣ ପାଇଁ ଏବେ ସେ


ଅଖିଳ ଭାରତ କଂଗ୍ରେସ କମିଟିର ଅଧ୍ୟକ୍ଷ ପଦରେ ଅବସ୍ଥାପିତ ହୋଇ ପାରିଛନ୍ତି । ସେ ଜଣେ ଅନୁଭବୀ ନେତା ଭାବେ ଦେଶକୁ ଅତି ନିକଟରୁ ଦେଖିଥିବାବେଳେ ଓଡ଼ିଶାର ଅବସ୍ଥାକୁ ମଧ୍ୟ ଭଲଭାବେ ବୁଝିଛନ୍ତି । ବିଜେଡି ଶାସନର ୨୪ ବର୍ଷ ପରେ ମଧ୍ୟ ୫୨% ଲୋକ ଆଜି ବି ଗରିବ। ରାଜ୍ୟରେ ହାରାହାରି ୨ଲକ୍ଷ ସରକାରୀ ପଦବୀ ଖାଲିପଡ଼ିଥିବା ବେଳେ ୧୦ଲକ୍ଷ ପଞ୍ଜୀକୃତ ଶିକ୍ଷିତ ଯୁବତୀଯୁବକ ବେସାହାରା ହୋଇପଡ଼ିଛନ୍ତି। ଆଜି ବି ସାଧାରଣଲୋକ ମୌଳିକ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି । ଅପରପକ୍ଷରେ ଓଡ଼ିଆ ଜାତିକୁ ଧ୍ୱଂସ କରିବାକୁ ରୀତିମତ ଷଡ଼ଯନ୍ତ୍ର ରଚାଯାଉଛି। ଏପରି କି ଅଣଓଡ଼ିଆଙ୍କ ହାତକୁ ଶାସନ କ୍ଷମତା ଟେକିଦେବା ପାଇଁ ମସୁଧା ଚାଲିଛି, ଯାହାକୁ କଂଗ୍ରେସ କେବେ ବରଦାସ୍ତ କରିବ ନାହିଁ । ଓଡ଼ିଶାରେ ଓଡ଼ିଆଙ୍କ ହକ୍ ରହିଛି । ଏହି ହକ୍ ଉପରେ ଆକ୍ରମଣ ହେଲେ ଓଡ଼ିଶା କଂଗ୍ରେସ କେବେ ଚୁପ୍ ହୋଇ ବସିବ ନାହିଁ ବୋଲି ପିସିସି ସଭାପତି କହିଛନ୍ତି। ଏଆଇସିସି ଅଧ୍ୟକ୍ଷଙ୍କ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ପାଇଁ ନିଯୁକ୍ତ ଅଧ୍ୟକ୍ଷ ତଥା ପିସିସିର ପୂର୍ବତନ ସଭାପତି ଜୟଦେବ ଜେନା କହିଛନ୍ତି ଯେ ରାଜ୍ୟରେ ଭ୍ରଷ୍ଟାଚାର, ଦୁର୍ନୀତି ଓ ଅତ୍ୟାଚାର ସୀମା ଟପିଛି । ବିଜେଡି-ଭାଜପା ଅଘୋଷିତ ମେଣ୍ଟ ଏବେ ସାର୍ବଜନୀନ ହୋଇଛି। ଏମାନଙ୍କ ଦୌରାତ୍ମ୍ୟରୁ ରାଜ୍ୟକୁ ମୁକ୍ତ କରିବା ପାଇଁ 'ଓଡ଼ିଶା ବଞ୍ଚାଅ' ସମାବେଶରେ ଯୋଗଦେବାକୁ ଖାର୍ଗେଜୀ ଓଡ଼ିଶା ଆସୁଛନ୍ତି । ଏହି କାର୍ଯ୍ୟକ୍ରମରେ ଯୋଗଦେବାକୁ ଜେନା ରାଜ୍ୟବାସୀଙ୍କୁ ନିବେଦନ କରିଛନ୍ତି । ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ କହିଛନ୍ତି, ୨୦୨୪ରେ ହେବାକୁ ଥିବା ଅଷ୍ଟାଦଶ ଲୋକ ସଭା ଓ ସପ୍ତଦଶ ବିଧାନସଭା ନିର୍ବାଚନ ପୂର୍ବରୁ ଏଆଇସିସି ସଭାପତିଙ୍କ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ୨ଟି ଦିଗରୁ ମହତ୍ତ୍ୱପୂର୍ଣ୍ଣ । ସେ ଆହୁରି କହିଛନ୍ତି ଯେ ଉଭୟ ବିଜେଡି ଓ ଭାଜପାଙ୍କ ଚୋରା ପ୍ରୀତି ଧରାପଡ଼ିଯାଇଛି । ୧୦ ବର୍ଷ ମିଶି ସରକାର କରିବା ପରେ ଲିଭଇନ୍ ରିଲେଶନଶିପ୍ ଏବେ ଦାଣ୍ଡରେ ପଡ଼ି ହାଟରେ ଗଡୁଛି। ବିଜେଡି ୨୪ବର୍ଷ ପରେ ନୂଆ-ଓଡ଼ିଶା ଗଢ଼ିବା କଥା କହୁଛି। ତେବେ ୨୩ବର୍ଷ ପୂର୍ବରୁ ଗଢ଼ିପାରିଲେନି କାହିଁକି ବୋଲି ସେ ପ୍ରଶ୍ନ କରିଛନ୍ତି । ଉଭୟଙ୍କ ଚିତ୍ର ଓ ଚରିତ୍ରକୁ ରାଜ୍ୟବାସୀ ବୁଝିଗଲେଣି। ଏବେ ବିଜେଡି ଓ ଭାଜପାକୁ ହଟାଇବାର ସମୟ ଆସିଛି। ପିସିସି ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ବିଶ୍ୱରଞ୍ଜନ ମହାନ୍ତି କହିଥିଲେ ଯେ ଓଡ଼ିଶା ଓ ଓଡ଼ିଆ ଅସ୍ମିତା ପାଇଁ ହେଉଥିବା ଲଢ଼େଇକୁ ଶକ୍ତିଶାଳୀ କରିବ 'ଓଡ଼ିଶା ବଞ୍ଚାଅ' ସମାବେଶ । ଏହି ସମ୍ମିଳନୀରେ ଏଆଇସିସି ସମ୍ପାଦକ ତଥା ଓଡ଼ିଶାର ସହପ୍ରଭାରୀ ସାହାନାୱାଜ ଚୌଧୁରୀ ଏବଂ ପିସିସି ସାମାଜିକ ଗଣମାଧ୍ୟମ ଅଧ୍ୟକ୍ଷ ଅମିୟ ପାଣ୍ଡବ ଉପସ୍ଥିତ ଥିଲେ।

# ବୀମା ପଲିସି ଲଟେରି ନାଁରେ ଠକେଇ

## ୨ ଅଭିଯୁକ୍ତଙ୍କୁ ୧୦ବର୍ଷ ଜେଲଦଣ୍ଡ

ବାଲେଶ୍ୱର,୨୭।୧(ମାନସ ବିଶ୍ୱାଳ)

ବୀମା ପଲିସି ନାଁରେ ଠକେଇ ମାମଲାର ବିଚାର କରି ବାଲେଶ୍ୱର ଚିଟ୍‌ଫଣ୍ଡ ଓ ଅର୍ଥନୈତିକ ଅପରାଧ ଶାଖା ଅଦାଲତର ସ୍ୱତନ୍ତ୍ର ବିଚାରପତି ବିଶ୍ୱଜିତ୍ ଦାସ ଅଭିଯୁକ୍ତ ବିଜୟ ଭରଦ୍ୱାଜ ଓ ହିମାଂଶୁ ଭଣ୍ଡାରୀଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଉଭୟଙ୍କୁ ୧୦ବର୍ଷ ଲେଖାଏ ଜେଲ୍‌ଦଣ୍ଡ ସହ ପ୍ରତ୍ୟେକଙ୍କୁ ୩ ଲକ୍ଷ ଟଙ୍କା ଜରିମାନା ଆଦେଶ ଦିଆଯାଇଛି। ଜରିମାନା ଅନାଦେୟ ଅଧିକ ୨ବର୍ଷ ଜେଲଦଣ୍ଡ ଭୋଗିବାକୁ ରାୟରେ କୁହାଯାଇଛି।

କେନ୍ଦୁଝର ଯୋଡ଼ା ଅଞ୍ଚଳର ବ୍ୟବସାୟୀ ପ୍ରମୋଦ କୁମାର ରାଉତଙ୍କୁ ବୀମା ପଲିସି ବାବଦରେ ଭାରତ ସରକାରଙ୍କ ପକ୍ଷରୁ ୩କୋଟି ଟଙ୍କା ଲଟେରି ଜରିଆରେ ପୁରସ୍କାର ମିଳିବ ବୋଲି ଅଭିଯୁକ୍ତ ଫୋନ ଜରିଆରେ କହିଥିଲେ। ଏ ବାବଦରେ ସେମାନେ ମିଥ୍ୟା କାଗଜପତ୍ର ପ୍ରସ୍ତୁତ କରି ପ୍ରମୋଦଙ୍କୁ ପଠାଇଥିଲେ। ତେବେ ୩କୋଟି ଟଙ୍କା ପାଇବା ନିମନ୍ତେ କିଛି ଅର୍ଥ ଦେବାକୁ ପଡ଼ିବ ବୋଲି ଅଭିଯୁକ୍ତ ବିଜୟ, ହିମାଂଶୁଙ୍କ ସହ ଏକାଧିକ ବ୍ୟକ୍ତି ବିଭିନ୍ନ ମୋବାଇଲରେ ଏ.କେ. ୱାଲିଆ ନାମକ ବ୍ୟକ୍ତିଙ୍କ ଅଫିସରୁ ବାରମ୍ବାର ଫୋନ୍ କରିଥିଲେ। ବାରମ୍ବାର ଫୋନ୍ ସତ୍ତ୍ୱେ ବ୍ୟବସାୟୀ ପ୍ରମୋଦ ସହଜରେ ଟଙ୍କା ପୈଠ କରି ନ ଥିଲେ। ତେବେ ଟଙ୍କା ପୈଠ ନ କଲେ ତାଙ୍କର ସମସ୍ତ ଇନସ୍ୟୁରାନ୍ସ ପଲିସି ଆଇଆର୍‌ଡିଏ ପକ୍ଷରୁ ବନ୍ଦ କରିଦିଆଯିବାର ଚେତାବନୀ ଦିଆଯାଇଥିଲା। ପ୍ରଲୋଭନର ଶିକାର ହୋଇ ପ୍ରମୋଦ ଅଭିଯୁକ୍ତମାନଙ୍କୁ ବିଭିନ୍ନ ଆକାଉଣ୍ଟରେ ୨୦୧୯ରୁ ୨୦୨୧ ମଧ୍ୟରେ ୨କୋଟି ୩୪ଲକ୍ଷ ୮୨ହଜାର ୮୦୬ଟଙ୍କା ପୈଠ କରିଥିଲେ। ତେବେ ଅର୍ଥ ପୈଠ ପରେ ତାଙ୍କୁ ପୁରସ୍କାର ରାଶି ମିଳି ନ ଥିଲା। ପରେ ସେ ତାଙ୍କୁ ଫୋନ୍ ଆସିଥିବା ବିଭିନ୍ନ ନମ୍ବରରୁ ଯୋଗାଯୋଗ କରିବାରୁ ସେସବୁ ସୁଇଚ୍ ଅଫ୍ ଥିବା ଜଣାପଡିଥିଲା। ଠକେଇ ଶିକାର ପରେ ପ୍ରମୋଦ ଭୁବନେଶ୍ୱରର ଅର୍ଥନୈତିକ ଅପରାଧ ଶାଖାରେ ଅଭିଯୋଗ କରିଥିଲେ। ଅର୍ଥନୈତିକ ଅପରାଧ ଶାଖା ପକ୍ଷରୁ ମାମଲା(ନଂ. ୨/୨୨) ରୁଜୁ ହୋଇଥିଲା। ଏହି ମାମଲାରେ ଭୁବନେଶ୍ୱର ଇଓଡବ୍ଲ୍ୟୁ ପକ୍ଷରୁ ତଦନ୍ତ କରାଯାଇ ଠକେଇର ହିମାଂଶୁଙ୍କୁ ୨୦୨୨ ମାର୍ଚ୍ଚ ୧୬ରେ ଏବଂ ବିଜୟଙ୍କୁ ସେହିବର୍ଷ ନଭେମ୍ବର ୧୨ରେ ଗିରଫ କରାଯାଇଥିଲା। ଏହି ମାମଲା କେନ୍ଦୁଝର ବଡବିଲରୁ ବାଲେଶ୍ୱରସ୍ଥିତ ଚିଟଫଣ୍ଡ ଅଦାଲତକୁ ସ୍ଥାନାନ୍ତର ହୋଇଥିଲା। ସରକାରଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ତଥା ଉକ୍ତ ଅଦାଲତର ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପ୍ରଣବ କୁମାର ପଣ୍ଡା ମାମଲା ପରିଚାଳନା କରୁଥିଲେ।

# ଶବ ବିନା କୋକେଇ


ଅନ୍ତିମ ସଂସ୍କାର ପାଇଁ ଶ୍ମଶାନକୁ ନିଆଯାଉଛି।

ଭଦ୍ରକ,୨୭।୧ (ସନାତନ ରାଉତ)

ବିନା ଶବରେ କୋକେଇ ବନ୍ଧାଗଲା। ରାମ ନାମ ସତ୍ୟ ହେ ହରିନାମ ସତ୍ୟ ହେ କହିବା ସହ ଖଇ, କଉଡ଼ି ବିଞ୍ଚି ମଶାଣି ନେଲେ। ଆଉ ଏହି ସମୟରେ ପରିବାର ଲୋକଙ୍କ କାନ୍ଦବୋବାଳି ମଧ୍ୟ ଶୁଣିବାକୁ ମିଳିଥିଲା। କୋକେଇରେ ଶବ ବଦଳରେ ଏକ ପ୍ରତିଛବି ଥିଲା ସତ, କିନ୍ତୁ ହିନ୍ଦୁ ରୀତିନୀତି ଅନୁସାରେ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଛି। ପରେ ଏବେ ଶୁଦ୍ଧିକ୍ରିୟା ପାଇଁ ପରିବାର ପକ୍ଷରୁ ପ୍ରସ୍ତୁତି ଚାଲିଛି। ଭଦ୍ରକ ପୌରପାଳିକା ଅଧୀନ ଅସ୍ତଳ ନରିପୁର ଗ୍ରାମରେ ଏଭଳି ଆଶ୍ଚର୍ଯ୍ୟ ଓ ସମ୍ବେଦନଶୀଳ ଘଟଣା ଦେଖିବାକୁ ମିଳିଛି।

୨୦ବର୍ଷ ତଳେ ୨୦୦୪ରେ ଉକ୍ତ ଗ୍ରାମର ୬୫ବର୍ଷୀୟ ବିଦ୍ୟାଧର ଦାସ ସାମାନ୍ୟ ମାନସିକ ବିକୃତ ଯୋଗୁ ଘର ଛାଡ଼ି କେଉଁଆଡ଼େ ଚାଲିଯାଇଥିଲେ। ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ପରେ ମଧ୍ୟ ତାଙ୍କର କୌଣସି ସନ୍ଧାନ ପାଇ ନ ଥିଲେ। ଏନେଇ ସେତେବେଳେ ଟାଉନ ଥାନାରେ ନିଖୋଜ ଅଭିଯୋଗ ମଧ୍ୟ କରାଯାଇଥିଲା। ତାଙ୍କ ଫେରିବା ବାଟକୁ ଚାହିଁ ଚାହିଁ ସ୍ତ୍ରୀ ବିନୋଦିନୀ ଦାସ ୨୦୧୩ରେ ଆରପାରିକୁ ଚାଲିଯାଇଛନ୍ତି। ଦୀର୍ଘଦିନର ଅପେକ୍ଷା ପରେ ଅନେକ ପଣ୍ଡିତ ଓ ଜ୍ୟୋତିର୍ବିଦ୍‌ଙ୍କ ପରାମର୍ଶକ୍ରମେ ଶବ ସତ୍କାର କରାଯାଇଥିବା ବେଳେ ଶୁଦ୍ଧିକ୍ରିୟା ପାଇଁ ପ୍ରସ୍ତୁତି ଚାଲିଥିବା ତାଙ୍କ ପୁଅ ଗଗନ ଦାସ କହିଛନ୍ତି। ଏବେ ବିଦ୍ୟାଧରଙ୍କୁ ୮୫ ବର୍ଷ ହୋଇଥିବ। କସା ଭାତ ରୋଷେଇ କରାଯିବା ସହ ଦଶାହ ଓ ଏକାଦଶାହ କର୍ମ ପାଇଁ ଚାଲିଛି ପ୍ରସ୍ତୁତି। ଗୁରୁବାର କୋକେଇ ଯାତ୍ରା ବେଳେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। କୋକେଇରେ ପ୍ରତିଛବି ତଥା ନଡ଼ାରେ ତିଆରି କୁଶପୁତ୍ତଳିକା ବାନ୍ଧି ଗାନ୍ଧୀପଡ଼ିଆସ୍ଥିତ ଶ୍ମଶାନକୁ ନେଇ ସତ୍କାର କରାଯାଇଥିଲା। ଗଗନ ମୁଖାଗ୍ନି ଦେଇଥିଲେ।

# ୨୦ କି.ମି. କାନ୍ଧରେ ବୁହାହେଲା ମୃତଦେହ


କରୁଣାଙ୍କ ମୃତଦେହକୁ ତାଙ୍କ ସମ୍ପର୍କୀୟମାନେ କାନ୍ଧେଇ ଯାଉଛନ୍ତି।

ନନ୍ଦାହାଣ୍ଡି,୨୭।୧ (ପ୍ରତୀପ କୁମାର ଦାଶ)

ଆମ୍ବୁଲାନ୍ସ ନ ଆସିବା ଏବଂ ଅର୍ଥାଭାବରୁ ବାଧହୋଇ ମୃତଦେହକୁ ୨୦ କିଲୋମିଟର ଭାରରେ ବୋହିଲେ ସମ୍ପର୍କୀୟ ଓ ବନ୍ଧୁବାନ୍ଧବ। ଏଭଳି ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଫୁପୁଗାଁ ଗ୍ରାମରେ।

ସୂଚନାନୁଯାୟୀ, କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକ ଅଧୀନ କୁମୁଲି ପଞ୍ଚାୟତ ନିକଟ ପୂର୍ଣ୍ଣିଗୁଡ଼ା ଗ୍ରାମର କରୁଣା ଅମାନାତ୍ୟ ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଫୁପୁଗାଁର ଅଭି ଅମାନାତ୍ୟଙ୍କୁ ବିବାହ କରିଥିଲେ। ତାଙ୍କର ଗୋଟିଏ ପୁଅ ଏବଂ ଦୁଇ ୨ ଝିଅ ଥିଲେ। କରୁଣା ତାଙ୍କ ବାପାଙ୍କ ଘର ପୂର୍ଣ୍ଣିଗୁଡ଼ାକୁ ଯାଇଥିଲେ। ସେଠାରେ ଶୁକ୍ରବାର ରାତିରେ ତାଙ୍କର ଦେହାନ୍ତ ହୋଇଥିଲା। ତେବେ ସେଠାରେ ଅନେକ କସରତ ପରେ ମଧ୍ୟ ସରକାରୀ ଗାଡ଼ି କି କୌଣସି ସରକାରୀ ସାହାଯ୍ୟ ସୁବିଧା ମିଳି ନ ଥିଲା। ଗରିବ ଶ୍ରେଣୀର ହୋଇଥିବାରୁ ଅର୍ଥାଭାବରୁ କୌଣସି ଗାଡ଼ି ବ୍ୟବସ୍ଥା କରି ନ ପାରି କରୁଣାଙ୍କ ମୃତଦେହକୁ ସମ୍ପର୍କୀୟମାନେ ପ୍ରାୟ ୨୦ କି.ମି. ଖଟିଆରେ ବୋହି ଫୁପୁଗାଁକୁ ଆଣିଥିଲେ। ସେଠାରେ ତାଙ୍କ ମୃତଦେହ ସତ୍କାର କରାଯାଇଥିଲା। ଗରିବ ଲୋକଙ୍କ ପାଇଁ ଅନେକ ସରକାରୀ ଯୋଜନା ଥିବା ବେଳେ ମୃତ୍ୟୁ ପରେ ଶବବାହକ ଗାଡ଼ି ମିଳୁ ନ ଥିବାରୁ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିବା ସହ ଉପାନ୍ତ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ସରକାରୀ ଯୋଜନା ଠିକ୍‌ରେ ପହଞ୍ଚିପାରୁ ନ ଥିବା ପ୍ରମାଣିତ ହେଉଛି ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି।

# ମୋରମ ଖାଦାନରୁ ଯୁବକଙ୍କ ମୃତଦେହ ଜବତ

## ସାଇଣ୍ଟିଫିକ୍ ଟିମ ସହାୟତାରେ ତଦନ୍ତ ଆରମ୍ଭ


ମୃତ ଯୁବକ ଡମ୍ବରୁଧରଙ୍କ ଫାଇଲ ଫଟୋ।

ଅମରପାଲି,୨୭।୧(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ସୁବଳୟା ଥାନା ଅନ୍ତର୍ଗତ ଚନ୍ଦିଲି ଗ୍ରାମର ଦଲେଇଝୁଲି ରାସ୍ତା କଡ଼ରେ ଥିବା ଏକ ମୋରମ ଖାଦାନରୁ ଜଣେ ଯୁବକଙ୍କ କ୍ଷତାକ୍ତ ମୃତଦେହ ଜବତ ହୋଇଛି। ମୃତ ଯୁବକ ହେଲେ ସୁବଳୟା ଗ୍ରାମର ଧିବରପଡ଼ାର ଡମ୍ବରୁଧର ଅଧିକାରୀ(୨୫)। ମୃତ ଯୁବକଙ୍କ ପିତା ସୁରେଶ ଅଧିକାରୀ ଙ୍କ ଅଭିଯୋଗ ଆଧାରରେ ଥାନାରେ ଏକ ମାମଲା (ନଂ ୧୯/୧୪) ରୁଜୁ ହୋଇଛି। ଅଭିଯୋଗ ଅନୁସାରେ, ଗୁରୁବାର ରାତିରେ ଡମ୍ବରୁଧରଙ୍କୁ ଘରୁ କେତେଜଣ ପିଲା ଡାକି ନେଇଥିଲେ। ସେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ତେବେ ଶୁକ୍ରବାର ଦିନ ସ୍ଥାନୀୟ ଲୋକେ ମୋରମ ଖାଦାନରେ ମୃତଦେହ ପଡିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ଯୁବକଙ୍କ ଦେହରେ କ୍ଷତ ଚିହ୍ନ ରହିଛି। ଏହାସହିତ ମୃତଦେହ ନିକଟରେ ମଦ ଥିବା ବୋତଲ,ଚପଲ ଓ ଏକ ସ୍କୁଟି ଥିବା ପୋଲିସ ସୂଚନା ଦେଇଛି। ଶୁକ୍ରବାର ଦିନ ସାଇଣ୍ଟିଫିକ ଟିମ୍ ଓ ଅନୁସନ୍ଧାନୀ କୁକୁର ସହାୟତାରେ ଅଧିକ ତଦନ୍ତ ଜାରି ରହିଛି। ଏହି ଘଟଣାରେ ଏଯାଏ କେହି ଗିରଫ ହୋଇ ନ ଥିବା ଜଣାପଡ଼ିଛି।

# କାନାରା କ୍ରିକେଟ୍ ଲିଗ୍ ଉଦଘାଟିତ

ନୂଆଦିଲ୍ଲୀ,୨୭।୧

କାନାରା ବ୍ୟାଙ୍କ ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଭୁବନେଶ୍ୱର ସ୍ଥିତ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ଖେଳ ପଡ଼ିଆରେ ଏକ ୨ଦିନିଆ (୨ଦିବସୀୟ) କାନାରା କ୍ରିକେଟ ଲିଗ୍ ମ୍ୟାଚ୍ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆର ରିଜିଓନାଲ ଡାଇରେକ୍ଟର ଏସ୍.ପି.ମହାନ୍ତି, କାନାରା ବ୍ୟାଙ୍କର ଡାଇରେକ୍ଟର ବି.ପି.ଶର୍ମା, ନାବାର୍ଡର ଜେନେରାଲ ମ୍ୟାନେଜର ଡ. ବି.ବି. ସାହୁ ତଥା ଆଇଡିବିଆଇ ବ୍ୟାଙ୍କର କୁନ୍ତଳ ବିଶ୍ୱାସ ପ୍ରମୁଖ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ବ୍ୟାଙ୍କର୍ସ ଗ୍ରୁପ୍ ଦ୍ୱାରା ପ୍ରଥମଥର ପାଇଁ ଏହି କ୍ରିକେଟ ମ୍ୟାଚ ଆୟୋଜିତ ହୋଇଛି। ଏଥିରେ ଓଡିଶାର ୧୨ଟି ବ୍ୟାଙ୍କ ଯଥା ଆର୍‌ବିଆଇ, ନାବାର୍ଡ, ଆଇଡିବିଆଇ, କାନାରା, ଷ୍ଟେଟ ବ୍ୟାଙ୍କ, ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ , ୟୁକୋ ବ୍ୟାଙ୍କ, ବ୍ୟାଙ୍କ ଅଫ୍ ଇଣ୍ଡିଆ, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ଆଇସିଆଇସିଆଇ, ଆକ୍ସିସ ଏବଂ ବ୍ୟାଙ୍କ ଅଫ୍ ବରୋଦା ଅଂଶ ଗ୍ରହଣ କରିଥିଲେ। ଏ ନେଇ କାନାରା ବ୍ୟାଙ୍କର ମହାପ୍ରବନ୍ଧକ ଜଗଦୀଶ ଚନ୍ଦ୍ର ଟୁର୍ନାମେଣ୍ଟରେ ଭାଗ ନେଇଥିବା ସମସ୍ତ ବ୍ୟାଙ୍କର୍ସ ଟିମ୍‌କୁ ଧନ୍ୟବାଦ ଅର୍ପଣ କରିଥିଲେ। ଫିଟ୍ ଇଣ୍ଡିଆ ମୋମେଣ୍ଟ ଜରିଆରେ ଏହି ଟୁର୍ନାମେଣ୍ଟ ଆୟୋଜନ କରାଯାଇଛି। ଏହାର ମୂଳ ଉଦ୍ଦେଶ୍ୟ ସୁସ୍ଥ ଶରୀର ଏବଂ ସ୍ୱଚ୍ଛ ମନ ଗଠନ କରିବା। ଫଳରେ ବ୍ୟାଙ୍କ ବ୍ୟବସାୟରେ ମଧ୍ୟ ଉନ୍ନତି ଘଟିବ। କାନାରା ବ୍ୟାଙ୍କର ମୁଖ୍ୟ ଅତିଥି ବି.ପି. ଶର୍ମା ମଧ୍ୟ ଖେଳାଳିମାନଙ୍କର ସାହସ ବଢ଼ାଇଥିଲେ। କାନାରା ବ୍ୟାଙ୍କ ଦ୍ୱାରା ଆୟୋଜିତ ଏହି ଟୁର୍ନାମେଣ୍ଟ ପାଇଁ ଆର୍‌ବିଆଇ ରିଜିଓନାଲ ଡାଇରେକ୍ଟର ଏସ୍.ପି. ମହାନ୍ତି ବହୁ ପ୍ରଶଂସା କରିଥିଲେ। ମହିଳାମାନଙ୍କ ପାଇଁ ମଧ୍ୟ ଏଭଳି ମ୍ୟାଚର ଆୟୋଜନ କରିବା ପାଇଁ ପ୍ରେରଣା ଦେଇଥିଲେ। ନାବାର୍ଡର ମହାପ୍ରବନ୍ଧକ ଡ. ବି.ବି. ସାହୁ, ଆଇଡିବିଆଇ ମୁଖ୍ୟ କୁନ୍ତଳ ବିଶ୍ୱାସ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଅପରପକ୍ଷରେ କାନାରା ବ୍ୟାଙ୍କର ଉପମହାପ୍ରବନ୍ଧକ ପି.ଠାକୁର ନାୟକ, ସହ ମହାପ୍ରବନ୍ଧକ ଜିତ ରୁଦ୍ରଚାର୍ଜୀ, ସହାୟକ ମହାପ୍ରବନ୍ଧକ ରାମରତନ, ମଣ୍ଡଳ ପ୍ରବନ୍ଧକ ବିବେକ ପାଟନୀ, ସହାୟକ ମହାପ୍ରବନ୍ଧକ ମହାମାୟା ପ୍ରସାଦ ରୟ, ସହାୟକ ମହାପ୍ରବନ୍ଧକ ନିରଜ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଦୁଇଦିବସୀୟ ଟୁର୍ନାମେଣ୍ଟର ଉଦ୍‌ଯାପନୀ ସମାରୋହ ୨୮ଜାନୁଆରୀରେ ଶିକ୍ଷା ଓ ଅନୁସନ୍ଧାନ ଖେଳ ପଡ଼ିଆରେ ଅନୁଷ୍ଠିତ ହେବ।

# ମାଛଚାଷୀଙ୍କ କବ୍‌ଜାରେ ଭିତରକନିକା ସଂରକ୍ଷିତ ଜଙ୍ଗଲ

କେନ୍ଦ୍ରାପଡ଼ା,୨୭।୧(ଜଗନ୍ନାଥ ଧଳ)

ପାକୁ ବା ରୂପଚାନ୍ଦି ମାଛ ଖାଇବା ପାଇଁ ସୁସ୍ୱାଦୁ। ଏହାର ଶରୀର ମାତ୍ର ଗୋଟିଏ ହାଡରେ ଗଢ଼ା। ତେବେ ପିରାନା ପ୍ରଜାତିର ଏହି ମାଛଙ୍କ ବାସସ୍ଥଳୀ ଅଞ୍ଚଳର ସମଗ୍ର ଜୈବ ବିବିଧତାକୁ ନଷ୍ଟ କରିଥାଏ। ଏହି ମାଛ ଚାଷ ବନ୍ଦ ପାଇଁ ନିଉଗୁଏନା ସମେତ ବିଭିନ୍ନ ଦେଶ ଆଇନ ପ୍ରଣୟନ କରିଛନ୍ତି। ନବଜାତକ କୁମ୍ଭୀର ଓ ସାମୁଦ୍ରିକ ଜୀବଙ୍କ ଆହାରକୁ ସଂଘବଦ୍ଧ ଭାବେ ରହୁଥିବା ଏହି ପାକୁ ମାଛ ଅକ୍ଲେଶରେ ଗିଳି ଦେଇପାରେ। ଏପରିକି ଗୋଟିଏ ଗାଈର ଶବକୁ ମାତ୍ର କେତୋଟି ମିନିଟ ମଧ୍ୟରେ ନିଶ୍ଚିହ୍ନ କରି ଦେବାର କ୍ଷମତା ରଖିଛନ୍ତି ବୋଲି ପ୍ରାଣୀ ବିଜ୍ଞାନ ଗବେଷକ ଦେବୀ ପ୍ରସାଦ ସାହୁ ପ୍ରକାଶ କରିଛନ୍ତି। ଆଲୋଚନାର ବିଷୟବସ୍ତୁରେ ଥିବା ଏହି ପିରାନା ପ୍ରଜାତିର ମାଛ ଚାଷ ଏବେ ଜାତୀୟ ଉଦ୍ୟାନ ଭିତରକନିକାରେ ପ୍ରଚୁର ପରିମାଣରେ ଦେଖିବାକୁ ମିଳୁଛି। ଭିତରକନିକା ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଥିବା ନାଳ ଓ ପୋଖରୀରେ ଏହି ମାଛ ଚାଷ ହେଉଛି। ଚିଙ୍ଗୁଡ଼ି ଘେରି ଜାତୀୟ ଉଦ୍ୟାନ ପାଇଁ ବିପଦ ସାଜିଥିବା ବେଳେ ପିରାନା ଚାଷ ସମଗ୍ର ଜୈବ ବିବିଧତାକୁ ନଷ୍ଟ କରିବ ବୋଲି ପରିବେଶବିତ୍‌ମାନେ ମତ ଦେଇଛନ୍ତି।

ଏସମ୍ପର୍କରେ ରାଜନଗରର ପରିବେଶବିତ୍ ଅଶୋକ କୁମାର ସାମଲ କହିଛନ୍ତି, ଭିତରକନିକାର ପରିବେଶ ସୁରକ୍ଷା ଏବେ ଅଣାୟତ ହୋଇଛି। ଚିଙ୍ଗୁଡ଼ି ଘେରି ବଢ଼ି ଚାଲିଥିବା ବେଳେ ଗତ ୫ ବର୍ଷ ଧରି ରୂପଚାନ୍ଦି ମାଛ ଚାଷ ସଂରକ୍ଷିତ ଜଙ୍ଗଲ ଅଞ୍ଚଳରେ ହେଉଛି। ଜାତୀୟ ଉଦ୍ୟାନର ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଥିବା ନାଳ ଓ ପୋଖରୀରେ ମାଛ ଚାଷ ହେଉଥିବା ଯୋଗୁ ପରିବେଶ ସନ୍ତୁଳନ ହୋଇପାରୁନାହିଁ। ଜାତୀୟ ଉଦ୍ୟାନର ସୁଦୀର୍ଘ ଘଞ୍ଚ ଜଙ୍ଗଲ, ପଶୁପକ୍ଷୀ, ସାମୁଦ୍ରିକ ତଟାଞ୍ଚଳର ପରିବେଶ ଦେଶ ବିଦେଶର ପର୍ଯ୍ୟଟକଙ୍କୁ ଆକର୍ଷିତ କରେ। ଏଥିସହିତ ଅଲିଭରିଡଲେଙ୍କ ଅନ୍ତୁଡିଶାଳ, ବଉଳା କୁମ୍ଭୀର, ଡଲଫିନ ଆଦି ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଛି। ଏପରିସ୍ଥଳେ ଚିଙ୍ଗୁଡି ଘେରି ଓ ପିରାନା ପ୍ରଜାତିର ମାଛ ଚାଷ ଫଳରେ ମାଛ ବ୍ୟବସାୟୀଙ୍କ କବଳକୁ ଜଙ୍ଗଲ ଚାଲି ଯାଉଥିବା ସେ କ୍ଷୋଭ ପ୍ରକାଶ କରି କହିଛନ୍ତି। ସାମାଜିକ କର୍ମୀ ପ୍ରତାପ ପାଢ଼ୀ କହିଛନ୍ତି, ଭିତରକନିକାର ସୁରକ୍ଷା ପାଇଁ ଉଚ୍ଚ ନ୍ୟାୟାଳୟ ପକ୍ଷରୁ ବିଭିନ୍ନ ସମୟରେ ଜନସ୍ୱାର୍ଥ ମାମଲା ରୁଜୁ ହେଉଛି। ଏହାର ପରିଧି ମଧ୍ୟରେ ଥିବା ବେଆଇନ ଚିଙ୍ଗୁଡି ଘେରି ଉଚ୍ଛେଦକୁ ଗୁରୁତ୍ୱ ଦିଆଯାଇଛି। ଭିତରକନିକା ପରିବେଶ ସୁରକ୍ଷା ପାଇଁ ହାଇକୋର୍ଟ ପକ୍ଷରୁ ଆମିକସକ୍ୟୁରୀ ମୋହିତ ଅଗ୍ରୱାଲ ନିଯୁକ୍ତ ଅଛନ୍ତି। ଏହାସତ୍ତ୍ୱେ ମାଛ ଘେରି ସଂଖ୍ୟା ବୃଦ୍ଧି ପାଇଥିବା ଲକ୍ଷ୍ୟ କରାଯାଉଛି। ନିଷିଦ୍ଧାଞ୍ଚଳରେ ମାଛ ଚାଷ ଫଳରେ ଏହାର ବିଷାକ୍ତ ବର୍ଜ୍ୟବସ୍ତୁ ଜଙ୍ଗଲକୁ ଧ୍ୱଂସ କରୁଥିବା ସେ ପ୍ରକାଶ କରିଛନ୍ତି। ପରିବେଶବିତ୍ ପ୍ରଭୁପ୍ରସାଦ ମହାପାତ୍ର କହିଛନ୍ତି, ଜାତୀୟ ଉଦ୍ୟାନ ମଧ୍ୟରେ ଥିବା ଜଙ୍ଗଲଜମି ସ୍ଥାନୀୟ ରାଜନେତାଙ୍କ ଭୋଟବ୍ୟାଙ୍କ ସାଜିଛି। ଅନୁପ୍ରବେଶକାରୀ ଏହି ଜମିକୁ ଜବରଦଖଲ କରି ରହିବା ସହିତ ମାଛ ଚାଷ, ପଶୁପକ୍ଷୀଙ୍କ ଶୀକାର ସହିତ ଗଛ ନଷ୍ଟ କରୁଛନ୍ତି। ଅନୁପ୍ରବେଶକାରୀଙ୍କୁ ରୋକା ନ ଗଲେ ଭିତରକନିକା ଶ୍ରୀହୀନ ହୋଇଯିବ ବୋଲି ସେ ଆଶଙ୍କା ପ୍ରକାଶ କରିଛନ୍ତି। ଏସମ୍ପର୍କରେ ରେଞ୍ଜର ପ୍ରଦୋଷ ମହାରଣା କହିଛନ୍ତି, ଭିତରକନିକାକୁ ଅବାଧ ପ୍ରବେଶ ନିଷେଧ ହୋଇଛି। ଏଠାରେ ଥିବା ଚିଙ୍ଗୁଡି ଘେରିକୁ ଜିଲା ପ୍ରଶାସନ ସହାୟତାରେ ଭଙ୍ଗା ଯାଉଛି। ପିରାନା ଚାଷ ସମ୍ପର୍କରେ ଜାଣି ନ ଥିବା କହିବା ସହ ଏନେଇ ତଦନ୍ତ ହେବ ବୋଲି ସେ ମତ ରଖିଛନ୍ତି।


ଭିତରକନିକା ନିଷିଦ୍ଧାଞ୍ଚଳରେ ମତ୍ସ୍ୟଜୀବୀମାନେ ମାଛ ଧରୁଛନ୍ତି।

# ବ୍ରେକ୍‌ଫେଲ୍‌ରୁ ବସ୍ ଦୁର୍ଘଟଣାଗ୍ରସ୍ତ, ଯୁବକ ଗୁରୁତର



କୋରାପୁଟ,୨୭।୧ (ଅମିତାଭ ବେହେରା)

କୋରାପୁଟ ସହରରେ ଶନିବାର ସନ୍ଧ୍ୟାରେ ବ୍ରେକ୍‌ଫେଲ ହୋଇ ଏକ ଘରୋଇ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଜଣେ ବ୍ୟକ୍ତି ଗୁରୁତର ହୋଇଛନ୍ତି। ସେ ହେଲେ ବିଘ୍ନରାଜ ବେହେରା (୪୫)। ତୀର୍ଥଯାତ୍ରୀମାନଙ୍କୁ ରାୟଗଡ଼ା ଷ୍ଟେଶନରେ ଛାଡ଼ିବାକୁ ଯିବା ଲାଗି ବସ୍‌ଟି କୋରାପୁଟ ସଂସ୍କୃତି ଭବନଠାରେ ଥିଲା। ଯାତ୍ରୀମାନେ ବସ୍‌କୁ ଉଠି ସାରିବା ପରେ ଡ୍ରାଇଭର ରାୟଗଡ଼ା ଅଭିମୁଖେ ଯିବାକୁ ଗାଡ଼ି ଷ୍ଟାର୍ଟ କରିଥିଲେ। ମାତ୍ର ଗାଡିଟି ଷ୍ଟାର୍ଟ ହୋଇ ନ ଥିଲା। କେତେଜଣ ବସ୍‌ରୁ ଓହ୍ଲାଇ ଠେଲିବାକୁ ଲାଗିଲେ। ପରେ ଗାଡ଼ି ଷ୍ଟାର୍ଟ ହେବା ପରେ ଓହ୍ଲାଇଥିବା ଯାତ୍ରୀମାନେ ଚଢ଼ିବାକୁ ଡ୍ରାଇଭର ବ୍ରେକ୍ ମାରିବାରୁ ଆଉ ବ୍ରେକ୍ ଧରି ନ ଥିଲା। ଫଳରେ ବସ୍‌ଟି ବ୍ରେକ୍‌ଫେଲ ହୋଇ ୨୬ନଂ. ଜାତୀୟ ରାଜପଥ ଦେଇ ଚନ୍ଦନ ପୋଖରୀ ନିକଟରେ ଥିବା ବିଜୁ ପାଠାଗାର କାନ୍ଥକୁ ଧକ୍କାଦେବା ସହ ସେଠାରେ ବାଇକ୍ ରଖି ଛିଡ଼ାହୋଇଥିବା ବିଘ୍ନରାଜଙ୍କୁ ମଧ୍ୟ ଧକ୍କା ଦେଇଥିଲା। ଏଥିରେ ସେ ଗୁରୁତର ହୋଇଥିଲେ। ତାଙ୍କୁ ସଙ୍ଗେସଙ୍ଗେ କୋରାପୁଟ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଛି। ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି।


## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସୁନ୍ଦରଗଡ଼
### (ଭୂ–ଅର୍ଜନ ଉପବିଭାଗ)
### ଅଧିସୂଚନା
(ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ର ଧାରା ୧୧(୧))

ବିଜ୍ଞପ୍ତି ସଂଖ୍ୟା – ୧୦୯୦ ତାରିଖ: ୦୯।୦୮।୨୩/ସୁନ୍ଦରଗଡ଼

No. VII-08: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ କୋଇଲା ପରିବହନ ନିମନ୍ତେ ଏକ ସମର୍ପିତ କୋଲ କରିଡ଼ର ରାସ୍ତା ନିର୍ମାଣ ନିମନ୍ତେ ମୌଜା: ଖମାରବାହାଲ, ଥାନା: ଭସ୍ମା, ତହସିଲ: ଟାଙ୍ଗରପାଲ୍ଲୀ, ଜିଲ୍ଲା: ସୁନ୍ଦରଗଡ଼ରେ ନିମ୍ନ ତଫସିଲ ମତେ ପ୍ରାୟ ୦.୯୨ ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – କୋଇଲା ପରିବହନ ନିମନ୍ତେ ଏକ ସମର୍ପିତ କୋଲ କରିଡ଼ର ରାସ୍ତା ନିର୍ମାଣ
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ, ରାସ୍ତା ଏବଂ ଗୃହ, ସୁନ୍ଦରଗଡ଼ ଡିଭିଜନ
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ପ୍ରଯୁଜ୍ୟ ନୁହେଁ
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଏଥି ସହିତ ସଂଲଗ୍ନ କରାଗଲା
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଉପ–ଜିଲ୍ଲାପାଳ, ସୁନ୍ଦରଗଡ଼
୬. ଜମିର ବିବରଣୀ

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା (ଏକରରେ) | ରୟତଙ୍କ ନାମ |
|---|---|---|---|---|---|---|---|---|
| ସୁନ୍ଦରଗଡ଼ | ଟାଙ୍ଗରପାଲି | ଖମାରବାହାଲ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ୦.୯୨ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ତଥା ବିସ୍ତୃତ ବିବରଣୀ ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।
ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।
ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମିମାଲିକ ଭୂମି ଅଧିଗ୍ରହଣ ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

ରାଜ୍ୟପାଳଙ୍କ ଆଦେଶ କ୍ରମେ
ସ୍ୱା./– ଜିଲ୍ଲାପାଳ, ସୁନ୍ଦରଗଡ଼

### ଜମିର ତଫସିଲ
ମୌଜା: ଖମାରବାହାଲ, ଥାନା: ଭସ୍ମା, ତହସିଲ: ଟାଙ୍ଗରପାଲି, ଜିଲ୍ଲା: ସୁନ୍ଦରଗଡ଼

| କ୍ରମାଙ୍କ | ଖାତା ନମ୍ବର | ପ୍ଲଟ ନମ୍ବର | କିସମ | ମୋଟ ରକବା (ଏକର) | ଅର୍ଜିତ ରକବା (ଏକର) | ପ୍ରଜାଙ୍କ ନାମ |
|---|---|---|---|---|---|---|
| ୧ | ୧୧ | ୧୫୯ | ବାହାଲ ସାଧାରଣ | ୧.୬୧ | ୦.୦୬ | ଧନୁର୍ଜ୍ୟ ବୁଢ଼ା, ପିତା: ଗୋବିନ୍ଦ ବୁଢ଼ା, ଜାତି: ଭୂୟାଁ, ବାସସ୍ଥାନ: ନିଜଗାଁ |
| ୨ | ୨୫ | ୬୧୭ | ଗୋଡ଼ା ଏକ | ୦.୪୦ | ୦.୨୨ | ନକୁଳ ବୁଢ଼ା, ପିତା: ଜଗନ୍ନାଥ ବୁଢ଼ା, ଜାତି: ଭୂୟାଁ, ବାସସ୍ଥାନ: ନିଜଗାଁ |
| ୩ | ୨୮ | ୬୧୦ | ବାହାଲ ସାଧାରଣ | ୦.୪୩ | ୦.୨୪ | ନୀଳ ବୁଢ଼ା, ପିତା: ମାନରଥ ବୁଢ଼ା, ଜାତି: ଭୂୟାଁ, ବାସସ୍ଥାନ: ନିଜଗାଁ |
| ୪ | ୪୭ | ୬୧୮ | ବଗାୟତ ଦୁଇ | ୦.୪୭ | ୦.୧୪ | ଭକ୍ତି ଚୌଧୁରୀ, ପିତା: ଦୁମଲି ଚୌଧୁରୀ, ଜାତି: ଭୂୟାଁ, ବାସସ୍ଥାନ: ନିଜଗାଁ |
| ୫ | ୫୭ | ୧୬୦ | ମାଳ ସାଧାରଣ | ୦.୦୪ | ୦.୦୧ | ରଘୁନାଥ ବୁଢ଼ା, ପିତା: ମନରଥ ବୁଢ଼ା, ଜାତି: ଭୂୟାଁ, ବାସସ୍ଥାନ: ନିଜଗାଁ |
| ୬ | ୬୪ | ୫୭୬ | ଘରବାରି | ୦.୩୯ | ୦.୦୨ | ଭକ୍ତରାମ ବୁଢ଼ା, ପିତା: ରସାନନ୍ଦ ବୁଢ଼ା, ଜାତି: ଭୂୟାଁ, ବାସସ୍ଥାନ: ନିଜଗାଁ |
| | | ୬୦୯ | ବାହାଲ ସାଧାରଣ | ୦.୬୯ | ୦.୦୪ | |
| ୭ | ୭୬ | ୬୧୧/ ୭୬୦ | ଗୋଡ଼ା – ୨ | ୦.୦୩ | ୦.୦୩ | ସରସ୍ୱତୀ ସରଡ଼ିଆ, ସ୍ୱାମୀ: ବାବୁଲାଲ ସରଡ଼ିଆ, ବାସସ୍ଥାନ: ଅମସଢ଼େଗି, ଶୁଶିଲା ପ୍ରଧାନ, ସ୍ୱାମୀ: ମୋହନ ପ୍ରଧାନ, ଜାତି: ଭୂୟାଁ, ବାସସ୍ଥାନ: ଖମାରବାହାଲ |
| ୮ | ୭୮/ ୧୦୬ | ୧୬୧/ ୯୭୦ | ବାହାଲ ସାଧାରଣ | ୦.୧୦ | ୦.୦୬ | ଅଭିନା ମହାନନ୍ଦିଆ, ସ୍ୱାମୀ: ମଧୁସୂଦନ ମହାନନ୍ଦିଆ, ଜା: ଗଣ୍ଡା, ବାସସ୍ଥାନ: ନିଜଗାଁ |
| ମୋଟ ଅର୍ଜନ ରକବା | | | | | ୦.୯୨ | |

ସ୍ୱା./– ଭୂ–ଅର୍ଜନ ଅଧିକାରୀ, ସୁନ୍ଦରଗଡ଼ | ସ୍ୱା./– ଅତିରିକ୍ତ ଜିଲ୍ଲାପାଳ, ସୁନ୍ଦରଗଡ଼ | ସ୍ୱା./– ଜିଲ୍ଲାପାଳ, ସୁନ୍ଦରଗଡ଼

OIPR-24160/14/0011/2324


# ଶିକ୍ଷାନୁଷ୍ଠାନରେ ଓବିସି ସଂରକ୍ଷଣ ପାଇଁ ଆନ୍ଦୋଳନ ହେବ: ସୁରଥ

ଭୁବନେଶ୍ୱର,୨୭।୧(ଅନିଲ ଦାସ)

ଓଡ଼ିଶାରେ ପଛୁଆ ବର୍ଗ ଷଡ଼ଯନ୍ତ୍ରର ଶିକାର ହେଉଛନ୍ତି। ସ୍କୁଲ, କଲେଜରେ ଓବିସି ଛାତ୍ରୀଛାତ୍ରଙ୍କୁ ସଂରକ୍ଷଣ ବ୍ୟବସ୍ଥାରୁ ବଞ୍ଚିତ ରଖାଯାଉଛି। ପଛୁଆ ବର୍ଗଙ୍କୁ ଗଣତନ୍ତ୍ରରେ ଉଚିତ ସମ୍ମାନ ଦିଆଯାଉ ନାହିଁ। ଓଡ଼ିଶା ଜନସଂଖ୍ୟାର ୫୪% ପଛୁଆ ବର୍ଗଙ୍କ ପ୍ରତି ରାଜ୍ୟ ସରକାର ଅନ୍ୟାୟ କରିଛନ୍ତି। ରାଜ୍ୟ ସରକାର ମଣ୍ଡଳ କମିଶନ ସୁପାରିସ ଆଧାରରେ ୨୭ ପ୍ରତିଶତ ସଂରକ୍ଷଣ ଦେଉନାହାନ୍ତି। ଏଥିପାଇଁ ଭାଜପା ପଛୁଆବର୍ଗର ସ୍ୱାର୍ଥ ପାଇଁ ଲଢ଼େଇ ଜାରିରଖିବ ବୋଲି ରାଜ୍ୟ ଓବିସି ମୋର୍ଚ୍ଚା ସଭାପତି ସୁରଥ ବିଶ୍ୱାଳ କହିଛନ୍ତି।

ଶନିବାର ଭୁବନେଶ୍ୱର ମଞ୍ଚେଶ୍ୱରଠାରେ ଓବିସି ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ଯୋଗଦେଇ ବିଶ୍ୱାଳ କହିଛନ୍ତି, ରାଜ୍ୟରେ ୫୪ ପ୍ରତିଶତ ପଛୁଆବର୍ଗର ଛାତ୍ରୀଛାତ୍ରମାନେ ରାଜ୍ୟ ବିଜେଡି ସରକାରଙ୍କ ଦାୟିତ୍ୱହୀନ ଓ ବେଖାତିର ମନୋଭାବ କାରଣରୁ ସେମାନଙ୍କ ସାମ୍ବିଧାନିକ ଅଧିକାରରୁ ବଞ୍ଚିତ ହେଉଛନ୍ତି। ଦେଶର ଅନ୍ୟ ରାଜ୍ୟଗୁଡିକରେ ଶିକ୍ଷା କ୍ଷେତ୍ରରେ ନାମ ଲେଖା ପାଇଁ ୨୭ପ୍ରତିଶତ ସଂରକ୍ଷଣ ଦିଆଯାଉଥିବା ବେଳେ ଓଡ଼ିଶାରେ ଆଦୌ ଦିଆ ନ ଯିବା ବା କାର୍ଯ୍ୟକାରୀ ନ ହେବା ସମ୍ପର୍କରେ କାର୍ଯ୍ୟକାରିଣୀରେ ସେ ଗଭୀର ଚିନ୍ତାପ୍ରକଟ କରିଛନ୍ତି। ରାଜ୍ୟ ସରକାର ସବୁ ଜାଣି ନ ଜାଣିବା ପରି ସମ୍ପୂର୍ଣ୍ଣ ନୀରବତା ଅବଲମ୍ବନ କରୁଛନ୍ତି। ଫଳରେ ପ୍ରତିବର୍ଷ ହଜାର ହଜାର ସଂଖ୍ୟାରେ ପଛୁଆବର୍ଗର ବିଦ୍ୟାର୍ଥୀ ସେମାନଙ୍କ ଈପ୍‌ସିତ ଲକ୍ଷ୍ୟରେ ପହଞ୍ଚିବାରେ ବିଫଳ ହେଉଛନ୍ତି। ରାଜ୍ୟ ସରକାରଙ୍କ ଓବିସି ବିରୋଧୀ ମନୋଭାବକୁ ଦୃଢ଼ ନିନ୍ଦା କରିବା ସହ ଆଗାମୀ ନାମଲେଖା ଋତୁରେ ଓବିସି ଓ ଏସ୍‌ଇବିସି ଛାତ୍ରୀଛାତ୍ରଙ୍କ ସଂରକ୍ଷଣ ସମ୍ପର୍କରେ ଯଦି କୌଣସି ନିଷ୍ପତ୍ତି ନ ନିଅନ୍ତି ପରିସ୍ଥିତି ଭୟାବହ ହେବ ବୋଲି ସୁରଥ କାର୍ଯ୍ୟକାରିଣୀରେ ସତର୍କ କରାଇଛନ୍ତି।

କାର୍ଯ୍ୟକାରିଣୀ ବୈଠକରେ ରାଜ୍ୟ ସଭାପତି ମନମୋହନ ସାମଲ, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ଓବିସି ମୋର୍ଚ୍ଚା ରାଜ୍ୟ ପ୍ରଭାରୀ ତଥା ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ରାଜ୍ୟ ସାଧାରଣ ସମ୍ପାଦକ(ସଂଗଠନ) ମାନସ ମହାନ୍ତି, ରଞ୍ଜନ ପଟେଲ ପ୍ରମୁଖ ଉପସ୍ଥିତ ରହି ଦଳୀୟ ସଂଗଠନରେ ମୋର୍ଚ୍ଚାର ଭୂମିକା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଓବିସି ମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ଜ୍ଞାନେନ୍ଦ୍ର କୁମାର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ରାଜ୍ୟ ସାଧାରଣ ସମ୍ପାଦକ ପ୍ରତାପ ପ୍ରଧାନ ରାଜନୈତିକ ଚିଠା ପ୍ରସ୍ତାବ ଆଗତ କରିଥିବାବେଳେ ରାଜ୍ୟ ମୁଖପାତ୍ର ମନୋଜ ମହାପାତ୍ର, ଉପସଭାପତି ଦୁର୍ଗା ପ୍ରସନ୍ନ ନାୟକ, ରାଜ୍ୟ ସମ୍ପାଦକ ସିଦ୍ଧାର୍ଥ ଶଙ୍କର ପତି ପ୍ରସ୍ତାବକୁ ସମର୍ଥନ କରିଥିଲେ। ରାଜ୍ୟ ସାଧାରଣ ସମ୍ପାଦକ(ସଂଗଠନ) ମାନସ ମହାନ୍ତି ମୋର୍ଚ୍ଚାର ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ କାର୍ଯ୍ୟକାରିଣୀକୁ ଅବଗତ କରିଥିଲେ।



ଓବିସି ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ବୈଠକ

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




# ପଞ୍ଜାବ କେଶରୀ ଲାଲା ଲଜ୍‌ପତ

**ଆଜି ଜନ୍ମଦିନ**

**ଲା**ଲା ଲଜ୍‌ପତ ରାୟ ଜଣେ ମହାନ ଭାରତୀୟ ସ୍ୱାଧୀନତା ସଂଗ୍ରାମୀ। ସେ ପଞ୍ଜାବ କେଶରୀ ଭାବରେ ମଧ୍ୟ ଲୋକପ୍ରିୟ ଥିଲେ। ସେ ଲାଲ୍ ବାଲ୍ ପାଲ୍ ତିନିଜଣ ସଦସ୍ୟଙ୍କ ମଧ୍ୟରୁ ଜଣେ। ବ୍ରିଟିଶ୍ ସାଇମନ କମିଶନଙ୍କର ଭାରତୀୟ ସାମ୍ବିଧାନିକ ସଂସ୍କାର ବିରୋଧରେ ଶାନ୍ତିପୂର୍ଣ୍ଣ ବିରୋଧ ପ୍ରଦର୍ଶନ କରିବା ସମୟରେ ସେ ଲାହୋରରେ ପୋଲିସ ଲାଠିଚାର୍ଜର ସମ୍ମୁଖୀନ ହୋଇଥିଲେ। ୧୮ ଦିନ ପରେ ମୁଣ୍ଡରେ ଆଘାତ ଲାଗିଥିବା କାରଣରୁ ତାଙ୍କର ମୃତ୍ୟୁ ଘଟିଥିଲା। ଲଜ୍‌ପତ ରାୟ ୨୮ ଜାନୁଆରୀ ୧୮୬୫ରେ ଏକ ଅଗ୍ରୱାଲ ଜୈନ ପରିବାରରେ ଭାରତର ପଞ୍ଜାବ ପ୍ରଦେଶର ଫରିଦକୋଟ ଜିଲା ଅନ୍ତର୍ଗତ ଧୁଦ୍ଧିକେଠାରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ପିତା ମୁନ୍‌ସୀ ରାଧାକ୍ରିଷ୍ଣ ସରକାରୀ ବିଦ୍ୟାଳୟର ଉର୍ଦ୍ଦୁ ଏବଂ ପାର୍ସୀ ଶିକ୍ଷକ ଥିଲେ। ମା' ଗୁଲାବ ଦେବୀ ଅଗ୍ରୱାଲଙ୍କର ୬ ଜଣ ସନ୍ତାନଙ୍କ ମଧ୍ୟରେ ସେ ଜ୍ୟେଷ୍ଠ ପୁତ୍ର ଭାବରେ ଜନ୍ମ ହୋଇଥିଲେ। ତାଙ୍କର ବିଦ୍ୟାଳୟ ଶିକ୍ଷା ଜାଗ୍ରୋନରେ ସମ୍ପନ୍ନ ହୋଇଥିଲା। ଭାରତୀୟ ଜାତୀୟ କଂଗ୍ରେସରେ ଯୋଗଦେବା ପରେ ପଞ୍ଜାବରେ ରାଜନୈତିକ ଆନ୍ଦୋଳନରେ ଯୋଗ ଦେଇଥିଲେ। ୧୯୨୦ରେ କଲିକତା ସ୍ୱତନ୍ତ୍ର ଅଧିବେଶନରେ ସେ ଭାରତୀୟ ଜାତୀୟ କଂଗ୍ରେସର ସଭାପତି ଭାବରେ ନିର୍ବାଚିତ ହୋଇଥିଲେ। ୧୯୨୧ରେ ସେ ଲାହୋରଠାରେ ସେବର୍ସ ଅଫ୍ ପିପୁଲ୍ସ ସୋସାଇଟି ପ୍ରତିଷ୍ଠା କରିଥିଲେ, ଦେଶ ବିଭାଜନ ପରେ ଏହାର ଆଧାର ଦିଲ୍ଲୀକୁ ସ୍ଥାନାନ୍ତର କରିଥିଲା। ସେ ସବୁବେଳେ କହୁଥିଲେ ହିନ୍ଦୁ ସମାଜକୁ ଜାତିଭେଦ, ମହିଳାଙ୍କ ସ୍ଥିତି ଏବଂ ଅସ୍ପୃଶ୍ୟତା ବିରୋଧରେ ଲଢ଼େଇ କରିବାକୁ ପଡ଼ିବ। ବେଦ ହିନ୍ଦୁଧର୍ମର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଏବଂ ଏହାକୁ ସମସ୍ତଙ୍କୁ ପଢ଼ିବାର ଅନୁମତି ଦେବା ଆବଶ୍ୟକ। ୧୯୨୮ ନଭେମ୍ବର ୧୭ରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

# ସୋସିଆଲ ନେଟ୍‌ୱର୍କିଂରେ ଡେଟା ଗୋପନୀୟତା

## ଡେଟା ଗୋପନୀୟତା ଦିବସ

**ଡେ**ଟା ଗୋପନୀୟତା ଦିବସ ହେଉଛି ଏକ ଅନ୍ତର୍ଜାତୀୟ ଦିବସ। ଏହା ପ୍ରତିବର୍ଷ ୨୮ ଜାନୁଆରୀରେ ପାଳିତ ହୋଇଥାଏ। ଏହି ଦିବସର ଉଦ୍ଦେଶ୍ୟ ହେଉଛି ସଚେତନତା ସୃଷ୍ଟି କରିବା ଏବଂ ଗୋପନୀୟତା ତଥା ତଥ୍ୟ ସୁରକ୍ଷା ସର୍ବୋତ୍ତମ ଅଭ୍ୟାସକୁ ପ୍ରୋତ୍ସାହିତ କରିବା। ଏହା ଆମେରିକା, କାନାଡା, କାତାର, ନାଇଜେରିଆ, ଇସ୍ରାଏଲ ସମେତ ୪୭ଟି ୟୁରୋପୀୟ ଦେଶରେ ପାଳନ କରାଯାଇଥାଏ। ଡେଟା ଗୋପନୀୟତା ଦିବସର ଶିକ୍ଷାଗତ ଯୋଗ୍ୟତା ମୂଳତଃ ବ୍ୟବସାୟ ତଥା ୟୁଜରମାନଙ୍କ ମଧ୍ୟରେ ସେମାନଙ୍କର ବ୍ୟକ୍ତିଗତ ସୂଚନାର ଗୋପନୀୟତା ରକ୍ଷା କରିବାର ଗୁରୁତ୍ୱ ବିଷୟରେ ବିଶେଷ ଭାବରେ ସୋସିଆଲ ନେଟ୍‌ୱର୍କିଂ ପ୍ରସଙ୍ଗରେ ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଥାଏ। ଏହି ଦିବସ ବିଭିନ୍ନ କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରିଥାଏ, ଯାହା ଟେକ୍ନୋଲୋଜି ଉପକରଣଗୁଡ଼ିକର ବିକାଶକୁ ଉତ୍ସାହିତ କରି ବ୍ୟକ୍ତିଗତ ଚିହ୍ନଟଯୋଗ୍ୟ ସୂଚନା ଉପରେ ବ୍ୟକ୍ତିଗତ ନିୟନ୍ତ୍ରଣକୁ ପ୍ରୋତ୍ସାହିତ କରିଥାଏ। ଗୋପନୀୟତା ନିୟମ ଏବଂ ନିୟମାବଳୀକୁ ପାଳନ କରିବାକୁ ଏହି ଦିବସ ଉତ୍ସାହିତ କରିଥାଏ। ଏହି ଅନ୍ତର୍ଜାତୀୟ ଦିବସ ସରକାର, ଶିଳ୍ପ, ଏକାଡେମୀ, ଅଣ-ଲାଭକାରୀ ସଂସ୍ଥା, ଗୋପନୀୟତା ବୃତ୍ତିଗତ ତଥା ଶିକ୍ଷାବିତ୍‌ଙ୍କ ମଧ୍ୟରେ ସହଯୋଗ ପାଇଁ ସୁଯୋଗ ପ୍ରଦାନ କରିଥାଏ।

ବ୍ୟକ୍ତିଗତ ତଥ୍ୟର ସ୍ୱୟଂଚାଳିତ ପ୍ରକ୍ରିୟାକରଣ ସମ୍ବନ୍ଧରେ ବ୍ୟକ୍ତିବିଶେଷଙ୍କ ସୁରକ୍ଷା ସମ୍ମିଳନୀ ୨୮ ଜାନୁଆରୀ ୧୯୮୧ରେ ୟୁରୋପର ପରିଷଦ ଦ୍ୱାରା ସ୍ୱାକ୍ଷରିତ ହୋଇଥିଲା। ୟୁରୋପୀୟ ପରିଷଦ ଦ୍ୱାରା ପ୍ରଥମେ ୨୦୦୭ରେ



ଡେଟା ସୁରକ୍ଷା ଦିବସ ଭାବରେ ଏହା ପାଳିତ ହୋଇଥିଲା। ଦୁଇ ବର୍ଷ ପରେ, ୨୬ ଜାନୁୟାରୀ ୨୦୦୯ରେ, ଆମେରିକା ହାଉସ ଅଫ କମନ୍ସ ଏହି ଦିବସ ଜାନୁଆରୀ ୨୮ରେ ପାଳନ କରାଯିବା ଲାଗି ଘୋଷଣା କରିଥିଲେ। ୨୮ ଜାନୁୟାରୀ ୨୦୦୯ରେ, ସିନେଟ ରିଜୋଲ୍ୟୁଶନ ୨୫ ପାରିତ କଲା ଏବଂ ଏହାକୁ ଜାତୀୟ ତଥ୍ୟ ଗୋପନୀୟତା ଦିବସ ଭାବରେ ମାନ୍ୟତା ଦେଇଥିଲା। ଆମେରିକା ସିନେଟ ୨୦୧୦ ଏବଂ ୨୦୧୧ରେ ଡେଟା ଗୋପନୀୟତା ଦିବସକୁ ସ୍ୱୀକୃତି ଦେଇଥିଲା।

# 'କଙ୍ଗୁଭା' ସହ ବବିଙ୍କ ତାମିଲ ଡେବ୍ୟୁ



**ମୁମ୍ବାଇ:** ବଲିଉଡ୍ ଅଭିନେତା ବବି ଦେଓଲ ଶନିବାର ତାଙ୍କ ୫୫ତମ ଜନ୍ମଦିନରେ ଆଗାମୀ ଫିଲ୍ମ 'କଙ୍ଗୁଭା'ର ନିର୍ମାତା ଅଭିନେତାଙ୍କ ପ୍ରଥମ ଲୁକ୍ ଶେୟାର କରି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛନ୍ତି। ଯେଉଁଥିରେ ବବିଙ୍କୁ ଭିଲେନ ଭୂମିକାରେ ଦେଖିବାକୁ ମିଳିଛି। ଅଭିନେତା ଫିଲ୍ମ 'ଆନିମଲ'ରେ ଭିଲେନ ହେବା ପରେ ଏବଂ ପୁଣି ଥରେ ଭିଲେନ ରୂପରେ ନଜରକୁ ଆସିଛନ୍ତି। ସୂର୍ଯ୍ୟଙ୍କ ଆସନ୍ତା ଫିଲ୍ମ 'କଙ୍ଗୁଭା'ର ପ୍ରଥମ ଲୁକ୍ ଶେୟାର କରିବା ସହ କ୍ୟାପ୍ସନରେ ଲେଖିଛନ୍ତି, ନିଷ୍ଠୁର, ଶକ୍ତିଶାଳୀ, ଅବିସ୍ମରଣୀୟ। ଏଥିସହ ବବି ମଧ୍ୟ ତାଙ୍କ ଇନ୍‌ଷ୍ଟାଗ୍ରାମରେ ତାଙ୍କ ପୋଷ୍ଟ ଶେୟାର କରିଛନ୍ତି। ବବିଙ୍କ ପ୍ରଥମ ଲୁକ୍ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଯେଉଁଥିରେ ବବି ଭୟାନକ ରୂପରେ ଦେଖାଯାଉଛନ୍ତି। ପୋଷ୍ଟରରେ ସେ ଏକ ହାଡ଼ର ହାର ପିନ୍ଧିଥିବା ନଜରକୁ ଆସିଛନ୍ତି। ଫିଲ୍ମରେ ସୁରିଆ, ଦିଶା ପାଟାନୀଙ୍କ ବ୍ୟତୀତ ଜଗପତି ବାବୁ, ଯୋଗୀ ବାବୁ, ରେଡିନ କିଙ୍ଗସଲି, କେ.ଏସ୍ ରବି କୁମାର ପ୍ରମୁଖଙ୍କୁ ମୁଖ୍ୟ ଭୂମିକାରେ ଦେଖିବାକୁ ମିଳିବ। ବବି ଏବଂ ଦିଶା ଏହି ଫିଲ୍ମ ଜରିଆରେ ତାମିଲ ଡେବ୍ୟୁ କରୁଛନ୍ତି। ଏଥିରେ ବହୁତ ଆକ୍ସନ ଡ୍ରାମା ଭରି ରହିଛି।


## ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧଦିବସ ଉପଲକ୍ଷେ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି**



**୰ନିଶାମଣୀ ଦେବୀ**
ଜନାର୍ଦ୍ଦନପୁର, ପିପିଲି, ପୁରୀ
ଆବିର୍ଭାବ: ତା୦୧।୦୧।୧୯୨୯
ତିରୋଧାନ: ତା୧୦।୦୧।୨୦୨୩
ମାଘ କୃଷ୍ଣପକ୍ଷ ତୃତୀୟା

ଆପଣଙ୍କ ବିଦେହୀ ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ବାଲୁଙ୍କେଶ୍ୱର ଦେବଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।

ଶୋକସନ୍ତପ୍ତ ପରିବାରବର୍ଗ ଏବଂ ଆତ୍ମୀୟସ୍ୱଜନ ।

ଧ-୨୩୭୩

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ ସୁଜିତ୍ ପରିଡା**
ସମ୍ବିତ ରେସିଡେନ୍ସି, ଆଇଆର୍‌ସି ଭିଲେଜ୍
ଆବିର୍ଭାବ: ୦୨.୦୯.୧୯୭୬
ତିରୋଧାନ: ୧୮.୦୧.୨୦୨୪

ଅଫେରା ରାଇଜେ ଚାଲିଗଲୁ ବେଗେ
ଖୋଜୁଛି କଅଁଳ ଶିଶୁ ଓ ପରିବାର ବର୍ଗ
କାହାରି ମୁହଁରୁ ଶବ୍ଦ ସ୍ପୁରୁ ନାହିଁ
ଶୁଖୁନି ଆଖିରୁ ଅଶ୍ରୁ।

ଶ୍ରଦ୍ଧାଞ୍ଜଳି ସହ: ପତ୍ନୀ, ଝିଅ, ମାତା, ବଡଭାଇ, ଭଉଣୀ, ଶୋକସନ୍ତପ୍ତ ପରିବାରବର୍ଗ ଓ ବନ୍ଧୁମାନେ

ଧ-୨୩୭୨

**ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ଶୁଭଦ୍ରା ପାଣି**
ମହ୍ଲାସାହି, କୁଜଙ୍ଗ
ଆବିର୍ଭାବ- ୦୧।୦୮।୧୯୪୦
ତିରୋଧାନ- ୧୭।୦୧।୨୦୨୪

ଆପଣଙ୍କର ସ୍ନେହ, ଶ୍ରଦ୍ଧା, ଭଲପାଇବା, ପରିବାର ଓ ସମାଜ ପାଇଁ ଉତ୍ସର୍ଗୀକୃତ ଅବଦାନ ଅବିସ୍ମରଣୀୟ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦ ପଦ୍ମରେ ବିନମ୍ର ନିବେଦନ।

ଶୋକସନ୍ତପ୍ତ- ପୁତ୍ର, ପୁତ୍ରବଧୂ, କନ୍ୟା, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ ।

ଧ-୨୩୭୧


# ହାରିବାନି, ହରାଇବା

## ବିଶ୍ୱ କୁଷ୍ଠ ନିରାକରଣ ଦିବସ



ପ୍ରତିବର୍ଷ ଜାନୁଆରୀ ମାସ ଶେଷ ରବିବାରକୁ ବିଶ୍ୱ କୁଷ୍ଠ ନିରାକରଣ ଦିବସ ଭାବେ ପାଳନ କରାଯାଏ। ଚଳିତ ବର୍ଷ ଅର୍ଥାତ୍ ୨୦୨୪, ଜାନୁଆରୀ ୨୮ରେ ଏହା ପାଳିତ ହେଉଛି। କୁଷ୍ଠରୋଗ ଛୁଆଁଜନିତ ନୁହେଁ। କିନ୍ତୁ ଏହି ଧାରଣା ଅନେକଙ୍କ ମନରେ ବସାବାନ୍ଧି ରହିଛି। ଏହାର ପ୍ରକୃତ କାରଣ ଜଣାଇବା ଲାଗି ବିଭିନ୍ନ କ୍ଷେତ୍ରରେ ଉଦ୍ୟମ ଜାରି ରହିଛି। ତେବେ କୁଷ୍ଠରୋଗ ବିରୋଧ ଲଢ଼େଇରେ ନ ହାରି ଏହାକୁ ହରାଇବା ଲାଗି ଉକ୍ତ ଦିବସ ପାଳନ କରାଯାଉଛି। ଏହି ଅବସରରେ ସରକାରୀ ତଥା ବେସରକାରୀ ସ୍ତରରେ ସଚେତନତା ସୃଷ୍ଟି କରାଯାଇଆସୁଛି।

ସୂଚନାଯୋଗ୍ୟ ଏହି ଅନ୍ତର୍ଜାତୀୟ ଦିବସର ଆରମ୍ଭ ୧୯୫୪ ମସିହାରୁ ହୋଇଥିଲା। ଫ୍ରାନ୍ସର ଲେଖକ ରାଓଲ ଫୋଲେରୋ ସୂଚନା ପ୍ରସାର କରିବା ତଥା କୁଷ୍ଠରୋଗ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ଉକ୍ତ ବିଶ୍ୱସ୍ତରୀୟ ପ୍ରୟାସର ସ୍ୱପ୍ନ ଦେଖିଥିଲେ। କୁଷ୍ଠରୋଗୀଙ୍କ ପାଇଁ ଭାବପ୍ରବଣ ତଥା ମାନସିକ ଓ ଶାରୀରିକ ଆଘାତ ସୃଷ୍ଟି କରୁଥିବା ବ୍ୟକ୍ତିଙ୍କ ସମ୍ବନ୍ଧରେ ଲୋକଙ୍କ ମତ ଏବଂ ମନୋଭାବକୁ ପ୍ରଭାବିତ କରିବା ତାଙ୍କର ଅସଲ ଲକ୍ଷ୍ୟ ଥିଲା। ତେବେ ଜାନୁଆରୀ ୩୦ରେ ଭାରତରେ ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସକୁ ବିଶ୍ୱ କୁଷ୍ଠରୋଗ ଦିବସ ଭାବେ ପାଳନ କରାଯାଇଥାଏ। ପ୍ରକୃତପକ୍ଷେ କୁଷ୍ଠରୋଗରେ ପୀଡିତ ବ୍ୟକ୍ତିଙ୍କ ପ୍ରତି ଗାନ୍ଧୀଙ୍କର ସହାନୁଭୂତି ଥିଲା। ସେ ସବୁବେଳେ କୁଷ୍ଠରୋଗର ନିରାକରଣ ତଥା କୁଷ୍ଠରୋଗୀମାନଙ୍କ ସକାଶେ ବିହିତ ବ୍ୟବସ୍ଥା କରିବା ଲାଗି ଚେଷ୍ଟା କରୁଥିଲେ।

କୁଷ୍ଠରୋଗରକାରଣପାଇଁବାସିଲସ ମାଇକୋବ୍ୟାକ୍ଟେରିୟମ ଦାୟୀ। ଏହି ରୋଗ ଏକ ବ୍ୟାକ୍ଟେରିଆ ଦ୍ୱାରା ହୋଇଥାଏ। ଏହା ବଂଶଗତ ନୁହେଁ ବୋଲି ନରୱେ ଚିକିତ୍ସକ ଗେରହର୍ଡ ହେନ୍ରିକ ଆର୍ମାଉର୍ ହାନସେନ କହିଥିଲେ। ଡାକ୍ତରଙ୍କ ଆବିଷ୍କାରକୁ ସମ୍ମାନ ଦେବା ପାଇଁ ଏହାକୁ ହାନସେନ ରୋଗ ବୋଲି ମଧ୍ୟ କୁହାଯାଉଥିଲା।

କୁଷ୍ଠ ଏକ ଚର୍ମ ସଂକ୍ରମଣ ଏବଂ ସ୍ନାୟୁଜନିତ ରୋଗ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ ଏହା ଅବସାଦର କାରଣ ହୋଇପାରେ। ଅଧିକନ୍ତୁ, ଏହି ରୋଗରେ ପୀଡ଼ିତ ବ୍ୟକ୍ତିମାନେ ସେମାନଙ୍କ ଆଖପାଖରେ ଥିବା ଲୋକଙ୍କ ମନୋଭାବ ଯୋଗୁ ମାନସିକ ଚାପର ସମ୍ମୁଖୀନ ହୋଇଥା'ନ୍ତି। କୁଷ୍ଠଗ୍ରସ୍ତ ରୋଗୀଙ୍କ ବିଷୟରେ ଲୋକଙ୍କ ଧାରଣାକୁ ପରିବର୍ତ୍ତନ କରିବା, ସେମାନଙ୍କ ପ୍ରତି ସଚେତନତା ଏବଂ ସହାନୁଭୂତି ବଢ଼ାଇବା ହେଉଛି ବିଶ୍ୱ କୁଷ୍ଠ ନିରାକରଣ ଦିବସର ଲକ୍ଷ୍ୟ।


# Classified Everyday

**0674-2580101, 2549949**



MATRIMONIAL

## BRIDE WANTED

Bangalore Based Educated Well Settled Never Married Hindu OBC Groom 48 seeks Never Married Bride 7019600492. D-2368

## GROOM WANTED

Wanted well settled Odia groom 35-38yrs for a beautiful bride M.Tech, Ph.D., Bhubaneswar, caste no bar. 8917585202. D-74316

Age-33, Government Job Divorcee ସୁନ୍ଦର ନିଃସନ୍ତାନ ଖଣ୍ଡାୟତ ଝିଅଙ୍କ ପାଇଁ ଯେକୌଣସି ଜାତିର ବରପାତ୍ର ଦରକାର। 7787907421. D-2370

Beautiful Khandayat girl 26/5'4"/B.Tech/Railway Engineer/ Bhubaneswar. 9938199964. D-2367



REAL ESTATE

## SALE

Book 4BHK flat at Saubhagya Nagar, OUAT Square, Near Khimji & Narula sweets. SBA 2050sqft., Handover Aug-24. Contact: 9439716901. D-75514

**Semifurnished 3BHK flat at Jharpada 80' road side near Ganesh Mandap Chhak. Contact No.- 9437307086, 7978209277. D-2362**

Bhubaneswar ସୁନ୍ଦରପଦା Xavier ମେଡ଼ିକାଲରୁ ୩କି.ମି. 10,80,000/-, 7,20,000/- ପ୍ଲଟ୍ କିଣି ଘର କରନ୍ତୁ। 9938016295. D-75297

**Ready to move flat for sale near Centurian University and KIST Engineering College, Jatni. Contact- 7873000076, 8249415350. D-2340**

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 3,60,000/-, ଛତାବର bypass sqft-500/-. 9348232008. D-75298

**ଭୁବନେଶ୍ୱର ଖୋର୍ଦ୍ଧା ପିତାପଲ୍ଲି ଛକ ପାଖରେ ସଙ୍ଗେସଙ୍ଗେ ଘର କଲାଭଳି ପ୍ଲଟ୍ 30' ରୋଡ୍, ଇଲେକ୍ଟ୍ରିସିଟି ଥାଇ ମିଳୁଛି। 7504861292. D-75292**

Duplex project at Retang Medical, Station, Market, CV Raman, Tamando, Bhubaneswar. 9777553622. D-75296

**Ready to move luxurious flat for sale at Acharya Vihar. Contact- 9437307086, 7978209277. D-2286**



400sqft. commercial space (Swain Complex) on NH-316 near Pallavi Mandap, Mangaraj Point. M- 9348194296, 7978076354. D-75194

**Rent Esplanade Bhubaneswar Office space 1432sqft., Furnished, Parking. Call- 9776505301. D-2322**

House rent for only working ladies near Firestation Chhaka, Bhubaneswar per bed 3000/-. 6372629986. D-71066



Positively health benefited SPA expert therapist at Nayapalli. Contact: 7846814019. D-75196

**Body massage by experience, good looking therapist @999/-, (Bhubaneswar). 9078484455. D-2282**

Full body massage relax body mind by trend lady therapist. 8327754443. D-75192

**Relax, Refresh your body, Mind at Saikrupa Spa with best therapies. 8984068077. D-2369**

Spa Kerala body Massage best Therapist @699/- Bhubaneswar. Kajal-9337672475. D-2344

Newly open health benefits SPA special offer @ 999 Bapujinagar. 8018429809. D-75195

## LOST

I, Snehalata Nayak, W/o- Late Surendra Nath Nayak, resident of Plot No.-1215/1578, Khandagiri Bari, Bhubaneswar have lost my Original Patta of Property Mouza-Cuttack Sahar, Unit-8, Dakhina Tulashipur, Khata No.-276, Sthitiban Plot No.-625/755 in somewhere. If anybody found it please contact: 7377606735. D-75513

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

## AFFIDAVIT

I, Pee Robbert, S/o Prafulla Kumar Sahoo and Geetanjali Sahoo, R/o Kashiharipur, Gopinathpur, Puri, Odisha, PIN-752002 has changed my name to Preetam Robbert for all future purposes vide affidavit dt. 05.01.2024. D-2371

By virtue of an affidavit before Notary Public dtd 25 Jan. 2024 has been changed from Kulan Rout to Debajani Jena, D/o- Lokanath Rout, At- Jayakunda, P.O.- Katana, Dist.- Kendrapada for all purposes. D-2359

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଟିଏସ୍‌ଜି ସହ ବାଜିରାଓ ଆଇଏଏସ୍ ଏକାଡେମୀ, ଫିଜିକ୍ସ ୱାଲାର ଚୁକ୍ତି

ଭୁବନେଶ୍ୱର,୨୭।୧(ଅନୁରାଧା ମହାରଣା)



ଭୁବନେଶ୍ୱର ଆବାସିକ ଶିକ୍ଷାନୁଷ୍ଠାନ ଟାଇମସ୍ ସ୍କଲାର୍ସ ଗୁରୁକୁଳ (ଟିଏସ୍‌ଜି) ସହ ଦୁଇଟି ଜାତୀୟ ସ୍ତରର କୋଚିଂ ସଂସ୍ଥାର ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି। ଆଇଏଏସ୍ ଓ ଓଏଏସ୍ ଆଶାୟୀମାନଙ୍କୁ ସୁଲଭ ମୂଲ୍ୟରେ କୋଚିଂ ସୁବିଧା ଯୋଗାଇଦେବା ପାଇଁ 'ବାଜିରାଓ ଆଇଏଏସ୍ ଏକାଡେମୀ' ସହ ଚୁକ୍ତି କରାଯାଇଛି। ସେହିପରି ନିଟ୍ ଏବଂ ଜେଇଇରେ ଭଲ ପ୍ରଦର୍ଶନ ପାଇଁ 'ଫିଜିକ୍ସ ୱାଲା' ସହ ଏହି ଚୁକ୍ତି କରାଯାଇଛି। ଶନିବାର ଟିଏସ୍‌ଜି ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। 'ବାଜିରାଓ ଆଇଏଏସ୍ ଏକାଡେମୀ'ର ସିଇଓ ଶୁଭ୍ରାଂଶୁ ଶେଖର ଓଝା, 'ଫିଜିକ୍ସ ୱାଲା'ର ସେଣ୍ଟର ହେଡ୍ ସୁଜା ଅହମଦ୍, ଟିଏସ୍‌ଜିର ପ୍ରିନ୍ସିପାଲ ରଞ୍ଜିତା ମହାପାତ୍ର ଏବଂ ଭାଇସ୍ ଚେୟାରମ୍ୟାନ୍ ସ୍ମୃତି ସାରିକାଙ୍କ ଉପସ୍ଥିତିରେ ଏହି ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି।

ଗୁରୁକୁଳର ଚେୟାରମ୍ୟାନ ଡ. ଶାରଦା ପ୍ରସାଦ ମିଶ୍ରଙ୍କ ସ୍ୱପ୍ନର ଅନୁଷ୍ଠାନରୁ କିପରି ଛାତ୍ରୀଛାତ୍ରମାନେ ନୈତିକ ଶିକ୍ଷା ଲାଭ କରିବା ସହ ନିଜର ସ୍ୱପ୍ନ ପୂରଣ ପାଇଁ ବିଦ୍ୟାଳୟରୁ ହିଁ ପ୍ରସ୍ତୁତ ହୋଇ ବାହାରିବେ ସେହି ଉଦ୍ଦେଶ୍ୟରେ ଏହି ପଦକ୍ଷେପ ନିଆଯାଇଥିବା ସ୍ମୃତି ସାରିକା କହିଛନ୍ତି। ପିଲାମାନେ ପ୍ରଥମେ କେଉଁ କ୍ଷେତ୍ରରେ ଭବିଷ୍ୟତ ଗଢ଼ିବାକୁ ଆଶାୟୀ ଅଛନ୍ତି ସେଦିଗରେ କାଉନସେଲିଂ କରାଯିବା ପରେ ପିଲାମାନଙ୍କୁ କୋଚିଂ ସୁବିଧା ଯୋଗାଇଦିଆଯିବା ଆବଶ୍ୟକ। ନିଜ ବିଦ୍ୟାଳୟରେ ଏହି ସୁବିଧା ଉପଲବ୍ଧ ହେଲେ ପିଲାମାନେ ନିଶ୍ଚୟ ଭଲ ପ୍ରଦର୍ଶନ କରିବେ ବୋଲି 'ବାଜିରାଓ ଆଇଏଏସ୍ ଏକାଡେମୀ ଓ 'ଫିଜିକ୍ସ ୱାଲା' ପକ୍ଷରୁ ସୂଚନା ଦିଆଯାଇଛି। ସମସ୍ତ ୩ ଅନୁଷ୍ଠାନ ଆର୍ଥିକ ଅନଗ୍ରସର ପିଲାଙ୍କ ପାଇଁ ଗ୍ରହଣ କରୁଥିବା ପଦକ୍ଷେପ ସମ୍ପର୍କରେ ପ୍ରିନ୍ସିପାଲ ମହାପାତ୍ର ସୂଚନା ଦେଇଥିଲେ।

# ଜୟଆଲୁକ୍କାସ୍‌ର ସର୍ବବୃହତ୍ ଜୁଏଲେରି ସେଲ୍

## ମେକିଂ ଚାର୍ଜ ଉପରେ ଫ୍ଲାଟ୍ ୫୦% ରିହାତି

Joyalukkas
World's favourite jeweller

ଭୁବନେଶ୍ୱର,୨୭।୧ (ଅଭୟ ଦାଶ)

ଦେଶର ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନ ଜୟଆଲୁକ୍କାସ୍‌ର ବହୁ ପ୍ରତୀକ୍ଷିତ ତଥା ସର୍ବବୃହତ୍ ଜୁଏଲେରି ସେଲ୍ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ପରିପ୍ରେକ୍ଷୀରେ ପ୍ରତିଷ୍ଠାନ ପକ୍ଷରୁ ସାରା ଭାରତର ଅଳଙ୍କାରପ୍ରେମୀଙ୍କ ପାଇଁ ଏକ ଆକର୍ଷଣୀୟ ରିହାତି ଅଫରର ଶୁଭାରମ୍ଭ ହୋଇଯାଇଛି। ଏପରିକି ବ୍ରାଣ୍ଡର ସମସ୍ତ ଗହଣା ଉପରେ ଫ୍ଲାଟ୍ ୫୦%ର ରିହାତି ଦିଆଯାଉଛି। ଏହି ଅଫର ୨୦୨୪ ଫେବୃଆରୀ ୧୮ପର୍ଯ୍ୟନ୍ତ ବୈଧ ରହିଛି। ଏହି ସୀମିତ ସମୟର ଅଫର ଭାରତର ସମସ୍ତ ଜୟଆଲୁକ୍କାସ୍ ଶୋ'ରୁମରେ ଜାରି ରହିଥିଲାବେଳେ ଗ୍ରାହକ ଅନେକ ଅତିରିକ୍ତ ଲାଭ ମଧ୍ୟ ପାଇପାରିବେ, ଯେଉଁଥିରେ ମାଗଣା ଆଜୀବନ ରକ୍ଷଣାବେକ୍ଷଣ, ୧ବର୍ଷର ମାଗଣା ବୀମା ଏବଂ ପ୍ରତ୍ୟେକ କ୍ରୟ ସହିତ ବାୟ ବ୍ୟାକ୍‌ର ଭରସା (ଆଶ୍ୱାସନା) ଆଦି ସାମିଲ ରହିଛି। ଅପରପକ୍ଷରେ ସୁନା,ହୀରା,ମୂଲ୍ୟବାନ୍ ପଥର ଓ ରୁପା ଅଳଙ୍କାର ସମେତ ଅନ୍ୟାନ୍ୟ ଗହଣାର ବ୍ୟାପକ ସମ୍ଭାର ଉପରେ ଏହି ସ୍ୱତନ୍ତ୍ର ରିହାତି ଦିଆଯାଉଛି। ଏପରିକି ଲକ୍ଷାଧିକ ଡିଜାଇନ ବିକଳ୍ପ ସହିତ ଜୟଆଲୁକ୍କାସ୍ ଉଭୟ ପାରମ୍ପରିକ ଓ ସମସାମୟିକ ଗ୍ରାହକଙ୍କ ଚାହିଦା ପୂରଣ କରିଥାଏ। ସାରା ବିଶ୍ୱରେ ଲକ୍ଷାଧିକ ଲୋକ ପସନ୍ଦ କରୁଥିବା ସ୍ୱତନ୍ତ୍ର ସଂଗ୍ରହକୁ ବ୍ରାଣ୍ଡ ଉପସ୍ଥାପନ କରିଥାଏ। ଉତ୍କର୍ଷ ପ୍ରତି ବ୍ରାଣ୍ଡର ସଂକଳ୍ପବଦ୍ଧତା ଯୋଗୁ ଏହାର ଶୋ'ରୁମ୍‌ରେ ବିସ୍ତାରିତ ହୋଇଥାଏ।

ଏ ସମ୍ପର୍କରେ ଜୟଆଲୁକ୍କାସ୍ ଗ୍ରୁପ୍‌ର ଅଧ୍ୟକ୍ଷ ଜୟ ଆଲୁକ୍କାସ୍ କହିଛନ୍ତି, ଆମେ ଏକ ଅତୁଳନୀୟ ଗହଣା କ୍ରୟ ଅନୁଭୂତି ପ୍ରଦାନ କରିବା ଲାଗି ସଂକଳ୍ପବଦ୍ଧ ରହିଥିଲାବେଳେ ଆମର ପୃଷ୍ଠପୋଷକମାନେ ନିଜର ପ୍ରତ୍ୟେକ ଆବଶ୍ୟକତାକୁ ପୂରଣ କରିବା ଲାଗି ଗହଣାର ଚମତ୍କାର ଓ ବ୍ୟାପକ ବିକଳ୍ପ ମଧ୍ୟରୁ ବାଛିବାର ସୁଯୋଗ ପାଇପାରିବେ। ଜୟଆଲୁକ୍କାସ୍‌ର ଏହି ବିଶେଷ ପର୍ବ ଆମର ଶୋ'ରୁମ୍‌ଗୁଡିକରେ ଉପଲବ୍ଧ ରହିଛି। ଆମର ସମସ୍ତ ଗହଣା ସଂଗ୍ରହର ଗଢ଼ା ମଜୁରି ଉପରେ ୫୦% ରିହାତି ପ୍ରଦାନ କରିଥାଏ। ଗ୍ରାହକ ଏହି ଆକର୍ଷଣୀୟ ରିହାତିର ଲାଭ ଉଠାଇବା ଏବଂ ଜୟଆଲୁକ୍କାସ୍ ବିଶେଷତ୍ୱକୁ ଅନୁଭବକରିବା ଲାଗି ଜୟଆଲୁକ୍କାସ୍‌ର ନିକଟତମ ଆଧୁନିକ ଶୋ'ରୁମ୍ ଦର୍ଶନରେ ଆସିପାରିବେ।

# 'ବିକଶିତ ଭାରତ ପାଇଁ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଉନ୍ନତି ଜରୁରୀ'

ଭୁବନେଶ୍ୱର,୨୭।୧

ବିକଶିତ ଭାରତ ପାଇଁ କେନ୍ଦ୍ର ସରକାର ଅନେକ ପ୍ରକାର ଯୋଜନା ପ୍ରସ୍ତୁତ କରୁଥିବା କୁହଯାଉଛି। ଏହି ପରିପ୍ରେକ୍ଷୀରେ ପୂର୍ବତନ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ଗଭର୍ନର ରଘୁରାମ ରାଜନ କହିଛନ୍ତି, ୨୦୪୭ ସୁଦ୍ଧା ବିକଶିତ ଅର୍ଥନୀତି ହେବା ପାଇଁ ଭାରତ ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା ଉପରେ ଧ୍ୟାନଦେବା ଆବଶ୍ୟକ। ଶାସନରେ ସଂସ୍କାର, ଶିକ୍ଷା ତଥା ସ୍ୱାସ୍ଥ୍ୟସେବାରେ ପରିବର୍ତ୍ତନ ଆଣିବା ଉପରେ ରଘୁରାମ ରାଜନାନ ଗୁରୁତ୍ୱାରୋପ କରିଛନ୍ତି। ସେ କହିଛନ୍ତି, ସମାଜର ସମସ୍ତ ବିଭାଗରେ ସନ୍ତୁଳିତ ବିକାଶର ଆବଶ୍ୟକତା ରହିଛି। ବର୍ତ୍ତମାନ, ଉଚ୍ଚ ଆୟବର୍ଗର ଲୋକ କ୍ଷମତାକୁ ଉପଭୋଗ କରୁଛନ୍ତି। ତେଣୁ ସରକାର ଏଭଳି ଯୋଜନା ଆଣିବା ଉଚିତ ଯେ ସ୍ୱଳ୍ପ ଆୟ କରୁଥିବା ବର୍ଗଙ୍କ ପାଇଁ କିଛି ନୂଆ ପନ୍ଥା ଆପଣାଇବାର ଆବଶ୍ୟକତା ରହିଛି। ରାଜନ କହିଛନ୍ତି , ୨୦୪୭ ସୁଦ୍ଧା ଏକ ବିକଶିତ ଅର୍ଥନୀତି ହେବାକୁ ହେଲେ ଭାରତକୁ ଶିକ୍ଷା ଏବଂ ସ୍ୱାସ୍ଥ୍ୟ କ୍ଷେତ୍ର ପ୍ରତି ସର୍ବାଧିକ ଧ୍ୟାନଦେବାକୁ ପଡିବ। ବିକଶିତ ଭାରତ ୨୦୪୭ର ସ୍ୱପ୍ନକୁ ପୂରଣ କରିବା ଦିଗରେ ଏହା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ। ରାଜନ ଆହୁରି କହିଛନ୍ତି, ଗତ ୨୫ ବର୍ଷ ମଧ୍ୟରେ ଭାରତ ହାରାହାରି ଅଭିବୃଦ୍ଧି ହାର ପ୍ରାୟ ୬ ପ୍ରତିଶତ ବଜାୟ ରଖିଛି। ତେବେ ଏକ ଦୃଢ଼ ଭିତ୍ତିଭୂମି ପାଇଁ ଶାସନ ସଂସ୍କାରର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ପୂର୍ବତନ ଆର୍‌ବିଆଇ ଗଭର୍ନର କୋଲକାତାରେ ଅର୍ଥନୀତିଜ୍ଞ ରୋହିତ ଲାମ୍ବାଙ୍କ ସହ ମିଳିତ ଭାବେ ଲେଖିଥିବା ଏହି ପୁସ୍ତକ 'ବ୍ରେକିଂ ଦ ମୋଲ୍ଡ: ରିଇମାଜିନିଂ ଇଣ୍ଡିଆଜ୍ ଇକୋନୋମିକ ଫ୍ୟୁଚର' ଶୀର୍ଷକ ପୁସ୍ତକର ଉନ୍ମୋଚନ ଅବସରରେ ଏପରି ମତ ରଖିଛନ୍ତି।

# ଅଜନ୍ତାର ନୂତନ ଉତ୍ପାଦ ରେଞ୍ଜ ଉନ୍ମୋଚିତ

ଭୁବନେଶ୍ୱର,୨୭।୧




ଅଜନ୍ତା ଶୁଜ୍‌ସ (ଇଣ୍ଡିଆ) ପ୍ରାଇଭେଟ୍ ଲିମିଟେଡ୍‌ର ନୂତନ ଉତ୍ପାଦ ରେଞ୍ଜକୁ ନିକଟରେ ଉନ୍ମୋଚନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ କମ୍ପାନୀ (ବ୍ରାଣ୍ଡ)ର ନୂଆ ଇଦ୍ ଏବଂ ବଙ୍ଗଳା ନୂଆ ବର୍ଷ ରେଞ୍ଜ ପ୍ରଦର୍ଶିତ ହୋଇଯାଇଛି। ଅପରପକ୍ଷରେ କମ୍ପାନୀ ପକ୍ଷରୁ ଏକ ସ୍ୱତନ୍ତ୍ର ଡିଲର୍ସ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ କମ୍ପାନୀର ଚେହେରା ତଥା ଲୋକପ୍ରିୟ ପୂର୍ବତନ କ୍ରିକେଟିୟର ସୌରଭ ଗାଙ୍ଗୁଲି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶ୍ରେଷ୍ଠ ଡିଲରମାନଙ୍କୁ ସମ୍ମାନିତ କରିବା ସହିତ ବହୁ ଅଜଣା କଥା ଉଭୟ କମ୍ପାନୀ କର୍ତ୍ତୃପକ୍ଷ ଓ ଡିଲର୍ସଙ୍କ ଉପସ୍ଥିତରେ ଉପସ୍ଥାପନ କରିଥିଲେ। ବିଶେଷକରି ଜଣାଶୁଣା କ୍ରିକେଟିୟର ରିକି ପଣ୍ଟିଂ କିଭଳି ଅଜନ୍ତା ଶୁଜ୍ ପ୍ରତି ଆକୃଷ୍ଟ ହୋଇଥିଲେ ଏବଂ ଅଜନ୍ତା ଶୁଜ୍‌କୁ ବ୍ୟବହାର କରିବା ପାଇଁ ଆଗ୍ରହ ଦେଖାଇ ଥିଲେ ସେ ବିଷୟରେ ଗାଙ୍ଗୁଲି ବିସ୍ତୃତ ଭାବେ ମତବ୍ୟକ୍ତ କରିଥିଲେ। ଏ ସମ୍ପର୍କରେ ଅଜନ୍ତା ଶୁଜ୍‌ର ସିଏମ୍‌ଡି ସୁବ୍ରତ ବଣିକ କହିଥିଲେ, ଗତବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଆମେ ଭଲ କାରବାର ସହିତ ଆମର ନେଟ୍‌ୱର୍କକୁ ବହୁ ଗୁଣ ବିସ୍ତାର କରିବାକୁ ପ୍ରୟାସ କରିବୁ। ଏପରିକି ୨୦୨୪-୨୫ ଆର୍ଥିକ ବର୍ଷରେ ୧୦୦୦କୋଟିର ଲକ୍ଷ୍ୟକୁ ପୂରଣ କରିବା ଦିଗରେ କାର୍ଯ୍ୟ ଓ କଠିନ ପରିଶ୍ରମ କରିବୁ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ସେହିଭଳି ଅଜନ୍ତା ଶୁଜ୍‌ର ଏମ୍‌ଡି ସାତ୍ତ୍ୱିକ ବଣିକ ନୂତନ ରେଞ୍ଜ ସହିତ ପିୟୁ, କିଟୋ, ସ୍ପୋର୍ଟସ ଏବଂ ଇଭିଏ ରେଞ୍ଜର ଗୁଣବତ୍ତା ସାଙ୍ଗକୁ ବଜାର ଚାହିଦା ସମ୍ପର୍କରେ ଡିଲର୍ସମାନଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ।

# ୱାନ୍‌ପ୍ଲସ୍ ସହ ଜିଓର ସହଭାଗିତା

ଭୁବନେଶ୍ୱର,୨୭।୧

ଦେଶର ସର୍ବବୃହତ୍ ଡିଜିଟାଲ ସେବା ପ୍ରଦାନକାରୀ କମ୍ପାନୀ ରିଲାଏନ୍ସ ଜିଓ ଏବଂ ଅତ୍ୟାଧୁନିକ ଜ୍ଞାନକୌଶଳର ଅଗ୍ରଣୀ କମ୍ପାନୀ ୱାନ୍ ପ୍ଲସ୍ ମଧ୍ୟରେ ଏକ ଦ୍ୱିପାକ୍ଷିକ ସହଭାଗିତା ନିକଟରେ ହୋଇଯାଇଛି। ଏପରିକି ଭାରତରେ ୫ଜି ପ୍ରଯୁକ୍ତିର ସମ୍ପୂର୍ଣ୍ଣ ସମ୍ଭାବନାକୁ ଉନ୍ମୁକ୍ତ କରିବା ପାଇଁ ଏକ ଅତ୍ୟାଧୁନିକ ୫ଜି ଇନୋଭେଶନ ଲାବ୍ ପ୍ରତିଷ୍ଠା କରିବାକୁ ଉଭୟ ସଂସ୍ଥା ଘୋଷଣା କରିଛନ୍ତି। ବିଶେଷକରି ଜିଓ ଏବଂ ୱାନ୍ ପ୍ଲସ୍‌ର ବୈଷୟିକ ନବସୃଜନ ଓ ଭିତ୍ତିଭୂମି ଉପଭୋକ୍ତାଙ୍କୁ ନୂତନ ଅନୁଭୂତି ପ୍ରଦାନ କରିବାରେ ଏହା ବେଶ୍ ସହାୟକ ହେବ। ଏହି ସହଭାଗିତାର ଲକ୍ଷ୍ୟ ହେଉଛି, ୱାନ୍ ପ୍ଲସ୍ ଏବଂ ଜିଓ ଟ୍ରୁ-୫ଜି ବ୍ୟବହାରକାରୀଙ୍କୁ ବିଭିନ୍ନ ସୁବିଧା ସୁଯୋଗ ଏବଂ ଏକ ଅଦ୍ୱିତୀୟ ନେଟ୍‌ୱର୍କ ଅନୁଭୂତି ପ୍ରଦାନ କରିବା, ଯାହାଦ୍ୱାରା ୱାନ୍‌ପ୍ଲସ୍ ଏବଂ ଜିଓ ଟ୍ରୁ-୫ଜି ଗ୍ରାହକମାନେ ଭବିଷ୍ୟତର ଏକ ଅନନ୍ୟ ଅନୁଭୂତିର ଆନନ୍ଦ ନେଇପାରିବେ।

ଏ ନେଇ ଜିଓ ପ୍ରବକ୍ତା କହିଛନ୍ତି, ଆଗାମୀ କିଛି ମାସ ମଧ୍ୟରେ ଆମ ଗ୍ରାହକମାନେ ୫ଜିର ଉତ୍କୃଷ୍ଟ ଏବଂ ଉନ୍ନତ ଗେମିଂ, ଷ୍ଟ୍ରିମିଂ ଏବଂ ଉନ୍ନତ ବ୍ୟବହାର ଅନୁଭବ ହାସଲ କରିବେ। ୱାନ୍‌ପ୍ଲସ୍‌ର ପ୍ରବକ୍ତା କହିଛନ୍ତି, ଆମେ ଯାହା ସମ୍ଭବ ତାହାର ସୀମାକୁ ଆଗକୁ ବଢ଼ାଇବାରେ ବିଶ୍ୱାସକରୁ ଏବଂ ଜିଓ ସହ ଏହି ସହଭାଗିତା ସେହି ପ୍ରତିବଦ୍ଧତାର ପରିଚାୟକ ହୋଇଥିଲାବେଳେ ଯୋଗାଯୋଗ କ୍ଷେତ୍ରର ଭବିଷ୍ୟତ ଦିଗରେ ଏହି ଭାଗୀଦାରି ଏକ ବଡ଼ ପଦକ୍ଷେପ, ଯେଉଁଠାରେ ନବସୃଜନର କୌଣସି ସୀମା ନାହିଁ। ଜିଓ ଏବଂ ୱାନ୍‌ପ୍ଲସ୍ ଇଣ୍ଡିଆ ମିଳିତ ଭାବେ ଦେଶର ୫ଜି ପରିଦୃଶ୍ୟକୁ ପରିବର୍ତ୍ତିତ କରିବାକୁ ପ୍ରସ୍ତୁତ ରହିଛନ୍ତି, ଯାହା ଗ୍ରାହକମାନଙ୍କୁ ଆଗାମୀ ଦିନରେ ଅସୀମ ସମ୍ଭାବନାର ଏକ ଝଲକ ପ୍ରଦାନ କରିବ।

# ୭୫ତମ ସାଧାରଣତନ୍ତ୍ର ଦିବସ



ଭୁବନେଶ୍ୱରର ଚନ୍ଦ୍ରଶେଖରପୁରସ୍ଥିତ ଭେଙ୍କଟେଶ୍ୱର ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଠାରେ ୭୫ତମ ଜନରାଜ୍ୟ ଦିବସ ଶିକ୍ଷାନୁଷ୍ଠାନର କର୍ତ୍ତୃପକ୍ଷ, ଅଧିକାରୀ, ଶିକ୍ଷକ-ଶିକ୍ଷୟିତ୍ରୀ ଏବଂ ଛାତ୍ରୀଛାତ୍ରଙ୍କ ଉପସ୍ଥିତିରେ ପାଳିତ ହୋଇଯାଇଛି।



ଭୁବନେଶ୍ୱରର ପଟିଆସ୍ଥିତ ଓଡିଏମ୍ ପବ୍ଲିକ ସ୍କୁଲ ପରିସରରେ ୭୫ତମ ସାଧାରଣତନ୍ତ୍ର ଦିବସ ଶିକ୍ଷାନୁଷ୍ଠାନର କର୍ତ୍ତୃପକ୍ଷ, ଅଧିକାରୀ, ଶିକ୍ଷକ-ଶିକ୍ଷୟିତ୍ରୀ ଏବଂ ଛାତ୍ରୀଛାତ୍ରଙ୍କ ଉପସ୍ଥିତିରେ ପାଳନ (ପତାକା ଉତ୍ତୋଳନ) କରାଯାଇଥିଲା।



ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍ ପକ୍ଷରୁ ୭୫ତମ ଗଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ଜେଏସ୍‌ଡବ୍ଲ୍ୟୁର ଓଡ଼ିଶା ୟୁନିଟ୍ ଜଜାଙ୍ଗ ଗେଷ୍ଟ ହାଉସ, ଭଦ୍ରାସାହି ଅଫିସ, ନୂଆଗାଁ ମାଇନ୍, ନାରାୟଣପୋଷି ମାଇନ୍, ଗାନୁଆ ମାଇନ ସମେତ ଭୁବନେଶ୍ୱର ଏବଂ ଯାଜପୁର କାର୍ଯ୍ୟାଳୟଠାରେ ସାଧାରଣତନ୍ତ୍ର ଦିବସ ପାଳନ କରାଯାଇଥିଲା। ଏହି ଅବସରରେ ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍‌ର ଆଭ୍ୟନ୍ତରୀଣ ଅଡିଟ୍ ଏବଂ ରିସ୍କ୍ ମ୍ୟାନେଜମେଣ୍ଟ ମୁଖ୍ୟ ହରେଶ ଦୁଆଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।



ଭୁବନେଶ୍ୱରର ମଦନପୁରସ୍ଥିତ ନିସ୍ ମହାବିଦ୍ୟାଳୟ ପରିସରରେ ୭୫ତମ ସାଧାରଣତନ୍ତ୍ର ଦିବସ ଶିକ୍ଷାନୁଷ୍ଠାନର କର୍ତ୍ତୃପକ୍ଷ, ଅଧିକାରୀ, ଶିକ୍ଷକ-ଶିକ୍ଷୟିତ୍ରୀ ଏବଂ ଛାତ୍ରୀଛାତ୍ରଙ୍କ ଉପସ୍ଥିତିରେ ପାଳିତ (ପତାକା ଉତ୍ତୋଳନ) ହୋଇଥିଲା।




ଓଡ଼ିଶା ହାଇଡ୍ରୋ ପାୱାର କର୍ପୋରେଶନ ଲିମିଟେଡ୍ ବା ଓଏଚ୍‌ପିସି ପକ୍ଷରୁ ୭୫ ତମ ସାଧାରଣତନ୍ତ୍ର ଦିବସ ନିକଟରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କର୍ପୋରେଶନର କର୍ପୋରେଟ୍ ଅଫିସ, ଟ୍ରେନିଂ ସେଣ୍ଟର ସମେତ ଅନ୍ୟ ୟୁନିଟଗୁଡିକରେ ମଧ୍ୟ ସାଧାରଣତନ୍ତ୍ର ଦିବସ ପାଳନ କରାଯାଇଥିଲା। ଏହି ଅବସରରେ ଓଏଚ୍‌ପିସିର ଏମ୍‌ଡି ଅମରେଶ କୁମାରଙ୍କ ସମେତ ନିର୍ଦ୍ଦେଶକ ଅର୍ଥ ପ୍ରଣବ କୁମାର ମହାନ୍ତି, ନିର୍ଦ୍ଦେଶକ ଏଚ୍‌ଆର୍ (ଇନ୍‌ଚାର୍ଜ) ସୁଭାଷ ଚନ୍ଦ୍ର ଜେନା ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।



କଟକ ମଧୁପାଟଣା ଶିଳ୍ପାଞ୍ଚଳସ୍ଥିତ ରୁଚି ଉଦ୍ୟୋଗ ମୁଖ୍ୟାଳୟଠାରେ ରୁଚି ପରିବାର ପକ୍ଷରୁ ୭୫ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ 'ରୁଚି'ର ଫ୍ରୋଜିଟ୍ ଡିଭିଜନ, ରାମଦାସପୁର ଡିଭିଜନ, ପ୍ରତାପନଗରୀସ୍ଥିତ ସୋୟା ଡିଭିଜନ, ବିଶ୍ୱେଶ୍ୱର ଫୁଡ୍ସ ଡିଭିଜନ, ଗୋପାଳପୁର ଡିଭିଜନଠାରେ ମଧ୍ୟ ରାଷ୍ଟ୍ରୀୟ ଧ୍ୱଜା ଉତ୍ତୋଳନ ସହିତ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ଏହି ଅବସରରେ ରୁଚିର ନିର୍ଦ୍ଦେଶକ ଅରବିନ୍ଦ ସାହୁ, ନିର୍ଦ୍ଦେଶିକା ସଲିନା ସାହୁ, ମୁଖ୍ୟ ମହାପ୍ରବନ୍ଧକ ମହେନ୍ଦ୍ର ଷଡ଼ଙ୍ଗୀଙ୍କ ସମେତ ଲକ୍ଷ୍ମୀଧର ସାହୁ, ଦେବାଶିଷ ପରିଡ଼ା, ଅକ୍ଷୟ କୁମାର ବରାଳ, ମାନସ ରଞ୍ଜନ ବେହେରା, ଶୁଭେନ୍ଦୁ କୁମାର ଭୂୟାଁ, ସୂର୍ଯ୍ୟକାନ୍ତ ସାହୁ, ନବକୃଷ୍ଣ ଦାସ ଅଧିକାରୀ, ଯୋଗେନ୍ଦ୍ର ସାହୁ, ଦେଶଜ୍ୟୋତି ମହାନ୍ତି ଏବଂ ପ୍ରମୋଦ କୁମାର ସାହୁ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

# ଏମର୍ଜେନ୍ସି ଫଣ୍ଡ

ଟଙ୍କା କାହାକୁ ବା ଲୋଡ଼ା ନାହିଁ! ହେଲେ ଟଙ୍କା ଥିଲେ ଏହାକୁ ମନଇଚ୍ଛା ଖର୍ଚ୍ଚ କରିବା ବଦଳରେ ସେଥିରୁ କିଛି ସଞ୍ଚୟ କରି ରଖିବା ଆବଶ୍ୟକ। କାରଣ ଏହା ଜରୁରିକାଳୀନ ପରିସ୍ଥିତିରେ ସବୁଠୁ ଦରକାରୀ। ଯଦି ଆପଣ ଏପର୍ଯ୍ୟନ୍ତ ଏଭଳି ଏମର୍ଜେନ୍ସି ଫଣ୍ଡ ଆରମ୍ଭ






କରିନାହାନ୍ତି, ତେବେ ବିଳମ୍ବ ନ କରି ଆରମ୍ଭ କରନ୍ତୁ। କାରଣ ଏହି ସଞ୍ଚିତ ଅର୍ଥ ଅସୁବିଧା ସମୟରେ ଆପଣଙ୍କ ବେଶ୍ କାମରେ ଆସିବ।

**କିପରି କରିବେ:**

- ସର୍ବପ୍ରଥମେ ଏକ ଏମର୍ଜେନ୍ସି ଫଣ୍ଡ କରିବା ଲାଗି ମାନସିକ ସ୍ତରରେ ପ୍ରସ୍ତୁତ ହୁଅନ୍ତୁ। ନିଜର ଆୟ ଏବଂ ସମସ୍ତ ବ୍ୟୟର ଏକ ଲିଷ୍ଟ ପ୍ରସ୍ତୁତ କରନ୍ତୁ। ସବୁ ଖର୍ଚ୍ଚ ବାଦ୍ ଯଦି ପୂର୍ବରୁ କୌଣସି ଆର୍‌ଡି କିମ୍ବା ଅନ୍ୟ ସେଭିଂସ୍ ରଖୁଛନ୍ତି, ତା' ବ୍ୟତୀତ କେତେ ଟଙ୍କା ବଳକା ରହୁଛି ତାକୁ ଏମର୍ଜେନ୍ସି ଫଣ୍ଡରେ ରଖିପାରିବେ।
- ଏମର୍ଜେନ୍ସି ଫଣ୍ଡ ଥରେ ଖୋଲିବା ପରେ ସେଥିରେ କେତେ ଟଙ୍କା ପ୍ରତି ମାସରେ ଅବା ସାପ୍ତାହିକ ରଖିବେ, ସେ ନେଇ ଭଲ ଭାବେ ପ୍ଲାନିଂ କରନ୍ତୁ।
- ଏମର୍ଜେନ୍ସି ଫଣ୍ଡ ପାଇଁ ଠିକ୍ ସମୟରେ ଟଙ୍କା ଡିପୋଜିଟ୍ କରିବାକୁ ଭୁଲି ଯାଉଥିଲେ ବ୍ୟାଙ୍କରେ ଅଟୋମେଟିକ୍ ପେମେଣ୍ଟ ମେଥଡ୍ ବ୍ୟବହାର କରନ୍ତୁ। ଏହାଦ୍ୱାରା ଆପଣଙ୍କୁ ଭୁଲିଯିବାର ଟେନ୍‌ସନ୍ ରହିବ ନାହିଁ ଏବଂ ଯଥା ସମୟରେ ଟଙ୍କା ଡିପୋଜିଟ୍ ହୋଇ ଚାଲିବ।
- ଏହି ଟଙ୍କାକୁ ଆପଣ ଚାହିଁଲେ କଣ୍ଟିଜେନ୍ସି ଫଣ୍ଡ ଆକାରରେ ମଧ୍ୟ ଜମା ରଖିପାରିବେ। ଏଥିରେ ସୁଧ ମଧ୍ୟ ଅଧିକ ମିଳିପାରିବ।

**କେଉଁଠି ଖର୍ଚ୍ଚ କରିବେ ନାହିଁ:**

ଏମର୍ଜେନ୍ସି ଫଣ୍ଡ ନିହାତି ଆବଶ୍ୟକ ସମୟରେ ବ୍ୟବହାର କରାଯାଏ। ତେଣୁ ପାଖରେ ଟଙ୍କା ଅଛି ଭାବି ଏହାକୁ କେଉଁ କ୍ଷେତ୍ରରେ ଖର୍ଚ୍ଚ କରିବା ଠିକ୍ ନୁହେଁ ଜାଣିରଖନ୍ତୁ...

- ପୂର୍ବରୁ ନିର୍ଦ୍ଧାରିତ କୌଣସି ଖର୍ଚ୍ଚ ପାଇଁ ଏହାକୁ ବ୍ୟବହାର କରନ୍ତୁ ନାହିଁ।
- ରେଗୁଲାର ଖର୍ଚ୍ଚ ଯେପରିକି ଇଲେକ୍ଟ୍ରିକ ବିଲ୍, ଇଣ୍ଟରନେଟ୍, ପାଣି, ଘରଭଡ଼ା, ଖାଇବା ଆଦି ଖର୍ଚ୍ଚ ପାଇଁ ଏହାକୁ ବ୍ୟବହାର କରନ୍ତୁ ନାହିଁ।
- ସେହିପରି କୌଣସି ସାମଗ୍ରୀ କିଣିବା ହେଉ କିମ୍ବା କେଉଁଆଡ଼େ ବୁଲିଯିବା ପାଇଁ ମଧ୍ୟ ଏମର୍ଜେନ୍ସି ଫଣ୍ଡକୁ ସାରିଦେବା ଠିକ୍ ନୁହେଁ।
- ଅନେକେ ଅଧିକ ଟଙ୍କା ପାଇବା ଲୋଭରେ ଏମର୍ଜେନ୍ସି ଫଣ୍ଡକୁ ଶେୟାର ମାର୍କେଟ୍‌ରେ ନିବେଶ କରିଦିଅନ୍ତି ଏବଂ ଆବଶ୍ୟକ ବେଳେ ହଠାତ୍ ଏହାକୁ ଆଣି ଖର୍ଚ୍ଚ କରିବାରେ ଅସୁବିଧା ହୋଇପଡ଼େ।
- ନିଜର ଘରଟିଏ ଏବଂ ଭଲ ଗାଡ଼ିଟିଏ ହେଉ, ଏକଥା କିଏ ବା ନ ଚାହେଁ! ହେଲେ କେହି କେହି ପାଖରେ ଟଙ୍କା ସରିଯିବା ମାତ୍ରେ ଏମର୍ଜେନ୍ସି ଫଣ୍ଡକୁ ଏହି କାର୍ଯ୍ୟରେ ଲଗାଇ ଦିଅନ୍ତି, କିନ୍ତୁ ଏପରି ଆଦୌ କରନ୍ତୁ ନାହିଁ।

**ଏମର୍ଜେନ୍ସି ଫଣ୍ଡରେ କେତେ ରଖିବେ:**

ଏଥିପାଇଁ ଆପଣ ଯେତେ ସମ୍ଭବ ଅଧିକ ରଖିପାରିଲେ ଭଲ। ହେଲେ ଅତି କମ୍‌ରେ ନିଜର ମାସିକ ଆୟର ୬ଗୁଣା ଟଙ୍କା ଏମର୍ଜେନ୍ସି ଫଣ୍ଡରେ ରଖି ପାରିଲେ ଭଲ। ଏହାକୁ ଆପଣ ଘରେ ମଧ୍ୟ ରଖିପାରିବେ। ଯଦି ସୁଧ ପାଇବାକୁ ଚାହାନ୍ତି ତେବେ ବ୍ୟାଙ୍କ୍‌ରେ ରଖିପାରିବେ। ଏହି ଟଙ୍କା ହଠାତ୍ ଚିକିତ୍ସା, କୌଣସି କାରଣରୁ ଜବ୍ ଚାଲିଗଲେ ଘର ଚଳାଇବା ଆଦି କାର୍ଯ୍ୟରେ ବ୍ୟବହାର କରିପାରିବେ। ଏମିତିକି ଅନ୍ୟ କାହାକୁ ମଧ୍ୟ ବିପଦ ସମୟରେ ଆର୍ଥିକ ସାହାଯ୍ୟ କରିପାରିବେ।

**ଟଙ୍କା! ସୁଖରେ ହେଉ ଅବା ଦୁଃଖରେ, ପ୍ରତ୍ୟେକ ମଣିଷର ଟଙ୍କା ଏମିତି ଏକ ସାଥୀ ଯାହା ବିନା ଗୋଟିଏ ଦିନ ପରିକଳ୍ପନା କରିବା କଷ୍ଟ। କେତେବେଳେ ଅଧିକ ଟଙ୍କା ଧନୀ ପାଇଁ ସୁଖ, ସମୃଦ୍ଧି, ଐଶ୍ୱର୍ଯ୍ୟର ପ୍ରତୀକ ତ କେବେ ଅଳ୍ପ ଟଙ୍କା ଦୁଃଖୀ ପାଇଁ ପେଟ ପୋଷିବାର ସାହାରା। ଆଉ ପୁଣି କେବେ ଏହା ଜରୁରିକାଳୀନ ପରିସ୍ଥିତିରେ ସାଜିଥାଏ ମଣିଷର ବଳ...**



## ଏମାନେ କଣ କୁହନ୍ତି



**ରଞ୍ଜନ କୁମାର ସାହୁ** (କର୍ମଜୀବୀ, ଭୁବନେଶ୍ୱର)– ଆଜିକାଲି ଟଙ୍କା ବିନା କୌଣସି କାର୍ଯ୍ୟ କରିବା ସହଜ ନୁହେଁ। ତେଣୁ ଏହାକୁ ଦେଖି ଚାହିଁ ଖର୍ଚ୍ଚ କରିବା ଦରକାର ବୋଲି ମୁଁ ଭାବିଥାଏ। ପାଖରେ ଟଙ୍କା ଅଛି ବୋଲି ଶପିଂ କରିବା, ବୁଲିବା ଆଦିରେ ସବୁ ସାରି ନ ଦେଇ ଆବଶ୍ୟକ ଖର୍ଚ୍ଚ ବାଦ୍ କିଛି ସେଭିଂ ମଧ୍ୟ କରିଥାଏ। କୋଭିଡ ସମୟରେ ହଠାତ୍ ଚିକିତ୍ସା ଲାଗି ଆବଶ୍ୟକ ଟଙ୍କା ପାଇଁ ହେଉ ଅବା ଚାକିରି ଚାଲିଯାଇଥିବା ଲୋକଙ୍କୁ ଦରମା ପାଇଁ ହଇରାଣ ହେଉଥିବାର ଦେଖିଛି। ତେଣୁ ଏଭଳି ପରିସ୍ଥିତି ନ ଉପୁଜିବା ପାଇଁ ଏମର୍ଜେନ୍ସି ଫଣ୍ଡ ବାବଦରେ ପ୍ରତି ମାସରେ କିଛି ଟଙ୍କା ନିଶ୍ଚୟ ରଖୁଛି।



**ସୁଚିତ୍ରା ଚାନ୍ଦ୍**(ଓଟି ଟେକ୍ନିସିଆନ୍, ଭୁବନେଶ୍ୱର)– ଟଙ୍କା କାହାକୁ ବା ଲୋଡା ନୁହେଁ। ସେଥିପାଇଁ କିଏ ବିଜ୍‌ନେସ୍ ତ କିଏ ଚାକିରି କରୁଛି। ତେଣୁ ଏହାକୁ ସବୁବେଳେ ଦେଖିଚାହିଁ ଖର୍ଚ୍ଚ କରିବା ସହ ସଞ୍ଚୟ ମଧ୍ୟ କରିବା ଦରକାର। କାରଣ ଏହା କୌଣସି ଜରୁରିକାଳୀନ ପରିସ୍ଥିତିରେ ସବୁଠୁ ବେଶି କାମରେ ଆସିଥାଏ। ଦୁଇ ବର୍ଷ ତଳେ ମୋର ଜଣେ ସାଙ୍ଗର ହଠାତ୍ ଜବ୍ ଚାଲିଗଲା। ପରିବାରର ଆର୍ଥିକ ପରିସ୍ଥିତି ଦୁର୍ବଳ ଥିବାରୁ ଚଳିବା ପାଇଁ ତା' ଦରମା ଟଙ୍କା ଉପରେ ସମସ୍ତେ ନିର୍ଭର କରୁଥିଲେ। ସେ ସବୁ ଖର୍ଚ୍ଚ ବାଦ୍ କିଛି ଟଙ୍କା ଏମର୍ଜେନ୍ସି ଫଣ୍ଡରେ ଜମା ରଖୁଥିବାରୁ ନୂଆ ଜବ୍ ପାଇବା ପର୍ଯ୍ୟନ୍ତ ସେହି ଟଙ୍କାରେ ପରିବାର ଚଳିଗଲା। ତା'ର ସେହି ଘଟଣା ପରଠାରୁ ସଞ୍ଚୟ ଯେ କେତେ ଜରୁରୀ ବେଶ୍ ଭଲ ଭାବେ ବୁଝିଯାଇଛି ଏବଂ ନିଜେ ବି ଟଙ୍କା ରଖୁଛି।

## ଏ ସପ୍ତାହର ପ୍ରଶ୍ନ

୧– ସିରିୟସ୍ ଫ୍ରଡ୍ ଇନ୍‌ଭେଷ୍ଟିଗେଶନ୍ ଅଫିସ୍ ......... ସହିତ ଜଡିତ ?
୨– ............... ତାମିଲ ଉପନ୍ୟାସ ନାନ୍‌ଥାନ୍ ଔରଙ୍ଗଜେବ୍ ଲେଖିଛନ୍ତି ?
୩– ସୁଲତାନପୁର ବାର୍ଡ ସେଞ୍ଚୁରୀ .............. ରାଜ୍ୟରେ ଅବସ୍ଥିତ ?
୪– ନିକଟରେ ............. ଇଣ୍ଡିଆନ୍ ଅଲିମ୍ପିକ୍ ଆସୋସିଏଶନ୍‌ର ସିଇଓ ଭାବେ ନିଯୁକ୍ତ ହୋଇଛନ୍ତି ?
୫– ଶେଖ୍ ହସିନା .............. ଦେଶର ପ୍ରଧାନମନ୍ତ୍ରୀ ?

## ଗତ ସପ୍ତାହର ଉତ୍ତର

୧ ଜାନୁୟାରୀ ୯
୨ ତାମିଲନାଡୁ
୩ ୧୮୪୮
୪ ଠେକୁଆ
୫ ସାଇବେରିଆନ୍ ଟାଇଗର୍

## ଉତ୍ତରଦାତା



ସୁନୀଲ କୁମାର ବେହେରା, ବ୍ରହ୍ମପୁର



ଶେଖ୍ ୟାକୁବ୍, ଗୋପ

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ–ମେଲ୍ ଠିକଣା: dharitriagamiasha @gmail.com

## ଟପ୍ /୧୦

### ସର୍ବାଧିକ ଉଲ୍ ଉତ୍ପାଦନକାରୀ ଦେଶ




୧– ଚାଇନା ........................ ୩୫୬,୨୧୬ ଟନ୍
୨– ଅଷ୍ଟ୍ରେଲିଆ ........................ ୩୪୮,୬୦୮ ଟନ୍
୩– ନ୍ୟୁଜିଲାଣ୍ଡ ........................ ୧୨୫,୭୭୨.୧୭ ଟନ୍
୪– ତର୍କି ........................ ୭୯,୭୫୪ ଟନ୍
୫– ୟୁନାଇଟେଡ୍ କିଙ୍ଗଡମ୍........................ ୭୦,୪୪୭.୫୬ ଟନ୍
୬– ମର୍‌କ୍କୋ ........................ ୬୨,୬୭୦.୧୬ ଟନ୍
୭– ଇରାନ୍ ........................ ୫୨,୫୦୪ ଟନ୍
୮– ରୁଷିଆ ........................ ୪୭,୮୩୮ ଟନ୍
୯– ସାଉଥ୍ ଆଫ୍ରିକା ........................ ୪୨,୪୦୬.୩୪ ଟନ୍
୧୦– ପାକିସ୍ତାନ ........................ ୪୩,୩୨୮ ଟନ୍

## ଜାଣନ୍ତୁ ଦୁନିଆ

### ଡିଜ୍‌ନୀ ୱାର୍ଲ୍ଡ

ଆମେରିକାର ଫ୍ଲୋରିଡ଼ାରେ ଥିବା ୱାଲ୍ଟ ଡିଜ୍‌ନୀ ୱାର୍ଲ୍ଡ ପିଲାଙ୍କଠାରୁ ବୟସ୍କ ସମସ୍ତଙ୍କ ଲାଗି ଏକ ଡ୍ରିମ୍ ପ୍ଲେସ୍। ୧୯୭୧ ମସିହାରେ ୱାଲ୍ଟ ଏବଂ ରଏ ଡିଜ୍‌ନୀଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଥିବା ସୁନ୍ଦର କାର୍ଟୁନ୍ ଦୁନିଆ ସମ୍ପର୍କରେ ଜାଣିବା କେତୋଟି କୌତୂହଳପୂର୍ଣ୍ଣ ତଥ୍ୟ...

- ଡିଜ୍‌ନୀ ୱାର୍ଲ୍ଡ ମଧ୍ୟରେ ଅନେକ ଗୁପ୍ତ ସଡ଼କ ଏବଂ ସୁଡ଼ଙ୍ଗ କରାଯାଇଛି, ଯାହାକୁ କେବଳ ସେଠାକାର କର୍ମଚାରୀମାନେ ହିଁ ବ୍ୟବହାର କରିଥା'ନ୍ତି। ଫଳରେ ସେମାନେ ଠିଆ ହୋଇଥିବା ସ୍ଥାନଗୁଡ଼ିକୁ ଦେଖିଲେ ଯେକେହି ଆଶ୍ଚର୍ଯ୍ୟ ହେବା ସ୍ୱାଭାବିକ।
- ଏହା ମଧ୍ୟରେ ସବୁଆଡ଼େ ବାତାବରଣ ମୃଦୁ ମୃଦୁ ଭାସିଲା ପରି ବାସ୍ନା ହୋଇଥାଏ, ଯାହାକୁ ଖ୍ରୀଷ୍ଟମାସ୍ ସମୟରେ ପିପରମିଣ୍ଟ ବାସ୍ନା ସହିତ ବଦଳାଇ ଦିଆଯାଇଥାଏ।
- ଡିଜ୍‌ନୀ ୱାର୍ଲ୍ଡ ମଧ୍ୟରେ ରହିଛି ୪ଟି ଥିମ୍ ପାର୍କ, ଦୁଇଟି ୱାଟର ପାର୍କ ସମେତ ବହୁ ସଂଖ୍ୟାରେ ହୋଟେଲ, ରେଷ୍ଟୁରାଣ୍ଟ, ୱେଡିଂ ପାଭିଲିଅନ୍ ଏବଂ ସ୍ପୋର୍ଟ୍ସ ଗ୍ରାଉଣ୍ଡ ଭଳି ଅନେକ ଆକର୍ଷଣୀୟ ସ୍ଥାନ।
- ଏହା ମଧ୍ୟରେ ଥିବା ହୋଟେଲଗୁଡ଼ିକର ପ୍ରତି ରୁମ୍‌ରେ ଗୋଟିଏ ଦିନ ରହିଲେ ସବୁ ରୁମ୍ ଶେଷ କରିବାକୁ ଜଣଙ୍କୁ ପାଖାପାଖି ୮୧ ବର୍ଷରୁ ଅଧିକ ସମୟ ଲାଗିବ।
- ଡିଜ୍‌ନୀ ୱାର୍ଲ୍ଡରେ ଏମ୍ପ୍ଲୟୀଙ୍କୁ କାଷ୍ଟ ମେମ୍ବର ବୋଲି କୁହାଯାଇଥାଏ। ସେମାନେ ଦର୍ଶକଙ୍କ ସହାୟତା ନିମନ୍ତେ ୧୪ଟି ଭାଷାରେ କଥା ହୋଇପାରନ୍ତି।
- ଆରମ୍ଭ ହେବା ସମୟରେ ଏହାର ଏଣ୍ଟ୍ରି ଫି ୩.୫୦ ଡଲାର ଥିବା ବେଳେ ବର୍ତ୍ତମାନ ଯେଉଁ ପାର୍କକୁ ଯିବେ ସେହି ଅନୁଯାୟୀ ୯୪ରୁ ୯୯ ଡଲାର ପର୍ଯ୍ୟନ୍ତ ରହିଛି।



## ୟୁଥ୍ ଆଲର୍ଟ

# ସୁସ୍ଥ ରହିବାର ମନ୍ତ୍ର

ଦୈନନ୍ଦିନ ଜୀବନଚର୍ଯ୍ୟାରେ କେତୋଟି ସାଧାରଣ କଥାକୁ ପାଳନ କରିପାରିଲେ ତାହା ମଣିଷକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ। ଜାଣିବା କେତୋଟି ସୁସ୍ଥ ରହିବାର ମନ୍ତ୍ର...

**ଶରୀରକୁ ଦିଅନ୍ତୁ ଆରାମ:** ବର୍ତ୍ତମାନ ପ୍ରାୟ ସମସ୍ତଙ୍କର ଜୀବନଶୈଳୀ ବ୍ୟସ୍ତବହୁଳ। ଏମିତିରେ ଅନେକଙ୍କୁ ଆବଶ୍ୟକ ମାତ୍ରାରେ ନିଦ୍ରା ନେବା କଷ୍ଟ ହେଉଛି, ଯାହାର ନକାରାତ୍ମକ ପ୍ରଭାବ ଫଳରେ ଶରୀର ଅସୁସ୍ଥ ରହୁଛି। ହେଲେ ପ୍ରତ୍ୟେକଙ୍କୁ ନିଜର କାର୍ଯ୍ୟ ବା ଶ୍ରମ ଅନୁସାରେ ଶରୀରକୁ ଆବଶ୍ୟକ ଆରାମକୁ ଆଖି ଆଗରେ ରଖି ଶୋଇବା ଦରକାର। ତେଣୁ ପ୍ରତି ୭–୮ ଘଣ୍ଟା କିମ୍ବା କିଛି ନିର୍ଦ୍ଦିଷ୍ଟ ସମୟ ନ ରଖି ଶରୀରର ଆବଶ୍ୟକତା ଅନୁଯାୟୀ ଶୁଅନ୍ତୁ। ଏହାଦ୍ୱାରା ଉଭୟ ଶରୀର ଏବଂ ମନ ଷ୍ଟ୍ରେସ୍ ଫ୍ରି ରହିବା ସହିତ ରୋଗ ପ୍ରତିରୋଧକ ଶକ୍ତି ଏବଂ କାର୍ଯ୍ୟଦକ୍ଷତା ବୃଦ୍ଧି ପାଇବ।

**ବସିବା ଶୈଳୀ ଠିକ୍ ରଖନ୍ତୁ:** ବର୍ତ୍ତମାନ ଛାତ୍ରୀଛାତ୍ର ହୁଅନ୍ତୁ କିମ୍ବା କର୍ମଜୀବୀ ଅଧିକାଂଶଙ୍କୁ ଦୀର୍ଘ ସମୟ ବସିବାକୁ ପଡୁଛି। ତା'ଛଡା ମୋବାଇଲ୍ ବ୍ୟବହାର ଏତେ ମାତ୍ରାରେ ବଢିଯାଇଛି ଯେ, ସମସ୍ତଙ୍କର ବସିବାଶୈଳୀ ବଦଳିଯାଇଛି। ଆରାମ ଲାଗିବା ଆଳରେ ଦୀର୍ଘ ସମୟ ଜାକି ହୋଇ ବା ବଙ୍କା ହୋଇ ବସିବା ଦ୍ୱାରା ମେରୁଦଣ୍ଡ ସହ ବେକ, ଅଣ୍ଟା ଆଦିରେ ଚାପ ପଡ଼ିଥାଏ। ସେହିପରି ଜାକି ହୋଇ ବସିବା ଦ୍ୱାରା ପେଟ ଚାପି ହୋଇ ରହିବା କାରଣରୁ ହଜମ କ୍ରିୟା, ଶ୍ୱାସକ୍ରିୟା ବାଧାପ୍ରାପ୍ତ ହୋଇଥାଏ, ଯାହାଦ୍ୱାରା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଉପୁଜିଥାଏ। ତେଣୁ ବସିବା ଶୈଳୀ ଠିକ୍ ରଖନ୍ତୁ, ଅର୍ଥାତ୍ ପିଠି ସିଧା ରଖି ବସନ୍ତୁ ଏବଂ କିଛି କିଛି ସମୟ ଅନ୍ତରାଳରେ ଉଠି ଅଳ୍ପ ସମୟ ଚାଲନ୍ତୁ।







**ଯୋଗ ବ୍ୟାୟାମ ହେବ ଉପକାରୀ:** ବର୍ତ୍ତମାନର ପରିବର୍ତ୍ତିତ ଜୀବନଶୈଳୀରେ ସୁସ୍ଥ ରହିବାର ସବୁଠୁ ଉତ୍ତମ ଉପାୟ ହେଉଛି ଯୋଗ। କାରଣ ଶାରୀରିକ ପରିଶ୍ରମ ଅଭାବରୁ ଅନେକଙ୍କଠାରେ ବିଭିନ୍ନ ପ୍ରକାରର ସ୍ୱାସ୍ଥ୍ୟ ସମସ୍ୟା ଦେଖାଯାଉଛି, ଯାହାକୁ ଦୂର କରିବା ଲାଗି ପ୍ରତିଦିନ ଅତି କମ୍‌ରେ ଅଧଘଣ୍ଟା ଯୋଗ, ବ୍ୟାୟାମ କରନ୍ତୁ।

# ଦୀପ୍ ଗ୍ରେସ୍‌ଙ୍କ ଅବସର



ଭୁବନେଶ୍ୱର, ୨୭।୧ (ତପନ ସ୍ୱାଇଁ)

ଭାରତୀୟ ମହିଳା ହକି ଦଳର ତାରକା ଡିଫେଣ୍ଡର ଓଡ଼ିଶାର ଦୀପ୍ ଗ୍ରେସ୍ ଏକ୍କା ଶନିବାର ଅବସର ଘୋଷଣା କରିଛନ୍ତି। ଅନ୍ତର୍ଜାତୀୟ ହକିରେ ସେ ଜଣେ ଦିଗ୍‌ଗଜ ଡିଫେଣ୍ଡର ଓ ପେନାଲ୍ଟି କର୍ନର ସ୍ପେଶାଲିଷ୍ଟଭାବେ ପରିଚିତ ଥିଲେ। ସୁନ୍ଦରଗଡ଼ ଜିଲା ବାଲିଶଙ୍କରା ବ୍ଲକର ଲୁଲକିଡିହିରେ ୧୯୯୪ ଜୁନ ୩ରେ ଜନ୍ମଗ୍ରହଣ କରିଥିଲେ ଦୀପ୍‌ଗ୍ରେସ। ତାଙ୍କ ମା'ଙ୍କ ନାମ ଜୟମଣି ଓ ବାପା ଚାର୍ଲେସ ଏକ୍କା।

## ହକି ଇଣ୍ଡିଆର ଅଭିନନ୍ଦନ

୧୭ ବର୍ଷ ବୟସରେ ୨୦୧୧ରେ ଦୀପ୍‌ଗ୍ରେସଙ୍କ ଅନ୍ତର୍ଜାତୀୟ ହକି କ୍ୟାରିୟର ଆରମ୍ଭ ହୋଇଥିଲା। ଆର୍ଜେଣ୍ଟିନାରେ ଅନୁଷ୍ଠିତ ଚତୁଃରାଷ୍ଟ୍ରୀୟ ହକି ଟୁର୍ନାମେଣ୍ଟ ତାଙ୍କ ଜୀବନର ପ୍ରଥମ ଅନ୍ତର୍ଜାତୀୟ ହକି ଟୁର୍ନାମେଣ୍ଟ ଥିଲା। ଏହାପରେ ସେ ଥାଇଲାଣ୍ଡର ବ୍ୟାଙ୍କକ୍‌ରେ ୧୮ ବର୍ଷରୁ କମ୍ ଏସିଆ କପ୍ ଖେଳିଥିଲେ। ସେଠାରେ ପ୍ରଭାବୀ ପ୍ରଦର୍ଶନ ଯୋଗୁ ପରବର୍ତ୍ତୀ ଜାତୀୟ କ୍ୟାମ୍ପ ଗୁଡ଼ିକରେ ସେ ପ୍ରାୟତଃ ନିୟମିତ ସଦସ୍ୟା ଥିଲେ। ୨୦୧୩ରେ ଜର୍ମାନୀରେ ଅନୁଷ୍ଠିତ ଜୁନିୟର ହକି ବିଶ୍ୱକପରେ ଐତିହାସିକ ବ୍ରୋଞ୍ଜ ପଦକ ବିଜୟୀ ଭାରତୀୟ ଦଳର ସେ ସଦସ୍ୟା ଥିଲେ। ଏହି ବର୍ଷ ସେ ଉଭୟ ଜୁନିୟର ଓ ସିନିୟର ଭାରତୀୟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ୨୦୧୩ରେ ଅନୁଷ୍ଠିତ ମହିଳା ଏସିଆ କପ୍‌ରେ ବ୍ରୋଞ୍ଜ ଏବଂ ଏସିଆନ ଚାମ୍ପିୟନ୍ସ ଟ୍ରଫିରେ ରୌପ୍ୟ ପଦକ ବିଜୟୀ ଭାରତୀୟ ସିନିୟର ଦଳ ପକ୍ଷରୁ ସେ ଖେଳିଥିଲେ। ରିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିବା ଭାରତୀୟ ଦଳର ସେ ପ୍ରମୁଖ ସଦସ୍ୟା ଥିଲେ। ରିଓରେ ଭାରତ ସାହସିକ ପ୍ରଦର୍ଶନ କରି ଚତୁର୍ଥ ସ୍ଥାନରେ ରହିଥିଲା। ସେ ଏସିଆନ ଗେମ୍‌ସ (୨୦୧୪, ୨୦୧୮, ୨୦୨୨), ରାଜ୍ୟଗୋଷ୍ଠୀ କ୍ରୀଡ଼ା (୨୦୨୨), ଏସିଆ କପ୍ (୨୦୧୩, ୨୦୧୭, ୨୦୨୨), ଏସିଆନ ଚାମ୍ପିୟନ୍ସ ଟ୍ରଫି (୨୦୧୩, ୨୦୧୬, ୨୦୧୮, ୨୦୨୨)ରେ ଭାରତ ପାଇଁ ପଦକ ହାସଲ କରିଥିଲେ। ୨୦୨୨ରେ ଅର୍ଜୁନ ପୁରସ୍କାର ବିଜେତା ଦୀପ୍ ଗ୍ରେସ୍‌ଙ୍କୁ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ଅଭିନନ୍ଦନ ଜଣାଇଛନ୍ତି।

### ଭାରତ ପକ୍ଷରୁ ପ୍ରତିନିଧିତ୍ୱ ବଡ଼ ସମ୍ମାନ

"ଆନୁଷ୍ଠାନିକଭାବେ ମୁଁ ଆଜି ଅନ୍ତର୍ଜାତୀୟ ହକିରୁ ଅବସର ଘୋଷଣା କରୁଛି। ୨୦୧୧ରୁ ୨୦୨୩ ପର୍ଯ୍ୟନ୍ତ ମୋ କ୍ୟାରିୟରର ଶ୍ରେଷ୍ଠ ସମୟ। ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବା ମୋ ପାଇଁ ବଡ଼ ସମ୍ମାନ ସଦୃଶ ଥିଲା। ଏହି ଅବସରରେ ମୁଁ ମୋ ଦଳୀୟ ସାଥୀ, କୋଚ୍, ମେଣ୍ଟର ଓ ସପୋର୍ଟ ଷ୍ଟାଫ୍ ମାନଙ୍କୁ ଧନ୍ୟବାଦ ଜଣାଉଛି। ଏମାନଙ୍କ ସମର୍ଥନ ଯୋଗୁ ମୁଁ କ୍ୟାରିୟରରେ ଶ୍ରେଷ୍ଠ ପ୍ରଦର୍ଶନ ଦେବାରେ ସକ୍ଷମ ହୋଇଥିଲି। ତେଣୁ ଚିର କୃତଜ୍ଞ। ଏହି ଅବସରରେ ମୁଁ ହକି ଇଣ୍ଡିଆ, ହକି ଆସୋସିଏଶନ ଅଫ୍ ଓଡ଼ିଶା, ଓଡ଼ିଶା ସରକାର, ଭାରତ ସରକାର ଓ ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ)କୁ ମଧ୍ୟ ଅନ୍ତରରୁ ଧନ୍ୟବାଦ ଜଣାଉଛି" ବୋଲି ଦୀପ୍ ଗ୍ରେସ୍ ପ୍ରକାଶ କରିଛନ୍ତି।

# ତନ୍ମୟଙ୍କ ଦ୍ରୁତତମ ତ୍ରିଶତକ ରେକର୍ଡ



ମେଲବୋର୍ନ, ୨୭।୧ (ପି.ଟି.)

ହାଇଦ୍ରାବାଦ ରଣଜୀ ଦଳର ଓପନର ତନ୍ମୟ ଅଗ୍ରୱାଲ ଏକ ବିଶ୍ୱ ରେକର୍ଡ ନିଜ ନାମରେ କରିଛନ୍ତି। ଅରୁଣାଚଳ ପ୍ରଦେଶ ବିପକ୍ଷ ମ୍ୟାଚ୍‌ରେ ୧୪୭ ବଲ୍‌ରୁ ତ୍ରିଶତକ ହାସଲ କରିବା ସହ ଏହି ରେକର୍ଡ ନିଜ ନାମରେ କରିଛନ୍ତି। ଘରୋଇ କ୍ରିକେଟରେ ଏହା ବିଶ୍ୱ ରେକର୍ଡ। ୨୮ ବର୍ଷୀୟ ତନ୍ମୟ ୧୬୦ ବଲ୍ ଖେଳି ୩୩ ଚୌକା ଓ ୨୧ ଛକା ମାରିଥିଲେ। ହାଇଦ୍ରାବାଦ ଦ୍ୱିତୀୟ ଦିନର ଖେଳ ଶେଷ ସୁଦ୍ଧା ୪୮ ଓଭରରେ ୧ ଉଇକେଟ ହରାଇ ୫୨୯ ରନ୍ ସ୍କୋର କରିଛି। ପୂର୍ବରୁ ଏହି ରେକର୍ଡ ଦକ୍ଷିଣ ଆଫ୍ରିକାର ମାର୍କୋ ମାରାଇସ୍‌ଙ୍କ ନାମରେ ରହିଥିଲା। ମାର୍କୋ ୧୯୧ ବଲ୍‌ରେ ନିଜର ତ୍ରିଶତକ ପୂରଣ କରିଥିଲେ।

# ଟାଇଟଲ ବଜାୟ ରଖିଲେ ସାବାଲେଙ୍କା

## ଅଷ୍ଟ୍ରେଲିଆନ ଓପନ

ମେଲବୋର୍ନ, ୨୭।୧ (ପି.ଟି.)

ଅଷ୍ଟ୍ରେଲିଆନ ଓପନ ଟେନିସ ଗ୍ରାଣ୍ଡସ୍ଲାମ ମହିଳା ସିଙ୍ଗଲ୍ସ ଟାଇଟଲ ବଜାୟ ରଖିଛନ୍ତି ବେଲାରୁଷର ଆରିନା ସାବାଲେଙ୍କା। ଡିଫେଣ୍ଡିଂ ଚାମ୍ପିୟନ ସାବାଲେଙ୍କା କ୍ରମାଗତ ଦ୍ୱିତୀୟ ଥର ଫାଇନାଲ ଖେଳିଥିବା ବେଳେ ଚାଇନାର କ୍ୱିନ୍‌ୱେନ ଝେଙ୍ଗଙ୍କୁ ୬-୩, ୬-୨ ସେଟ୍‌ରେ ପରାସ୍ତ କରିଛନ୍ତି। ଶନିବାର କ୍ୟାରିୟରର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟାଇଟଲ୍ ହାସଲ କରିଥିବା ସାବାଲେଙ୍କା ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲେ। ପ୍ରଥମ ସେଟ୍‌କୁ ମାତ୍ର ୩୩ ମିନିଟରେ ସେ ଜିତି ନେଇଥିଲେ। ଝେଙ୍ଗ ପ୍ରଥମ ଥର ଏକ ଗ୍ରାଣ୍ଡସ୍ଲାମ ଫାଇନାଲ ଖେଳୁଥିବା ବେଳେ ଏହାର ଫାଇଦା ନେଇଥିଲେ ସାବାଲେଙ୍କା। ତେବେ ଦୁଇଟି କାରଣରୁ ସାବାଲେଙ୍କାଙ୍କ ଟ୍ରଫି ଉଠାଇବା ସାମାନ୍ୟ ବିଲମ୍ବିତ ହୋଇଥିଲା। ଦ୍ୱିତୀୟ ସେଟ୍‌ରେ ତୃତୀୟ ଗେମ୍‌ରେ ଜଣେ ବ୍ୟକ୍ତି ନିଜ ସିଟ୍‌ରୁ ଉଠି ବିରୋଧ କରିଥିଲେ। ଏପରିକି କିଛି ନାରା ମଧ୍ୟ ଲଗାଇଥିଲେ। ସୁରକ୍ଷାକର୍ମୀ ଏହି ବ୍ୟକ୍ତି ଜଣଙ୍କୁ ବାହାରକୁ ନେବା ପରେ ମ୍ୟାଚ୍ ପୁନର୍ବାର ଆରମ୍ଭ ହୋଇଥିଲା। ସେହିପରି ଗୋଟିଏ ଗେମ୍‌ରେ ୪୦-୦ରେ ଆଗୁଆ ରହିଥିବା ବେଳେ ଦୁଇଟି ଲଙ୍ଗ ଫୋରହାଣ୍ଡ ଶଟ୍ ଖେଳିଥିଲେ। ଝେଙ୍ଗ ଚତୁରତାର ସହ ଏକ ଡ୍ରପ୍ ଶଟ୍ ଖେଳିବା ଫଳରେ ଏହି ଗେମ୍‌କୁ ଜିତି ନେଇଥିଲେ। ତେବେ ଅଭିଜ୍ଞତାର ଉପଯୋଗ କରି ସେ ପରବର୍ତ୍ତୀ ୩ ଗେମ୍ ଜିତି ଟାଇଟଲ୍ କରାୟତ୍ତ କରି ନେଇଥିଲେ।



ଟ୍ରଫି ସହ ଆରିନା ସାବାଲେଙ୍କା

୨୫ ବର୍ଷୀୟା ସାବାଲେଙ୍କା ଏହି ବିଜୟ ସହ ଏକାଧିକ ରେକର୍ଡ ନିଜ ନାମରେ କରିଛନ୍ତି। ୧୩ ମାସ ମଧ୍ୟରେ ଏହା ତାଙ୍କର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟାଇଟଲ୍। ଭିକ୍ଟୋରିଆ ଆଜାରେଙ୍କା(୨୦୧୨, ୧୩)ଙ୍କ ପରେ ଦ୍ୱିତୀୟ ମହିଳା ଭାବରେ ସେ କ୍ରମାଗତ ଥର ଅଷ୍ଟ୍ରେଲିଆନ ଓପନ ଟାଇଟଲ ବିଜୟୀ ହୋଇଛନ୍ତି। ସେହିପରି ଗୋଟିଏ ବି ସେଟ୍ ନ ହାରି ଟାଇଟଲ୍ ଜିତିଛନ୍ତି ସାବାଲେଙ୍କା। ସେରେନା ୱିଲିୟମ୍ସଙ୍କ ପରେ ଦ୍ୱିତୀୟ ଖେଳାଳି ଭାବେ ସେ ଏଭଳି ସଫଳତା ହାସଲ କରିଛନ୍ତି। ସାବାଲେଙ୍କା ଓ ଝେଙ୍ଗ ପରସ୍ପରକୁ ଦୁଇଥର ଭେଟିଥିବା ବେଳେ ଉଭୟ ଥର ସାବାଲେଙ୍କା ବିଜୟୀ ହୋଇଛନ୍ତି।

# ଜ୍ୟୋସ୍ନା ସବରଙ୍କ ଜାତୀୟ ୟୁଥ୍ ରେକର୍ଡ

ଭୁବନେଶ୍ୱର, ୨୭।୧ (ତପନ ସ୍ୱାଇଁ)

ଚେନ୍ନାଇରେ ଚାଲିଥିବା ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସର ବାଳିକା ଭାରୋତ୍ତୋଳନରେ ଜାତୀୟ ୟୁଥ୍ ରେକର୍ଡ ସୃଷ୍ଟି କରିଛନ୍ତି ଓଡ଼ିଶାର ଜ୍ୟୋସ୍ନା ସବର। ୪୦ କେଜି ବର୍ଗରେ ସେ ମୋଟ ୧୩୦ (ସ୍ନାଚ୍-୬୦, କ୍ଲିନ୍ ଆଣ୍ଡ ଜର୍କ-୭୦) କେଜି ଉତ୍ତୋଳନ କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଅନ୍ୟତମ ଓଡ଼ିଶା ଭାରୋତ୍ତୋଳିକା ପ୍ରୀତିସ୍ମିତା ଭୋଇ ୧୧୬ କେଜି ସହିତ ରୌପ୍ୟ ପଦକ ପାଇଛନ୍ତି। ବାଳକ ୬୭ କେଜି ବର୍ଗରେ ଦୀପକ ପ୍ରଧାନ ୨୪୨ କେଜି ଉତ୍ତୋଳନ କରି ବ୍ରୋଞ୍ଜ ଜିତିଛନ୍ତି। ସେହିପରି ବାଳିକା ୫୫ କେଜିରେ ମୀନା ଶାନ୍ତା ୧୭୧ କେଜି ଭାର ଉଠାଇ ରୌପ୍ୟ ପଦକ ହାସଲ କରିଛନ୍ତି। ବାଳକ ହକି ଫାଇନାଲରେ ଓଡ଼ିଶା ଦଳ ୪-୦ ଗୋଲରେ ମଧ୍ୟ ପ୍ରଦେଶକୁ ହରାଇ ସ୍ୱର୍ଣ୍ଣ ପଦକ ଜିତିଥିବାବେଳେ ମହିଳା ଦଳ ପ୍ଲେ-ଅଫ୍‌ରେ ମିଜୋରାମକୁ ୪-୩ ଗୋଲରେ ପରାସ୍ତ କରି ବ୍ରୋଞ୍ଜ ପଦକ ଅର୍ଜନ କରିଛନ୍ତି।



# ଓଡ଼ିଶାର ଜ୍ୟୋତି, ସୁନେଲିତା ସାମିଲ



ଜ୍ୟୋତି ଛତ୍ରୀ



ସୁନେଲିତା ଟପ୍ପୋ

ନୂଆଦିଲ୍ଲୀ, ୨୭।୧ (ପି.ଟି.)

ଆଗାମି ଏଫ୍ଆଇଏଚ୍ ପ୍ରୋ-ଲିଗ୍ ଲାଗି ସବିତା ପୁନିଆଙ୍କ ନେତୃତ୍ୱରେ ୨୪ଜଣିଆ ଭାରତୀୟ ମହିଳା ହକି ଦଳ ଘୋଷଣା କରାଯାଇଛି। ଏଥିରେ ଓଡ଼ିଶାର ୨ଜଣ ଖେଳାଳି ଜ୍ୟୋତି ଛତ୍ରୀ ଓ ସୁନେଲିତା ଟପ୍ପୋ ସ୍ଥାନ ପାଇଛନ୍ତି। ସବିତାଙ୍କୁ ସହାୟତା କରିବେ ବନ୍ଦନା କାଟାରିୟା। ସେ ଉପ-ଅଧିନାୟିକା ଭାବେ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ପ୍ରୋ-ଲିଗ୍‌ର ଭୁବନେଶ୍ୱର ପର୍ଯ୍ୟାୟ ଫେବୃଆରୀ ୩ରୁ ୯ ପର୍ଯ୍ୟନ୍ତ ହେବାକୁଥିବା ବେଳେ ରାଉରକେଲାରେ ୧୨ରୁ ୧୮ ପର୍ଯ୍ୟନ୍ତ ହେବ। ଭାରତ ଉଭୟ ପର୍ଯ୍ୟାୟରେ ଦୁଇ ଥର ଲେଖାଏଁ ଯୁକ୍ତରାଷ୍ଟ୍ର ଆମେରିକା (ୟୁଏସ୍ଏ), ନେଦରଲାଣ୍ଡ୍ସ, ଚାଇନା ଓ ଅଷ୍ଟ୍ରେଲିଆକୁ ଭେଟିବ।

## ଏଫ୍ଆଇଏଚ୍ ପ୍ରୋ-ଲିଗ୍ ପାଇଁ ଭାରତୀୟ ମହିଳା ହକି ଦଳ ଘୋଷିତ

**ଭାରତୀୟ ମହିଳା ହକି ଦଳ:**

ଗୋଲକିପର: ସବିତା, ବିଚୁ ଦେବୀ ଖରିବାମ୍। ଡିଫେଣ୍ଡର: ଗୁରୁଜିତ କୌର, ନିକ୍କି ପ୍ରଧାନ, ଉଦିତା, ଇଶିକା ଚୌଧାରୀ, ମୋନିକା, ଜ୍ୟୋତି ଛତ୍ରୀ। ମିଡ୍‌ଫିଲ୍ଡର: ନିଶା, ବୈଷ୍ଣବୀ ଫାଲ୍‌କେ, ନେହା, ନବନୀତ କୌର, ସାଲିମା ଟେଟେ, ସୋନିକା, ଜ୍ୟୋତି, ବଳଜିତ୍ କୌର, ସୁନେଲିକା ଟପ୍ପୋ। ଫରୱାର୍ଡ: ମମ୍‌ତାଜ ଖାନ୍, ବ୍ୟୁଟି ଡୁଙ୍ଗଡୁଙ୍ଗ, ଲାଲରେମସିଆମି, ସଙ୍ଗୀତା କୁମାରୀ, ଦୀପିକା, ବନ୍ଦନା କାଟାରିୟା, ଶର୍ମିଳା ଦେବୀ।

# ୧୨୬ ରନ୍‌ରେ ଆଗୁଆ ଇଂଲଣ୍ଡ

ହାଇଦ୍ରାବାଦ, ୨୭।୧ (ପି.ଟି.)

## ପୋପ୍‌ଙ୍କ ଲଢୁଆ ଶତକ



ଓଲି ପୋପ୍‌ଙ୍କ ଲଢୁଆ ଶତକ ବଳରେ ଭାରତ ବିପକ୍ଷ ପ୍ରଥମ ଟେଷ୍ଟରେ ୧୨୬ ରନ୍‌ରେ ଆଗୁଆ ରହିଛି ଇଂଲଣ୍ଡ। ଭାରତ ପ୍ରଥମ ଇନିଂସରେ ୧୯୦ ରନ୍‌ର ବୃହତ ଅଗ୍ରଣୀ ହାସଲ କରିଥିବା ବେଳେ ପୋପ୍‌ଙ୍କ ଅପରାଜିତ ୧୪୮ ରନ୍ ବଳରେ ତୃତୀୟ ଦିନର ଷ୍ଟମ୍ପସ ସୁଦ୍ଧା ଇଂଲଣ୍ଡ ୬ ଉଇକେଟ ହରାଇ ୩୧୬ ରନ୍ ସଂଗ୍ରହ କରିଛି।

ଦ୍ୱିତୀୟ ଦିନର ଅସମାପ୍ତ ସ୍କୋରରୁ ଖେଳ ଆରମ୍ଭ କରି ଭାରତ ୪୩୬ ରନ୍‌ରେ ଅଲଆଉଟ ହୋଇଥିଲା। ଭାରତ ପକ୍ଷରୁ ରବୀନ୍ଦ୍ର ଜାଡେଜା ସର୍ବାଧିକ ୮୭ ରନ୍ କରିଥିବା ବେଳେ ଲୋକେଶ ରାହୁଲ ୮୬ ଓ ଯଶସ୍ୱୀ ଜୟସ୍ୱାଲ ୮୦ ରନ୍ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଅକ୍ଷର ପଟେଲ ୪୪, ଶ୍ରୀକର ଭରତ ୪୧ ଓ ଶ୍ରେୟସ୍ ଆୟର ୩୫ ରନ୍‌ର ଯୋଗଦାନ ଦେଇଥିଲେ। ଇଂଲଣ୍ଡ ପକ୍ଷରୁ ପାର୍ଟ ଟାଇମର ଜୋ ରୁଟ୍ ସର୍ବାଧିକ ୪ ଉଇକେଟ ନେଇଥିବା ବେଳେ ରେହାନ ଅହମଦ ଓ ଟମ୍ ହାର୍ଟଲେ ଦୁଇଟି ଲେଖାଏ ଉଇକେଟ ନେଇଥିଲେ।

ପ୍ରଥମ ଇନିଂସରେ ୧୯୦ ରନ୍‌ରେ ପଛୁଆ ରହିବା ପରେ ଇଂଲଣ୍ଡର ଦ୍ୱିତୀୟ ଇନିଂସରେ ୧୬୩ ରନ୍‌ରେ ୫ ଉଇକେଟ ହରାଇଥିଲା। ତେବେ ଲଢୁଆ ବ୍ୟାଟିଂ କରିବା ସହ ଇଂଲଣ୍ଡ ବୋଲରଙ୍କ ପାଇଁ ସାମାନ୍ୟ ସୁଯୋଗ ସୃଷ୍ଟି କରିଥିଲେ ପୋପ୍। ଦୁଇ ଓପନର ବେନ୍ ଡକେଟ୍(୪୭) ଓ ଜ୍ୟାକ୍ କ୍ରଲି(୩୧) ପ୍ରଥମ ଉଇକେଟରେ ୪୫ ରନ୍ ଯୋଡିଥିଲେ। ତେବେ ଦୁଇ ଓପନର ଆଉଟ ହେବା ପରେ ମଧ୍ୟକ୍ରମରେ ଜୋ ରୁଟ୍ (୨), ଜନି ବେୟାରଷ୍ଟୋ(୧୦) ଓ ବେନ୍ ଷ୍ଟୋକ୍ସ(୬) ବିଫଳ ହୋଇଥିଲେ। ୧୬୩ ରନ୍‌ରେ ଦଳର ଅଧା ଖେଳାଳି ପ୍ୟାଭିଲିୟନ ଫେରି ସାରିଥିଲେ। ତେବେ ଓଲି ପୋପ୍ ଓ ଉଇକେଟ କିପର ବେନ୍ ଫୋକ୍ସ (୩୪) ଷଷ୍ଠ ଉଇକେଟରେ ୧୦୪ ରନ୍ ଯୋଡିଥିଲେ। ଫୋକ୍ସ ଅକ୍ଷର ପଟେଲଙ୍କ ବଲରେ ଆଉଟ ହେବା ପରେ ରେହାନ୍ ଅହମଦ୍(୧୬*)ଙ୍କ ସହ ଅବିଭାଜିତ ୩୯ ରନ୍ ଯୋଡିଛନ୍ତି ପୋପ୍। ଷ୍ଟମ୍ପସ ବେଳକୁ ସେ ୨୦୮ ବଲ୍ ଖେଳି ୧୭ ଚୌକା ମାରିଛନ୍ତି। ହାଇଦ୍ରାବାଦ ପିଚ୍‌ରେ ଭାରତୀୟ ସ୍ପିନରଙ୍କ ଦବଦବା ରହିଥିଲେ ମଧ୍ୟ ପୋପ୍ ଚମତ୍କାର ପ୍ରଦର୍ଶନ କରିଥିଲେ। ଏହା ପୋପ୍‌ଙ୍କ କ୍ୟାରିୟରର ପଞ୍ଚମ ଟେଷ୍ଟ ଶତକ। ଭାରତ ପକ୍ଷରୁ ରବିଚନ୍ଦ୍ରନ ଅଶ୍ୱିନ ଓ ଯଶପ୍ରୀତ୍ ବୁମ୍‌ରା ୨ଟି, ଅକ୍ଷର ପଟେଲ ଓ ରବୀନ୍ଦ୍ର ଜାଡେଜା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର:**

ଇଂଲଣ୍ଡ ପ୍ରଥମ ଇନିଂସ: ୨୪୬/୧୦। ଭାରତ ପ୍ରଥମ ଇନିଂସ: ୪୩୬/୧୦ (ରବୀନ୍ଦ୍ର ଜାଡେଜା-୮୭, ଲୋକେଶ ରାହୁଲ-୮୬, ଯଶସ୍ୱୀ ଜୟସ୍ୱାଲ-୮୦, ଜୋ ରୁଟ୍-୪/୭୯, ରେହାନ ଅହମଦ-୨/୧୦୫, ଟମ୍ ହାର୍ଟଲେ-୨/୧୩୧)। ଇଂଲଣ୍ଡ ଦ୍ୱିତୀୟ ଇନିଂସ: ୩୧୬/୬(ଅସମାପ୍ତ) (ଓଲି ପୋପ-୧୪୮*, ବେନ୍ ଡକେଟ୍-୪୭, ବେନ୍ ଫୋକ୍ସ-୩୪, ଯଶପ୍ରୀତ ବୁମ୍‌ରା-୨/୨୯, ଆର. ଅଶ୍ୱିନ-୨/୯୩, ଅକ୍ଷର ପଟେଲ-୧/୬୯, ରବୀନ୍ଦ୍ର ଜାଡେଜା-୧/୧୦୧)।

# ସିନର-ମେଡଭେଡେଭ ଫାଇନାଲ

ମେଲବୋର୍ନ, ୨୭।୧ (ପି.ଟି.)

ଅଷ୍ଟ୍ରେଲିଆନ୍ ଓପନ୍ ପୁରୁଷ ଟେନିସ୍ ଫାଇନାଲ ରବିବାର ରଡ୍ ଲାଭେର ଆରେନାରେ ଖେଳାଯିବ। ୨୨ ବର୍ଷୀୟ ଇଟାଲୀର ଜାନିକ୍ ସିନର ଓ ରୁଷିଆର ଡାନିଲ ମେଡଭେଡେଭ୍‌ଙ୍କ ମଧ୍ୟରେ ଏହି ମୁକାବିଲା ହେବ। ଜାନିକ୍ ସିନର ନିଜ ସେମି ଫାଇନାଲରେ ଏକ ନମ୍ବର ସିଡ୍ ନୋଭାକ୍ ଜୋକୋଭିଚ୍‌ଙ୍କୁ ୬-୧, ୬-୨, ୬-୭(୬) ଓ ୬-୩ ସେଟ୍‌ରେ ପରାସ୍ତ କରିଥିଲେ। ଦ୍ୱିତୀୟ ସେମି ଫାଇନାଲରେ ତୃତୀୟ ସିଡ୍ ଡାନିଲ ମେଡଭେଡେଭ ୫-୭, ୩-୬, ୭-୬(୪), ୭-୬(୫) ଓ ୬-୩ରେ ଆଲେକ୍‌ଜାଣ୍ଡାର ଜେଭରେଭଙ୍କୁ ପରାସ୍ତ କରିଥିଲେ।

## ଏଫ୍ଆଇଏଚ ୫ଏସ୍ ମହିଳା ହକି ବିଶ୍ୱକପ୍

# ଫାଇନାଲରେ ହାରିଲା ଭାରତ

ମସ୍କଟ, ୨୭।୧

ଭାରତ ଏଫ୍ଆଇଏଚ ୫ଏସ୍ ମହିଳା ହକି ବିଶ୍ୱକପ୍ ଫାଇନାଲରେ ନେଦରଲାଣ୍ଡ୍ସ ୭-୨ ଗୋଲ୍‌ରେ ଭାରତକୁ ପରାସ୍ତ କରିଛି। ଭାରତ ତରଫରୁ ଜ୍ୟୋତି ଛତ୍ରୀ (୨୦ତମ) ଓ ଋତୁଜା ଦାଦାସୋ ପିସ୍‌କାଲ (୨୩ତମ) ଗୋଲ୍ ସ୍କୋର କରିଥିବା ବେଳେ ବିଜୟୀ ଦଳ ପକ୍ଷରୁ ଜାନେକ୍ ଭାନ୍ ଡେ ଭେନ୍ (୨ୟ ଓ ୧୪ତମ), ବେଟି ଭାନ୍‌ଡର ଭେଲ୍ଟ (୪ର୍ଥ ଓ ୮ମ) ଏବଂ ଲାନା କାଲ୍‌ସେ (୧୧ତମ ଓ ୨୭ତମ) ଦୁଇଟି ଲେଖାଏଁ ଗୋଲ୍ ଦେଇଥିବା ବେଳେ ସୋଶା ବେନିଙ୍ଗା (୧୩ତମ) ଗୋଟିଏ ଗୋଲ୍ ସ୍କୋର କରିଥିଲେ। ଟୁର୍ନାମେଣ୍ଟରେ ଦୃଷ୍ଟାନ୍ତମୂଳକ ପ୍ରଦର୍ଶନ ପାଇଁ ହକି ଇଣ୍ଡିଆ ପ୍ରତ୍ୟେକ ଖେଳାଳିଙ୍କ ଲାଗି ୩ ଲକ୍ଷ ଟଙ୍କା ଏବଂ ସପୋର୍ଟ ଷ୍ଟାଫ୍ ଲାଗି ୧.୫ ଲକ୍ଷ ଟଙ୍କା ଲେଖାଏ ପୁରସ୍କାର ଘୋଷଣା କରିଛନ୍ତି।

# ବୋଲର, ସନ୍ଦିପ ଆଶା ସୃଷ୍ଟିକଲେ

ଭୁବନେଶ୍ୱର, ୨୭।୧ (ତପନ ସ୍ୱାଇଁ)

## ରଣଜୀ ଟ୍ରଫି



ସନ୍ଦିପ ପଟ୍ଟନାୟକ

କଟକର ଡ୍ରିମ୍ସ ଗ୍ରାଉଣ୍ଡରେ ଚାଲିଥିବା ଓଡ଼ିଶା-ହିମାଚଳ ପ୍ରଦେଶ ରଣଜୀ ଟ୍ରଫି କ୍ରିକେଟ ମ୍ୟାଚ ରୋଚକ ମୋଡ଼ରେ ପହଞ୍ଚିଛି। ପ୍ରଥମ ଇନିଂସରେ ଓଡ଼ିଶାର ୧୩୮ ରନ ଜବାବରେ ହିମାଚଳ ପ୍ରଦେଶ ୧୭୬ ରନରେ ଅଲ୍‌ଆଉଟ ହୋଇଛି। ଦ୍ୱିତୀୟ ଦିବସ ଖେଳ ଶେଷ ବେଳକୁ ଓଡ଼ିଶା ଦ୍ୱିତୀୟ ଇନିଂସରେ ୩ ଉଇକେଟ ହରାଇ ୧୫୭ ରନ କରିଛି। ଓଡ଼ିଶା ବୋଲରମାନେ ଚମତ୍କାର ବୋଲିଂ କରି ହିମାଚଳ ପ୍ରଦେଶକୁ ବଡ଼ ଅଗ୍ରଣୀ ନେବାକୁ ଦେଇ ନ ଥିବାବେଳେ ସନ୍ଦିପ ପଟ୍ଟନାୟକ ଅର୍ଦ୍ଧଶତକ ହାସଲ ସହ ଅପରାଜିତ ରହି ଓଡ଼ିଶା ପାଇଁ ଆଶା ସୃଷ୍ଟି କରିଛନ୍ତି। ୭ ଉଇକେଟ ସୁରକ୍ଷିତ ଥାଇ ଓଡ଼ିଶା ଏବେ ଓଭରଅଲ୍ ୧୧୯ ରନରେ ଅଗ୍ରଣୀ ହାସଲ କରିଛି।

ପ୍ରଥମ ଦିବସର ଅସମାପ୍ତ ସ୍କୋର ୮୦/୧ରୁ ଖେଳ ଆରମ୍ଭ କରିଥିବା ହିମାଚଳ ପ୍ରଦେଶ ଆଉ ୯୬ ରନ ଯୋଗକରି ଅବଶିଷ୍ଟ ୯ଟି ଉଇକେଟ ହରାଇଥିଲା। ଓଡ଼ିଶା ବୋଲରମାନେ ହିମାଚଳର କୌଣସି ବ୍ୟାଟରଙ୍କୁ ବଡ଼ ସ୍କୋର କରିବାକୁ ଦେଇ ନ ଥିଲେ। ଅଧିନାୟକ ଅଙ୍କିତ କାଲସି ସର୍ବାଧିକ ୩୮, ଅମିତ କୁମାର ୩୧ ଓ ରିଶି ଧାୱନ ୩୦ ରନ କରିଥିଲେ। ଓଡ଼ିଶା ପକ୍ଷରୁ ରାଜେଶ ମହାନ୍ତି ଓ ବିପ୍ଳବ ସାମନ୍ତରାୟ ୩ଟି ଲେଖାଏ ଏବଂ ଦେବବ୍ରତ ପ୍ରଧାନ ଓ ସୁନୀଲ ରାଉଳ ୨ଟି ଲେଖାଏ ଉଇକେଟ ନେଇଥିଲେ।

ଦ୍ୱିତୀୟ ଇନିଂସରେ ଓଡ଼ିଶା ଭଲ ଆରମ୍ଭ କରିଥିଲେ ମଧ୍ୟ ଅଧିନାୟକ ଶାନ୍ତନୁ ମିଶ୍ର ୧୭ ଓ ନିର୍ଭରଯୋଗ୍ୟ ଶୁଭ୍ରାଂଶୁ ସେନାପତି ୮ ରନକରି ଆଉଟ ହେବାରୁ ୫୪ ରନରେ ୨ ଉଇକେଟ ହରାଇଥିଲା। ଗୋବିନ୍ଦ ପୋଦ୍ଦାର ୪୧ ରନ କରିଥିବାବେଳେ ବୈଭବ ଆରୋରାଙ୍କ ବଲ୍‌ରେ ବୋଲ୍ଡ ହୋଇ ଯାଇଥିଲେ। ତେବେ ସନ୍ଦିପ ୭୮ ଓ ଅଭିଜ୍ଞ ବିପ୍ଳବ ସାମନ୍ତରାୟ ୯ ରନରେ ଅପରାଜିତ ରହି ଦଳପାଇଁ ବଡ଼ ଅଗ୍ରଣୀର ସମ୍ଭାବନା ସୃଷ୍ଟି କରିଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୧୩୮। ହିମାଚଳ ପ୍ରଦେଶ ପ୍ରଥମ ଇନିଂସ: ୧୭୬/ଅଲ୍‌ଆଉଟ (ଅଙ୍କିତ କାଲସି-୩୮, ଅମିତ କୁମାର-୩୧, ରିଶି ଧାୱନ-୩୦, ରାଜେଶ ମହାନ୍ତି-୩/୫୬, ବିପ୍ଳବ ସାମନ୍ତରାୟ-୩/୩୦, ଦେବବ୍ରତ ପ୍ରଧାନ-୨/୨୮, ସୁନୀଲ ରାଉଳ-୨/୪୪)। ଓଡ଼ିଶା ଦ୍ୱିତୀୟ ଇନିଂସ: ସନ୍ଦିପ ପଟ୍ଟନାୟକ-୭୮*, ଗୋବିନ୍ଦ ପୋଦ୍ଦାର-୪୧, ରିଶି ଧାୱନ-୧/୨୪, ବୈଭବ ଆରୋରା-୧/୪୨, ଅର୍ପିତ ଗୁଲେରିଆ-୧/୩୨)।

# ଆଜିଠୁ ସୋଆ ଗ୍ରାଣ୍ଡମାଷ୍ଟର ଚେସ୍ ଟୁର୍ନାମେଣ୍ଟ

ଭୁବନେଶ୍ୱର, ୨୭।୧ (ତପନ ସ୍ୱାଇଁ)

ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ (ଏଓସିଏ) ଆନୁକୂଲ୍ୟରେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିସରରେ ଗ୍ରାଣ୍ଡମାଷ୍ଟର ଚେସ୍ ଟୁର୍ନାମେଣ୍ଟ ରବିବାରଠାରୁ ଆରମ୍ଭ ହେବାକୁ ଯାଉଛି। ଏହି ସମ୍ମାନଜନକ ପ୍ରତିଯୋଗିତା ଫେବୃୟାରୀ ୪ ପର୍ଯ୍ୟନ୍ତ ଚାଲିବ। ଏଥିରେ ୧୩ ଦେଶରୁ ୮୦୦ ଖେଳାଳି ଭାଗନେଉଛନ୍ତି। ଏମାନଙ୍କ ମଧ୍ୟରେ ୧୦ ଗ୍ରାଣ୍ଡମାଷ୍ଟର, ୨୪ ଅନ୍ତର୍ଜାତୀୟ ମାଷ୍ଟରଙ୍କ ସମେତ ୬୦ ଟାଇଟଲଧାରୀ ସାମିଲ। ୩ଟି ବିଭାଗରେ ଖେଳଯିବାକୁ ଏହି ପ୍ରତିଯୋଗିତା ଲାଗି ମୋଟ ୩୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ରଖାଯାଇଛି। ଭାରତୀୟ ଗ୍ରାଣ୍ଡମାଷ୍ଟର ଦିପ୍ତାୟନ ଘୋଷ ଶୀର୍ଷ ମାନ୍ୟତାପ୍ରାପ୍ତ ଖେଳାଳି ଭାବେ ଅଂଶଗ୍ରହଣ କରୁଛନ୍ତି। ଓଡ଼ିଶାର ୩ ଆଇଏମ୍ ରାକେଶ ଜେନା, ସିଦ୍ଧାନ୍ତ ମହାପାତ୍ର, ସମ୍ବିତ ପଣ୍ଡାଙ୍କ ସହ ଡବ୍ଲ୍ୟୁଆଇଏମ୍ ସାଇନା ସାଲୋନିକା ମୁଖ୍ୟ ପ୍ରତିଯୋଗିତା 'ଏ' କାଟେଗୋରିରେ ଅଂଶଗ୍ରହଣ କରିବେ।

## ଆଜି ସୁପର୍ କପ୍ ଫାଇନାଲ

# କ୍ରମାଗତ ଟାଇଟଲ ଲକ୍ଷ୍ୟରେ ଓଏଫ୍‌ସି



ଟ୍ରଫି ସହ ଉଭୟ ଦଳର କୋଚ୍ ଓ ଖେଳାଳି ( ଫଟୋ- ବିକାଶ ନାୟକ)

ଭୁବନେଶ୍ୱର, ୨୭।୧ (ସରୋଜ ଜେନା)

କଳିଙ୍ଗ ଷ୍ଟାଡିୟମରେ ରବିବାର ସୁପର୍ କପ୍ ଫାଇନାଲ ଖେଳାଯିବ। ଓଡ଼ିଶା ଏଫ୍‌ସି(ଓଏଫ୍‌ସି) ଓ ଇଷ୍ଟବେଙ୍ଗଲ ଫାଇନାଲରେ ପ୍ରବେଶ କରିଥିବା ବେଳେ ଘରୋଇ ଦଳ କ୍ରମାଗତ ଟାଇଟଲ୍ ଲକ୍ଷ୍ୟରେ ରହିଛି। ଫାଇନାଲ ମ୍ୟାଚ ଆଗରୁ ଶନିବାର ଏକ ଖବରଦାତା ସମ୍ମିଳନୀ ଆୟୋଜିତ ହୋଇଥିଲା। ଓଏଫ୍‌ସି ମୁଖ୍ୟ କୋଚ୍ ସର୍ଗିଓ ଲୋବେରା ଓ କାର୍ଲୋସ୍ ଡେଲଗାଡୋ ଏବଂ ଇଷ୍ଟବେଙ୍ଗଲ ପକ୍ଷରୁ କାର୍ଲୋସ କ୍ୱାଡାର୍ଟ ଓ କ୍ଲେଟନ୍ ସିଲ୍‌ଭା ଯୋଗ ଦେଇଥିଲେ। କ୍ରମାଗତ ୧୫ ମ୍ୟାଚ୍‌ରେ ଅପରାଜେୟ ଥିବା ଓଏଫ୍‌ସି ଘରୋଇ ଦର୍ଶକଙ୍କ ସମ୍ମୁଖରେ ବିଜୟ ସହ କ୍ରମାଗତ ଥର ଟାଇଟଲ ଜିତିବାକୁ ପ୍ରୟାସ କରିବ ବୋଲି ମୁଖ୍ୟ କୋଚ୍ ଲୋବେରା କହିଛନ୍ତି। ଅତୀତରେ ଅନେକ ଶକ୍ତିଶାଳୀ ଦଳକୁ ପରାସ୍ତ କରିଥିବା ବେଳେ ଘରୋଇ ଦର୍ଶକଙ୍କ ସମ୍ମୁଖରେ ଖେଳିଥିବାରୁ ଏହା ଆମ ସପକ୍ଷରେ ରହିବ ବୋଲି କହିଛନ୍ତି ଲୋବେରା। ଅନ୍ୟ ପକ୍ଷରେ ପୂର୍ବତନ ଓଏଫ୍‌ସି ମିଡଫିଲ୍ଡର ସଲ୍ କ୍ରେସ୍ପୋ ଓ ବ୍ରାଜିଲିଆନ୍ କ୍ଲେଟନ୍ ସିଲ୍‌ଭାଙ୍କ ଉପରେ ଇଷ୍ଟ ବେଙ୍ଗଲର ପ୍ରଦର୍ଶନ ନିର୍ଭର କରିବ।

# ଫେବୃଆରୀରେ ଏକାମ୍ର କପ୍ ଷ୍ଟ୍ରିଟ୍ ଫୁଟବଲ

ଭୁବନେଶ୍ୱର, ୨୭।୧ (ତପନ ସ୍ୱାଇଁ) ଓଡ଼ିଶାରେ ଫୁଟବଲ ସଂସ୍କୃତି ବୃଦ୍ଧି ଲକ୍ଷ୍ୟରେ ଜଗରନଟ୍ସ ସ୍ପୋର୍ଟିଂ ଫାଉଣ୍ଡେଶନ (ଜେଏସ୍ଏଫ୍) ପକ୍ଷରୁ ଏକାମ୍ର କପ୍ ଷ୍ଟ୍ରିଟ୍ ଫୁଟବଲ ଚାମ୍ପିୟନଶିପ୍‌ର ପରିକଳ୍ପନା କରାଯାଇଛି। ଆସନ୍ତା ଫେବୃଆରୀରେ ଏଠାରେ ହେବାକୁ ଥିବା ପ୍ରତିଯୋଗିତାରେ ୬୪ଟି ଦଳରେ ୬୦୦ରୁ ଊର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିବେ। ଶନିବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପ୍ରଥମଥରପାଇଁ ହେବାକୁ ଥିବା ଏହି ପ୍ରତିଯୋଗିତାର ଟ୍ରଫି ଉନ୍ମୋଚନ ହୋଇଛି। ଏହି ଅବସରରେ ଓପୁଲେଣ୍ଟ ଡେକରର ପରିଚାଳନା ନିର୍ଦ୍ଦେଶକ ଗୌରବ ଚାୱ୍ଲା, ଓଡ଼ିଶା ଫୁଟବଲ କ୍ଲବ (ଓଏଫ୍‌ସି)ର ସଭାପତି ରାଜ ଅଥୱାଲ ଓ ଜେଏସ୍ଏଫ୍ ନିର୍ଦ୍ଦେଶକ ପ୍ରଜ୍ୱଳ ପ୍ରଜ୍ଞା ଦାସ ଉପସ୍ଥିତ ଥିଲେ।










4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ